


▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-25 ◆SATURDAY ◆19 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୫ ◆ଶନିବାର ◆୧୯ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଜାତୀୟ ପରିସଂଖ୍ୟାନ ରିପୋର୍ଟ

# ଦେଶରେ ବେକାରୀ ସମସ୍ୟା ଭୟଙ୍କର

■ **ନୂଆଦିଲ୍ଲୀ, ୧୮।୭ (ସମିସ):** ପୁଣି ଦେଶରେ ତୀବ୍ର ହେଲାଣି ବେକାରୀ ସ୍ଥିତି। ଗାଁରୁ ସହରାଞ୍ଚଳ ସବୁଠି ଯୁବବର୍ଗ ବେକାର ବସିଛନ୍ତି। ବିଶେଷ ଭାବରେ ୧୫-୨୯ ବୟସ ବର୍ଗର ଯୁବକଯୁବତୀ ଏଥିରେ ସର୍ବାଧିକ ପ୍ରଭାବିତ ହୋଇଛନ୍ତି। ଦେଶରେ ନିଯୁକ୍ତି କ୍ଷେତ୍ରରେ ସୃଷ୍ଟି ହୋଇଥିବା ସ୍ଥାଣୁତା ଓ ବେକାରୀ ବୃଦ୍ଧିର ଏପରି ୧୫% ରହିଥିଲା, ମାତ୍ର ଜୁନ୍ ମାସରେ ଏହା ବୃଦ୍ଧି ପାଇ ୧୫.୩ ପ୍ରତିଶତରେ ପହଞ୍ଚିଛି। ସେହିପରି ସହରାଞ୍ଚଳରେ ଏହି ବର୍ଗର ବେକାରୀ ହାର ୧୮ ପ୍ରତିଶତରେ ପହଞ୍ଚିଛି। ଗ୍ରାମାଞ୍ଚଳରେ, କୃଷି , ମନରେଗା ଭଳି ନିଯୁକ୍ତି ଯୋଜନା ଯୋଗୁଁ କିଛି ବେକାରୀହାର ସହରାଞ୍ଚଳଠାରୁ କିଞ୍ଚିତ୍ କମ୍ ରହିଛି। ମାତ୍ର ସହରାଞ୍ଚଳରେ ଶିକ୍ଷିତ ବେକାରଙ୍କ




### ସହରାଞ୍ଚଳରେ ୧୮% ଯୁବଗୋଷ୍ଠୀ ବେକାର

### ଗ୍ରାମାଞ୍ଚଳରେ ବେକାରୀ ଟପିଲା ୧୫ ପ୍ରତିଶତ

ଚିତ୍ର ପ୍ରତିଫଳିତ ହୋଇଛି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ସଦ୍ୟତମ ରିପୋର୍ଟରେ। ୨୦୨୫ ଜୁନ୍ ମାସରେ ଦେଶରେ ସାମଗ୍ରିକ ବେକାରୀ ହାର କେବଳ ବୃଦ୍ଧି ପାଇନାହିଁ, ସହରାଞ୍ଚଳରେ ଚାକିରି ନିମନ୍ତେ ସକ୍ଷମ ୧୫ ବର୍ଷରୁ ୨୦ ବର୍ଷ ବୟସର ଯୁବକଙ୍କ ବେକାରୀ ହାର ୧୮ ପ୍ରତିଶତରେ ପହଞ୍ଚିଛି। କ୍ରମାଗତ ଦ୍ୱିତୀୟ ମାସ ପାଇଁ ଦେଶରେ ବେକାରୀ ହାର ବୃଦ୍ଧି ପାଇଛି ।

ଗତ ମେ' ମାସରେ ଦେଶର ଗ୍ରାମାଞ୍ଚଳରେ ୧୫-୨୯ ବର୍ଷ ବୟସ ବର୍ଗର ଯୁବକଯୁବତୀଙ୍କ ବେକାରୀ ହାର ନିଯୁକ୍ତି ନେଇ କୌଣସି ବ୍ୟବସ୍ଥା ହୋଇ ପାରି ନ ଥିବାରୁ ସଂଗଠିତ କ୍ଷେତ୍ରରେ ଚାକିରିର ଅଭାବ ଦେଖା ଦେଇଛି।

ଏନ୍ଏସ୍ଓ ଦେଶର ସାମ୍ପ୍ରତିକ ସାପ୍ତାହିକ ସ୍ଥିତି (ସିଡବ୍ଲ୍ୟୁଏସ୍) ଆଧାରରେ ବେକାରି ହାରର ଅନୁଧାନ କରିଥାଏ ଓ ପ୍ରତି ସପ୍ତାହର କାର୍ଯ୍ୟ ଅବଧିର ଆକଳନ କରି ରିପୋର୍ଟ ପ୍ରସ୍ତୁତ କରିଥାଏ। ଯଦି ଜଣେ ବ୍ୟକ୍ତି ସପ୍ତାହରେ ଗୋଟିଏ ଘଣ୍ଟା କିମ୍ବା କୌଣସି ଦିନ କାମ ପାଇନାହାଁନ୍ତି, ତେବେ ତାଙ୍କୁ ସପ୍ତାହରେ ବେକାର ବୋଲି ବିବେଚନା କରାଯାଏ।

## ସୌମ୍ୟାଶ୍ରୀ ଆତ୍ମଦାହ

# ତିନି ତଦନ୍ତକାରୀ ଦଳର ତନାଘନା

### ୟୁଜିସି ଟିମ୍ ଓ ଉଚ୍ଚଶିକ୍ଷା ବିଭାଗ ତଦନ୍ତକାରୀ ଦଳର ପଚରାଉଚରା

### ଦ୍ୱିତୀୟ ଦିନରେ କ୍ରାଇମ୍ବ୍ରାଞ୍ଚର ଅନୁସନ୍ଧାନ ଜାରି

■ **ବାଲେଶ୍ୱର, ୧୮।୭ (ସମିସ):** ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ଘଟଣାର ନିରପେକ୍ଷ ତଦନ୍ତ ଦାବିରେ ବିଭିନ୍ନ ରାଜନୈତିକ ଦଳ ଓ ସାମାଜିକ ସଂଗଠନ ଲଢ଼େଇ ଜାରି ରଖିଛନ୍ତି। ଏହାକୁ ନେଇ ରାଜ୍ୟ ସରକାର ଏକପ୍ରକାର ଚାପରେ ଥିବା ବେଳେ ମାମଲାର ତଦନ୍ତ କ୍ରାଇମ୍ବ୍ରାଞ୍ଚକୁ ହସ୍ତାନ୍ତର କରିଛନ୍ତି। ଦୁଇ ଦିନ ହେବ କ୍ରାଇମବ୍ରାଞ୍ଚର ଟିମ୍ ତନାଘନା ଜାରି ରଖିଥିବା ବେଳେ ଆଜି ଦିଲ୍ଲୀରୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ୪ଜଣିଆ ଏକ ଟିମ୍ ଓ ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ତଦନ୍ତକାରୀ ଦଳ କଲେଜରେ ପହଞ୍ଚି ତନାଘନା କରିଛନ୍ତି। ଦିନକରେ ତିନି ତିନିଟି ଉଚ୍ଚସ୍ତରୀୟ ଟିମ୍ର ▶ପୃଷ୍ଠା-୭

### ଅଧ୍ୟାପକଙ୍କ ବିରୋଧରେ ମିଳିଛି ପ୍ରମାଣ: ନିର୍ଦ୍ଦେଶକ

■ **ବାଲେଶ୍ୱର, ୧୮।୭ (ସମିସ):** ଏଫ୍ଏମ୍ ସୌମ୍ୟାଶ୍ରୀ ଆତ୍ମଦାହ ଘଟଣାରେ ଅଭିଯୁକ୍ତ ଅଧ୍ୟାପକ ସମୀର ସାହୁଙ୍କ ବିରୁଦ୍ଧରେ ବଳିଷ୍ଠ ପ୍ରମାଣ ମିଳିଥିବା ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ସମୀରଙ୍କ ବିରୁଦ୍ଧରେ କିଛି ପ୍ରମାଣ ମିଳିଛି। ଆସନ୍ତାକାଲି କମିଟିର ତଦନ୍ତ ଶେଷ ହେବ। ପ୍ରଥମ ଦିନ ୪ ଜଣ ଛାତ୍ରଛାତ୍ରୀ, ଆଇସିସି ସଦସ୍ୟ ଏବଂ କିଛି କର୍ମଚାରୀଙ୍କୁ ପଚରାଉଚରା କରାଯାଇଛି। ଖୁବଶୀଘ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ।

## ଛାତ୍ରୀ ଓ ମହିଳାଙ୍କ ସୁରକ୍ଷା ଚିନ୍ତା

# ହେଲ୍ପଲାଇନ ନମ୍ବର ଜାରି

■ **ଭୁବନେଶ୍ୱର, ୧୮।୭ (ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମାହୁତି ଘଟଣା ପରେ ସରକାରଙ୍କ ଚେତା ପଶିଛି। ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ପାଇଁ ତତ୍ପର ହୋଇଛି ଉଚ୍ଚଶିକ୍ଷା ବିଭାଗ। ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ୨୪ ଘଣ୍ଟା ମଧ୍ୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଗଠନ କରିବାକୁ ନିର୍ଦ୍ଦେଶ ଦେବା ପରେ ଆଜି ହେଲ୍ପଲାଇନ୍ (ନମ୍ବର-୧୮୧) ଜାରି କରିଛି। ସମସ୍ତ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଓ ବେସରକାରୀ ମହାବିଦ୍ୟାଳୟର ପ୍ରମୁଖ ସ୍ଥାନରେ ▶ପୃଷ୍ଠା-୭

## ଯୁକ୍ତ ୨ ଇନଷ୍ଟାଣ୍ଟ ପରୀକ୍ଷାଫଳ ପ୍ରକାଶ

# ପାସହାର ୯୦.୫୭%

■ **ଭୁବନେଶ୍ୱର, ୧୮।୭ (ସମିସ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ) ପରିଚାଳିତ ଯୁକ୍ତ ୨ ଇନ୍ଷ୍ଟାଣ୍ଟ ପରୀକ୍ଷାଫଳ ପ୍ରକାଶ ପାଇଛି। ଚଳିତବର୍ଷ ପାସହାର ୯୦.୫୭ପ୍ରତିଶତ ରହିଛି। ତନ୍ମଧ୍ୟରେ ଛାତ୍ରୀଙ୍କ ପାସହାର ୯୨.୯୧ପ୍ରତିଶତ ଥିବା ବେଳେ ଛାତ୍ରଙ୍କ ୮୮.୪୩ ପ୍ରତିଶତ ରହିଛି।

ପରୀକ୍ଷା ଦେଇଥିବା ୧୦୦୮ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୧୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। କଳାରେ ସର୍ବାଧିକ ୪୯୫ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୪୪୯ପାସ କରିଛନ୍ତି। ମୋଟ୍ ପାସହାର ୯୦.୫୦% ଥିବା ▶ପୃଷ୍ଠା-୭

# ୬୪ କୋଟିର ଦୁର୍ନୀତି ଧରିବାକୁ ୨୫୦ କୋଟି ଖର୍ଚ୍ଚ

■ **ନୂଆଦିଲ୍ଲୀ, ୧୮।୭ (ଏଜେନ୍ସି):** ୧୯୮୦ ଦଶକରେ ଭାରତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଥିବା ବୋଫର୍ସ ଦୁର୍ନୀତି ଏବଂ ଏଥିପାଇଁ ଖର୍ଚ୍ଚ ହୋଇଥିବା ଅର୍ଥକୁ ନେଇ ଚାଞ୍ଚଲ୍ୟକର ତଥ୍ୟ ସାମନାକୁ ଆସିଛି। ସୁଇଡେନର ବୋଫର୍ସ କଂପାନୀରୁ ଟ୍ୟାଙ୍କ୍ କିଣିବା ଲାଗି ୧୫୩୭ ଟଙ୍କାର ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଭାରତ ସରକାର ଓ ବୋଫର୍ସ କଂପାନୀ ମଧ୍ୟରେ ମାର୍ଚ୍ଚ ୧୯୮୬ରେ ଏହି ଚୁକ୍ତି ହୋଇଥିଲା। ଚୁକ୍ତି ହେବାର ଗୋଟିଏ ବର୍ଷ ପରେ ଅଭିଯୋଗ ହୋଇଥିଲା ଯେ ଏହି ଚୁକ୍ତିରେ ୬୪ କୋଟି ଟଙ୍କାର କମିସନି କାରବାର ହୋଇଛି। ଏଥିରେ ନେତା, ଅଫିସର ଓ କିଛି ମଧ୍ୟସ୍ଥି ସଂପୃକ୍ତ ଥିଲେ ବୋଲି ଅଭିଯୋଗ ହୋଇଥିଲା। ଏଥିରେ ଇଟାଲୀୟ ବ୍ୟବସାୟୀ ଓଟ୍ଟାଭିଓ କ୍ୱା ।ତ୍ରୋଚିଙ୍କୁ ଅନ୍ୟତମ ପ୍ରମୁଖ ଅଭିଯୁକ୍ତ ଦର୍ଶାଯାଇଥିଲା। ତେବେ ସବୁଠାରୁ ଆଲୋଡ଼ନ ସୃଷ୍ଟି କରିଥିବା କଥାଟି ହେଲା ଯେ ମଧ୍ୟସ୍ଥିଙ୍କୁ ଧରିବା ପାଇଁ ହୋଇଥିବା ଖର୍ଚ୍ଚର ପରିମାଣ କମିସନି ଟଙ୍କାଠାରୁ ବଢ଼ିଯାଇଥିଲା। କୁହାଯାଇଥିଲା ଯେ ୬୪ କୋଟି ଟଙ୍କାର କମିସନି କାରବାର ପାଇଁ ମଧ୍ୟସ୍ଥିକୁ ଧରିବା ଲାଗି ୨୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। କିନ୍ତୁ ପରିଣାମ ଶୂନ। ଅହୁରି ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଏହି କମିସନି କାରବାର ଏମିତି ବିସ୍ଫୋରକ ରୂପ ଧରିଥିଲା ଯେ କେନ୍ଦ୍ରରେ ସରକାର ବଦଳିଯାଇଥିଲା। ▶ପୃଷ୍ଠା-୭




ସକାଳ
THE SAKALA



# ଜାତୀୟ ରାଜପଥ ପାଲଟିଛି ମରଣଯନ୍ତା

ଡେରାବିଶ, ୧୮।୭ (ସମିସ)



- ଠିକାଦାରଙ୍କ ଉପରେ ରାଜପଥ କର୍ତ୍ତୃପକ୍ଷଙ୍କ ନାହିଁ ନିୟନ୍ତ୍ରଣ
- ହମ୍ପସ୍ ଓ ଡାଇଭରସନ୍ ଯୋଗୁଁ ବଢୁଛି ଦୁର୍ଘଟଣା

ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ଏବେ ଚାରିଥାକିଆ ରାସ୍ତାରେ ପରିଣତ ହେଉଛି। ଏହି ରାସ୍ତା କାମ କରୁଥିବା ଠିକାଦାର ମନମୁଖି ରାସ୍ତା କାମ କରୁଥିବା ଓ ଠିକାଦାରଙ୍କ କାର୍ଯ୍ୟକଳାପ ଉପରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ କୌଣସି ନିୟନ୍ତ୍ରଣ ନ ଥିବା ନେଇ କେନ୍ଦ୍ରାପଡ଼ାର ବରିଷ୍ଠ ଆଇନଜୀବୀ ବିଧୁଭୂଷଣ ମହାପାତ୍ର ଅଭିଯୋଗ କରିଛନ୍ତି। ଶ୍ରୀ ମହାପାତ୍ରଙ୍କ କହିବା ଅନୁଯାୟୀ ଚଣ୍ଡିଖୋଲ-ପାରାଦୀପ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ କରୁଥିବା ଠିକାଦାର ଜନସାଧାରଣଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ନ ଦେଇ କାମ କରୁଛନ୍ତି। ଏପରିକି ଏହି ଜାତୀୟ ରାଜପଥର ଡେରାବିଶ ବ୍ଲକ୍ ଅନ୍ତର୍ଗତ ପଞ୍ଚୁପାଣ୍ଡବଠାରୁ ଅଁଳାବାଙ୍କ ପର୍ଯ୍ୟନ୍ତ ଠିକାଦାର ଯେଉଁଠି ନାହିଁ ସେଠି ରାସ୍ତାକୁ ବନ୍ଦ କରି ଡାଇଭର୍ସନ ନିର୍ମାଣ କରୁଛନ୍ତି। ଏଥିସହିତ ବହୁ ସ୍ଥାନରେ ବଡ଼ ବଡ଼ ହମ୍ପସ୍ ନିର୍ମାଣ କରୁଛନ୍ତି। ଡାଇଭରସନ ପୂର୍ବରୁ ରାସ୍ତାରେ ଗାଡ଼ି ଚାଳକଙ୍କ ନିମନ୍ତେ ସୂଚନା ମଧ୍ୟ ଦିଆଯାଉନାହିଁ ଓ ଡାଇଭର୍ସନ ରାସ୍ତା ସଠିକ ଭାବେ ନିର୍ମାଣ କରାଯାଉନାହିଁ। ଫଳରେ ଏହା ମୃତ୍ୟୁ ପଥ ପାଲଟିଥିବା ଶ୍ରୀ ମହାପାତ୍ର କହିଛନ୍ତି। ଅଧିକାଂଶ ସମୟରେ ଏହି ଡାଇଭର୍ସନ ପାଇଁ ବହୁ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଛି। ଠିକାଦାରଙ୍କ ଦ୍ୱାରା ରାତାରାତି ରାସ୍ତାରେ ଡାଇଭର୍ସନର ସ୍ଥାନ ପରିବର୍ତ୍ତନ ହୋଇଯାଉଥିବାରୁ ଏହାକୁ ହଠାତ୍ ନ ଜାଣି ପାରି ପରସ୍ପର ମଧ୍ୟରେ ଧକ୍କା ହେଉଥିବା ଶ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି। ଛତା ଛକରେ ଠିକା ସଂସ୍ଥା ପକ୍ଷରୁ ଦୁଇଟି ରାସ୍ତାକୁ ବନ୍ଦ କରି ମାତ୍ର ଗୋଟିଏ ରାସ୍ତା ଖୋଲଯାଇଛି। ଯେଉଁଥିରେ ଉଭୟ ପଟୁ ଗାଡ଼ି ଯିବାଆସିବା କରୁଛି। ଏହି ଛକ ବ୍ୟସ୍ତବହୁଳ ଛକ ହୋଇଥିବାରୁ ମାତ୍ର ଗୋଟିଏ ରାସ୍ତାରେ ଯାନବାହାନ ଯାତାୟାତ କରିବାରେ ବହୁତ ଅସୁବିଧା ହେଉଥିବା ଦେଖିବାକୁ ମିଳିଛି। ଏପରିକି ଏହି ରାସ୍ତା ନିର୍ମାଣର ଡିପିଆର ସମ୍ପର୍କରେ ସ୍ଥାନୀୟ ଜନପ୍ରତିନିଧି ଅବଗତ ନ ଥିବାରୁ ଏହି ରାସ୍ତାର ଡିଜାଇନ୍, ଏହା କେଉଁ ସାମଗ୍ରୀରେ ନିର୍ମାଣ କରାଯିବ, ତାହା ମଧ୍ୟ ସାଧାରଣ ଲୋକ ଅବଗତ ନାହାଁନ୍ତି। ଠିକାଦାର ରାସ୍ତା ନିର୍ମାଣ କରିବା ପାଇଁ ପାଉଁଶ ବଦଳରେ ଡେରାବିଶ ବ୍ଲକ୍ ଅଞ୍ଚଳରେ ବିଭିନ୍ନ ସ୍ଥାନରୁ ମାଟି ସଂଗ୍ରହ କରି ରାସ୍ତା ନିର୍ମାଣ କରୁଥିଲେ। ଏ ସମ୍ପର୍କରେ ଶ୍ରୀ ମହାପାତ୍ର ବାରମ୍ବାର ଅଭିଯୋଗ କରିବା ପରେ ଠିକାଦାର ପାଉଁଶ ବ୍ୟବହାର କରୁଛନ୍ତି। ଏଥିସହିତ ନିୟୋଜିତ ଶ୍ରମିକ ଓ ରାଜପଥରେ ଯାତାୟତ କରୁଥିବା ଲୋକଙ୍କ ସୁରକ୍ଷା ପ୍ରତି ଆଦୌ ଦୃଷ୍ଟି ଦିଆଯାଉନାହିଁ। ଏ ସମ୍ପର୍କରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଜାଣି ଅଜଣା ସାଜୁଛନ୍ତି। ତୁରନ୍ତ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଠିକାଦାରଙ୍କ ମନମୁଖି କାର୍ଯ୍ୟକଳାପ ପ୍ରତି ଦୃଷ୍ଟି ଦେବାକୁ ଶ୍ରୀ ମହାପାତ୍ର ଦାବି କରିଛନ୍ତି।

## ବନ୍ଦରରେ ୧୧ ମକ୍ କ୍ଲିନିଙ୍ଗ ଶ୍ରମିକଙ୍କୁ ପୁନଃନିଯୁକ୍ତି

ପାରାଦୀପ,୧୮।୭(ସମିସ): ଦୀର୍ଘ ୧୮ ମାସ ଧରି ଛଟେଇ ହୋଇଥିବା ଆକା ଲଜିଷ୍ଟିକ ଲିମିଟେଡ୍, ଆଇଓଏଚପି, ପାରାଦୀପ ବନ୍ଦର ଅଥରିଟି ଅଧୀନରେ କାର୍ଯ୍ୟ କରୁଥିବା ୧୧ ଜଣ ମକ୍ କ୍ଲିନିଙ୍ଗ ଶ୍ରମିକଙ୍କୁ ପୁନଃନିଯୁକ୍ତି ମିଳିଛି। ଏଥିପାଇଁ ପାରାଦୀପ ପୋର୍ଟ ୱାର୍କର୍ସ ୟୁନିଅନର ସଭାପତି ତଥା ସାଂସଦ ଡଃ ବିଭୁପ୍ରସାଦ ତରାଇ ପ୍ରୟାସ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ୟୁନିୟନ ସଭା ଗୃହରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ୟୁନିଅନର ୧୧ ଜଣ ମକ୍ କ୍ଲିନିଙ୍ଗ ଶ୍ରମିକ ଉପସ୍ଥିତ ରହି ସଭାପତି ଶ୍ରୀ ତରାଇଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏମାନେ ଚାକିରି ହରାଇ ୧୮ ମାସ ଧରି ବହୁ ଦୟନୀୟ ଅବସ୍ଥାରେ ଦିନ କାଟୁଥିଲେ। ପିଲାଙ୍କ ପାଠପଢାଠାରୁ ଆରମ୍ଭ କରି ପରିବାର ଚଳାଇବା, କୋର୍ଟ କଚେରୀ ଦୌଡ଼ିବା ଯେ କେତେ କଷ୍ଟ; ତାହା ଏହି ୧୧ ପରିବାର ହିଁ ଅନୁଭବ କରିଥିଲେ। ଉକ୍ତ ଶ୍ରମିକମାନେ ପୂର୍ବରୁ ତିନି ତିନିଟା ୟୁନିଅନରେ ସଦସ୍ୟ ଥାଇ ମଧ୍ୟ କୌଣସି ୟୁନିଅନର କର୍ମକର୍ତ୍ତା ସେମାନଙ୍କ ପ୍ରତି ଆନ୍ତରିକତା ଦେଖାଇ ନ ଥିଲେ। ବିଭୁପ୍ରସାଦଙ୍କ ନେତୃତ୍ୱରେ ପୁନଃନିଯୁକ୍ତି ମିଳିଥିବା ୧୧ ଜଣ ଶ୍ରମିକ କହିଛନ୍ତି। ଅନ୍ୟପକ୍ଷରେ ପାରାଦୀପ ବନ୍ଦରର ଶ୍ରମିକମାନେ ଶୃଙ୍ଖଳିତ ଭାବେ ବନ୍ଦରକୁ ସାହାଯ୍ୟ କରିବା ସହିତ ବିଭିନ୍ନ କମ୍ପାନୀକୁ ସହଯୋଗ କରିବେ, ତେବେ ତାଙ୍କ ୟୁନିଅନ ଶ୍ରମିକଙ୍କ ସ୍ୱାର୍ଥ ପାଇଁ ଚେଷ୍ଟା ଜାରି ରଖିବ ବୋଲି ଶ୍ରୀ ତରାଇ କହିଥିଲେ। ଉକ୍ତ ସମ୍ବର୍ଦ୍ଧନା ସଭାରେ ସମସ୍ତ ମକ କ୍ଲିନିଙ୍ଗ ଶ୍ରମିକଙ୍କ ସହିତ ସାଧାରଣ ସମ୍ପାଦକ ନୃସିଂହ ପ୍ରସାଦ ଶତପଥୀ, ଉପସଭାପତି ଗୁଣନିଧି ଚୌଧୁରୀ, କୋଷାଧ୍ୟକ୍ଷ ବ୍ରିଜେଶ ଲେଙ୍କା, ସମ୍ପାଦକ ବିପ୍ଳବ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## କଳିଙ୍ଗ ମହିଳା ଶକ୍ତିର କ୍ୟାଣ୍ଡେଲ ଶୋଭାଯାତ୍ରା



ପାରାଦୀପ,୧୮।୭(ସମିସ): ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦାବିରେ ପାରାଦୀପ କଳିଙ୍ଗ ମହିଳା ଶକ୍ତି ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ସ୍ଥାନୀୟ ଲେଙ୍କା ମେଡ଼ିକାଲ ଛକରୁ ବାହାରି ପାରାଦୀପ ଆଦର୍ଶ ଥାନା ଛକ ନିକଟରେ ପହଞ୍ଚିଥିଲା। ୪ ଦଫା ସମ୍ବଳିତ ଏକ ଦାବିପତ୍ର ସଂଗଠନ ସଭାପତି ମନୋରମା ଖଟୁଆଙ୍କ ନେତୃତ୍ୱରେ ଥାନା ଅଧିକାରୀଙ୍କୁ ପ୍ରଦାନ କରିଥିଲେ। କଳିଙ୍ଗ ମହିଳା ଶକ୍ତି ସଭାନେତ୍ରୀ ମନୋରମା ଖଟୁଆଙ୍କ ନେତୃତ୍ୱରେ ଏହି ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ଓ ପ୍ରତିବାଦ ସଭାରେ କମଳା ଓଝା, ବିଜୟଲକ୍ଷ୍ମୀ ଦାସ, ଜ୍ୟୋସ୍ନା ବାହାଦୂର, ସରୋଜିନୀ ସ୍ୱାଇଁ, ଲକ୍ଷ୍ମୀପ୍ରିୟା ପାଲ, ବାସନ୍ତୀ ବିନ୍ଧାଣିଙ୍କ ସହିତ ଶହ ଶହ ସଂଖ୍ୟକ ମହିଳା ଅଂଶଗ୍ରହଣ କରିଥିଲେ।

## ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ଏବିଭିପିର ବିକ୍ଷୋଭ



ଜଗତସିଂହପୁର,୧୮।୭(ସମିସ): ଫକୀରମୋହନ ସ୍ୱୟଂଶାସିତ ମହବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ଜାରି ରହିଥିବାବେଳେ ବିଭିନ୍ନ ସଂଗଠନ ପକ୍ଷରୁ ଏହି ଅଘଟଣକୁ ନିନ୍ଦା କରାଯାଇଛି। ଏହି କ୍ରମରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଜଗତସିଂହପୁର ଜିଲ୍ଲା ଶାଖା ପକ୍ଷରୁ ବାଲିକୁଦା ମହାବିଦ୍ୟାଳୟ ଓ ସ୍ୱାମୀ ବିବେକାନନ୍ଦ ସ୍ମାରକୀ ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ସମ୍ବେଦନଶୀଳ ଘଟଣାର ସଠିକ ତଦନ୍ତ ସହିତ ଦୋଷୀଙ୍କୁ କଠୋର ଦଣ୍ଡବିଧନ ପାଇଁ ଦାବି କରିଛି ଏବିଭିପି। ଆଗକୁ ଯେମିତି ଏଭଳି ଘଟଣାର ପୁନରାବୃତ୍ତି ନ ଘଟେ, ସେଥିପାଇଁ ସରକାର ଓ ପ୍ରଶାସନ ସମୁଚିତ ପଦକ୍ଷେପ ଗ୍ରହଣ କରିବାକୁ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏବିଭିପିର କଟକ ବିଭାଗ ସଂଯୋଜକ ଜ୍ୟୋତି ରଞ୍ଜନ ପରିଡ଼ା ଓ ଜଗତସିଂହପୁର ଜିଲ୍ଲା ସଂଯୋଜକ ସତ୍ୟପ୍ରକାଶ ମହାନ୍ତିଙ୍କ ସମେତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ବଛାଳୋରେ ପ୍ରତିବାଦ ଶୋଭାଯାତ୍ରା

ନାଉଗାଁ,୧୮।୭(ସମିସ): ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ ବଛାଳୋ ପଞ୍ଚାୟତରେ ଏକ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବଛାଳୋ ସରପଞ୍ଚ ପ୍ରିୟଦର୍ଶିନୀ ଲେଙ୍କାଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାରେ ସୌମ୍ୟାଶ୍ରୀ ବିଶିଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବା ସହିତ ଦୋଷୀଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବା, ଆଗକୁ ଏଭଳି ଘଟଣାର ପୁନରାବୃତ୍ତି ନ ହୁଏ, ଏଥିପ୍ରତି ସରକାର ସଚେତନ ରହିବାକୁ ଦାବି କରାଯାଇଛି।



## ଅରୂପା ବାଣିଜ୍ୟ ମେଳାର ଦଶମ ସନ୍ଧ୍ୟା

ପାରାଦୀପ, ୧୮।୭(ସମିସ): ପାରାଦୀପ ସମୁଦ୍ର ବେଳାଭୂମି ବିଜୁ ମଇଦାନରେ ଅରୂପା ପକ୍ଷରୁ ଆୟୋଜିତ ବାଣିଜ୍ୟ ମେଳାର ଦଶମ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ମନ ମୁଗ୍ଧକର ଥିଲା। ପାରାଦୀପ ମୟୂରୀ କଳା ପରିଷଦ ଓ ସାଗରିକା କଳା ନିକେତନ ପକ୍ଷରୁ କୁନି କୁନି ପିଲାଙ୍କ ନୃତ୍ୟ ସମସ୍ତଙ୍କୁ ବେଶ ବିମୋହିତ କରିଥିଲା। ଆଜିର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆୟୋଜକ ଅରୂପାର ଅଶୋକ ସାହୁ ପରିଚାଳନା କରିଥିଲେ। ବାଣିଜ୍ୟ ମେଳାର ମୀନା ବଜାରରେ ପଡିଥିବା ସମସ୍ତ ଖେଳ ଷ୍ଟଲ୍‌ରେ ଛୋଟ ପିଲାଙ୍କ ଭିଡ ଜମିଥିଲା। ଫାଷ୍ଟଫୁଡ, ମନୋହରୀ ଷ୍ଟଲ, ଆଦିବାସୀ ଅଞ୍ଚଳର ଘରୋଇ ସାମଗ୍ରୀ ଆଦି ଷ୍ଟଲରେ ଭିଡ଼ ରହିଥିଲା। ବନ୍ଦର ଅନ୍ତେବାସୀଙ୍କୁ ଏହି ମେଳା ମନୋରଞ୍ଜନ ଦେବା ସହିତ ନୂତନ ସାମଗ୍ରୀ କ୍ରୟ କରିବା ସୁଯୋଗ ଦେଇଥିଲା। ସନ୍ଧ୍ୟାରେ ବନ୍ଦର ସହରରୁ ବହୁ ଲୋକଙ୍କ ସମାଗମ ହୋଇଥିଲା।

## ବିଲରେ ଚାଷୀଙ୍କ ମୃତ୍ୟୁ

ତିର୍ତ୍ତୋଲ,୧୮।୭(ସମିସ): ତରଜଙ୍ଗା ପଞ୍ଚାୟତ ପଇଡ଼ପାଟଣା ଗ୍ରାମର ପରମାନନ୍ଦ ମୁଦୁଲିଙ୍କ ତେନ୍ତୁଳିପଦା କଳଘର ନିକଟ ବିଲରେ ସକାଳେ କାମ କରୁଥିବାବେଳେ ଟଳିପଡ଼ିଥିଲେ। ସେ ବାଟ ଦେଇ ଯାଉଥିବା ଲୋକ ତାଙ୍କୁ ବିଲରେ ପଡ଼ିଥିବା ଦେଖି ୧୦୮ ଆମ୍ବୁଲାନ୍ସରେ ନେଇ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ତିର୍ତ୍ତୋଲ ପୁଲିସ ପହଞ୍ଚି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ୯ ଓ ୧୦ନଂ ୱାର୍ଡରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ



ଜଗତସିଂହପୁର,୧୮।୭(ସମିସ): ଜଗତସିଂହପୁର ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନମ୍ବର ୯ ଓ ୧୦ରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ବୃକ୍ଷରୋପଣ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ କୋର୍ଟ ଛକସ୍ଥ ରାମମନ୍ଦିର, ନିତ୍ୟାନନ୍ଦ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ପୌର ପରିଷଦ ପ୍ରତିନିଧି ସୁଶାନ୍ତ ରଞ୍ଜନ ସ୍ୱାଇଁ, ବରିଷ୍ଠ ବିଜେପି କର୍ମୀ ଶ୍ରୀକାନ୍ତ ଚୌଧୁରୀ, ସ୍ମୃତିରଞ୍ଜନ ସାହୁ, ଜନ୍ମେଜୟ ଜେନା, ପ୍ରଦୀପ୍ତ ସାହୁ, ସୌମ୍ୟରଞ୍ଜନ ସାହୁ, ବନ୍ଦିତା ସାହୁ, ଅରବିନ୍ଦ ସାହୁ, ହୃଷିକେଶ ପଣ୍ଡା, ବାବାଜୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଇଟି ସ୍ଥାନରୁ ମଦ ଜବତ

ପାରାଦୀପ,୧୮।୭(ସମିସ): ଜେଏସଡବ୍ଲ୍ୟୁଓ ଏହାସନ୍ନିକଟ ଗ୍ରାମରେ ଚୋରାମଦ କାରବାର ଦିନକୁ ଦିନ ବଢ଼ିଚାଲିଛି। ଏହି ଚୋରା ମଦ ବେପାରୀଙ୍କୁ ଧରିବା ପାଇଁ ଅଭୟଚାନ୍ଦପୁର ଥାନା ପକ୍ଷରୁ ଉଦ୍ୟମ ଜାରି ରହିଛି। ଗତକାଲି ବିଳମ୍ବିତ ରାତିରେ ଅଭୟଚାନ୍ଦପୁର ଥାନା ଅଧୀନ ଦୁଇଟି ପୃଥକ ସ୍ଥାନରୁ ଦୁଇ ଚୋରାମଦ ବେପାରୀଙ୍କୁ ଅଭୟଚାନ୍ଦପୁର ପୁଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନୂଆଗାଁର ରାଜେନ୍ଦ୍ର ଡାଲୁଆ (୩୪) ଓ କୁଜଙ୍ଗ ଜଗନ୍ନାଥପୁରର ପ୍ରହ୍ଲାଦ ସେଠୀଙ୍କ ପୁଅ ମାନସ ସେଠୀ (୪୨)। ସେମାନଙ୍କ ନିକଟରୁ ୮.୫ ଲିଟର ବିଦେଶୀ ମଦ ଜବତ କରିଛି ପୁଲିସ।

## ସମବାୟ ସମିତି ସମ୍ପାଦକ ଓ କର୍ମଚାରୀଙ୍କୁ ପ୍ରଶିକ୍ଷଣ

କୁଜଙ୍ଗ,୧୮।୭(ସମିସ): କୁଜଙ୍ଗ ବ୍ଲକ ରାହାମାସ୍ଥ ନିୟନ୍ତ୍ରିତ ବଜାର କମିଟି ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ କୁଜଙ୍ଗ ବ୍ଲକ ଓ ଏରସମା ବ୍ଲକରେ ଥିବା ସମସ୍ତ ପ୍ରାଥମିକ ସମବାୟ ସମିତି ସମ୍ପାଦକ, ସହସମ୍ପାଦକ, କମ୍ପ୍ୟୁଟର ଅପରେଟରଙ୍କୁ ଆଗାମୀ ଖରିଫ୍ ବିପଣନ ଋତୁ ୨୦୨୫-୨୬ ଧାନ ସଂଗ୍ରହ ପାଇଁ ନାମ ପଞ୍ଜୀକରଣକୁ ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏହି ଶିବିରରେ ଜଗତସିଂହପୁର ଡିଏସଓ ଦତ୍ତାତ୍ରୟ ଟୁଡୁ, ଡିଆରସିଏସ୍ ପ୍ରଭାତ ଶତପଥୀ, ଅନ୍ୟ ପ୍ରଶିକ୍ଷକ, କୁଜଙ୍ଗର ଫିଲ୍ଡ ଅଫିସର, ଏରସମାର ଫିଲ୍ଡ ଅଫିସର ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ଇଚ୍ଛାମଣି ମହାନ୍ତିଙ୍କ ପରଲୋକ



କୁଜଙ୍ଗ,୧୮।୭(ସମିସ): କୁଜଙ୍ଗ ବ୍ଲକ୍ ସାଇଲୋ ପଞ୍ଚାୟତ ଭରାଳ ଗ୍ରାମର ସ୍ୱର୍ଗତ ଜଗବନ୍ଧୁ ମହାନ୍ତଙ୍କ ପତ୍ନୀ ଇଚ୍ଛାମଣି ମହାନ୍ତି (୯୨)ଙ୍କ ପରଲୋକ ହୋଇଯାଇଛି। ସେ ଗତ କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ହୋଇଥିବାବେଳେ ପୁଅ ପ୍ରଦୀପ ମହାନ୍ତି ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁତୁରା ତଥା ସାହିତ୍ୟିକ ବୈଷ୍ଣବ ଚରଣ ମହାନ୍ତି, ଗ୍ରାମର ମୁରବୀ ପ୍ରମୋଦ ସାହୁ, ସୁରେନ୍ଦ୍ର ମହାନ୍ତି, ନାତି ଲୋକନାଥ ମହାପାତ୍ର, ବିନମ୍ର ମହାନ୍ତି, ସାରଦା ପ୍ରସନ୍ନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ୟାଞ୍ଚଳରେ ସ୍ୱାସ୍ଥ୍ୟସେବା ଶିବିର



ରାଜନଗର, ୧୮।୭(ସମିସ): ରାଜନଗର ବ୍ଲକର ଧୋୟାଞ୍ଚଳ ବନ୍ଧପଡ଼ା ପଞ୍ଚାୟତର ଦାଣ୍ଡି, ସନ୍ଥପଡ଼ା, ଗୋବିନ୍ଦପୁର, ଟାଙ୍ଗନଡେଲା, ଓସ୍ତିଆ, ବେଲପାଳ, ଚନ୍ଦନପୁର, ରାଜପୁର ପ୍ରଭୃତି ଗାଁ ପାଣିଘେରରେ ରହିଛି। ଏ ଅଞ୍ଚଳର ଲୋକଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ଥଣ୍ଡା ଜ୍ୱର, କାଶ, ଝାଡ଼ାବାନ୍ତି ପାଇଁ ଆବଶ୍ୟକ ଔଷଧ ବଣ୍ଟନ ସହିତ ବନ୍ୟା ସମୟରେ ଗର୍ଭବତୀ ମହିଳା, ଶିଶୁଙ୍କ ଯତ୍ନନେବାକୁ ପରାମର୍ଶ ଦିଆଯାଉଛି। ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ରଶ୍ମିରଞ୍ଜନ ମହାନ୍ତି, ଡା. ମନୋରଞ୍ଜନ ନାଥ, ଡା. ଟିଟି ମିଶ୍ର ଟାଙ୍ଗଣଡେଲା ଓ ଚନ୍ଦନପୁର, ରାଜପୁର ଗାଁରେ ପହଞ୍ଚି ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ନଳକୂପ ପାଣି ବ୍ୟବହାର କରିବା ପୂର୍ବରୁ ବିଶୋଧନ କରି ପିଇବା ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡି କର୍ମୀ ଓ ଆଶା କର୍ମୀ ସହଯୋଗ କରୁଛନ୍ତି। ଏଥିରେ ବିପିଏମ ଶ୍ରୀକାନ୍ତ ଦାସ, ହିମାଂଶୁ ଶେଖର ଦାସ ପ୍ରମୁଖ ସହଯୋଗ କରିଥିଲେ।

## କାଦୁଅରେ ଫସିଲା ଯାତ୍ରା ପାର୍ଟି ଗାଡ଼ି

ପଞ୍ଚୁପାଣ୍ଡବ,୧୮।୭(ସମିସ): ଡେରାବିଶ ବ୍ଲକ୍ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରାଜନଗର ଗ୍ରାମରେ ଏକ ଯାତ୍ରା ଗାଡ଼ି କାଦୁଅରେ ଫସିଥିବା ଦେଖିବାକୁ ମିଳୁଛି। ତିନିଦିନ ଧରି ବାଘାଯତୀନ ଲୋକ ନାଟ୍ୟ ଟ୍ରକ୍ କାଦୁଅରେ ଫସି ରହିଛି। ଏହି ଯାତ୍ରା ପାର୍ଟି ଗାଡ଼ି ସ୍ଥାନୀୟ ଗ୍ରାମର ରାଜନହରରେ ରହି ରିହଲସଲ କରିବା ପାଇଁ ଆସିଥିବା ସ୍ଥାନୀୟ ଲୋକେ କହିଛନ୍ତି।

## ବନ୍ୟା ଯୋଗୁଁ ପଦିନିପାଳ ପଞ୍ଚାୟତ ପ୍ରଭାବିତ



ଆଳି, ୧୮।୭(ସମିସ): ବନ୍ୟା ଯୋଗୁଁ ପଦିନିପାଳ ପଞ୍ଚାୟତର ଦୁଇଟି ଗାଁ ଓ ଭୂଇଁପୁର ପଞ୍ଚାୟତର ଗୋଟିଏ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଫଳରେ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଦିନିପାଳ ପଞ୍ଚାୟତର ଦୁଇଟି ରାଜସ୍ୱ ଗ୍ରାମ ପଦିନିପାଳ ଓ ଦେିତାରୀପୁରର ପାଖାପାଖି ୧୪ଟି ୱାର୍ଡରେ ୭ ଶହରୁ ଊର୍ଦ୍ଧ୍ୱ ପରିବାର ଲୋକ ବସବାସ କରନ୍ତି। ସେହିପରି ଭୂଇଁପୁର ପଞ୍ଚାୟତର କଳମଡା ଶାସନ ଗ୍ରାମରେ ୧ଟି ୱାର୍ଡର ୨ଶହରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଏହି ତିନୋଟି ଗ୍ରାମକୁ ଚତୁପାର୍ଶ୍ୱରୁ ଘେରି ରଖିଥିବା ଖରସ୍ରୋତା ଓ ଏହାର ଶାଖା ନଦୀ କାଣୀ ନଦୀରେ ବନ୍ୟା ଆସିବା ଯୋଗୁଁ ଏହି ତିନିଟି ଗ୍ରାମର ଏକମାତ୍ର ରାସ୍ତା ବନ୍ୟାଜଳରେ ବୁଡ଼ିଯାଇଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଲୋକେ ଖାଦ୍ୟ ଓ ପାନୀୟଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ଏଯାବତ ପ୍ରଶାସନ ପକ୍ଷରୁ କୌଣସି ସହାୟତା କିମ୍ବା କୌଣସି ଅଧିକାରୀଙ୍କ ଦେଖାନାହିଁ। ଯାହାକୁ ନେଇ ଆଜି ପଦିନିପାଳ ସରପଞ୍ଚ ବିକ୍ରମ ମଲ୍ଲିକ, ବସନ୍ତ ମହାନ୍ତି, ଗୁରୁଚରଣ ଜେନା, ବାସୁଦେବ ବାରିକ, ଭୋଳାନାଥ ରାଉତ, ଅଶୋକ ଲେଙ୍କା, ରମାକାନ୍ତ ଦାଶ, କ୍ଷୀରୋଦ ମଲ୍ଲିକ, ବିନୋଦ ରାୟଙ୍କ ସହ ଶତାଧିକ ଲୋକେ ପ୍ରତିବାଦ କରିଛନ୍ତି। ଯଥାଶୀଘ୍ର ଏ ସମସ୍ୟାର ନିରାକରଣ କରାଯିବାକୁ ସରକାରଙ୍କ ନିକଟରେ ଦାବି କରିଛନ୍ତି।

## ଗୁରୁକୁଳରେ 'ଆସ ଭେଟିବା ଆମ ପିଲାଙ୍କୁ' କାର୍ଯ୍ୟକ୍ରମ



ଜଗତସିଂହପୁର,୧୮।୭ (ସମିସ): ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଏକ ନିଆରା ବୌଦ୍ଧିକ ପ୍ରଶ୍ନୋତର କାର୍ଯ୍ୟକ୍ରମ 'ଆସ ଭେଟିବା ଆମ ପିଲାଙ୍କୁ' ସ୍ଥାନୀୟ ତରଡାପଡ଼ାସ୍ଥ ଟାଇମ୍ସ ଗୁରୁକୁଳ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ବିଦ୍ୟାର୍ଥୀଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ୧୯ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। କୁଇଜ୍ ମାଷ୍ଟର ଭାବେ ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ ଯୋଗଦେଇ ୫ ଜଣ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ପୁରସ୍କାର ବିତରଣୀ ସଭାରେ ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ଓ ସ୍ତମ୍ଭକାର ହିମାଂଶୁ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସେବାନିବୃତ୍ତ ପ୍ରଧାନଶିକ୍ଷକ ନିକୁଞ୍ଜ ବେହେରା ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହିତ ଭୁଲିଯିବା ଭାରି ସହଜ ଓ ମନେ ରଖିବା ଭାରି କଷ୍ଟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ନିର୍ଦ୍ଦେଶକ ରଶ୍ମିରଞ୍ଜନ ମିଶ୍ର, ଶିକ୍ଷୟିତ୍ରୀ ଏଲିନା ଦାସ ଓ ସୌମ୍ୟା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇ ନିରନ୍ତର ଅଭ୍ୟାସ ଓ କଠିନ ପରିଶ୍ରମ ବଳରେ ବିଦ୍ୟାର୍ଥୀ କେବଳ କୁଇଜ୍ ନୁହେଁ, ସବୁ କ୍ଷେତ୍ରରେ ସଫଳତା ହାସଲ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। କୃତୀ ବିଦ୍ୟାର୍ଥୀ ତୁଷାର ବାରିକ, ଆଲିଆ ପରବିନ, ସାଇ ତନିଷ୍କା ଦାସ, ଶ୍ରେୟାଂସୀ ସାହୁ ଓ ଆକୃତି ମହନ୍ତଙ୍କୁ ପରିଷଦ ପକ୍ଷରୁ ମହାପୁରୁଷଙ୍କ ଜୀବନୀ ପୁସ୍ତକ ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସୁଶ୍ରୀ ଅଞ୍ଜୁଷା ଧନ୍ୟବାଦ ଦେଇଥିଲେ।

## ଆଳି ବିଧାୟକଙ୍କ ଧୋୟାଞ୍ଚଳ ପରିଦର୍ଶନ



ଆଳି, ୧୮।୭(ସମିସ): ଖରସ୍ରୋତା, ବ୍ରାହ୍ମଣୀ ଓ କାଣୀ ନଦୀରେ ପ୍ରଥମ ବନ୍ୟା ଜଳ ଆସିବା ଯୋଗୁଁ ଆଳି ବ୍ଲକ୍‌ର ଶତାଧିକ ଗ୍ରାମ ଜଳବନ୍ଦୀ ହୋଇଛି। ଆଜି ଆଳି ବିଧାୟକ ପ୍ରତାପ କେଶରୀ ଦେବ, ବିଡିଓ ଅବିନାଶ ବିଶ୍ୱଜିତ ସେଠୀ, ଏବିଡିଓ ସୁମତ ବେହେରା, ବ୍ଲକ୍ ସହକାରୀ ଯନ୍ତ୍ରୀ ପ୍ରଭାତ ପରିଡ଼ା, ମିହିର ଦାସ, ୧ନଂ ଜୋନ ଜିଲ୍ଲା ପରିଷଦ ପ୍ରତିନିଧ କେଦାରନାଥ ବେହେରା, ସଂସିଧା ସରପଞ୍ଚ ଦୀପକ ଭୂୟାଁ, ଜ୍ୟୋତିରଞ୍ଜନ ଭୂୟାଁ, ସୁବ୍ରତ ଦାଶ ପ୍ରମୁଖ ଧୋୟାଞ୍ଚଳର ସଂସିଧା, ମଙ୍ଗରାଜପୁର, ଠାକୁରପାଟଣା, ପେତପଡ଼ା, ଏରଡଙ୍ଗ, ପାଳିମି, ତିମିରିପାଳ ପଞ୍ଚାୟତ ଗସ୍ତ କରି ବନ୍ୟା ପରିସ୍ଥିତି ସମୀକ୍ଷା କରିଥିଲେ। ଲୋକେ ଘରୁ ପଦାକୁ ବାହାରି ପାରୁ ନ ଥିବାବେଳେ ଗୃହପାଳିତ ପଶୁ ଗୁହାଳରେ ବନ୍ଧା ହୋଇ ରହିଛନ୍ତି। ସେହିପରି ବ୍ରାହ୍ମଣୀ ନଦୀ କୂଳରେ ପତ୍ରପୁର, ନରେନ୍ଦ୍ରପୁର, ମାଣିକପାଟଣା, ଏକମାଣିଆ, ଦଶିପୁର, ସାହୁପଡ଼ା, ବିଜୟନଗର, ଇଚ୍ଛାପୁର, ଦିନିଆରୀ, ଜମୁଦଣ୍ଡା, ତଅଁଳାଡିହା, ପଦନିପାଳ ଅଞ୍ଚଳର ଲୋକେ ପ୍ରଭାବିତ ହୋଇଛନ୍ତି। ଖରଖରୀ, ନାଟରାରେ ସୃଷ୍ଟି ହୋଇଥିବା ଘଳିଆକୁ ବାଲି ବସ୍ତା ପକାଇ ବନ୍ଦ କରାଯାଇଥିବାବେଳେ ହଦୁଆ ନିକଟରେ ଦୁର୍ବଳ ନଦୀବନ୍ଧକୁ ଅଞ୍ଚଳବାସୀ ଦିନରାତି ଜଗି ରହିଛନ୍ତି।

# ମନ୍ଦିର ପରିସର ପରିଷ୍କାର ରଖିବାକୁ ତହସିଲଦାରଙ୍କ ତାଗିଦ

ମହାକାଳପଡ଼ା,୧୮।୭(ସମିସ)



କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ଦରିଆପାରି ମା' ରାମଚଣ୍ଡୀ ମନ୍ଦିରର ଉନ୍ନତିକରଣ କାମ ଚାଲିଛି। ସ୍ଥାନୀୟ ତହସିଲଦାର ତଥା ଟ୍ରଷ୍ଟି ଶିବ ମଲ୍ଲିକ ମନ୍ଦିର ପରିସରରେ କାମ ତଦାରଖ କରିବା ସହ ପରିସର ପରିଷ୍କାର ରଖିବାକୁ ଠିକାସଂସ୍ଥାକୁ ତାଗିଦ କରିଥିବା ଜଣାପଡିଛି। ଗତ ୧୬ ତାରିଖ ଦିନ ମହାକାଳପଡ଼ା ପଞ୍ଚାୟତ ସମିତି ବୈଠକରେ ଏହି କାର୍ଯ୍ୟକୁ ନେଇ ଅଭିଯୋଗ ହୋଇଥିଲା। ସମ୍ପୃକ୍ତ ଠିକାଦାର ମନ୍ଦିର ପରିସରରେ ବେଆଇନ ଭାବେ ମାଟି, ଗୋଡି, ବାଲି ପକାଇ ରଖିଛନ୍ତି। ଫଳରେ ମନ୍ଦିର ପରିସରରୁ ବର୍ଷାଜଳ ନିଷ୍କାସନ ହୋଇପାରୁନି। ଅପରିଷ୍କାର ପାଣି ମନ୍ଦିର ମୁଖଶାଳାରେ ପଶିବା ସହ ବେଢା ଚତୁପାଶ୍ୱର୍ କାଦୁଅମୟ ହେଉଛି। ମା'ଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁ ଆସୁଥିବାବେଳେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମନ୍ଦିର ପରିସରରେ ରୋଷଘରୁ ବାହାରୁଥିବା ଅପରିଷ୍କାର ପାଣି ନିଷ୍କାସନ ହୋଇ ନ ପାରିବାରୁ ଆସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏ ନେଇ ରାମଚଣ୍ଡୀ ଆଞ୍ଚଳିକ ସେନା ପକ୍ଷରୁ ଦାବି ହୋଇଆସୁଥିଲା। ସମ୍ପୃକ୍ତ ଠିକାଦାର କର୍ଣ୍ଣପାତ କରୁ ନ ଥିଲେ। ମନ୍ଦିର ଦାୟିତ୍ୱରେ ଥିବା ଟ୍ରଷ୍ଟି ତଥା ତହସିଲଦାର ଶ୍ରୀ ମଲ୍ଲିକ ମା'ଙ୍କ ବିଜେ ସ୍ଥଳୀରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଠିକା କର୍ମଚାରୀଙ୍କୁ ତାଗିତ କରିବା ସହ ୧୨ ଘଣ୍ଟା ଭିତରେ ଅପରିଷ୍କାର ପାଣି ଡ୍ରେନେଜ କରି ବାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଗସ୍ତ କାର୍ଯ୍ୟକ୍ରମ ସମୟରେ ମା' ରାମଚଣ୍ଡୀ ଆଞ୍ଚଳିକ ସେନା ଆବାହକ ଲକ୍ଷ୍ମୀକାନ୍ତ ସ୍ୱାଇଁ, ଦରିଆରାଣୀ ସମ୍ପାଦକ ବିରଞ୍ଚି ନାରାୟଣ ଦାସ, ସଦସ୍ୟ କଳ୍ପତରୁ ସାମାଲ, ସମରେନ୍ଦ୍ର ମାହାଳି, ଅଶୋକ ସ୍ୱାଇଁ, ହେମନ୍ତ ସ୍ୱାଇଁ, ଦୀପକ ଜେନା, ନାରାୟଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ THE SAKALA



# ଦିନରେ ଫେରି; ରାତିରେ ଚୋରି

**ମଙ୍ଗଳପୁର/କୟାଁଗୋଲା, ୧୮।୭(ସମିସ)**



ଦିନରେ କରୁଥିଲେ କବାଡ଼ିଆ ଓ ଫେରି ବେପାର; ଆଉ ରାତି ହେଲେ ହେଉଥିଲା ଚୋରି। ଦିନରେ ଠାବ କରାଯାଇଥିବା ଘରେ ରାତିରେ ବୁଲାଉଥିଲେ କଳାକନା। ଏମିତି ବାରମ୍ବାର ଚୋରି ହେଉଥିବା ଘଟଣାରେ ମଙ୍ଗଳପୁର ପୁଲିସ୍ ପର୍ଦ୍ଦାଫାସ୍ କରିଛି। ଏହି ଘଟଣାରେ ପୁଲିସ୍ ୫ ଜଣ ଲୁଟେରାଙ୍କୁ ଗିରଫ କରି ସେମାନଙ୍କ ଠାରୁ କେତେକ ଚୋରି ସାମଗ୍ରୀ ଉଦ୍ଧାର କରିଛି। ଆଜି ମଙ୍ଗଳପୁର ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ ଏ ନେଇ ସୂଚନା ଦେଇଛନ୍ତି।

ପୁଲିସ୍ ସୂଚନା ଅନୁସାରେ, ଗତ ଜୁନ୍ ୧୭ ତାରିଖରେ ମଙ୍ଗଳପୁର ଥାନା ମଲ୍ଲୀକାପୁର ଗାଁର ବିଷ୍ଣୁପ୍ରିୟା ସାମଲଙ୍କ ଘରୁ ଚୋରି ହୋଇଥିଲା। ଚୋରମାନେ ଘରେ କେହି ନଥିବାରୁ ସୁଯୋଗ ନେଇ ଗାଧୁଆ ଘରର ସ୍କାଏଲାଇଟ୍ ଭାଙ୍ଗି ଗୋଟେ ବଡ଼ ଟିଭି, ବାସନ କୁସନ ନେଇଯାଇଥିଲେ। ଏ ସଂକ୍ରାନ୍ତରେ ବିଷ୍ଣୁପ୍ରିୟାଙ୍କ ଏତଲା ଅନୁସାରେ ୧୫୫/୨୫ରେ ଏକ ମାମଲା ରୁଜୁ କରି ମଙ୍ଗଳପୁର ଆଇଆଇସି ଜଗଦୀଶ କରଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ପ୍ରମାଣ ଆଧାରରେ ଚଢ଼ଉ ଜାରି ରହିଥିଲା। ସେହିପରି ଚଳିତ ମାସ ୫ ତାରିଖରେ ମଲ୍ଲିକାପୁର ମହାନ୍ତି ପାଟଣା ଗାଁରେ ଅନ୍ୟ ଏକ ଚୋରି ଅଭିଯୋଗ ହୋଇଥିଲା। ଏ ଦୁଇ ମାମଲାରେ ଏସ୍‌ଆଇ ସଂଯୁକ୍ତା ପଣ୍ଡା ଓ ବିଭୂତି ଭୂଷଣ ମହାପାତ୍ର ତଦନ୍ତ ଅଧିକାରୀ ଥିଲେ। ଥାନା ଅଞ୍ଚଳରେ ବାରମ୍ବାର ଚୋରି ଉଚ୍ଚ ଅଧିକାରୀଙ୍କ ମୁଣ୍ଡ ବ୍ୟଥା ପାଲଟିଥିଲା। ଥାନାଧିକାରୀ ଶ୍ରୀ କର ଓ ଏସ୍‌ଡିପିଓ ଶ୍ରୀ ମାଝୀ ୨ଟି ସ୍ୱତନ୍ତ୍ର ଦଳ ଗଠନ କରି ବିଭିନ୍ନ ଦିଗକୁ ଗୁରୁତ୍ୱ ଦେବା ସହ ଚୋରମାନେ ବ୍ୟବହାର କରୁଥିବା ମୋବାଇଲ ଟ୍ରାକ କରିଥିଲେ। ବିଭିନ୍ନ ଜାଗାରେ ଚଢ଼ଉ କରି ଲୁଟେରା ଗ୍ୟାଙ୍ଗକୁ ଗିରଫ କରିବାକୁ ସକ୍ଷମ ହୋଇଥିଲେ। ଗିରଫ ଅଭିଯୁକ୍ତ ହେଲେ ଗଣ୍ଡକୂଳ ଗ୍ରାମର ଆକାଶ କୁମାର ସେଠୀ (ଗିଟୁ), ମଲ୍ଲୀକାପୁର ଗ୍ରାମର ଲିପୁ ଜେନା, ସଞ୍ଜିତ ଯେନା (କାଳିଆ), ଅହିୟାସ ପୁରୁଣାସାହିର ଶମ୍ଭୁନାଥ ଦାସ ଓ ଭଦ୍ରକ ଧାମନଗର ଅଞ୍ଚଳର କବାଡ଼ି ବ୍ୟବସାୟୀ ଅସ୍କାର ଅଲ୍ଲୀ। ଅସ୍କର ଦଶରଥପୁର କାଟିଆ ଅଞ୍ଚଳରେ ରହି ଦିନରେ ଫେରି ବେପାର କରୁଥିଲେ। ଆଉ ରାତି ହେଲେ ଠାବ କରିଥିବା ଘରେ ନିଜର ୪ ସହଯୋଗୀଙ୍କ ସହ ମିଶି କଳାକନା ବୁଲାଇ ଦେଉଥିଲେ। ଅସ୍କରଙ୍କୁ ଛାଡ଼ି ଅନ୍ୟମାନଙ୍କ ବୟସ ୨୫ରୁ କମ। ସେମାନଙ୍କ ଠାରୁ ଚୋରି ହୋଇଥିବା ପିତଳ ସାମଗ୍ରୀ, ଟିଭି ଓ ଅନ୍ୟ କେତେକ ସାମଗ୍ରୀ ଜବତ କରାଯାଇଛି। ଏମାନେ ଆହୁରି ଅନେକ ଲୁଟ୍ ମାମଲାରେ ସମ୍ପୃକ୍ତ ଥିଲେ ବୋଲି ଶ୍ରୀ ମାଝୀ ସୂଚନା ଦେଇଛନ୍ତି। ପୂର୍ବରୁ ଗତ ମେ' ମାସରେ ଏସ୍‌ଡିପିଓଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ପୁଲିସ ଦଳ ସିରିଜ ଚୋରି, ଡକାୟତି ମାମଲାରେ, ୭ ଜଣ ଡକାୟତଙ୍କୁ ଗିରଫ କରିବା ସହ ଚୋରି ସୁନା ଅଳଙ୍କାର, ମୋବାଇଲ ଓ ୨ଟି ବାଇକ୍ ଜବତ କରିଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍‌ଆଇ ଅନିତା ପ୍ରଧାନ ଉପସ୍ଥିତ ଥିଲେ।

## ୫ ଗିରଫ; ଚୋରି ସାମଗ୍ରୀ ଜବତ

# ରାଜ୍ୟସ୍ତରୀୟ କିକ୍ ବକ୍ସିଂରେ ଜ୍ୟୋତିଙ୍କୁ ସ୍ୱର୍ଣ୍ଣ



**ବ୍ୟାସନଗର, ୧୮।୭(ସମିସ):** ଓକୋ ଓଡ଼ିଆ ରାଜ୍ୟସ୍ତରୀୟ କିକ୍‌ବକ୍ସିଂ ଚାମ୍ପିଅନସିପରେ ଯାଜପୁର ଛାତ୍ର ଜ୍ୟୋତିପ୍ରକାଶ ମହାପାତ୍ର ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସୂଚନାଯୋଗ୍ୟ ଯାଜପୁର ଜିଲ୍ଲା କୋରେଇ ବ୍ଲକ ବଡବିରୁଆଁ ଗ୍ରାମର ସୁଶାନ୍ତ ମହାପାତ୍ର ଏବଂ ଗୀତାଞ୍ଜଳି ମହାପାତ୍ରଙ୍କ ସାନ ପୁଅ ଜ୍ୟୋତି ପ୍ରକାଶ ଯାଜପୁର ଜିଲ୍ଲା ତରଫରୁ ପ୍ରତିନିଧିତ୍ୱ କରି ଏହି ବିରଳ ସଫଳତା ହାସଲ କରିଛନ୍ତି। ସେ ଯାଜପୁର ଜିଲ୍ଲା ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟର କ୍ରୀଡ଼ା ବିଭାଗର ଶିକ୍ଷକ ରଞ୍ଜନ ସୂତାରଙ୍କ ତତ୍ତ୍ୱାବଧାନରେ ଟ୍ରେନିଂ ନେଇ ଅନୁଗୁଳଠାରେ ଅନୁଷ୍ଠିତ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଏହି ସଫଳତା ହାସଲ କରିଥିବା ତାଙ୍କ ବାପା ସୁଶାନ୍ତ ମହାପାତ୍ର ସୂଚନା ଦେଇଛନ୍ତି।

# ଜେନାପୁର ଥାନା ଅଞ୍ଚଳରେ ବଢ଼ୁଛି ସାଇକଲ ଚୋରି

**କବାଟବନ୍ଧ, ୧୮।୭(ସମିସ):** ଜେନାପୁର ଥାନା ଅଞ୍ଚଳରେ ବାରମ୍ବାର ଚୋରି ବୃଦ୍ଧି ପାଉଥିବା ବେଳେ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଚୋରଙ୍କ ପାଦୁର୍ଭାବ ବଢ଼ିବାରେ ଲାଗିଛି। କବାଟବନ୍ଧ ଗୁରୁବାର ହାଟରୁ ଦୁଇଟି ସାଇକଲ ଚୋରି ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ ମଧୁସୂଦନ ପୁର ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ପରିବା ବ୍ୟବସାୟୀ ରବୀନ୍ଦ୍ର ବେହେରା ଗୁରୁବାର ହାଟରେ ନିଜ ବ୍ୟବସାୟ ସାରି ସନ୍ଧ୍ୟା ସମୟରେ ନିଜ ସାଇକଲ ନଥିବା ଜାଣିଥିଲେ। ବହୁ ଖୋଜା ଖୋଜି କରି ମଧ ପାଇ ନ ଥିଲେ। ସେହିପରି ରାଇଛନ୍ଦା ପଞ୍ଚାୟତ ବାରକଣା ଗ୍ରାମର ଶ୍ୟାମସୁନ୍ଦର ପରିଡ଼ା ନିଜ ସାଇକଲ ରଖି ନଦୀକୁ ଯାଇଥିବା ସମୟରେ ତାଙ୍କ ସାଇକଲକୁ କିଏ ଚୋରି କରି ନେଇ ଯାଇଥିଲା। ଜେନାପୁର ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସାଇକଲ ଚୋରି, ମୋଟର ସାଇକଲ ଚୋରି, ମୋବାଇଲ ଚୋରି, ମନ୍ଦିରରୁ ଚୋରି, ଇଲେକ୍ଟ୍ରି ତାର ଚୋରି, ପଥର ଚୋରି, ମୋରମ ଚୋରି, ବାଲି ଚୋରି, ଦୋକାନରୁ ଚୋରିଠାରୁ ଆରମ୍ଭ କରି ନାରୀ ନିର୍ଯାତନା ଜେନାପୁର ଥାନା ସର୍ବାଗ୍ରେ ରହିଥିବା ଜଣାପଡ଼ିଛି। ଥାନା ଅଞ୍ଚଳରେ ଜନସାଧାରଣ ଏବେ କଣ କରିବେ ଚିନ୍ତାରେ ପଡ଼ିଛନ୍ତି। ପୁଲିସ ଉପରୁ ଭରସା ତୁଟାଇ କେବଳ ଭଗବାନ ଭରସାରେ ଧନ ସମ୍ପତ୍ତିକୁ ଛାଡ଼ି ଦେଇଛନ୍ତି। ଯାଜପୁର ପୁଲିସର ଅପାରଗତା ପାଇଁ ଏଅଞ୍ଚଳରେ ଭୟାବହ ପରିସ୍ଥିତି ସୃଷ୍ଟି ହେଲାଣି। ତୁରନ୍ତ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ତଥା ଫେରାଇ ଆଣିବାକୁ ସାଧାରଣରେ ଦାବି ହୋଇଛି।

# ୪ ଦିନ ହେଲା ବ୍ରାହ୍ମଣୀରେ ବନ୍ୟା ଅପରିବର୍ତ୍ତିତ

**ଧର୍ମଶାଳା, ୧୮।୭(ସମିସ):** ବ୍ରାହ୍ମଣୀ ନଦୀରେ ଗତ ୪ ଦିନ ହେଲା ବନ୍ୟାଜଳ ସ୍ଥିତି ସମାନ ରହିଛି। ଯହାଫଳରେ ଅନେକ ଗ୍ରାମ ଓ ଚାଷ ଜମି ଜଳମଗ୍ନ ହୋଇରହିଛି। ମଙ୍ଗଳବାର ଠାରୁ ବ୍ରାହ୍ମଣୀ ନଦୀର ଜେନାପୁର ଠାରେ ଜଳପତନ ୬୪.୩୦ରୁ ୬୪.୫୦ ରହିଆସୁଛି। ଏଠାରେ ବିପଦ ସଙ୍କେତ ୬୭ ଫୁଟ ରହିଥିବା ବେଳେ ବନ୍ୟାଜଳ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। ବନ୍ୟାଜଳ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଥିଲେ ହେଁ ଧର୍ମଶାଳା ବ୍ଲକର ଅନେକ ଅଞ୍ଚଳ ପାଣି ଘେରରେ ରହିଛି। ଦୀର୍ଘ ୪ ଦିନ ହେଲା କୋତପୁର ସ୍କୁଲ ପରିସରରେ ବନ୍ୟାଜଳ ପସି ରହିଥିବାରୁ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି। ଫଳରେ ଛାତ୍ରଛାତ୍ରୀ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ସେହିପରି ରମାପୁର ଓ ବ୍ରହ୍ମବରଦାକୁ ସଂଯୋଗ କରୁଥିବା ରାସ୍ତାର ଭାଗବାନପୁର ଠାରେ ୨ ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଉକ୍ତ ରାସ୍ତା ଦେଇ ଯାତାୟତ ସମ୍ପୂର୍ଣ୍ଣ ବନ୍ଦ ରହିଛି। ସେହିପରି କୋତପୁର ପଞ୍ଚାୟତର ଅନେକ ଚାଷ ଜମି ଜଳମଗ୍ନ ହୋଇରହିଛି। ଦୀର୍ଘ ଦିନ ହେଲା ବନ୍ୟାଜଳ ବିଲରେ ଜମିରହିବା ଫଳରେ ଚାଷ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ଅନ୍ୟପଟେ ରେଙ୍ଗାଲିର ୩ ଗୋଟି ଗେଟ୍ ଦେଇ ଏହି ବନ୍ୟାଜଳ ବ୍ରାହ୍ମଣୀ ଓ ଏହାର ଶାଖା କେଲୁଅ ନଦୀ ଦେଇ ପ୍ରବାହିତ ହେଉଛି। ଉପରମୁଣ୍ଡରେ ଅଧିକ ବର୍ଷା ହେବା ଏବଂ ଡ୍ୟାମର ଜଳପତନ ବୃଦ୍ଧି ପାଉଥିବାରୁ ପୂର୍ବରୁ ୨ ଗୋଟି ଗେଟ ଖୋଲାଯାଇଥିବା ବେଳେ ଗତ ୪ ଦିନ ତଳେ ଅନ୍ୟ ଏକ ଗେଟ ଖୋଲାଯାଇଛି। ଡ୍ୟାମର ଜଳପତନ ହ୍ରାସ ହେଲେ ଖୋଲାଯାଇଥିବା ଗେଟ୍ ଗୁଡିକୁ ଧିରେ ଧିରେ ବନ୍ଦ କରାଯିବ ବୋଲି ଜାରକା ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୂଚନା ଦେଇଛନ୍ତି। ତେବେ କେବେ ଏହି ଗେଟ ବନ୍ଦ ହେବ ସେ ନେଇ କିଛି ସ୍ପଷ୍ଟ ସୂଚନା ନଥିବା ବେଳେ ଉପରମୁଣ୍ଡରେ ଅଧିକ ବର୍ଷା ହେଲେ ଆଉ ଏକ ଗେଟ ଖୋଲାଯିବ ବୋଲି ବିଭାଗ ପକ୍ଷରୁ ସତର୍କ କରାଯାଇଛି। ରେଙ୍ଗାଲିରେ ଏବେ ୩ଟି ଗେଟରେ ବନ୍ୟାଜଳ ଆସି ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଅନ୍ୟ ଏକ ଗେଟ ଖୋଲାଗଲେ ବନ୍ୟାଜଳରେ ବ୍ୟାପକ ଅଞ୍ଚଳ ଜଳମଗ୍ନ ହେବା ନେଇ ଆଶଙ୍କା କରାଯାଇଛି। ଉପରମୁଣ୍ଡରେ କମ ବର୍ଷା ହେତୁ ରେଙ୍ଗାଲିର ଜଳପତନ କମିବାରେ ଲାଗିଛି। ଏଣୁ ଏବେ ଅନ୍ୟ ଏକ ଗେଟ ଖୋଲିବାର ସମ୍ଭାବନା ନାହିଁ ବୋଲି ଜଳସେଚନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ବିଭିନ୍ନ ବିଭାଗର ସମୀକ୍ଷା ବୈଠକ



**ବିଞ୍ଝାରପୁର, ୧୮।୭(ସମିସ):** ଆଜି ପୂର୍ବାହ୍ନରେ ବିଞ୍ଝାରପୁର ବ୍ଲକ ସମିଳନୀ କକ୍ଷରେ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀ ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଧାୟିକା ପ୍ରମିଳା ମଲ୍ଲିକ ଅଧକ୍ଷତା କରି ଜୀବିକା ମିଶନ ଓ ମିଶନ ଶକ୍ତି ବିଭାଗୀୟ ଅଧିକାରୀମାନଙ୍କ ସହ ଉନ୍ନୟନ ମୂଳକ କାର୍ଯ୍ୟର ପ୍ରଗତି ତଥା କାର୍ଯ୍ୟକାରିତା ବିଷୟରେ ସମୀକ୍ଷା କରିଥିଲେ। ଓରମାସ୍, ଓଡ଼ିଶା ଜୀବିକା ମିସନଏବଂ ମିଶନ ଶକ୍ତି ପରିଚାଳିତ ଉଦ୍ୟମଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧରେ ବ୍ଲକ ଅଧକ୍ଷା ରଞ୍ଜିତା କୁମାରୀ ଦାସ, ମଣ୍ଡଳ ଉନୟନ ଅଧିକାରୀ ହିତାଂଶୁ ଶେଖର ସାମଲ, ବ୍ଲକ ଉପାଧକ୍ଷ ସେକ ଇର୍ସାଦ, ଡିପିଏମ ମିଶନ ଶକ୍ତି ସୀତାଂଶୁ ସାହୁଙ୍କ ସମେତ ସମସ୍ତ ଓଡ଼ିଶା ଜୀବିକା ମିସନ ଓ ମିଶନ ଶକ୍ତି ଅଧିକାରୀ ଉପସ୍ଥିତ ଥିଲେ।

# ଧର୍ମଶାଳରେ ସ୍ୱଳ୍ପ ବୃଷ୍ଟିପାତ; ଧାନ ଚାଷ ପ୍ରଭାବିତ

**ଧର୍ମଶାଳା, ୧୮।୭(ସମିସ):** ଧର୍ମଶାଳା ବ୍ଲକରେ ଜିଲ୍ଲାର ଅନ୍ୟ ବ୍ଲକ ତୁଳନାରେ ଚଳିତ ଜୁଲାଇ ମାସରେ ଅଦ୍ୟାବଧି କମ ବୃଷ୍ଟିପାତ ହୋଇଛି। ଚଳିତ ଜୁଲାଇ ମାସ ୧୬ ତାରିଖ ପର୍ଯ୍ୟନ୍ତ ଧର୍ମଶାଳା ବ୍ଲକରେ ମାତ୍ର ୫୦ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ସୁକିନ୍ଦା ବ୍ଲକରେ ସର୍ବାଧିକ ୨୬୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବର୍ଷା କମ ହେବା ଫଳରେ ଧାନ ଚାଷ ବାଧାପ୍ରାପ୍ତ ହୋଇଛି। ଅଧିକ ପରିମାଣରେ ବର୍ଷା ହେଲେ ଚାଷୀ ବିଲରେ କାଦୁଅ କରି ତଳି ରୋଇବା କାର୍ଯ୍ୟ ଆରମ୍ଭ କରିଥାନ୍ତି। ହେଲେ ଏଠାରେ ଆବଶ୍ୟକ ଠାରୁ କମ୍ ବୃଷ୍ଟିପାତ ହେବା ଫଳରେ ଚାଷ କାମ ବାଧାପ୍ରାପ୍ତ ହୋଇଛି। ଚଳିତଥର ମୌସୁମୀ ଶୀଘ୍ର ଆସିବା ସହିତ ଜୁନ ମାସରୁ ଚାରିଆଡେ ବର୍ଷା ଆରମ୍ଭ ହୋଇଯାଇଥିଲା। ଫଳରେ ଚାଷୀ ନିଜ କ୍ଷେତରେ ଆବଶ୍ୟକ ତଳି ପକାଇ ରୋଇବା ପାଇଁ ବିଲ ପ୍ରସ୍ତୁତ କରିଥିବା ବେଳେ ବର୍ଷା କମ ହେବାରୁ ତଳି ରୁଆ ସମ୍ଭବପର ହେଉନାହିଁ। ଚଳିତଥର ଧର୍ମଶାଳା ବ୍ଲକ ଅଞ୍ଚଳରେ ୧୧ ହଜାର ୭୨୦ ହେକ୍ଟର ଜମିରେ ଧାନ ଚାଷ କରିବା ପାଇଁ ସରକାରୀ ଭାବେ ଲକ୍ଷ୍ୟ ରଖାଯାଇଛି। ତେବେ ଆବଶ୍ୟକ ବର୍ଷା ହେଲେ ଚଳିତଥର ଶତ ପ୍ରତିଶତ ଜମିରେ ଧାନ ଚାଷ କରାଯାଇ ପାରିବ ବୋଲି କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଅନ୍ୟପଟେ କେନାଲ ମାଧ୍ୟମରେ ଜଳ ସେଚନର ସୁବିଧା ଥିବା ଜମି ଗୁଡିକ ପାଇଁ ପାଣି ଯୋଗାଇ ଦେବାର ବ୍ୟବସ୍ଥା ରହିଥିଲେ ହେଁ କେନାଲ ସଫେଇ କାର୍ଯ୍ୟ ବିଳମ୍ବ ହେଉଥିବାରୁ କେନାଲ ଗୁଡିକରେ ପାଣି ଆସିବା ବିଳମ୍ବ ହେଉଛି। ଯାହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଯଥାଶୀଘ୍ର କେନାଲ ସଫେଇ କାର୍ଯ୍ୟ ସାରି ବିଲକୁ ପାଣି ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

# ନିଷ୍କାସନ ହେଉନି ବନ୍ୟାଜଳ | ବୁଡ଼ି ରହିଛି ଧାନ ତଳି



**କୟାଁଗୋଲା, ୧୮।୭(ସମିସ):** ମାସେରୁ ଅଧିକ ହେବ ଲାଗି ରହିଥିବା କ୍ରମାଗତ ବର୍ଷା ଯୋଗୁଁ ସମସ୍ତ ଶାଖା ନଈ ଓ ନାଳ ଦେଇ ବନ୍ୟା ଜଳ ନିଷ୍କାସିତ ହେଉଛି। ଫଳରେ ଦଶରଥପୁର ବ୍ଲକ ଅନ୍ତର୍ଗତ ବିରିପଟା ପଞ୍ଚାୟତ ତଥା ବିରିପଟା ରାଜସ୍ୱ ଅଧୀନରେ ଥିବା ମୌଜାଗୁଡିକ ଜଳାର୍ଣ୍ଣବ ପାଲଟିଛି। ଚାଷ ଜମିରେ ପାଣି ନିଷ୍କାସିତ ହୋଇ ନ ପାରିବାରୁ ପଡ଼ିଥିବା ଧାନ ତଳି ପଚି ନଷ୍ଟ ହୋଇଗଲାଣି। ଏ ଅଞ୍ଚଳର ଚାଷୀ ଖରିଫ ଚାଷ ଉପରେ ନିର୍ଭର କରିଥାନ୍ତି। ଜଳ ନିଷ୍କାସନ ଉଦ୍ଦେଶ୍ୟରେ ଖୋଲାଯାଇଥିବା କେନ୍ଦୁଆକୁ ସଂଯୋଗ ନାଳ ଏହା ଚାଷୀଙ୍କ ପାଇଁ କ୍ଷତି ଘଟାଉଛି। ବନ୍ୟା ଜଳ ଆସିଲେ ନାଳ ଦୁଇ ପାର୍ଶ୍ୱରେ ବନ୍ଧ ଖାଇଯିବା କାରଣରୁ ଚାଷ ଜମିକୁ ପାଣି ମାଡୁଛି। ବିଗତ କିଛି ବର୍ଷ ଧରି ଏପରି ସମସ୍ୟା ଉପୁଜୁଛି।

ତତ୍ ସହିତ ଯାଜପୁର ଜିଲ୍ଲା ଓ କେନ୍ଦ୍ରାପଡ଼ା ଜିଲ୍ଲାର ସୀମାରେ ଥିବା ବାଲିସାହି ଓ ହଲୁପଡ଼ା ଠାରେ ନିର୍ମିତ ସ୍ଲୁଇସ୍ ଗେଟ୍ ସଠିକ୍ ଢଙ୍ଗରେ ଖୋଲାଯାଉନାହିଁ। ସେଠାରେ ବସବାସ କରୁଥିବା କୈବର୍ତ୍ତ ଶ୍ରେଣୀର କିଛି ବ୍ୟକ୍ତି ବିଶେଷ ବନ୍ଧାଇ ଜାଲ ବସାଇ ମାଛ ଧରିବା ଯୋଗୁଁ ଜଳ ନିଷ୍କାସନ ହୋଇପାରୁନାହିଁ। ବନ୍ୟା ଜଳ ନିଷ୍କାସନ ନ ହେବାରୁ ବରେଇଁ, ବିରିପଟା, ଚାରିବାଟିଆ, କୁଆଁଲ, ନାରିଗାଁ ମୌଜା ସହ ଅନ୍ୟ ମୌଜାର ଚାଷୀମାନଙ୍କର ଚାଷ କ୍ଷତିଗ୍ରସ୍ତ ହେଉଛି। ଶତାଧିକ ଚାଷୀଙ୍କ ହେକ୍ଟର ହେକ୍ଟର ଜମିରେ ଜଳ ଜମି ରହିଛି। ଋଣ କରି ଚାଷ କରୁଥିବା ଚାଷୀ ଖରିଫ ଋତୁରେ ଚାଷ କରିବା ଅନିଶ୍ଚିତତା ଦେଖାଦେଇଛି। ବନ୍ୟା ଜଳ ନିଷ୍କାସିତ ନ ହେବାରୁ ପଡ଼ିଥିବା ଧାନ ତଳି ପାଣିରେ ବୁଡ଼ି ରହି ପଚିଗଲାଣି। ବର୍ଷକର ଆହାର ନଷ୍ଟ ହୋଇଯିବା ଦେଖି ଚାଷୀମାନେ ମୁଣ୍ଡରେ ହାତଦେଲେଣି। ବନ୍ୟାଜଳ କିପରୀ ନିଷ୍କାସିତ ହେବ ତାକୁ ନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି।

# କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ବ୍ରହ୍ମବରଦା, ୧୮।୭(ସମିସ୍):** ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତ ବ୍ୟାଙ୍କଛକ ଏସ୍‌ଏସ୍ ପ୍ୟାଲେସ ଠାରେ ଅଲଉମା ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ଆଜି ସନ୍ଧ୍ୟାରେ ଚଳିତ ବର୍ଷ ଓଏସ୍‌ଓ ନିଟ୍‌ପରୀକ୍ଷାରେ କୃତୀତ୍ୱ ହାସଲ କରିଥିବା ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଙ୍ଗଠନର ସଭାପତି ଅୟୁବ ଅଲ୍ଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରୀ ବିଜେପି ନେତା ଉମେଶ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ପାଦକ ଅକ୍ତର ଖାନ, ମହମ୍ମଦ ନାଜିବ ହାତିବ, ସେକ ଆବୁ ସକିବ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଦିପ ଦାସ, ଆଲ୍ଲାଉଦ୍ଦିନ ଖାନ, ହେମନ୍ତ ସାହୁ, ରଶ୍ମୀରଞ୍ଜନ ରାଉତ, ନିମାଇଁ ଚରଣ ଦାସ, ଜାବେରା ଅଲ୍ଲି ଯୋଗ ଦେଇଥିଲେ। ସେକ୍ ଜାବିର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅବୁଲ ଖାନ, ଅବୁବକର ଖାନ, ସେକ ଖାଲିକ, ମୁକ୍ତାର ଖାନ, ସେକ ସାହାଜାହାନ, ସେକ ଅମରୁଲ, ସେକ ଜାକି ହୁସେନ, ସେକ ତଜମୁଲ ହୁସେନ ପ୍ରମୁଖ ସହଯୋଗ କରିଥିଲେ।

# ଅଧ୍ୟାପକଙ୍କ ମାତୃ ବିୟୋଗ



**ବରୀ, ୧୮।୭(ସମିସ):** ଅଭିମନ୍ୟୁ ସାମନ୍ତସିଂହାର ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ଅଧ୍ୟାପକ ଦାମୋଦର ସାହୁଙ୍କ ମାଆ ସ୍ୱର୍ଣ୍ଣଲତା ସାହୁ (୮୫)ଙ୍କର ଗତ ବୁଧବାର ରାତି ୧୧ଟା ସମୟରେ ତାଙ୍କ ଦେକୁରୀ ସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ଆକ୍ରାନ୍ତ ଥିଲେ। ସ୍ୱର୍ଗତା ସାହୁ ଜଣେ ଅତ୍ୟନ୍ତ ଧର୍ମପ୍ରାଣା ଓ ଅତିଥି ପରାୟଣା ମହିଳା ଥିଲେ। ମତ୍ୟୁଶଯ୍ୟା ନିକଟରେ ପୁତ୍ର, ପୁତ୍ରବଧୂ, କନ୍ୟା, ନାତିନାତୁଣୀ ଓ ପରିବାର ବର୍ଗ ସମସ୍ତେ ଉପସ୍ଥିତ ଥିଲେ। ସ୍ୱର୍ଗତା ସାହୁଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଜୁଲାଇ ୨୦ରେ ସନ୍ତରଣ ପ୍ରତିଯୋଗିତା

**ଯାଜପୁର, ୧୮।୭(ସମିସ):** ଆସନ୍ତା ୨୦ ତାରିଖ ରବିବାର କୁସୁମା ନିକଟସ୍ଥ ବିଜୁ ପଟ୍ଟନାୟକ ସନ୍ତରଣାଗାରରେ ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ବିଭିନ୍ନ ବର୍ଗର ଯଥା: ୫ରୁ ୭ ବର୍ଷ ଗ୍ରୁପ-୫, ୮ ରୁ ୯ ବର୍ଷ ଗ୍ରୁପ ୪, ୧୦ରୁ ୧୧ ବର୍ଷ ଗ୍ରୁପ ୩, ୧୨ରୁ ୧୪ ବର୍ଷ ଗ୍ରୁପ ୨, ୧୫ରୁ ୧୭ ଗ୍ରୁପ ୧ ଓ ୧୮ ବର୍ଷରୁ ଊର୍ଦ୍ଧ୍ୱ ମୁକ୍ତ ବର୍ଗରେ ପରିଗଣିତ ହେବ। ଇଚ୍ଛୁକ ପ୍ରତିଯୋଗୀମାନେ ଜନ୍ମଗତ ପ୍ରମାଣପତ୍ର ସହ ସକାଳ ୬ ଘଟିକା ସୁଦ୍ଧା ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି। ସବିଶେଷ ତଥ୍ୟ ପାଇଁ ସନ୍ତରଣ ପ୍ରଶିକ୍ଷକ ଜମାଲ ଖାଁଙ୍କ ସହିତ ଯୋଗାଯୋଗ କରିବାକୁ କୁହାଯାଇଛି।

# ସଂଯୋଗୀକରଣ ରାସ୍ତାରେ ବିରାଟ ଗର୍ତ୍ତ



**ବ୍ରହ୍ମବରଦା, ୧୮।୭(ସମିସ):** କେଲୁଅନଦୀ ଉପରେ ନିର୍ମିତ ବିଜୁ ସେତୁ କୁ ସଂଯୋଗ କରୁଥିବା ସଂଯୋଗୀକରଣ ରାସ୍ତାରେ (ଆପ୍ରୋଚ୍ ରୋଡ) ର୍ବଷା ପାଣିରେ ଧୋଇହୋଇ ଦୁଇଗୋଟି ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଉକ୍ତ ବିଜୁ ସେତୁ ବରୁଆଁ-ବାଲିଚନ୍ଦ୍ରପୁରକୁ ସଂଯୋଗ କରୁଥିବା ବେଳେ ଏହି ରାସ୍ତାଦେଇ ଶହ ଶହ ଭାରୀଯାନ ଯାତାୟାତ କରିଥାନ୍ତି। ଏହି ରାସ୍ତାଟି ନିମ୍ନମାନର କାମ ହେଇଥିବା ଯୋଗୁଁ ଲଗାଣ ର୍ବଷାରେ ଉକ୍ତ ସ୍ଥାନଟି ବାରମ୍ବାର ମାଟି ଅତଡ଼ା ଖସି ରାସ୍ତାରେ ଗର୍ତ୍ତ ସୃଷ୍ଟି ହେଉଛି। ସୂଚନା ଥାଉକି କିଛିଦିନ ପୂର୍ବେ ଉକ୍ତ ବିଜୁ ସେତୁ ଉପରେ ଭଗବାନପୁର ପଟୁ ବ୍ରିଜ୍ ଉପରେ ଭାରୀଯାନ ଯାତାୟାତ କରି ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିଲା। ଖବର ପ୍ରସାରଣ ପରେ ମରାମତି କରାଯାଇଥିଲେ ସୁଦ୍ଧା ନିମ୍ନମାନର କାମ ଯୋଗୁଁ ବାରମ୍ବାର କଂକ୍ରିଟ ଫାଟି ଗର୍ତ୍ତ ସୃଷ୍ଟି ହେଉଛି। ଯାହାଫଳରେ ଉକ୍ତ ସେତୁ ଦେଇ ଯାତାୟାତ କରୁଥିବା ଯାତ୍ରୀମାନଙ୍କ ପ୍ରତି ବିପଦ ବଢ଼ିବାରେ ଲାଗିଛି।

# 'ପୂର୍ବୋଦୟ ଷ୍ଟାର୍ଟଅପ୍ ସଙ୍ଗମ' କାର୍ଯ୍ୟକ୍ରମ | ୫ ବର୍ଷରେ ହେବ ୫୦୦୦ ଷ୍ଟାର୍ଟଅପ୍

**ଯାଜପୁର, ୧୮।୭(ସମିସ)**



ଯାଜପୁର ଜିଲ୍ଲାରେ ରାଜ୍ୟରେ ଷ୍ଟାର୍ଟଅପ୍ ପରିବେଶକୁ ସୁଦୃଢ଼ କରିବା ସହ ନବସୃଜନର ସମ୍ଭାବନାକୁ ବଢ଼ାଇବା ପାଇଁ ଏମ୍‌ଏସ୍‌ଏମ୍‌ଇ ବିଭାଗ ସହାୟତାରେ ଷ୍ଟାର୍ଟଅପ୍ ଓଡ଼ିଶା ଦ୍ୱାରା, 'ପୂର୍ବୋଦୟ ଷ୍ଟାର୍ଟଅପ୍ ସଂଗମ' କାର୍ଯ୍ୟକ୍ରମ ଯାଜପୁରର ଗୌତମବୁଦ୍ଧ ସଂସ୍କୃତି ଭବନଠାରେ ଆୟୋଜିତ ହୋଇଯାଇଛି। ପ୍ରଥମ ଦିବସରେ ମୁଖ୍ୟଅତିଥି ଭାବେ ସମବାୟ ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଶିଳ୍ପ ଓ ଦକ୍ଷତା ବିକାଶ ବିଭାଗର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇଥିଲେ। ପୂର୍ବୋଦୟ ଷ୍ଟାର୍ଟଅପ୍ ସଂଗମରେ ପୂର୍ବୋତ୍ତର ୫ଟି ଜିଲ୍ଲା ତଥା ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର ଜିଲ୍ଲାକୁ ନେଇ ଅନୁଷ୍ଠିତ କରାଯାଇଛି। ଏହି ୨ଦିନିଆ କର୍ମଶାଳାରେ ଷ୍ଟାର୍ଟଅପ୍ ଉପରେ ବିଭିନ୍ନ ତଥ୍ୟ ଆଲୋଚନା ହେବ। ଏବେ ସୁଦ୍ଧା ଓଡ଼ିଶାରେ ୨୩୦୨ଟି ଷ୍ଟାର୍ଟଅପ୍ 'ଷ୍ଟାର୍ଟଅପ୍ ଓଡ଼ିଶା' ଦ୍ୱାରା ପଞ୍ଜିକୃତ ହୋଇଛନ୍ତି। ଆଗାମୀ ୫ ବର୍ଷରେ ୫୦୦୦ ଷ୍ଟାର୍ଟଅପ୍ କରିବା ପାଇଁ ସରକାରଙ୍କ ତରଫରୁ ଓ ବିଭାଗ ତରଫରୁ ପଦକ୍ଷେପ ନିଆଯାଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଉକ୍ତ କର୍ମଶାଳାରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଯୋଗଦେଇଥିବା ବେଳେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର ଏବଂ ମୟୂରଭଞ୍ଜ ଆଦି ଜିଲ୍ଲାର ବିଭିନ୍ନ ଷ୍ଟାର୍ଟଅପ୍ ଯୁବ ଉଦ୍ୟୋଗୀ ଏବଂ ଅଣୁ, କ୍ଷୁଦ୍ର ଓ ମଧମ ଉଦ୍ୟୋଗୀମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଦ୍ୱାରା ଷ୍ଟାର୍ଟଅପ୍ ଉଦ୍ୟୋଗ କ୍ଷେତ୍ରରେ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ, ବୈଷୟିକ ସହାୟତା ଆଦି ପ୍ରସଙ୍ଗରେ ଆଲୋଚନା ହେଇଥିଲା। ପରେ ପରେ ଉଦ୍ୟୋଗୀମାନେ ସେମାନଙ୍କ ଉତ୍ପାଦ ପ୍ରଦର୍ଶନ କରିବା, ବୈଷୟିକ ଅଧିବେଶନ, ପ୍ୟାନେଲ୍ ଆଲୋଚନା ଅଂଶଗ୍ରହଣ କରିବା ସହ ନିଜର ମତାମତ ରଖିଥିଲେ। ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପ୍ରଦର୍ଶନୀରେ ସ୍ୱୟଂ ସହାୟକ ଗୋଷ୍ଠୀ, ଷ୍ଟାର୍ଟଅପ୍ ୟୁନିଟ୍, ଏଫ୍‌ପିଓ ମାନଙ୍କ ଦ୍ୱାରା ପ୍ରଦର୍ଶନୀ ଷ୍ଟଲ କରାଯାଇଥିଲା। ଏଥିରେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସନାୟକ, ବଡ଼ଚଣା ବିଧାୟକ ଅମର ନାୟକ, ଶିଳ୍ପ ବିଭାଗର ନିର୍ଦ୍ଦେଶକ ଡି. ପ୍ରଶାନ୍ତ କୁମାର ରେଡ୍ଡୀ, ସ୍ୱାବଲମ୍ବୀ ଭାରତ ଅଭିଯାନର ଆଞ୍ଚଳିକ ସଂଯୋଜକ ସାରଦା ପ୍ରସାଦ ଶତପଥୀ, ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ଶିଳ୍ପପତି, ଯୁବ ଉଦ୍ୟୋଗୀ, ଏସ୍‌ଏଚ୍‌ଜି ମହିଳା ଯୋଗଦେଇଥିଲେ।

ସକାଳ THE SAKALA



# ୩ ଲୁଟ୍ ଘଟଣାରେ ୨ ଗିରଫ

ରାଉରକେଲା, ୧୮।୭ (ସମିସ)



୩ ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଅଭିଯୁକ୍ତକୁ ରାଉରକେଲା ପୁଲିସ ଗିରଫ କରିଛି। ସେମାନେ ହେଲେ ବିରମିତ୍ରପୁର ଥାନା ଧାଙ୍ଗିରନୋଚା ଗ୍ରାମର ରାଜେଶ ସାହୁ ଓରଫ ହାଣ୍ଡି (୩୩) ଏବଂ ବାସନ୍ତୀ

## ଅଟୋ ଓ ବାଇକ୍ ଜବତ

କଲୋନୀ ମାଲଗୋଦାମ ଅଞ୍ଚଳର ଅକ୍ଷୟ ଓରଫ୍ ସତୀଶ କୁମାର ବର୍ମା ଓରଫ୍ ଏସ୍‌କେ (୩୫)। ସେମାନଙ୍କ ଠାରୁ ଲୁଟ୍ ହୋଇଥିବା ୨ଟି ସୁନା ଚେନ୍, ୨ଟି ମୋବାଇଲ୍ ଫୋନ୍ ସହ ଲୁଟ୍ ବେଳେ ବ୍ୟବହୃତ ହୋଇଥିବା ଗୋଟିଏ ଅଟୋ ଓ ବାଇକ୍‌କୁ ଜବତ କରିଛି। ଏନେଇ ଝିରପାଣି ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜୋନାଲ ଡିଏସ୍‌ପି ଯୋଗେଶ ପଣ୍ଡା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତ ଜୁନ୍ ୨୯ ତାରିଖରେ କୋଏଲ ନଗର ସି/ ୯୧ରେ ରହୁଥିବା ମନୋରମା ମଲ୍ଲିକ (୭୫) ଜୁନ୍ ୨୮ ତାରିଖ ରାତିରେ ଦୁଇ ଜଣ ଦୁର୍ବୃତ୍ତ ବାଇକ୍ ଆସି ତାଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଇଥିବା ନେଇ ଝିରପାଣି ଥାନାରେ ଅଭିଯୋଗ କରିଥିଲେ। ଏନେଇ ଝିରପାଣି ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବିରମିତ୍ରପୁର ଥାନା ଧାଙ୍ଗିରନୋଚା ଗ୍ରାମରେ ଆତ୍ମଗୋପନ କରିଥିବା ରାଜେଶଙ୍କ ସହ ବାସନ୍ତୀ କଲୋନୀ ମାଲଗୋଦାମ ଅଞ୍ଚଳର ଅକ୍ଷୟକୁ ଗିରଫ କରିଥିଲା। ପଚରାଉଚରା ବେଳେ ଉଭୟ ଅଭିଯୁକ୍ତ ଉପରୋକ୍ତ ଲୁଟ୍ ସହ ଗତ ମେ ୨ ତାରିଖରେ ଝିରପାଣି ଥାନା ଜଗଦାର ଅଞ୍ଚଳର ୱିଲିୟମ୍ ସିନ୍ଦୁରଙ୍କ ପତ୍ନୀ ବିବିଆନା କାନ୍ଦିରଙ୍କ ବେକରୁ ସୁନା ଚେନ୍ ଲୁଟିବା ଓ କୋଏଲ ନଗରର ପି. ପ୍ରବୀଣ କୁମାରଙ୍କ ପତ୍ନୀ ଆଶା ଲତାଙ୍କ ବେକରୁ ୨୦୨୪ ଅକ୍ଟୋବର ୨୩ ତାରିଖରେ ସୁନା ଚେନ୍ ଲୁଟ୍ କରିଥିବା ସ୍ୱୀକାର କରିଥିବା ଡିଏସପି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ଅଭିଯୁକ୍ତ ଅକ୍ଷୟ ଓରଫ୍ ଏସ୍‌କେ ଓରଫ୍ ସତୀଶ କୁମାର ବର୍ମାଠାରୁ ଲୁଟ୍ ହୋଇଥିବା ସୁନା ଚେନ୍ ଉଦ୍ଧାର କରାଯାଇଥିବା ସେ ସୂଚନା ଦେଇଛନ୍ତି। ଅଭିଯୁକ୍ତ ରାଜେଶ ନାମରେ ପୂର୍ବରୁ ୧୬ଟି ମାମଲା ରହିଥିବାବେଳେ ସତୀଶ ନାମରେ ପୂର୍ବରୁ ୩ଟି ଲୁଟ୍ ମାମଲା ରହିଛି। ଉଭୟ ଲୁଟେରାଙ୍କୁ ଝିରପାଣି ଥାନା ପୁଲିସ କୋର୍ଟ ଚାଲାଣ କରିଥିବା ଡିଏସ୍‌ପି ଶ୍ରୀ ପଣ୍ଡା ସୂଚାଇଛନ୍ତି।

# ପୂଜା ସାମଗ୍ରୀ ଦୋକାନରୁ ଚୋରି ଘଟଣା; ୨ ଗିରଫ

## ଲାପଟପ୍ ଓ ମୋବାଇଲ ଜବତ

ରାଉରକେଲା, ୧୮।୭ (ସମିସ): ସ୍ଥାନୀୟ ରଘୁନାଥପାଲୀ ଥାନା ସିଭିଲ ଟାଉନ୍‌ସିପ ଅଞ୍ଚଳରେ ବନ୍ଦ ଥିବା ଏକ ପୂଜା ସାମଗ୍ରୀ ଦୋକାନର ତାଲା ଭାଙ୍ଗି ଚୋରି ଘଟଣାରେ ପୁଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଗୋଟିଏ ଲାପଟପ ଓ ୨ଟି ମୋବାଇଲ ଫୋନ୍ ଜବତ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସିଭିଲ ଟାଉନସିପ୍ ଆର୍/ ୯ ବାସିନ୍ଦା ଅସଗର ଅଲ୍ଲୀ ଖାନ (୩୫) ଓ ଏସ୍‌ଟିଆଇ ରାଜୀବ ବସ୍ତିର କାହ୍ନା ଛତ୍ରିଆ (୨୯)। ସେମାନଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ସ୍ଥାନୀୟ ସିଭିଲ ଟାଉନ୍‌ସିପ୍ ସ୍ଥିତ ଏଲ୍‌ଆଇସି କଲୋନୀର ଜି/ ୪୫ କ୍ୱାର୍ଟରରେ ବାସ କରୁଥିବା ପ୍ରଫୁଲ ସ୍ୱାଇଁ ନିଜ ଶନିଶ୍ୱର ପୂଜା ଭଣ୍ଡାର ଦୋକାନରେ ବନ୍ଦ କରି ଗତ ୧୫ ତାରିଖରେ ପରିବାର ସହ ପୁଅର ଚିକିତ୍ସା ପାଇଁ କଟକ ଯାଇଥିଲେ। ଗତ ୧୭ ତାରିଖରେ ସେ କଟକରୁ ଫେରିବା ପରେ ତାଙ୍କ ଦୋକାନର ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଦୋକାନର ଜିନିଷପତ୍ର ଏଣେତେଣେ ପଡ଼ିଥିବା ବେଳେ ତାଙ୍କ ଲାପଟପ ଓ ମୋବାଇଲ ଫୋନ୍ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ପ୍ରଫୁଲ ରଘୁନାଥପାଲୀ ଥାନାରେ ଏତାଲା ଦେଇଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୁଲିସ ଉକ୍ତ ଘଟଣାରେ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।



ଉଲ୍ଲେଖଯୋଗ୍ୟ, ଗିରଫ ଅସଗର ନାଁରେ ପୂର୍ବରୁ ଉକ୍ତ ଥାନାରେ ୧୧ଟି ଓ କାହ୍ନା ନାଁରେ ଉଦିତନଗର, ରଘୁନାଥପାଲି, ବ୍ରାହ୍ମଣୀ ତରଙ୍ଗ ଥାନାରେ ୭ଟି ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି।

# ଯୌନ ନିର୍ଯାତନା ନିରୋଧ ଆଇନ ଉପରେ ତାଲିମ

ରାଉରକେଲା, ୧୮।୭ (ସମିସ): ସୁନ୍ଦରଗଡ଼ ସ୍ଥିତ ସଦ୍‌ଭାବନା ସଭାଗୃହରେ 'କର୍ମ କ୍ଷେତ୍ରରେ ମହିଳାଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ନିରୋଧ ଆଇନ - ୨୦୧୩' ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ଏକ ଦିବସୀୟ ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କ୍ରିଷ୍ଣା କୁମାରୀ ନନ୍ଦ, ଡିଏସ୍‌ପି କାଦମ୍ବିନୀ ସାମଲ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଡ. ରୀନତି ମିଶ୍ର, ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ନୋଡାଲ ଅଫିସର, ଜିଲ୍ଲାର ସମସ୍ତ ସରକାରୀ ତଥା ବେସରକାରୀ କାର୍ଯ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି, ସ୍ଥାନୀୟ ଅଭିଯୋଗ କମିଟିର ସଭ୍ୟ/ସଭ୍ୟା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ୟୁନିସେଫର ନେହା ସିଂହ ଯୋଗ ଦେଇ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଆବଶ୍ୟକତା, ଏହାର ଗଠନ, କାର୍ଯ୍ୟାବଳୀ, କମିଟିର ଭୂମିକା,



କର୍ମକ୍ଷେତ୍ରରେ ଯୌନ ନିର୍ଯାତନାର ପ୍ରକାର କମିଟିକୁ କିଭଳି ସଶକ୍ତ କରାଯିବ ସେ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରତ୍ୟେକ କାର୍ଯ୍ୟାଳୟ, ଅନୁଷ୍ଠାନମାନଙ୍କରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଗଠନ କରାଯାଇ ନିୟମିତ ଭାବେ ସମୀକ୍ଷା କରିବା ସହ ବାର୍ଷିକ ରିପୋର୍ଟ ଦେବାକୁ ଏବଂ ନିୟମିତ ଭାବେ ଏହି ଆଇନ୍ ଉପରେ ସଚେତନତା ସୃଷ୍ଟି କରାଯିବା ଉପରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାଝୀ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟାଳୟମାନଙ୍କରେ ସୁରକ୍ଷିତ ଏବଂ ସମ୍ମାନଜନକ କାର୍ଯ୍ୟର ବାତାବରଣ ରଖିବା ହେଉଛି କାର୍ଯ୍ୟାଳୟ ମୁଖ୍ୟଙ୍କ ଦାୟିତ୍ୱ।

ସେହିପରି ପ୍ରତ୍ୟେକ କର୍ମଚାରୀ ନିଜ ପାଇଁ ରହିଥିବା ଆଇନ ଗୁଡ଼ିକ ପ୍ରତି ଅବଗତ ରହିବା ଆବଶ୍ୟକ। ନିଜ ଅଧିକାର ଗୁଡ଼ିକ ପ୍ରତି ସଚେତନ ହେବା ଆବଶ୍ୟକ ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ। କମିଟିରେ କୌଣସି ଅଭିଯୋଗ ଆସିଲେ ତାହାକୁ ଅତ୍ୟନ୍ତ ଗୁରୁତର ସହ ଗ୍ରହଣ କରାଯାଇ ଆବଶ୍ୟକୀୟ ଅନୁସନ୍ଧାନ କରାଯିବା ନେଇ ଆଲୋଚନା କରାଯାଇଥିଲା। ଏଥିସହ ପରିବାରରେ ନୈତିକ ଶିକ୍ଷା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଏକ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଜିଲ୍ଲା ସଂଯୋଜିକା ମିନାକ୍ଷୀ ପ୍ରଧାନ ପରିଚାଳନା କରିଥିଲେ।

# ବୈଦ୍ୟୁତିକ ସୁରକ୍ଷା ଉପରେ କୁଇଜ୍ ପ୍ରତିଯୋଗିତା

ରାଉରକେଲା, ୧୮।୭ (ସମିସ): ସେଲ୍‌ଫ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆର୍‌ଏସ୍‌ପି) ର ବିଦ୍ୟୁତ୍ ବିତରଣ ବିଭାଗରେ ମାସିକ ସୁରକ୍ଷା ସନ୍ଦର୍ଭ ପର୍ଯ୍ୟବେକ୍ଷଣର ଏକ ଅଂଶ ଭାବେ ଜୁଲାଇ ୧୨ ତାରିଖରେ ଏକ ବୈଦ୍ୟୁତିକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଓ ବୈଦ୍ୟୁତିକ ସୁରକ୍ଷା ଉପରେ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସୁରକ୍ଷା ଓ ଅଗ୍ନିଶମ ସେବା ବିଭାଗର ସିଜିଏମ୍ ଆଶା ଏସ୍ କାର୍ଥା, ବିଦ୍ୟୁତ ବିତରଣ ବିଭାଗର ମୁଖ୍ୟ ତଥା ଜିଏମ୍ ଶୁଭେନ୍ଦୁ କୁମାର ବେହେରା ଏବଂ ବିଦ୍ୟୁତ ବିତରଣ ବିଭାଗର ଜିଏମ୍ ଜିବି ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ଦୈନନ୍ଦିନ କାର୍ଯ୍ୟରେ ବୈଦ୍ୟୁତିକ ସୁରକ୍ଷାର ଗୁରୁତ୍ୱ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ସେମାନେ ଅତୀତର ଘଟଣା ଗୁଡ଼ିକର ଦୃଷ୍ଟାନ୍ତ ଦେବା ସହ ଉପସ୍ଥିତ ସମସ୍ତଙ୍କୁ ନିରାପଦ ଅଭ୍ୟାସ ଗ୍ରହଣ କରିବା ତଥା ସଦା ସର୍ବଦା ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟୁତ ବିତରଣ ବିଭାଗର ଡେପୁଟି ମ୍ୟାନେଜର ଟି.ଏନ୍ ମିଶ୍ର ବୈଦ୍ୟୁତିକ



ବିପଦର ଆଶଙ୍କା ତଥା କାର୍ଯ୍ୟ କରିବା ସମୟରେ ସତର୍କତାମୂଳକ ପଦକ୍ଷେପ ଉପରେ ଆଧାରିତ ବୈଦ୍ୟୁତିକ ସୁରକ୍ଷା ଉପରେ ଏକ ସ୍ୱ-ରଚିତ କବିତା ଉପସ୍ଥାପନ କରିଥିଲେ। ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଡେପୁଟି ମ୍ୟାନେଜର ନୀଳକଣ୍ଠ ସେଠୀ ଏହି ଅବସରରେ ଅନୁଷ୍ଠିତ ସଚେତନତା ବୈଠକକୁ ପରିଚାଳନା କରିଥିଲେ। ସେ ଅନେକ ବାସ୍ତବ ଘଟଣା ବିଷୟରେ ଆଲୋଚନା କରିବା ସହିତ ଭବିଷ୍ୟତର ଆସନ୍ନ ଦୁର୍ଘଟଣାକୁ ରୋକିବା ପାଇଁ ଅତୀତରୁ ଶିକ୍ଷା ଗ୍ରହଣର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାରେ ବିଦ୍ୟୁତ ବିତରଣ, ଏସିଏଚ୍‌ଏମ୍(ଇ) ଏବଂ ରିପାୟାର ସପ୍ ଇଲେକଟ୍ରିକାଲ ବିଭାଗରୁ ମୋଟ ୪୪ ଜଣ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟୁତ ବିତରଣ ବିଭାଗର ଜିଏମ୍ ଶାନ୍ତି କୁମାରୀ ଧନ୍ୟବାଦ ଅର୍ପଣ କରିଥିଲେ। ସମଗ୍ର କାର୍ଯ୍ୟକ୍ରମଟି ବିଦ୍ୟୁତ ବିତରଣ ବିଭାଗର ସିଜିଏମ୍ ଆର୍‌କେ ମୁଦୁଲିଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପି ଡି ବିଭାଗର ସିନିୟର ମ୍ୟାନେଜର ଦୋଳଗୋବିନ୍ଦ ସେଠୀ ଏବଂ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ରିତେଶ କୁମାର ପଟେଲ ସଂଯୋଜନା କରିଥିଲେ।

# କାଉଡ଼ିଆ ଦଳଙ୍କ ଝାଡ଼ଖଣ୍ଡ ଯାତ୍ରା

ରାଉରକେଲା, ୧୮।୭ (ସମିସ): ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ଜଳାଭିଷେକ ପାଇଁ ଶୁକ୍ରବାର ଶହ ଶହ କାଉଡିଆଙ୍କ ଏକ ଦଳ ଝାଡ଼ଖଣ୍ଡର ମହାଦେବ ସା ଅଭିମୁଖେ ଯାତ୍ରା କରିଛନ୍ତି। ସେଠାରେ ମହାଦେବଙ୍କୁ ଜଳ ଲାଗି କରିବା ପାଇଁ ବେଦବ୍ୟାସ ବ୍ରାହ୍ମଣୀ



ନଦୀରୁ ଜଳ ନେଇଥିଲେ। କାଉଡିଆମାନେ ବୋଲ ବମ, ବାବା ତେରା ସାହାରା ହେ ବୋଲ ବମ, ବୋଲ ବମ୍ ସ୍ଲୋଗାନ ଦେଇ ବେଦବ୍ୟାସ, ପାନପୋଷ ଏବଂ ରାଉରକେଲାର ମୁଖ୍ୟ ରାସ୍ତା ଦେଇ ବନ୍ଧମୁଣ୍ଡା ମହାଦେବ ସା ଅଭିମୁଖେ ଯାତ୍ରା କରିଛନ୍ତି। ସକାଳୁ ବେଦବ୍ୟାସ ବ୍ରାହ୍ମଣୀ ନଦୀ କୂଳରେ କାଉଡିଆଙ୍କ ଭିଡ଼ ଦେଖିବାକୁ ମିଳିଥିଲା। କିଛି କାଉଡିଆ ଡିଜେର ତାଳେ ତାଳେ ନାଚ ଏବଂ ଗୀତ ଗାଇ ଏଠାରୁ ବାହାରି ଯାଇଥିଲେ। ରାଉରକେଲା ସହରର ଅନେକ ସ୍ଥାନରେ କାଉଡିଆମାନଙ୍କ ପାଇଁ ଜଳପାନର ବ୍ୟବସ୍ଥା କରାଯାଇଥିଲା। ଅନ୍ୟପକ୍ଷରେ ବନ୍ଧମୁଣ୍ଡା ଦେଇ ବିଶ୍ରାଠାରେ କାଉଡିଆମାନଙ୍କ ରହିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଆଜି କାଉଡିଆମାନଙ୍କ ଦଳ ସକାଳରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ସହର ପରିକ୍ରମା କରିଥିଲେ।

# ଜୁଆ ଟଙ୍କା ଭାଗବଣ୍ଟାକୁ ନେଇ ଯୁବକଙ୍କୁ ଆକ୍ରମଣ

ରାଉରକେଲା, ୧୮।୭ (ସମିସ): ଜୁଆ ଟଙ୍କା ଭାଗ ବଣ୍ଟାକୁ ନେଇ ଜଣେ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ ହୋଇଛି। ଫଳରେ ସେ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ବିବେକାନନ୍ଦପାଲି ବସ୍ତିରେ ଗୁରୁବାର ରାତିରେ ଏହି ଘଟଣା ଘଟିଛି। ସୂଚନା ମୁତାବକ, ଉକ୍ତ ବସ୍ତିରେ ଜୁଆ ଆଡ୍ଡା ଚାଲିଥିଲା। ଏଥିରେ ଜିତି ଥିବା ଟଙ୍କାର ଭାଗ ବଣ୍ଟାକୁ ନେଇ ପ୍ରକାଶ ବେହେରା ଓ କ୍ରିଷ୍ଣା ସିଂ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଘଟଣା ସ୍ଥଳରୁ ସମସ୍ତେ ପଳାଇ ଯାଇଥିଲେ। କିଛି ସମୟ ପରେ କ୍ରିଷ୍ଣା ସହଯୋଗୀମାନଙ୍କୁ ଧରି ଘଟଣା ସ୍ଥଳରେ ପହଞ୍ଚି ପ୍ରକାଶକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲା। ପୁଲିସ ଘଟଣାର ତଦନ୍ତ ଚଳାଇଛି।

# ସ୍କୁଲରେ ଅନୁପସ୍ଥିତ ଥିବାରୁ ପ୍ରଧାନ ଶିକ୍ଷକ ନିଲମ୍ବିତ

ରାଉରକେଲା, ୧୮।୭ (ସମିସ): ସ୍କୁଲରେ ଅନୁପସ୍ଥିତ ରହିଥିବାରୁ କୁଆଁରମୁଣ୍ଡା ବ୍ଲକର କର୍ଲାବୁଡ଼ ସରକାରୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ରାଉତଙ୍କୁ କୁଆଁରମୁଣ୍ଡା ବ୍ଲକ ଶିକ୍ଷାଧିକାରୀ ନମିତା ମହାପାତ୍ର ଚାକିରିରୁ ନିଲମ୍ବନ କରିଥିବା ସୂଚନା ମିଳିଛି। ସୂଚନାନୁଯାୟୀ, ସୁରେନ୍ଦ୍ର କୁମାର ରାଉତ କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ କର୍ଲାବୁଡ଼ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଥିଲା ବେଳେ ସେ ନିୟମିତ ସ୍କୁଲ ଯାଉନଥିବାନେଇ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ସ୍ଥାନୀୟ ଅଭିଭାବକ ଅଭିଯୋଗ କରିଥିଲେ। ବିଇଓ ଶ୍ରୀମତୀ ମହାପାତ୍ର ବିଦ୍ୟାଳୟ ପରିଦର୍ଶନରେ ଯାଇଥିବାବେଳେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ରାଉତଙ୍କୁ ନିଜ କାର୍ଯ୍ୟାଳୟ ଓ ଶ୍ରେଣୀ ଗୃହରେ ନଥିବା ଦେଖିବାକୁ ପାଇଥିଲେ। ଏହାପରେ ସେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ସୂଚନା ମିଳିଛି।

# ଆର୍ଥିକ ସାକ୍ଷରତା ଓ ସଚେତନତା ଶିବିର

ବଣାଇଁ, ୧୮।୭ (ସମିସ): ବଣାଇଁ ଉପଖଣ୍ଡର କେନାଭେଟା ପଞ୍ଚାୟତର ବଂଶୀଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆର୍ଥିକ ସାକ୍ଷରତା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ତଥା ଭାରପ୍ରାପ୍ତ ଉପଖଣ୍ଡସ୍ତରୀୟ ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଅଜୟ କୁମାର ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶୁକ୍ରମୁନି ଓରାମ, କେନାଭେଟା ସରପଞ୍ଚ ପ୍ରେମଯାନୀ କିଷାନ, କଲେଜର ଅଧ୍ୟକ୍ଷ ଅଶ୍ୱିନୀ ପଣ୍ଡା, କେନାଭେଟା ପୋଷ୍ଟ ମାଷ୍ଟର ପ୍ରମୁଖ ଯୋଗଦେଇ ସୁରକ୍ଷିତ ସଞ୍ଚୟ ଓ ସୁରକ୍ଷିତ ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ବଣାଇଁ ଉପଖଣ୍ଡର ସମସ୍ତ ନିର୍ବାଚିତ ପ୍ରତିନିଧି, ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। ଉପଜିଲ୍ଲାପାଳ କାର୍ଯ୍ୟାଳୟର କର୍ମଚାରୀ ସନ୍ତୋଷ ଦାଶ ଓ ରଞ୍ଜନ ପ୍ରଧାନ ସହଯୋଗ କରିଥିଲେ।

# ବଣାଇଁରେ ୬ ଦୋକାନରୁ ସିରିଜ୍ ଚୋରି

ବଣାଇଁ, ୧୮।୭ (ସମିସ): ବିଗତ କିଛିଦିନ ହେବ ବଣାଇଁ ସହରରେ ଚୋରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଗୁରୁବାର ବିଳମ୍ବିତ ରାତିରେ ବଣାଇଁ ଥାନା ଠାରୁ ମାତ୍ର ପାଞ୍ଚ ଶହ ମିଟର ଦୂର ଷ୍ଟେଟ୍‌ବ୍ୟାଙ୍କ ନିକଟରେ ଥିବା ଏକାଧିକ ଦୋକାନରୁ ତାଲା ଭାଙ୍ଗି ସିରିଜ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗୁରୁବାର ଓଡ଼ିଶା ବନ୍ଦ ଯୋଗୁଁ ଗତକାଲି ଅଧିକାଂଶ ଦୋକାନ ବନ୍ଦ ରହିଥିଲା। ଏହାର ସୁଯୋଗ ନେଇ ଚୋରମାନେ ରାତିରେ ତାଲା ଭାଙ୍ଗି ଚୋରି କରିଥିବା ବେଳେ ଦୋକାନୀମାନଙ୍କ ମହଲରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବ୍ୟାଙ୍କ ନିକଟରେ ଥିବା ସାହୁ ଟିଫିନ ଷ୍ଟଲ, ତାଜ ମୋବାଇଲ, ବଣାଇଁ ଇଣ୍ଟରନେଟ, କୁର୍ଡୀ ପାନ ଦୋକାନ ଓ ବ୍ଲକ ଛକରେ ଅଗସ୍ତି ନାୟକଙ୍କ ଭେରାଇଟି ଷ୍ଟୋର, ଅଲିଙ୍କ ଦୋକାନ ସମେତ ଛଅଟି ଦୋକାନରୁ ତାଲା ଭାଙ୍ଗି ଚୋରି ହୋଇଥିବା ଆଜି ବଣାଇଁ ଥାନାରେ ଦୋକାନୀମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ସିସି କେମେରା ଆଧାରରେ ତଦନ୍ତ କରୁଥିବା ବେଳେ ଖବର ଲେଖା ହେବା ବେଳକୁ କାହାରିକୁ ଗିରଫ କରାଯାଇ ନଥିବା ଜଣାପଡ଼ିଛି। କିଛି ମାସ ପୂର୍ବେ ଷ୍ଟେଟ୍‌ବ୍ୟାଙ୍କରୁ ଟଙ୍କା ଉଠାଇ ଗାଡି ଡିକିରେ ରଖି କପଡ଼ା ଦୋକାନକୁ କପଡ଼ା କିଣିବାକୁ ଯାଇଥିବାବେଳେ ଜଣେ ବ୍ୟକ୍ତି ଲୁଟ୍‌ର ଶିକାର ହୋଇଥିବା ନଜିର ରହିଛି। ବଣାଇଁ ପୁଲିସ ପକ୍ଷରୁ ରାତ୍ରକାଳିନ ପାଟ୍ରୋଲିଂକୁ ଅଧିକ କଡ଼ାକଡ଼ି କରିବା ସହ ତୁରନ୍ତ ଚୋରମାନଙ୍କୁ ଧରିବା ଦିଗରେ ପଦକ୍ଷେପ ନେବାକୁ ଦୋକାନୀମାନେ ଦାବି କରିଛନ୍ତି।

# ଗାନ୍ଧୀ ମହାବିଦ୍ୟାଳୟରେ ବନ ମହୋତ୍ସବ

ରାଉରକେଲା, ୧୮।୭ (ସମିସ): ଦେଓଗାଁ ସ୍ଥିତ ଗାନ୍ଧୀ ମହାବିଦ୍ୟାଳୟରେ ବନ ମହୋତ୍ସବ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ. ଚନ୍ଦ୍ରିକା ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାନପୋଷ ଉପଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ବିଜୟ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।




ମହାବିଦ୍ୟାଳୟର କାର୍ଯ୍ୟନିର୍ବାହୀ ଅଧକ୍ଷ ଡ. ଅଶୋକ କୁମାର ବେଉରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୱାଇଆଇଆରସି ଅଫିସର ଅଭିଜିତ ପଣ୍ଡା, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡ. ଅଜୟ କୁମାର ସାମନ୍ତରାୟ, ଏନ୍‌ସିସି ଅଫିସର ପ୍ରତାପ ମାହାଳିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପାନପୋଷ ବନ ବିଭାଗ ପକ୍ଷରୁ ପ୍ରଦତ୍ତ ବିଭିନ୍ନ ବୃକ୍ଷର ଚାରାରୋପଣରେ ମହାବିଦ୍ୟାଳୟର ଏନ୍‌ସିସି କ୍ୟାଡେଟ୍ ଓ ଏନ୍‌ଏସ୍‌ଏସ୍ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ।

# ନିରଞ୍ଜନଙ୍କ ଶ୍ରଦ୍ଧାଞ୍ଜଳି ସଭା



ରାଉରକେଲା, ୧୮।୭ (ସମିସ): ବରିଷ୍ଠ ଖବରକାଗଜ ବିତରକ ନିରଞ୍ଜନ ଦାସଙ୍କ ଏକାଦଶାହ ଅବସରରେ ଶୁକ୍ରବାର ପାନପୋଷ ରୋଡସ୍ଥିତ ତାରିଣୀ ମନ୍ଦିର କଲ୍ୟାଣ ମଣ୍ଡପ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ବିଶିଷ୍ଟ ଶିକ୍ଷାବିତ୍ ଡ. କିଶୋରୀ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଉରକେଲାର ବିଧାୟକ ସାରଦା ପ୍ରସାଦ ନାୟକ, ବରିଷ୍ଠ ବିଜେଡି ନେତା ବୈଲୋଚନ ସାମଲ, ବିରେନ୍ ସେନାପତି, ରାଜ୍ୟ ବିଜେପି ମୁଖପାତ୍ର ଧୀରେନ୍ ସେନାପତି, ଖବରକାଗଜ ବିକ୍ରେତା ସଂଘର ସାଧାରଣ ସମ୍ପାଦକ ବିମାନ ମାଇତି, ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଦାଶ, ମୃତ୍ୟୁଞ୍ଜୟ ମହାପାତ୍ର, ପ୍ରତାପ କିଶୋର ରାଉତ, ସଂଗ୍ରାମ କିଶୋର ଭୂୟାଁ, ଡା. ଅନିଲ କୁମାର ଜେନା, ଶିକ୍ଷାବିତ୍ ଇଂ. ଦେବାଶିଷ ମହାପାତ୍ର, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କ ଧର୍ମପତ୍ନୀ ଅଭିପ୍ସା ଦାଶ ପୂଜାରୀ, ବିଶିଷ୍ଟ ସମାଜସେବୀ ସମରକେତନ ଲେଙ୍କା ଓ ତାଙ୍କର ଧର୍ମପତ୍ନୀ ଇପ୍‌ସିତା ପୂଜାରୀ, ଆଡଭୋକେଟ୍ ନରେନ୍ଦ୍ର ବଳଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ଖବରକାଗଜ ବିକ୍ରେତା ସଂଘର କର୍ମକର୍ତ୍ତା ଓ ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ନିରଞ୍ଜନଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ୱର୍ଗତ ଦାସଙ୍କ ପୁତ୍ର ଜ୍ୟୋତି, ବୋହୂ ସୀମା, ଝିଅ ନମି ଓ ଶଶି, ଜ୍ୱାଇଁ ଲିଟୁ ଓ ସତ୍ୟଙ୍କ ସମେତ ଅନ୍ୟ ପରିବାରବର୍ଗ ଆୟୋଜନ କରିଥିଲେ। ଏହି ଅବସରରେ ସ୍ମୃତିମଧୁର ସଙ୍ଗୀତ ଦଳଙ୍କ ପକ୍ଷରୁ ହରିନାମ ସଂକୀର୍ତ୍ତନ ସହ ଭଜନ ପରିବେଷଣ କରାଯାଇଥିଲା।

# ଆର୍‌ଏସ୍‌ପି ବୈଦ୍ୟୁତିକ ସୁରକ୍ଷା ଉପରେ କର୍ମଶାଳା





ରାଉରକେଲା, ୧୮।୭ (ସମିସ)

ସେଲ, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ରେ ବିଦ୍ୟୁତ ସୁରକ୍ଷା ପ୍ରତି ସଚେତନତା ବୃଦ୍ଧି ନେଇ ସୁରକ୍ଷା ବିଭାଗ ଦ୍ୱାରା ଶୁକ୍ରବାର ଜ୍ଞାନାର୍ଜନ ଓ ବିକାଶ ବିଭାଗରେ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ। ବିଦ୍ୟୁତ ଓ ଆଇ ଆଣ୍ଡ.ଏ ବିଭାଗର ସିଜିଏମ ଆର.କେ. ମୁଦୁଲି ମଧ୍ୟ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ଆର୍‌ଏସ୍‌ପିର ବହୁ ସିଜିଏମ୍, ବିଭାଗୀୟ ମୁଖ୍ୟଙ୍କ ସମେତ ବିଦ୍ୟୁତ ଓ ସୁରକ୍ଷା ବିଭାଗର ବହୁ ବରିଷ୍ଠ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ଏକ ଶହରୁ ଊର୍ଦ୍ଧ୍ୱ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଶ୍ରୀ ପଲାଇ ନିଜର ଅଭିଭାଷଣରେ ଶିଳ୍ପ କାର୍ଯ୍ୟରେ ବୈଦ୍ୟୁତିକ ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମସ୍ତ କର୍ମଚାରୀଙ୍କୁ ସୁରକ୍ଷା ଅଭ୍ୟାସ ପ୍ରତି ଏକ ସକ୍ରିୟ ଏବଂ ପ୍ରତିରୋଧ ଆଭିମୁଖ୍ୟ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମର ପରିଶେଷରେ ସୁରକ୍ଷା ବିଭାଗର ଜିଏମ୍ ଅବକାଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ବିଭିନ୍ନ ବୈଷୟିକ ଅଧିବେଶନମାନ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ ଆର.କେ ମୁଦୁଲି, ଆରଏସ୍‌ପିରେ ବହୁ ପ୍ରମୁଖ ବୈଦ୍ୟୁତିକ ସୁରକ୍ଷା ପ୍ରସଙ୍ଗଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ପରେ ଏଚ୍‌ଏସ୍‌ଏମ୍-୨ ଇଲେକଟ୍ରିକାଲ ବିଭାଗର ଡିଜିଏମ୍ ରଶ୍ମି ରଞ୍ଜନ ମହାନ୍ତି, ବୈଦ୍ୟୁତିକ ସୁରକ୍ଷା ଅଭ୍ୟାସ ଏବଂ ଏହାର ନିୟମାବଳୀ ଉପରେ ଗୁରୁତ୍ୱାରୋପ କରିଥିଲେ। ଅବକାଶ ବେହେରାଙ୍କ ଦ୍ୱାରା ଆର୍‌ଏସ୍‌ପିରେ ଅତୀତରେ ଘଟି ଯାଇଥିବା କେତେକ ବୈଦ୍ୟୁତିକ ଦୁର୍ଘଟଣାରୁ ଶିକ୍ଷା ଲାଭ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ସହ ଅଧିବେଶନ ଶେଷ ହୋଇଥିଲା। ଏହାର ଉଦ୍‌ଘାଟନୀ ଅଧିବେଶନ ଏବଂ ଅନ୍ୟ ଅଧିବେଶନଗୁଡ଼ିକ ସୁରକ୍ଷା ବିଭାଗର ଏଜିଏମ ବି.କେ. ପାଢ଼ୀଙ୍କ ମାର୍ଗଦର୍ଶନରେ ସୁରକ୍ଷା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ପ୍ରଜ୍ଞା ନାଥ ସଂଯୋଜନା କରିଥିଲେ।







## ହାଇକୋର୍ଟରେ କଟକସହର ସମସ୍ୟା

# ବିପର୍ଯ୍ୟସ୍ତ ଟ୍ରାଫିକ୍, ପୁଲିସ ପାଟ୍ରୋଲିଂ ଅଭାବ

**କଟକ,୧୮ ।୭(ସମିସ):** କଟକ ସହର ସମସ୍ୟାକୁ ହାଇକୋର୍ଟଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ନିୟମିତ ଶୁଣାଣି କରିଆସୁଥିବା ବେଳେ ଆଜି ସହରର ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥା ସହ ପାଟ୍ରୋଲିଂ ଅଭାବ ନେଇ ଅଦାଲତ ଯୁକ୍ତ ହୋଇଛନ୍ତି। ଅନେକ ସମୟରେ ଟ୍ରାଫିକ ପୋଷ୍ଟଗୁଡିକ ନିକଟରେ କର୍ମଚାରୀ ରହୁନଥିବା ଏପରିକି ରହୁଥିଲେ ମଧ୍ୟ ମୋବାଇଲ ଫୋନରେ ଗପସପ କରୁଥିବା ନେଇ ଅଦାଲତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କନିକା ଛକ, ସିଡିଏ, ସତୀଚୌରା ଆଦି ସ୍ଥାନରେ ମନଇଚ୍ଛା ଟ୍ରାଫିକ ନିୟନ୍ତ୍ରଣ କରାଯାଉଥିବା ନେଇ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେହିଭଳି ଷ୍ଟ୍ରିଟଲାଇଟ ନଥିବା ଓ ପାଟ୍ରୋଲିଂ ଅଭାବରୁ ଗତ କିଛି ଦିନ ହେବ ରାହାଜାନି ଘଟଣା ବୃଦ୍ଧି ପାଇବା ପ୍ରସଂଗକୁ ଅଦାଲତ ଗୁରୁତ୍ୱର ସହ ଗ୍ରହଣ କରିଥିଲେ। ସହରରେ ୧୯୧ଟି ସ୍ଥାନରେ ସିସିଟିଭି ଲଗାଯିବା ସହ କେତେକ ସ୍ଥାନରେ ଇଲେକ୍ଟ୍ରୋନିକ ଟ୍ରାଫିକ ସିଗନାଲ ପାଇଁ ସିଡିଏ କର୍ତ୍ତୃପକ୍ଷଙ୍କୁ ଗତ ୨୦୨୫ ମେ ୧୪ରୁ ପତ୍ର ଲେଖାଯାଇଥିବା ନେଇ କଟକ ଡିସିପିଙ୍କ ପକ୍ଷରୁ ଅବଗତ କରାଯାଇଥିଲା। ପରବର୍ତ୍ତୀ ଶୁଣାଣି ସମୟରେ ମ୍ୟୁନିସିପାଲ ନିର୍ଦ୍ଦେଶକ ଭର୍ଚୁଆଲରେ ହାଜର ହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ।

### ଏସ୍‌ସିବିରେ ପୁଣି ଯକୃତ ପ୍ରତିରୋପଣ କେବେ ?

ଏସସିବିରେ ଗତ ୨୦୨୪ ନଭେମ୍ବର ପରଠାରୁ ଆଉ ଯକୃତ ପ୍ରତିରୋପଣ ହୋଇପାରି ନଥିବା ନେଇ ବିଭିନ୍ନ ଗଣମାଧମରେ ପ୍ରକାଶିତ ରିପୋର୍ଟକୁ ଅଦାଲତ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ନିର୍ଦ୍ଦିଷ୍ଟ ଭାବେ କେବେଠାରୁ ପ୍ରତିରୋପଣ ଆରମ୍ଭ ହେବ ବୋଲି ଜଣାଇବାକୁ ଏସସିବି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ପୂର୍ବରୁ ଯେଉଁ ସଂସ୍ଥା ସହ ରାଜିନାମା ସ୍ୱାକ୍ଷର ହୋଇଥିଲା ତାହାର ଅବଧି ଶେଷ ହୋଇଥିବା ବେଳେ ନୂଆ ସଂସ୍ଥା ସହ ଚୁକ୍ତି ପାଇଁ ନିଷ୍ପତ୍ତି କରାଯାଇଛି। ଇତିମଧ୍ୟରେ ୪ଜଣଙ୍କ ପ୍ରତିରୋପଣ ପାଇଁ ସ୍କ୍ରିନିଂ ହୋଇଥିବା ନେଇ ଅଦାଲତ ଅବଗତ ହୋଇଛନ୍ତି। ସେହିଭଳି ଏସସିବି ରକ୍ତ ନମୁନା ସଂଗ୍ରହ ପାଇଁ ରୋଗୀ ଆଟେଣ୍ଡାଣ୍ଟ ମାନେ ଖରା ବର୍ଷାରେ ଧାଡି ବାନ୍ଧୁଥିବାରୁ ସେମାନଙ୍କ ପାଇଁ ସେଡ ନିର୍ମାଣ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

### ସତୀଚୌରା ଏମ୍‌ସିସି ସ୍ଥାନାନ୍ତର ପ୍ରସଙ୍ଗରେ ରିପୋର୍ଟ ତଲବ

ସହରର ସତିଚୌରା ଡମ୍ପିଂ ୟାର୍ଡକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ରଘୁନାଥଜୀଉ ମନ୍ଦିର ନିକଟରେ ଥିବା ଏମସିସି (ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର)କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ବର୍ଷାଧିକ ସମୟ ପରେ ସତୀଚା÷ରା ଏମସିସିକୁ ସ୍ଥାନାନ୍ତର କରାଯାଇପାରି ନଥିବା ନେଇ ଅଦାଲତ ଅବଗତ ହୋଇଥିଲେ। ବାରଙ୍ଗରେ ଏକ ଜାଗା ଚିହ୍ନଟ ହୋଇଥିବା ସିଏମସି ପକ୍ଷରୁ କୁହାଯାଇଥିଲେ ମଧ୍ୟ ଏ ସମ୍ପର୍କରେ ସବିଶେଷ ସତ୍ୟପାଠ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଶୁଣାଣି ବେଳେ ସିଏମସିର ଅତିରିକ୍ତ କମିସନର ଓ ସିଟି ଇଞ୍ଜିନିୟର ଭର୍ଚୁଆଲରେ ଉପସ୍ଥିତ ଥିଲେ।

### ପାର୍କ ସୁବିଧା ଉପଲବ୍ଧ କରିବାକୁ ଗୁରୁତ୍ୱ

କଟକ ସହରରେ ରହିଥିବା ପାର୍କ ଗୁଡିକରେ ଆନୁଷଙ୍ଗିକ ସୁବିଧା ଉପଲବ୍ଧ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରି ଆସିଛନ୍ତି। ବିଭିନ୍ନ ପାର୍କରେ ହାଇମାଷ୍ଟ ଲାଇଟ ନଥିବା, ଶୌଚାଳୟ ଉପଯୁକ୍ତ ରକ୍ଷଣାବେକ୍ଷଣ ହେଉନଥିବା ଓ ଦିବ୍ୟାଙ୍ଗ ମାନଙ୍କ ପାଇଁ ରାମ୍ପ ବ୍ୟବସ୍ଥା କରାଯାଇପାରିନଥିବା ନେଇ ହାଇକୋର୍ଟ ଅବଗତ ହୋଇଥିଲେ। ପାର୍କ ଗୁଡିକରେ ଏହି ବ୍ୟବସ୍ଥା କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି।

### ଶିଶୁଭବନ ପାଇଁ ଉଚ୍ଚ ପ୍ରାଚୀର କର

ଶିଶୁଭବନରେ ସୁରକ୍ଷା ପ୍ରାଚୀର ନଥିବା ହେତୁ ଅସାମାଜିକଙ୍କ ଆଡ୍ଡା ଓ ଜବରଦଖଲ ଦେଖିବାକୁ ମିଳୁଛି । ଏପରିକି ଗତ ଜୁନ ୯ରୁ ଏ ସଂକ୍ରାନ୍ତରେ ଅଧୀକ୍ଷକଙ୍କ ପକ୍ଷରୁ ପୂର୍ତ୍ତ ବିଭାଗକୁ ଚିଠି ଦିଆଯାଇଥିଲେ ସୁଦ୍ଧା କିଛି ପଦକ୍ଷେପ ନିଆଯାଇ ନ ଥିବା ଜଣାପଡିଥିଲା। ତେବେ ଶିଶୁଭବନରେ ଉଚ୍ଚ ପ୍ରାଚୀର କରିବା ପାଇଁ ପୂର୍ତ୍ତ ବିଭାଗ ପଦକ୍ଷେପ ନେବାକୁ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଅନ୍ୟପଟରେ ଶିଶୁଭବନର ନବନିର୍ମିତ କୋଠାର ପାରାପିଟ ଭୁଷୁଡିବା ଘଟଣାରେ ବ୍ରିଜ ଆଣ୍ଡ ରୁଫ କର୍ପୋରେସନ ଅଫ ଇଣ୍ଡିଆକୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିବା ନେଇ ଅଦାଲତଙ୍କୁ ଅବଗତ କରାଯାଇଥିଲା।

---

## ଆଠଗଡ଼ ନିର୍ବାଚନମଣ୍ଡଳୀରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା

# ଡିଜିପିଙ୍କୁ ଫେରାଦ ହେଲେ ପଞ୍ଚାୟତ ପ୍ରତିନିଧି

**କଟକ,୧୮ ।୭(ସମିସ):** ଆଠଗଡ ନିର୍ବାଚନମଣ୍ଡଳୀରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିବା ସହ ଜନ ପ୍ରତିନିଧିଙ୍କ ବିରୋଧରେ ହିଂସା, ଆକ୍ରମଣ, ଭୟ ଦେଖାଇ ସେମାନଙ୍କୁ ଗଣତାନ୍ତ୍ରିକ ଓ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରାଯିବା ପ୍ରତିବାଦରେ ଆଜି ଡିଜିପିଙ୍କୁ ଫେରାଦ ହୋଇଛନ୍ତି ଆଠଗଡ ନିର୍ବାଚନ ମଣ୍ଡଳୀର ପଞ୍ଚାୟତ ପ୍ରତିନିଧି। ଆଠଗଡ, ତିଗିରିଆ ଓ ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତର ଜିଲ୍ଲା ପରିଷଦ ସଭ୍ୟ ଓ ବିଭିନ୍ନ ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କ ପକ୍ଷରୁ ଡିଜିପିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗତ ଏକ ବର୍ଷ ଧରି ଏକ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଏହି ଅସାମାଜିକ ଗୋଷ୍ଠୀଙ୍କ ଦ୍ୱାରା ସଂଗଠିତ ହିଂସା, ଭୟ ଏବଂ ଆତଙ୍କ ଫଳରେ ଆଠଗଡ ନିର୍ବାଚନ ମଣ୍ଡଳୀ ବର୍ତ୍ତମାନ ଅଶାନ୍ତ ହୋଇପଡିଛି। ବିଶେଷ ଭାବେ ସରକାର ପରିବର୍ତ୍ତନ ପରେ ଏହି ପ୍ରକାର ହିଂସାକାଣ୍ଡ ଅହେତୁକ ଭାବେ ବୃଦ୍ଧି ପାଉଛି। ଏପରିକି ଖୁଣ୍ଟୁଣୀ ଥାନା ସମ୍ମୁଖରେ ହିନ୍ଦୁ ମଜଦୁର ସଭାର ଶ୍ରମିକ ଧାରଣାକୁ ଭଣ୍ଡୁର ପାଇଁ ଏହି ଗୋଷ୍ଠୀ ଦ୍ୱାରା ଆକ୍ରମଣ କରାଯାଇଥିଲା। ଶ୍ରମିକଙ୍କ ପକ୍ଷରୁ ଥାନାରେ ଦିଆଯାଇଥିବା ଅଭିଯୋଗ ଉପରେ କୌଣସି ପ୍ରକାର ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ସେହିଭଳି ନିକଟ ଅତୀତରେ ଆଠଗଡ ଓ ତିଗିରିଆ ପଞ୍ଚାୟତ ସମିତି ବୈଠକ ଚାଲିଥିବା ବେଳେ ବିଧାୟକଙ୍କୁ ଏହି ତଥାକଥିତ ଗୋଷ୍ଠୀ ଆକ୍ରମଣ କରିଥିଲେ। ଏ ସମ୍ବନ୍ଧରେ ଥାନାରେ ଏତଲା ସତ୍ତ୍ୱେ ପୁଲିସ ପକ୍ଷରୁ ଏହା ଉପରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏହି ସମସ୍ତ ଘଟଣା ପଛରେ ଥିବା ଜନୈକ ପରାଜିତ ବିଧାୟକ ପ୍ରାର୍ଥୀଙ୍କ ବିରୋଧରେ ବିଭିନ୍ନ ଥାନାରେ ୨୫ଟି ଫୌଜଦାରୀ ମାମଲା ରହିଥିଲେ ସୁଦ୍ଧା ପୁଲିସ ପକ୍ଷରୁ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଦାବିପତ୍ର ପ୍ରଦାନ ବେଳେ ବିନୋଦ ମାଝୀ, କୈଳାସ ଚନ୍ଦ୍ର ଦାସ, ବିଷ୍ଣୁ ପ୍ରସାଦ ନାଏକ, ଗଗନ ବିହାରୀ ପରିଡା, ଅଜୟ ପରିଡା, ମିନତୀ ଗାଗରାଇ ପ୍ରମୁଖ ଉପସ୍ଥିତ ଥିଲେ।

---

# ଷ୍ଟିୱାର୍ଟ ସାଇନ୍ସ କଲେଜରେ ପୋଷ୍ଟାଲ ଇଏଲ୍‌ପି କାର୍ଯ୍ୟକ୍ରମ




**କଟକ,୧୮।୭(ସମିସ):** କଟକ ସ୍ଥିତ ଷ୍ଟିୱାର୍ଟ ସାଇନ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ୟୁନିଟ୍ ତରଫରୁ ଗତ ଜୁଲାଇ ୧ ଜୁଲାଇ ୧୫ ତାରିଖ ପର୍ଯ୍ୟନ୍ତ ଏକ ମାଇଁ ଭାରତ ପୋଷ୍ଟାଲ ଇଏଲ୍‌ପି କାର୍ଯ୍ୟକ୍ରମ-୨୦୨୫ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ବିଦ୍ୟାଳୟର ଅଧ୍ୟକ୍ଷା ଡ. ଦୀପା ନାଗ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସଂପାଦକ ସମରେନ୍ଦ୍ର ପ୍ରମାଣିକ ଓ ରାସାୟନ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଡ. ଅବନୀ କୁମାର ସାହୁ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ସହ ପୋଷ୍ଟାଲ ସେବାର ପ୍ରଚାର ଓ ପ୍ରସାର ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ଅନୁଭବମୂଳକ ପରୀକ୍ଷଣାତ୍ମକ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାଛଡ଼ା ବିଭିନ୍ନ ପ୍ରକାରର ପ୍ରଶ୍ନୋତ୍ତର ପ୍ରତିଯୋଗିତା, ରିଲ୍ ମେକିଙ୍ଗ, ଗଳ୍ପ ଲିଖନ ଓ ବିତର୍କ ପ୍ରତିଯୋଗିତା ମାଧ୍ୟମରେ ମଧ୍ୟ ସ୍ୱେଚ୍ଛାସେବୀଗଣ ମଧ୍ୟରେ ପ୍ରୋତ୍ସାହନ ସୃଷ୍ଟି କରାଯାଇଥିଲା। ଜୁଲାଇ ୧୪ରେ ସ୍ୱେଚ୍ଛାସେବୀମାନେ କଟକର ବକ୍ସି ବଜାରସ୍ଥିତ ମୁଖ୍ୟ ଡାକଘରର ବରିଷ୍ଠ ପୋଷ୍ଟମାଷ୍ଟର ଅସିତ ନାୟକଙ୍କ ଅନୁମତି କ୍ରମେ ଡାକଘର ପରିଭ୍ରମଣ କରି ବିଭିନ୍ନ ଶାଖା ବିଷୟରେ ଅବଗତ ହୋଇଥିଲେ। ଡ. ବିଶ୍ୱମୋହନ ଜେନା, ଜାତୀୟସେବା ଯୋଜନା ସଂଯୋଜକ, ଉଚ୍ଚଶିକ୍ଷା ପରିଷଦ ପ୍ରମୁଖ ଯୋଗଦାନ କରିବା ସହ ପୋଷ୍ଟାଲ ଅବସରପ୍ରାପ୍ତ ଜନସଂପର୍କ ଅଧିକାରୀ ସତ୍ୟ ସତ୍ୟରଞ୍ଜନ ଦାସ ମୁଖ୍ୟଅତିଥି ଭାବରେ ଯୋଗଦେଇ ଡାକବିଭାଗର ଗରିମା ପ୍ରତିପାଦନ କରିଥିଲେ। ଡାକବିଭାଗର ଏପିଏମ ଶଙ୍କର ବେହେରା, ଜୀବନ ବଲ୍ଲଭ ସାମଲ ଏବଂ ଡେପୁଟି ପୋଷ୍ଟମାଷ୍ଟର ଅନିଲ ସାହୁ ସହଯୋଗ କରିଥିଲେ। ବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ସୁମିତା ଦାସ ଓ ଉପଦେଷ୍ଟା ସମୂହ ଗୌତମ ମଲ୍ଲିକ, ଡ. ରାଗ୍ୟଶ୍ରୀ ସ୍ୱାଇଁ ଓ ଜ୍ଞାନରଞ୍ଜନ କର ଉପସ୍ଥିତ ରହି ଶିବିରଟିକୁ ସୂଚାରୁ ରୂପେ ସଂପାଦନ କରିଥିଲେ।

---

## ୬୦ ଲକ୍ଷ ଟଙ୍କାର ବିଦେଶୀ ମଦ ଜବତ: ୪ ଗିରଫ

# ପିକ୍‌ଅପ୍ ଭ୍ୟାନ ସହ ୭୦୦ ପେଟି ମଦ ଠାବ

**କଟକ,୧୮ ।୭(ସମିସ):** ଅବକାରୀ ଗୁଇନ୍ଦା ବିଭାଗ ଉପକୂଳ ଓଡିଶାରେ ନକଲି ବିଦେଶୀ ମଦ କାରବାର କରିଆସୁଥିବା ଚୋରା ମଦ ଚାଲାଣ ର୍‌ୟାକେଟକୁ ଠାବ କରିଛି। ଏହି କାରବାରରେ ସଂପୃକ୍ତ ୪ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ଆଠଗଡ ଜେନାପଦା ଗାଁର ବିରଞ୍ଚି ରଣା(୩୭), ମୟୂରଭଞ୍ଜ ରାସଗୋବିନ୍ଦପୁର ଥାନା ଭୁରୁଡୁବଣି ଗାଁର ପୂର୍ଣ୍ଣଚନ୍ଦ୍ର ମାରାଣ୍ଡି, ଅର୍ଜୁନ ଚନ୍ଦ୍ର ଟୁଡୁ ଓ ଧନୁ ହାଁସଦା। ଏମାନଙ୍କ ପାଖରୁ ଗୋଟିଏ ପିକ୍‌ଅପ ଭ୍ୟାନ ସହିତ ୭୦୦ ପେଟି ନକଲି ବିଦେଶୀ ମଦ ଜବତ ହୋଇଛି। ଆଜି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ସୂଚନା ମିଳିଛି।

ଅବକାରୀ ବିଭାଗ ସୂଚନା ଅନୁସାରେ, କଟକ ଜିଲ୍ଲାରେ ଧରପଗଡ ସମୟରେ ଏକ ସ୍ଥାନରୁ ନକଲି ବିଦେଶୀ ମଦ ଜବତ ହୋଇଥିଲା। ଏହି ମଦ କାରବାରର ଚେର ସମ୍ପର୍କରେ ଜାଣିବା ପାଇଁ ଅବକାରୀ ଗୁଇନ୍ଦା ବିଭାଗ ତଦନ୍ତ ଜାରି ରଖିଥିଲା। ଗତ ବୁଧବାର ଜଣେ ଯୋଗାଣକାରୀର ତଥ୍ୟ ଅବକାରୀ ସ୍କ୍ୱାଡ୍‌ର ହସ୍ତଗତ ହୋଇଥିଲା। ଅବକାରୀ ଅଧିକାରୀ ବିକାଶ ନାୟକ ଗ୍ରାହକ ସାଜି ତାକୁ ଯୋଗାଯୋଗ କରି ବିପୁଳ ପରିମାଣର ନକଲି ମଦ ଆବଶ୍ୟକ ବୋଲି କହିଥିଲେ। ମୂଲଚାଲ ପରେ ଭୁବନେଶ୍ୱରରେ ମାଲ ଦେଣନେଣ ପାଇଁ ସମୟ ଓ ବାର ଧାର୍ଯ୍ୟ ହୋଇଥିଲା। ତଦନୁଯାୟୀ, ଗତକାଲି ଅଭିଯୁକ୍ତ ବିରଞ୍ଚି ଓ ପୂର୍ଣ୍ଣଚନ୍ଦ୍ର ମଦ ଭର୍ତ୍ତି ଏକ ପିକଅପ(ଓଡି-୦୯-ଏକ୍ସ-୯୬୪୩) ଗାଡି ଧରି ତମାଣ୍ଡୋ ଅଞ୍ଚଳରେ ପହଞ୍ଚିଥିଲେ। ଏତିକିବେଳେ ସେଠାରେ ପୂର୍ବରୁ ଛକି ରହିଥିବା ଅବକାରୀ ଟିମ୍ ସେମାନଙ୍କୁ କାବୁ କରିଥିଲା। ତଲାସି ବେଳେ ଗାଡି ଡାଲାରୁ ୧୮ ପେଟି ନକଲି ମଦ ଜବତ



ହୋଇଥିଲା। ବିଭିନ୍ନ କମ୍ପାନୀର ୧୮୦ ଏମ୍‌ଏଲ୍ ବୋତଲର ମଦ ରହିଥିଲା। ଅଭିଯୁକ୍ତ ଦ୍ୱୟଙ୍କୁ ଧରିଆଣି ଜେରା କରିବାରୁ ଚୋରା ନକଲି ମଦର ଗୋଦାମ ଆଠଗଡରେ ଥିବା ଜଣାପଡିଥିଲା। ଅବକାରୀ ଟିମ ଆଠଗଡ ମୈତ୍ରିନଗର ଅଞ୍ଚଳର ଏକ ବନ୍ଦ କୋଠା ଘରେ ଅବକାରୀ ସ୍କ୍ୱାର୍ଡ ଅତର୍କିତ ଚଢଉ କରିଥିଲା। ସେଠାରୁ ଆଉ ୩୦୦ ପେଟି ନକଲି ବିଦେଶୀ ମଦ ଜବତ ହୋଇଥିଲା। ତେବେ ଚଢଉ ସମୟରେ ଘରେ କେହି ନଥିଲେ। କିନ୍ତୁ ସୂଚନା ମିଳିଥିଲା ଯେ, ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଅଞ୍ଚଳରୁ ଏହି ମଦ ଆସିଛି। ପରେ ଅବକାରୀ ଟିମ୍ ହିନ୍ଦୋଳ ଥାନା ଅନ୍ତର୍ଗତ ବାଉଁଶ ପୋଖରୀ ଗ୍ରାମରେ ଚଢଉ କରିଥିଲା। ସେଠାକାର ସ୍ଥିତି ଦେଖି ଚଢଉକାରୀ ଦଳ ତାଜୁବ ହୋଇଥିଲା। ଘର ଭିତରେ ନକଲି ବିଦେଶୀ ମଦର ଫ୍ୟାକ୍ଟ୍ରି ଚାଲିଥିଲା। ଗୋଟିଏ ଛାତ ତଳେ ବିଭିନ୍ନ ନାମୀ କମ୍ପାନୀର ନକଲି ମଦ ପ୍ରସ୍ତୁତ ହେଉଥିଲା। ସେଠାରୁ ଆଉ ୪୦୦ ପେଟି ନକଲି ମଦ ଜବତ ସହିତ ଉପସ୍ଥିତ ଅଭିଯୁକ୍ତ ଅର୍ଜୁନ ଚନ୍ଦ୍ର ଟୁଡୁ ଓ ଧନୁ ହାଁସଦାକୁ ଗିରଫ କରାଯାଇଥିଲା। ଉକ୍ତ ଫ୍ୟାକ୍ଟ୍ରିରୁ ଓଲ୍ଡମଙ୍କ୍ ରମ ୧୮୦ ଏମଏଲର ୪୭୬ ପେଟି(ପ୍ରତ୍ୟେକ ପେଟିରେ ୨୨୮୪୮ ବୋତଲ), ମ୍ୟାକ୍‌ଡଲ ନଂ୧ ୱାନ୍-ହ୍ୱିସ୍କି ୧୮୦ ଏମଏଲର ୧୪୨ ପେଟି(୬୮୧୬ ବୋତଲ), ଆଇକୋନିକ ହ୍ୱିସ୍କି ୧୮୦ ଏମଏଲର ୧୦୦ ପେଟି(୪୮୦୦ ବୋତଲ) ଜବତ ହୋଇଛି। ଏହାବାଦ ମଦ ପ୍ୟାକିଂ ପାଇଁ ପ୍ଲାଷ୍ଟିକ ବୋତଲ କ୍ୟାପ୍ ୩୮ ହଜାର ୭୪୨ଟି, ଟିଣ କ୍ୟାପ୍ ୩୪୦୦ଟି, ୪୦ ହଜାର ୪୪୨ଟି ବିଭିନ୍ନ କମ୍ପାନୀର ନକଲି ଷ୍ଟିକର, ୨୯ ହଜାର ୧୮୫ଟି ନକଲି ଲେବଲ, ୨ହଜାର ପିସ ଖାଲି କାର୍ଟୁନ ଜବତ ହୋଇଛି। ଜବତ ନିଶାଦ୍ରବ୍ୟର ଆନୁମାନିକ ମୂଲ୍ୟ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଏହି ଚଢ଼ଉର ଇନ୍ସପେକ୍ଟର ଧୀରେନ କୁମାର ବେହେରା, ଅବନି କୁମାର ମହାପାତ୍ର, ଏସଆଇ ଦିବ୍ୟଜ୍ୟୋତି ସତ୍ୟପ୍ରକାଶ, ବିଭୁତି ପ୍ରଧାନ, ଏଏସଆଇ କିଶୋର ଚନ୍ଦ୍ର ରାଉତ, ଅବିର ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।

---

# ଡ୍ରିମ୍‌ସ ସ୍କୁଲ ଅଫ ନର୍ସିଂରେ ନୂତନ ଅଧ୍ୟକ୍ଷା



**କଟକ,୧୮।୭(ସମିସ):** ନର୍ସିଂ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ବିଶେଷ ପାରଦର୍ଶିତା ହାସଲ ସହ ଦେଶର ବିଭିନ୍ନ ନର୍ସିଂ ଶିକ୍ଷାନୁଷ୍ଠାନରେ ଅଧ୍ୟକ୍ଷା ଭାବରେ କାର୍ଯ୍ୟ କରିଥିବା ଡ. ପ୍ରଥିମା ପ୍ରକାସମ୍ ‘ଡ୍ରିମ୍‌ସ ସ୍କୁଲ ଅଫ ନର୍ସିଂ’ର ନୂତନ ଅଧ୍ୟକ୍ଷା ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଭେଲୋର ନର୍ସିଂ କଲେଜରୁ ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗରେ ସ୍ନାତକୋତ୍ତର ଡିଗ୍ରୀ ସହ ଏହି ବିଷୟରେ ସେ ପିଏଚ୍‌ଡି ମଧ୍ୟ ହାସଲ କରିଛନ୍ତି। ଉଭୟ ଶିକ୍ଷାଦାନ ଓ ପ୍ରଶାସନିକ କ୍ଷେତ୍ରରେ ଦୀର୍ଘ ୨୨ ବର୍ଷର ଅଭିଜ୍ଞତା ଥିବା ଡ. ପ୍ରଥିମାଙ୍କର ଅନେକ ଗବେଷଣାଧର୍ମୀ ନିବନ୍ଧ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତିକ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ଉଚ୍ଚପ୍ରଶଂସିତ ହୋଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ ପ୍ରମୁଖ ଡ. ପ୍ରଥିମାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ମାର୍ଗଦର୍ଶନରେ ଡ୍ରିମ୍‌ସ ସ୍କୁଲ ଅଫ ନର୍ସିଂ ଗୁଣାତ୍ମକ ଶିକ୍ଷାଦାନ ଓ ଗବେଷଣା କ୍ଷେତ୍ରରେ ଅଧିକ ଉତ୍କର୍ଷ ହାସଲ କରିବ ବୋଲି ଆଶା ପ୍ରକାଶ କରିଛନ୍ତି।

---

# ଘରୋଇ ହିଂସା ନିୟନ୍ତ୍ରଣ ସଂକ୍ରାନ୍ତ ସଚେତନତା



**କଟକ,୧୮।୭(ସମିସ):** ଘରୋଇ ହିଂସାକାଣ୍ଡ ନିୟନ୍ତଣ ସଂକ୍ରାନ୍ତରେ ଏକ ଜନସଚେତନତା କାର୍ଯ୍ୟକ୍ରମ ଆଜି ପୂର୍ବାହ୍ନରେ ବିଡାନାସୀ ସ୍ଥିତ ମମତା ସର୍ଟ ଷ୍ଟେ ହୋମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ପାରିବାରିକ ଜୀବନରେ ସୁଖଶାନ୍ତି ଅକ୍ଷୁର୍ଣ୍ଣ ରଖିବା ପାଇଁ ଆପୋଷ ଆଲୋଚନା ମାଧ୍ୟମରେ ସବୁ ବିବାଦର ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ସଂପ୍ରତି ପରିବାର ଗୁଡିକରେ ଛୋଟ ଛୋଟ ଘଟଣା ଗୁଡିକୁ ନେଇ ହିଂସାତ୍ମକ କାର୍ଯ୍ୟ ବୃଦ୍ଧି ପାଉଥିବାରୁ ସେମାନେ ଘୋର ଉଦବେଗ ପ୍ରକାଶ କରିଥିଲେ। ବିଶିଷ୍ଟ ଆଇନଜୀବୀ ପ୍ରଦୀପ କୁମାର ପଟ୍ଟନାୟକ ପାରିବାରିକ ହିଂସାକାଣ୍ଡ ନିୟନ୍ତ୍ରଣ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନ ଉପରେ ଆଲୋକପାତ କରିଥିଲେ। ଏଥିରେ ବରିଷ୍ଠ ସାମ୍ବାଦିକ ଡ଼ଃ ସତ୍ୟ ରାୟ କହିଲ ଯେ, ମହିଳାମାନଙ୍କ ଉପରେ ହେଉଥିବା ଶାରୀରିକ ଓ ମାନସିକ ନିର୍ଯାତନାକୁ ରୋକିବା ପାଇଁ ଦୃଢ ବିରୋଧ କରିବା ଆବଶ୍ୟକ। ଜିଲ୍ଲା ସମାଜ କଲ୍ୟାଣ ବିଭାଗର ପ୍ରତିନିଧି ପିଙ୍କି ନାୟକ, ମନମୋହନ ଦାସ, ଅନୁଷ୍ଠାନର ତତ୍ତ୍ୱାବଧାରିକା ଚଇତାଳି ସ୍ୱାଇଁ ଓ ବିଜୟା ମଣ୍ଡଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

---

## କମିଶନରେଟ୍ ପୁଲିସର ନୂଆ ଯୋଜନା

# ପୁଲିସ କରିବ ‘ଇ-ବିଟ୍ ପାଟ୍ରୋଲିଂ ସିଷ୍ଟମ୍’

- କଟକ ୟୁପିଡିରେ କାର୍ଯ୍ୟକାରୀ କରିବାକୁ ହେଲା ମାଷ୍ଟରପ୍ଲାନ୍
- ସ୍ୱୟଂଚାଳିତ ସତର୍କତା ସହ କରାଯିବ ସମ୍ବେଦନଶୀଳ ଅପରାଧସ୍ଥଳ ଚିହ୍ନଟ
- ଅନଲାଇନ୍ ମ୍ୟାପ୍ ସାଙ୍ଗକୁ ଟ୍ରାକିଂ ବ୍ୟବସ୍ଥା ଭିତରେ ରହିବେ ବିଟ୍-ଅଧିକାରୀ

**କଟକ,୧୮ ।୭(ସମିସ):** ପରିବର୍ଦ୍ଧିତ ଜନସଂଖ୍ୟା ଓ ଅପରାଧକୁ ଦୃଷ୍ଟିରେ ରଖି କଟକ ୟୁପିଡିରେ କାର୍ଯ୍ୟକାରୀ ହେବାକୁ ଯାଉଛି ‘ଇ-ବିଟ୍ ପାଟ୍ରୋଲିଂ ସିଷ୍ଟମ୍’। କମିଶନରେଟ୍ ପୁଲିସ ଅଧିନରେ ରହିଥିବା ସମସ୍ତ ଥାନା ଅଞ୍ଚଳରେ ଅପରାଧିକସ୍ଥଳୀ ଚିହ୍ନଟ ହେବା ସହିତ ଏହି ସ୍ୱତନ୍ତ୍ର ଇ-ପାଟ୍ରୋଲିଂ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ଏନେଇ ବିଭାଗୀୟ ନିଷ୍ପତ୍ତି ହୋଇଥିବା ବେଳେ ଖୁବଶୀଘ୍ର କଟକ ୟୁପିଡିକୁ ଅନୁମୋଦନ ମିଳିବ ବୋଲି ଜଣାପଡ଼ିଛି। ସହରର ପ୍ରମୁଖ ସମ୍ବେଦନଶୀଳ ସ୍ଥାନ ଚିହ୍ନଟ କରାଯିବା ସହିତ ବିଟ୍-ହାଉସ ଗୁଡ଼ିକ ନିର୍ମାଣ କରାଯିବ। ଏଥି ସହିତ ପାଟ୍ରୋଲିଂକୁ କଡାକଡି କରାଯିବ। ସହରାଞ୍ଚଳ ପୁଲିସକୁ ଆଧୁନିକୀକରଣ କରିବା, ଜନସାଧାରଣଙ୍କ ସୁରକ୍ଷା ବୃଦ୍ଧି କରିବା ଓ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅପରାଧୀଙ୍କୁ କାବୁ କରିବାକୁ ଏପରି ପଦକ୍ଷେପ ନିଆଯାଉଛି। ଏହି ସିଷ୍ଟମରେ ୧୦୦ରୁ ଅଧିକ ସ୍ୱତନ୍ତ୍ର ପୁଲିସଙ୍କୁ ନିୟୋଜିତ କରାଯିବ। କଟକ ସହରରେ ଥିବା ବିଭିନ୍ନ ଏଟିଏମ୍, ଧାର୍ମିକ ସ୍ଥଳ, ପାର୍କ, ବଜାର, ବରିଷ୍ଠ ନାଗରିକଙ୍କ ଘର ସମେତ ସମ୍ବେଦନଶୀଳ ସ୍ଥାନକୁ ଚିହ୍ନଟ କରାଯାଇ ସେଠାରେ ଏହି ବ୍ୟବସ୍ଥା ଲାଗୁ ହେବ ବୋଲି ସୂଚନା ମିଳିଛି।

କମିଶନରେଟ୍ ପୁଲିସ ପକ୍ଷରୁ ୪୦ରୁ ଅଧିକ ବିଟ୍-ହାଉସ କରାଯାଇ ୧୦୦ଜଣ ପୁଲିସଙ୍କୁ ଦାୟିତ୍ୱ ଦିଆଯିବ ବୋଲି ପ୍ରାଥମିକ ପର୍ଯ୍ୟାୟରେ ଆଲୋଚନା କରାଯାଇଛି। କୁଖ୍ୟାତ ଅପରାଧୀଙ୍କ ଗତିବିଧି ଅନୁଧ୍ୟାନ କରିବା ଏବଂ ସ୍ଥାନୀୟ ବାସିନ୍ଦାଙ୍କ ସହିତ ଯୋଗାଯୋଗ କରି ଅପରାଧୀଙ୍କ ସମ୍ପର୍କରେ ସୂଚନା ସଂଗ୍ରହ କରିବା ବିଟ୍ ଅଧିକାରୀଙ୍କ ପ୍ରମୁଖ କାର୍ଯ୍ୟ ରହିବ। ପ୍ରତ୍ୟେକ ବିଟ୍ ସ୍ଥାନର ଜିଓ ମ୍ୟାପିଂ କରାଯିବ। ବିଟ୍ ଅଧିକାରୀ ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ‘ମୋବାଇଲ ଆପ୍’ ପ୍ରଦାନ କରାଯିବ। ଏଥିରେ ସହରର ବିଭିନ୍ନ ସ୍ଥାନର ଲୋକେସନ୍ ଟ୍ରାକିଙ୍ଗର ବ୍ୟବସ୍ଥା ହେବ। ପାଟ୍ରୋଲିଂ ସମୟରେ ଯଦି ସମ୍ପୃକ୍ତ ଅଧିକାରୀ ଅସମ୍ପୂର୍ଣ୍ଣ ରାଉଣ୍ଡ ବା ପାଟ୍ରୋଲିଂ କରନ୍ତି ତେବେ ଏଥିପାଇଁ ସ୍ୱୟଂ ଚାଳିତ ସତର୍କତା ବ୍ୟବସ୍ଥା କରାଯିବ। ଆଗାମୀ ଦିନରେ ପ୍ରତ୍ୟେକ ଥାନା ଅଧିନରେ ଏହି ସିଷ୍ଟମ କାର୍ଯ୍ୟକାରୀ ହେବ। ଏହି ଅତ୍ୟାଧୁନିକ ପାଟ୍ରୋଲିଂ ବ୍ୟବସ୍ଥା କରାଗଲେ ଅପରାଧିମାନେ ଅପରାଧ ଘଟାଇ ସହର ଛାଡି ଫେରାର୍ ହୋଇ ପାରିବେ ନାହିଁ ବୋଲି ପୁଲିସ ପକ୍ଷରୁ କୁହାଯାଉଛି। ଅନ୍ୟପଟେ କଟକ କମିଶନରେଟ୍ ପୁଲିସ ବ୍ୟବସ୍ଥାରେ ଏବେ ସମୁଦାୟ ୨୪ଟି ପିସିଆର୍ ଭ୍ୟାନ୍‌କୁ ଡ୍ୟୁଟିରେ ନିୟୋଜିତ କରାଯାଇଛି। ସେଗୁଡ଼ିକ ନିୟମିତ ବ୍ୟବଧାନରେ ସଜଡା ଯାଉନଥିବାରୁ ଅନେକ ସମୟରେ ଗାଡି ଖରାପ ହେବା ସହିତ ଥାନା ସମ୍ମୁଖରେ ପଡ଼ି ରହୁଛି। ଏଭଳି ସ୍ଥିତିରେ କର୍ତ୍ତବ୍ୟରତ ପୁଲିସ କର୍ମଚାରୀ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚି ପାରୁ ନାହାନ୍ତି। ଦିନକୁ ଦିନ କଟକର ପରିସୀମା ପରିବ୍ୟପ୍ତ ହେବା ସହିତ ଜନସଂଖ୍ୟା ମଧ୍ୟ ବୃଦ୍ଧି ଘଟୁଛି। ଏହାକୁ ଦୃଷ୍ଟି ଦେଲେ, ସେହି ତୁଳନାରେ ସହରରେ ପାଟ୍ରୋଲିଂ ପାଇଁ ଥିବା ପିସିଆର୍ ଭ୍ୟାନ୍‌ର ଅଭାବ ପରିଲକ୍ଷିତ ହେଉଛି। ସହରରେ ସର୍ବନିମ୍ନ ୬୦ଟି ପିସିଆର୍ ଭ୍ୟାନ୍ ଆବଶ୍ୟକତା ରହିଥିବା ବେଳେ ମାତ୍ର ୨୪ଟିରେ କାମ ଚଳାଯାଉଛି। ଯେଉଁ କାରଣରୁ ଉଭୟ ଡେ’ ଓ ନାଇଟ୍ ପାଟ୍ରୋଲିଂ ଠିକ୍ ଭାବେ ହୋଇ ପାରୁନାହିଁ। ଇ-ବିଟ୍ ପାଟ୍ରୋଲିଂ ସିଷ୍ଟମ୍ କାର୍ଯ୍ୟକ୍ଷମ କରାଗଲେ, କଣ୍ଟ୍ରୋଲ୍ ରୁମ୍ ଦାୟିତ୍ୱରେ ଜଣେ ଆଇପିଏସ୍ ର୍‌ୟାଙ୍କ୍‌ର ଅଧିକାରୀ ରହିବେ। ତାଙ୍କ ଅଧିନରେ ୩ଜଣ ଇନ୍ସପେକ୍ଟର, ୧୫ଜଣ ଏସ୍‌ଆଇ ଓ ଏଏସଆଇ କାର୍ଯ୍ୟ କରିବେ। କଣ୍ଟ୍ରୋଲ୍ ରୁମ୍ ଏବଂ ପିସିଆର୍ ଭ୍ୟାନ୍ ମଧ୍ୟରେ ଠିକ୍ ଯୋଗସୂତ୍ର ରଖାଯାଇ ପାଟ୍ରୋଲିଂକୁ କଡାକଡି କରାଯିବ। ସହରକୁ ଶୂନ୍ୟ ଅପରାଧପ୍ରବଣ କରିବା ନିମନ୍ତେ ଥାନା ଗୁଡ଼ିକରେ ଏହି ବ୍ୟବସ୍ଥା ଲାଗୁ କରାଯିବାକୁ ସ୍ଥିର କରାଯାଇଛି। ପୁଲିସ କଣ୍ଟ୍ରୋଲ୍ ରୁମ୍ ଏବଂ ପିସିଆର୍ ଭ୍ୟାନ୍ ମଧ୍ୟରେ ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ତାଳମେଳ ରଖାଯାଇ ସାରା ସହରରେ ପାଟ୍ରୋଲିଂ କରାଯିବ ବୋଲି ଜଣାପଡ଼ିଛି।

## ପଟ୍ଟାମୁଣ୍ଡାଇ, ରାଜନଗର ବ୍ଲକ୍‌ରେ ବନ୍ୟା ପରିସ୍ଥିତି ଜଟିଳ

# ବନ୍ୟା ବିପନ୍ନଙ୍କୁ ଭେଟିଲେ ବିଧାୟକ

ରାଜନଗର, ୧୮।୭ (ସମିସ)



ରାଜନଗର ବ୍ଲକରେ ବନ୍ୟା ପରିସ୍ଥିତି ଦିନକୁ ଦିନ ଉଦବେଗଜନକ ହେବାରେ ଲାଗିଛି। ୪ଟି ପଞ୍ଚାୟତରେ ଥିବା ଗାଁ ଓ ଚାଷଜମିରେ ବନ୍ୟା ଜଳ ଲହଡି ଭାଙ୍ଗୁଛି। ବ୍ରାହ୍ମଣୀରେ ବନ୍ୟା ଯୋଗୁଁ ରାଜନଗର ବ୍ଲକର ବନ୍ଧପଡ଼ା, ଓସ୍ତିଆ, ବେଲପାଳ, ରାଜପୁର ପଞ୍ଚାୟତ ପାଣି ଘେରରେ ରହିଛି। ୨୦ରୁ ଅଧିକ ଗାଁ ରାସ୍ତା ଉପରେ ୪/୬ ଫୁଟର ବନ୍ୟା ପାଣି ଚାଲୁଛି। ପ୍ରଶାସନ ପକ୍ଷରୁ ଆଜି ଯାଏଁ ବିପନ୍ନଙ୍କ ନିକଟରେ ରିଲିଫ ସାମଗ୍ରୀ ପହଞ୍ଚି ପାରିନାହିଁ। ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ ବନ୍ଧପଡ଼ା, ଫିରିକିଦାଣ୍ଡି, ଚକିବାଙ୍କ, ଓସ୍ତିଆ, ନଗଡ଼, ବାନ୍ଧପାଟଣା, ତଳଓସ୍ତିଆ ପ୍ରଭୃତି ଗାଁର ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ଦେଖିବା ସହ ତୁରନ୍ତ ସେମାନଙ୍କୁ ୭ ଦିନ ପାଇଁ ରିଲିଫ ଯୋଗାଇ ଦେବା ସହିତ ଗୋଖାଦ୍ୟ, ପାଣି ପାଉଚ ଓ ଔଷଧ ଯୋଗାଇ ଦେବାକୁ ସରକାରଙ୍କ ନିକଟରେ ଦାବି କରିଛନ୍ତି। ବିଧାୟକଙ୍କ ସହିତ ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ତହସିଲଦାର ଯୀଶୁକ୍ରିଷ୍ଟ ଦାସ, ବିଡିଓ ଅନିରୁଦ୍ଧ ବେହେରା, ସରପଞ୍ଚ ବୈଦେହୀ ଦାସ, ବିଜୟ ନାୟକ, ବୈବର୍ତ୍ତ ବିଶ୍ୱାଳ ପ୍ରମୁଖ ବନ୍ୟା ଗସ୍ତ କରି ବିପନ୍ନଙ୍କ ସହିତ ଆଲୋଚନା କରିଥିଲେ।

## ବନ୍ୟା ବିପନ୍ନଙ୍କ ନିକଟରେ ପହଞ୍ଚିଲେ ଗଣେଶ୍ୱର



**ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୧୮।୭ (ସମିସ):** କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀରେ ସାମିଲ ଥିବା ପଟ୍ଟାମୁଣ୍ଡାଇ ବ୍ଲକର ୭ଟି ପଞ୍ଚାୟତ ଅଳପୁଆ, ତରଡିପାଳ, ପେଣ୍ଠପାଳ, ଅଣ୍ଡରା, ଅମୃତମଣୋହି, ବଲୁରିଆ ଓ ବ୍ରାହ୍ମଣୀ, କାଣି ନଦୀର ମଝିରେ ଥିବା ଉପାନ୍ତ ଅଞ୍ଚଳ ସିଂହଗାଁ ପଞ୍ଚାୟତ ସମ୍ପୂର୍ଣ୍ଣ ଭାବେ ବନ୍ୟା ଜଳ

### ସିଂହଗାଁ ପାଇଁ ପହଞ୍ଚିଲା ଯନ୍ତ୍ରଚାଳିତ ବୋଟ୍

ଘେରରେ ରହିଛି। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ବନ୍ୟା ଘେରରେ ଥିବା ଅଳପୁଆ, ତରଡିପାଳ, ପେଣ୍ଠପାଳ ଓ ସିଂହଗାଁ ପଞ୍ଚାୟତରେ ପହଞ୍ଚି ଲୋକଙ୍କ ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ସେହି ସମୟରେ ପଟ୍ଟାମୁଣ୍ଡାଇ ବ୍ଲକ ପ୍ରଶାସନ ବନ୍ୟା ଅଞ୍ଚଳ ପରିଦର୍ଶନରେ ଯାଇଥିବା ସମୟରେ ବିଧାୟକ ଶ୍ରୀ ବେହେରାଙ୍କ ସହିତ ସାକ୍ଷାତ ହୋଇଥିଲା। ବିଧାୟକ ଶ୍ରୀ ବେହେରା ଲୋକଙ୍କୁ ରାସନ୍ ସାମଗ୍ରୀ, ଗୃହପାଳିତ ପଶୁଙ୍କ ଖାଦ୍ୟ ତୁରନ୍ତ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଉପଜିଲ୍ଲାପାଳଙ୍କୁ ଫୋନ୍ ଯୋଗେ ସିଂହଗାଁ ପଞ୍ଚାୟତ ପାଇଁ ଯନ୍ତ୍ରଚାଳିତ ବୋଟ ବ୍ୟବସ୍ଥା କରିବାକୁ କହିଥିଲେ। ଉପଜିଲ୍ଲାପାଳ ବିଧାୟକଙ୍କ କଥାକୁ ଗୁରୁତ୍ୱଦେଇ ଯନ୍ତ୍ରଚାଳିତ ବୋଟ ବ୍ୟବସ୍ଥା କରିଥିବା ଜଣାଯାଇଛି। ବିଧାୟକ ଶ୍ରୀ ବେହେରା ଦାଣ୍ଡିସାହିଠାରୁ ଡଙ୍ଗାରେ ସିଂହଗାଁ ପଞ୍ଚାୟତ ଯାଇଥିଲେ। କୃଷ୍ଣଦାସପୁର, ବଡରାଉଳିଆ, ସାନରାଉଳିଆ, ନୂଆପଡ଼ା, ସିଂହଗାଁରେ ପହଞ୍ଚି ଲୋକଙ୍କୁ ସମସ୍ତ ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ବିଧାୟକ ଶ୍ରୀ ବେହେରା ଗ୍ରାମକୁ ଗ୍ରାମ ବୁଲି ଲୋକଙ୍କୁ ଭେଟିଥିଲେ। ଲୋକଙ୍କ ପାଇଁ ନେଇଥିବା ଚୁଡ଼ା, ବିସ୍କୁଟ, ମେଡିସିନ, ବ୍ଲିଚିଂ ପାଉଡର ବଣ୍ଟନ କରିଥିଲେ। ବିଧାୟକ ଶ୍ରୀ ବେହେରାଙ୍କ ସହିତ ଚନ୍ଦନ ସାହୁ, କୈଳାସ ଦାସ, ହଗନ ନାୟକ, ସୁକାନ୍ତ ରାଉତ, ଟୁକୁନା ସାହୁ, ଅଭିଷେକ ବିଶ୍ୱାଳ, ଝିଣ୍ଟୁ ବିଶ୍ୱାଳ, ସମିତି ସଭ୍ୟ ନିରଞ୍ଜନ ବାରିକ, ସରପଞ୍ଚ ଦେବବ୍ରତ ନାୟକ, ଶଶାଙ୍କ ବିଶ୍ୱାଳ, ବଣ୍ଟି ପ୍ରଧାନ, କେଦାର ବିଶ୍ୱାଳ, ରଶ୍ମୀକାନ୍ତ ବେହେରା, କାଙ୍ଗାଳି ସେଠୀ, କୁଳମଣି ମଲିକ, ଦୀପକ ନାୟକ, ଉମେଶ ମହାନ୍ତି, ମଳୟ ମଲିକ ପ୍ରମୁଖ ସାମିଲ ଥିଲେ।

**ବିରୂପା ନଦୀବନ୍ଧ ରାସ୍ତା ଅବସ୍ଥା ବେହାଲ**

## କିପରି ହେବ ନଦୀର ବନ୍ୟା ନିରୀକ୍ଷଣ



**ଡେରାବିଶ, ୧୮।୭ (ସମିସ):** ବିରୂପା ନଦୀରେ ଏବେ ବନ୍ୟାଜଳ ବିପଦସଙ୍କେତ ଉପରେ ପ୍ରବାହିତ ହେଉଛି। ଏଥିପାଇଁ ଡେରାବିଶ ବ୍ଲକ ଅନ୍ତର୍ଗତ ବିରୂପା ନଦୀକୂଳରେ ଅବସ୍ଥିତ ବେଣୀପୁର, ମଙ୍ଗଳପୁର ଓ ଛୋଟି ପଞ୍ଚାୟତର ଜନସାଧାରଣ ଏବେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଦୁର୍ବଳ ବନ୍ଧ ପାଇଁ ୨୦୨୦ରେ ବେଣୀପୁରଠାରେ ଘେରିବନ୍ଧ ଭାଙ୍ଗି ବେଣୀପୁର ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ଚଳିତବର୍ଷ ନଦୀବନ୍ଧର ସୁରକ୍ଷା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ଅଧିକାରୀ ଓ କର୍ମଚାରୀ ଘନଘନ ବନ୍ଧ ନିରୀକ୍ଷଣ କରୁଛନ୍ତି। ତେବେ ବନ୍ଧ ରାସ୍ତା ଏଭଳି ଶୋଚନୀୟ ହୋଇପଡ଼ିଛି ଯେ ଅଧିକାରୀଙ୍କ ଗାଡ଼ି ବନ୍ଧ ଉପରେ ଯିବା ତ ଦୂରର କଥା, ଚାଲିଚାଲି ମଧ୍ୟ ଯାଇ ହେଉନାହିଁ। ଏହି ବନ୍ଧର ପଲ୍ଲୀରଘୁନାଥପୁରଠାରୁ ବେଣୀପୁର ପର୍ଯ୍ୟନ୍ତ ବନ୍ଧ ରାସ୍ତାର ବହୁ ସ୍ଥାନ ଖାଲଖମାରେ ଭର୍ତ୍ତି ହୋଇଛି। କେଉଁଠି ପିଚୁ ଦବି ବଡ଼ ବଡ଼ ଗାଡ଼ ସୃଷ୍ଟି ହୋଇଛି ତ ଆଉ କେଉଁ ସ୍ଥାନରେ ପିଚୁ ନଷ୍ଟ ହୋଇଯାଇ ତା' ତଳୁ କାଦୁଅ ବାହାରିଲାଣି। ଏଭଳି ସ୍ଥଳେ ନଦୀବନ୍ଧର ନିରୀକ୍ଷଣ କରିବା କଷ୍ଟକର ହେବ ବୋଲି ସ୍ଥାନୀୟ ଜନସାଧାରଣ ପ୍ରକାଶ କରିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ଏହି ବନ୍ଧର ଖାଲଖମା ମରାମତି କରି ଯାତାୟାତ ଉପଯୋଗୀ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଘାଗରାଡ଼ିଆ ବନ୍ୟାଞ୍ଚଳରେ ମେଡିକାଲ ଟିମ୍



**କେନ୍ଦ୍ରାପଡ଼ା, ୧୮।୭ (ସମିସ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଘାଗରାଡ଼ିଆ ଅଞ୍ଚଳରେ ବନ୍ୟା ପରିସ୍ଥିତି ଜଟିଳ ହୋଇଛି। ଏ ଅଞ୍ଚଳରେ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ଆଜି ଏହି ଅଞ୍ଚଳରେ ମେଡିକାଲ ଟିମ ପହଞ୍ଚି ଲୋକଙ୍କୁ ଔଷଧ ବଣ୍ଟନ କରିଛନ୍ତି। ଏହି ମେଡିକାଲ ଟିମ ମେଡିସିନ ବଣ୍ଟନ କରିବା ସହିତ ପିଇବା ପାଣିରେ ହାଲୋଜିନ ବଟିକା ପକାଇ ପାଣିକୁ ବିଶୋଧନ କରିଛନ୍ତି। ଏହି ଟିମରେ ବିପିଏମ ମଞ୍ଜୁଶ୍ରୀ ବିଶ୍ୱାଳ, ଆଶା କର୍ମୀ ଶାନ୍ତିଲତା ବେହେରା, ଏଏନଏମ ଦିଦି ଆକ୍ରମ ବାସିନୀ ପରିଡ଼ା, ଆୟୁଷ ଡାକ୍ତର ରଞ୍ଜିତା ସାମଲ, ପୁରୁଷ କର୍ମୀ ଭରତ ମାରାଣ୍ଡି ପ୍ରମୁଖ ସାମିଲ ହୋଇ ଲୋକଙ୍କୁ ଔଷଧ ବଣ୍ଟନ କରିଥିଲେ।

## ମଧୁବନ ସାଇ ମନ୍ଦିରର ପ୍ରତିଷ୍ଠା ଉତ୍ସବ



**ଗୋବିନ୍ଦପୁର, ୧୮।୭ (ସମିସ):** ଆଳି ବ୍ଲକ ଅନ୍ତର୍ଗତ ମଧୁବନ ଗ୍ରାମ ସାଇ ମନ୍ଦିରର ତୃତୀୟ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ବୁଧବାର ଅଙ୍କୁରାରୋପଣ, ଅଗ୍ନି ସ୍ଥାପନ, କଳସ ଯାତ୍ରା, ଗୋପୂଜା କରାଯିବା ସହ ନୃତ୍ୟ ପରିବେଷଣ କାର୍ଯ୍ୟକ୍ରମ କରାଯାଇଥିଲା। କଳସ ଯାତ୍ରାରେ ଗ୍ରାମର ଶତାଧିକ ମହିଳା ଯୋଗ ଦେଇଥିଲେ। ଉତ୍ସବକୁ ସାଇଶ୍ରଦ୍ଧା ଚାରିଟେବୁଲ ଟ୍ରଷ୍ଟ ସଦସ୍ୟ ଓ ଗ୍ରାମବାସୀ ପରିଚାଳନା କରିଥିଲେ।

## ସାମ୍ବାଦିକଙ୍କ ପିତୃ ବିୟୋଗ



**ରାଜକନିକା, ୧୮।୭ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ଅନ୍ତର୍ଗତ ମହୁରୀଗାଁର ଗଙ୍ଗାଧର ବଳଙ୍କ ୭୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ବଳ ରାଜକନିକାର ସାମ୍ବାଦିକ ପ୍ରବୀଣ କୁମାର ବଳଙ୍କ ପିତା ଅଟନ୍ତି। ସେ କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥାଇ ଚିକିତ୍ସିତ ହେଉଥିଲେ। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ଧର୍ମପ୍ରାଣ ଓ ଉଦାର ହୃଦୟର ବ୍ୟକ୍ତି ଥିଲେ। ପଞ୍ଚାୟତ ସମିତି ଉପାଧକ୍ଷ ତନ୍ମୟ ଦାସ, ଯୁବନେତା ତଥା ସାମାଜିକ କର୍ମୀ କୁମର ନାୟକ, ଯୁବନେତା ସତ୍ୟ ପରିଡ଼ା, ପ୍ରମୋଦ ପତି, ପ୍ରମୋଦ ସାମଲ, ଶରଣ ନାୟକ, ନିରଞ୍ଜନ ନାୟକ, ସାମାଜିକ କର୍ମୀ ନିରୋଦ ଜେନା, ଚିନ୍ମୟ ଦାସ, କନିକା-ଆଳି ଅଞ୍ଚଳର ସାମ୍ବାଦିକ ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ଅନ୍ନପୂର୍ଣ୍ଣା, ପୁଅ ପ୍ରବୀଣ ବଳ, ବୋହୂ ସୁମିତ୍ରା, ଝିଅ ମିନତୀ, ଲିଲିମା, ଜ୍ୱାଇଁ ରାଜେନ୍ଦ୍ର, ଶୁଭପ୍ରସାଦ, ନାତୁଣୀ ସାଇସ୍ମିତା, ନାତି ଆଦିଦେବ ପ୍ରମୁଖ ଉପସ୍ଥିତ ଥିଲେ।

## ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରତିଷ୍ଠାତାଙ୍କ ପରଲୋକ



**ରାଜକନିକା, ୧୮।୭ (ସମିସ):** ଓଳାଭର ଅଞ୍ଚଳର ବିଶିଷ୍ଟ ସମାଜସେବୀ ତଥା ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରତିଷ୍ଠାତା ଘନଶ୍ୟାମ ଜଗତିଙ୍କ ୯୪ ବର୍ଷ ବୟସରେ ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ବାବନ କିଶୋର ଜଗତି, ବୀରେନ ଜଗତି, ସମାଜସେବୀ ଦାମୋଦର ନାୟକ, ସାମ୍ବାଦିକ ଅକ୍ଷୟ ସାହୁ, ନମିତା ନାୟକ, ସୁମିତ୍ରା ସାହୁ, ଅତିରିକ୍ତ ଜିଲ୍ଲାଜଜ ବିଦ୍ୟାଧର ପୃଷ୍ଟି, ଡା ସୁମନ ଜଗତି, ଡା ଶ୍ରୁତକୀର୍ତ୍ତି ପରିଡ଼ା, ସଂଗ୍ରାମ ଜଗତି ଓ ବିକ୍ରମ ଜଗତି ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ୱର୍ଗତ ଜଗତି ୧୯୮୪ରେ ଓଳାଭରଠାରେ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରତିଷ୍ଠା କରିଥିଲେ। ତାଙ୍କ ମର ଶରୀରକୁ ଓଳାଭରଠାରୁ ଶୋଭାଯାତ୍ରାରେ ନିଆଯାଇ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ବାବନ କିଶୋର ଜଗତି ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ପୁରୀ ଗୋବର୍ଦ୍ଧନ ପୀଠ ସନ୍ଥ ସଂରକ୍ଷକ ସ୍ୱାମୀ ଅସୀମାନନ୍ଦ ଦାସମହାରାଜ, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ରାଜନଗର ବିଧାୟକ ଧ୍ରୁବ ସାହୁ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ଛାତ୍ର ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ସାଂସଦଙ୍କ କୁଶପୁତ୍ତଳିକା ଦାହ

**ରାଜକନିକା, ୧୮।୭ (ସମିସ):** ବାଲେଶ୍ୱରର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଓ ମୃତ୍ୟୁ ଘଟଣାରେ ଛାତ୍ର ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ସାଂସଦଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ସରକାର ଓ ପ୍ରଶାସନକୁ ଦାୟୀ କରିବା ସମସ୍ତ ପ୍ରତ୍ୟକ୍ଷ ଓ ପରୋକ୍ଷ ଦୋଷୀଙ୍କ ବିରୁଦ୍ଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି ଛାତ୍ର ବିଜେଡି ନେତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି।



## ୮ ନଂ କେନାଲ ବନ୍ଧ ରାସ୍ତାରେ ଗାତ



**ପଞ୍ଚୁପାଣ୍ଡବ, ୧୮।୭ (ସମିସ):** ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ କେନାଲ ବନ୍ଧ ରାସ୍ତାରେ ଗାତ ସୃଷ୍ଟି ହୋଇ ବିପଦ ସୃଷ୍ଟି କରିଛି।ଏହି ରାସ୍ତା ପଟ୍ଟାମୁଣ୍ଡାଇ କେନାଲର ୮ନଂ କେନାଲ ବନ୍ଧ ରାସ୍ତା ଦେଇଯାଇଥିବାବେଳେ ଏହି ରାସ୍ତାରେ ଏକ ଗାତ ସୃଷ୍ଟି ହୋଇଛି। ଫଳରେ ଲୋକେ ଯାତାୟାତରେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏହି ରାସ୍ତାରେ ଲୋକେ ଲକ୍ଷ୍ମୀନାରାୟଣପୁରରୁ ସଦାନନ୍ଦପୁର ଓ ବେଣୀପୁରରୁ ଯାଜପୁର ଜିଲ୍ଲାର ବରୀ ବ୍ଲକ ଅନ୍ତର୍ଗତ ରତ୍ନଗିରି, କମ୍ପଗଡ଼ ଗ୍ରାମକୁ ଯାତାୟାତ କରୁଛନ୍ତି। ଏହି ଗାତ ସୃଷ୍ଟି ହୋଇଥିବା ଜାଗାରେ ଆଗରୁ କେନାଲରେ ଘାଇ ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ଗାତକୁ ବନ୍ଦ କରିବା ସହ କେନାଲ ପ୍ରତି ବିପଦ ଥିବାରୁ କେନାଲକୁ ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ନୂତନ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ୟୁଟିଆଇ ସଙ୍ଘ ପକ୍ଷରୁ ସ୍ୱାଗତ



**କେନ୍ଦ୍ରାପଡ଼ା, ୧୮।୭ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ଭାବେ ପବିତ୍ର ମୋହନ ବାରିକ ଜିଲ୍ଲା କାର୍ଯ୍ୟାଳୟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। କିଛି ମାସ ପୂର୍ବେ ଶିକ୍ଷାଧିକାରୀ ଭାବେ ବସନ୍ତ କୁମାର ନାୟକ ଉକ୍ତ ପଦବୀରେ ଅବସ୍ଥାପିତ ହୋଇ କାର୍ଯ୍ୟ ସମ୍ପାଦନ କରୁଥିବାବେଳେ ତାଙ୍କୁ ଅନ୍ୟତ୍ର ବଦଳି କରି ତାଙ୍କ ସ୍ଥାନରେ ଶ୍ରୀ ବାରିକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ନୂତନ ଜିଲ୍ଲା ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟରେ ଯୋଗଦାନ କରିଥିବାରୁ ଜିଲ୍ଲା ମିଳିତ ଶିକ୍ଷକ ଓ କର୍ମଚାରୀ (ୟୁଟିଆଇ) ସଂଘ ପକ୍ଷରୁ ତାଙ୍କୁ ଜିଲ୍ଲା କାର୍ଯ୍ୟାଳୟରେ ସ୍ୱାଗତ କରାଯାଇଛି। ଜିଲ୍ଲା ସଂଘ ସମ୍ପାଦକ ବଙ୍କିମ ବିହାରୀ ମହାନ୍ତିଙ୍କ ନେତୃତ୍ୱରେ ସଂଘର ଉପଦେଷ୍ଟା ଉପେନ୍ଦ୍ର କୁମାର ସ୍ୱାଇଁ, ଗୋପାଳକୃଷ୍ଣ ପୃଷ୍ଟି, ଶିକ୍ଷକ ନେତା ଅଜୟ ନାୟକ, ଉପେନ୍ଦ୍ର ସାହୁ, ଗଣେଶ ରାଉତ ଓ ସନ୍ତୋଷ କୁମାର କୁଣ୍ଡ ପ୍ରମୁଖ ନୂତନ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅଙ୍ଗବସ୍ତ୍ର, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଏ ଅବସରରେ ୟୁଟିଆ ସଂଘ ଉପଦେଷ୍ଟା କସ୍ତୁରୀ ଚରଣ ସ୍ୱାଇଁ, ହେମନ୍ତ ଜେନା, ବିଜୟ କୁମାର ସାମଲ, ସଭାପତି ମହେନ୍ଦ୍ର ମଲ୍ଲିକ, ପରିବେଶବିତ୍ ତଥା ପୂର୍ବତନ ଶିକ୍ଷାଧିକାରୀ କାଶୀନାଥ ରାଉତରାୟ ପ୍ରମୁଖ ଶ୍ରୀ ବାରିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ସାପ କାମୁଡ଼ାରେ ୨ ଗୁରୁତର

**ପଟ୍ଟାମୁଣ୍ଡାଇ/ମାଳିପୁର, ୧୮।୭ (ସମିସ):** ବ୍ରାହ୍ମଣୀ ବନ୍ୟାରେ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଥିବାବେଳେ ବିଭିନ୍ନ ଗ୍ରାମ ପାଣି ଘେରରେ ରହିଛି। ବନ୍ୟା ସମୟରେ କୁମ୍ଭୀର ଓ ସାପଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି। ଗତକାଲି ରାତିରେ ସାପ କାମୁଡ଼ାରେ ଡାମରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ନିରଞ୍ଜନ ମାଝୀ ଗୁରୁତର ଆହତ ହୋଇଥିବାବେଳେ ସେହି ଗ୍ରାମର ଗୌରାଙ୍ଗ ଆଚାର୍ଯ୍ୟଙ୍କ ଝିଅ ଟିକିଲି ଆଚାର୍ଯ୍ୟ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ବନ୍ୟାଞ୍ଚଳରୁ ଯନ୍ତ୍ରଚାଳିତ ବୋଟ ଯୋଗେ ଉଦ୍ଧାର କରାଯାଇ ପଟ୍ଟାମୁଣ୍ଡାଇ ସବଡିଭିଜନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

## ପାଣି ଘେରରେ ତୁଳସୀଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର; ରୋଗୀସେବା ବ୍ୟାହତ



**ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୧୮।୭ (ସମିସ):** ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଧୋୟାଞ୍ଚଳରେ ତିନୋଟି ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରାଯାଇଥିଲା। ତୁଳସୀଡ଼ିଆଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବନ୍ୟା ଘେରରେ ରହିଥିବାରୁ ରୋଗୀ ସେବା ବ୍ୟାହତ ହୋଇଛି। ଭିତ୍ତିଭୂମି ଅଭାବ ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି କରିଛି। ପ୍ରତ୍ୟେକ ଦିନ ଶହ ଶହ ରୋଗୀ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବାବେଳେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ ସେବା ଯୋଗାଇବାରେ ବିଫଳ ହୋଇଛି। ବନ୍ୟା ସମୟରେ ବହୁ ମୂଲ୍ୟବାନ ଔଷଧ ଓ ସ୍ୱାସ୍ଥ୍ୟକେନ୍ଦ୍ରର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପାଣିରେ ବୁଡ଼ି ନଷ୍ଟ ହେବା ନଜିର ପୂର୍ବରୁ ମଧ୍ୟ ରହିଛି। ତରଡ଼ିପାଳ ପଞ୍ଚାୟତରେ ତୁଳସୀଡିଆ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ରୋଗୀ ଚିକିତ୍ସା କରୁଥିବା ଦେଖିବାକୁ ମିଳିଛି।

## ଖରସ୍ରୋତାରୁ ନିଖୋଜ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

**ଆଳି, ୧୮।୭ (ସମିସ):** ଖରସ୍ରୋତା ନଦୀକୁ ଡେଇଁ ନିଖୋଜ ହୋଇଯାଇଥିବା ଛାତ୍ରୀଙ୍କ ମୃତଦେହ ଆଜି ଉଦ୍ଧାର କରାଯାଇଛି। ସିଂହପୁର ନିକଟବର୍ତ୍ତୀ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ସୁଧାଂଶୁ ଶେଖର ମିଶ୍ରଙ୍କ ଝିଅ ମଧୁସ୍ମିତା ଗତକାଲି ମଧ୍ୟାହ୍ନରେ ଖରସ୍ରୋତା ନଦୀକୁ ଡେଇଁ ଆତ୍ମହତ୍ୟା କରିଥିଲେ। ଗତକାଲିଠାରୁ ଓଡ୍ରାଫ ଟିମ୍ ଓ ବିଞ୍ଝାରପୁର ପୁଲିସ ଖୋଜାଖୋଜି ଜାରି ରଖିଥିଲେ। ତେବେ ଆଜି ଅପରାହ୍ନରେ ନଦୀରେ ବୁଡ଼ିବାର ୩୦୦ ମିଟର ଦୂର ଯାଜପୁର ଜିଲ୍ଲାର ଚନ୍ଦନପୁର ଗ୍ରାମ ନିକଟ ନଦୀରୁ ଛାତ୍ରୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବିଞ୍ଝାରପୁର ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଯାଜପୁରକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

**ନିମ୍ନମାନର ମଧ୍ୟାହ୍ନଭୋଜନ ପ୍ରଦାନ ଅଭିଯୋଗ**

## ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍

**କେନ୍ଦ୍ରାପଡ଼ା, ୧୮।୭ (ସମିସ):** କେନ୍ଦ୍ରାପଡ଼ା ସରକାରୀ ଉଚ୍ଚବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ନିମ୍ନମାନର ମଧ୍ୟାହ୍ନଭୋଜନ ପରସା ଯାଉଥିବା ଅଭିଯୋଗ ହେଉଛି। ମଧ୍ୟାହ୍ନ ଭୋଜନରେ ଯେଉଁ ସୋୟାବିନ ପଡୁଛି, ତାହା ମଧ୍ୟ ଅତ୍ୟନ୍ତ ନିମ୍ନମାନର। ସେହିପରି ଛାତ୍ରଛାତ୍ରୀଙ୍କୁ ଯେଉଁ ବାଦାମଲଡୁ ଦିଆଯାଉଛି, ତାହାର ମାନ ମଧ୍ୟ ସଠିକ ନାହିଁ। କେବଳ ସେତିକି ନୁହେଁ ଛାତ୍ରଛାତ୍ରୀଙ୍କୁ ପିଇବା ପାଇଁ ଯେଉଁ ପାନୀୟଜଳ ଦିଆଯାଉଛି, ତାହା ମଧ୍ୟ ସଂକ୍ରମିତ। ଏ ନେଇ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷାଧିକାରୀ ପବିତ୍ରମୋହନ ବାରିକ କେନ୍ଦ୍ରାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ପତ୍ରସଂଖ୍ୟା ୬୩୫୩, ୧୭।୭।୨୦୨୫ରେ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଆସନ୍ତା ୨ ଦିନ ତାରିଖ ମଧ୍ୟରେ ଜବାବ ରଖିବାକୁ ଚିଠିରେ ଉଲ୍ଲେଖ ରହିଛି। ଯଦି ପ୍ରଧାନଶିକ୍ଷକ ନୋଟିସର ଉତ୍ତର ଦେବାରେ ଅବହେଳା କରନ୍ତି, ତେବେ ତାଙ୍କ ବିରୋଧରେ ଏକପାଖିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସରେ ଉଲ୍ଲେଖ ରହିଛି।

## ରାଜନଗର ବ୍ଲକ୍ ଯାତ୍ରା କମିଟିର ବନ୍ଧୁମିଳନ

**ରାଜନଗର, ୧୮।୭ (ସମିସ):** ରାଜନଗର ବ୍ଲକ ଯାତ୍ରା କମିଟିର ବନ୍ଧୁମିଳନ ଉତ୍ସବ ପ୍ରେମ ବିହାରସ୍ଥ କେସି ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସଂଘର ବ୍ଲକ ସଭାପତି ବିଭୂତି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଯାତ୍ରା କମିଟି ସୁରକ୍ଷା ମଞ୍ଚ ସମ୍ପାଦକ ନୃସିଂହପ୍ରସାଦ ସୁନ୍ଦରରାୟ, ସମ୍ମାନିତ ଅତିଥି ଭାବେ ମଞ୍ଚର ଉପସଭାପତି ବୈକୁଣ୍ଠନାଥ ପାକଳ, ସହସମ୍ପାଦକ ପ୍ରମୋଦ ଚନ୍ଦ୍ର ମିଶ୍ର, ଆଳି ବ୍ଲକ ଯାତ୍ରା କମିଟି ସଂଘ ସମ୍ପାଦକ ବୀରେନ୍ଦ୍ର ପଣ୍ଡା, ସମ୍ବାଦିକ ଜଗନ୍ନାଥ ଦାସ ଯୋଗଦେଇ ଯାତ୍ରା ମଞ୍ଚସ୍ଥ କରାଉଥିବା କମିଟିର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ବିଶେଷକରି ଯାତ୍ରା ଟିକେଟ ମୂଲ୍ୟ ହ୍ରାସ କରି ଦର୍ଶକଙ୍କ ନିକଟତର ହେବା, ଯାତ୍ରା ମାଲିକଙ୍କ ଅହେତୁକ ମୂଲ୍ୟବୃଦ୍ଧି, ଯାତ୍ରା ପାଇଁ ଆବଶ୍ୟକ ହେଉଥିବା ଡିଜେଲ ଓ ଆନୁସଙ୍ଗିକ ବ୍ୟବସ୍ଥାରେ ଖର୍ଚ୍ଚ କମାଇବା, ଏକା ସମୟରେ ପାଖାପାଖି ଯାତ୍ରା କମିଟି ଯାତ୍ରା ନ କରାଇବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ମଦନପୁର ଯାତ୍ରା କମିଟି ସଭ୍ୟ ଆଶିଷ ରାଉଳ ଓ ଏହି ବ୍ଲକର ବିଭିନ୍ନ ଯାତ୍ରା କମିଟିର କର୍ମକର୍ତ୍ତା ମହେଶ୍ୱର ବେହେରା, କୃପାସିନ୍ଧୁ ପଡ଼ିହାରୀ, ଚନ୍ଦ୍ରଚନ୍ଦନ ମିଶ୍ର, ଦୁଃଶାସନ ଦାସ, କମଳାକାନ୍ତ ରାଉତ, ପବିତ୍ର ସେଠୀ, ଅନିରୁଦ୍ଧ ପରିଡ଼ା, ରଶ୍ମିରଞ୍ଜନ ସାହାଣୀ ଓ ମହେଶ୍ୱର ସେଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବ୍ଲକ କମିଟି ସମ୍ପାଦକ ଶରତ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବରିଷ୍ଠ ସଦସ୍ୟ ତଥା ସାମ୍ବାଦିକ ବସନ୍ତ କୁମାର ହାତି ଧନ୍ୟବାଦ ଅର୍ପଣ କରିଥିଲେ।

**ଫସଲ ନଷ୍ଟ କରୁଛନ୍ତି ଅଣ୍ଡିରା ବାଛୁରି**

## ଗୋଶାଳା ନେବାକୁ ଦାବି

**ପଞ୍ଚୁପାଣ୍ଡବ, ୧୮।୭ (ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଶତାଧିକ ଅଣ୍ଡିରା ବାଛୁରି ବୁଲୁଛନ୍ତି। ଏହି ଅଣ୍ଡିରା ବାଛୁରୀ ଫସଲ ନଷ୍ଟ କରୁଥିବାରୁ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଏଥିସହ ଏହି ଅଣ୍ଡିରା ବାଛୁରୀ ଓ ଷଣ୍ଢ ରାସ୍ତା ଓ ପୋଲାକୁ କବଜା କରି ରଖୁଛନ୍ତି। ଆଗ ଭଳି କାଞ୍ଜିଆହୁଦା ନ ଥିବାବେଳେ ପ୍ରଶାସନିକ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଏମାନଙ୍କୁ ଗୋଶାଳା ନିଆଯିବାକୁ ଦାବି ହେଉଛି। ଏବେ ଚାଷ କାମରେ ହଳ ବଳଦ ବ୍ୟବହାର ବଦଳରେ ଟ୍ରାକ୍ଟରରେ ଚାଷ ହେଉଛି। ଏଥିପାଇଁ ଅଣ୍ଡିରା ବାଛୁରୀ ମାଲିକ ବାହାରେ ଛାଡ଼ି ଦେଉଛନ୍ତି। ଫଳରେ ବେଣୀପୁର ବିରୂପା ନଦୀ ବ୍ରିଜ, ବେଲାରପୁର ଗୋବରୀ ନଦୀ ବ୍ରିଜ, ବିଭିନ୍ନ ବ୍ରିଜ ଓ ରାସ୍ତାରେ ମାଳମାଳ ବାଛୁରୀ ଓ ଷଣ୍ଢଙ୍କ ମେଳି ହେଉଛି। ଯଦ୍ୱାରା ଗାଡ଼ି ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଏଥିଯୋଗୁଁ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ସାଧାରଣରେ ଦାବି ହେଉଛି।

## ପରିଷଦ ହାତକୁ ଗଲା ମୁଖ୍ୟ ରାସ୍ତା

# ବିଜୁସେତୁ-ମିନାଝୋଲା ରାସ୍ତା, ଶିଶୁ ଉଦ୍ୟାନ ନିର୍ମାଣ ପ୍ରକ୍ରିୟା ଆରମ୍ଭ



'ସକାଳ' ପ୍ରଭାବ

ଗୁଡାରୀ,୧୮।୭(ସମିସ): ପ୍ରାୟ ୪ ବର୍ଷ ହେଲାଣି ଗୁଡାରୀ ବିଜୁ ସେତୁ ଠାରୁ ମିନାଝୋଲା ସଂଯୋଗ ମୁଖ୍ୟ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ରହିଛି। 'ସକାଳ'ରେ ବାରମ୍ବାର ଖବର ପ୍ରକାଶନ ପରେ ଗୁଡାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ ଏହାକୁ ନିଜ ହାତକୁ ନେଇ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଏହି ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହେବାପରେ ପରିଷଦ ନିର୍ମାଣ କରିବା ପାଇଁ ଚେଷ୍ଟା କରିଥିଲା । କିନ୍ତୁ ରାଜ୍ୟ ସରକାର ପରିଷଦ ମାନଙ୍କୁ କମ୍ ଅନୁଦାନ ଦେଉଥିବାରୁ ଜିଲ୍ଲାପାଳଙ୍କ ମାଧ୍ୟମରେ ପିଡବ୍ଲୁଡି ହସ୍ତାନ୍ତର କରିବା ପାଇଁ ବାରମ୍ବାର ଉଦ୍ୟମ କରାଯାଇଥିଲା । ବିଫଳ ହେବାପରେ ଗୁଡାରୀ ପରିଷଦ ନିଜେ ନିର୍ମାଣ ପାଇଁ ଅଣ୍ଟାଭିଡ଼ିଛି। ଗୁରୁବାର ଦିନ ୭୩ ଲକ୍ଷ ଟଙ୍କାର ଟେଣ୍ଡର ଡକାଯାଇଛି। ସେଥି ମଧ୍ୟରୁ ନଦୀତଟରେ ନିର୍ମାଣାଧୀନ ଶିଶୁ ଉଦ୍ୟାନ ପାଇଁ ୧୬,୭୦.୮୭୫ ଟଙ୍କା ଅଟକଳ ରଖାଯାଇଥିବା ବେଳେ ୫୫,୭୧,୨୬୯ ଲକ୍ଷ ଟଙ୍କା ସିସି ରୋଡ ଓ ସାଇଡ୍ ୱାଲ୍ ନିର୍ମାଣ ପାଇଁ ରଖାଯାଇଛି। ରାସ୍ତା ନିର୍ମାଣରେ ବହୁ ବିଳମ୍ବ ହୋଇଥିଲେ ମଧ୍ୟ ପରିଷଦ ନିଜ ହାତକୁ ନେଇଥିବାରୁ ନଗରର ସାଧାରଣ ଜନତା ଖୁସି ବ୍ୟକ୍ତ କରିଛନ୍ତି ।

# ବଜ୍ରପାତରେ ୭ ଗାଈ ମୃତ, ଦୁଇ ଜଗୁଆଳି ଗୁରୁତର



ପୋଡ଼ାଗଡ,୧୮।୭(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପାଇକ ଫୁଲବେଡ଼ା ପଞ୍ଚାୟତର ବଡ଼ମଗୁଡା ଗ୍ରାମରେ ବଜ୍ରପାତରେ ୭ ଗାଈଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଗୁଆଳି ଗୁରୁତର ହୋଇଛନ୍ତି। ପାଇକ ଫୁଲବେଡ଼ା ସରପଞ୍ଚ ମହେଶ୍ୱର ଗାଦବଙ୍କ କହିବା ମୁତାବକ, ବାଡ଼ମଗୁଡା ଗ୍ରାମର ନକୁଳ ପ୍ରଧାନି (୨୩) ଓ କୁମାର କୁଳଦୀପ (୩୫) ସବୁଦିନ ପରି ଗ୍ରାମର ଗାଈ ଧରି ଗାଁ ନିକଟକୁ ଚରାଇବା ପାଇଁ ଯାଇଥିଲେ। କିନ୍ତୁ ଅପରାହ୍ନରେ ହଠାତ୍ ଘଡ଼ଘଡି ସହ ବର୍ଷା ହେବା ସହ ସେମାନେ ଗାଈ ଜଗିଥିବା ସ୍ଥାନରେ ବଜ୍ରପାତ ଯାଇଥିଲା। ଫଳରେ ୭ ଗାଈଙ୍କ ମୃତ୍ୟୁ ହେବା ସହ ଦୁହେଁ ଗୁରୁତର ଆହତ ଅବସ୍ଥାରେ ପଡ଼ି ରହିଥିଲେ। ସେହି ରାସ୍ତା ଦେଇ ଯାଉଥିବା ଲୋକେ ଏହା ଦେଖି ଗାଁ ରେ ଖବର ଦେଇ ଥିଲେ। ଖବର ପାଇ ଗ୍ରାମର କିଛି ଲୋକ ଓ ପରିବାର ଲୋକେ ପହଞ୍ଚି ଦୁଇ ଗୁରୁତରଙ୍କୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସକୁ ଡାକି କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍ପିଟାଲ୍‌କୁ ନେଇ ଥିଲେ। ସେଠାରେ ଡାକ୍ତର ଚିକିତ୍ସା ପରେ ନକୁଳ ପ୍ରଧାନୀଙ୍କୁ ବ୍ରହ୍ମପୁର ନେବା ପାଇଁ କହିଥିଲେ ଓ କୁମର କୁଳଦୀପ ସାମାନ୍ୟ ଆହତ ହୋଇଥିବାରୁ କୋରାପୁଟରେ ହିଁ ଚିକିତ୍ସିତ ହେଉଥିବା ଜଣାପଡିଛି। ଯେଉଁ ୭ ଗାଈର ମୃତ୍ୟୁ ହେଲା ସେମାନଙ୍କ ମଧ୍ୟରେ କମଳା ପ୍ରଧାନୀଙ୍କର ୨ ଗାଈ, ସତ୍ୟ ପ୍ରଧାନୀଙ୍କ ୨, ନୀଳକଣ୍ଠଙ୍କର ଗୋଟିଏ, ଡମ୍ବୁ ପ୍ରଧାନୀଙ୍କର ଗୋଟିଏ, ଡମ୍ବୁ ନାଗଙ୍କର ଗୋଟିଏକୁ ମିଶାଇ ମୋଟ ୭ ଗାଈଙ୍କ ମୃତ୍ୟୁ ହେଇଥିବା ଜଣାପଡ଼ିଛି। ଚାଷ କରିବା ସମୟ ହୋଇଥିବାରୁ ଗାଈ ମାଲିକଙ୍କ ମୁଣ୍ଡରେ ଚଡ଼କ ପଡ଼ି ଯାଇଥିବା କୁହାଯାଉଛି। ଏହି ମାଲିକମାନେ ଗରିବ ଶ୍ରେଣୀର ହେଇଥିବାରୁ ସରକାରଙ୍କ ପକ୍ଷରୁ ସହାୟତା ଯୋଗାଇ ଦେବା ନିମନ୍ତେ ସ୍ଥାନୀୟ ସରପଞ୍ଚ ଓ ଗ୍ରାମବାସୀ ଅନୁରୋଧ କରିଛନ୍ତି।

### ଅଭିଯୋଗ ଆଣିଲେ କ୍ୟାନ୍ସର ପୀଡ଼ିତା ପତ୍ନୀ

# ଶିକ୍ଷକଙ୍କୁ ଅତିରିକ୍ତ ଶିକ୍ଷା ଅଧିକାରୀଙ୍କ ମାନସିକ ନିର୍ଯାତନା!

କୋରାପୁଟ,୧୮।୭(ସମିସ): ନନ୍ଦପୁର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୁରୁଦେବ ମାଝୀ ଜଣେ ଶିକ୍ଷକଙ୍କୁ ଲାଞ୍ଚ ନଦେଲେ ଉପାନ୍ତ ଅଞ୍ଚଳକୁ ବଦଳି କରିଦେବା ଧମକ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ କରିଛନ୍ତି ଶିକ୍ଷକଙ୍କ କ୍ୟାନ୍ସର ପୀଡ଼ିତା ପତ୍ନୀ। ସୂଚନା ଅନୁଯାୟୀ ବର୍ତ୍ତମାନ ପ୍ରତି ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ନିମନ୍ତେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ତମାମ ରେଶନାଲାଇଜେଶନ ପ୍ରକ୍ରିୟା ଚାଲିଛି। ତେଣୁ କିଛି ଦିନ ପୂର୍ବରୁ ନନ୍ଦପୁର ବ୍ଲକରେ କାର୍ଯ୍ୟରତ ଶିକ୍ଷକ ଉମେଶ ଚନ୍ଦ୍ର ମଲ୍ଲିକଙ୍କୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୁରୁଦେବ ମାଝୀ ଫୋନ କରି ସେ କେଉଁ ସ୍କୁଲକୁ ବଦଳି ହେବାକୁ ଚାହୁଁଛନ୍ତି ବୋଲି ପଚାରିଥିଲେ। ଶ୍ରୀ ମଲିକଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନଥିବା ଓ ତାଙ୍କ ପତ୍ନୀ କ୍ୟାନ୍ସର ରୋଗରେ ପୀଡ଼ିତ ହୋଇ କଟକରେ ରହୁଥିବା ସେ କହିଥିଲେ। ସେ ତାଙ୍କ ମତ ଅନୁଯାୟୀ ବଦଳି ସ୍ଥାନ ଚୟନ କରିବାକୁ କହି କିଛି ଟଙ୍କା ଦେବାକୁ ବାଧ କରିଥିଲେ ବୋଲି ଶ୍ରୀ ମଲ୍ଲିକଙ୍କ ପତ୍ନୀ କଳ୍ପନା ମଲ୍ଲିକ ଅଭିଯୋଗ କରିଛନ୍ତି। ଏହି କଥା ଶୁଣିବା ପରେ ତାଙ୍କ ସ୍ୱାମୀଙ୍କର ବ୍ରେନ ଷ୍ଟ୍ରୋକ ହୋଇଥିଲା। ସେ ତୁରନ୍ତ ସେମିଳିଗୁଡା ପ୍ରାଥମିକ ଚିକିତ୍ସା କରାଇ କଟକ ନେଇଥିଲେ ଓ ସେଠାରେ ତାଙ୍କର ବ୍ରେନ ଅପରେସନ କରିଥିବା ଶ୍ରୀମତି ମଲ୍ଲିକ ଅଭିଯୋଗ କରିଛନ୍ତି। ଶ୍ରୀ ମଲ୍ଲିକ ମେଡ଼ିକାଲ ଗ୍ରାଉଣ୍ଡରେ ନିଜ ଜିଲ୍ଲାକୁ ବଦଳି ପାଇଁ ଆବେଦନ କରିଥିବାରୁ ସେ ଶୁକ୍ରବାର କୋରାପୁଟରେ ଚାଲିଥିବା ମେଡ଼ିକାଲ ବୋର୍ଡରେ ଉପସ୍ଥିତ ହୋଇଥିବା ବେଳେ ଏହି ସୂଚନା ଦେଇଛନ୍ତି। ଅନ୍ୟ ପକ୍ଷରେ ନନ୍ଦପୁର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୁରୁଦେବ ମାଝୀଙ୍କୁ ତାଙ୍କ ବିରୋଧରେ ଶ୍ରୀମତି ମଲ୍ଲିକ କରିଥିବା ଅଭିଯୋଗ ସମ୍ପର୍କରେ ପଚାରିବାରୁ ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ପ୍ରତିକ୍ରିୟା ଦେଇଛନ୍ତି। ତାଙ୍କ ପତ୍ନୀଙ୍କ ଅସୁସ୍ଥତା ଯୋଗୁଁ ସେ ସବୁବେଳେ ଚାପଗ୍ରସ୍ତ ରହୁଥିଲେ। ତାଙ୍କର ନିଜ ଗାଡ଼ି ନଥିବାରୁ ସେ ଯେଉଁଳି ସୁବିଧାରେ ସ୍କୁଲ ଯିବା ଆସିବା କରି ପାରିବେ, ସେଥିପ୍ରତି ଦୃଷ୍ଟିଦେଇ ସେ ଶ୍ରୀ ମଲ୍ଲିକଙ୍କୁ ସ୍କୁଲ ଚୟନ କରିବାକୁ କହିଥିବା ଶ୍ରୀ ମାଝୀ କହିଛନ୍ତି।

## ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ

ନବରଙ୍ଗପୁର,୧୮।୭ (ସମିସ): ନବରଙ୍ଗପୁର ଜିଲ୍ଲା ଦୌରାଜଜ୍ ସୁବ୍ରତ ମହାନ୍ତି ଏକ ହତ୍ୟାକାଣ୍ଡ ଘଟଣାର ବିଚାରଣ କରି ହତ୍ୟାକାରୀକୁ ଆଜୀବନ କାରଦଣ୍ଡରେ ଦଣ୍ଡିତ କରିଛନ୍ତି। ସିଟି କେସ ନଂ ୨୫/୨୦୨୪ର ବିଚାରଣ କରି ଏଭଳି ଦଣ୍ଡାଦେଶ ଶୁଣାଇଛନ୍ତି। ଘଟଣା ଅନୁଯାୟୀ, ୨୦୨୩ ମସିହାରେ ପାପଡାହାଣ୍ଡି ଥାନା ଅନ୍ତର୍ଗତ ପ୍ରଧାନୀଗୁଡା ଗ୍ରାମର ଲକ୍ଷ୍ମଣ ଗୌଡଙ୍କୁ ସେହି ଗ୍ରାମର ଜଗା ଗୌଡ ଟାଙ୍ଗୀଆରେ ଆକ୍ରମଣ କରିଥିଲା। ଏ ସମ୍ପର୍କରେ ଲକ୍ଷ୍ମଣ ଗୌଡଙ୍କ ଭାଇ ହାଣ୍ଡି ତୁଳାରାମ ଗୌଡ ପାପଡାହାଣ୍ଡି ଥାନାରେ ମାମଲା ଦାଏର କରିଥିଲେ।। ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥୁଲା। ଜିଲ୍ଲା ଦୌରା ଜଜ୍ ସାକ୍ଷ୍ୟ ପ୍ରମାଣ ଯାଞ୍ଚ କରି ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ ଓ ୧୦ ହଜାର ଜରିମନା ଦଣ୍ଡରେ ଦଣ୍ଡିତ କରିବା ସହ ଅନାଦେୟ ଅଧିକ ଏକ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ମୃତକ ଲକ୍ଷ୍ମଣ ଗୌଡ ପରିବାରକୁ ଆଇନ ବ୍ୟବସ୍ଥା ଅନୁଯାୟୀ କ୍ଷତିପୂରଣ ପ୍ରଦାନ ପାଇଁ ସୁପାରିଶ କରିଛନ୍ତି। ଏହି ମାମଲାକୁ ପିପି ମନୋଜ କୁମାର ଏକ୍କା ପରିଚାଳନା କରିଥିବା ଶ୍ରୀ ଏକ୍କା ସୂଚନା ଦେଇଛନ୍ତି।

### ଅଙ୍ଗନବାଡ଼ି ଦିଦିଙ୍କ ମହାନତା

# ନିଜସ୍ୱ ଉଦ୍ୟମରେ ଶିଶୁଙ୍କୁ ବାଣ୍ଟିଲେ ଛତା



ନନ୍ଦପୁର,୧୮।୭ (ସମିସ): କୌଣସି ସରକାରୀ ଯୋଜନା ନୁହେଁ, ନିଜସ୍ୱ ଉଦ୍ୟମରେ ଶିଶୁଙ୍କୁ ଅଙ୍ଗନବାଡି କର୍ମୀ ଛତା ବାଣ୍ଟି ଚର୍ଚ୍ଚାକୁ ଆସିଛନ୍ତି। ଏଥିରେ ନନ୍ଦପୁର ସିଡିପିଓ ମିନତି ବାଲା ପଟ୍ଟନାୟକ ଯୋଗ ଦେଇ ଶିଶୁଙ୍କୁ ଛତା ବାଣ୍ଟିଥିଲେ। ଏହି ଛତାର ସମସ୍ତ ଅର୍ଥ ଅଙ୍ଗନବାଡି କର୍ମୀ ନିଜେ ବହନ କରିଛନ୍ତି। କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ହିକିମ ପୁଟ ଗ୍ରାମ ପଞ୍ଚାୟତ ଅଧୀନସ୍ଥ ଲୁଜିଙ୍ଗ ଅଙ୍ଗନ ବାଡ଼ି କେନ୍ଦ୍ରରେ ଶୁକ୍ରବାର ବର୍ଷା ସମୟରେ ସୁରକ୍ଷିତ ଭାବେ କେନ୍ଦ୍ରକୁ ଆସିବା ପାଇଁ ଶିଶୁ ମାନଙ୍କୁ ଛତା ପ୍ରଦାନ କରିଛନ୍ତି ଅଙ୍ଗନବାଡି କର୍ମୀ ସ୍ନେହମୟୀ ଦାସ । ପୂର୍ବରୁ ମଧ୍ୟ ସେ ଅନେକ କାର୍ଯ୍ୟ କରି ବ୍ଲକ ଠାରୁ ରାଜ୍ୟସ୍ତରରେ ପୁରସ୍କୃତ ହେବା ସହ ପ୍ରଶଂସାର ପାତ୍ର ହୋଇ ପାରିଛନ୍ତି। ଏହି କାମ ପାଇଁ ସିଡିପିଓ ଅଙ୍ଗନବାଡି କର୍ମୀଙ୍କୁ ପ୍ରଶଂସା କରିବା ସହ ସେ ଦିଦି ନୁହଁନ୍ତି ଶିଶୁ ମାନଙ୍କର ମା'ବୋଲି ଉଲ୍ଲେଖ କରିଛନ୍ତି।

## ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

ଲକ୍ଷ୍ମୀପୁର,୧୮।୭(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅର୍ନ୍ତଗତ ବନ୍ଧିକାର ନିକଟରେ ବୁଧବାର ରାତିରେ ଉଷ୍ଣାଭଟା ଗାଁର ଅକ୍ଷୟ ହିକକା(୨୫) ଏକ ବାଇକ୍ ଦୁର୍ଘଟଣାରେ ଗୁରୁତର ହୋଇ ଲକ୍ଷ୍ମୀପୁର ମେଡ଼ିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କୋରାପୁଟ ବଡ ମେଡ଼ିକାଲକୁ ସ୍ଥାନାନ୍ତର କରା ଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇ ଥିବା ନେଇ ଚିକିତ୍ସା କରୁଥିବା ଡାକ୍ତର କହିଥିଲେ। ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଅକ୍ଷୟଙ୍କ ବାପା ଶୁକ୍ରବାର ସକାଳେ ଲକ୍ଷ୍ମୀପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ୍ ମାମଲା ରୁଜୁ କରି ଶବକୁ ଅନ୍ତିମ ସଂସ୍କାର ପାଇଁ ପରିବାରକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

# ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି, କ୍ୟାଣ୍ଡେଲ୍ ଶୋଭାଯାତ୍ରା



ସୁନାବେଡ଼ା, ୧୮।୭(ସମିସ): ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ସେବକ ଦଳ ଓ ଶାଶ୍ୱତୀ ମହିଳା ମହାସଂଘ ତରଫରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି କାର୍ଯ୍ୟକ୍ରମଟି ସେବକ ଦଳ ସମ୍ପାଦକ ତ୍ରିଲୋଚନ ବେହେରା ,୧ନଂ ୱାର୍ଡର କାଉନ୍‌ସିଲର ସ୍ୱର୍ଣ୍ଣ ପ୍ରଭା ପଟ୍ଟନାୟକ ଏବଂ ମନୋଜ କୁମାର ମୁଦୁଲିଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ସ୍ୱର୍ଗତ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ଏକ କ୍ୟାଣ୍ଡଲ୍ ରାଲିର ମଧ୍ୟ ଆୟୋଜନ କରାଯାଇଥିଲା। ଏହି ରାରି ସୁନାବେଡ଼ା - ୩, ସୁବାସ ନଗର ଛକ ଠାରୁ ଏଇଏଫ୍ ବଜାର , ହନୁମାନ ବଜାର, ଗଞ୍ଜାମ କଲୋନୀ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଅଞ୍ଜଳୀ ପଣ୍ଡା, ଲିଲି ମହାନ୍ତି, ତନୁଜା ସାବତ, ଭାଗ୍ୟ ପାଣିଗ୍ରାହି, ପ୍ରଭାସିନି ଜେନା, ସୁପ୍ରଭା ବିଶ୍ୱାଳ, ରାଜେଶ୍ୱରି ନାୟକ, ସ୍ୱପ୍ନା ମହାରଣା, ମଣିମାଳା ବିଶ୍ୱାସ, ଝରଣା ମଣ୍ଡଳ, ବୁଦ୍ଧି ରାଉତରାୟ, ମିନତି ମହାନ୍ତି, ରମେଶ ସାହୁ ,ଶିବାନନ୍ଦ ପାତ୍ର, ସୁକ ଭାଇ, ସାଇମାନ ସାଗର, ସନ୍ଧ୍ୟା ମହାନ୍ତି, ଗୋବିନ୍ଦ ପାତ୍ର, ଗୌରୀ ଶଙ୍କର ଓଝା, ଅନୁମ୍ ସେଠୀ, ଶାଶ୍ୱତୀ ମହିଳା ମହାସଂଘ ସମସ୍ତ ମହିଳା ଉପସ୍ଥିତ ଥିଲେ। ସେବକ ଦଳ ପକ୍ଷରୁ କୁହାଯାଇଛି ଯେ, ସୌମ୍ୟାଶ୍ରୀଙ୍କ ନିଧନ ତାଙ୍କ ପରିବାର ପାଇଁ ଏକ ଅପୂରଣୀୟ କ୍ଷତି। ଏହି ଘଟଣା ଉପରେ ନ୍ୟାୟ ମିଳିବା ଜରୁରୀ ବୋଲି ସେବକ ଦଳର ଯୁବବର୍ଗ ଦାବି କରିଛନ୍ତି।

## ସାପକାମୁଡ଼ାରେ ଶିଶୁକନ୍ୟା ମୃତ



ନନ୍ଦପୁର, ୧୮।୭ (ସମିସ): ସର୍ପ ଦଂଶନରେ ୫ବର୍ଷର ଶିଶୁ କନ୍ୟାଙ୍କ ମୃତ୍ୟୁ ଘଟିଛି। ନନ୍ଦପୁର ଥାନା ଅନ୍ତର୍ଗତ ଉମ୍ବେଲ ଗ୍ରାମପଞ୍ଚାୟତ ସଦର ଗ୍ରାମର ଚୈତନ୍ୟ କଡବି ଓ ନୀଳା କଡବି ଝିଅ କୁନି କଡବିଙ୍କୁ ନେଇ ଜମିରେ ବାଦାମ ଲଗାଇବାକୁ ଯାଇଥିଲେ। କାମ ଚାଲିଥିବା ସମୟରେ ଝିଅ କୁନି ନିକଟସ୍ଥ ନଦୀକୂଳକୁ ପାଣି ପିଇବାକୁ ଯାଇଥିଲା। ତେବେ ସେଠାରେ ଏକ ବିଷାକ୍ତ ସାପ ତାକୁ କାମୁଡ଼ି ଦେଇଥିଲା। ଝିଅର ପାଟି ଶୁଣି ପିତା, ମାତା ନଦୀ କୂଳକୁ ଯାଇ ଝିଅକୁ ଉଦ୍ଧାର କରିବା ସହ ନନ୍ଦପୁର ମେଡିକାଲକୁ ଆଣିଥିଲେ। ତାଙ୍କୁ କୋରାପୁଟ ବଡ଼ ମେଡିକାଲଙ୍କୁ ନିଆଯାଇଥିଲା। ବିଳମ୍ବିତ ରାତିରେ ଶିଶୁ କନ୍ୟାର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

# ବୁଥ୍‌ସ୍ତରୀୟ ଅଧିକାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ନବରଙ୍ଗପୁର,୧୮।୭ (ସମିସ): ନିର୍ବାଚନ ସମ୍ବନ୍ଧୀୟ ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଯାୟୀ ନବରଙ୍ଗପୁର ଜିଲ୍ଲାର ନବରଙ୍ଗପୁର ସଦର ବ୍ଲକ୍ ଠାରେ ପ୍ରଥମ ଦିନ ୫୦ ଜଣ ବୁଥ୍ ସ୍ତରୀୟ ଅଧିକାରୀଙ୍କ ସହ ମୋଟ ୫୫ ଜଣ ଏବଂ ଦ୍ୱିତୀୟ ଦିନ ୪୫ ଜଣ ବୁଥ୍ ସ୍ତରୀୟ ଅଧିକାରୀଙ୍କ ସହ ମିଶି ମୋଟ ୪୭ ଜଣ ଶିକ୍ଷାର୍ଥୀ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱଙ୍ଗ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସହକାରୀ ଜିଲ୍ଲାପାଳ ଜ୍ୟୋତିରାଣୀ ରଥ, ନବରଙ୍ଗପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡଃ.ସୁନୀଲ ଖରା, ନବରଙ୍ଗପୁର ତହସିଲଦାର କୈଳାସ ଚନ୍ଦ୍ର ତ୍ରିପାଠୀ, ନବରଙ୍ଗପୁର ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ଡଃ.ଅଶୋକ କର୍ଣ୍ଣଙ୍କ ସମେତ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ବୁଥ୍ ସ୍ତରୀୟ ତତ୍ତ୍ୱାବଧାରକ ସନ୍ତୋଷ କୁମାର ପାତ୍ର ସମସ୍ତ ଶିକ୍ଷାର୍ଥୀ ମାନଙ୍କୁ ମୋଟ ୪ଟି ଅଧିବେଶନରେ ଉଭୟ ତାତ୍ତ୍ୱିକ ଓ ପ୍ରୟୋଗାତ୍ମକ ପ୍ରଶିକ୍ଷଣ ଦେଇଥିଲେ। ପ୍ରଯୁକ୍ତିଗତ କାର୍ଯ୍ୟରେ ବ୍ରଜେନ୍ଦ୍ର ମାଛୁରିଆ, ତପନ କୁମାର ମିଶ୍ର, ରୋଶନ କୁମାର ସୁନା ଏବଂ ନରସିଂହ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ କରିଥିଲେ।

### ଅଚାନକ ସ୍କୁଲ ପରିଦର୍ଶନ କଲେ

# ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇଲେ ଜିଲ୍ଲାପରିଷଦ ସଭ୍ୟା



ବୈପାରୀଗୁଡ଼ା,୧୮।୭ (ସମିସ): ଅଚାନକ ସ୍କୁଲ ପରିଦର୍ଶନ କଲେ, କ୍ଲାସ ରୁମ୍‌ରେ ଗଣିତ ପଢାଇଲେ ଜିଲ୍ଲାପରିଷଦ ସଭ୍ୟା। ବୈପାରୀଗୁଡା ବ୍ଲକ ଅନ୍ତର୍ଗତ କୋଲାର ପଞ୍ଚାୟତର ଟାଙ୍ଗିଣୀଗୁଡା ସ୍ଥିତ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ଅଚାନକ ପରିଦର୍ଶନ କରିଛନ୍ତି ଜିଲ୍ଲାପରିଷଦ ସଭ୍ୟା ମଣି ଜାନି ଏବଂ ସରପଞ୍ଚ ଜୟନ୍ତୀ ନାୟକ। ପ୍ରାଥମିକ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପାଠପଢ଼ା ସମ୍ପର୍କରେ ପଚାରି ଥିଲେ। ଶୌଚାଳୟ ସ୍ଥିତି ଅନୁଧ୍ୟାନ କରିଥିଲେ ଏବଂ ମଧ୍ୟାହ୍ନଭୋଜନର ମାନ ତଦାରଖ କରିଥିଲେ। ଏହା ପରେ କ୍ଲାସ ରୁମରେ ପଶିଥିଲେ। ପିଲାଙ୍କୁ ବ୍ଲାକ ବୋର୍ଡରେ ଗଣିତ ବିଷୟର ପ୍ରଶ୍ନୋତ୍ତର ଅଭ୍ୟାସ କରାଇଥିଲେ। ପରେ ହାଇସ୍କୁଲ ପିଲାଙ୍କୁ ମଧ୍ୟ ପାଠପଢ଼ା ସମ୍ପର୍କରେ ପଚାରି ଥିଲେ। ବିଦ୍ୟାଳୟର ସୁବିଧା ଅସୁବିଧା ନେଇ ପ୍ରଧାନଶିକ୍ଷକ ସୂର୍ଯ୍ୟକାନ୍ତ ରାଜଙ୍କ ସହ ଆଲୋଚନା କରିବା ସହ ରୋଷଇ ଘର, ଅତିରିକ୍ତ ଶ୍ରେଣୀ ଗୃହ, ପଚେରୀ ନିର୍ମାଣ ଦାବି ପୂରଣ କରିବା ନେଇ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଖାଦ୍ୟର ମାନ ଓ ସ୍ୱଚ୍ଛତା ଯାଞ୍ଚ, ହୋଟେଲ ସିଲ୍

## ୩୫ ହଜାର ଜରିମାନା ଆଦାୟ

କୋରାପୁଟ,୧୮।୭(ସମିସ): କୋରାପୁଟ ପୌର ପରିଷଦ ତରଫରୁ ଖାଦ୍ୟର ମାନ ଓ ସ୍ୱଚ୍ଛତା ନେଇ ସହରର ବିଭିନ୍ନ ହୋଟେଲରେ ଯାଞ୍ଚ କରାଯାଉଛି। ସହରରେ ବାସି ଖାଦ୍ୟ ସହ ସ୍ୱଚ୍ଛତାକୁ ନେଇ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ପରେ ମ୍ୟୁନିସିପାଲଟିର ଏନ୍‌ଫୋର୍ସମେଣ୍ଟ ଟିମ ପକ୍ଷରୁ ସହରର କିଛି ନାମିଦାମୀ ହୋଟେଲରେ ଚଡ଼ଉ କରି ମୋଟା ଅଙ୍କର ଜରିମନା ଆଦାୟ କରାଯାଇଛି। ଶୁକ୍ରବାର ଖାଦ୍ୟର ମାନ ଓ ସ୍ୱଚ୍ଛତା ଯାଞ୍ଚ ପାଇଁ ଚଡଉ ବେଳେ ଏକ ହୋଟେଲକୁ ୨ ଦିନ ପାଇଁ ସିଲ କରାଯାଇଥିବା ବେଳେ ସହରର ବିଭିନ୍ନ ହୋଟେଲରେ ଚଡ଼ଉ କରାଯାଇ ୩୫ ହଜାର ଟଙ୍କା ଜରିମାନା ଦିଆଯାଇଛି। ଆଗକୁ ପୁଣି ନିମ୍ନମାନର ଖାଦ୍ୟ ସହ ସ୍ୱଚ୍ଛତା ଉପରେ ଧ୍ୟାନ ନଦେଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୌର ପରିଷଦର ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଖାଦ୍ୟ ସୁରକ୍ଷା ବିଭାଗ ଆସିଷ୍ଟାଣ୍ଟ ତ୍ରିଲୋଚନ ବେହେରା, ମ୍ୟୁନସିପାଲଟି ସାନିଟାଇଜେସନ ଏକ୍ସପୋର୍ଟ ସୁପ୍ରଭା ମଲିକ୍, ସାନିଟାଇଜେସନ ଇନ୍‌ସପେକ୍ଟର ଭରତ ହାଲବାଙ୍କ ସହ ମ୍ୟୁନିସିପାଲଟି କର୍ମଚାରୀ ଉପସ୍ଥିତ ଥିଲେ।

### ଜୟପୁର କଲେଜ ଅଫ୍ ଫାର୍ମାସୀ

# ଅଗ୍ନିବୀର ବାୟୁ ନିଯୁକ୍ତି ଜାଗରଣ କର୍ମଶାଳା



ଜୟପୁର, ୧୮।୭(ସମିସ): କୋରାପୁଟ ଜିଲ୍ଲା ରଣ୍ଡାପାଲ୍ଲୀ ସ୍ଥିତ ଜୟପୁର କଲେଜ ଅଫ ଫାର୍ମାସୀଠାରେ ଅଗ୍ନିବୀର ବାୟୁ ନିଯୁକ୍ତି ଜାଗରଣ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ସ୍ଥିତ ଓଡ଼ିଶା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ନିର୍ଦ୍ଦେଶିକା ଡଃ. ପ୍ରିୟମ୍ବଦା ଷଡଙ୍ଗୀ, ଅଧ୍ୟକ ଡଃ. ସତ୍ୟବ୍ରତ ଜେନା, ଉପାଧ୍ୟକ୍ଷ ଡଃ. ସଂଗ୍ରାମୀ କେଶରୀ ପଣ୍ଡା, ବାୟୁସେନାର ଏସଜିଟି ଏନ.ଡି.ସିଂ, ଏସଡିଟି ପ୍ରସନ୍ନ କୁମାର ଏବଂ ଶୁଭମ ଆନନ୍ଦଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ତଥା ନିଯୋଜନ ପ୍ରତିନିଧି ମଞ୍ଚାସୀନ ରହିଥିଲେ। କର୍ମଶାଳାରେ କଲେଜର ୮୩ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ। ଏହି ଅବସରରେ ଭାରତୀୟ ବାୟୁସେନାର ଫାର୍ମାସିଷ୍ଟ ତଥା ମେଡିକାଲ ଆସିଷ୍ଟେଣ୍ଟ ପଦବୀ ଗୁଡିକରେ କିପରି ନିଯୁକ୍ତି ହୋଇପାରିବେ, ସେଥିନେଇ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଏହି କର୍ମଶାଳାକୁ ମହାବିଦ୍ୟାଳୟର ଏନଏସଏସ ବିଭାଗ ସଦସ୍ୟ ମାନେ ଆୟୋଜନ କରିଥିଲେ। ଏହି ଅବସରରେ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅଧ୍ୟାପକ ବିଘ୍ନେଶ ମହାନ୍ତି ଏବଂ ଅଧ୍ୟାପିକା ମାଜମା ବେଗମ ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ ଜମିର ସୁରକ୍ଷା ଦାବି

# ତହସିଲଦାରଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ



ନନ୍ଦାହାଣ୍ଡି, ୧୮।୭(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ସିନ୍ଧିଗୁଡା ପଞ୍ଚାୟତ ଅନ୍ତର୍ଗତ ନୀଳକଣ୍ଠଗୁଡା ଗ୍ରାମବାସୀଙ୍କ ପକ୍ଷରୁ ନନ୍ଦାହାଣ୍ଡି ତହସିଲଦାରଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରାଯାଇଛି। ଅଭିଯୋଗ ପ୍ରକାରେ ବୋରିଗୁମ୍ମା ଅଞ୍ଚଳର ପୀତବାସ ପଣ୍ଡା ସରକାରୀ ଜମିକୁ ଜବରଦଖଲ କରିଛନ୍ତି। ନନ୍ଦାହାଣ୍ଡି ତହସିଲ ସିନ୍ଧିଗୁଡ଼ା ରେଭିନ୍ୟୁ ସର୍କଲ ଅଧିନସ୍ଥ ଗାଦବାଗୁଡା ମୌଜାର ଖେଳପଡିଆ ଏବଂ ନୀଳକଣ୍ଠଗୁଡା ଓ ନୂଆଗୁଡ଼ାକୁ ସଂଯୋଗ କରୁଥିବା ରାସ୍ତାକୁ ମାଟି ସମତଳ କରିବା ସହ ପ୍ଲଟିଂ କରି ବିକ୍ରି ଯୋଜନା କରୁଛନ୍ତି ବୋଲି ଗତ ଜୁନ ୬ ତାରିଖରେ ଗ୍ରାମବାସୀ ନନ୍ଦାହାଣ୍ଡି ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଅନୁସାରେ ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆ କହିଛନ୍ତି ଯେ , ତଦନ୍ତ ସରିଛି ଏବଂ ଉକ୍ତ ଜାଗା ପଟ୍ଟା ଥିବା ଘରୋଇ ଜାଗା ଅଟେ। ଏଠାରେ ଗ୍ରାମବାସୀଙ୍କ ଗୋଟିଏ ପ୍ରଶ୍ନ, ଉକ୍ତ ଜାଗା ଜଣେ ବୋରିଗୁମ୍ମାର ଲୋକଙ୍କ ନାମରେ କେଉଁ ମାଧ୍ୟମରେ ହସ୍ତଗତ ହେଲା। ଜମି ମାଫିଆଙ୍କ ହାତ ରହିଛି ବୋଲି ଗ୍ରାମବାସୀ ସନ୍ଦେହ ପ୍ରକାଶ କରିଛନ୍ତି। ତହସିଲଦାର ଶ୍ରୀ ମହାନନ୍ଦିଆ କହିଛନ୍ତି ଯେ, ସରକାରୀ ଖେଳ ପଡିଆ ଅବା ରାସ୍ତାକୁ କୌଣସି ବ୍ୟକ୍ତି ଅକ୍ତିଆର କରିଥିଲେ ସୁଦ୍ଧା ଜବରଦଖଲ ମୁକ୍ତ କରାଯିବ। ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ସ୍ଥାନୀୟ ଆଦିବାସୀ ଓ ହରିଜନ ପରିବାରଙ୍କୁ ଘରଡିହ ପଟ୍ଟା ନଥିବା ବେଳେ କେମିତି ସରକାରୀ ଜାଗା ଜମି ବ୍ୟବସାୟୀଙ୍କ ହାତକୁ ଚାଲିଯାଉଛି। ସମସ୍ୟା ଶୁଣିବା ସମୟରେ ତହସିଲଦାରଙ୍କ ସମେତ ସୁପରଭାଇଜର ଜାଭେଦ ଅଖତର ଉପସ୍ଥିତ ରହିଥିଲେ। ଗ୍ରାମବାସୀଙ୍କ ସହ କଂଗ୍ରେସ ଚାଷୀ ନେତା ବୃନ୍ଦାବନ ତ୍ରିପାଠୀ, ସ୍ଥାନୀୟ ୱାର୍ଡ ସଭ୍ୟ ଦିବା ଜାନୀ, ରବି ଜାନୀ , ଯଦୁ ଜାନୀ, ଦେବ ହରିଜନ, ଖଗପତି ଜାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ନାରୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




ଢେଙ୍କାନାଳ, ୧୮ ।୭ (ସମିସ): ସ୍ଥାନୀୟ ଗଣେଶ ବଜାରସ୍ଥିତ ଇ-ଟେକ +୩ ଆବାସିକ ବିଜ୍ଞାନ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ପଲେଇଙ୍କ ଅଧ୍ୟକ୍ଷତାରେ ନାରୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରତ୍ୟେକ ନାରୀ ଆତ୍ମନିର୍ଭରଶୀଳ ହୋଇ ନିଜକୁ ସୁରକ୍ଷା ଦେବା ସହ ସମୃଦ୍ଧ ଦେଶ ଗଠନରେ ସହାୟକ ହୋଇପାରିବେ ବୋଲି ଅଧ୍ୟକ୍ଷ ପଲେଇ ବକ୍ତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସଭାପତି ଅଧ୍ୟାପିକା ସଂଘମିତ୍ରା ଷଡ଼ଙ୍ଗୀ ଛାତ୍ରୀମାନଙ୍କୁ ଆତ୍ମରକ୍ଷାର କୌଶଳ ଶିଖିବା ସହ ନିଜପ୍ରତି ହେଉଥିବା ଅନ୍ୟାୟର ଦୃଢ଼ ପ୍ରତିବାଦ କରିବା ଅବଶ୍ୟକ ବୋଲି କହିଥିଲେ। ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା, ଅଧ୍ୟାପିକା ରାଜଲକ୍ଷ୍ମୀ ସାହୁ, ଲକ୍ଷ୍ମୀପ୍ରିୟା ସାହୁ, ପ୍ରୀତିସୌମ୍ୟା ପଟ୍ଟନାୟକଙ୍କ ସମେତ ସମସ୍ତ ଛାତ୍ରୀମାନେ ଯୋଗଦେଇଥିଲେ।

# ସାପକାମୁଡ଼ାରେ ଯୁବକ ମୃତ

କାମାକ୍ଷାନଗର, ୧୮ ।୭ (ସମିସ): କଙ୍କଡାହାଡ଼ ଥାନା କୋଚିଲାବାଙ୍କ ଗ୍ରାମରେ ସାପକାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସେହି ଗ୍ରାମର ଆନନ୍ଦ ହେସା। ଗୁରୁବାର ରାତିରେ ଆନନ୍ଦ ଖାଇସାରିବା ପରେ ଘରେ ଶୋଇଥିବା ବେଳେ ସାପ କାମୁଡ଼ି ଦେଇଥିଲା। ସକାଳେ ଆନନ୍ଦ ନ ଉଠିବାରୁ ପରିବାର ଲୋକେ ତାଙ୍କୁ ଉଠାଇବାକୁ ଗଲାବେଳେ ସେ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ତାଙ୍କ ପାଟିରୁ ଫେଣ ବାହାରୁଥିଲା। ତୁରନ୍ତ ଆନନ୍ଦଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

# ଟ୍ରକ ସହ ଟ୍ରେଲର ଧକ୍କା; ଚାଳକ ମୃତ

କାମାକ୍ଷାନଗର, ୧୮ ।୭ (ସମିସ): ୫୩ ନମ୍ବର ଜାତୀୟ ରାଜପଥର କାମାକ୍ଷାନଗର ଥାନା ଲୋକନାଥପୁର ଶାସନ ନିକଟରେ ଏକ ଟ୍ରେଲର ଭାରସାମ୍ୟ ଟ୍ରକ୍ ସହ ଧକ୍କା ହେବାରୁ ଟ୍ରେଲର ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବିହାର ସିୱାନ ଜିଲ୍ଲାର ନିସାର ଅହମ୍ମଦ। ନିସାର ଯାଜପୁର ଅଞ୍ଚଳରୁ ଟ୍ରେଲର ନେଇ ମେରାମୁଣ୍ଡଳି ଯାଉଥିବା ବେଳେ ଭାରସାମ୍ୟ ହରାଇ ଲୋକନାଥପୁର ଶାସନ ନିକଟରେ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ଏକ ଟ୍ରକକୁ ଧକ୍କା ଦେଇଥିଲେ। ସ୍ଥାନୀୟ କିଛି ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇବା ସହ ଅଧିକ ତଦନ୍ତ ଜାରି ରଖିଛି।

# ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ



ପରଜଙ୍ଗ, ୧୮ ।୭ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ବରିଷ୍ଠ ନାଗରିକମାନଙ୍କୁ ପ୍ରଶାସନ ତରଫରୁ ପରିଚୟପତ୍ର ବଣ୍ଟନ କରାଯାଇଛି। ଏଠାରେ ବର୍ତ୍ତମାନ ବରିଷ୍ଠ ନାଗରିକ ପରିଷଦର ସଭ୍ୟ ସଂଖ୍ୟା ୨ ଶହରୁ ଊର୍ଦ୍ଧ୍ୱ ରହିଛି। ପ୍ରଥମ ପର୍ଯ୍ୟାୟରେ ୯୯ ଜଣଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଶୁକ୍ରବାର ୭୦ ସଭ୍ୟଙ୍କୁ ପରିଚୟପତ୍ର ବଣ୍ଟନ ଲାଗି ବରିଷ୍ଠ ନାଗରିକ ପରିଷଦ କାର୍ଯ୍ୟାଳୟରେ ଶୁକ୍ରବାର ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନାଗରିକ ପରିଷଦର ସଭାପତି ତଥା ପରଜଙ୍ଗ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ସନାତନ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରଜଙ୍ଗ ବିଡିଓ ସୌଭାଗ୍ୟ କୁମାର ବେହେରା ମୁଖ୍ୟଅତିଥି, ପରଜଙ୍ଗ ଥାନା ଆଇଆଇସି ଧୀରେନ କୁମାର ବେହେରା, ପରିଷଦର ଉପଦେଷ୍ଟା ରମେଶ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିଙ୍କୁ ପରିଷଦ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସାମ୍ପ୍ରତିକ ସମାଜରେ ବରିଷ୍ଠ ନାଗରିକମାନଙ୍କ ଭୂମିକା ଉପରେ ପରଜଙ୍ଗ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ନୀହାର ରଞ୍ଜନ ସାହୁ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା ଓ ସେବା ଲାଗି ପୁଲିସ ସର୍ବଦା ବଦ୍ଧପରିକର ବୋଲି ଆଇଆଇସି ବେହେରା କହିଥିଲେ। ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ନାଗରିକଙ୍କୁ ବୟୋବନ୍ଦନା ସ୍ୱାସ୍ଥ୍ୟକାର୍ଡ ଓ ଅନ୍ୟ ସରକାରୀ ସହାୟତା ଯୋଗାଇ ଦେବାକୁ ବିଡିଓ ବେହେରା ଅବଗତ କରିଥିଲେ। ଶେଷରେ ଅତିଥିମାନେ ୭୦ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ କରିଥିଲେ। ପରିଷଦର ସମ୍ପାଦକ ଅକ୍ଷୟ କୁମାର ନାୟକ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଉପଦେଷ୍ଟା ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରମାନନ୍ଦ ଦଳବେହେରା, ମହେନ୍ଦ୍ର କୁମାର ଦାସ, ସୁଧାକର ନାୟକ, ଗୋକୁଳାନନ୍ଦ ଖିଲାର, ପଞ୍ଚାନନ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ଅନଲାଇନ ଗେମ୍‌ରେ ନିବେଶ କରି ମହିଳା ସର୍ବସ୍ୱାନ୍ତ

# ୧.୫୬ କୋଟି ଟଙ୍କାରେ ଘର ବିକ୍ରି କରିଦେଲେ

ଭୁବନ, ୧୮ ।୭ (ସମିସ)

କଟକ ଜିଲ୍ଲା ସାଲେପୁର ଥାନା ବାଲିସାହିର ଜଣେ ମହିଳା ଅନଲାଇନ୍ ଗେମିଂ ପ୍ଲାଟ୍‌ଫର୍ମରେ ଟଙ୍କା ନିବେଶ କରି ବଡ଼ଲୋକ ହେବା ନିଶାରେ ନିଜ ଘରକୁ ୧.୫୬ କୋଟି ଟଙ୍କାରେ ବିକ୍ରି କରିଦେଇଛନ୍ତି। ସାଇବର ଠକ ମହିଳାଙ୍କଠାରୁ ୧ କୋଟି ୫୬ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। କ୍ରାଇମବ୍ରାଞ୍ଚ ଏହି ଘଟଣାରେ ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ବାରୁଁଆ ପଞ୍ଚାୟତ କଂସରଗୋଡ଼ା ଗ୍ରାମର, ବଟକୃଷ୍ଣ ଜେଠୀଙ୍କ ପୁଅ ବିକ୍ରମ କୁମାର ଜେଠୀ ଓ କଙ୍କଡ଼ାହାଡ଼ ବ୍ଲକ ମରୁଆବିଲର କାମଦେବ ରାଉତଙ୍କୁ ଗିରଫ କରିଛି। ଏହି ଠକଙ୍କ ଲିଙ୍କ୍ ଝାଡ଼ଖଣ୍ଡ, ଛତିଶଗଡ଼ ଓ ମଧ୍ୟପ୍ରଦେଶର ସାଇବର୍ ଅପରାଧୀଙ୍କ ସହିତ ଥିବା କ୍ରାଇମବ୍ରାଞ୍ଚ ତଦନ୍ତ ସମୟରେ ଜାଣିବାକୁ ପାଇଛି।

ମହିଳା ଜଣକ ୨୦୨୪ ଫେବୃଆରୀରୁ ୨୦୨୫ ଫେବୃଆରୀ ମଧ୍ୟରେ ଏକାଧିକ ଗେମିଂ ପ୍ଲାଟ୍‌ଫର୍ମରେ ଟଙ୍କା ନିବେଶ କରିଥିଲେ। ୱାର୍ଲଡ ନେଟ୍, ବଣ୍ଟି ଗେମ୍ ଇନ୍, ୟୁବିଟ୍ କଏନ୍ ଷ୍ଟେକିଂ ଅପରଚ୍ୟୁନିଟି, ରାଇଡ୍ ବିଏନବି, ଏଚଏଚଏମ୍ ଇତ୍ୟାଦିରେ ସେ ୧ କୋଟି ୫୬ ଲକ୍ଷ ଟଙ୍କା ନିବେଶ କରିଥିଲେ। ପ୍ରଥମ ପର୍ଯ୍ୟାୟରେ କାମଦେବ ରାଉତ, ବିକ୍ରମ କୁମାର ଜେଠୀ ଓ ତାଙ୍କ ସହଯୋଗୀମାନେ ମହିଳାଙ୍କ ନିକଟରୁ ୧୦ଟି ବିଭିନ୍ନ ବ୍ୟାଙ୍କ୍ ଆକାଉଣ୍ଟ ଜରିଆରେ ୫୭ଲକ୍ଷ ୩୯ ହଜାର ୪୭୧ ଟଙ୍କା ନେଇଥିଲେ। ପରେ ନଗଦ ଆକାରରେ ୯୮ ଲକ୍ଷ ୬୦ ହଜାର ୫୨୯ ଟଙ୍କା ନେଇଥିଲେ। ଏହିଭଳି ଦୁଇ ପର୍ଯ୍ୟାୟରେ ମହିଳା ଜଣକ ଟଙ୍କା ଦେଇଥିଲେ। ଠକେଇର ଶିକାର ହୋଇଥିବା ଜାଣିବା ପରେ ମହିଳା ଜଣକ ୨୦୨୫ ଜୁଲାଇ ୭ରେ କ୍ରାଇମବ୍ରାଞ୍ଚରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତ ସମୟରେ କାମଦେବଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୪ ଲକ୍ଷ ୭୭ ହଜାର ଟଙ୍କା ଓ ବିକ୍ରମଙ୍କ ଆକାଉଣ୍ଟକୁ ୮ ଲକ୍ଷ ୪୫ ହଜାର ୪୭ ଟଙ୍କା ଟ୍ରାନ୍ସଫର୍ ହୋଇଥିବା ଜଣାପଡ଼ିଥିଲା। ମହିଳା ଓ ତାଙ୍କର ଜଣେ ବନ୍ଧୁଙ୍କ ଆକାଉଣ୍ଟରୁ ଏହି ଟଙ୍କା ଯାଇଥିଲା। ଏହି ଠକ ଗୋଷ୍ଠୀ ଭୁବନେଶ୍ୱର ଓ ଝାଡ଼ଖଣ୍ଡରେ ଜମି କିଣିଥିବା ତଦନ୍ତରୁ ଜଣାପଡ଼ିଛି। ବିକ୍ରମ ଭୁବନେଶ୍ୱର ଜୟଦେବ ବିହାର ଅଞ୍ଚଳରେ କୋଟିଏ ଟଙ୍କା ମୂଲ୍ୟର ଏକ ଘର କରିଛନ୍ତି। ନିଜ ଗାଁରେ ମଧ୍ୟ ସୁଦୃଶ୍ୟ ଅଟ୍ଟାଳିକା ନିର୍ମାଣ କରିଛନ୍ତି। ଏହି ଦୁଇ ଠକଙ୍କ ଘର ମାତ୍ର ୧୦ କିମି ଦୂରତା ମଧ୍ୟରେ ଅବସ୍ଥିତ। ବିକ୍ରମ ପାୱାର ଟିଲର ଚାଳକ ହୋଇଥିବା ବେଳେ ପରେ ସ୍ଥାନୀୟ ବିଦ୍ୟୁତ୍ ବିଭାଗ ଗ୍ରୀଡରେ ସିକ୍ୟୁରିଟି ଗାର୍ଡ ଭାବା କାର୍ଯ୍ୟ କରୁଥିଲେ। ୨ ସାଙ୍ଗ ଏକାଠି ହୋଇ ଝାଡ଼ଖଣ୍ଡ, ଛତିଶଗଡ଼, ମଧ୍ୟପ୍ରଦେଶର ସାଇବର୍ ଅପରାଧୀ ଗ୍ୟାଙ୍ଗର ଏଜେଣ୍ଟ ଭାବେ ଓଡ଼ିଶାରେ କାମ କରୁଥିଲେ। ତେବେ ସେମାନଙ୍କ ମଧ୍ୟରେ ଯାଜପୁର ଜିଲ୍ଲାର ଜଣେ ମଧ୍ୟସ୍ଥି ମଧ୍ୟ ରହିଛି। ସେ ଏବେ ଫେରାର ହୋଇଯାଇଛି। ଅନଲାଇନ୍ ଗେମିଂ ପ୍ଲାଟ୍‌ଫର୍ମରେ ଅର୍ଥ ନିବେଶ କରିବାକୁ ଯାଜପୁରର ଉକ୍ତ ବ୍ୟକ୍ତି ଜଣକ ବିଭିନ୍ନ ଲୋକଙ୍କୁ ପ୍ରଭାବିତ କରୁଥିବା କାମଦେବ ଓ ବିକ୍ରମ ଜେରା ସମୟରେ କ୍ରାଇମବ୍ରାଞ୍ଚକୁ କହିଛନ୍ତି। କ୍ରାଇମବ୍ରାଞ୍ଚ ଇନ୍ସପେକ୍ଟର ଦେବୀପ୍ରକାଶ ଦାସଙ୍କ ନେତୃତ୍ୱରେ ଏସ୍‌ଆଇ ଆକାଶ ସାମଲ ଉଭୟ ଢେଙ୍କାନାଳ ଓ ଭୁବନେଶ୍ୱରରେ ଚଢ଼ଉ କରି ଦୁଇ ଠକଙ୍କୁ ଗିରଫ କରିଥିବା ବେଳେ ଏହି କାରବାରରେ ଆହୁରି ଏକାଧିକ ଠକଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି।

# ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ଭେଟିଲେ ସାଂସଦ



ଢେଙ୍କାନାଳ, ୧୮ ।୭ (ସମିସ): ହିନ୍ଦୋଳ ନିର୍ବାଚନ ମଣ୍ଡଳି ଓଡ଼ାପଡ଼ା ବ୍ଲକ କଳାଙ୍ଗ ପଞ୍ଚାୟତ କାଳୀକାପ୍ରସାଦ ଦଲକସାହିରେ ହାତୀ ଆକ୍ରମଣରେ ମୃତ ଉଦ୍ଧବ ଦେହୁରୀଙ୍କ ପରିବାର ଲୋକଙ୍କୁ ଭେଟି ଶୁକ୍ରବାର ସମବେଦନା ଜଣାଇଛନ୍ତି ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି। ଏହି ଅବସରରେ ସାଂସଦ ଉଦ୍ଧବଙ୍କ ପରିବାରକୁ ଆର୍ଥିକ ସହଯୋଗ କରିଥିଲେ। ପରିବାରର ସୁବିଧା ଅସୁବିଧା ପଚାରି ବୁଝିବା ସହ ଢେଙ୍କାନାଳ ଡିଏଫଓ ସୁମିତ କୁମାର କରଙ୍କୁ ଫୋନ କରି ସହାୟତା ଯୋଗାଇଦେବାକୁ ଆଲୋଚନା କରିଥିଲେ। ଗ୍ରାମର ରାସ୍ତା, ବିଦ୍ୟାଳୟ, ବୟସ୍କଙ୍କୁ ଭତ୍ତା ଓ ଆବାସ ଯୋଜନାରେ ଗରିବଙ୍କୁ ଘର ଯୋଗାଇ ଦେବା ପାଇଁ ଓଡ଼ାପଡ଼ା ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ହିନ୍ଦୋଳ ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ବିଜେପି ନେତା ପ୍ରଶାନ୍ତ ପ୍ରଧାନ, ସୁଶାନ୍ତ ପତି, ସହଦେବ ପୃଷ୍ଟି, ପ୍ରକାଶ ପଣ୍ଡା, ତପନ ମହାପାତ୍ର, ସନ୍ତୋଷ ନାଏକ, ଗୁଣ୍ଡିଚାପଡ଼ା ମଣ୍ଡଳ ସଭାପତି ଦୀପକ ଜେନା, ବରିଷ୍ଠ ନେତା ସନ୍ତୋଷ ସାମଲ, ମୋଟଙ୍ଗା ମଣ୍ଡଳ ସଭାପତି ଦେବାନନ୍ଦ ବେହେରା, ବାବନ୍ଧ ମଣ୍ଡଳ ସଭାପତି ପ୍ରବୋଧ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ପରେ ସାଂସଦ ଗ୍ରାମବାସୀଙ୍କ ସହ ଗ୍ରାମର ରାଧାକୃଷ୍ଣ ମନ୍ଦିର, ବାବା କପିଳେଶ୍ୱର ମନ୍ଦିର ପରିଦର୍ଶନ କରି ଏହାର ଉନ୍ନତୀକରଣ ନିମନ୍ତେ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରିବା ସହ କଳାଙ୍ଗ ଗ୍ରାମରେ ସାପ କାମୁଡ଼ାରେ ମୃତ ବାନାମ୍ବର ସାମଲଙ୍କ ପରିବାରକୁ ଭେଟିଥିଲେ। ସେଠାରୁ ସତସଙ୍ଗ କେନ୍ଦ୍ର ପରିଦର୍ଶନ କରି ତାହାର ଉନ୍ନତି ନିମନ୍ତେ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଆଲୋଚନାରେ ବାବୁଲା ସାହୁ, ଟୁନା ସାମଲ, ଅରୁଣ ପଣ୍ଡା, ପ୍ରତାପ ଜେନା, ପ୍ରଭାତ ମହାପାତ୍ର, ସୁଲେଖ ସ୍ୱାଇଁ, ସୁଜିତ ପ୍ରଧାନ ପ୍ରମୁଖ ଭାଗନେଇଥିଲେ। ପରେ ଦୀନବନ୍ଧୁପୁରସ୍ଥିତ ଶନି ମନ୍ଦିର ପରିଦର୍ଶନ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଦର୍ଶନ କରିଥିଲେ। ବଟକୃଷ୍ଣ ଭୋଇଙ୍କ ନେତୃତ୍ୱରେ ବିଦ୍ୟାମନ୍ଦିରର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା କର୍ମଚାରୀ ସାଂସଦଙ୍କୁ ସ୍ୱାଗତ କରିଥିଲେ। ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ କର୍ତ୍ତୃପକ୍ଷ ସାଂସଦଙ୍କୁ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ରମେଶ ପଣ୍ଡା, ପଦ୍ମନାଭ ସାମଲ, ଅମୂଲ୍ୟ ବେହେରା, ଗଣେଶ୍ୱର ବାରିକ, ସଂଗ୍ରାମ ନାୟକ, ନରେଶ ବେହେରା, ଅଜିତ ଗଡ଼ନାୟକ, ଗୌତମ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ନୂଆଗଡ଼ରେ ହାତୀ ଉପଦ୍ରବ



ଗଁଦିଆ, ୧୮ ।୭ (ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଷଡ଼ଙ୍ଗୀ ବନାଞ୍ଚଳ ଅଧୀନ ଦିଗମ୍ବରପୁର ପଞ୍ଚାୟତର ନୂଆଗଡ଼ ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ପାଚେରି ଭାଙ୍ଗି ଗୁରୁବାର ହାତୀ ଲଗାଯାଇଥିବା ଚାରାଗୁଡ଼ିକ ନଷ୍ଟ କରିଦେଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟାନନ୍ଦ ପାଣି ଓ ପରିବେଶ କ୍ଲବର ମାର୍ଗଦର୍ଶକ ଅଭୟ କୁମାର ଶତପଥୀ କ୍ଷୟକ୍ଷତି ସମ୍ପର୍କରେ ଷଡ଼ଙ୍ଗୀ ରେଞ୍ଜ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିବା ସହ କ୍ଷତିପୂରଣ ପାଇଁ ଦାବି କରିଛନ୍ତି।

# ଦିନରେ ଜଳୁଛି ରାତିରେ ଲିଭୁଛି

ଭୁବନ, ୧୮ ।୭ (ସମିସ): ୫୩ନଂ ଜାତୀୟ ରାଜପଥ ଦେଇ ଭୁବନ ଥାନାକୁ ଯାତାୟାତ କରୁଥିବା ଲୋକଙ୍କ ସମସ୍ୟା ଦୂରୀଭୂତ କରିବାକୁ ଲାଇଟ ଲଗାଯାଇଛି। ତେବେ ଏହି ଲାଇଟ ଦିନରେ ଜଳୁଥିବା ବେଳେ ରାତିରେ ବନ୍ଦ ରହୁଛି। ଏହି ଅଦ୍ଭୁତ କଥା ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲ୍ଲା ଭୁବନ ଏନ୍‌ଏସି ଅନ୍ତର୍ଗତ ୫୩ନଂ ଜାତୀୟ ରାଜପଥର କଲେଜ ଛକଠାରୁ ସିଭିଲ କୋର୍ଟ ଛକ ସହିତ ଭୁବନ ଥାନା ମଧ୍ୟରେ ଥିବା ରାସ୍ତାରେ। ଏହି ସ୍ଥାନଗୁଡ଼ିକ ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବା ବେଳେ ଜାତୀୟ



ରାଜପଥ ବିଭାଗର ଖାମଖିଆଲ ମନୋଭାବ ପାଇଁ ଅଞ୍ଚଳରେ କ୍ଷୋଭ ପ୍ରକାଶ ପାଇଛି। ସକାଳ ୬ ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଲାଇଟ ଜଳୁଛି। ତେବେ ସନ୍ଧ୍ୟା ୬ରୁ ସକାଳ ୬ ପର୍ଯ୍ୟନ୍ତ ବନ୍ଦ ରହୁଛି। ଫଳରେ ସନ୍ଧ୍ୟା ହେଲେ ପ୍ରାୟ ଦୁଇ କିଲୋମିଟର ଏହି ରାସ୍ତା ସମ୍ପୂର୍ଣ୍ଣ ଅନ୍ଧାର ହୋଇଯିବାରୁ ଦୁର୍ଘଟଣା ଘଟିବା ସହ ରାହାଜାନୀ ଭଳି ଘଟଣା ଦେଖିବାକୁ ମିଳିଛି। ଏ ଦିଗରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟିଦେଇ ତ୍ରୁଟି ସୁଧାରିବାକୁ ସାଧାରଣରେ ଦାବି ହୋଇଛି।

# ସ୍କିଲ୍ ଇଣ୍ଡିଆ ତରଫରୁ ବିୟୁଟି ପାର୍ଲର ତାଲିମ୍



ଢେଙ୍କାନାଳ, ୧୮ ।୭ (ସମିସ): ସଦର ବ୍ଲକ ଶିମିଳିପାଟଣା ଗ୍ରାମରେ ସ୍କିଲ୍ ଇଣ୍ଡିଆ ତରଫରୁ ଆୟୋଜିତ ୩ ମାସିଆ ବିୟୁଟି ପାର୍ଲର ତାଲିମ୍ ଶିବିର ଉଦଯାପିତ ହୋଇଛି। ଶିବିରରେ ଫେସିଆଲ୍, ମେକଅପ, ବଡି କେୟାର, ପେଡ଼ି କେୟାର ଓ ହେୟାର ସ୍ୱାଏ ଆଦି ବିଷୟରେ ତାଲିମ ଦିଆଯାଇଛି। ଗ୍ରାମର ୪୦ଜଣ ଯୁବତୀ ଓ ମହିଳା ଏଥିରେ ଅଂଶଗ୍ରହଣ କରି ତାଲିମ ଗ୍ରହଣ କରିଛନ୍ତି। ପ୍ରଶିକ୍ଷିକା ସ୍ନେହଲତା ସାହୁ ତାଲିମ ପ୍ରଦାନ କରିଥିଲେ। ଗ୍ରାମ ସଭାପତି ଶିବରାମ ଆଲୋକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜନଶିକ୍ଷା କେନ୍ଦ୍ରର ନିର୍ଦ୍ଦେଶକ ମାନସ ରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ଗ୍ରାମ ସମ୍ପାଦକ ଦୁର୍ଯ୍ୟୋଧନ ସାହୁ, ସହକାରୀ ସମ୍ପାଦକ ଅଖିଳ କୁମାର ସାହୁ, ସଂଯୋଜକ ସଞ୍ଜୟ ରାଉତ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ତାଲିମରୁ ପ୍ରାପ୍ତ ଜ୍ଞାନକୁ ଉପଯୋଗ କରି ଯୁବତୀ ଓ ମହିଳାମାନେ ସ୍ୱାବଲମ୍ବୀ ହୋଇପାରିଲେ ତାଲିମ ଆୟୋଜନ ସାର୍ଥକ ହେବ ବୋଲି ଅତିଥିମାନେ କହିଥିଲେ। ଗ୍ରାମର ଶ୍ରୀକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆକ୍ରମଣ ମାମଲାରେ ୨ ଅଭିଯୁକ୍ତଙ୍କୁ ଅର୍ଥଦଣ୍ଡ

ଢେଙ୍କାନାଳ, ୧୮ ।୭ (ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନା ଆତିଣ୍ଡା ଗ୍ରାମରେ ଘଟିଥିବା ଏକ ଆକ୍ରମଣ ମାମଲାର ବିଚାର କରି ଗଁଦିଆ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅଞ୍ଜୁ ସାହୁ ସାକ୍ଷ୍ୟ ପ୍ରମାଣ ଆଧାରରେ ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଦଣ୍ଡିତ ବ୍ୟକ୍ତି ଦ୍ୱୟ ହେଲେ ସେହି ଗ୍ରାମର ବୁଲୁ ପ୍ରଧାନ ଏବଂ ତାଙ୍କ ଭାଇ ଚୁଚୁଲି ପ୍ରଧାନ। ମାମଲାର ବିବରଣୀ ଅନୁଯାୟୀ ୨୦୧୩ ନଭେମ୍ବର ୧୬ରେ ବୁଲୁ ଓ ଚୁଚୁଲି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗ୍ରାମର ପାଣ୍ଡବ ପ୍ରଧାନଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏନେଇ ଗଁଦିଆ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲା ଗଁଦିଆ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟରେ ବିଚାରାଧୀନ ଥିଲା। ମୋଟ ୧୦ଜଣ ସାକ୍ଷୀ, ୬ଟି ଦସ୍ତାବିଜ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରମାଣ ଆଧାରରେ ବିଚାରପତି ଅଭିଯୁକ୍ତ ଦ୍ୱୟଙ୍କୁ ଦୋଷୀ ସାବ୍ୟସ୍ତ କରି ୮ ଶହ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଏକ ମାସ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ କ୍ୟାଡର ଏପିପି ଶାଶ୍ୱତ ଜେନା ମାମଲା ପରିଚାଳନା କରିଥିବା ବେଳେ ଏପିପି ବିଶ୍ୱନାଥ ନାୟକ ଏବଂ କାମାକ୍ଷାପ୍ରସାଦ ରଣା ସହଯୋଗ କରିଥିଲେ।

# ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଚୋରି

ପରଜଙ୍ଗ, ୧୮ ।୭ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ମାଣିକମରା ପଞ୍ଚାୟତ ହରିଜନ ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତ ବିଦ୍ୟାଳୟରେ ପଶି ଫିଲ୍ଟର, ପ୍ରେସର କୁକର, ମଧ୍ୟାହ୍ନ ଭୋଜନ ଚାଉଳ, ଅଣ୍ଡା, ଦୁଇଟି ଗ୍ୟାସ ଟାଙ୍କି, ଗ୍ୟାସ ଚୁଲା, ପିଲାଙ୍କ ଖେଳନା ସାମଗ୍ରୀ, ସାଇକେଲ ପମ୍ପ ସହ ବିଦ୍ୟାଳୟର ବିଭିନ୍ନ ଦରକାରୀ କାଗଜପତ୍ର ନେଇଯାଇଛନ୍ତି। ଏ ନେଇ ବିଦ୍ୟାଳୟ ଶିକ୍ଷା କମିଟି ସଭାପତି ଓ ପ୍ରଧାନଶିକ୍ଷକ ପରଜଙ୍ଗ ଥାନା ଅନ୍ତର୍ଗତ ଦଦରାଘାଟି ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି।

# ହିନ୍ଦୋଳବାସୀଙ୍କ ପାଇଁ ଶୀତଳଭଣ୍ଡାର ସାତସ୍ୱପ୍ନ

ଖଜୁରିଆକଟା, ୧୮ ।୭ (ସମିସ)




ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ଶୀତଳଭଣ୍ଡାର ନାହିଁ। ଶୀତଳଭଣ୍ଡାର ସ୍ଥାପନ ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଥିବା ବେଳେ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହିନ୍ଦୋଳ ଉପଖଣ୍ଡ ଗ୍ରାମାଞ୍ଚଳର ପ୍ରାୟ ୮୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ ଥିଲେ। ତେବେ ଶୀତଳଭଣ୍ଡାର, ଜଳସେଚନ ଆଦି ମୌଳିକ ସୁବିଧା ନ ମିଳିବାରୁ ଚାଷୀମାନେ କୃଷିକାର୍ଯ୍ୟ ଉପରୁ ମୁହଁ ଫେରାଉଛନ୍ତି। ଏଥିସହ ଅଞ୍ଚଳରେ ଗଢ଼ି ଉଠିଥିବା ଶିଳ୍ପସଂସ୍ଥାଗୁଡ଼ିକରେ ନିଯୁକ୍ତି ମଧ୍ୟ ମିଳୁ ନ ଥିବାରୁ ଅଧିକାଂଶ ଲୋକ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି।

ଶୀତଳଭଣ୍ଡାର ନ ଥିବାରୁ କୃଷକମାନେ ଶାଗମାଛ ଦରରେ କୃଷିଦ୍ରବ୍ୟ ବିକିଦେବା ସହ ଉପଯୁକ୍ତ ମୂଲ୍ୟ ପାଇପାରୁ ନାହାନ୍ତି। କୃଷିପ୍ରଧାନ ହିନ୍ଦୋଳ ଉପଖଣ୍ଡ ୩୫ ପଞ୍ଚାୟତ ଓ ଗୋଟିଏ ଏନଏସିକୁ ନେଇ ଗଠିତ। ଏହି ଅଞ୍ଚଳରେ ୩୧୫୩୭ ହେକ୍ଟର ଚାଷଜମି ଅଛି। ସେଥିମଧ୍ୟରୁ ମାତ୍ର ୨୫୨୦ ଏକର ଜଳସେଚିତ ବୋଲି ସରକାରୀ କାଗଜକଲମରେ ଦର୍ଶାଯାଉଥିବା ବେଳେ କେନାଲଗୁଡ଼ିକ ମରାମତି ଓ ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ପାଣି ଆସୁନାହିଁ। ଏଠିକାର ଚାଷୀମାନେ ଧାନ ସହ ବିଭିନ୍ନ ପନିପରିବା ଚାଷ କରିଥାନ୍ତି। ମାତ୍ର ଉତ୍ପାଦିତ ଦ୍ରବ୍ୟ ଗଚ୍ଛିତ ରଖିବାକୁ ଶୀତଳଭଣ୍ଡାର ନ ଥିବାରୁ ଶାଗମାଛ ଦରରେ ବିକ୍ରି କରି ହତାଶ ହେଉଛନ୍ତି। ହାଡ଼ଭଙ୍ଗା ପରିଶ୍ରମ ଓ ହଜାର ହଜାର ଟଙ୍କା ବିନିଯୋଗ କରିବା ସତ୍ତ୍ୱେ ଉପଯୁକ୍ତ ମୂଲ୍ୟ ପାଉ ନ ଥିବାରୁ କୃଷିକାର୍ଯ୍ୟ ପ୍ରତି ମୁହଁ ଫେରାଉଛନ୍ତି।

ଏହାଛଡ଼ା ପ୍ରକୃତ ଚାଷୀ ବିହନ, କୃଷି ଯନ୍ତ୍ରପାତି, ସୌରଚାଳିତ ଫ୍ରିଜର ଆଦି କୌଣସି ସୁବିଧା ସୁଯୋଗ ପାଉ ନ ଥିବା ମଧ୍ୟ ଅଭିଯୋଗ ହୋଇଆସୁଛି। ରାଜନୈତିକ ବ୍ୟକ୍ତିବିଶେଷଙ୍କ ପ୍ରରୋଚନାରେ ସରକାରୀ ସହାୟତାଗୁଡ଼ିକ ଅଣଚାଷୀ ହାତେଇ ନେଉଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ଏହାର ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ନେବା ସହ ଚାଷୀଙ୍କ ନିମନ୍ତେ ଶୀତଳଭଣ୍ଡାର ଓ ଜଳସେଚନ ବ୍ୟବସ୍ଥା କରିବାକୁ ଦାବି ହେଉଛି।

## ଢେଙ୍କାନାଳ ବନ୍ଦ ପାଳନ ସଫଳ

# କଂଗ୍ରେସ ତରଫରୁ ଜିଲ୍ଲାବାସୀଙ୍କୁ କୃତଜ୍ଞତା

ଢେଙ୍କାନାଳ, ୧୮ ।୭ (ସମିସ): ବାଲେଶ୍ୱର ଏଫଏମ କଲେଜରେ ଦୀର୍ଘଦିନ ଧରି ଅଧ୍ୟାପକଙ୍କ ଦ୍ୱାରା ନିର୍ଯ୍ୟାତନାର ଶିକାର ହୋଇଆସୁଥିବା ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଲିଖିତ ଅଭିଯୋଗକୁ ପ୍ରଶାସନିକ କଳର ବିଭିନ୍ନ ଅଧିକାରୀ, କଲେଜ ପ୍ରିନ୍ସିପାଲ, ଥାନା ଅଧିକାରୀ, ଜିଲ୍ଲାପାଳ, ବିଧାୟକ, ସଂସଦ, ମୁଖ୍ୟମନ୍ତ୍ରୀ, ରାଜ୍ୟ ଶିକ୍ଷାମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, କେନ୍ଦ୍ର ମହିଳା ଆୟୋଗ ସମସ୍ତେ ଅଣଦେଖା କରିବା ପରେ ସେ ସମ୍ପୂର୍ଣ୍ଣ ପ୍ରଶାସନିକ ବ୍ୟବସ୍ଥା ଉପରେ ଆସ୍ଥା ହରାଇ ଆତ୍ମଦହନ କରି ଜୀବନ ହରାଇଦେଲେ। ଏହି ମର୍ମସ୍ପର୍ଶୀ ଘଟଣା ଦେଶବାସୀଙ୍କୁ ଗଭୀର ଭାବେ ମର୍ମାହତ କରିବା ସହ ଜନସାଧାରଣ, ଅଭିଭାବକ, ମହିଳା, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ସମସ୍ତ ମହଲରେ ମହିଳା ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ପ୍ରତିବାଦରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ରାଜ୍ୟ କଂଗ୍ରେସ ବାମପନ୍ଥୀ ଦଳଗୁଡ଼ିକ ସହିତ ମିଶି ଜୁଲାଇ ୧୭ ତାରିଖ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦେଇଥିଲା। ଢେଙ୍କାନାଳ ଜିଲ୍ଲାରେ ଏହି ବନ୍ଦ ସମ୍ପୂର୍ଣ୍ଣ ସଫଳ ହୋଇଛି। ଜନସାଧାରଣ, ବ୍ୟବସାୟୀ ସଂଘ, ଗାଡ଼ି ମାଲିକ ଏବଂ ଚାଳକ, ବିଭିନ୍ନ ପ୍ରତିଷ୍ଠାନ ବନ୍ଦ ଡାକରାକୁ ଅକୁଣ୍ଠ ସମର୍ଥନ ଦେଇ ସଫଳ କରାଇଥିବାରୁ କଂଗ୍ରେସ ପକ୍ଷରୁ ସମଗ୍ର ଜିଲ୍ଲାବାସୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

ଅନ୍ୟପଟେ ଜିଲ୍ଲା ସଂଯୋଜକ ଛବିରାଜ ବିଶ୍ୱାଳଙ୍କ ନେତୃତ୍ୱ ଏବଂ ପୂର୍ବତନ ଜିଲ୍ଲା ସଭାପତି ସୁନୀଲ ଦାଶଙ୍କ ସହଯୋଗରେ, ମହିଳା କଂଗ୍ରେସ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ସମେତ ବିଭିନ୍ନ ସେଲର ନେତା ଏବଂ କର୍ମୀ ଜିଲ୍ଲା ସଦର ମହକୁମା ଏବଂ ଅନ୍ୟ ସ୍ଥାନରେ ପିକେଟିଂ କରିବା ସହ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନକୁ ପରିଚାଳନା କରିଥିଲେ। ତେବେ ବିକ୍ଷୋଭକାରୀଙ୍କ ମଧ୍ୟରୁ ୨୦ରୁ ଊର୍ଦ୍ଧ୍ୱ ନେତା ଏବଂ କର୍ମୀ ପୁଲିସ ଗିରଫ କରି ଅଟକ ରଖିଥିଲେ ମଧ୍ୟ ବ୍ୟକ୍ତିଗତ ମୁଚାଲିକାରେ ସେମାନଙ୍କୁ ମୁକ୍ତ କରାଯାଇଛି। ଅଟକ ଥିବା ନେତା ଏବଂ କର୍ମୀମାନଙ୍କୁ ପୁଲିସ ପକ୍ଷରୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରାଯାଇଥିବାରୁ ଦଳ ତରଫରୁ ସାଧୁବାଦ ଜ୍ଞାପନ କରାଯାଇଛି।



# ଭୁବନେଶ୍ୱର ସିଟି

ବନ୍ଧୁ ସାଜିଲା ବଇରି

# ଚୋରି ଟଙ୍କା ଭାଗବଣ୍ଟାରୁ ଗଡ଼ିଲା ମୁଣ୍ଡ

- ସାଙ୍ଗକୁ ପଥରରେ ଛେଚି ହତ୍ୟାକଲା ସାଙ୍ଗ
- ଚୋରା ଗାଡ଼ି ଧରି ଚମ୍ପଟ ଅଭିଯୁକ୍ତ; ସାଇଣ୍ଟିଫିକ୍ ଟିମ୍‌ର ତନାଘନା

ଭୁବନେଶ୍ୱର, ୧୮।୭ (ସମିସ)



ସାଙ୍ଗହୋଇ ଗୋଟିଏ ଘରେ ରହୁଥିଲେ। ଗୋଟିଏ ଥାଳିରେ ମଧ୍ୟ ଖାଉଥିଲେ। ହେଲେ ମଦ ନିଶା ସବୁ ସାରିଦେଲା। ସାମାନ୍ୟ ବଚସାରୁ ମୁଣ୍ଡକୁ ପଥରରେ ଛେଚି ହତ୍ୟା କଲା ସାଙ୍ଗ। ଭରତପୁର ସୋମନାଥ ବସ୍ତିରେ ଏଭଳି ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ମୃତକ ହେଉଛନ୍ତି ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଅଞ୍ଚଳର କୈଳାସ ନାୟକ (୨୬)। ଏଭଳି କାଣ୍ଡ ଭିଆଇଥିବା ଅଭିଯୁକ୍ତ ନରହରି ଫେରାର ହୋଇ ଯାଇଛି। ତେବେ ଉଭୟଙ୍କ ନାମରେ ପୂର୍ବରୁ ଚୋରି ମାମଲା ରହିଥିବାରୁ ଚୋରି ଟଙ୍କା ଭାଗ ବଣ୍ଟାକୁ ନେଇ ଏପରି ଘଟଣା ଘଟିଥିବା କୁହାଯାଉଛି।

ମିଳିଥିବା ସୂଚନା ଅନୁସାରେ, ରଙ୍ଗ ମିସ୍ତ୍ରି ଭାବେ କାମ କରୁଥିବା କୈଳାସ ତାଙ୍କ ମାଆଙ୍କ ସହିତ ସୋମନାଥ ବସ୍ତିରେ ଭଡ଼ାରେ ରହୁଥିଲେ। ଏଇ କିଛିଦିନ ହେବ କୈଳାସର ସାଙ୍ଗ ନରହରି ମଧ୍ୟ ତାଙ୍କ ଘରକୁ ଆସି ରହିବାକୁ ଲାଗିଲା। ଉଭୟ ଏକାଠି ରହିବା ସହିତ ଖିଆପିଆ ମଧ୍ୟ କରୁଥିଲେ। ଗୁରୁବାର ସନ୍ଧ୍ୟାରେ ରୋଷେଇକୁ ନେଇ କୈଳାସ ଓ ତାଙ୍କ ମାଆ ବେବିନାଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହାପରେ ବେବିନା ରାଗିଯାଇ କିଛି ଦୂରରେ ଥିବା ସମ୍ପର୍କୀୟଙ୍କ ଘରକୁ ପଳାଇଥିଲେ। କିନ୍ତୁ କୈଳାସ ଓ ନରହରି ସୋମନାଥ ବସ୍ତିସ୍ଥିତ ଘରେ ରହିଥିଲେ।

ରାତିରେ କୈଳାସ ଓ ନରହରି ମିଶି ଘରେ ମଦ୍ୟପାନ କରିବା ସହିତ ଖିଆପିଆ କରିଥିଲେ। ବିଳମ୍ବିତ ରାତିରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏମିତିକି କଥା ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ଏହାପରେ ନରହରି ରାଗିଯାଇ ପ୍ରଥମେ କୈଳାସଙ୍କୁ ଆକ୍ରମଣ କରିଥିଲା। କୈଳାସ ତଳେ ପଡ଼ିଯିବା ପରେ ନରହରି ପାଖରେ ଥିବା ସିମେଣ୍ଟ ଇଟାରେ ତାଙ୍କ ମୁଣ୍ଡକୁ ଛେଚି ଦେଇଥିଲା। ସେ ଜୀବନ ବଞ୍ଚାଇବାକୁ କାକୁତିମିନତି ହେଉଥିଲେ ମଧ୍ୟ ନରହରି ପଥରରେ ଛେଚି ଚାଲିଥିଲା। କୈଳାସ ଅଚେତ ହୋଇଯିବା ପରେ ନରହରି ଚୋରା ବାଇକ୍ ନେଇ ଫେରାର ହୋଇ ଯାଇଥିଲା।

ଶୁକ୍ରବାର ସକାଳୁ ବେବିନା ଘରେ ଆସି ପହଞ୍ଚିବା ବେଳକୁ ପୁଅର ରକ୍ତ ଜୁଡ଼ୁବୁଡ଼ୁ ମୃତଦେହ ପଡ଼ିଥିଲା। ଖବରପାଇ ଭରତପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। କୈଳାସଙ୍କ ମୁହଁ ଓ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଘର ଭିତରେ ରକ୍ତ ଲଗା ଇଟା ମଧ୍ୟ ପଡ଼ି ରହିଥିଲା। ବେବିନାଙ୍କ ଅଭିଯୋଗ ଆଧାରରେ ଭରତପୁର ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଥିଲା। ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ଘର ଭିତରୁ ରକ୍ତ ଲଗା ସିମେଣ୍ଟ ଇଟା, ରକ୍ତ ନମୁନା ସବୁକୁ ସଂଗ୍ରହ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

ସେପଟେ କୈଳାସଙ୍କ ନାମରେ ଏକାଧିକ ଚୋରି ମାମଲା ରହିଥିବା ବେଳେ ପୂର୍ବରୁ ସେ ଜେଲ୍ ମଧ୍ୟ ଯାଇଛନ୍ତି। ସେହିପରି ହତ୍ୟା ଅଭିଯୁକ୍ତ ନରହରି ମଧ୍ୟ ଅନେକ ଚୋରି ମାମଲାରେ ସମ୍ପୃକ୍ତ ରହିଛି। ତେଣୁ ଚୋରି ଟଙ୍କା ଭାଗ ବଣ୍ଟାକୁ ନେଇ ଏପରି ହତ୍ୟାକାଣ୍ଡ ଘଟି ଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି। ତେବେ ନରହରିକୁ ଧରିବା ପାଇଁ ଗୋଟିଏ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଥିଲେ ମଧ୍ୟ ତା'କୁ ଧରି ପାରିନାହିଁ।

ମହଙ୍ଗା ପଡ଼ିଲା ଚାର୍ଜସିଟ୍ ନ ଦେବା

## ଖଣ୍ଡଗିରି ଥାନା ସବ୍ ଇନ୍ସପେକ୍ଟର ନିଲମ୍ବିତ

ଭୁବନେଶ୍ୱର, ୧୮।୭ (ସମିସ): ବେଆଇନ ବ୍ରାଉନସୁଗର ଓ ବନ୍ଧୁକ ମାମଲାର ଚାର୍ଜସିଟ୍ ଦାଖଲ ନ କରିବା ପୁଲିସ ଅଧିକାରୀଙ୍କ ପାଇଁ ମହଙ୍ଗା ପଡ଼ିଛି। ଏଭଳି କାର୍ଯ୍ୟ ପାଇଁ ଖଣ୍ଡଗିରି ଥାନା ସବ୍ ଇନ୍ସପେକ୍ଟର ଦେବୀପ୍ରସାଦ ବେହୁରାଙ୍କୁ ନିଲମ୍ବନ କରିଛନ୍ତି ପୁଲିସ କମିସନର ସୁରେଶ ଦେବଦତ୍ତ ସିଂ।

ମିଳିଥିବା ସୂଚନା ଅନୁସାରେ, ଗତ ଏପ୍ରିଲ ମାସରେ କମିସନରେଟ ପୁଲିସର ସ୍ୱତନ୍ତ୍ର ଅପରାଧିକ ଶାଖା (ଏସସିୟୁ) ଓ ଖଣ୍ଡଗିରି ଥାନା ନିଶା ବେପାରୀ ଶେଖ୍ ଜାମସେଦକୁ ଏନକାଉଣ୍ଟର କରିଥିଲା। ତା' ଠାରୁ ୨୦୦ ଗ୍ରାମ ଓଜନର ବ୍ରାଉନସୁଗର ଓ ବନ୍ଧୁକ ଜବତ କରିଥିଲା। ଜାମସେଦର ଗୋଡ଼ରେ ଦୁଇଟି ଗୁଳି ବାଜିଥିବାରୁ ତା'କୁ ପ୍ରଥମେ କ୍ୟାପିଟାଲ ଓ ପରେ ଏମ୍ସ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ୧୦ ଦିନ ଚିକିତ୍ସିତ ହେବାପରେ ଏପ୍ରିଲ ୨୧ ତାରିଖ ଦିନ ଜାମସେଦକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ପୁଲିସ।

ସେବେଠାରୁ ଗିରଫ ହୋଇଥିବା ଜାମସେଦ ଗତମାସ ୨୧ ତାରିଖ ସୁଦ୍ଧା ଜେଲରେ ରହିବାର ୬୨ ଦିନ ପୂରଣ କରିଥିଲା। ଅଭିଯୁକ୍ତର ଗିରଫ ଠାରୁ ୬୦ ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ କରିବାର ନିୟମ ରହିଥିବା ବେଳେ ତଦନ୍ତକାରୀ ଅଧିକାରୀ ସବ୍ ଇନ୍ସପେକ୍ଟର ଶ୍ରୀ ବେହୁରା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିପାରି ନଥିଲେ। ଅଭିଯୁକ୍ତ ଜାମସେଦର ତା'ର ଆଇନଜୀବୀ ସୁକାନ୍ତ କୁମାର ସାହୁଙ୍କ ଦ୍ୱାରା ଜାମିନ ଆବେଦନ କରିଥିଲା। ତଦନ୍ତକାରୀ ଅଧିକାରୀ ନିର୍ଦ୍ଧାରିତ ସମୟରେ ଚାର୍ଜସିଟ୍ ଦାଖଲ କରିନଥିବାରୁ କୋର୍ଟ ଭାରତୀୟ ନାଗରିକ ସଂହିତା ଧାରା ୧୮୭(୨) ଆଧାରରେ ଅଭିଯୁକ୍ତ ଜାମସେଦକୁ ଜାମିନ ପ୍ରଦାନ କରିଥିଲେ।

ତେବେ ବାରମ୍ବାର ରିମାଇଣ୍ଡର ବା ମନ ପକେଇବା ସତ୍ତ୍ୱେ ତଦନ୍ତକାରୀ ଅଧିକାରୀ କୋର୍ଟରେ ଚାର୍ଜସିଟ୍ ଦାଖଲ କରି ନ ଥିଲେ। ଅଭିଯୁକ୍ତ ଜାମସେଦ ଜାମିନ ପାଇବା ପରେ ଅତିରିକ୍ତ ଡିସିପିଙ୍କ ଠାରୁ ଆରମ୍ଭ କରି ତଦନ୍ତକାରୀ ଅଧିକାରୀଙ୍କ ପର୍ଯ୍ୟନ୍ତ କାରଣ ଦର୍ଶାଅ ନୋଟିସ କରାଯାଇଥିଲା। ଅଧିକାରୀମାନେ ରଖିଥିବା ଉତ୍ତର ଆଧାରରେ ପୁଲିସ କମିସନର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

# ଡମଣାରେ ଉଠାଦୋକାନ ଉଚ୍ଛେଦକୁ ବିରୋଧ

## ମୁଖ୍ୟମନ୍ତ୍ରୀ ବାସଭବନ ଘେରଉ କରିବ ମହାସଂଘ

ଭୁବନେଶ୍ୱର, ୧୮।୭ (ସମିସ)

ବିଏମ୍‌ସି ପକ୍ଷରୁ ଡମଣା ଛକରୁ ଶୈଳଶ୍ରୀ ବିହାର ପର୍ଯ୍ୟନ୍ତ ଉଠା ଦୋକାନକୁ ବିଏମ୍‌ସି ପକ୍ଷରୁ ଉଚ୍ଛେଦ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଜେସିବି ଆସି ସାରିଥିଲା। ସୁରକ୍ଷା ଦୃଷ୍ଟିରୁ ପୁଲିସ ମଧ୍ୟ ମୁତୟନ କରାଯାଇଥିଲା। ହେଲେ ଦୋକାନୀଙ୍କ ବିରୋଧ ଆଗରେ ନଇଁଥିଲା ବିଏମ୍‌ସି। ମାତ୍ର ୩ଟି ଦୋକାନ ଭାଙ୍ଗି ଉଚ୍ଛେଦ କରି ବିଏମ୍‌ସିକୁ ଫେରିବାକୁ ପଡ଼ିଥିଲା।

ବିଏମ୍‌ସିର ଉତ୍ତର ଜୋନରେ ପକ୍ଷରୁ ଶୁକ୍ରବାର ୧୦ ଘଟିକା ସମୟରେ ପୂର୍ବରୁ କୌଣସି ସୂଚନା ନ ଦେଇ ହଠାତ୍ ଡାକବାଜି ଯନ୍ତ୍ର ସାହାଯ୍ୟରେ ଡମଣା ଛକରୁ ଡିଏଭି ସ୍କୁଲ୍ ଛକ ପର୍ଯ୍ୟନ୍ତ ଦୁଇପାର୍ଶ୍ୱରେ ଥିବା ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରିବା ପାଇଁ ପ୍ରଚାର କରିଥିଲେ। ଦୋକାନୀମାନେ ବିରୋଧ କରିବା ଆରମ୍ଭ କରିଥିଲେ। ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ମଧ୍ୟ ସେମାନଙ୍କ ସହ



ସାମିଲ ହୋଇଥିଲା। ପ୍ରଥମେ ତିନୋଟି ଉଠାଦୋକାନକୁ ଭାଙ୍ଗିଦେବା ଫଳରେ ସେଠାରେ ଏକପ୍ରକାର ଉତ୍ତେଜନା ପ୍ରକାଶ ପାଇଥିଲା। ଶହ ଶହ ଉଠାଦୋକାନୀ ବିଏମ୍‌ସିକୁ ବିରୋଧ କରିବା ସହ ଡ୍ରୋଜର ଆଗରେ ଛଡ଼ାହୋଇ ରହିଥିଲେ। ଫଳରେ ଉଚ୍ଛେଦ ବନ୍ଦ ହୋଇଥିଲା। ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ କହିଛନ୍ତି ଗତ କିଛିଦିନ ତଳେ ବିଏମ୍‌ସି କମିସନର, ଉପାୟୁକ୍ତ, ଯୁଗ୍ମ ସଚିବ ଓ ପୁଲିସ୍ ଅଧିକାରୀମାନଙ୍କ ସମେତ ବହୁ ପଦାଧିକାରୀଙ୍କ ଉପସ୍ଥିତିରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଥିଲା। ଏହି ରାଜିନାମାରେ ଉଠାଦୋକାନ ଉଚ୍ଛେଦ ବନ୍ଦ କରିବା, ଉଚ୍ଛେଦ ସମୟରେ ଦୋକାନୀମାନଙ୍କୁ ଚିହ୍ନଟ କରି ଭେଣ୍ଡିଂଜୋନ ମାଧ୍ୟମରେ ଥଇଥାନ କରିବା, ଜୋର ଜବରଦସ୍ତ ଉଚ୍ଛେଦ ନ କରିବା, ଉଚ୍ଛେଦ ସମୟରେ ସମ୍ବିଧାନର ଧାରା ୧୯ (୧) (ଛ) ପ୍ରତି ଧ୍ୟାନ ଦେବା ଆଦି ୧୨ରୁ ଅଧିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। କିନ୍ତୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ସାଧାରଣ ପ୍ରଶାସନ ବିଭାଗ ଓ ବିଏମ୍‌ସି କର୍ମଚାରୀ କୌଣସି ଉଠାଦୋକାନୀ ଆଇନ-୨୦୧୪କୁ ନମାନି ଦୋକାନଗୁଡ଼ିକୁ ଉଚ୍ଛେଦ କରୁଛନ୍ତି। ଯାହାଫଳରେ ଦୋକାନୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି। ଏହାପରେ ମନୋଜ ବାବୁଙ୍କ ପ୍ରଶାସନ ଆଇନ କାନୁନ ନ ମାନି ବାରମ୍ବାର ଉଠାଦୋକାନୀଙ୍କୁ ଉଚ୍ଛେଦ କରନ୍ତି, ତେବେ ବାଧ୍ୟ ହୋଇ ହଜାର ହଜାର ଉଠାଦୋକାନୀ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବେ ବୋଲି ଶ୍ରୀଯୁକ୍ତ ସାହୁ ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଉପସଭାପତି ଲଲାଟ କୁମାର ଓଝା, ସସ୍ମିତା ସାହୁ, ସତ୍ୟବାନ ରାଉତ, ସୂର୍ଯ୍ୟମଣି ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ।

### ଚେତାବନୀ ଦେଲେ ନନ୍ ଭେଜ୍ ୱାର୍ଲ୍ଡ ମାଲିକ

ପଟିଆସ୍ଥିତ ନନ୍ ଭେଜ୍ ୱାର୍ଲ୍ଡକୁ ଭାଙ୍ଗିବାକୁ ନିର୍ଦ୍ଦେଶ ରହିଛି। ଏହାକୁ ବିଭିନ୍ନ ଦୋକାନୀମାନେ ବିରୋଧ କରିଥିଲା ବେଳେ ନନ୍ ଭେଜ୍ ୱାର୍ଲ୍ଡର ମାଲିକ ଏକ ଭିନ୍ନ ଢଙ୍ଗରେ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଏହି ଦୋକାନ ୨୦ ବର୍ଷ ତଳର। ବିଏମ୍‌ସି ଏହାକୁ ଅନୁମତି ପ୍ରଦାନ କରିଥିଲା। ଏଥିପାଇଁ ଟ୍ରେଡ୍ ଲାଇସେନ୍ସ ବି ଦେଇଥିଲା। ଏବେ ଭାଙ୍ଗିବାକୁ ଆସିଛି। ଏହା ଦ୍ୱାରା ଏଠାରେ କାମ କରୁଥିବା ବହୁ ପରିବାର ବେରୋଜଗାର ହୋଇଯିଏ। ଏଣୁ ସେ ଏକ ମାଂସ କଟା ଛୁରି ଧରି ନିଜକୁ ଶେଷ କରିଦେବେ ବୋଲି ବିଏମ୍‌ସିକୁ ଚେତାବନୀ ଦେଇଥିଲେ। ଏହି ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଅନ୍ୟପକ୍ଷରେ ସରକାରୀ ଜମିରେ କଣ ପାଇଁ ଦୋକାନ କରିଛ। ଭାଙ୍ଗିଲା ବେଳକୁ ଏମିତି ହଉଚ ବୋଲି କିଛି ଲୋକ ଏହି ଭିଡ଼ିଓ ଉପରେ ନିଜର ପ୍ରତିକ୍ରିୟା ରଖିଥିଲେ।

# ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ଡାଇନୋସର୍ ଦୁନିଆ

ଭୁବନେଶ୍ୱର, ୧୮।୭ (ସମିସ): ଗରିଲା, ବାଘ, ଡାଇନୋସର ଆଦି ଭଳିକିଭଳି ବନ୍ୟ ପ୍ରାଣୀଙ୍କ ସମାହାର ଏବଂ ତାଙ୍କ ଗର୍ଜନର ଶବ୍ଦ। ପାର୍କର ସେହି ପାର୍ଶ୍ୱକୁ ଗଲେ ଡାଇନୋସର ଯୁଗର ଭ୍ରମ ଦେଲାପରି ଲାଗେ। ଯେତେ ଭିତରକୁ ଗଲେ ଭିନ୍ନ ଭିନ୍ନ ଜୀବଙ୍କ ବଡ ବଡ ପ୍ରତିକୃତି। ଏପରି ଦୃଶ୍ୟ ଅନ୍ୟ କେଉଁଠି ନୁହଁ ବରଂ ରାଜଧାନୀର ଏକ ପାର୍କରେ ଦେଖିବାକୁ ମିଳୁଛି।

ପିଲାଙ୍କ ମନୋରଞ୍ଜନ ସହିତ ତାଙ୍କୁ ବିଜ୍ଞାନ ପ୍ରତି ଆକର୍ଷିତ କରିବାଲାଗି ରାଜଧାନୀର ଆଚାର୍ଯ୍ୟବିହାର ଅଞ୍ଚଳରେ ରହିଛି ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ବା ସାଇନ୍ସ ପାର୍କ। ଏଠାରେ ଭଳିକି ଭଳି ବିଜ୍ଞାନ ଉପକରଣ ସାଙ୍ଗକୁ ଛୋଟ ପିଲା ଏବଂ ପର୍ଯ୍ୟଟଙ୍କ ପାଇଁ ରହିଛି ବିଭିନ୍ନ ଶୋ ସହ ପରିସର ମଧ୍ୟରେ ରହିଛି 'ପ୍ରାକ ଐତିହାସିକ ଯୁଗରେ ଡାଇନୋସର ଜୀବନ୍ତ' ଶୀର୍ଷକ ପାର୍କ। ବିଲୁପ୍ତପ୍ରାୟ ଡାଇନୋସର, ସେମାନେ କରୁଥିବା ଗର୍ଜନ, ଅଙ୍ଗଭଙ୍ଗୀ, ପକ୍ଷୀଙ୍କ ସ୍ୱର ସମେତ ଆଦିମ ମଣିଷର କାହାଣୀ ମଧ୍ୟ ଏଥିରେ ପ୍ରଦର୍ଶିତ ହେଉଛି। ଏଥିସହିତ ବିଭିନ୍ନ ଶୋ ତଥା - ନଲେଜ ଅଫ ସ୍ଫିଅର, ଡାଇନୋସର ଆଲିଭ, ଲାଇଟ ଆଣ୍ଡ ସାଉଣ୍ଡ ସୋ ଏବଂ ସାଇନ୍ସ ସୋ ଭଳି ମୋଟ ୪ଟି ସୋ ବର୍ତ୍ତମାନ ପ୍ରଦର୍ଶିତ ହେଉଛି। ଏହାସହ ଗଣିତ ଗ୍ୟାଲେରୀ, ବିଜ୍ଞାନ ଗ୍ୟାଲେରୀ, ଥ୍ରି ଡି ସୋ କକ୍ଷ ଆଦି ମୋଟ ୪ ଟି ଗ୍ୟାଲେରି ଅଛି। ଯୋଉଁଠି ପିଲାଙ୍କ ଶିଖିବା ଭଳି ଗଣିତ ଏବଂ ବିଜ୍ଞାନ ସମ୍ବନ୍ଧିତ ବିଭିନ୍ନ ଉପକରଣ ରହିଛି। ଯାହାକୁ ଦେଖିବାକୁ ବର୍ତ୍ତମାନ ଲୋକ ଆଗ ଅପେକ୍ଷା ଅଧିକ ଆସୁଥିବା ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ସେହିପରି ଅନ୍ୟ ଦିନଗୁଡ଼ିକରେ ମଧ୍ୟ ବିଜ୍ଞାନ ସମ୍ବନ୍ଧିତ ବିଭିନ୍ନ ପ୍ରଦର୍ଶନୀ ଆୟୋଜିତ କରିଯାଇ ସ୍କୁଲ ପିଲାଙ୍କୁ ସେଥିରେ ସାମିଲ କରାଯାଉଛି।

ସୂଚନା ଅନୁଯାୟୀ, ୨୪-୨୫ ବର୍ଷରେ ୩ ଲକ୍ଷ ୫୯ ହଜାର ୫୩୧ ଜଣ ପର୍ଯ୍ୟଟକ ବିଜ୍ଞାନ କେନ୍ଦ୍ରକୁ ବୁଲିବାକୁ ଆସିଛନ୍ତି। ଯାହା ଅନ୍ୟ ବର୍ଷ ତୁଳନାରେ ୧୦ ପ୍ରତିଶତ ଅଧିକ ରହିଛି। ସେହିପରି ଏହି ପର୍ଯ୍ୟଟକଙ୍କ ମଧ୍ୟରେ ସ୍କୁଲ ପିଲା ଏବଂ ଯୁବ ପିଢ଼ିଙ୍କ ସଂଖ୍ୟା ଅଧିକ ରହିଛି। ବାକି ଦିନ ଅପେକ୍ଷା ପର୍ଯ୍ୟଟନ ଋତୁରେ ସବୁଠୁ ଅଧିକ ବିଭିନ୍ନ




ସ୍କୁଲ ପିଲାଙ୍କୁ ନେଇ ଭିଜିଟରେ ଆସିଥାନ୍ତି।

ପ୍ରକାଶ ଥାଉ କି ବର୍ତ୍ତମାନ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ମଧ୍ୟରେ ଥିବା ୪ଟି ଗ୍ୟାଲେରୀ ମଧ୍ୟରୁ ୨ଟି ଗ୍ୟାଲେରୀରେ ରିନୋଭେସନ କାର୍ଯ୍ୟ ଚାଲୁ ରହିଛି। ସେଥିପାଇଁ ତାରାମଣ୍ଡଳ ସୋ ସହ ଆଉ ଏକ ସୋ ବନ୍ଦ ରହିଥିବାରୁ ତା ବଦଳରେ ଅନ୍ୟ ଦୁଇଟି ସୋ ପର୍ଯ୍ୟଟକଙ୍କ ପାଇଁ ବ୍ୟବସ୍ଥା କରାଯାଇଥିବା ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

## ସ୍କୁଟିକୁ ଧକ୍କା ଦେଇ ଭ୍ୟାନିଟି ଝାମ୍ପିନେଲେ ଲୁଟେରା

ଝାଁଳା, ୧୮।୭ (ସମିସ): ଇନଫୋଭ୍ୟାଲି ଥାନା ଝାଁଳା ପଞ୍ଚାୟତ ମୁଣ୍ଡମୁହାଣ ଅଞ୍ଚଳରେ ସ୍କୁଟିକୁ ଧକ୍କା ଦେଇ ତାଙ୍କ ଭ୍ୟାନିଟି ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଲୁଟ୍‌ର ଶିକାର ହୋଇଛନ୍ତି ପ୍ରତିଭା ବଳିୟାରସିଂ। ଏ ନେଇ ଲୁଟ୍‌ର ଶିକାର ହୋଇଥିବା ପ୍ରତିଭା ଇନ୍‌ଫୋଭ୍ୟାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ ପ୍ରତିଭା ପୁଅକୁ ନେଇ ସ୍କୁଟର୍ ଯୋଗେ ଭୁବନେଶ୍ୱର ମାର୍କେଟିଂରେ ଯାଇଥିଲେ। ପୂର୍ବାହ୍ନ ୧୧ଟା ବେଳେ ଭୁବନେଶ୍ୱରରୁ ଘରକୁ ଫେରୁଥିଲେ। ଫେରୁଥିବା ବେଳେ ଝାଁଳା ଗ୍ରୀନ ପାର୍କ ନିକଟରେ ଦୁଇ ଜଣ ଦୁର୍ବୃତ୍ତ ଏକ ମୋଟରସାଇକଲ ଯୋଗେ ପଛ ପଟୁ ଆସି ପ୍ରତିଭାଙ୍କ ସ୍କୁଟିକୁ ଧକ୍କା ଦେଇଥିଲେ। ଫଳରେ ପ୍ରତିଭା ଓ ତାଙ୍କ ପୁଅ ଗାଡିରୁ ତଳେ ପଡ଼ିଯାଇଥିଲେ। ପ୍ରତିଭା ତଳେ ପଡ଼ି ଅଚେତ ହୋଇପଡ଼ିଥିବା ବେଳେ ଜଣେ ଲୁଟିଆ ଗାଡିରୁ ଓହ୍ଲାଇ ତାଙ୍କ ଭ୍ୟାନିଟ ବ୍ୟାଗ ଧରି ଖୋର୍ଦ୍ଧା ଅଭିମୁଖେ ଚାଲି ଯାଇଥିଲେ। ପ୍ରତିଭାଙ୍କ ପୁଅ ଚିତ୍କାର କରି ଡାକ ଛାଡିବା ବେଳକୁ ଦୁଇ ଲୁଟେରା ଚମ୍ପଟ ମାରିଥିଲେ। ଖବର ପାଇ ଇନଫୋଭ୍ୟାଲି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରତିଭାଙ୍କୁ ଉଦ୍ଧାର କରିଥିଲେ। ଏନେଇ ପ୍ରତିଭା ଇନଫୋଭ୍ୟାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରି ଘଟଣାର ତଦନ୍ତ ଚଳାଇଛି। ପ୍ରତିଭାଙ୍କ ଭ୍ୟାନିଟି ବ୍ୟାଗରେ ୫ ହଜାର ଟଙ୍କା, ଗୋଟିଏ ମୋବାଇଲ ଓ ଏଟିଏମ୍ କାର୍ଡ ଓ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିବା ଥାନାରେ ଅଭିଯୋଗ ହୋଇଛି।

## ଘର ରହିଛି ଗାଡ଼ି; ପିପିଲିରେ କଟିଲା ଚାଲାଣ



ଭୁବନେଶ୍ୱର, ୧୮।୭ (ସମିସ): ଘରେ ବାଇକ୍ ଥୁଆ ହୋଇଛି, ହେଲେ ମୋବାଇଲ୍‌କୁ ଆସିଛି ୨ହଜାର ଟଙ୍କା। ଏହାକୁ ଦେଖି ଗାଡି ମାମଲିକ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ତାଙ୍କ ଗାଡ଼ି ଘରେ ଥିବା ବେଳେ କିଭଳି ଚାଲାଣ ଆସିଲା। ତେଣୁ ଶେଷରେ ଏନେଇ ଭୁବନେଶ୍ୱର ଟ୍ରାଫିକ୍ ଡିସିପଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ କରିଥିବା ବ୍ୟକ୍ତି ହେଲେ ପଲ୍ଲବ ପ୍ରିୟବ୍ରତ ପଣ୍ଡା।

ସେ ଅଭିଯୋଗ କରିଛନ୍ତି ଯେ, ତାଙ୍କର ଗାଡି ନମ୍ବର ଓଡ଼ି୦୨ସିପି୦୦୪୨ ରହିଛି। ତାଙ୍କ ଗାଡି ବାଙ୍କିରେ ଥିବା ଘରେ ରହିଛି। କିନ୍ତୁ ଗତ ୨୭ତାରିଖରେ ତାଙ୍କ ନିକଟକୁ ୨ହଜାର ଟଙ୍କାର ଚାଲାଣ ଆସିଲା। ସାକ୍ଷୀଗୋପାଳ ନିକଟରେ ଗାଡି ୮୫ ସ୍ପିଡ୍ ଯାଉଥିବାରୁ ଚାଲାଣ କଟାଯାଇଥିବା ଦର୍ଶାଯାଇଛି। ସେ ଏହାକୁ ଯାଞ୍ଚ କରିବା ପରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କାରଣ ଯେଉଁ ଫଟୋ ପରିବହନ ଆପ୍‌ରେ ଆସିଛି ତାହା ତାଙ୍କର ଫଟୋ ନୁହେଁ। ଅନ୍ୟ କେହି ତାଙ୍କ ଗାଡି ନମ୍ବର ଲଗାଇ ଜଣେ ଯୁବତୀଙ୍କୁ ବସାଇ ଗାଡିକୁ ୮୫ ସ୍ପିଡରେ ଯାଇଛନ୍ତି। ତେଣୁ ଉକ୍ତ ଯୁବକ ଚଳାଉଥିବା ଗାଡି ତାଙ୍କର ହୋଇନଥିବା ବେଳେ ଗାଡି ଚାଳନା କରୁଥିବା ବ୍ୟକ୍ତି ସେ ମଧ୍ୟ ନୁହେଁ। ତେଣୁ କେହି ବ୍ୟକ୍ତି ତାଙ୍କ ଗାଡି ନମ୍ବର ପ୍ଲେଟ୍ ବେଆଇନ୍ ଭାବେ ଲଗାଇ ଗାଡି ଚଳାଉଛି। ଯେଉଁଥି ପାଇଁ ତାଙ୍କ ନିକଟକୁ ଚାଲାଣ ଆସିଛି। କି ଚୋରା ଗାଡି ହୋଇଥିବାରୁ ଏଭଳି ନମ୍ବର ପ୍ଲେଟ୍ ଲଗାଇ ଚଲାଉଥିବା ସେ କହିଛନ୍ତି। ତେଣୁ ଏହାର ତଦନ୍ତ କରାଯାଇ ଉକ୍ତ ବ୍ୟକ୍ତିଙ୍କୁ ଧରାଯାଉ ବୋଲି ସେ କହିଛନ୍ତି।




# 'ବନ୍ଦ୍' ଆର୍ଶୀବାଦ; ଅଧା କମିଗଲା ବାୟୁ ପ୍ରଦୂଷଣ

ଭୁବନେଶ୍ୱର, ୧୮।୭ (ସମିସ)

ରାଜଧାନରେ ବେଳକୁବେଳ ଯାନବାହାନ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଯାନବାହାନ ସଂଖ୍ୟା ବୃଦ୍ଧି ଅନୁଯାୟୀ ପ୍ରଦୂଷଣର ମାତ୍ରା ମଧ୍ୟ ବଢ଼ିବାରେ ଲାଗିଛି। ତେବେ ଏଭଳି ସମୟରେ ଗତ ଗୁରୁବାର ବିରୋଧୀ ରାଜନୈତିକ ଦଳ ପକ୍ଷରୁ ରାଜ୍ୟରେ ବନ୍ଦ ପାଳନ କରାଯାଇଥିଲା। ଯାହାର ପ୍ରଭାବ ରାଜଧାନୀରେ ପରିଲକ୍ଷିତ ହୋଇଥିଲା। ଏହି ସମୟ ମଧ୍ୟରେ ରାଜଧାନୀର ବାୟୁ ମଣ୍ଡଳ ପ୍ରଦୂଷଣ ମାତ୍ରା ଅଧା ହ୍ରାସ ପାଇଥିବା ରେକର୍ଡ କରାଯାଇଛି।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ତଥ୍ୟ ଅନୁଯାୟୀ ବୁଧବାର ରାଜଧାନୀରେ ଦିନ ଚାରିଟା ସୁଧା ପିଏମ୍ -୧୦ ବା ପ୍ୟାର୍ଟିକ୍ୟୁଲେଟ ମ୍ୟାଟର ମାତ୍ରା ୬୩ ରହିଥିବା ବେଳେ ରାତି ଏଗାରଟାରେ ପିଏମ୍ -୧୦ ମାତ୍ରା ୪୯ରେ ରହିଥିଲା। ଏହିପରି ମଧ୍ୟ ଗୁରୁବାର ବା ଯେଉଁ ଦିନ ଓଡ଼ିଶା ବନ୍ଦ ରହିଥିଲା ସେହିଦିନ ସକାଳ ୮ ଟାରେ ପିଏମ୍ -୧୦ ମାତ୍ରା ୫୯ ରହିଥିବା ବେଳେ ମଧ୍ୟାହ୍ନ ବେଳକୁ ଏହା କମି କମି ଆସିଥିଲା ବିଶେଷକରି ଦିନ ୧୦ଟା ପରଠାରୁ ପାର୍ଟିକ୍ୟୁଲେଟ ମ୍ୟାଟର ୧୦- ୪୯ରେ ରହିଥିଲା। ଏବଂ ଅପରାହ୍ଣରେ ବି ଆହୁରି କମି ଆସି ଦିନ ତିନିଟା ବେଳକୁ ୪୩ ରେ ରହିଥିବା ବେଳେ ସନ୍ଧ୍ୟା ୫ ଟା ରେ ୪୫ ରେ ପହଞ୍ଚିଥିଲା। କିନ୍ତୁ ରାତି ୮ଟା ବେଳକୁ ପିଏମ୍ -୧୦କିଛି ମାତ୍ରାରେ ବଢ଼ି ୫୬ରେ ବଢ଼ି ଯାଇଥିଲା।

ରାଜଧାନୀରେ କେବଳ ଗାଡ଼ି ଚଳାଚଳ କିଛିମାତ୍ରାରେ କମିଥିଲା ଯେଉଁଥିପାଇଁ ଏକ୍ୟୁଆଇ ମାତ୍ରା ୧୫ ରୁ ୨୦ ମାତ୍ରାରେ ହ୍ରାସ ପାଇଥିଲା। ହେଲେ କେବଳ ଗାଡ଼ିର ଧୂଆଁରେ ପ୍ରଦୂଷଣ ହେଉନାହିଁ ଅନ୍ୟ



ସବୁଥିରେ ମଧ୍ୟ ପ୍ରଦୂଷଣ ହେଉଛି। ଡ଼ିଜେଲ, ପେଟ୍ରୋଲ ସ୍ଥାନରେ ସିଏନ୍‌ଜି ଯେତେ ବ୍ୟବହାର କରିବା ସହିତ ରାସ୍ତା ପରିଷ୍କାର ଏବଂ ଅଳିଆ ଆବର୍ଜନା ଜାଳିବା ବନ୍ଦ କରିଲେ ପ୍ରଦୂଷଣ ମାତ୍ରା କମି ପାରିବ ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ କର୍ମଚାରୀ କହିଛନ୍ତି।

ସାମ୍ପ୍ରତିକ ପରିସ୍ଥିତିରେ ଯେତେବେଳେ ଜୀବନ ବ୍ୟସ୍ତବହୁଳ ହୋଇଯାଏ, ସେତେବେଳେ ବ୍ୟକ୍ତିଗତ କାର୍ଯ୍ୟ ସମ୍ପାଦନାରୁ ବ୍ୟବସାୟିକ ଏବଂ ସରକାରୀ କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ସବୁକିଛି ଶିଖରରେ ପହଞ୍ଚିଯାଏ। ମୁଖ୍ୟତଃ ସହରାଞ୍ଚଳମାନଙ୍କରେ ଏସବୁ ଚଳଚଞ୍ଚଳ ଗତିବିଧି ପରିବେଶ ପ୍ରଦୂଷଣ ରୂପେ ପ୍ରତିଫଳିତ ହେଉଛି। ବାୟୁପ୍ରଦୂଷଣର ମାତ୍ରା ଆମକୁ ସୂଚାଇ ଦେଉଛି ଯେ କିପରି କ୍ଷତିକାରକ ପଦାର୍ଥସବୁର ସାନ୍ଦ୍ରତା ଏପରି ପରିସ୍ଥିତିରେ ବୃଦ୍ଧି ପାଇ ବାୟୁର ଗୁଣବତ୍ତାରେ ଅବନତି ଘଟାଉଛି। ୧୭ ତାରିଖର ଓଡ଼ିଶା ବନ୍ଦ ପରିପ୍ରେକ୍ଷୀରେ ବିଚାର କଲେ ବାୟୁ ପ୍ରଦୂଷଣରେ ପ୍ରମୁଖ ଭୂମିକା ତୁଲାଉଥିବା କଣିକା ପଦାର୍ଥ ପିଏମ ୨.୫ ଏବଂ ପିଏମ ୧୦ ର ପରିମାଣ ଭୁବନେଶ୍ୱର ବାୟୁମଣ୍ଡଳରେ ଏହି ଦିନ ହ୍ରାସ ପାଇଥିଲା ତାହା ସ୍ପଷ୍ଟ ଭାବେ ଜଣାପଡ଼େ। ୧୬ ତାରିଖ ଦିନ ୨ ଟାରେ ଏହି କଣିକା ପଦାର୍ଥ ପ୍ରତି ଘନମିଟର ବାୟୁରେ ଯଥାକ୍ରମେ ୨୦ ଏବଂ ୬୩ ମାଇକ୍ରୋଗ୍ରାମ ଥିଲା ବେଳେ ୧୭ ତାରିଖ ସେହି ସମୟରେ ତାହା ହ୍ରାସ ପାଇ ୧୦ ଏବଂ ୪୩ରେ ପହଞ୍ଚି ଥିଲା। ଏହା ସ୍ପଷ୍ଟ ଭାବରେ କଳ କାରଖାନା, ବ୍ୟବସାୟିକ ପ୍ରତିଷ୍ଠାନ, ଯାନବାହନ ଚଳାଚଳ ଏବଂ ଘରୋଇ କ୍ଷେତ୍ରରୁ ସୃଷ୍ଟ ବିଭିନ୍ନ ପ୍ରଦୂଷଣକାରୀ ପଦାର୍ଥର ବାୟୁମଣ୍ଡଳକୁ ନିର୍ଗମନକୁ ଇଙ୍ଗିତ କରେ ଓ ଏପରି ପ୍ରଦୂଷଣର ସିଧାସଳଖ ପ୍ରଭାବ ମାନବ ତଥା ଅନ୍ୟ ଜୀବଜନ୍ତୁ ଓ ବୃକ୍ଷଲତାମାନଙ୍କ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ। ଏହା କ୍ଷତି ସାଧନ କରିବା ସହ ଶ୍ୱାସକ୍ରିୟା ଜନିତ ରୋଗ, ହୃଦରୋଗ, ଉଚ୍ଚ ରକ୍ତଚାପ ତଥା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଥାଏ। ଏସବୁ ବିଷୟରେ ସମସ୍ତଙ୍କ ଠାରେ ସଚେତନତା ସୃଷ୍ଟି ହେବା ସହ ବ୍ୟକ୍ତିଗତ ସ୍ତରରେ ପ୍ରଦୂଷଣ ହ୍ରାସ ନିମନ୍ତେ ପ୍ରୟାସ ହେବାର ଉଦ୍ୟମ ଏକାନ୍ତ ଜରୁରୀ ବୋଲି ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ରାଜଧାନୀରେ ଯାନବାହାନ ସମ୍ପୂର୍ଣ୍ଣ ବନ୍ଦ କରିବା ସମ୍ଭବ ନୁହେଁ। କିନ୍ତୁ ସଚେତନ ନାଗରିକ ଏବଂ ସରକାରୀ ସ୍ତରରେ ଯଦି ଉଦ୍ୟମ କରାଯାଇପାରିବ ତାହାଲେ ଯାନବାହାନ ବ୍ୟବହାରରେ ନିୟନ୍ତ୍ରଣ ଅଣାଯାଇ ପାରିବ। ଯାହାଦ୍ୱାରା ବାୟୁର ମାନକୁ ବୃଦ୍ଧି କରାଯାଇ ପାରିବ। ଆଗାମୀ ଦିନରେ ଯଦି ଏଥିରେ ନିୟନ୍ତ୍ରଣ ଅଣା ନ ଯାଏ ତେବେ ପରିସ୍ଥିତି ଭୟଙ୍କର ହେବ ବୋଲି କହିଛନ୍ତି ଏଭଳି କି ପ୍ରଦୂଷଣ ନାମକ ଏକ ବଡ଼ ବିସ୍ଫୋରଣର ସମ୍ମୁଖୀନ ହେବ ସହରବାସୀ।

## ବିଜେପି ଜିଲ୍ଲା ସମ୍ପାଦକ ଗିରଫ ଘଟଣା

# ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ହେଲେ ଥାନା ଘେରଉ କରିବ ବିଜେଡି

ଅନୁଗୋଳ, ୧୮ ।୭ (ସମିସ)



ଅନୁଗୋଳ ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ବ୍ରଜକିଶୋର ପ୍ରଧାନଙ୍କ ନିର୍ଦ୍ଦେଶରେ ପୂର୍ବତନ ସଭାପତି ମହେନ୍ଦ୍ର ବସ୍ତିଆଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ବନ୍ତଲା ଥାନା ଅଞ୍ଚଳର ଜଣେ ଯୁବକ ଜଣେ ଯୁବତୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ବନ୍ତଲା ଥାନାରେ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଗୁରୁବାର ରାତିରେ ଜିଲ୍ଲା ବିଜେପି ସମ୍ପାଦକ ସୁଦୀପ୍ତ ସ୍ୱାଇଁଙ୍କୁ ଗିରଫ କରିଛି । ତେବେ ଯୁବତୀ ଜଣକ ସଙ୍ଗୀନ ଅଭିଯୋଗ ଆଣିଥିବା ବେଳେ ସୁଦୀପ୍ତଙ୍କ ବିରୋଧରେ କୋହଳ ଦଫା ଲଗାଯାଇ ମାମଲା ରୁଜୁ କରାଯାଇଥିବା ବିଜେଡି ଅଭିଯୋଗ କରିଛି । ଅଭିଯୁକ୍ତ ସୁଦୀପ୍ତ ଶାସକ ଦଳର ବଡ଼ ନେତା, ମନ୍ତ୍ରୀ ଓ ବିଧାୟକଙ୍କ ସହ ଘନିଷ୍ଠ ହୋଇଥିବାରୁ ବନ୍ତଲା ଥାନା ଅଧିକାରୀ ତାଙ୍କ ନାମରେ କୋହଳ ଦଫା ଲଗାଇଛନ୍ତି । ତେବେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଦରକାର ଯେପରି ଆଗକୁ କୌଣସି ଲୋକ ମହିଳା ଓ ଯୁବତୀଙ୍କୁ ଅସଦାଚରଣ କରିବାକୁ ଭୟ କରିବ ବୋଲି କହିଛନ୍ତି ବିଜେଡି ମହିଳା ସଭାପତି । ଅଭିଯୁକ୍ତ ବିରୋଧରେ ପୁଲିସ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବା ସହ ଥାନା ଘେରଉ କରିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦିଆଯାଇଛି । ସାମ୍ବାଦିକ ସମ୍ମିଳନୀରେ ଯୁବନେତା ଅରୁଣାଭ ସିଂ, ଛାତ୍ର ଜନତା ଦଳ ସଭାପତି ରାଜୀବ ଲୋଚନ ଦାସ, ମହିଳା ବିଜେଡି ସଭାନେତ୍ରୀ ମାଳିନୀ ସର ପ୍ରମୁଖ ଉପସ୍ଥିତ ଥିଲେ ।

## ବିଦ୍ୟାଳୟ ପାଣି ପମ୍ପ ସଜାଡ଼ିବା ବେଳେ ବିଦ୍ୟୁତ୍ ଆଘାତରେ ଶିକ୍ଷକ ମୃତ

ଅନୁଗୋଳ, ୧୮ ।୭ (ସମିସ): ବନ୍ତଲା ଥାନା ପୋକତୁଙ୍ଗା ପ୍ରାଥମିକ ବିଦ୍ୟାଳୟରେ ପାଣି ପମ୍ପ ମରାମତି କରୁଥିବା ବେଳେ ବିଦ୍ୟୁତ ଆଘାତରେ ଶିକ୍ଷକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ପମ୍ପାସର ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ପ୍ରତାପ କୁମାର ମିଶ୍ର । ପ୍ରତାପ ଅନୁଗୋଳ ବ୍ଲକ ପମ୍ପାସର ପ୍ରାଥମିକ ବିଦ୍ୟାଳୟରେ ଚାକିରି କରୁଥିବା ବେଳେ ତାଙ୍କ ସ୍ତ୍ରୀ ସବିତା ଆଚାର୍ଯ୍ୟ ପୋକତୁଙ୍ଗାରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି । ଶୁକ୍ରବାର ବିଦ୍ୟାଳୟ ଛୁଟି ପରେ ପ୍ରତାପ ସ୍ତ୍ରୀଙ୍କୁ ଆଣିବା ପାଇଁ ପୋକତୁଙ୍ଗାରେ ପହଞ୍ଚିଥିଲେ । ତେବେ ଉକ୍ତ ବିଦ୍ୟାଳୟର ପାଣି ପମ୍ପ ଅଚଳ ଥିବାରୁ ସବିତା ପ୍ରତାପଙ୍କୁ ତାହାକୁ ସଜାଡ଼ିବାକୁ କହିଥିଲେ । ପ୍ରତାପ ପାଣିପମ୍ପ ସଜାଡ଼ିବା ବେଳେ ତାଙ୍କୁ ବିଦ୍ୟୁତ ଆଘାତ ଲାଗିଥିଲା । ଫଳରେ ସେ ଛିଟିକିପଡ଼ି ଗୁରୁତର ହୋଇପଡ଼ିଥିଲେ । ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

■ ଜନପ୍ରତିନିଧିଙ୍କୁ ଅଣଦେଖା ଅଭିଯୋଗ

## ୭ ଦିନରେ ଯନ୍ତ୍ରୀଙ୍କ ବଦଳି ନ ହେଲେ ସାମୂହିକ ଇସ୍ତଫା

ପାଲଲହଡ଼ା, ୧୮ ।୭ (ସମିସ): ପାଲଲହଡ଼ା ବ୍ଲକରେ କାର୍ଯ୍ୟରତ ଭାରପ୍ରାପ୍ତ ସହକାରୀ ଯନ୍ତ୍ରୀ ପ୍ରମୋଦ କୁମାର ସ୍ୱାଇଁ ଉପଖଣ୍ଡର ଜନପ୍ରତିନିଧିମାନଙ୍କୁ ଅଣଦେଖା କରୁଥିବା ଶୁକ୍ରବାର ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକଙ୍କ ନେତୃତ୍ୱରେ ବ୍ଲକର ସରପଞ୍ଚ ଏବଂ ସମିତି ସଭ୍ୟସଭ୍ୟାମାନେ ଉପଜିଲ୍ଲାପାଳଙ୍କୁ ଅଭିଯୋଗ

● ସରପଞ୍ଚ ଏବଂ ସମିତି ସଭ୍ୟ/ସଭ୍ୟାଙ୍କ ଧମକ



କରିଛନ୍ତି । ଯନ୍ତ୍ରୀ ସ୍ୱାଇଁ ଲୋକ ପ୍ରତିନିଧିଙ୍କୁ ନ ଜଣାଇ ବ୍ଲକରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରି ମୋଟା ଅଙ୍କରେ ପିସି ନେଉଛନ୍ତି । ଫଳରେ ବ୍ଲକରେ ଦିନକୁ ଦିନ ଦୁର୍ନୀତି ବଢ଼ିବାରେ ଲାଗିଛି । ଯନ୍ତ୍ରୀ ସ୍ୱାଇଁ ବିଧାୟକଙ୍କ ହାତବାରିସୀ ସାଜି କାର୍ଯ୍ୟ କରୁଛନ୍ତି ଏବଂ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଅଣଦେଖା କରୁଛନ୍ତି । ଏହି ଦୁର୍ନୀତିଗ୍ରସ୍ତ ସହକାରୀ ଯନ୍ତ୍ରୀଙ୍କୁ ୭ ଦିନ ମଧ୍ୟରେ ବଦଳି କରା ନ ଗଲେ ବ୍ଲକର ସମସ୍ତ ସରପଞ୍ଚ ଏବଂ ସମିତି ସଭ୍ୟ ସାମୂହିକ ଇସ୍ତଫା ଦେବେ ବୋଲି ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କୁ ସାକ୍ଷାତ ଦାବିପତ୍ର ପ୍ରଦାନ କରିଛନ୍ତି ।

## ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ସ୍ୱତନ୍ତ୍ର ମଧ୍ୟସ୍ଥତା ଅଭିଯାନ

ଅନୁଗୋଳ, ୧୮ ।୭ (ସମିସ): ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଜାତୀୟ ଆଇନସେବା ପ୍ରାଧିକରଣ ମଧ୍ୟସ୍ଥତା ଏବଂ ମିଳାମିଶା ପ୍ରକଳ୍ପ କମିଟି, ରାଜ୍ୟ ଆଇନସେବା ପ୍ରାଧିକରଣ, କଟକ ଓ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅନୁଗୋଳର ଅଧ୍ୟକ୍ଷ ଦାମୋଦର ରଥଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଜୁଲାଇ ୧ରୁ ୯୦ ଦିନ ବ୍ୟାପୀ ସ୍ୱତନ୍ତ୍ର ମଧ୍ୟସ୍ଥତା ଅଭିଯାନ: 'ରାଷ୍ଟ୍ର ପାଇଁ ମଧ୍ୟସ୍ଥତା' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଉକ୍ତ ମଧ୍ୟସ୍ଥତା କାର୍ଯ୍ୟକ୍ରମ ମାଧ୍ୟମରେ କୋର୍ଟରେ ବିଚାରାଧୀନ ଥିବା ପାରିବାରିକ ମାମଲା, ମୋଟର ଯାନ ଦୁର୍ଘଟଣା ଜନିତ ମାମଲା, ଚେକ ବାଉନ୍ସ ମାମଲ, ଘରୋଇ ହିଂସା ମାମଲା, ଜମି ଅଧିଗ୍ରହଣ ମାମଲା, ଖାଉଟି ବିବାଦ ମାମଲା, ଚାକିରି ସମ୍ପର୍କିତ ମାମଲା, ଫୌଜଦାରୀ ମାମଲା, ଦେୱାନୀ ମାମଲା, ଋଣ ଆଦାୟ ସମ୍ପର୍କିତ ମାମଲା, ବ୍ୟବସାୟ ସମ୍ପର୍କିତ ମାମଲା ଇତ୍ୟାଦିର ମଧ୍ୟସ୍ଥତା ମାଧ୍ୟମରେ ସମାଧାନ କରାଯାଇପାରିବ । ମଧ୍ୟସ୍ଥତା ପ୍ରକ୍ରିୟା ଗୋପନୀୟ ସ୍ୱଚ୍ଛ, ଅନୌପଚାରିକ ଏବଂ ନମନୀୟ ଅଟେ । ଏଥି ପାଇଁ ସମସ୍ତ ଖର୍ଚ୍ଚ ସରକାର ବହନ କରନ୍ତି । ମଧ୍ୟସ୍ଥତା ମାଧ୍ୟମରେ ନିଜ ମାମଲାର ସହଜ ସମାଧାନ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହା ଏକ ସୁଯୋଗ । ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣ ଅନୁଗୋଳ ବା ତାଲୁକ ଆଇନସେବା କାର୍ଯ୍ୟାଳୟ ତାଳଚେର, ଆଠମଲିକ, ପାଲଲହଡ଼ା, ଛେଣ୍ଡିପଦା ଓ ବଣ୍ଡରପାଳ ସହ ଯୋଗାଯୋଗ କରିବାକୁ କୁହାଯାଇଛି ।

## ଶିଶୁ ନିର୍ଯାତନା ନିରୋଧ ସମ୍ପର୍କିତ ସଚେତନତା




କିଶୋରନଗର, ୧୮ ।୭ (ସମିସ): ବିଶ୍ୱ ଯୁବକେନ୍ଦ୍ର, ବଣୀନଳୀ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମ 'ଆକ୍ସେସ ଟୁ ଜଷ୍ଟିସ' ଦ୍ୱାରା ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଉରୁକୁଳା ପଞ୍ଚାୟତ ପିତବୋଲିଗୋରଡ଼ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ୱାର୍ଡ ମେମ୍ବର, ଆଶାକର୍ମୀ ପୁଷ୍ପଲତା ପ୍ରଧାନ, ସଭାପତି ସ୍ୱପ୍ନେଶ୍ୱର ଦେହୁରୀ, ସମ୍ପାଦକ ଫକୀର ବେହେରା, ସିଆର୍‌ପି ବନିତା ସାହୁ ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ଜିଲ୍ଲାରେ ଶିଶୁମାନଙ୍କୁ ନିଜର ଅଧିକାରରୁ ବଞ୍ଚିତ କରି ବଲ୍ୟବିବାହ, ଶିଶୁ ଚାଲାଣ, ଶିଶୁ ଯୌନ ନିର୍ଯାତନା, ଶିଶୁ ଶ୍ରମିକ, ଜୀବନ ପ୍ରତି ବିପଦ ଥିବା କାର୍ଯ୍ୟରେ ନିଯୋଜନ ତଥା ଏହାର ଭୟାବହତା ଉପରେ ଆଲୋଚନା କରାଯାଇଥିଲା । ବାଲ୍ୟ ବିବାହ ତଥା ଶିଶୁଙ୍କୁ ଶ୍ରମରେ ନିଯୋଜିତ କରୁଥିବା ଲୋକଙ୍କ ପାଇଁ ଭାରତୀୟ ଆଇନ ଅନୁଯାୟୀ ଦଣ୍ଡବିଧାନ ଓ ନିୟମାବଳୀ ଏବଂ ପ୍ରତ୍ୟେକ ଶିଶୁର ଚାରିଟି ପ୍ରାଥମିକ ଅଧିକାର ବିଷୟରେ ଅବଗତ କରାଯାଇଥିଲା । ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଓ ପୂଜା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପ୍ରକଳ୍ପ ସହଯୋଗୀ ପପି ଦେହୁରୀ ସଭା ପରିଚାଳନା କରିଥିଲେ । ବାଲ୍ୟବିବାହ ନ କରିବାକୁ ଶପଥପାଠ କରାଯାଇଥିଲା ।

## ବସ୍ ମୁହଁରୁ ଅଳ୍ପକେ ବର୍ତ୍ତିଲେ ସ୍କୁଟି ଆରୋହୀ

ତାଳଚେରସଦର, ୧୮ ।୭ (ସମିସ): ତାଳଚେର ଶିଳ୍ପାଞ୍ଚଳରେ ରାସ୍ତା ଅଣଓସାରିଆ ସହ ଖାଲଖମା ଓ ଆଶାତୀତ ଯାନବାହାନ ବୃଦ୍ଧି ଯୋଗୁଁ ଦୈନନ୍ଦିନ ଦୁର୍ଘଟଣା ଘଟିଚାଲିଛି । ସିଏସଆର ଓ ଡିଏମଏଫ ଅର୍ଥ ବ୍ୟୟ ହେଉଥିଲେ ହେଁ ତାଳଚେରବାସୀଙ୍କ ଯନ୍ତ୍ରଣା କମିବା ପରିବର୍ତ୍ତେ ବଢ଼ି ଚାଲିଛି । ଶୁକ୍ରବାର ଚମ୍ପାପଶି ଛକରେ ଏକ ଦୁର୍ଘଟଣା ଘଟିଛି । ତାଳଚେର କଲେଜ ଅଧ୍ୟାପିକା ମହାଦେଇ ଭୂତିଆ ବ୍ୟକ୍ତି ସ୍କୁଟିରେ ଯାଉଥିବା ବେଳେ ହଠାତ୍ ଏକ ବସ୍ ତାଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା । ତେବେ ସେ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଛନ୍ତି ।

## ନୂତନ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଯୋଗଦାନ



କିଶୋରନଗର, ୧୮ ।୭ (ସମିସ): କିଶୋରନଗର ବ୍ଲକରେ ଶୁକ୍ରବାର ନୂତନ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ଦୀପ୍ତିମୟୀ ପ୍ରଧାନ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ସେ ପୂର୍ବରୁ ବରଗଡ଼ ଜିଲ୍ଲା ସୋହେଲା ବ୍ଲକରେ କାର୍ଯ୍ୟରତ ଥିଲେ । ଏଠାରେ ପୂର୍ବରୁ କାର୍ଯ୍ୟରତ ଥିବା ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଲୋକ ମିଶ୍ରଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଆଲୋକ ମିଶ୍ରଙ୍କ ଅନୁଗୋଳ ବ୍ଲକକୁ ବଦଳି ହୋଇଛି ।

## ୨୭ରେ ଜିଲ୍ଲାସ୍ତରୀୟ ଲୋକ ଅଦାଲତ

ଅନୁଗୋଳ, ୧୮ ।୭ (ସମିସ): ଅନୁଗୋଳ ଓ ତାଳଚେରସ୍ଥିତ ଅଦାଲତ ପରିସରରେ ଆସନ୍ତା ୨୭ ତାରିଖ ଜିଲ୍ଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏହି ଲୋକ ଅଦାଲତରେ ବିଚାରାଧୀନ ଚେକ୍ ବାଉନ୍ସ ମାମଲାର ଆପୋଗ ସହମତିରେ ସମାଧାନ କରାଯାଇପାରିବ । ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ ଚୂଡାନ୍ତ ବ ଅମଳଯୋଗ୍ୟ । ଦୀର୍ଘଦିନ ଧରି ଚାଲୁ ରହିଥବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହା ଏକ ସୁଯୋଗ । ଏହି ସୁଯୋଗର ସଦୁପଯୋଗ କରିବା ପାଇଁ କୁହାଯାଇଛି । ଏ ସମ୍ପର୍କିତ ସବିଶେଷ ବିବରଣୀ ନିମନ୍ତେ ଅନୁଗୋଳ ଜିଲ୍ଲା ଆଇନସେବା ପ୍ରାଧିକରଣ କିମ୍ବା ତାଳଚେର ତାଲୁକ ଆଇନସେବା କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି ।

## ନାଲ୍‌କୋର ନୂତନ ଜିଜିଏମଙ୍କୁ ସମ୍ବର୍ଦ୍ଧନା

ନାଲକୋ ନଗର, ୧୮ ।୭ (ସମିସ): ନାଲକୋ ଏସ ଆଣ୍ଡ ପି କମ୍ପ୍ଲେକ୍ସରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଜିଜିଏମ (ମାନବ ସମ୍ବଳ ପ୍ରଶାସନ) ସୁନୀଲ କୁମାର ମହାପାତ୍ରଙ୍କୁ ନାଲକୋ ନଗର ଯାଦବ ସମାଜ ତରଫରୁ



ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଯାଦବ ସମାଜ ତରଫରୁ ପ୍ରତ୍ୟେକ ବର୍ଷ ପରି ଆଗାମୀ ନନ୍ଦ ଉତ୍ସବ ଏବଂ ଫଗୁଦଶମୀରେ ପାଇଁ ତାଙ୍କ ସହଯୋଗ ପାଇଁ ମହାପାତ୍ରଙ୍କୁ ଅନୁରୋଧ କରାଯାଇଛି । ଏଥିରେ ସମାଜର ସଭାପତି ଭରତ ରାଉତ, ସାଧାରଣ ସମ୍ପାଦକ ପ୍ରକାଶ ବେହେରା, ରଞ୍ଜନ ବେହେରା, ବିଭୂତି ବେହେରା, ଦୀନବନ୍ଧୁ ଭୁଟିଆ, ସୁଶାନ୍ତ ରାଉତ ଏବଂ ସୁଶାନ୍ତ ସାହୁ ଉପସ୍ଥିତ ଥିଲେ ।

## ଛାତ୍ରୀଙ୍କ ନିରାପତ୍ତା ସୁନିଶ୍ଚିତ କରିବା ଦାବି

# ୨୩ରେ ବିଧାନସଭା ଆଗରେ ଏଆଇଡିଏସଓର ବିକ୍ଷୋଭ

ଅନୁଗୋଳ, ୧୮ ।୭ (ସମିସ): ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ସମେତ ସମସ୍ତ ସ୍ଥାନରେ ଛାତ୍ରୀମାନଙ୍କ ନିରାପତ୍ତା ସୁନିଶ୍ଚିତ କରିବା ଦାବିରେ ଏଆଇଡିଏସଓ ରାଜ୍ୟ ପରିଷଦ ପକ୍ଷରୁ ଆସନ୍ତା ୨୩ ତାରିଖ ବିଧାନସଭା ସମ୍ମୁଖରେ ରାଜ୍ୟସ୍ତରୀୟ ବିଶାଳ ଛାତ୍ର ବିକ୍ଷୋଭ ଅନୁଷ୍ଠିତ ହେବ । ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଦୁଃଖଦ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ସମସ୍ତ ଅପରାଧୀ ତଥା ସୌମ୍ୟାଶ୍ରୀଙ୍କ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନେଇ ନ ଥିବା ସମସ୍ତ ବ୍ୟକ୍ତିମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ଦାବିରେ ଏଆଇଡିଏସଓ ଲଗାତର ଆନ୍ଦୋଳନ କରିବା ସହ ଜୁଲାଇ ୧୭ ତାରିଖ ସାରା ଓଡ଼ିଶାରେ ଛାତ୍ର ଧର୍ମଘଟ କରିଥିଲା । ଏହି ଛାତ୍ର ଧର୍ମଘଟକୁ ଓଡ଼ିଶାର ଛାତ୍ରଛାତ୍ରୀ ଅକୁଣ୍ଠ ସମର୍ଥନ ଦେଇ ସଫଳ କରିଛନ୍ତି । ଏହି ସଫଳତା ସରକାରଙ୍କୁ ଏକ ଚେତାବନୀ । ଏ ନେଇ ଏଆଡିଏସଓ ରାଜ୍ୟ ସଭାପତି ସୋମନାଥ ବେହେରା ଓ ସମ୍ପାଦକ ସିଦ୍ଧାର୍ଥ ରଥ ଏକ ପ୍ରେସ ବିବୃତିରେ କହିଛନ୍ତି ଯେ ଛାତ୍ରୀମାନଙ୍କ ନିରାପତ୍ତା ସୁନିଶ୍ଚିତ ଦାବିରେ ଏଆଡିଏସଓର ଆନ୍ଦୋଳନ ଜାରି ରହିବ । ଏହା ସହ ରାଜ୍ୟରେ ବନ୍ଦ ହୋଇଥିବା ସମସ୍ତ ସରକାରୀ ସ୍କୁଲ ଖୋଲିବା, ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ଆବଶ୍ୟକ ଶିକ୍ଷକ, ଅଧ୍ୟାପକ, କର୍ମଚାରୀ ପଦବୀ ପୂରଣ, ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ତାରିଖ ଘୋଷଣା, ଛାତ୍ରଛାତ୍ରୀଙ୍କୁ ମାଗଣା ବସ୍ ପାସ୍ ଯୋଗାଇଦେବା, ଶିକ୍ଷାମାରଣ ଜାତୀୟ ଶିକ୍ଷାନୀତି-୨୦୨୦ ବାତିଲ କରିବା ଆଦି ଦାବି ମଧ୍ୟ ଉତ୍ଥାପନ କରାଯିବ । ସରକାରୀ ଶିକ୍ଷାକୁ ରକ୍ଷା କରିବା ସହ ଶିକ୍ଷା-ସଂସ୍କୃତି-ମାନବତା ଉପରେ ଆସୁଥିବା ଆକ୍ରମଣକୁ ରୋକିବା ପାଇଁ ସମସ୍ତେ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ ଦେଇଛନ୍ତି । ଆସନ୍ତା ୨୩ ତାରିଖ ବିଧାନସଭା ସମ୍ମୁଖରେ ହେବାକୁ ଥିବା ଛାତ୍ର ବିକ୍ଷୋଭକୁ ସଫଳ କରିବାକୁ ଜିଲ୍ଲାର ଛାତ୍ରସମାଜକୁ ଏଆଇଡିଏସଓ ଜିଲ୍ଲା ସଭାପତି ପରମାନନ୍ଦ ସାହୁ ଓ ସମ୍ପାଦକ ନାରାୟଣ ନାୟକ ଆହ୍ୱାନ ଦେଇଛନ୍ତି ।

## ମହିଳାଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଉ ନ ଥିବା ଥାନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଅନୁଗୋଳ, ୧୮ ।୭ (ସମିସ): ରାଜ୍ୟରେ ଗତ ଏକ ବର୍ଷ ହେଲା ବଢ଼ି ଚାଲିଛି ନାରୀ ନିର୍ଯାତନା, ଦୁଷ୍କର୍ମ । ଅନୁଗୋଳ ଜିଲ୍ଲାରେ ମଧ୍ୟ ଏହାର ସଂଖ୍ୟା କିଛି କମ ନାହିଁ । ପୂର୍ବରୁ ଜିଲ୍ଲାର ନନ୍ଦିନୀପାଲି, ନିଶା ଥାନା ଅଞ୍ଚଳ, ତାଳଚେର, ବନ୍ତଲା ଆଦି ଅଞ୍ଚଳରେ ଦୁଷ୍କର୍ମ ଓ ହତ୍ୟା ଘଟଣା ସାମ୍ନାକୁ ଆସିଥିଲା । ଏବେ ପୁଣି ବନ୍ତଲା ଅଞ୍ଚଳର ଜଣେ ଯୁବତୀଙ୍କୁ ଅସଦାଚରଣ ହୋଇଥିବା ଅଭିଯୋଗ ହୋଇଛି । ଯେଉଁଥିରେ ଜଣେ ବିଜେପି ନେତା ହିଁ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି । ସମ୍ପୃକ୍ତ ବିଜେପି ନେତା ସୁଦୀପ୍ତ ସ୍ୱାଇଁଙ୍କୁ ପୁଲିସ ଗିରଫ କରିଛି । ତେବେ ଏହି ସମସ୍ତ ଘଟଣାକୁ ନେଇ ଜିଲ୍ଲାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି କଂଗ୍ରେସ । ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଏହି ଘଟଣାରେ ଉଦବେଗ ପ୍ରକାଶ କରିବା ସହ ସରକାରୀ ଦଳର ନେତା ହୋଇଥିବାରୁ ପୁଲିସ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଇବାକୁ ଚେଷ୍ଟା କରୁଥିବା ଅଭିଯୋଗ କରିଛି । ଅଭିଯୋଗ ଅନୁସାରେ ପୀଡ଼ିତା ଯୁବତୀ ଜଣକ ୪ ଦିନ ହେଲା ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ମାମଲା ଦାୟର କରୁ ନ ଥିଲା । ଗୁରୁବାର ସନ୍ଧ୍ୟାରେ ଯୁବତୀ ଜଣକ ଆତ୍ମାହୁତି ଦେବା ପାଇଁ ଚେତାବନୀ ଦେବାପରେ ବନ୍ତଲା ପୁଲିସ ଚାପରେ ତରବରିଆ ଭାବେ ମାମଲା ଦାୟର କରି ଶୁକ୍ରବାର ଭୋରରୁ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଏଣୁ ମହିଳାମାନଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଉ ନ ଥିବା ଏଭଳି ଥାନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି କଂଗ୍ରେସ । ଏହା ନ ହେଲେ ଏସପି ଅଫିସ ଘେରଉ କରାଯିବା ସହ ଦଳ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ଅମ୍ବିକା ପ୍ରସାଦ ଭଞ୍ଜ ଚେତାବନୀ ଦେଇଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ଜିତେନ୍ଦ୍ର କୁମାର ସାହୁ, ସୁନୀଲ ପ୍ରଧାନଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## 'ପଛୁଆବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଯୋଜନାର ବିବରଣୀ ଦିଅ'



ଅନୁଗୋଳ, ୧୮ ।୭ (ସମିସ): ଦଳିତ, ଅବହେଳିତ, ଅନୁସୂଚିତ ଜାତି ଓ ଜନଜାତି ଲୋକମାନଙ୍କ ସାମାଜିକ ବିକାଶ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କେଉଁ କେଉଁ ଯୋଜନା ସବୁ ବର୍ତ୍ତମାନ କାର୍ଯ୍ୟକାରୀ ହେଉଛି ଅବା ରହିଛି ତାହାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବା ସହ ନୋଟିସ୍ ବୋର୍ଡରେ ଲେଖିବାକୁ ପ୍ରାକ୍ତନ ସାଂସଦ ମହେଶ ସାହୁ ଶୁକ୍ରବାର ଅନୁଗୋଳ ଓ ବଣ୍ଡରପାଳ ବିଡିଓଙ୍କୁ ଲିଖିତ ଭାବେ ଅନୁରୋଧ କରିଛନ୍ତି । ଏଥିସହ ଜାତୀୟ ରାଜପଥଗୁଡ଼ିକର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଅବସ୍ଥା ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ରାଜପଥର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହେଲାଣି । ଫଳରେ ଦୁର୍ଘଟଣା ଘଟି ଅନେକ ଧନଜୀବନ ହାନି ଘଟୁଛି । ଏହାର ତୁରନ୍ତ ମରାମତି ଆବଶ୍ୟକ ହୋଇପଡ଼ିଛି । ବଣ୍ଡରପାଳରୁ ତାଳଚେର ଦେଇ କଣିହାଁ ଯାଇଥିବା ରାସ୍ତା ଅବସ୍ଥା ସର୍ବାଧିକ ଶୋଚନୀୟ ହୋଇପଡ଼ିଛି । ଉକ୍ତ ରାସ୍ତା ଦେଇ ହଜାର ହଜାର ଭାରୀଯାନ, ବସ ଓ ହାଲୁକା ଯାନ ଯାତାୟାତ କରୁଛି । ଗାଡ଼ିଗୁଡ଼ିକ ଖାଲରେ ପଡ଼ି ଦୁର୍ଘଟଣାଗ୍ରସ୍ତ ହେଉଛି । ଏହି ରାସ୍ତାଗୁଡ଼ିକର ମରାମତି ବା ନିର୍ମାଣ ଯୁଦ୍ଧକାଳୀନ ଭିତ୍ତିରେ କରିବାକୁ ପ୍ରାକ୍ତନ ସାଂସଦ ସାହୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

## ପୂର୍ବତନ ମନ୍ତ୍ରୀ ଅଦ୍ୱୈତ ପ୍ରସାଦ ସିଂହଙ୍କ ଶ୍ରାଦ୍ଧବାର୍ଷିକୀ

ଅନୁଗୋଳ, ୧୮ ।୭ (ସମିସ): ଅନୁଗୋଳ ଜିଲ୍ଲା ପ୍ରତିଷ୍ଠାତା, ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର ବରପୁତ୍ର, ପୂର୍ବତନ ମନ୍ତ୍ରୀ, ସମବାୟବିତ୍ ସ୍ୱର୍ଗତ ଅଦ୍ୱୈତ ପ୍ରସାଦ ସିଂହଙ୍କ ସପ୍ତଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅନୁଗୋଳ ସଭାଗୃହରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ, ପ୍ରଫୁଲ୍ଲ ମଲ୍ଲିକ, ଡ. ନୃସିଂହ ଚରଣ ସାହୁ, ପୂର୍ବତନ ସାଂସଦ ରବିନାରାୟଣ ପାଣି, ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ମୁକେଶ କୁମାର ପାଲ, ବିଜେଡି ରାଜ୍ୟ ପରିଷଦ ସଭ୍ୟ ମହେନ୍ଦ୍ର ବସ୍ତିଆ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଅନୁଗୋଳ ନଗରପାଳ ଅକ୍ଷୟ କୁମାର ସାମନ୍ତ, ବଣ୍ଡରପାଳ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ଅନୁଗୋଳ ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ସାହୁ, ଆଠମଲ୍ଲିକର ବରିଷ୍ଠ ବିଜେଡି ନେତା ଭାଗୀରଥି ପ୍ରଧାନ, ସାମାଜିକ କର୍ମୀ କୁଞ୍ଜବିହାରୀ ଦାସ, ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂହ ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲା ପରିଷଦ ସଭ୍ୟ ପ୍ରିୟଦର୍ଶୀ ପଟ୍ଟନାୟକ ସଭାପତିତ୍ୱ କରିଥିଲେ । ଅଦ୍ୱୈତ ବାବୁଙ୍କ ସହ ଜଡ଼ିତ ବିଭିନ୍ନ ଅନୁଭୂତି ବିଶେଷ କରି ସାମାଜିକ ଜୀବନଠୁ କ୍ୟାବିନେଟ ମନ୍ତ୍ରୀ ପର୍ଯ୍ୟନ୍ତ ତାଙ୍କ ଜୀବନ ଯାତ୍ରା ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ । ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଅତି ଘନିଷ୍ଠ ଥିଲେ ବୋଲି ପ୍ରକାଶ କରିଥିଲେ । ଅନୁଗୋଳ ନଗର ବିଜେଡି ସଭାପତି ବୃନ୍ଦାବନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଅରୁଣାଭ ସିଂହ, ରାଜୀବ ଲୋଚନ ଦାସଙ୍କ ସମେତ ବିଜୁ ଛାତ୍ର ଓ ଯୁବ ଜନତା ଦଳର ସଦସ୍ୟ ସଭା ପରିଚାଳନା କରିଥିଲେ ।




# ବିଶ୍ୱ ସର୍ପ ଦିବସ ପାଳିତ

ଅନୁଗୋଳ, ୧୮ ।୭ (ସମିସ)



ତାଳଚେର ୱାର୍କିଂ ଜର୍ଣ୍ଣାଲିଷ୍ଟସ ଆସୋସିଏସନ ଓ ପିପୁଲ ଫର ଆନିମଲ୍ସ, ତାଳଚେର ମିଳିତ ସହଯୋଗରେ ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସାମ୍ବାଦିକ ଧୀରମୋହନ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତାଳଚେର ଡେପୁଟି କଲେକ୍ଟର ମାନସ ମୋହନ ସେଠ ଯୋଗଦେଇ କହିଲେ, ପ୍ରକୃତିର ସୃଷ୍ଟିରେ ସର୍ପ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଜୀବ, ଯାହା ପରିବେଶ ସନ୍ତୁଳନରେ ବିଶେଷ ସହାୟକ ହୋଇଥାଏ । ଆମ ଦେଶରେ ପ୍ରାୟ ଦୁଇଶହରୁ ଅଧିକ ପ୍ରଜାତିର ସାପ ଅଛନ୍ତି । ମାତ୍ର ୬୦ ପ୍ରଜାତିର ସାପ ବିଷାକ୍ତ । ସାପ ଆମର ଶତ୍ରୁ ନୁହେଁ । ସେମାନଙ୍କୁ ସୁରକ୍ଷା ଦେବା ସହ ସଂରକ୍ଷଣ କରିବା ଆମ କର୍ତ୍ତବ୍ୟ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ତାଳଚେର ଏସ୍‌ଡିପିଓ ଭରତ ଚନ୍ଦ୍ର ସାହୁ ଯୋଗଦେଇ କହିଲେ, ସାପକୁ ଯଦିଓ ଆମେ ଡରୁ, ଅପରପକ୍ଷରେ ସାପ ମଧ୍ୟ ଆମକୁ ଡରେ । ସାପକୁ ଆଘାତ ନ ଲାଗିଲେ ସେ କାମୁଡ଼େ ନାହିଁ । ସାପକୁ ମାରିଦେବା ହେଉଛି ଆଇନତଃ ଅପରାଧ । ଏହି ଅପରାଧ ପାଇଁ ଜରିମାନା ସହ ପାଞ୍ଚବର୍ଷ ଜେଲଦଣ୍ଡ ପ୍ରାବଧାନ ରହିଛି ବୋଲି ସେ କହିଥିଲେ । ବିଶେଷ ଅତିଥି ଭାବେ ତାଳଚେର ଉପଖଣ୍ଡ ଚିକିତ୍ସାଳୟର ବିଶେଷଜ୍ଞ ଡାକ୍ତର ଅରବିନ୍ଦ ନନ୍ଦି ଯୋଗଦେଇ କହିଲେ, ସାପ କାମୁଡ଼ିଲେ ଗୁଣିଗାରେଡ଼ିରେ ପ୍ରଭାବିତ ନ ହୋଇ ତୁରନ୍ତ ନିକଟସ୍ଥ ଚିକିତ୍ସାଳୟକୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ନେଇଯିବା ଉଚିତ । ତା' ସହ କାମୁଡ଼ିଥିବା ସାପର ଫଟୋ ଉଠାଇ ଡାକ୍ତରଙ୍କୁ ଦେଖାଇଲେ ସଠିକ ଚିକିତ୍ସା ଶୀଘ୍ର ହୋଇପାରିବ । ଭୂମିରେ ଶୋଉଥିବା ଲୋଚକେ ମଶାରି ଟାଙ୍ଗି ଶୋଇଲେ ସାପକାମୁଡ଼ା ଭୟ ରହେନାହିଁ ବୋଲି ସେ କହିଥିଲେ । ଅନ୍ୟତମ ଅତିଥି ଭାବେ ଉପଖଣ୍ଡ ପ୍ରାଣୀ ଚିକିତ୍ସକ ଡା. ସୁବାସ ଚନ୍ଦ୍ର ସାହୁ, ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ମେଜର ସୁବ୍ରତ କୁମାର ଦାସ, ଆଇ ଡ୍ରିମ୍ ମ୍ୟାନେଜେମେଣ୍ଟ କଲେଜ ଅଧ୍ୟକ୍ଷ ଦୀପ୍ତିରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ବିଶ୍ୱ ସର୍ପ ଦିବସ ପାଳନର ମହତ୍ତ୍ୱ ଉପରେ ବକ୍ତବ୍ୟ ରଖିଥିଲେ । ପିପୁଲ ଫର୍ ଆନିମଲ୍ସ, ତାଳଚେର ଶାଖା ମୁଖ୍ୟ କୁନା କୁମାର ସାହୁ ପ୍ରୋଜେକ୍ଟର ମାଧ୍ୟମରେ ବିଷଧର ସାପ ଓ ବିଷବିହୀନ ସାପଙ୍କ ପରିଚୟ ପ୍ରଦାନ ସହ ସେମାନଙ୍କ ଆଚରଣ, ବିଚରଣ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ତାଳଚେର ୱାର୍କିଂ ଜର୍ଣ୍ଣାଲିଷ୍ଟସ ଆସୋସିଏସନ ପକ୍ଷରୁ ପିପୁଲ ଫର ଆନିମଲ୍ସର ସଦସ୍ୟ, ଜଙ୍ଗଲ ବିଭାଗ ଅଧିକାରୀ ଏବଂ ସ୍ୱେଚ୍ଛାସେବୀମାନଙ୍କୁ ପ୍ରାଣୀମାନଙ୍କ ନିଃସର୍ତ୍ତ ସେବା ସୁରକ୍ଷା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଗଠନର ସଭାପତି ମଦନମୋହନ ସାହୁ, ସାଧାରଣ ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସ୍ୱେଚ୍ଛାସେବୀ ରବୀନ୍ଦ୍ରନାଥ ସେଠ ଧନ୍ୟବାଦ ଅର୍ପଣ କରିଥିଲେ ।

# ଏମ୍‌କେସିଜି ଏଆର୍‌ଟି ସେଣ୍ଟରରେ ଡାକ୍ତର ଓ ନର୍ସଙ୍କ ମଧ୍ୟରେ ବଚସା




ବ୍ରହ୍ମପୁର,୧୮।୭(ସମିସ): କିଛି ମାସର ବ୍ୟବଧାନରେ ଏମକେସିଜି ମେଡିକାଲ ପରିସରରେ ଥିବା ଏଆରଟି ସେଣ୍ଟରରେ କାର୍ଯ୍ୟରତ ଡାକ୍ତର ଓ ନର୍ସିଂ ଅଫିସରଙ୍କ ମଧ୍ୟରେ ପୁଣିଥରେ ପାଟିତୁଣ୍ଡ ଦେଖିବାକୁ ମିଳିଛି। କେନ୍ଦ୍ରରେ ଏଚ୍‌ଆଇଭି ଆକ୍ରାନ୍ତଙ୍କ ଚିକିତ୍ସା କରାଯାଉଥିବା ବେଳେ ରୋଗୀଙ୍କ ଚିକିତ୍ସାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିବା ଜଣାପଡ଼ିଛି। ସେଣ୍ଟରରେ ନିୟୋଜିତ ଡାକ୍ତର ଜଣକ ସଠିକ ସମୟରେ କାର୍ଯ୍ୟରେ ଯୋଗ ଦେଉନଥିବା ସହ ରୋଗୀଙ୍କ ଚିକିତ୍ସାରେ ଅବହେଳା କରୁଥିବା ଅଭିଯୋଗ ହୋଇଛି। ଫଳରେ ବିଭିନ୍ନ ସମୟରେ ନର୍ସିଂ ଅଫିସରଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବା ଅଭିଯୋଗ ହୋଇଛି। ଫଳରେ ଅନେକ ସମୟରେ ସେଣ୍ଟରରେ ଚିକିତ୍ସା ପାଇଁ ଆସୁଥିବା ଏଚ୍‌ଆଇଭି ଆକ୍ରାନ୍ତଙ୍କୁ ଆକ୍ରୋଶର ଶିକାର ହେବାକୁ ପଡୁଛି। ଅନ୍ୟପକ୍ଷରେ କାର୍ଯ୍ୟରତ ନର୍ସିଂ ଅଫିସର ମଧ୍ୟ କାର୍ଯ୍ୟରେ ଅବହେଳା କରୁଥିବା ପାଲଟା ଅଭିଯୋଗ କରିଛନ୍ତି ଡାକ୍ତର। ଯାହାକୁ ନେଇ ଶୁକ୍ରବାର ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିବା ବେଳେ ଖବରପାଇ କିଛି ନର୍ସିଂ ଅଫିସର ସେଣ୍ଟରରେ ପହଞ୍ଚିଥିଲେ। କିଛି ସମୟ ଧରି ଏମ୍‌କେସିଜି ମେଡ଼ିକାଲ ଏଆରଟି ସେଣ୍ଟରରେ ଡ଼ାକ୍ତର ଓ ନର୍ସିଂ ଅଫିସରଙ୍କ ମଧ୍ୟରେ ହୋ ହାଲ୍ଲା ହୋଇଥିଲା। ଘଟଣା ସମ୍ପର୍କରେ ସୂଚନା ପାଇ ଏମକେସିଜି ମେଡ଼ିକାଲର ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗାମାଧବ ଶତପଥୀ ଓ ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡାଙ୍କ ସମେତ ମେଡ଼ିକାଲ ଫାଣ୍ଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାସୁଝା ପରେ ମାମାଲା ଶାନ୍ତ ପଡ଼ିଥିଲା।

**ମଧ୍ୟସ୍ଥତା କରି ଉଭୟ ପକ୍ଷଙ୍କୁ ବୁଝାଇଲେ ମେଡିକାଲ ଅଧୀକ୍ଷକ ଓ ରେଜିଷ୍ଟ୍ରାର**

● ମହଙ୍ଗା ପଡ଼ିଲା ଟେଲିଗ୍ରାମରେ ବନ୍ଧୁତା

## ୭୬ ହଜାର ଟଙ୍କା ଠକେଇ ଅଭିଯୋଗ

ବ୍ରହ୍ମପୁର,୧୮।୭(ସମିସ): ଟେଲିଗ୍ରାମରେ ଅଜଣା ବ୍ୟକ୍ତିଙ୍କ ସହ ବନ୍ଧୁତା ଜଣେ ଯୁବକଙ୍କୁ ମହଙ୍ଗା ପଡ଼ିଛି। ଯୁବକ ଜଣକ ସମ୍ପୃକ୍ତ ବ୍ୟକ୍ତିଙ୍କ କଥାରେ ବିଶ୍ୱାସ କରି ଏକ ପ୍ରଫୁଲ ଟାକ୍ସ ଗ୍ରୁପରେ ସାମିଲ ହୋଇଥିଲେ। ସେଠାରେ ତାଙ୍କୁ ଅନ୍ୟଜଣେ ବ୍ୟକ୍ତି ବିଭିନ୍ନ ପ୍ରଲୋଭନ ଦେଖାଇ ଟଙ୍କା ଆସିବ କହି ଯୁବକଙ୍କ ଆକାଉଣ୍ଟରୁ ୭୬ହଜାର ୩୯୦ଟଙ୍କା ଠକି ନେଇଥିବା ଜଣାପଡିଛି। ସ୍ଥାନୀୟ ଖୋଡାସିଂଗି ଅଞ୍ଚଳରେ ରହୁଥିବା ଏ. ଶୁଭମ ଦୋରା ନାମକ ଜଣେ ଯୁବକ ଏହି ଠକେଇର ଶିକାର ହୋଇଥିବା ଜଣାପଡିଛି। ସେ ଟେଲିଗ୍ରାମର ଏକ ଲିଙ୍କରେ କ୍ଲିକ କରି ଜଣେ ବ୍ୟକ୍ତିଙ୍କ ସହ ବନ୍ଧୁତା ସ୍ଥାପନ କରିଥିଲେ। ପରେ ତାଙ୍କ କହିବା ପ୍ରକାରେ ଏକ ଗ୍ରୁପରେ ସାମିଲ ହୋଇଥିଲେ। ଶୁଭମଙ୍କୁ ଟଙ୍କା ମିଳିବ କହି ଏକ ଲିଙ୍କ ପଠାଯାଇଥିଲା। ଲୋଭରେ ପଡି ଶୁଭମ ଉକ୍ତ ଲିଙ୍କରେ କ୍ଲିକ କରିବାରୁ ଶୁଭମଙ୍କ ଆକାଉଣ୍ଟରୁ ୭୬ହଜାର ୩୯୦ଟଙ୍କା କଟିଯାଇଥିଲା। ଶୁଭମ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

## ବିୟୁଟି ପାର୍ଲରରୁ ଟଙ୍କା ଚୋରି

ବ୍ରହ୍ମପୁର,୧୮।୭(ସମିସ): ସ୍ଥାନୀୟ ଗଜପତି ନଗର ଅଞ୍ଚଳରେ ଥିବା ଏକ ବିୟୁଟି ପାର୍ଲରରୁ ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ଗଜପତି ନଗରରେ ଜେଭିୟୁ ନାମକ ଏକ ପାର୍ଲର ରହିଛି। ସେଠାରୁ ନଗଦ ୫୨ହଜାର ଟଙ୍କା ସହିତ କସମେଟିକ କିଟ ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଚୋରିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିଚୟ ସିସିଟିଭି ଫୁଟେଜରୁ ସ୍ପଷ୍ଟ କରି ସେମାନଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ପାର୍ଲର ମାଲିକ ଜଗନ ପୃଷ୍ଟି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

### ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲା

# ପୂର୍ବତନ ଜୁନିୟର ଏମ୍‌ଭିଆଇଙ୍କୁ ୨ବର୍ଷ ଜେଲ୍

ବ୍ରହ୍ମପୁର,୧୮।୭(ସମିସ)

ଆୟବର୍ହିଭୂତ ସମ୍ପତି ଠୁଳ ମାମଲାର ବିଚାର କରି ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଜଜ୍ ଜ୍ଞାନେନ୍ଦ୍ର କୁମାର ବାରିକ ଜଣେ ପୂର୍ବତନ ଜୁନିୟର ଏମଭିଆଇଙ୍କୁ ୨ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ପୂର୍ବତନ ଅଧିକାରୀ ଜଣକ ହେଲେ ସ୍ଥାନୀୟ ଗଜପତି ନଗର ତୃତୀୟ ଲାଇନ ନିବାସୀ ଦେବୀପ୍ରସାଦ ପାଢୀ। ଜେଲଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦେୟ ଅତିରିକ୍ତ ୬ମାସ ଜେଲଦଣ୍ଡ ଭୋଗିବାକୁ ମଧ ରାୟରେ ସ୍ପଷ୍ଟ ଉଲ୍ଲେଖ ରହିଛି।

୨୦୧୦ରେ ଦେବୀପ୍ରସାଦ ପାଢୀ ବୌଦ୍ଧ ଜିଲ୍ଲାର ଭାରପ୍ରାପ୍ତ ଆର୍‌ଟିଓ ଭାବେ କାର୍ଯ୍ୟ କରୁଥିବା ବେଳେ ଜଣେ ବସ୍ ମାଲିକଙ୍କ ଠାରୁ ପରମିଟ ପାଇଁ ୫୦୦ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡି ଗିରଫ ହୋଇଥିଲେ। ସେହି ମାମଲାର ବିଚାରଣା ଫୁଲବାଣୀ ଭିଜିଲାନ୍ସ କୋର୍ଟରେ ଚାଲୁଥିଲା। ଉକ୍ତ ମାମଲାର ବିଚାରଣ କରି କୋର୍ଟ ଦେବୀପ୍ରସାଦଙ୍କୁ ୧ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରି ୨ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଦୋଷୀ ସାବ୍ୟସ୍ତ ହେବା ପରେ ଭିଜିଲାନ୍ସ ପକ୍ଷରୁ ଦେବୀପ୍ରସାଦଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କୁ ସୁପାରିଶ କରାଯାଇଥିଲା। ଫଳରେ ରାଜ୍ୟ ସରକାର ୨୦୧୯ରେ ଦେବୀ ପ୍ରସାଦ ପାଢୀଙ୍କୁ ଚାକିରିରୁ ବହିଷ୍କାର କରିଥିଲେ। ସେହିପରି ଦେବୀପ୍ରସାଦଙ୍କ ନାମରେ ଅନ୍ୟଏକ ଭିଜିଲାନ୍ସ ମାମଲା ମଧ ଚାଲୁ ରହିଥିବା ଜଣାପଡିଛି।

ମିଳିଥିବା ସୂଚନା ପ୍ରକାରେ ଦେବୀପ୍ରସାଦ ୨୦୦୩ରେ ବ୍ରହ୍ମପୁର ଉପକଣ୍ଠ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଗିରିସୋଲା ତନଖି ଫାଟକରେ କନିଷ୍ଠ ଏମଭିଆଇ (ମୋଟର ଭେହିକଲ ଇନ୍ସପେକ୍ଟର) ଭାବେ କାର୍ଯ୍ୟ କରୁଥିଲେ। ସେତେବେଳେ ତାଙ୍କ ନାମରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା।

ଭିଜିଲାନ୍ସ ପକ୍ଷରୁ ୨୦୦୩ ଫେବୃଆରୀ ୨୮ରେ ତାଙ୍କ ବାସଭବନ, ଶ୍ୱଶୁର ଘର ଓ ଗେଟବଜାର ନିକଟରେ ଥିବା ଦେବୀ ଅଟୋ ମୋବାଇଲ୍ସରେ ଏକାକାଳୀନ ଚଢଉ କରାଯାଇଥିଲା। ଚଢଉ ବେଳେ ତାଙ୍କ ନିକଟରୁ ମୋଟ ୨୪ଲକ୍ଷ ୫୪ହଜାର ଟଙ୍କାର ଆୟ ବର୍ହିଭୂତ ସମ୍ପତ୍ତି ଠାବ ହୋଇଥିଲା। ଯାହା ତାଙ୍କ ମୋଟ ଆୟର ଶତକଡା ୧୯୯ ପ୍ରତିଶତ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଥିଲା। ଭିଜିଲାନ୍ସ ପକ୍ଷରୁ ତାଙ୍କ ନାମରେ ଏକ ମାମଲା ରୁଜୁ କରାଯିବା ସହ ବ୍ରହ୍ମପୁର ଭିଜିଲାନ୍ସ କୋର୍ଟରେ ବିଚାରଣା ଜାରି ରହିଥିଲା। ବିଚାରଣା ବେଳେ ମୋଟ ୨୫ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି କୋର୍ଟ ଶୁକ୍ରବାର ଉପରୋକ୍ତ ରାୟ ଶୁଣାଇଥିଲେ। ରାୟ ପ୍ରକାଶ ବେଳେ ଦେବୀପ୍ରସାଦ କୋର୍ଟରେ ହାଜର ହୋଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

### ଏମ୍‌କେସିଜିରୁ ଘରୋଇ ହସ୍ପିଟାଲକୁ ରୋଗୀ ଚାଲାଣ ଘଟଣା

# ଦ୍ୱିତୀୟ ଦିନରେ ତଦନ୍ତ; ଅଧୀକ୍ଷକଙ୍କୁ ରିପୋର୍ଟ ପ୍ରଦାନ ଆଜି

ବ୍ରହ୍ମପୁର,୧୮।୭(ସମିସ)

ଏମ୍‌କେସିଜି ମେଡିକାଲର ଆଶୁଚିକିତ୍ସା ବିଭାଗରେ ଚିକିତ୍ସିତ ହେଉଥିବା ବାଘଲଟି ଗ୍ରାମର ବଳରାମ ଗୌଡଙ୍କୁ ଡାକ୍ତରଙ୍କ ଦ୍ୱାରା ସ୍ଥାନୀୟ ବିନାୟକ ହସ୍ପିଟାଲକୁ ଚାଲାଣ ଘଟଣାର ତଦନ୍ତ ୫ଜଣିଆ କମିଟି କରୁଛି। ଏମକେସିଜି ମେଡ଼ିକାଲର ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ତଦନ୍ତ ଦ୍ୱିତୀୟ ଦିନରେ ପହଞ୍ଚିଛି। ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି। ଅଭିଯୋଗ ଆଧାରରେ ଏମକେସିଜି ମେଡ଼ିକାଲର ଅସ୍ଥିଶଲ୍ୟ ଓ ନିଶ୍ଚେତକ ବିଭାଗରେ କାର୍ଯ୍ୟରତ ଦୁଇ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ କମିଟି ସମ୍ମୁଖରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଶନିବାର କମିଟି ଆଗରେ ହାଜର ହୋଇ ତଦନ୍ତରେ ସହଯୋଗ କରିବା ସହ ଉଭୟ ଡାକ୍ତରଙ୍କୁ ନିଜର ମତ ରଖିବାକୁ ନିର୍ଦ୍ଦେଶ ଦେଇଛି। ସେହିପରି ଅଭିଯୋଗକାରୀ ତଥା ମୃତ ବଳରାମ ଗୌଡଙ୍କ ଭାଇଙ୍କୁ ମଧ ତଦନ୍ତ କମିଟି ପକ୍ଷରୁ ନୋଟିସ ଜାରି କରାଯାଇଛି। କମିଟି ନିକଟରେ ହାଜର ହୋଇ ଜବତ ସିସିଟିଭି ଫୁଟେଜରେ ଥିବା ଆମ୍ବୁଲାନ୍ସ ଓ ତାହାର ଡ୍ରାଇଭରଙ୍କୁ ଚିହ୍ନଟ କରିବାକୁ କୁହାଯାଇଛି। ସେହିପରି ଘଟଣା ଦିନ ମୃତ ବଳରାମଙ୍କ ଚିକିତ୍ସା କରିଥିବା ଅସ୍ଥିଶଲ୍ୟ ଓ ନିଶ୍ଚେତକ ବିଭାଗର ଡାକ୍ତରଙ୍କୁ ମଧ ଚିହ୍ନଟ କରିବାକୁ କୁହାଯାଇଥିବା ଜଣାପଡିଛି। ଅନ୍ୟପକ୍ଷରେ ସିସିଟିଭି ଫୁଟେଜରେ ଥିବା ଆମ୍ବୁଲାନ୍ସକୁ ତଦନ୍ତକାରୀ କମିଟି ଚିହ୍ନଟ କରିଥିବା ବେଳେ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା ଜାରି ରହିଛି। ତେବେ ଆବଶ୍ୟକ ସ୍ଥଳେ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ଚିହ୍ନଟ ଓ ଖୋଜିବା ପାଇଁ ପୁଲିସର ସହାୟତା ନିଆଯିବ ବୋଲି ଜଣାପଡିଛି। ଶୁକ୍ରବାର ଅପରାହ୍ନ ୪ଟା ସୁଦ୍ଧା ତଦନ୍ତ ରିପୋର୍ଟ ଏମକେସିଜି ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗାମାଧବ ଶତପଥୀଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଥିଲେ ହେଁ ତଦନ୍ତ ପ୍ରକ୍ରିୟା ଶେଷ ହୋଇନଥିବା କାରଣରୁ ରିପୋର୍ଟ ପ୍ରଦାନ କରାଯାଇ ନାହିଁ। ଶନିବାର ସନ୍ଧ୍ୟା ସୁଦ୍ଧା କମିଟି ଡାକ୍ତରଖାନା ଅଧୀକ୍ଷକ ପ୍ରଫେସର ଡ଼ା. ଶତପଥୀଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ଆଶା କରାଯାଉଛି।

- କମିଟି ସମ୍ମୁଖରେ ହାଜର ହେବେ ଅସ୍ଥିଶଲ୍ୟ ଓ ନିଶ୍ଚେତକ ବିଭାଗର ଦୁଇ ଡାକ୍ତର
- ଅଭିଯୋଗକାରୀଙ୍କୁ ମତ ରଖିବାକୁ ତଦନ୍ତ କମିଟି ପକ୍ଷରୁ ନୋଟିସ୍
- ରୋଗୀଙ୍କୁ ସ୍ଥାନାନ୍ତର କରିଥିବା ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ଖୋଜିବ ପୁଲିସ

### ୬୪ତମ 'ସାହାଣୀ କପ୍' ଫୁଟ୍‌ବଲ୍ ଚାମ୍ପିଅନ୍‌ସିପ୍

# ନବରଙ୍ଗପୁର ଓ ଭୁବନେଶ୍ୱର ବିଜୟୀ



ବ୍ରହ୍ମପୁର,୧୮।୭(ସମିସ): ଗଞ୍ଜାମ ଜିଲ୍ଲା ଫୁଟବଲ୍ ସଂଘ ପକ୍ଷରୁ ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ୬୪ତମ ପୁରୁଷ ବରିଷ୍ଠ ବର୍ଗ ଫୁଟବଲ ଚାମ୍ପିଅନ୍‌ସିପ 'ସାହାଣୀ କପ୍'-୨୦୨୫ର ଶୁକ୍ରବାର ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଜୋନ୍‌ର ତୃତୀୟ ଦିନରେ ପ୍ରଥମ ମ୍ୟାଚ ଗଜପତି ବନାମ ନବରଙ୍ଗପୁର ମଧ୍ୟରେ ହୋଇଥିଲା। ଏଥିରେ ନବରଙ୍ଗପୁର ଦଳ ଗଜପତି ଦଳକୁ ୭-୦ ଗୋଲ ବ୍ୟବଧାନରେ ପରାସ୍ତ କରି ବିଜୟ ହାସଲ କରିଥିଲା। ଏହି ମ୍ୟାଚରେ ରେଫେରୀ ଭାବେ ଜଗନ୍ନାଥ ମାଝୀ, ଶିବ ପ୍ରସାଦ ସାମନ୍ତରାୟ, ସୁନୀଲ ବେହେରା ଓ ଶିବ ଦେହୁରୀ ଖେଳ ପରିଚାଳନା କରିଥିଲେ। ଦ୍ୱିତୀୟ ମ୍ୟାଚ ଭୁବନେଶ୍ୱର ଏବଂ ଗଞ୍ଜାମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଗଞ୍ଜାମ ଦଳ ପ୍ରତିପକ୍ଷ ଭୁବନେଶ୍ୱର ଠାରୁ ୧-୦ଗୋଲରେ ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ରେଫେରି ଭାବେ ବଳରାମ ସାଏ, ସୁଜିତ ରାଜହଂସ, ଲକ୍ଷ୍ମଣ ସେଠ ଓ ନିତ୍ୟାନନ୍ଦ ମେହେର ମ୍ୟାଚ ପରିଚାଳନା କରିଥିଲେ। ଉଭୟ ମ୍ୟାଚର କମିଶନର ଭାବେ ସୁଜିତ କୁମାର ପାତ୍ର ଦାୟିତ୍ୱ ନିର୍ବାହ କରିଥିଲେ।

ଉଭୟ ମ୍ୟାଚରେ ଅତିଥିଭାବେ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘର ବରିଷ୍ଠ ସଦସ୍ୟ ଓ ପୂର୍ବତନ ଫୁଟବଲ ଖେଳାଳି ଏସ. ସି. ପ୍ରଧାନଙ୍କ ସମେତ ଏଲ. କେ. ରାଓ, ଡି. ଆପ୍ପା ରାଓ, ବିଜୟ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି.ଡି. ଗନ୍ତାୟତ, ଜି.ଏମ. ବାବୁ, ରାଜ ନାରାୟଣ ପାତ୍ର ଓ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘର ଅନ୍ୟାନ୍ୟ ସଦସ୍ୟ ଓ ପୂର୍ବତନ ଖେଳାଳିମାନେ ଉପସ୍ଥିତ ଥିଲେ। ୧୯ତାରିଖ ଶନିବାର ଟୁର୍ଣ୍ଣାମେଣ୍ଟର ୪ର୍ଥ ଦିବସରେ ଦୁଇଟି ମ୍ୟାଚ ଖେଳାଯିବ। ପ୍ରଥମ ମ୍ୟାଚ କୋରାପୁଟ ବନାମ ମାଲକାନଗିରି ଏବଂ ଦ୍ୱିତୀୟ ମ୍ୟାଚ ରାୟଗଡା ବନାମ ମୟୂରଭଞ୍ଜ ମଧ୍ୟରେ ଖେଳାଯିବ ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି। ବ୍ରହ୍ମପୁରରେ ପ୍ରଥମ ଥର ପାଇଁ ସାହାଣୀ କପ୍ ଫୁଟବଲର ଆୟୋଜନ ହେଉଥିବା ବେଳେ ଦିନକୁ ଦିନ ପ୍ରତ୍ୟେକ ମ୍ୟାଚ ରୋମାଞ୍ଚକର ହେଉଛି। ଯାହାକୁ ନେଇ ସହରର କ୍ରୀଡାବିତ ଓ ଖାସ କରି ଫୁଟବଲ ପ୍ରେମୀଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହେଉଛି।



୩୫ ନମ୍ବର ୱାର୍ଡ ଅନ୍ତର୍ଗତ ଗଜପତି ନଗରରେ ବିଏମ୍‌ସି ପକ୍ଷରୁ ଡେଙ୍ଗୁ ସଚେତନତା ଅଭିଯାନ

# ଗ୍ରୀନ୍ ଇଣ୍ଡିଆ ଏମ୍‌ଡିଙ୍କ ନାଁରେ ଆଉ ଏକ ଠକେଇ ମାମଲା

ବ୍ରହ୍ମପୁର,୧୮।୭(ସମିସ)

ଚିଟ୍ ଫଣ୍ଡ କମ୍ପାନୀ ଗ୍ରୀନ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ସିଂଙ୍କ ନାମରେ ପୁଣି ଏକ ଠକେଇ ମାମଲା ରୁଜୁ ହୋଇଛି। ଚମାଖଣ୍ଡି ନିକଟ ବଣବୁଲାପଲ୍ଲୀର ଜଣେ ବ୍ୟକ୍ତିଙ୍କ ଠାରୁ ପ୍ରଦୀପ ୫ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ପରେ ବୈଦ୍ୟନାଥପୁର ଥାନାରେ ଏକ ମାମଲା ରୁଜୁ ହେବା ସହ ପୁଲିସ ଘଟଣାର ତଦନ୍ତ ଚଳାଇଛି।

ସୂଚନା ପ୍ରକାରେ, ୨୦୧୧-୧୨ରେ ପ୍ରଦୀପ ନିଜ କମ୍ପାନୀ ଗ୍ରୀନ ଇଣ୍ଡିଆ ମଲ୍ଟି ଷ୍ଟେଟ ମେମ୍ବରର୍ସ କ୍ରେଡିଟ କୋପରେଟିଭ ପ୍ରାଇଭେଟ ଲିମିଟେଡ ନାମକ କମ୍ପାନୀ ଖୋଲି ଲୋକଙ୍କ ଠାରୁ କୋଟି କୋଟି ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଥିଲା। ବ୍ରହ୍ମପୁର ଧର୍ମନଗର ୪ର୍ଥ ଲାଇନରେ ଏହି ଚିଟଫଣ୍ଡ କମ୍ପାନୀର ଏକ କାର୍ଯ୍ୟାଳୟ ରହିଥିଲା। ଏହି କାର୍ଯ୍ୟାଳୟରେ ଗୋଲନ୍ଥରାର ମହିଳା ଝାନ୍ସିରାଣୀ ପାଣି ଓରଫ ସୁକାନ୍ତି ଏବଂ କନିଷିର ପ୍ରଶାନ୍ତ କୁମାର ସାହୁ ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ତେବେ କମ୍ପାନୀର ଏହି ଏଜେଣ୍ଟମାନେ ଚମାଖଣ୍ଡି ବଣବୁଲାପଲ୍ଲୀର ନରସିଂହ ପ୍ରଧାନଙ୍କୁ ଉକ୍ତ ଚିଟଫଣ୍ଡ କମ୍ପାନୀରେ ଟଙ୍କା ନିବେଶ କରିବାକୁ କହିବା ସହ ମୋଟ ଅଙ୍କର ଲାଭ ଲୋଭ ଦେଇଥିଲେ। ନରସିଂହ ୫ଲକ୍ଷ ଟଙ୍କା ଜମା କରିଥିଲେ। ତେବେ କିଛିଦିନ ପରେ ଚିଟଫଣ୍ଡ କଳେଙ୍କାରୀ ସାମ୍ନାକୁ ଆସିବା ପରେ ଗ୍ରୀନ ଇଣ୍ଡିଆ କମ୍ପାନୀ ନାଁରେ ବିଭିନ୍ନ ଥାନାରେ ଠକେଇ ମାମଲା ରୁଜୁ ହୋଇଥିଲା। କମ୍ପାନୀର କାର୍ଯ୍ୟାଳୟ ବନ୍ଦ ହୋଇଯିବା ପରେ ନରସିଂହ ନିଜ ଜମା ଟଙ୍କା ଫେରସ୍ତ ପାଇ ପାରିନଥିଲେ।

ବହୁବର୍ଷ ଧରି ଅପେକ୍ଷା କରିବା ପରେ ନରସିଂହଙ୍କୁ ନିଜ ଟଙ୍କା ନମିଳିବାରୁ ସେ ଗ୍ରୀନ ଇଣ୍ଡିଆ କମ୍ପାନୀର ଏମ୍‌ଡି ତଥା ବ୍ରହ୍ମପୁର ଅଯୋଧ୍ୟାନଗର ୨ୟ ଲାଇନ ନିବାସୀ ପ୍ରଦୀପ ସିଂଙ୍କ ସମେତ ଉପରୋକ୍ତ ଦୁଇ ଏଜେଣ୍ଟଙ୍କ ନାମରେ ପୁଲିସ ଥାନାରେ ଅଭିଯୋଗ କରିଥିଲେ। ତେବେ ପୁଲିସ ଅଭିଯୋଗ ନଶୁଣିବାରୁ ସେ ବ୍ରହ୍ମପୁର ଓପିଆଇଡି କୋର୍ଟରେ ୱାନସିସି ମାମଲା ରୁଜୁ କରିଥିଲେ। ସେହି ମାମଲାର ବିଚାରଣା କରି କୋର୍ଟ ଏହା ଏକ ଅର୍ଥନୈତିକ ଅପରାଧିକ ମାମଲା ଏବଂ ଏହାର ତଦନ୍ତ ହୋଇ ସତ୍ୟ ସାମ୍ନାକୁ ଆସିବା ଜରୁରୀ ବୋଲି କହିବା ସହ କମ୍ପାନୀର ଏମ୍‌ଡି ପ୍ରଦୀପ ଓ ଦୁଇ ଏଜେଣ୍ଟଙ୍କ ନାମରେ ମାମଲା ରୁଜୁ କରିବାକୁ ବୈଦ୍ୟନାଥପୁର ଥାନାକୁ ଚଳିତମାସ ୭ତାରିଖରେ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ବୈଦ୍ୟନାଥପୁର ଥାନାରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି।

# ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମୁଣ୍ଡବ୍ୟଥାର କାରଣ ସାଜିଛି 'ଶିଶୁବାଟିକା'

ବ୍ରହ୍ମପୁର,୧୮।୭(ସମିସ)



ଜାତୀୟ ଶିକ୍ଷାନୀତି(ଏନ୍‌ଇପି)-୨୦୨୦କୁ ରାଜ୍ୟରେ କାର୍ଯ୍ୟକାରୀ କରାଯିବା ପରେ ଓଡିଶାର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆସିଛି। ବିଦ୍ୟାଳୟର ପ୍ରଥମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଅଧ୍ୟାପନା କରୁଥିବା ଶିକ୍ଷକ ଓ ଶିକ୍ଷୟତ୍ରୀମାନେ 'ଶିଶୁବାଟିକା'ରେ ନାମ ଲେଖାଇଥିବା ପିଲାଙ୍କୁ ଶିକ୍ଷାଦାନ କରିବେ ବୋଲି ନିଷ୍ପତି ହୋଇଛି। ଶିକ୍ଷୟିତ୍ରୀମାନେ ଶ୍ରେଣୀରେ ପିଲାଙ୍କ ଯତ୍ନ ନେବା ସହ ସେମାନଙ୍କ ଶିକ୍ଷାଦାନ, ଖେଳକୁଦ, ନାଚଗୀତ ଓ ଅନ୍ୟାନ୍ୟ କାର୍ଯ୍ୟକଳାପ ପ୍ରତି ନଜର ରଖିବେ। କିନ୍ତୁ ଗୋଟିଏ ପଟେ ସରକାରୀ ବିଦ୍ୟାଳୟରେ ଭିତ୍ତିଭୂମିର ଘୋର ଅଭାବ ରହିଥିବା ବେଳେ ଅନ୍ୟପଟେ ନୂତନ ଶିକ୍ଷାନୀତି ଲାଗୁ ହେବା ଦ୍ୱାରା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଉପରେ ଚାପ ବୃଦ୍ଧି ହୋଇଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଫଳରେ ଜିଲ୍ଲାର ୨୮୮୮ଟି ବିଦ୍ୟାଳୟରେ 'ଶିଶୁବାଟିକା'ରେ ନାମ ଲେଖାଇଥିବା ମୋଟ ୨୦ହଜାର ୨୫୨ଜଣ ପିଲାଙ୍କୁ ଆବଶ୍ୟକ ମୁତାବକ ଶିକ୍ଷାଦାନ ଉପଲବ୍ଧ ହେଉନଥିବା ଅଭିଯୋଗ ହୋଇଛି। ଖଡ଼ି ଛୁଆଁ ଉତ୍ସବରେ ହୋଇଥିବା ପ୍ରଚାର ପ୍ରସାର ଯୋଗୁଁ ଅଭିଭାବକମାନେ ଉତ୍ସାହିତ ହୋଇ ସେମାନଙ୍କ ପିଲାଙ୍କ ନାମ ଲେଖାଇଲେ। ତେବେ ଜିଲ୍ଲାର ଅଧିକାଂଶ ବିଦ୍ୟାଳୟରେ ଶ୍ରେଣୀଗୃହ ଓ ଶିକ୍ଷକ ଅଭାବ ମୁଣ୍ଡବ୍ୟଥାର କାରଣ ପାଲଟିଛି। ପୂର୍ବରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୮ଟି ଶ୍ରେଣୀ ରହିଥିବା ବେଳେ ବର୍ତ୍ତମାନ ୯ଟି ଶ୍ରେଣୀ ହୋଇଛି। ଗୋଟିଏ ଶ୍ରେଣୀ ଗୃହରେ ଏକାଧିକ ଶ୍ରେଣୀର ଛାତ୍ରଛାତ୍ରୀ ବସି ଅଧ୍ୟୟନ କରୁଛନ୍ତି। ବ୍ରହ୍ମପୁର ସହରର ଏକାଧିକ ବିଦ୍ୟାଳୟରେ ଏଭଳି ସେହିପରି କିଛି ବିଦ୍ୟାଳୟରେ ପୂର୍ବରୁ ହିଁ ଶ୍ରେଣୀ ପ୍ରକୋଷ୍ଠର ଅଭାବ ରହିଥିବା ବେଳେ ଶିଶୁବାଟିକାର ବିଦ୍ୟାର୍ଥୀଙ୍କ ପାଇଁ ଅନୁରୂପ ଅଭାବ ପରିଲକ୍ଷିତ ହୋଇଛି। ଏହାଦ୍ୱାରା ବିଭିନ୍ନ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ଶ୍ରେଣୀଗୃହର ଘୋର ଅଭାବ ପରିଲିଖିତ ହୋଇଛି। ଫଳରେ ଗୋଟିଏ ଶ୍ରେଣୀଗୃହରେ ୨ରୁ ୩ଟି ଶେଣୀର ଛାତ୍ରଛାତ୍ରୀ ବସୁଥିବା ଦେଖିବାକୁ ମିଳିଛି। ସେହିପରି କିଛି ବିଦ୍ୟାଳୟରେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଅଭାବ ରହିଥିବାରୁ ମଧ ବାଧ୍ୟବାଧକତାରେ ଦୃଶ୍ୟ ଦେଖିବାକୁ ମିଳୁଥିବା ବେଳେ ଜିଲ୍ଲାର ଗ୍ରାମାଞ୍ଚଳ ବିଦ୍ୟାଳୟର ସମସ୍ୟା ଚିନ୍ତାଜନକ ରହିଛି। ଏଭଳି କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ସରକାରଙ୍କ ଜାତୀୟ ଶିକ୍ଷା ନୀତି(ଏନ୍‌ଇପି) ବା ନୂତନ ଶିକ୍ଷା ନୀତି ବାଧକ ସାଜିଥିବା କୁହାଯାଉଛି। ଅନ୍ୟପକ୍ଷରେ ଶିକ୍ଷା ବ୍ୟବସ୍ଥା ସହ ଜଡିତ କୌଣସି ଅଂଶୀଦାରଙ୍କ ସହ ଆଲୋଚନା ନକରି ମନଇଚ୍ଛା ସରକାର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଛନ୍ତି। ଯେଉଁ ପିଲା ଶିଶୁ ବାଟିକାରେ ନାମ ଲେଖାଉଛନ୍ତି ସେମାନେ କିଭଳି ଓ କେଉଁ ଉପାୟରେ ପଢିବେ ତାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷାଧିକାରୀ ଦୃଷ୍ଟି ଦେବା ସହ ବିଦ୍ୟାଳୟରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ଅନୁପାତରେ ଆବଶ୍ୟକ ମୁତାବକ ଶ୍ରେଣୀଗୃହ ଓ ଶିକ୍ଷକ ଯୋଗାଇ ଦେବାକୁ ଅଭିଭାବକ ମହଲରେ ଦାବି ହୋଇଛି।

- ● ଜିଲ୍ଲାର ୨୮୮୮ଟି ବିଦ୍ୟାଳୟରେ ନାମ ଲେଖାଇଲେ ୨୦ହଜାର ଛାତ୍ରଛାତ୍ରୀ
- ● ଭିତ୍ତିଭୂମି ଓ ଶିକ୍ଷକଙ୍କ ଅଭାବ ସହିତ ନୂତନ ଶିକ୍ଷାନୀତି ଗୁଣାତ୍ମକ ଶିକ୍ଷା ପ୍ରଦାନରେ ବାଧକ

# ନାବାଳିକା ଦୁଷ୍କର୍ମ ଅଭିଯୁକ୍ତ କେରଳରୁ ଗିରଫ

ବ୍ରହ୍ମପୁର,୧୮।୭(ସମିସ): ଜନୈକ ନାବାଳିକାଙ୍କୁ ଅପହରଣ ପରେ ଦୁଷ୍କର୍ମ ଅଭିଯୋଗରେ ଫେରାର ଅଭିଯୁକ୍ତକୁ ଟାଉନ ଥାନା ପୁଲିସ କେରଳରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବଡଗଡ ଥାନା ଅଞ୍ଚଳର ନନ୍ଦନ ନାୟକ(୨୩)। ଏଥିସହିତ ଅପହୃତା ନାବାଳିକା(୧୬)ଙ୍କୁ ଉଦ୍ଧାର କରାଯାଇଛି। ପରେ ଉଭୟ ଅଭିଯୁକ୍ତ ଓ ପୀଡ଼ିତାଙ୍କ ଡାକ୍ତରୀ ମାଇନା ସହ ପୁଲିସ ପୀଡିତାଙ୍କ ବୟାନ ରେକର୍ଡ କରିଛି।



ସୂଚନାଯୋଗ୍ୟ ଯେ, ବଡଗଡ ଥାନା ଅଞ୍ଚଳର ଜନୈକା ନାବାଳିକା (୧୬) ବ୍ରହ୍ମପୁର ତୁଳସୀ ନଗର ଅଞ୍ଚଳରେ ରହି ପାଠ ପଢୁଥିଲେ। ଗତ ମାର୍ଚ୍ଚ ପ୍ରଥମ ସପ୍ତାହରେ ନାବାଳିକାଙ୍କ ନିଖୋଜ ନେଇ ତାଙ୍କ ପରିବାର ପକ୍ଷରୁ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ନାବାଳିକା ଝିଅକୁ ବରଗଡ଼ ଥାନା ଅଞ୍ଚଳର ଜଣେ ଯୁବକ ଅପହରଣ କରିନେଇଥିବା ପରିବାର ଲୋକେ ସନ୍ଦେହ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରିଥିଲା। ତଦନ୍ତ ବେଳେ ନନ୍ଦନ ନାୟକ ନାମକ ଜଣେ ଯୁବକ ନାବାଳିକାଙ୍କୁ ଅପହରଣ କରିନେଇଥିବା ପୁଲିସ ଜାଣିବାକୁ ପାଇଥିଲା। କେରଳରେ ନନ୍ଦନଙ୍କ ଲୋକେସନ ଜଣାପଡିବା ପରେ ଅଭିଯୁକ୍ତକୁ ଧରିବା ପାଇଁ ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ଏସ୍‌ଆଇ ବିଭୂତି ଭୂଷଣ ସେଠୀଙ୍କୁ ନେଇ ଏକ ଟିମ ଗଠନ କରିଥିଲେ। ଟିମ କେରଳ ଯାଇ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ନନ୍ଦନକୁ କାବୁ କରିଥିଲେ। ଅଭିଯୁକ୍ତ ନନ୍ଦନ ନାବାଳିକାକୁ ବାରମ୍ବାର ଦୁଷ୍କର୍ମ କରିଥିବା ପୁଲିସ ତଦନ୍ତ ବେଳେ ଜଣାପଡିଥିଲା। ପୀଡ଼ିତାଙ୍କ ବୟାନ ଆଧାରରେ ପୁଲିସ ଅଭିଯୁକ୍ତ ନନ୍ଦନକୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଥିଲା।

୧୮/୭/୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୩,୭୮,୬୯୫/- ସୁନା: ୦୨.୫୫୦ ଗ୍ରାମ୍ ରୁପା: ୧୩.୬୦୦ ଗ୍ରାମ୍





## ଆକ୍ରମଣ କରି ରିକ୍ସା ଚାଳକ ଗିରଫ

ପୁରୀ,୧୮।୭(ସମିସ): ଜଣେ ରିକ୍ସାଚାଳକଙ୍କୁ ଆଉ ଦୁଇଜଣ ରିକ୍ସା ଚାଳକ ମରଣାନ୍ତକ ଆକ୍ରମଣ କରିଥିଲେ। ଘଟଣାଦିନ ଟାଉନ ଥାନା ପୁଲିସ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟଜଣେ ଅଭିଯୁକ୍ତ ଫେରାର୍ ଥିଲା। ଗୁରୁବାର ପୁଲିସ ତାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ମାର୍କେଟ ଛକରେ ରହୁଥିବା ଭଦ୍ରକର ରାଜୁ ମହାଲିକ (୪୭)। ପୁଲିସ ସୂଚନା ଅନୁଯାୟୀ, ଅଭିଯୋଗକାରୀ ଗଞ୍ଜାମ ହିଞ୍ଜିଳିକୋଟର ନାରାୟଣ ଗୌଡ଼ (୩୦)ଙ୍କୁ ଗତ ମେ ୧୨ ତାରିଖ ରାତିରେ ଅଭିଯୁକ୍ତ ରାଜୁ ଏବଂ ଅନ୍ୟଜଣେ ରିକ୍ସା ଚାଳକ ଅରକ୍ଷିତ ଦାସ ନିଶା ଖାଇ ପାଟିତୁଣ୍ଡ କରିଥିଲେ। ଏହାର ପ୍ରତିବାଦ କରିବାରୁ ନାରାୟଣଙ୍କୁ ଦୁଇ ଅଭୀଯୁକ୍ତ ଏକ ଲୁହାରଡରେ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଏହା ପରଦିନ ସେ ଟାଉନ ଥାନାରେ ଅଭିଯେଗ କରିଥିଲେ। ପୁଲିସ ଏକ ମାମଲା (ନଂ.୧୮୩/୨୫) ରୁଜୁ କରି ସେହିଦିନ ଅରକ୍ଷିତଙ୍କୁ ଗିରଫ କରିଥିଲା। ହେଲେ ରାଜୁ ଫେରାର୍ ହୋଇଥିଲେ। ଗୁରୁବାର ପୁଲିସ ରାଜୁକୁ ମାର୍କେଟ ଛକରୁ ଗିରଫ କରି ଶୁକ୍ରବାର ତାକୁ କୋର୍ଟଚାଲାଣ କରିଛି।

## ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ପୁରୀ,୧୮।୭(ସମିସ): ସୁନୀଲ ମିଶ୍ର ଫାଉଣ୍ଡେଶନ ଓ ପୁରୀ ଜିଲ୍ଲା ସ୍କୁଲର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ମେଧାବୀ ଛାତ୍ରଛାତ୍ରୀଙ୍କ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଫାଉଣ୍ଡେଶନ ପକ୍ଷରୁ ୨୦୨୪ ଓ ୨୦୨୫ ମାଟ୍ରିକ ପରୀକ୍ଷାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ୭ ଜଣ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ, ଟ୍ରଫି ସହିତ ୭,୦୦୦, ୬,୦୦୦ ଓ ୫,୦୦୦ ଟଙ୍କା ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଫାଉଣ୍ଡେଶନର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଫାଉଣ୍ଡେଶନ ପୁରୀ ଜିଲ୍ଲା ସ୍କୁଲର ୧୯୮୪ ମାଟ୍ରିକ ବର୍ଷର ମେଧାବୀ ଛାତ୍ର ସୁନିଲ ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗଠନ ହୋଇ ପ୍ରତିବର୍ଷ ସ୍କୁଲରୁ ମାଟ୍ରିକ ପରୀକ୍ଷାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଉଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରିଆସୁଛି। ତେବେ ଶୁକ୍ରବାର ସଭାକୁ ୧୯୮୪ ମାଟ୍ରିକ ବ୍ୟାଚର ପୁରାତନ ଛାତ୍ର ତଥା ଫାଉଣ୍ଡେଶନର ସଭାପତି ଶୁଭେନ୍ଦୁ ପଟ୍ଟନାୟକ, ସମ୍ପାଦକ ରବି ସାହୁ, ସଭ୍ୟ ପୂର୍ଣ୍ଣ ଚନ୍ଦ୍ର ମହାନ୍ତି, ସିଦ୍ଧାର୍ଥ ମହାନ୍ତି, ବିଶ୍ୱନାଥ ପଣ୍ଡା, ସିମାଞ୍ଚଳ ପାତ୍ର, ରାଜେନ୍ଦ୍ର ଡୋରା, ଦିଲୀପ ଦେ, ଆଶିଷ ଚକ୍ରବର୍ତ୍ତୀ, ଘନ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

## ୨୧ରେ ନିମାପଡ଼ା ବ୍ଲକ୍‌ରେ ଅଭିଯୋଗ ଶୁଣାଣି

ପୁରୀ,୧୮।୭(ସମିସ): ପୁରୀ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଚଳିତ ମାସ ୨୧ ତାରିଖରେ ନିମାପଡା ବ୍ଲକ ସମ୍ମିଳନୀ ଗୃହରେ ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହେବ। ସେହିପରି ୨୮ ତାରିଖ ପୂର୍ବାହ୍ନ ୧୦ଟାରେ କୃଷ୍ଣପ୍ରସାଦ ବ୍ଲକ ସମ୍ମିଳନୀ ଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହେବ। ଏଥିରେ ଜନସାଧାରଣ ସେମାନଙ୍କ ଆପତ୍ତି ଅଭିଯୋଗ ଜଣାଇପାରିବେ ବୋଲି ଜିଲ୍ଲା ଅଭିଯୋଗ ଶୁଣାଣି ଅଧିକାରୀ ସୂଚନା ଦେଇଛନ୍ତି।

## ଜିଲ୍ଲା ସ୍କୁଲରେ ଆଇନ ସଚେତନତା ଶିବିର

ପୁରୀ,୧୮।୭(ସମିସ): ପୁରୀ ଜିଲ୍ଲା ଆଇନ ସେବା ପ୍ରାକରଣ ଅଧ୍ୟକ୍ଷା ତଥା ଜିଲ୍ଲା ଓ ଦୌରାଜଜ୍ ଅଜନ୍ତା ଷଡଙ୍ଗୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଶୁକ୍ରବାର ଶିଶୁ ସୁରକ୍ଷା ଆଇନ ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ ଉପରେ ପୁରୀ ଜିଲ୍ଲା ସ୍କୁଲରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠୀ ପରିଚାଳନା କରିଥିଲେ। ଏହାକୁ ସଚିବ ଶ୍ରୀ ସେଠୀ ଉଦ୍‌ଘାଟନ କରିବା ସହ ନିଜ ବକ୍ତବ୍ୟରେ ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ ରେ ଥିବା ବିଭିନ୍ନ ବିଧି ବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ନିଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ, ୧୫୧୦୦ ଏବଂ ସମ୍ମୁଖ କାର୍ଯ୍ୟାଳୟ ବିଷୟରେ ଅବଗତ କରାଇବା ସହ ଆଇନ ସେବା କ'ଣ ଏବଂ ଆଇନ ସେବା ପାଇବା ପାଇଁ କେଉଁ କେଉଁମାନେ ଯୋଗ୍ୟ ତା' ଉପରେ ଆଲୋଚନା କରିଥିଲେ। ଶିଶୁ ମାନଙ୍କର ଯତ୍ନ, ଶିଶୁ ସୁରକ୍ଷା ଆଇନ ସମ୍ପର୍କରେ ତଥା ଶିଶୁ ମାନଙ୍କର ଅଧିକାର ସୁରକ୍ଷା ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର ନିରାକରଣ ଆଇନ ସୁଚାରୁ ରୂପେ ପରିଚାଳନା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡିକ କିପରି ନିଷ୍ଠାପର ଭାବେ କାର୍ଯ୍ୟ କରିବା ଉଚିତ ସେ ବିଷୟରେ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଏସ୍‌ପି ସଚିନ କୁମାର ପଟେଲ, ପ୍ରଧାନଶିକ୍ଷକ ବିଶ୍ୱନାଥ ବାନାର୍ଜୀ, ଶିଶୁ ମଙ୍ଗଳ କମିଟି ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ଶିକ୍ଷକ ବିଦ୍ୟାଧର ମିଶ୍ର, ଅର୍ଜୁନ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଉପସ୍ଥିତ ଥିବା ପୁରୀ ଜିଲ୍ଲା ସ୍କୁଲ କର୍ମଚାରୀ ବୃନ୍ଦ ଓ ଛାତ୍ରଛାତ୍ରୀମାନଙ୍କୁ ଆଇନ ସେବା ପ୍ରାଧିକରଣ ତରଫରୁ ଧନ୍ୟବାଦ ଅର୍ପଣ ସହ ଆଇନ ସେବାର ଉପଯୋଗିତା ଓ ଉପାଦେୟତାକୁ ଜନସାଧାରଣଙ୍କ ମଧ୍ୟରେ ପ୍ରଚାର କରିବା ଆହ୍ୱାନ ଦିଆଯାଇଥିଲା।

### ତଞ୍ଚକତାର ଶିକାର ଠାକୁର

# ଶ୍ରାବଣରେ ନ୍ୟାୟ ମାଗୁଛନ୍ତି ମହାଦେବ

ପୁରୀ,୧୮।୭(ସମିସ)

ତଞ୍ଚକତାର ଶିକାର ହୋଇଛନ୍ତି ଠାକୁର। ହଁ, ଏହା କାହାକୁ ଅଡୁଆ ଲାଗୁଥାଇପାରେ, କିନ୍ତୁ କଥାଟି ସତ। ଆଉ ସମସ୍ୟାର ଶିକାର ହୋଇଛନ୍ତି ନରେନ୍ଦ୍ରକୋଣସ୍ଥିତ ବାବା

## ମୁଖ୍ୟମନ୍ତ୍ରୀଙ୍କୁ ଗୁହାରିକଲେ ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟ

ବାଳିକପିଳେଶ୍ୱର ମହାଦେବ। ମଣିଷ ଦ୍ୱାରା ତଞ୍ଚକତାର ଶିକାର ହୋଇ ପବିତ୍ର ଶ୍ରାବଣ ମାସରେ ନ୍ୟାୟ ମାଗୁଛନ୍ତି ଠାକୁର। ବାଳିକପିଳେଶ୍ୱର ମହାଦେବଙ୍କ ନାମରେ ଥିବା ପଟ୍ଟାକୁ ତଞ୍ଚକତାପୂର୍ବକ ଖାରଜ କରିଦିଆଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ମନ୍ଦିର ଟ୍ରଷ୍ଟବୋର୍ଡ ସଦସ୍ୟ ଜିଲ୍ଲା ପ୍ରଶାସନକୁ ଜଣାଇଥିଲେ। ହେଲେ ସେଠାରୁ ନିରାଶ ହେବା ପରେ ଶେଷରେ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି କରିଛନ୍ତି। ଏବେ ଦେଖିବାକୁ ବାକି ରହିଲା ମୁଖ୍ୟମନ୍ତ୍ରୀ ଏହା ଉପରେ କେତେ ସମ୍ବେଦନଶୀଳ ହୋଇ ନ୍ୟାୟ ପ୍ରଦାନ କରୁଛନ୍ତି।

ଟ୍ରଷ୍ଟବୋର୍ଡ ସଦସ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ବାବା ବାଳିକପିଳେଶ୍ୱର ମହାଦେବଙ୍କ ପଛ ପାର୍ଶ୍ୱରେ ଥିବା ଏରିଆ ୦.୦୦୫.୩୫ ଡେସିମିଲ ରାଜେଶ କୁମାର ମହାନ୍ତି ନିଜ ନାମରେ ୨୦୧୯ ଡିସେମ୍ବର ୩୧ରେ କ୍ରୟ କରିଥିଲେ। ପୁନଶ୍ଚ ଏହି ଜମିକୁ ଶ୍ରୀଶ୍ରୀ ବାବା ବାଳିକପିଳେଶ୍ୱର ଦେବ ମନ୍ଦିର ଟ୍ରଷ୍ଟ ବୋର୍ଡକୁ ଦାନ କରିଥିଲେ। ପରବର୍ତ୍ତୀ ସମୟରେ ମନ୍ଦିର ନିକଟସ୍ଥ ଜନୈକ ବ୍ୟକ୍ତି ଏହା ଉପରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପାଇବା ପରେ ଶ୍ରୀ ମହାନ୍ତି ତାଙ୍କ ପକ୍ଷ ରଖିଥିଲେ। ଏ ନେଇ ରାଜସ୍ୱ ନିରୀକ୍ଷକ ପୁରୀ ତହସିଲ୍‌ଦାରଙ୍କ ନିକଟକୁ ଏହି ମ୍ୟୁଟେସନ କେସ୍‌ର ଫଇସଲା ନିମନ୍ତେ ରିପୋର୍ଟ ପଠାଇଥିଲେ। ତହସିଲ୍‌ଦାରଙ୍କ ଅଦାଲତରେ ମ୍ୟୁଟେସନ କେସ୍ ନଂ.୨୧୯୯/୨୦୨୦ ବିଚାରାଧୀନ ଥିବାବେଳେ ତରବରିଆ ଭାବେ ପ୍ରତିପକ୍ଷ ପୁନଶ୍ଚ ଉପଜିଲ୍ଲାପାଳଙ୍କ ଅଦାଲତରେ ଅପିଲ୍ କେସ୍ ଫାଇଲ୍ କରିଥିଲେ। ଏହାପରେ ଶ୍ରୀ ମିଶ୍ରଙ୍କ ପାଖକୁ ନୋଟିସ୍ ଆସିଥିଲା। ଏହାର ଜବାବରେ ସେ ପକ୍ଷ ରଖିଥିଲେ ଯେ, ମ୍ୟୁଟେସନ୍ କେସ୍ ବର୍ତ୍ତମାନ ସୁଦ୍ଧା ଫଇସଲା ହୋଇନାହିଁ। ତେଣୁ ଅପିଲ୍ କେସ୍‌ର ଆବଶ୍ୟକତା ନାହିଁ।

ଅନ୍ୟପକ୍ଷରେ ଟ୍ରଷ୍ଟ ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଯେ, ମ୍ୟୁଟେସନ କେସ୍ ତହସିଲ୍‌ଦାରଙ୍କ ଅଦାଲତରେ ବିଚାରାଧୀନ ଥିବାବେଳେ କିପରି ଅପିଲ୍ କେସ୍ କରାଯାଇପାରିବ? ପୁରୀ ଉପଜିଲ୍ଲାପାଳଙ୍କ ଅଦାଲତରେ ଅପିଲ୍ କେସ୍ ଗ୍ରହଣ କଲେ କିପରି? ମ୍ୟୁଟେସନ କେସ୍ ତହସିଲ୍‌ଦାରଙ୍କ ଅଦାଲତରେ ଫଇସଲା ହୋଇ ୨୦୨୧ ମେ' ୨୭ରେ ଠାକୁରଙ୍କ ନାମରେ ପଟ୍ଟା ପ୍ରଦାନ କରିଛନ୍ତି। ହେଲେ ଉପଜିଲ୍ଲାପାଳଙ୍କ ଅଦାଲତରେ ପୂର୍ବରୁ ଅପିଲ୍ କେସ୍ ସାହାରା ନେଇ ସ୍ଥଗିତ ଥିବା ମୋକଦ୍ଦମାକୁ ପୁନରାୟ ଆରମ୍ଭ କରାଯାଇଛି। ଏକତରଫା ଭାବେ ଏହାର ଶୁଣାଣି କରି ଠାକୁରଙ୍କ ନାମରେ ଥିବା ପଟ୍ଟାକୁ ଖାରଜ କରିଦିଆଯାଇଛି। ଏହା ସମ୍ପୂର୍ଣ୍ଣ ଭାବେ ଅସାମ୍ବିଧାନିକ। ଏଣୁ ସହୃଦୟପୂର୍ବକ ବିଚାର କରି ପୁରୀ ଜିଲ୍ଲା ପ୍ରଶାସନକୁ ଶ୍ରୀବାବା ବାଳିକପିଳେଶ୍ୱର ମହାଦେବ (ସାବାଳକ)ଙ୍କ ସ୍ଥିତିବାନ ପଟ୍ଟାକୁ ପୁନରାୟ ଠାକୁରଙ୍କ ନାମରେ କରିବା ପାଇଁ ଟ୍ରଷ୍ଟ ବୋର୍ଡ ସଦସ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।



### ଜିଲ୍ଲା ରାଜସ୍ୱ ବୈଠକ

## ରାଜସ୍ୱ ଆଦାୟ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ନିର୍ଦ୍ଦେଶ



ପୁରୀ,୧୮।୭(ସମିସ)

ସ୍ଥାନୀୟ ସର୍କିଟ ହାଉସ୍ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲ୍ଲାସ୍ତରୀୟ ରାଜସ୍ୱ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଚଞ୍ଚଳ ରାଣା ଅଧ୍ୟକ୍ଷତା କରିବା ସହ ରାଜସ୍ୱ ଆଦାୟର ଧାର୍ଯ୍ୟ ଲକ୍ଷ୍ୟକୁ ପୂରଣ ପାଇଁ ସମସ୍ତ ରାଜସ୍ୱ ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ରାଜସ୍ୱ ମାମଲା ଗୁଡ଼ିକର ତ୍ୱରିତ ସମାଧାନ, ସାଧାରଣ ଲୋକଙ୍କୁ ଉପଯୁକ୍ତ ସମୟ ଅବଧିରେ ବିବିଧ ରାଜସ୍ୱ ପ୍ରମାଣପତ୍ର ପ୍ରଦାନ ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ସରକାରୀ ଜମିର ସୁରକ୍ଷା, ଭୂମିହୀନଙ୍କୁ ଚିହ୍ନଟ, ବିଭିନ୍ନ ପ୍ରକଳ୍ପ ପାଇଁ ଭୂମି ଚିହ୍ନଟ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ନିର୍ମାଣ ପାଇଁ ଜମି ଚିହ୍ନଟ, ମୋଟର ଯାନ ରାଜସ୍ୱ ସଂଗ୍ରହ, ଅବକାରୀ ରାଜସ୍ୱ, ଷ୍ଟାମ୍ପ ଡ୍ୟୁଟି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ଜମି ଚିହ୍ନଟ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯିବା ସହ ରାଜସ୍ୱ ଅଧିକାରୀଙ୍କୁ ଉପଯୁକ୍ତ ପଦକ୍ଷେପ ପାଇଁ ପରାମର୍ଶ ଦିଆଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝୀ, ପିକେଡିଏ ସଚିବ ଦିଲ୍ଲୀପ ମହାରଣା, ରାଜସ୍ୱ ଡେପୁଟି କଲେକ୍ଟର ସହଦେବ ସାହୁ, ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ସାହିତ୍ୟିକ ପ୍ରସନ୍ନ ମହାନ୍ତିଙ୍କ ସ୍ମୃତିସଭା

ପୁରୀ,୧୮।୭(ସମିସ)

ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ପକ୍ଷରୁ ସାହିତ୍ୟିକ, ଗାଳ୍ପିକ ଓ କବି ପ୍ରସନ୍ନ ମହାନ୍ତିଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସାଧାରଣ ସମ୍ପାଦକ ଶିବସୁନ୍ଦର ମିଶ୍ରଙ୍କ ଖୁଣ୍ଟିଆ ସାହିସ୍ଥିତ ସୁନାମଣି ଅଣୁ ପାଠାଗାରରେ ସଭାପତି ସଦାଶିବ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ମହାନ୍ତି ଏକାଧାରାରେ କବି, ଗାଳ୍ପିକ, ନାଟ୍ୟକାର, ଔପନ୍ୟାସିକ, ପ୍ରାବନ୍ଧିକ ଓ ସମାଲୋଚକ ଭାବେ ସାରସ୍ୱତ ଜଗତରେ ବେଶ୍ ସୁନାମ ଅର୍ଜନ କରିଥିଲେ। ତାଙ୍କ ଉଦ୍ୟମରେ ୧୯୮୯ରେ ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ପ୍ରତିଷ୍ଠିତ ହୋଇଥିଲା। ଅନୁଷ୍ଠାନର ପ୍ରଥମ ସଭାପତି ଭାବେ ସେ ଦାୟିତ୍ୱ ନିଭାଇଥିଲେ। ପରେ ସମ୍ପାଦକ ଓ ଉପଦେଷ୍ଟା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସ୍ୱର୍ଗତ ମହାନ୍ତିଙ୍କୁ ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ପକ୍ଷରୁ ଗାଳ୍ପିକ ସମ୍ମାନ ପ୍ରଦାନ କରାଯାଇଥିଲା। ସଙ୍ଗଠକ ଭାବେ ତାଙ୍କ ଭୂମିକା ଅବିସ୍ମରଣୀୟ ହୋଇ ରହିବ ବୋଲି ବକ୍ତାମାନେ କହିଥିଲେ। ସ୍ମୃତିସଭାରେ କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ମିଶ୍ର, ଉପସଭାପତି କୃଷ୍ଣଚନ୍ଦ୍ର ରଥ, ଅନାମ ଚନ୍ଦ୍ର ସାହୁ, ସହ ସମ୍ପାଦକ ଅନ୍ନପୂର୍ଣ୍ଣା ଦେବୀ, ଅଧ୍ୟାପକ ଭାରତୀ ଭୂଷଣ ଦାସ, ସଙ୍ଗଠନ ସମ୍ପାଦକ ସୁରେଶ କୁମାର ପଟ୍ଟନାୟକ, ଡ. ବିଜୟଲକ୍ଷ୍ମୀ ମିଶ୍ର, ଡ. ରୂପଶ୍ରୀ ମିଶ୍ର, କମଳିନୀ ପାଣିଗ୍ରାହୀ, ଉପଦେଷ୍ଟା ବିଜୟଲକ୍ଷ୍ମୀ ଦାଶ, କୋଷାଧ୍ୟକ୍ଷ ଦିନବନ୍ଧୁ ଦାଶ ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କର ସ୍ମୃତିଚାରଣ କରିଥିଲେ। ରବୀନ୍ଦ୍ରନାଥ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶଙ୍କରାଚାର୍ଯ୍ୟଙ୍କୁ ଦର୍ଶନ କଲେ କେ.ଭି. ସିଂହଦେଓ

### ପଞ୍ଚବଟୀ ଗୋଶାଳା ପରିଦର୍ଶନ କଲେ



ପୁରୀ,୧୮।୭(ସମିସ)

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ଦର୍ଶନ ସହିତ ଆଶୀର୍ବାଦ ଲାଭ କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଗୋବର୍ଦ୍ଧନ ମଠକୁ ଯାଇ ଶଙ୍କରାଚାର୍ଯ୍ୟଙ୍କୁ ଦର୍ଶନ କରିଛନ୍ତି। ଶଙ୍କରାଚାର୍ଯ୍ୟଙ୍କ ସହିତ ମଠର ଜମିଜମା ସମ୍ପର୍କିତ ସମସ୍ୟାର ସମାଧାନ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଖୁବ୍‌ଶୀଘ୍ର ଜମିଜମା ସମସ୍ୟାର ସମାଧାନ ନେଇ ରାଜ୍ୟ ସରକାର ପଦକ୍ଷେପ ନେବେ ବୋଲି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ।

ଏହା ପୂର୍ବରୁ ଉପମୁଖ୍ୟମନ୍ତ୍ରୀ ପୁରୀ ସଦର ଚନ୍ଦନପୁରସ୍ଥିତ ପଞ୍ଚବଟୀ ଗୋଶାଳା ପରିଦର୍ଶନ କରିବା ସହିତ ବିଭିନ୍ନ ଉନ୍ନତିକରଣ ଓ ଆଲୋକୀକରଣ କାର୍ଯ୍ୟର ଉଦ୍‌ଘାଟନ କରିଥିଲେ। ରାଜ୍ୟରେ ଗୋ ସମ୍ପଦ ର ସୁରକ୍ଷା, ଜୈବିକ କୃଷି ଓ କୃଷକଙ୍କୁ ପ୍ରଶିକ୍ଷଣ ଦିଗରେ ଉପମୁଖ୍ୟମନ୍ତ୍ରୀ ଗୋଶାଳାର ଭୂମିକା ଉପରେ ଆଲୋକପାତ କରିଥିଲେ। ସେପଟେ ରାଜ୍ୟ ସରକାର ପୁରୀକୁ ସବୁବେଳେ ବିଶେଷ ଗୁରୁତ୍ୱ ଦେଇ ଆସୁଛନ୍ତି। ସରକାରରେ ଯେ କେହି ବି ରୁହନ୍ତୁ ପୁରୀର ଉନ୍ନତି ସମସ୍ତଙ୍କର ମୁଖ୍ୟ ଦାୟିତ୍ୱ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ତେବେ ରଥଯାତ୍ରା ସମୟରେ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ଗୋବର୍ଦ୍ଧନ ପୀଠ ଆସି ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ଆଶୀର୍ବାଦରୁ ବଞ୍ଚିତ ହୋଇଥିବା ବେଳେ ଆଜି ଗୁରୁଜୀଙ୍କ ଦର୍ଶନ ସହିତ ଆଶୀର୍ବାଦ ନେଇ ନିଜକୁ ଭାଗ୍ୟବାନ ମନେ କରିଥିବା କହିଛନ୍ତି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ।

# ଶିଳ୍ପୀଙ୍କ କାନ୍‌ଭାସରେ ବିଶ୍ୱନିୟନ୍ତା: ରଙ୍ଗ ତୂଳୀରେ ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କ କଥା

ପୁରୀ,୧୮।୭(ସମିସ)

ଶ୍ରୀମନ୍ଦିରରେ ଶୁଭୁଥିଲା ଭକ୍ତଙ୍କ କୋଳାହଳ। ଆନନ୍ଦ ବଜାରରୁ ମହକି ଆସୁଥିଲା ମହାପ୍ରସାଦର ମହ ମହ ବାସ୍ନା। ଜୟ ଜଗନ୍ନାଥ ଧ୍ୱନିରେ ଗୁଞ୍ଜରିତ ହେଉଥିଲା ପରିକ୍ରମା ପ୍ରକଳ୍ପ ପରିସର। ଏମିତି ଏକ ମନଲୋଭା ପରିବେଶରେ ଦେଶ ବିଦେଶର ଶିଳ୍ପୀ ଏକାଠି ହୋଇଥିଲେ ଶ୍ରୀକ୍ଷେତ୍ର ମାଟିରେ। ଶ୍ରୀମନ୍ଦିର ଉତ୍ତର ଦ୍ୱାର ପରିକ୍ରମା ପ୍ରକଳ୍ପ ପରିସରରେ ସମବେତ ହୋଇଥିଲେ ଦେଶ ବିଦେଶର ନାମୀଦାମୀ ଚିତ୍ରଶିଳ୍ପୀ। ରଙ୍ଗ ତୂଳୀରେ ଆଙ୍କି ଦେଇଥିଲେ ଭକ୍ତି ନୈବେଦ୍ୟର ଚିତ୍ର। କାନ୍‌ଭାସରେ ତୋଳି ଧରିଥିଲେ ଶ୍ରୀମନ୍ଦିର ଆଉ ଶ୍ରୀଜଗନ୍ନାଥଙ୍କ କଥା। ମେଘନାଦ ପାଚେରୀ, ବଡ଼ଦେଉଳ, ନୀଳଚକ୍ର ସାଙ୍ଗକୁ ଶ୍ରୀମନ୍ଦିରର ସୌନ୍ଦର୍ଯ୍ୟ ଏବଂ ଭକ୍ତଙ୍କ ଆବେଗ ସବୁ ଜୀବନ୍ତ ଲାଗୁଥିଲା କାନ୍‌ଭାସରେ। ଜଳେଶ୍ୱର ଆର୍ଟ ଫାଉଣ୍ଡେଶନ ସହଯୋଗରେ ଏଭଳି ଏକ ଅବସର ଆଣି ଦେଇଥିଲେ ଓଡିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟ। ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ଆରମ୍ଭ ହୋଇଛି ଦୁଇଦିନିଆ ଅନ୍ତର୍ଜାତୀୟ ଚିତ୍ରକଳା ଶିବିର। ଏହାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଦୁର୍ଗାମାଧବ କର ଏବଂ ଚିତ୍ରଶିଳ୍ପୀ ବ୍ରଜ ଷଡଙ୍ଗୀ ଉଦ୍‌ଘାଟନ କରିଥିଲେ। ଏଥିରେ ଭାରତର ବିଭିନ୍ନ ରାଜ୍ୟ ଏବଂ ଦେଶ ବାହାରୁ ୨୮ ଜଣ ଶିଳ୍ପୀ ଭାଗ ନେଇଛନ୍ତି। ଏହି ଚିତ୍ର ଶିଳ୍ପୀଙ୍କ ମଧ୍ୟରେ ନେପାଳର ଉଦ୍ଧବ ଗୁରୁଙ୍ଗଙ୍କ, ଦୁର୍ଗାମାଧବ, ବ୍ରଜଙ୍କ ସମେତ ନୀଳାଦ୍ରି, ମୁକ୍ତିପଦ ନନ୍ଦୀ, ପ୍ରିୟବଲ୍ଲଭ ସାହୁ, ଭୂପତି ସୂର, ସନ୍ତୋଷ କାମିଳା, ପରମେଶ୍ୱର ମେହେର, ପ୍ରଣୟ ଜେନା, ପ୍ରସନ୍ନ ସ୍ୱାଇଁ, ସେ?ମ୍ୟରଂଜନ ପାତ୍ର, କୂଳଧୂପ ବର୍ମା, ସ୍ମିତାରାଣୀ ବିଶ୍ୱାଳ, ଶ୍ରଦ୍ଧା ସୁମନ ସାହୁ, ତନିଶା ପଣ୍ଡା, ଜିତେନ୍ଦ୍ର ସାହୁ, ମେଘାଶ୍ରୀ ଦାସ, ଆସାମରୁ ଅଜୟ ଦେ ଓ ଅନନ୍ୟା ପାଳ, ମଧ୍ୟପ୍ରଦେଶରୁ ଅନାମିକା ଓ ଆରାଧନା, ଉତ୍ତରପ୍ରଦେଶରୁ ରେଣୁ ପାଞ୍ଜିୱାଲ, ରାଜସ୍ଥାନରୁ ନିଲୁ ଶର୍ମା ଏବଂ କୋଲକାତାରୁ ମାରିୟମ ପ୍ରମୁଖ ସାମିଲ ଥିଲେ। ଶନିବାର ଏହି ଶିବିର ଉଦ୍‌ଯାପିତ ହେବ।








## ସ୍ୱଚ୍ଛତାରେ ୯ ନମ୍ବର
# ରାସ୍ତାକଡ଼ରେ କୁଢ଼କୁଢ଼ ଆବର୍ଜନା

ଭୁବନେଶ୍ୱର, ୧୮ ।୭ (ସମିସ)

ଭୁବନେଶ୍ୱର ସ୍ୱଚ୍ଛତାରେ ଦେଶର ୯ ନମ୍ବର ସ୍ଥାନ ଅକ୍ତିଆର କରିଛି । ହେଲେ ସହରରେ କୁଢ କୁଢ ଆବର୍ଜନା ପଡ଼ି ରହିଛି । ବିଭିନ୍ନ ସ୍ଥାନରେ ଅଳିଆ ପାହାଡ ସୃଷ୍ଟି ହେଲାଣି । ଟିଟିଏସ୍ ଗନ୍ଧକୁ ନେଇ ଲୋକେ ନିୟମିତ ଭାବେ ଧାରଣାରେ ବସୁଛନ୍ତି । ବିଭିନ୍ନ ସ୍ଥାନରୁ ଦିନ ଦିନ ଧରି ରାସ୍ତାକଡ଼ରୁ ଅଳିଆ ଉଠୁନି । ଆପାର୍ଟମେଣ୍ଟ୍ ଗୁଡ଼ିକରେ ଏସ୍‌ଟିପି ନାହିଁ । ଏବେବି ଲୋକେ ରାସ୍ତା କଡ଼ରେ ପରିସ୍ରା କରୁଛନ୍ତି । ଏପରିକି ପୂର୍ବ ସରକାରଙ୍କ ଅମଳରେ ନିର୍ମାଣ ଶେଷ ହୋଇଥିବା ପଳାଶୁଣି ସ୍ଥିତ ଶୁଖିଲା ବର୍ଜ୍ୟ ପ୍ରକ୍ରିୟାକରଣ ପ୍ଲାଣ୍ଟ ଆଜି ପର୍ଯ୍ୟନ୍ତ ଉଦ୍‌ଘାଟନ ହୋଇପାରିଲା ନାହିଁ । ଏହା ସତ୍ତ୍ୱେ ଭୁବନେଶ୍ୱର କିପରି ୯ନମ୍ବର ସ୍ଥାନ ପାଇଲା । ତାହାକୁ ନେଇ ଲୋକଙ୍କ ମନରେ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଭୁବନେଶ୍ୱର କେଉଁ ଶ୍ରେଣୀରେ ୯ନମ୍ବର ସ୍ଥାନ ହାସଲ କଲା ତାହାକୁ ଡିକୋଡ୍ କଲେ ଜଣାପଡ଼ିବ ଯେ ଭୁବନେଶ୍ୱର ସ୍ୱଚ୍ଛ ସର୍ବେକ୍ଷଣର କୌଣସି ଶ୍ରେଷ୍ଠ ପ୍ରତିଯୋଗିତାରେ ଏହି ପୁରସ୍କାର ପାଇ ନାହିଁ । କେନ୍ଦ୍ର ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ବିବୃତିରେ କୁହାଯାଇଛି ଛୋଟ ସହରମାନଙ୍କ ପାଇଁ ପ୍ରତିଯୋଗିତାକୁ ସରଳ କରାଯାଇଥିଲା । ଯାହା ସେମାନଙ୍କୁ ପ୍ରତିଯୋଗିତା କରି ସ୍ୱଚ୍ଛତାର ଶୀର୍ଷକୁ ଆରୋହଣ କରିବାକୁ ଉତ୍ସାହିତ କରିବ । ଛୋଟ ସହରମାନେ ଏହି ସର୍ଭେକ୍ଷଣରେ ବଡ଼ ସହରମାନଙ୍କ ସହିତ ଏକ ସମାନ ପ୍ଲାଟଫର୍ମ ପାଇଥିଲେ । 'ଏକ ସହର, ଏକ ପୁରସ୍କାର' ନୀତି ଅନୁସରଣ କରି, ପ୍ରତ୍ୟେକ ରାଜ୍ୟରୁ ଶୀର୍ଷ ପ୍ରଦର୍ଶନ କରୁଥିବା ସହରମାନଙ୍କୁ 'ପ୍ରମିସିଂ ସ୍ୱଚ୍ଛ ସହର' ଭାବେ ସମ୍ମାନିତ କରାଯାଇଥିଲା । ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ମୋଟ ୩୪ଟି ସହର ଏହି ସମ୍ମାନ ହାସଲ କରିଥିଲେ । ଏହା ସ୍ୱଚ୍ଛ ସର୍ବେକ୍ଷଣର ଅନ୍ତିମ କ୍ୟାଟାଗୋରୀ ରହିଥିଲା ।



ଭୁବନେଶ୍ୱର ଏହି କ୍ୟାଟାଗୋରୀରେ 'ଏକ ସହର ଏକ ପୁରସ୍କାର' ନୀତି ଅନୁସରଣ କରି ପୁରସ୍କୃତ ହୋଇଛି ।

ସ୍ୱଚ୍ଛ ସର୍ବେକ୍ଷଣର ସୁପର ସ୍ୱଚ୍ଛ ଲିଗ୍‌କୁ ସ୍ୱଚ୍ଛ ସର୍ବେକ୍ଷଣ ପ୍ରତିଯୋଗିତାର ଶ୍ରେଷ୍ଠ ବୋଲି କ୍ୟାଟାଗୋରି ଗଣାଯାଏ । ହେଲେ ଏହି ପ୍ରତିଯୋଗୀତାରେ ୩ଲକ୍ଷରୁ ୧୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ସହର ଶ୍ରେଣୀରେ ଭୁବନେଶ୍ୱର ନାଁ ଦୂର ଦୂର ପର୍ଯ୍ୟନ୍ତ ଦେଖିବାକୁ ମିଳି ନଥିଲା । ଏହି ଶ୍ରେଣୀରେ ଉତ୍ତର ପ୍ରଦେଶର ନଏଡା, ଚଣ୍ଡିଗଡ଼, କର୍ଣ୍ଣାଟକର ମଏସୁର, ଗୁଜୁରାଟର ଗାନ୍ଧୀନଗର ଏବଂ ଅନ୍ଧ୍ରପ୍ରଦେଶର ଗୁଣ୍ଟୁର ବି ରହିଛି । ଏହି ସମସ୍ତ ସହରରେ ୩ଲକ୍ଷରୁ ୧୦ ଲକ୍ଷ ପର୍ଯ୍ୟନ୍ତ ଜନବସତି ରହିଛି । ଭୁବନେଶ୍ୱର ରାଜ୍ୟ ରାଜଧାନୀ ହୋଇଥିଲେ ହେଁ ଏହି ର୍‍ୟାଙ୍କିଂରେ ନିଜର ଉପସ୍ଥିତିକୁ ଜାହିର ନକରିପାରିବା ଏକ ଦୁର୍ଭାଗ୍ୟଜନକ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି । କେବଳ ଭୁବନେଶ୍ୱର ନୁହେଁ ରାଜ୍ୟର କୌଣସି ବି ସହର ଏହି ପ୍ରତିଯୋଗୀତାରେ ନିଜ ନାମ ଜାହିର କରି ପାରି ନାହାନ୍ତି । ଅନ୍ୟପକ୍ଷରେ ରାଷ୍ଟ୍ରପତି ପୁରସ୍କାର କିମ୍ବା ମନ୍ତ୍ରଣାଳୟସ୍ତରୀୟ(ସ୍ୱତନ୍ତ୍ର ଶ୍ରେଣୀ) ପୁରସ୍କାରରେ ବି ଭୁବନେଶ୍ୱର ଯୋଗ୍ୟ ହୋଇପାରିଲା ନାହିଁ । ଆବଶ୍ୟକ ଅଙ୍କ ଯୋଗଡ଼ କରି ପାରିଲା ନାହିଁ । ବରଂ ରାଷ୍ଟ୍ରପତି ପୁରସ୍କାର ଶ୍ରେଣୀରେ ଆସ୍କା ଓ ଚିକିଟି ଦମ୍ ଦେଖାଇଛନ୍ତି । ୨୦ ହଜାର ଏବଂ ଏହାଠାରୁ କମ୍ ଜନସଂଖ୍ୟା ବିଶିଷ୍ଟ ଶ୍ରେଣୀରେ ପୁରସ୍କାର ପାଇ ଇତିହାସ ରଚିଥିଲେ ।

### ■ 'ଏକ ସହର, ଏକ ପୁରସ୍କାର' ନୀତିରେ ପୁରସ୍କୃତ

**ଭୁବନେଶ୍ୱର ର୍‍ୟାଙ୍କିଂ ବଢ଼ିଥାନ୍ତା କିଭଳି**

ପଳାଶୁଣି ଶୁଖିଲା ବର୍ଜ୍ୟ ପ୍ରକ୍ରିୟାକରଣ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଥିଲେ ଭୁବନେଶ୍ୱର ର୍‍ୟାଙ୍କିଂ ଆହୁରି ଅଧିକ ହୋଇଥାନ୍ତା । ୬ମାସ ଧରି ନିର୍ମାଣ ଶେଷ ହୋଇଥିଲେ ହେଁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଶେଷରେ ସ୍ଥାନୀୟ ଲୋକଙ୍କୁ ଏହାକୁ ଉଦ୍‌ଘାଟନ କରିବାକୁ ପଡ଼ିଲା । ଅନ୍ତତ ଶେଷ କ୍ୱାଟରରେ କାର୍ଯ୍ୟକ୍ଷମ ହୋଇଥିଲେ ଏହି ଶ୍ରେଣୀରେ ଭୁବନେଶ୍ୱରକୁ ଅଧୀକ ଅଙ୍କ ମିଳିଥାନ୍ତା ଓ ଏହାର ର୍‍ୟାଙ୍କ ବଢ଼ିଥାନ୍ତା । କେବଳ ପଳାଶୁଣି ନୁହେଁ ଏକ ବର୍ଷ ହେବ ସରକାର ବଦଳିବା ପରେ ଭୁବନେଶ୍ୱରରେ କିଛି କାମ ହେଉ ନାହିଁ । ପୂର୍ବ ସରକାର ମେହେଳପଲ୍ଲୀରେ ଓଦା ବର୍ଜ୍ୟ ପ୍ରକ୍ରିୟାକରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସେହିପରି ଏମ୍‌ସିସି ପ୍ରତ୍ୟେକ ୱାର୍ଡରେ ହେବ ବୋଲି ସ୍ଥିତ କରାଯାଇଥିଲା । ନୂଆ ସରକାର ସେସବୁର ପ୍ରଶ୍ନ ବି ଉଠାଉ ନାହାନ୍ତି ବୋଲି ଶ୍ରୀ ବିଶୋଇ ଅଭିଯୋଗ କରିଛନ୍ତି । ଏପରିକି ଚଳିତବର୍ଷ ବିଏମ୍‌ସି ବଜେଟ୍ ମଧ୍ୟ କମ୍ କରାଯାଇଛି ।

## ରୋଟାରୀ କ୍ଲବ 'ପ୍ରତିଭା ସମ୍ମାନ' ପ୍ରଦାନ



ଭୁବନେଶ୍ୱର, ୧୮ ।୭ (ସମିସ): ରୋଟାରୀ କ୍ଲବ ଖାରବେଳ-କଳିଙ୍ଗ ନଗର ପକ୍ଷରୁ ସୋଆ ବିଶ୍ୱବିଦ୍ୟାଳୟର ସଭା କକ୍ଷରେ ନବମ ଅଧିଷ୍ଠାନ ଦିବସ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଡ. ମୃତ୍ୟୁଞ୍ଜୟ ରଥ ଓ ଡ. ମାଧବାନନ୍ଦ ବେହୁରାଙ୍କୁ 'ପ୍ରତିଭା ସମ୍ମାନ-୨୦୨୫'ରେ ସମ୍ମାନୀତ କରାଯାଇଛି । ଏଥିରେ ରୋଟାରୀ ଜିଲ୍ଲା ପ୍ରାନ୍ତପାଳ ମନୋଜ କୁମାର ତ୍ରିପାଠୀ, ପିଡିଜି ଶିବବ୍ରତ ଦାଶ, ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଦୀପ୍ତ କୁମାର ନନ୍ଦ, ଏଜି ଡ. ଶିଶିରକାନ୍ତ ଷଡ଼ଙ୍ଗୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଡ. କେ.ସି. ସ୍ୱାଇଁଙ୍କ ଅଧକ୍ଷତା କରିଥିବା ବେଳେ ପୂର୍ବତନ ସଭାପତି ଆର.ସି. ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଦାୟିତ୍ୱ ହସ୍ତାନ୍ତର ସ୍ୱରୂପ ଚଳିତ ୨୦୨୫-୨୬ ବର୍ଷ ନିମନ୍ତେ ରୋଟାରିଆନ ଆଡଭୋକେଟ ଦିଲ୍ଲୀପ୍ କୁମାର ଜେନା ଓ ଶ୍ରୀପୁର ପ୍ରଧାନ ଯଥାକ୍ରମେ ସଭାପତି ଓ ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ରୋଟାରିଆନ ସର୍ବଶ୍ରୀ ଲେଫ୍ଟନାଣ୍ଟ କର୍ଣ୍ଣେଲ ଏସ. ଜଗନ୍ନାଥ ରାଓ, ରଞ୍ଜନ ପାତ୍ର, ସୁରେନ୍ଦ୍ରନାଥ ତ୍ରିପାଠୀ, କେ. କ୍ରୀଷ୍ଣା ରାଓ, ରାମକୃଷ୍ଣ ମହାରଣା, ଶିକ୍ଷାବିତ୍ ଦେବଦତ୍ତ ମହାନ୍ତି ଓ କ୍ଲବର ପ୍ରଥମ ମହିଳା ସସ୍ମିତା ଜେନା ସଭା ପରିଚାଳନାରେ ସହଯୋଗ କରିଥିଲେ ।

## ଫାର୍ମାସିଷ୍ଟଙ୍କ ଦୁଇ ଦିବସୀୟ ତାଲିମ କାର୍ଯ୍ୟକ୍ରମ



ଭୁବନେଶ୍ୱର, ୧୮ ।୭ (ସମିସ): ଶ୍ରମ ବିଭାଗ ପକ୍ଷରୁ ରାଜ୍ୟ ଶ୍ରମ ସଂସ୍ଥାନ ଆନୁକୂଲ୍ୟରେ ଓ କର୍ମଚାରୀ ରାଜ୍ୟ ବୀମା ଯୋଜନା ନିର୍ଦ୍ଦେଶାଳୟ ସହଯୋଗିତାରେ ଫାର୍ମାସିଷ୍ଟମାନଙ୍କ ପାଇଁ ଏକ ଦୁଇ ଦିନିଆ ତାଲିମ କାର୍ଯ୍ୟକ୍ରମ ରାଜ୍ୟ ଶ୍ରମ ସଂସ୍ଥାନର ସମ୍ମିଳନୀ କକ୍ଷରେ ଉଦଘାଟିତ ହୋଇଯାଇଛି । ଏହି ତାଲିମ କାର୍ଯ୍ୟକ୍ରମକୁ ଶ୍ରମ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ତଥା ନିର୍ଦ୍ଦେଶିକା ମଧୁମିତା ନାୟକ ଉଦଘାଟନ କରିଥିଲେ । ଉଦଘାଟନ ଉତ୍ସବରେ ଅତିଥିମାନେ ଫାର୍ମାସିଷ୍ଟମାନଙ୍କୁ ସେମାନଙ୍କର କାର୍ଯଶୈଳୀ ଓ ଦକ୍ଷତା ବିକାଶ ପାଇଁ ଏହି କର୍ମଶାଳାର ଲାଭ ନେବାକୁ କହିଥିଲେ । ମୁଖ୍ୟ ଅତିଥି ଓଡ଼ିଶା ଫାର୍ମାସିଷ୍ଟମାନଙ୍କୁ ରୋଗୀମାନଙ୍କ ପ୍ରତି ସମବେଦନଶୀଳ ଓ କର୍ତ୍ତବ୍ୟ ପରାୟଣ ହେବାକୁ ଅନୁରୋଧ କରିଥିଲେ । ଶେଷରେ ଡା ଶ୍ୱେତାଲିନା ଆସେ ଧନ୍ୟବାଦ ଦେଇଥିଲେ । ଏହି ତାଲିମ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରାନ୍ତରୁ ୨୫ ଜଣ ଫାର୍ମାସିସ୍ଟ ଯୋଗ ଦେଇଥିଲେ ।

## ଓଡ଼ିଶାରେ ପ୍ରଣୟନ ହେଉ ନିର୍ଭୟା ଆଇନ: ଏବିଭିପି

ଭୁବନେଶ୍ୱର, ୧୮ ।୭ (ସମିସ): ରାଜ୍ୟର ଶିକ୍ଷାନୁଷ୍ଠାନ ଏବଂ କର୍ମକ୍ଷେତ୍ରରେ ମହିଳାଙ୍କ ସୁରକ୍ଷା ପାଇଁ ଦିଲ୍ଲୀ ନିର୍ଭୟା ଆଇନ ପରି ଆଇନ ଓଡ଼ିଶାରେ ପ୍ରଣୟନ କରାଯାଉ । ଫଳରେ ଛାତ୍ରୀ ଏବଂ ମହିଳାଙ୍କୁ ନିର୍ଯାତନା ଦେଉଥିବା ଅପରାଧୀମାନେ ଫାଷ୍ଟ-ଟ୍ରାକ କୋର୍ଟ ମାଧ୍ୟମରେ କଠୋର ଦଣ୍ଡ ପାଇବେ । ବାଲେଶ୍ୱରର ଏଫ୍‌ଏମ କଲେଜ ଛାତ୍ରୀଙ୍କ ମୃତ୍ୟୁ ଘଟଣା ପରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସମ୍ପାଦକ ଦିପ୍ତିମୟୀ ପ୍ରତିହାରୀ ଏପରି ଦାବି କରିଛନ୍ତି ।



ସେ ଆହୁରି କହିଛନ୍ତି ଯେ ଘଟଣାର ନିରପେକ୍ଷ ତଦନ୍ତ ହେଉ । ତଦନ୍ତରେ ଅବହେଳା କରିଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି)ର ସମସ୍ତ ସଦସ୍ୟଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ । ୟୁଜିସି ନିୟମ ଅନୁଯାୟୀ ରାଜ୍ୟସ୍ତରୀୟ ଆଇସିସି ଗଠନ କରିବା ସହ ତହିଁରେ ଅବସରପ୍ରାପ୍ତ ମହିଳା ବିଚାରପତି, ମହିଳା ଓକିଲ, ମହିଳା ପୋଲିସ ଅଧିକାରୀ, ଛାତ୍ରଛାତ୍ରୀ ଏବଂ ପ୍ରମୁଖ ସାମାଜିକ ବ୍ୟକ୍ତଙ୍କୁ ସାମିଲ କରିବାକୁ ସେ ଦାବି କରିଛନ୍ତି । ସେହିପରି ଛାତ୍ର କଂଗ୍ରେସ ସହ ଜଡ଼ିତ କିଛି ଛାତ୍ର ମୃତ ଛାତ୍ରୀଙ୍କ ଅଭିଯୋଗ ଉପରେ ପ୍ରଶ୍ନ ଉଠାଇବା ସହ ସୋସିଆଲ ମିଡିଆରେ ବଦନାମ କରିଥିବାରୁ, ସେମାନଙ୍କୁ ଦଣ୍ଡିତ କରିବାକୁ ଦାବି କରିଛନ୍ତି । ରାଜ୍ୟ ସରକାର ସୋସିଆଲ ମିଡିଆରେ କରାଯାଉଥିବା ଅଭିଯୋଗ ବିଶେଷକରି ଝିଅଙ୍କ ଅଭିଯୋଗକୁ ପ୍ରାଥମିକତା ଦେବାକୁ ସେ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଏବିଭିପି ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜିତ ପାତ୍ର ଏବଂ ରାଜ୍ୟ ସହ ସମ୍ପାଦକ ରାଜ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## କିଟ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଏନ୍‌ଇଇଟି ପରୀକ୍ଷାରେ କୃତକାର୍ଯ୍ୟ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୧୮ ।୭ (ସମିସ)

ଚଳିତବର୍ଷ ସର୍ବଭାରତୀୟ ମେଡ଼ିକାଲ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟିରେ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା ପର୍ବ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସଫଳତା ପାଇଥିବା ୩ଜଣ ଛାତ୍ରଙ୍କୁ ଅନୁଷ୍ଠାନ ତରଫରୁ ପୁଷ୍ପଗୁଚ୍ଛ, ଉପଢୌକନ ତଥା ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ଓ ସେମାନେ କିପରି ତାଙ୍କ ଉପର ପିଢି ଛାତ୍ରଛାତ୍ରୀମାନଙ୍କ ପ୍ରେରଣାର ଉତ୍ସହୋଇ ପାରିବେ ସେ ଦିଗରେ ଯତ୍ନବାନ ହେବା ସହିତ ଛାତ୍ରଛାତ୍ରୀମାନଙ୍କ ପାଖରେ ଉକ୍ତି ଶ୍ରଦ୍ଧା ଓ ସମର୍ପଣ ରହିଲେ ସଫଳତା ତାଙ୍କ ହାତ ମୁଠାରେ ବୋଲି ଅନୁଷ୍ଠାନର ସଭାପତି ଡ଼ଃ. ଚିତ୍ତ ରଞ୍ଜନ ମିଶ୍ର ନିଜର ମତ ରଖିବା ସହ, ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ଶତପ୍ରତିଶତ ସଫଳତା ଲାଭ କରିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଅନୁଷ୍ଠାନରେ ଏକ ସ୍ୱତନ୍ତ୍ର ପ୍ରବେଶିକା ବିଭାଗ ଖୋଲାଯାଇ ଶ୍ରେଷ୍ଠ ଛାତ୍ରଛାତ୍ରୀମାନଙ୍କୁ ଅଭିଜ୍ଞ ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା କହିଥିଲେ । ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ଅତିକ୍ରମ କରି ଶ୍ରେଷ୍ଠ ଲକ୍ଷ୍ୟ ପୂରଣ ନିମନ୍ତେ ସମସ୍ତ ଛାତ୍ରଛାତ୍ରୀ ଯତ୍ନବାନ ହେଲେ ଅନୁଷ୍ଠାନର ଗର୍ବଗୌରବ ବୃଦ୍ଧି ସହ ପିତାମାତାଙ୍କ ଆଶାପୁରଣ ଏବଂ ସାମାଜିକ କଲ୍ୟାଣ ସାଧନ ସମ୍ଭବ ବୋଲି ଉପାଧ୍ୟକ୍ଷ ଡ଼ଃ ରୁଦ୍ର ମୋହନ ନନ୍ଦ ମତ ରଖିଥିଲେ । ସଫଳତା ପାଇଥିବା ଛାତ୍ର ଅରବିନ୍ଦ ସାହୁ ଏବଂ ଚିନ୍ମୟ କୁମାର ସାମଲ ନିଜର ଅନୁଭୂତିକୁ ବଖାଣି ଭାବବିହ୍ୱଳ ହେବା ସହ ଏହାର ସଫଳତାର ଶ୍ରେୟ ସମସ୍ତ ଶିକ୍ଷକଶିକ୍ଷୟତ୍ରୀ ଓ ଅନୁଷ୍ଠାନର ଅଧ୍ୟକ୍ଷ ତଥା କିଟ୍‌ର ପ୍ରତିଷ୍ଠାତା ସଦସ୍ୟ ଡ଼ଃ. ଚିତ୍ତ ରଞ୍ଜନ ମିଶ୍ରଙ୍କ ବଳିଷ୍ଠ ନେତୃତ୍ୱରେ ସମ୍ଭବ ବୋଲି ମତ ପୋଷଣ କରିଥିଲେ ।

## ଡ.ସତ୍ୟବ୍ରତ ମୀନକେତନଙ୍କ ୩ଟି ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର, ୧୮ ।୭ (ସମିସ): ଶିକ୍ଷାବିତ୍, ଓଡିଏମ୍ ଶିକ୍ଷାସମୂହର ଅଧ୍ୟକ୍ଷ ଡ.ସତ୍ୟବ୍ରତ ମୀନକେତନଙ୍କ ତିନୋଟି ପୁସ୍ତକକୁ ଆଜି ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଉନ୍ମୋଚନ କରିଥିଲେ । ପୁସ୍ତକ ଗୁଡ଼ିକ ହେଲା, 'ମଣିଷ ଗଢା କାରିଗର', 'ବ୍ୟାରିୟର୍ ବ୍ରେକର୍', 'ୟୁ କ୍ୟାନ୍ ବିକମ୍ ଏ ସ୍ପିକର୍' ଲୋକାର୍ପିତ ହୋଇଥିଲା । କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ପ୍ରଫେସର ହରେକୃଷ୍ଣ ଶତପଥୀ, ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ୍ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ କୁଳପତି କର୍ଣ୍ଣେଲ୍ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ଓଡିଏମ୍ ପବ୍ଲିକ୍ ସ୍କୁଲ୍ ପ୍ରବନ୍ଧନ ସମିତିର ସଭାପତି ପ୍ରଫେସର ପି.କେ.ଦାସ, ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, କାର୍ଯ୍ୟକାରିଣୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ୨୫ ଜଣ ସାରସ୍ୱତ ଲେଖକମାନଙ୍କୁ ସେମାନଙ୍କର ସାହିତ୍ୟିକ ଏବଂ ଶୈକ୍ଷିକ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା ।

## ଆମେରିକାରେ ଓଡ଼ିଆ ପାରମ୍ପରିକ ନୃତ୍ୟ




ଭୁବନେଶ୍ୱର, ୧୮ ।୭ (ସମିସ): ଆମେରିକାରେ ଥିବା ସର୍ବବୃହତ୍ ଓଡ଼ିଆ ଆସୋସିଏସନ୍ ଓଡ଼ିଶା ସୋସାଇଟି ଅଫ୍ ଆମେରିକା (ଓସା)ର ୫୬ତମ ବାର୍ଷିକ ସମ୍ମିଳନୀ ଯୁକ୍ତରାଷ୍ଟ୍ର ଆମେରିକାର ଟେକ୍ସାସ୍ ରାଜ୍ୟର ରାଜ୍ୟଧାନୀ ଡଲାସ୍ ସହରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା, ଯାନିଯାତ୍ରା, ନୃତ୍ୟ, ସଙ୍ଗୀତ, ଖାଦ୍ୟ ପରମ୍ପରା, ପର୍ବପର୍ବାଣୀ ବିଶେଷ କରି ରଥଯାତ୍ରା, ବାହୁଡ଼ାଯାତ୍ରା ସମ୍ପର୍କରେ ଆଲୋଚନା କରାଯାଇଥିଲା । ସୂଚନା ଅନୁସାରେ, ୧୯୬୯ ମସିହାରେ ଗଠିତ ଏହି ଆସୋସିଏସନ୍ ଆମେରିକାରେ ଓଡ଼ିଆ ସଂସ୍କୃତିର ବିକାଶ ନିମନ୍ତେ ନିରନ୍ତର ପ୍ରୟାସ କରିବା ସହ ବିଭିନ୍ନ ସମୟରେ ଓଡ଼ିଶାକୁ ସହାୟତା ପ୍ରଦାନ କରିଆସୁଛି । କାର୍ଯ୍ୟକ୍ରମରେ ଆମେରିକାରେ ରହୁଥିବା ପ୍ରବାସୀ ଭାରତୀୟ ତଥା ଡ. ସୀତାକାନ୍ତ ଦାଶ, ଡ. ତ୍ରିଲୋକୀନାଥ ପାଣ୍ଡେ, ଡି.ସି. ମଞ୍ଜୁନାଥ ପ୍ରମୁଖଙ୍କ ସମେତ ଆମରେିକାର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଆମେରିକାରେ କାର୍ଯ୍ୟରତ ଓଡ଼ିଆ କଣ୍ଠଶିଳ୍ପୀ ଡ. ଶିବରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ହାସ୍ୟଅଭିନେତା ପପୁପମପମ୍, କଣ୍ଠଶିଳ୍ପୀ ମାନସ ପ୍ରୀତମ୍, ମୁମ୍ବାଇର ପ୍ଲେବ୍ୟାକ୍ ସିଙ୍ଗର କେକା ଘୋଷାଲ, କଣ୍ଠଶିଳ୍ପୀ ସଙ୍ଗୀତା ଗୋସାଇଁ, ଶିବରଞ୍ଜନ ମହାପାତ୍ର ପ୍ରମୁଖ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗଧ କରିଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ପ୍ରବାସୀ ଓଡ଼ିଆ ସାମିଲ ହୋଇଥିଲେ ।

## ଟାଙ୍ଗରସାହି ପ୍ରାଥମିକ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର



ଭୁବନେଶ୍ୱର, ୧୮ ।୭ (ସମିସ): ସୁଭଦ୍ରା କୋଲ୍ ମାଇନିଂ ଲିମଟେଡ (ଏସସିଏମଏଲ୍) (ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ) ପକ୍ଷରୁ ସ୍ମାଇଲ ଫାଉଣ୍ଡେସନ୍‌ର ମିଳିତ ସହଯୋଗରେ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଶୋକ ଗଙ୍ଗସାହି, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମେତ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଏହାସହ ସ୍ଥାନୀୟ ଅଭିଭାବକ ଓ ଅଞ୍ଚଳବାସୀ ମଧ୍ୟ ସାମିଲ ହୋଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଏସସିଏମଏଲ୍ ଗୋବର୍ଦ୍ଧନ ମଲ୍ଲିକ, ସୁଭଦ୍ରା ଶୁଭଦର୍ଶିନୀ, ଶିବ ସାହୁ, ସଞ୍ଜୀବ ତ୍ରିପାଠୀ, ସୁରଜିତ୍ ଶର୍ମା, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ହେଲଥ୍ ସବସେଣ୍ଟରର କମ୍ୟୁନିଟି ହେଲଥ୍ ଅଫିସର ପ୍ରିୟଙ୍କା ପ୍ରିୟଦର୍ଶିନୀ ମୁଦୁଲି, ସଭାପତି ପ୍ରିୟଙ୍କା ବାରିକ, ସ୍ଥାନୀୟ ୱାର୍ଡମେମ୍ବର କୁମୁଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ପିଲାମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ, ପରିଚ୍ଛନ୍ନତା, ଖାଦ୍ୟ ସନ୍ତୁଳନ, ନ୍ୟୁଟ୍ରିସନ୍ ଓ ଶାରିରୀକ ବ୍ୟାୟମ୍‌ର ଉପକାରିତା ବିଷୟରେ ଉପରେ ଅତିଥିମାନେ ବୁଝାଇଥିଲେ । ଏହି ଅବସରରେ ସ୍ମାଇଲ ଫାଉଣ୍ଡେସନ୍ ପକ୍ଷରୁ ପିଲାମାନଙ୍କୁ ସ୍ୱଚ୍ଛତା କିଟ୍ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ଲୋକେ ବେଶ୍ ପ୍ରଶଂସା କରିଥିଲେ ।

## ଦୁର୍ଘଟଣାର କାରଣ
# ରାସ୍ତା ମଝିରେ ସ୍ୱେରେଜ୍ ଚ୍ୟାମ୍ବର୍

ଭୁବନେଶ୍ୱର, ୧୮ ।୭ (ସମିସ)

ରାସ୍ତା ଉପରେ ଅନେଇ ବସିଛି ବିପଦ । ଟିକେ ବେହୁସିଆର ହେଲେ ଆଖି ପିଛୁଳାକେ ଘଟିବ ଦୁର୍ଘଟଣା । କାରଣ ରାସ୍ତା ଉପରେ ରହିଛି ପ୍ରାୟ ଦେଢ଼ ଫୁଟ ଉଚ୍ଚର ସ୍ୱେରେଜ୍ ଚ୍ୟାମ୍ବର । ପ୍ରତିଦିନ ଶହ ଶହ ଲୋକଙ୍କ ଯାତାୟତ କରିବା ରାସ୍ତା ମଝିରେ ଏଭଳି ସ୍ୱେରେଜ୍ ଚ୍ୟାମ୍ବର ରହିଥିବାରୁ କେବଳ ଯିବା ଆସିବା କରିବା ସମୟରେ ସମସ୍ୟା ସୃଷ୍ଟି ହେଉନି ବରଂ ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ବିଶେଷ କରି ବର୍ଷା ସମୟରେ ମ୍ୟାନହୋଲ ଗୁଡ଼ିକର ଉଚ୍ଚତା ହଠାତ୍ ଜଣା ନ ପଡ଼ିବାରୁ ତାହା ବିପଦ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି । ଏଭଳି ଏକ ବିପଦସଂକୁଳ ରାସ୍ତା ଦେଖିବାକୁ ମିଳିଛି ପାତ୍ରପଡ଼ାସ୍ଥିତ ଭଗବାନପୁରରେ ।

ରାଜଧାନୀର ବିଭିନ୍ନ ଜନଗହଳି ସ୍ଥାନ ରହିଥିବା ବେଳେ ପାତ୍ରପଡ଼ା ମଧ୍ୟ ଏଥିରେ ସାମିଲ ହେବାକୁ ଯାଉଛି । କାରଣ ଦିନକୁ ଦିନ ଏଠାରେ ଜନସଂଖ୍ୟା ବଢ଼ିବା ସହ ରାସ୍ତାଘାଟର ମଧ୍ୟ ଉନ୍ନତି ଘଟୁଛି । ହେଲେ ଏଠାରେ ରହିଥିବା ଏକ ରାସ୍ତାରେ ନିକଟରେ ପେଭରବ୍ଲକ ପକାଯାଇ ଚକାକଚ୍ କରାଯାଇଛି । କିନ୍ତୁ ରାସ୍ତା ଉପରେ ରହିଥିବା ବଡ଼ବଡ଼ ସ୍ୱେରେଜ୍ ଚ୍ୟାମ୍ବରକୁ ଭଙ୍ଗାଯାଇ ନୂତନ ଭାବେ ନିର୍ମାଣ କରାଯାଉ ନ ଥିବାରୁ ଏସବୁ ରାସ୍ତା ମଝିରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ସହ ବଡ଼ ବଡ଼ ଗାଡ଼ି



ଯିବା ଆସିବାରେ ମଧ୍ୟ ସମସ୍ୟା ଉପୁଜୁଛି । ଏଠାରେ ଆମ ବସ୍ ଡିପୋ ସହ ହାଟ ବଜାର ସହ ଏମ୍‌ସ ହସ୍ପିଟାଲକୁ ଯିବାକୁ ଏହି ରାସ୍ତା ଉପରେ ସମସ୍ତେ ନିର୍ଭର କରନ୍ତି । ଏହି ଅଞ୍ଚଳର ନିତିଦିନିଆ ଯିବା ଆସିବାର ଭରସା ପାଲଟିଥିବା ରାସ୍ତା ଏବେ ମରଣଯନ୍ତା ପାଲଟିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, କିଛିଦିନ ପୂର୍ବରୁ ଏଠାରେ ପେଭରବ୍ଲକ ପକାଯିବା ସମୟରେ ଏହାକୁ ଭାଙ୍ଗି ନୂତନ ଭାବେ ନିର୍ମାଣ କରାଯିବାକୁ କର୍ପୋରେଟଙ୍କ ନିକଟରେ ଅବଗତ କରାଯାଇଥିଲା । ଏହାର ଉଚ୍ଚତା ରାସ୍ତାର ଉଚ୍ଚତା ସହ ସମାନ କିମ୍ବା ତା ୫ଇଞ୍ଚ ଯାଏ କରାଯିବାକୁ ମଧ ଅଭିଯୋଗ ହୋଇଥିଲେ ବି ତାହା ନହୋଇ ପେଭରବ୍ଲକ ପକାଗଲା । ଫଳରେ ନିମୟିତ ଏହି ରାସ୍ତାରେ କିଛି ନା କିଛି ଦୁର୍ଘଟଣାର ଶିକାର ହେଉଛନ୍ତି ସାଧାରଣ ଲୋକେ । ଏନେଇ ୱାର୍ଡର କର୍ପୋରେଟର ରଶ୍ମିରଞ୍ଜନ ପାଟ୍ଟଶାଣୀ କହିଛନ୍ତି କହିଛନ୍ତି ଯେ, ସାଧାରଣତଃ ମ୍ୟାନହୋଲ ଗୁଡ଼ିକ

### ■ ଉଚ୍ଚ କଂକ୍ରିଟ୍ ଚ୍ୟାମ୍ବର ପାଇଁ ବିପଦରେ ପଡ଼ୁଛନ୍ତି ଗାଡ଼ି ଚାଳକ

ଡ୍ରେନେଜ୍ ସିଷ୍ଟମ ଅନୁସାରେ ନିର୍ମାଣ କରାଯାଇଥାଏ । ଏହା ରାସ୍ତା ସହ ସମାନ ଉଚ୍ଚତାର ହେଲେ ବଡ଼ ବଡ଼ ଗାଡ଼ି ଯିବା ଆସିବା କରିବା ଦ୍ୱାରା ତାହା କମ୍ ଦିନରେ ଭାଙ୍ଗି ଯାଇଥାଏ । ତେଣୁ ଉଚ୍ଚତା କରାଗଲେ ଗାଡ଼ି ଚଢ଼ି ପାରିବନି । ହେଲେ ଏହି ରାସ୍ତାରେ ସ୍ୱେରେଜ ବୋର୍ଡ ଏଭଳି ଉଚ୍ଚତାର ଟାଙ୍କି ରହିଛନ୍ତି । ପୂର୍ବରୁ ଆହୁରି ଉଚ୍ଚ ରହିଥିବା ବେଳେ ମାଟି ପକାଯିବା ସହ ପେଭରବ୍ଲକ ପକାଯାଇ ରାସ୍ତାକୁ କିଛି ଉଚ୍ଚତା କରାଯାଇଛି । ତଥାପି ରାସ୍ତା ମଝିରେ ରହିଥିବାରୁ ଲୋକଙ୍କୁ ସମସ୍ୟା ହେଉଛି । ଏନେଇ ସ୍ୱେରେଜବୋର୍ଡ ସହ ଆଲୋଚନା କରାଯିବ ।

# ୨ ବାଉଁଶ ଚୋରଙ୍କୁ କାବୁ କଲା ବନ ସୁରକ୍ଷା ସମିତି



ଦହିତା,୧୮।୭(ସମିସ): ବରଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ୍ ଅଧୀନ ଭାଲୁଡୁଙ୍ଗୁରୀ ବନ ସୁରକ୍ଷା ସମିତି ପକ୍ଷରୁ ଗାଁର ଯୁବକ ମାନଙ୍କୁ ନେଇ ସଭାପତି ଚୈତନ୍ୟ ବରିହାଙ୍କ ନିର୍ଦ୍ଦେଶକ୍ରମେ ପ୍ରତିଦିନ ଠେଙ୍ଗା ପାଳି କରାଯାଉଛି। ଜଙ୍ଗଲ ସୁରକ୍ଷା ପାଇଁ ଲୋକେ ବୃକ୍ଷରୋପଣ କରୁଥିବା ବେଳେ ଅନ୍ୟପଟେ ଲୋକେ ବାଉଁଶ ଏବଂ ଗଜା ବାଉଁଶକୁ କାଟି ନେଉଛନ୍ତି। ଭାଲୁଡୁଙ୍ଗୁରୀର କିଛି ଯୁବକ ଠେଙ୍ଗା ପାଳି କରି ଗୁରୁବାର ୨ଜଣ ଚୋରକୁ କାବୁ କରିଥିଲେ। ଜଙ୍ଗଲ ସୁରକ୍ଷା ବିଷୟରେ ବୁଝାଶୁଝା କରି ତଥା ସଚେତନ କରାଇ ପୁନର୍ବାର ବାଉଁଶ ନ କାଟିବା ପାଇଁ ଚେତାବନି ଦେବା ସହ ଅସ୍ତ୍ରଶସ୍ତ୍ର ତଥା ଟାଙ୍ଗିଆ ଓ କଟୁରୀ ଜବତ କରିଥିବା ଗ୍ରାମବାସୀ କହିଛନ୍ତି। ଠେଙ୍ଗାପାଳି ଦଳରେ ଗାଁର ଯୁବକ ଶ୍ୟାମ ସୁନ୍ଦର ମେହେର, ଗଙ୍ଗାଧର ସେଠ, ସୁମନ୍ତ ମେହେର, ପ୍ରହ୍ଲାଦ ସେଠ, ରବୀନ୍ଦ୍ର ମେହେର, ଅମୀର ମେହେର, ଅଶୋକ ବରିହା ପ୍ରମୁଖ ରହି ୨ଜଣଙ୍କୁ ଧରିଥିବା ବେଳେ ୩ ଜଣ ଫେରାର୍ ହୋଇଯାଇଛନ୍ତି। ବାଉଁଶ ଚୋରମାନେ ବ୍ରାହ୍ମଣଡିହି ଗାଁର ବୋଲି ସୂଚନା ମିଳିଛି।

# ପ୍ରବଳ ବର୍ଷାରେ ବରଗଡ଼ ବେହାଲ

## ରାସ୍ତା ଉପରେ ଆଣ୍ଠୁଏ ପାଣି
## ଦୀର୍ଘ ସମୟ ଧରି ଅନ୍ଧାରରେ ସାରା ସହର



ବରଗଡ଼,୧୮।୭(ସମିସ): ବରଗଡ଼ରେ ଶୁକ୍ରବାର ଭୀଷଣ ବର୍ଷା ହୋଇଛି। ସନ୍ଧ୍ୟା ୫ ଟାରେ ହଠାତ୍ କଳାମେଘ ଘୋଟି ଆସି ଅନର୍ଗଳ ବର୍ଷା ହୋଇଥିଲା। ମାତ୍ର ଏକ ଘଣ୍ଟା ବର୍ଷାରେ ସାରା ସହର ବେହାଲ୍ ହୋଇଥିଲା। ବାନ୍ଧୁଟିକ୍ରା ଛକରେ ରାସ୍ତା ଉପରେ ଆଣ୍ଠୁଏ ପାଣି ଚାଲିଥିଲା। ସେଲଟ୍ୟାକ୍ସ ଅଫିସ ଛକରେ ବିରାଟ ଗଛ ଖଣ୍ଡେ ଉପୁଡ଼ି ପଡ଼ିଥିଲା। ଥାନା ପଛ ରାସ୍ତାରେ ଯାତାୟାତ ବନ୍ଦ ରହିଥିବା ବେଳେ ଅଞ୍ଚଳରେ ଥିବା ବିଦ୍ୟୁତ୍ ଖମ୍ବ ଓ ତାର ଛିଣ୍ଡି ଯାଇଛି। ଘଣ୍ଟା ଘଣ୍ଟା ଧରି ପୁରା ସହର ଅନ୍ଧାରରେ ବୁଡି ରହିଥିଲା। ତେବେ ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଦ୍ୟୁତ୍ କାଟ୍ ହୋଇଥିବା ବେଳେ ଅଗ୍ନିଶମ ବିଭାଗ ପହଞ୍ଚି ମରାମତି କରିବା ପରେ ରାତି ୧୦ଟା ପରେ ସହରରେ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହୋଇଛି।

# କୁଢ଼ାରିଫସାରେ ବନ ବିଭାଗର ସାଧାରଣ ବୈଠକ

ପାଇକମାଲ,୧୮।୭(ସମିସ): ପାଇକମାଲ ବ୍ଲକ୍ ମିଠାପାଲି ପଞ୍ଚାୟତ କୁଢ଼ାରିଫସା ଗାଁ ମଧ୍ୟ ଭାଗରେ ନୃସିଂହନାଥ ସେକ୍ସନ ବନପାଳ ରମେଶ ଚନ୍ଦ୍ର ପ୍ରଧାନଙ୍କ ଆହ୍ୱାନକ୍ରମେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଢ଼ାରିଫସା ବନସଂରକ୍ଷଣ ସମିତି ସଭାପତି ନିର୍ମଳ ପଟେଲ ସଭାପତିତ୍ୱ କରିଥିଲେ। ବୈଠକରେ ମିଠାପାଲି ସରପଞ୍ଚ ସୁବାସିନୀ ସେଠ, ସାମ୍ବାଦିକ କୁଞ୍ଜବିହାରୀ ସାହୁ, କୁଢ଼ାରିଫସା ଭିଏସଏସ ସଭ୍ୟସଭ୍ୟା, ବନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ବୃକ୍ଷର ଉପକାରିତା, ବୃକ୍ଷରୋପଣ ମହତ୍ତ୍ୱ ତଥା ବୃକ୍ଷରୋପଣ କରିବାକୁ ଆହ୍ୱାନ କରାଯାଇଥିଲା। ପରିବାରର ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଗୋଟିଏ ଲେଖାଏଁ ବୃକ୍ଷ ଲଗାଇବା ପାଇଁ ବନ ବିଭାଗ ନର୍ସରୀରୁ ଚାରା ଯୋଗାଇ ଦେବାକୁ ବୈଠକରେ ସ୍ଥିର ହୋଇଥିଲା। କୁଢ଼ାରିଫସା ଗାଁ ନିକଟରେ ଥିବା ଜଙ୍ଗଲକୁ ଚିହ୍ନଟ କରି ଖାଲି ସ୍ଥାନରେ ୫୦୦ଟି ତାଳଗଛ ରୋପଣ କରିବା ସ୍ଥିର ହୋଇଛି। ତାଳଗଛ ବ୍ରଜପାତକୁ ପ୍ରତିରୋଧ କରିବା ସହିତ ଧାଡି ଧାଡି ତାଳଗଛ ଗାଁର ପ୍ରାକୃତିକ ପରିବେଶକୁ ଆହୁରି ମନୋରମ କରିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା।



# କର୍ମକ୍ଷେତ୍ରରେ ମହିଳା ଯୌନ ନିର୍ଯାତନା ନିବାରଣ କର୍ମଶାଳା




ବରଗଡ଼,୧୮।୭(ସମିସ): କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ଯୌନ ନିର୍ଯାତନା ନିବାରଣ, ନିଷେଧ ଓ ନିରାକରଣ ଆଇନ ୨୦୧୩ ସମ୍ପର୍କିତ ଜିଲ୍ଲାସ୍ତରୀୟ ଏକ ଦିବସୀୟ କର୍ମଶାଳା ଜଳ ବିଭାଜିକା ପ୍ରକଳ୍ପ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ଆୟୋଜିତ କର୍ମଶାଳରେ ଆଇନଜୀବୀ ଭୈରବୀ ସାହୁ ଏବଂ ସୀତାରାମ ମେହେର ସାଧନ କର୍ମୀ ଭାବେ ଯୋଗ ଦେଇଥିଲେ। କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ନିବାରଣ ଆଇନର ମୂଳଲକ୍ଷ୍ୟ ବୁଝାଇଥିଲେ। ଏହାସହ କର୍ମସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡ଼ନ ରୋକିବା ପାଇଁ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଏବଂ ସ୍ଥାନୀୟ ଅଭିଯୋଗ କମିଟିର ଗଠନ ଓ କାର୍ଯ୍ୟ ପ୍ରକ୍ରିୟା ତଥା କମିଟି ସଦସ୍ୟଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ କହିଥିଲେ।

ଡିଏସ୍‌ଡବ୍ଲୁ ଓ ସନ୍ଧ୍ୟାରାଣୀ ନେପାକଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ମାଙ୍ଗଳିକା ଦାଶ କାର୍ଯକ୍ରମକୁ ସଂଯୋଜନା କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କୁବେର ଚନ୍ଦ୍ର ମହନ୍ତ, ଜିଲ୍ଲା ଅବକାରୀ ଅଧିକ୍ଷକ ସୁବର୍ଣ୍ଣ ନାୟକ, ଏସିଏଫ୍ ହରମୋହନ ରଥ, ରାଧା ଅଗ୍ରୱାଲ, ତରୁଣସେନ ପୃଷେଠ, ଅଂଶୁମାନ ପ୍ରଧାନ, ଡିଏଚଇ ଡବ୍ଲୁର କର୍ମକର୍ତ୍ତାଙ୍କ ସମେତ ଜିଲ୍ଲାର ଅଗ୍ରଣୀ ସାମଜସେବା ଅନୁଷ୍ଠାନ ତଥା ଏନଜିଓ କର୍ମୀଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଶିକ୍ଷକ ଓ ଅଭିଭାବକ ସମ୍ମିଳନୀ

ପଦ୍ମପୁର,୧୮।୭(ସମିସ): ପଦ୍ମପୁର ଉପଖଣ୍ଡର ଲଖମରା ସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଅଧକ୍ଷ ବିଜୟ ମିଶ୍ର ଅଧକ୍ଷତା କରିଥିଲେ। ବୈଠକରେ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା ସହ ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ ସହ ଶୃଙ୍ଖଳିତ ଜୀବନ ଯାପନ ଉପରେ ଅଭିଭାବକ ମାନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା।

# ମହିଳା ମହାବିଦ୍ୟାଳୟରେ କ୍ୟାନ୍‌ସର ସଚେତନତା କର୍ମଶାଳା

ବରଗଡ଼,୧୮।୭(ସମିସ): ଗାନ୍ଧୀ ସ୍ମୃତି ପାଠାଗାର ଓ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ କ୍ୟାନ୍‌ସର ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା ରଞ୍ଜିତା ନାୟକ ସଭାପତିତ୍ୱ କରିଥିଲେ।

ଗାନ୍ଧୀ ସ୍ମୃତି ପାଠାଗାରର ସଭାପତି ଅରୁଣ ମହାନ୍ତି ସ୍ୱାଗତ ବକ୍ତବ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିକାଶ ମଲ୍ଟି ସ୍ପେସାଲିଟି ହସ୍ପିଟାଲର କ୍ୟାନ୍‌ସର ବିଶେଷଜ୍ଞ ଡ.ଭାରତ ଚନ୍ଦ୍ର ମିଶ୍ର ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇଥିଲେ। ମହିଳା ମାନଙ୍କର ସ୍ତନ କର୍କଟ ବ୍ୟାପିବାର ମୁଖ୍ୟ କାରଣ ଲଜ୍ଜା, ଅବହେଳା ଓ ବିଳମ୍ବିତ ଚିକିତ୍ସା ବୋଲି ମତ ଦେବା ସହ ସର୍ଭାଇକାଲ କ୍ୟାନ୍‌ସରର ଚିକିତ୍ସା ଉପରେ ଆଲୋକପାତ କରିଥିଲେ। ଗାନ୍ଧୀ ସ୍ମୃତି ପାଠାଗାରର ସମ୍ପାଦକ ରବିନାରାୟଣ ପଣ୍ଡା, ପ୍ରାଧ୍ୟାପିକା ନନ୍ଦିନୀ ନିରଦ ପଣ୍ଡା, ଅର୍ପିତା ପଣ୍ଡା ଓ ରେଡ୍‌କ୍ରସ ସୋସାଇଟିର ଉପଦେଷ୍ଟା ଅଧ୍ୟାପିକା ବିନୋଦିନୀ ବରିହା ପ୍ରମୁଖ କାର୍ଯ୍ୟକ୍ରମର ଆୟୋଜନରେ ସହଯୋଗ କରିଥିଲେ। ଡ.ସଂଘମିତ୍ରା ମିଶ୍ର ସମସ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।




# ଟେମରୀ ହାଇସ୍କୁଲରେ ଚାରାରୋପଣ



ପାଇକମାଲ,୧୮।୭(ସମିସ): ପାଇକମାଲ ଟେମରୀ ହାଇସ୍କୁଲରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ପ୍ରଧାନଶିକ୍ଷକ ଡୋଳାମଣୀ ଭୋଇ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପରିବେଶବିତ୍ ରାହାସ ବିହାରି ସାହୁ ଓ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଧିରେନ ମହାନ୍ତି, ସରପଞ୍ଚ ଦିଲ୍ଲୀପ ବେହେରା, ସାମ୍ବାଦିକ ଗୋପବନ୍ଧୁ ଶିକା, ସ୍କୁଲ ପରିଚାଳନା କମିଟି ସଦସ୍ୟ ଭେଙ୍କଟରମଣ ଠାକୁର, ପୀତବାସ ଭୋଇ, ଶିକ୍ଷୟିତ୍ରୀ ସେବତୀ କିଶାନ, ତୃପ୍ତିମୟୀ ଧରୁଆ, ଯାଜ୍ଞସିନୀ ସାହୁ, ସେବିକା ସୁବାଷିନୀ ବାରିକ, ଶିକ୍ଷକ ପ୍ରଦ୍ୟୁମ୍ନ ବରିହା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶିକ୍ଷକ ରଞ୍ଜିତ ସା ସଭା ପରିଚାଳନା କରିଥିବା ବେଳେ ଶିକ୍ଷକ ଉସତଲାଲ ବେଣ୍ଟକାର ଧନ୍ୟବାଦ ଦେଇଥିଲେ।

# ମହାବିଦ୍ୟାଳୟରେ ନିବେଶକ ସଚେତନତା ଉପରେ ସେମିନାର

ପଦ୍ମପୁର,୧୮।୭(ସମିସ): ଅଞ୍ଚଳ ମହାବିଦ୍ୟାଳୟ ସମ୍ମିଳନୀ ପ୍ରକୋଷ୍ଠରେ ସେବୀ (ଏସ୍‌ଇବିଆଇ) ନିୟନ୍ତ୍ରିତ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ ସିକ୍ୟୁରିଟି ମାର୍କେଟ୍ସ (ଏନ୍‌ଆଇଏସ୍‌ଏମ୍) ଆନୁକୂଲ୍ୟରେ ମହାବିଦ୍ୟାଳୟର ଆଇକ୍ୟୁଏସି ଓ ବାଣିଜ୍ୟ ବିଭାଗ ଦ୍ୱାରା 'ଯୁବ ନାଗରିକଙ୍କ ସକାଶେ ଆର୍ଥିକ ଶିକ୍ଷା' ଶୀର୍ଷକ ସେମିନାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଖଗେଶ୍ୱର ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ଆଇକ୍ୟୁଏସି ସଂଯୋଜକ ତଥା ବାଣିଜ୍ୟ ବିଭାଗ ମୁଖ୍ୟ ନବକୃଷ୍ଣ ମିଶ୍ର ଅତିଥି ପରଚୟ ସହ ସେମିନାରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଜାତୀୟ ଷ୍ଟକ ବିନିମୟ (ଏନ୍‌ଏସ୍‌ଇ) ଓ ସେବୀ ସ୍ୱୀକୃତ ପ୍ରଶିକ୍ଷକ ଡ.ଜୟକିଶନ ମେହେର ରିସୋର୍ସ ପର୍ସନ ଭାବେ ଯୋଗ ଦେଇଥିଲେ। ସେ ଯୁବ ନାଗରିକଙ୍କ ପାଇଁ ଆର୍ଥିକ ସାକ୍ଷରତା ଉପରେ ସନ୍ଦର୍ଭ ଉପସ୍ଥାପନ କରିବା ସହ ଆର୍ଥିକ ଯୋଜନା, ସୁପରିଚାଳନା, ସଙ୍କଟ ପ୍ରବନ୍ଧନ ଇତ୍ୟାଦି ସଫଳ ନିବେଶ ପାଇଁ ଜରୁରୀ ବୋଲି କହିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥିଲେ। ଇଂରାଜୀ ଅଧ୍ୟାପକ ତଶୋବନ୍ତ ବାରିକ, ବ୍ରଜ କୁମ୍ଭାର, ଜଗବନ୍ଧୁ ସୁରୁଜାଲ ମଞ୍ଚାସୀନ ଥିଲେ। ଅର୍ଥନୀତି ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରମୋଦ ପାଣଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାଧ୍ୟାପିକା ତାପିନୀ ପଣ୍ଡା, ପ୍ରାଧ୍ୟାପିକା ଝୁନୁ ପରିଡା, ଡ.ସରୋଜ ନାଏକ, ଅଧ୍ୟାପକ ମିଥୁନ ମେହେର, ଅଧ୍ୟାପିକା ଲିପ୍ସା ଚନ୍ଦ୍ରାକର ପ୍ରମୁଖଙ୍କ ସହ ବାଣିଜ୍ୟ, ଅର୍ଥନୀତି ଓ ଅନ୍ୟାନ୍ୟ ବିଭାଗର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ସରକାରଙ୍କ ଅଜବ ନୀତି ଯୋଗୁ ଚାଷୀ ହନ୍ତସନ୍ତ



ବରଗଡ଼,୧୮।୭(ସମିସ): କୃଷକ ମାନଙ୍କୁ ଠିକ ଭାବେ ସେବା ଯୋଗାଇବା ପାଇଁ ସରକାରଙ୍କ ପକ୍ଷରୁ ପ୍ରାଥମିକ ସେବା ସମବାୟ ସମିତି ମାନଙ୍କର ପୁନର୍ଗଠନ କରାଯାଉଛି। ଯେଉଁଥିରେ ନୂତନ ଭାବେ ପ୍ରାୟ ଦୁଇଟି ପଞ୍ଚାୟତକୁ ନେଇ ଗୋଟିଏ ସୋସାଇଟି ଗଠନ କରାଯାଇଛି। ହେଲେ ଏଥିପାଇଁ ଗର୍ଭଣା ପଞ୍ଚାୟତ ଅଧୀନ ଡୁମେରପାଲି ଗାଁରେ ଅନେକ ସମସ୍ୟା ଦେଖିବାକୁ ମିଳିଛି। ଡୁମେରପାଲି ଗାଁ ୧୯୬୬ ମସିହାରୁ ୨ କିମି ଦୂରତାରେ ଥିବା ସରକଣ୍ଡା ପ୍ରାଥମିକ ସେବା ସମବାୟ ସମିତିର ସଦସ୍ୟ ଭାବେ ରହିଆସିଛି। ଗର୍ଭଣା ଗାଁ ଆଗରୁ ପାଣିମୋରା ସୋସାଇଟି ଅଧୀନରେ ଥିଲା। ଏବେ ବିଭାଜନ ହେବାରୁ ନୂତନ ସୋସାଇଟି ଗଠନ ହୋଇଛି। ଡୁମେରପାଲି ଗାଁକୁ ଗର୍ଭଣା ନୂତନ ସୋସାଇଟିକୁ ସ୍ଥାନାନ୍ତରିତ କରିବା ଫଳରେ ଗ୍ରାମବାସୀଙ୍କୁ ଏନ୍‌ଏଚ୍ ଦେଇ ଗର୍ଭଣାକୁ ୫/୭ କିମି ବୁଲିକି ଯିବାକୁ ପଡିବ। ସେଥିପାଇଁ ଗ୍ରାମବାସୀଙ୍କ ତରଫରୁ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଉପନିବନ୍ଧକ ସମବାୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା। ତେବେ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନ ନେବାରୁ ଆଜି ସରକଣ୍ଡା ସୋସାଇଟିକୁ ଯାଇ ସୋସାଇଟି ସମ୍ପାଦକ ସୁରଥ ବେହେରାଙ୍କୁ ଘେରଉ କରି ଧାରଣାରେ ବସିଥିଲେ। ସମ୍ପାଦକ ସରକଣ୍ଡାରେ ରହିବା ଚାହୁଁଥିବା ଡୁମେରପାଲି ଗାଁର ଅଭିଯୋଗକୁ ଜିଲ୍ଲା ଉପନିବନ୍ଧକଙ୍କୁ ଫୋନ ମାଧ୍ୟମରେ ଜଣାଇଥିଲେ। ବିଭାଗୀୟ ଅଧିକାରୀ ସୋମବାର ସୁଦ୍ଧା ଡୁମେରପାଲି ଗାଁର ସମସ୍ତ ଚାଷୀଙ୍କ ଋଣ, ସାର ଏବଂ ଧାନ ବିକ୍ରି ପାଇଁ ଧାନ କାର୍ଡ ପଞ୍ଜୀକରଣ କରିପାରିବେ ବୋଲି କହିବା ପରେ ଗ୍ରାମବାସୀ ଧାରଣାରୁ ଉଠିଥିଲେ। ଏହି ଧାରଣାରେ ପ୍ରେମାନନ୍ଦ ବିଶ୍ୱାଳ, ସମ୍ପଦ ସାହୁ, ବିଶ୍ୱାମିତ୍ର ମହାନନ୍ଦ, ସୀତାରାମ ପଧାନ, ଟିକେଶ୍ୱର ପଧାନ, ମକରଧ୍ୱଜ ସାହୁ ଗ୍ରାମବାସୀଙ୍କ ନେତୃତ୍ୱ ନେଇଥିଲେ।

# ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲରେ ଇଷ୍ଟ ଜୋନ୍ ସନ୍ତରଣ ପ୍ରତିଯୋଗିତା

ବରଗଡ଼,୧୮।୭(ସମିସ)

ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲରେ ଶୁକ୍ରବାର ତିନି ଦିନିଆ ସିବିଏସ୍‌ଇ ଫାର୍ ଇଷ୍ଟ ଜୋନ୍ ସ୍ୱିମିଂ ପ୍ରତିଯୋଗିତା ଉଦ୍‌ଘାଟନ ଅତ୍ୟନ୍ତ ଭବ୍ୟ ସମାରୋହରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ଅଧିଷ୍ଠାତ୍ରୀ ସାବିତ୍ରୀ ଦେବୀ ସାୱଡିଆ, ପରିଚାଳନା ସମିତି, ଶିକ୍ଷକ ଶିକ୍ଷୟିତ୍ରୀ ବୃନ୍ଦ, ସମସ୍ତ ପ୍ରତିଯୋଗୀ, ଅଭିଭାବକ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସଂସ୍କାର ସ୍କୁଲର ଛାତ୍ରଛାତ୍ରୀ ସାମୂହିକ ସ୍ୱାଗତ ସଂଗୀତ ଓ ପାରମ୍ପରିକ ନୃତ୍ୟ ପ୍ରସ୍ତୁତ କରିଥିଲେ। ମୁଖ୍ୟ ଅତିଥିଙ୍କୁ ସାଲ୍ ଓ ଗଛ ଦେଇ ସମ୍ମାନିତ କରାଯାଇଥିଲା। ଏହାପରେ ସେ ବେଲୁନ ଉଡାଇ ସ୍ୱିମିଂ ପ୍ରତିଯୋଗିତାର ଆରମ୍ଭ ଘୋଷଣା କରିଥିଲେ। ପ୍ରତିଯୋଗିତାରେ ପୂର୍ବ ଭାରତର ୫ଟି ରାଜ୍ୟ ଓଡ଼ିଶା, ଛତିଶଗଡ଼, ପଶ୍ଚିମବଙ୍ଗ, ଆସାମ ଓ ମଣିପୁରରୁ ପ୍ରାୟ




୯୫୦ ପ୍ରତିଯୋଗୀ ତାଙ୍କ ପ୍ରଶିକ୍ଷକ ଓ ପ୍ରବନ୍ଧକଙ୍କ ସହିତ ଭାଗ ନେଇଛନ୍ତି। ସମସ୍ତଙ୍କ ପାଇଁ ଖାଇବା ଓ ରହିବା ପାଇଁ ଉତ୍ତମ ବ୍ୟବସ୍ଥା 'ଦିଶା ଓ ଲକ୍ଷ୍ୟ' ହଷ୍ଟେଲରେ କରାଯାଇଛି। ପ୍ରତିଯୋଗିତା ଦେଖିବାକୁ ଆସିଥିବା ଦର୍ଶକଙ୍କ ପାଇଁ ସ୍ୱିମିଂ ପୁଲ ନିକଟରେ ଥିବା 'ଫୁଡ୍ କୋର୍ଟ'ରେ ଖାଦ୍ୟ ଉପଲବ୍ଧ ରହିଛି। ସ୍ୱିମିଂ ପୁଲରେ ପ୍ରାୟ ୧୦୦୦ ଦର୍ଶକଙ୍କ ସମ୍ମୁଖରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ୪୦୦ ମି ଫ୍ରିଷ୍ଟାଇଲ୍, ୧୦୦ ମି ବ୍ୟାକଷ୍ଟ୍ରୋକ୍, ୨୦୦ ମି ଇଣ୍ଡିଭିଜୁଆଲ୍ ମିଡଲ୍, ୧୦୦ ମି ବଟରଫ୍ଲାଇ, ୪x୫୦ ମି ଫ୍ରିଷ୍ଟାଇଲ୍ ରିଲେ, ୫୦ ମି ବ୍ୟାକଷ୍ଟ୍ରୋକ୍, ୮୦୦ ମି ଫ୍ରିଷ୍ଟାଇଲ୍ ଆଦି ପର୍ଯ୍ୟାୟ ପ୍ରତିଯୋଗିତାରେ ରହିଛି। ଏହାକୁ ୪ ଟି ବର୍ଗରେ ବିଭକ୍ତ କରାଯାଇଛି; ଯଥା-ଗର୍ଲ୍ସ/ବଏଜ୍ ଅଣ୍ଡର୍ ୧୧, ଅଣ୍ଡର୍ ୧୪, ଅଣ୍ଡର୍ ୧୭ ଓ ଅଣ୍ଡର୍ ୧୯। ଏହି ପ୍ରତିଯୋଗିତାର ରେଫେରୀ ଭାବେ ଝାରଖଣ୍ଡ ରାଞ୍ଚୀରୁ କୁଣାଳ କିଶୋରଙ୍କ ନେତୃତ୍ୱରେ ୨୫ ଜଣିଆ ଟିମ୍ ଆସିଛନ୍ତି।

# ଲଖମରା ବିଦ୍ୟାଳୟରେ ଶୋକସଭା




ପଦ୍ମପୁର,୧୮।୭(ସମିସ): ପଦ୍ମପୁର ଉପଖଣ୍ଡର ଲଖମରା ସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଦିବଂଗତ ସୌମ୍ୟାଶ୍ରୀ ବିଶିଙ୍କ ଅକାଳ ବିୟୋଗରେ ଶୋକସଭା ପାଳିତ ହୋଇଛି। ଏହି ଅବସରରେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ସୌମ୍ୟାଶ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପାର୍ଥନା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିରେ ଶିକ୍ଷକ, ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ସାପ ଉଦ୍ଧାର ଓ ପୁନର୍ବାସ ସମ୍ପର୍କିତ ପ୍ରଶିକ୍ଷଣ



କେନ୍ଦୁଝର, ୧୮।୭ (ସମିସ): କେନ୍ଦୁଝର ବନଖଣ୍ଡ ଏବଂ ସ୍ନେକ ହେଲ୍ପଲାଇନ୍ ଓଡ଼ିଶାର ମିଳିତ ଆନୁକୂଲ୍ୟରେ କେନ୍ଦୁଝରସ୍ଥିତ ଦରବାର ହଲଠାରେ ସାପ ଉଦ୍ଧାର ଏବଂ ପୁନର୍ବାସ ଉପରେ ଏକ କ୍ଷମତା ବିକାଶ ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନ କର୍ମଚାରୀ, ସାପ ଉଦ୍ଧାରକାରୀ, ପ୍ରଶାସନିକ ଅଧିକାରୀଙ୍କୁ ସାପ ସହିତ ମାନବ-ବନ୍ୟଜନ୍ତୁ ବିବାଦ ପରିଚାଳନା ବିଷୟରେ ତାଲିମ୍ ଦିଆଯାଇଥିଲା। ରାଜ୍ୟର ବିଶିଷ୍ଟ ସାପ ଧରାଳି ଶୁଭେନ୍ଦୁ ମଲ୍ଲିକ୍ (ସ୍ନେକ୍ ହେଲ୍ପଲାଇନ୍ ଓଡ଼ିଶା) ଏହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହରପ୍ରିୟା ନାୟକ, ବନ ବିଭାଗର କର୍ମଚାରୀ, ସାପ ଉଦ୍ଧାରକାରୀ, ମିଡିଆ ପ୍ରତିନିଧି ଏବଂ ଏନଜିଓ ପ୍ରତିନିଧି ଉପସ୍ଥିତ ଥିଲେ।

## ବଡ଼ବିଲରେ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି

ବଡବିଲ, ୧୮।୭ (ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ପୌରାଞ୍ଚଳରେ ଆଗାମୀ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଜାତୀୟ ଦିବସ ପାଳନ ସମିତି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୌର ନିର୍ବାହୀ ଅଧିକାରୀ ରମେଶଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମିତିର ଅଧ୍ୟକ୍ଷ ପ୍ରତାପ କିଶୋର ଦାସ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ବିସ୍ତୃତ ଆଲୋଚନା କରିଥିଲେ। ବଡବିଲ ପୌରାଞ୍ଚଳର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ସବୁ କାର୍ଯ୍ୟକ୍ରମରେ ଯୋଗଦାନ ନିମନ୍ତେ ଅବଗତ କରିବାକୁ ସମିତିର ସମ୍ପାଦକଙ୍କୁ ଦାୟିତ୍ୱ ଦିଆଯାଇଛି। ପୂର୍ବତନ ନଗରପାଳ ଦିଲୀପ ମିଶ୍ର, କାଉନସିଲର ଲଛମନ ମହାନ୍ତ, ବିଜୟ ପ୍ରଜାପତି, ଚନ୍ଦ୍ରଗୁପ୍ତ ପ୍ରସାଦ ଯାଦବ, ବରିଷ୍ଠ ଅଧିକାରୀ ରାଜେନ୍ଦ୍ର କୁମାର ସିଂ ପ୍ରମୁଖ ଯୋଗଦାନ କରିଥିଲେ। ପୌରାଞ୍ଚଳ ସମସ୍ତ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନର କାର୍ମୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଚାଷୀଙ୍କୁ ନେଇ ଏକଦିବସୀୟ କର୍ମଶାଳା



ମୋରଡ଼ା, ୧୮।୭ (ସମିସ): ଶୁକ୍ରବାର ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ଚିତ୍ରଡା ମାଉସୀ ମନ୍ଦିର ନିକଟ କଲ୍ୟାଣ ମଣ୍ଡପରେ ଶତାଧିକ ଚାଷୀଙ୍କୁ ନେଇ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଚିତ୍ରଡା ଲ୍ୟାମ୍ପସ ସଭାପତି ମାଥୁରା ସୋରେନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ତହସିଲଦାର ବିଦ୍ୟାଧର ଦଣ୍ଡପାଟ ଉଦ୍‌ଘାଟନ କରିଥିଲେ। ମ୍ୟାନେଜିଂ ଡ଼ାଇରେକ୍ଟର ବୀରପ୍ରସାଦ ଶମ୍ଭୁନାରାୟଣ ରାଠୋର କେନ୍ଦ୍ର ସରକାରଙ୍କ ଯୋଜନା ଗୁଡିକ ସମ୍ପର୍କରେ ଚାଷୀଙ୍କୁ ଅବଗତ କରିଛନ୍ତି। ଫାର୍ମାର ରେଜିଷ୍ଟ୍ରେସନ, ମେମ୍ବରସିପ ଡ୍ରାଇଭ, ଡିପୋଜିଟ ମୋବିଲାଇଜେସନ, ଲୋନ ଟଙ୍କା ଆଦାୟ ଆଦି ସମ୍ପର୍କରେ ଆଲୋଚନା କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ଚାଷୀଙ୍କ ସମେତ ଲ୍ୟାମ୍ପ୍ସ କର୍ମଚାରୀ, ସଦସ୍ୟ ଉପସ୍ଥିତ ଥିଲେ।

## ଖଲଣା ୟୁପି ସ୍କୁଲ ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ରାମଚନ୍ଦ୍ରପୁର, ୧୮।୭ (ସମିସ): ଘଷିପୁରା ବ୍ଲକ ଖଲଣା ୟୁପି ସ୍କୁଲର ପ୍ରଧାନଶିକ୍ଷକ ବସନ୍ତ ସାହୁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟଅତିଥି ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ସମ୍ମାନିତ ଅତିଥି ଭାବେ ଘସିପୁରା ବିଡିଓ ବିନିତା ବିଜୟିନୀ, ସ୍ଥାନିୟ ସରପଞ୍ଚ ଜ୍ୟୋସ୍ନାମୟୀ ନାୟକ, ସମିତିସଭ୍ୟା ସବିତା ସା, ପରିଚାଳନା କମିଟି ସଭାପତି କାହ୍ନୁଚରଣ ଦଳେଇ ପ୍ରଧାନ ଶିକ୍ଷକଙ୍କୁ ଜଣେ ମିଷ୍ଟଭାଷୀ, ଛାତ୍ର ବତ୍ସଳ, କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଭାବେ ପ୍ରଶଂସା କରିଥିଲେ। ସମ୍ବର୍ଦ୍ଧନା ସଭାରେ ଆଇନଜୀବୀ ରବୀନ୍ଦ୍ର ମାଝୀ ମଞ୍ଚ ପରିଚାଳନା କରିଥିବା ବେଳେ ସମାଜସେବୀ ବିପିନ ବିହାରୀ ମାଝୀ, ଟିକନ ମାଝୀ, ଗୋପୀନାଥ ରାଉତ, ମେନକା ବେହେରା, ସୁନି ପାଢ଼ୀ, ବନସ୍ମିତା ପରିଡ଼ା, ସବିତା ସାହୁ ସମେତ ଗ୍ରାମବାସୀ ଏବଂ ଅଭିଭାବକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଚିତ୍ରଡ଼ା କଲେଜରେ ସଡକ ସୁରକ୍ଷା ଅଭିଯାନ




ମୋରଡ଼ା, ୧୮।୭ (ସମିସ): ମୋରଡ଼ା ବ୍ଲକ ଚିତ୍ରଡାରେ ଶୁକ୍ରବାର ଆଞ୍ଚଳିକ ପରିବହନ ପ୍ରାଧିକରଣ ବିଭାଗ ଏବଂ ଚିତ୍ରଡା ମହାବିଦ୍ୟାଳୟ ଆନୁକୂଲ୍ୟରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମଭିଆଇ ସାଲଖୁ ମୁର୍ମୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସଡକ ସୁରକ୍ଷା ସମ୍ପର୍କରେ ଅବଗତ କରିଥିଲେ। ଦୁର୍ଘଟଣା ଜନିତ ମୃତ୍ୟୁହାର କିପରି କମିପାରିବ ସେ ସମ୍ପର୍କରେ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ କାମଦେବ ପାଠୀ, ପ୍ରାଧ୍ୟାପିକା ସୌଦାମିନୀ ସିଂ ଆୟୋଜନ କରିଥିବା ବେଳେ ଏନଏସଏସ ଅଧିକାରୀ ସରିତା ଟୁଡୁ, ରେଡକ୍ରସ ସଂଯୋଜିକା ବିଷ୍ଣୁପ୍ରିୟା ସିଂ, ଅଧ୍ୟାପକ ବୁଦ୍ଧିରାମ ସିଂ, ପୂର୍ଣ୍ଣଚନ୍ଦ୍ର ସି ପରିଚାଳନାରେ ସହଯୋଗ କରିଥିଲେ।

# ପିଏମ୍ ପୋଷଣ ଯୋଜନାରେ ୨୦ କୋଟି ହେର୍‌ଫେର !

କେନ୍ଦୁଝର, ୧୮।୭ (ସମିସ)

କେନ୍ଦୁଝର ଜିଲ୍ଲାରେ ସରକାରଙ୍କ ମଧ୍ୟାହ୍ନ ଭୋଜନ (ବର୍ତ୍ତମାନର ପିଏମ ପୋଷଣ) ଯୋଜନା ଚାଉଳ ଯୋଗାଣରେ ବ୍ୟାପକ ଅନିୟମିତତା ହୋଇଛି। ଜିଲ୍ଲାର ୧୩ଟି ବ୍ଲକରେ ମଧ୍ୟାହ୍ନ ଭୋଜନ ଚାଉଳ ଯୋଗାଣରେ ପାଖାପାଖି ୨୦ କୋଟି ଟଙ୍କାର ହେରଫେର ହୋଇଥିବା ଅଭିଯୋଗ ହେଉଛି। ସୂଚନା ଅନୁସାରେ, ଜିଲ୍ଲାର ୧୩ଟି ବ୍ଲକର ସ୍କୁଲ ପାଇଁ ପାଖାପାଖି ୬୦୦୦ କ୍ୱିଣ୍ଟାଲ ଚାଉଳ ଆବଶ୍ୟକତା ହୋଇଥାଏ। ୨୦୧୭ରୁ ୨୦୨୪ ପର୍ଯ୍ୟନ୍ତ ଟେଣ୍ଡର ମାଧ୍ୟମରେ ଚାଉଳ ଯୋଗାଣ ପାଇଁ ଜଣେ ଠିକାଦାରଙ୍କୁ ନିଯୁକ୍ତ କରାଯାଇଥିଲା। ପରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଆଉ ଜଣଙ୍କୁ ଟେଣ୍ଡର ଦିଆଯାଇଥିଲା; ଯାହାକି ଚଳିତ ବର୍ଷ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଅବଧି ରହିଥିଲା। ଏବର୍ଷ ବିନା ଟେଣ୍ଡରରେ ଚାଉଳ ଯୋଗାଣ ଅବଧି ଅଧିକ ଏକ ବର୍ଷ ବୃଦ୍ଧି ହୋଇଥିବା ସୂଚନା ମିଳିଛି।

ମଧ୍ୟାହ୍ନ ଭୋଜନ ନିମନ୍ତେ ପ୍ରତି ବ୍ଲକକୁ ଆବଣ୍ଟିତ ଚାଉଳ ଜଣେ ଟେଣ୍ଡରଧାରୀଙ୍କୁ ନଦେଇ କୋଟି କୋଟି ଟଙ୍କାର ଚାଉଳ ହେରଫେର କରିଥିବା ଗନ୍ଧ ବାରି ହୋଇପଡୁଛି। କାରଣ ୨୦୨୪ ବର୍ଷ ପର୍ଯ୍ୟନ୍ତ ଚାଉଳ ଯୋଗାଣ ନିମନ୍ତେ ଠିକା ପାଇଥିବା ଟେଣ୍ଡରଧାରୀ ବିଭିନ୍ନ ବ୍ଲକକୁ ଆବଣ୍ଟିତ ପରିମାଣଠାରୁ ହଜାର ହଜାର କ୍ୱିଣ୍ଟାଲ ଚାଉଳ କମ ଦେଇଛନ୍ତି।

**● ବିନା ଟେଣ୍ଡରରେ ଚାଉଳ ଯୋଗାଣ ଅବଧି ବୃଦ୍ଧି ସନ୍ଦେହରେ**

୨୦୨୨-୨୦୨୪ ମାର୍ଚ୍ଚ ମଧ୍ୟରେ ଟେଣ୍ଡରଧାରୀ ୨୮୦୦ କ୍ୱିଣ୍ଟାଲ କମ ଚାଉଳ ଦେଇଥିବା ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛନ୍ତି। ଅନ୍ୟପକ୍ଷରେ କେନ୍ଦୁଝର ସଦର ବ୍ଲକରେ ମଧ୍ୟାହ୍ନ ଭୋଜନ ଦାୟିତ୍ୱ ନେଇଥିବା ମାନା ଟ୍ରଷ୍ଟ ମଧ୍ୟ ଗତ ୨୧/୧୨/୨୦୨୪ରେ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଟେଣ୍ଡରଧାରୀ ଆଲଟମେଣ୍ଟଠାରୁ ୨୨୬୪.୩୫ କ୍ୱିଣ୍ଟାଲ କମ ଚାଉଳ ଦେଇଥିବା ଲିଖିତ ଜଣାଇଥିଲେ; କିନ୍ତୁ କାର୍ଯ୍ୟାନୁଷ୍ଠାନ ଶୂନ। ଏହାତ ଦୁଇଟି ବ୍ଲକରେ ଚାଉଳ ଯୋଗାଣ କଥା। ୧୩ଟି ଯାକ ବ୍ଲକରେ ଏଭଳି ଆଲଟମେଣ୍ଟଠାରୁ କମ ଚାଉଳ ଦେଇ ବ୍ୟାପକ ହେରଫେର କରାଯାଇଥିବା ସନ୍ଦେହ କରାଯାଉଛି। ଜିଲ୍ଲାର ସମସ୍ତ ବ୍ଲକର ଚାଉଳ ଯୋଗାଣ ନିମନ୍ତେ ଜଣେ ନିଯୁକ୍ତ ହେଉଥିବାରୁ ଏଭଳି ହେଉଥିବା ସନ୍ଦେହ କରାଯାଉଥିବାବେଳେ ଜିଲ୍ଲାର ୪ ଜଣ ବିଧାୟକ ମଧ୍ୟ ପ୍ରତି ବ୍ଲକରେ ଜଣଙ୍କୁ ଲେଖାଏଁ ଟେଣ୍ଡରଧାରୀ ନିଯୁକ୍ତ ହେଲେ ପିଏମ ପୋଷଣ (ଏମଡିଏମ) ଚାଉଳ ଯୋଗାଣରେ ସ୍ୱଚ୍ଛତା ଆସିବ ବୋଲି ପତ୍ର ଦେଇସାରିଛନ୍ତି। ଏହାସତ୍ତ୍ୱେ ଶୁଣିବାକୁ ନାରାଜ କର୍ତ୍ତୃପକ୍ଷ। ପ୍ରତି ବ୍ଲକକୁ ଆଲଟମେଣ୍ଟ ଥିବା ଚାଉଳ ସମ୍ପୃକ୍ତ ଟେଣ୍ଡରଧାରୀ ଦେବେ ନା ହଜାରହଜାର କ୍ୱିଣ୍ଟାଲ ଚାଉଳ ଯାହାର କି ଆନୁମାନିକ ମୂଲ୍ୟ ପାଖାପାଖି ୨୦ କୋଟି ଟଙ୍କା ହେବ ଆତ୍ମସାତ କରି ବେଫିକର ରହିବେ ତାକୁ ନେଇ ଜିଲ୍ଲାରେ ବଡ଼ ପ୍ରଶ୍ନ ଉଠିଲାଣି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ୨୦୧୭ରୁ ମଧ୍ୟାହ୍ନ ଭୋଜନ ଚାଉଳ ଯୋଗାଣ ଠିକା ଦିଆଯାଉଥିବା ବ୍ୟକ୍ତିମାନେ ସମ୍ପର୍କୀୟ ଅଟନ୍ତି; କିନ୍ତୁ ସେମାନେ ଠିକା ନେଇଥିଲେ ମଧ୍ୟ ସେମାନଙ୍କର ଆଉଜଣେ ସମ୍ପର୍କୀୟ ଚାଉଳ ଯୋଗାଣ କାର୍ଯ୍ୟ କରିଥାନ୍ତି। ଏଭଳି ଗୋଲକଧନ୍ଦା ମଧ୍ୟରେ ମଧ୍ୟାହ୍ନ ଭୋଜନ (ପିଏମ ପୋଷଣ) ଚାଉଳ ଯୋଗାଣରେ ବ୍ୟାପକ ଅନିୟମିତାର ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଉଛି।

**ପାଞ୍ଚପୀଢ଼ ପ୍ରଗତି ମଞ୍ଚର ଜରୁରୀ ବୈଠକ**

## ଦାବି ପୂରଣ ନ ହେଲେ ଅଗଷ୍ଟ ୨ରୁ ଆନ୍ଦୋଳନ




କରଞ୍ଜିଆ, ୧୮।୭ (ସମିସ): ପାଞ୍ଚପୀଢ଼ ଉପଖଣ୍ଡର ସର୍ବାଙ୍ଗୀନ ଉନ୍ନତି ପାଇଁ ଗଠିତ ହୋଇଥିବା ପାଞ୍ଚପୀଢ଼ ପ୍ରଗତି ମଞ୍ଚର ଏକ ଜରୁରୀ ବୈଠକ ଗତକାଲି ଓକିଲ ସଂଘର ପୂର୍ବତନ ସମ୍ପାଦକ ଦିବ୍ୟପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ପୂର୍ବତନ ସଭାପତି ସଞ୍ଜୟ କୁମାର ସାହୁଙ୍କ ସମେତ ମଞ୍ଚର ସର୍ବେଶ୍ୱର ମିଶ୍ର, ସରକାରୀ ଓକିଲ ଜଗମୋହନ ମହାନ୍ତ, କରଞ୍ଜିଆ କଚେରୀର ନୋଟାରୀ ଓକିଲ ଗୌରାଙ୍ଗ ଚରଣ ବାରିକ୍, ପ୍ରେସ କ୍ଲବ ସମ୍ପାଦକ କର୍ଣ୍ଣାର୍ଜୁନ ସାହା, ସମାଜସେବୀ ସିଦ୍ଧାର୍ଥ ରାୟ, ଅବସରପ୍ରାପ୍ତ ଇ ତ୍ରିଲୋଚନ ସେଠୀ, ଉମାକାନ୍ତ ଗିରି, ମଙ୍ଗୁଲୁ ପତ୍ର, ଜିତେନ କୁମାର ବେହେରା ପ୍ରମୁଖ ଯୋଗ ଦେଇ କରଞ୍ଜିଆର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଦୀର୍ଘଦିନ ଧରି ରହିଥିବା ଦାବିଗୁଡିକ କିପରି ସମାଧାନ କରାଯାଇ ପାରିବ ଓ ଉପଖଣ୍ଡର ସମସ୍ତ ନାଗରିକଙ୍କୁ କିପରି ଏଥିରେ ସାମିଲ କରାଯାଇପାରିବ ସେ ନେଇ ଆଲୋଚନା କରିଥିଲେ। ପାଞ୍ଚପୀଢ଼ ଉପଖଣ୍ଡ ଜିଲ୍ଲା ହେବା ପାଇଁ ସମସ୍ତ ବ୍ୟବସ୍ଥା ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା ହୋଇପାରିନାହିଁ। ସେହିଭଳି କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ପୌର ପରିଷଦର ସମସ୍ତ ଭିତ୍ତିଭୂମି ଥିଲେ ହେଁ ସରକାର ଘୋଷଣା କରୁନାହାନ୍ତି। ଏହା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ତଥା ଉପଖଣ୍ଡ ସଦରମହକୁମା କରଞ୍ଜିଆରୁ ଜିଲ୍ଲା ସଦରମାହକୁମା ବାରିପଦାର ଦୂରତା ୧୨୫ରୁ ୨୦୦ କିମି। ଏଠାରେ ଲୋକଙ୍କୁ ତୁରନ୍ତ ସେବା ଦେବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଦୀର୍ଘଦିନ ହେଲା ଏଠାରେ ଏ ଆର ଟି. ଓ. ଅଫିସ, ଏ.ଡି.ଏମ ଅଫିସ, ଅତିରିକ୍ତ ଏସ ପି. ଅଫିସ୍, ପୂର୍ତ୍ତ ବିଭାଗ ଉପଖଣ୍ଡିୟ କାର୍ଯ୍ୟାଳୟ, ବିଜୁଳି ବିଭାଗ ଖୋଲିବା ପାଇଁ ବୈଠକରେ ଦାବି ହୋଇଥିଲା। ସେହିଭଳି କରଞ୍ଜିଆରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବାକୁ ପ୍ରସ୍ତାବ ରହିଥିଲା ଓ ଏଥିପାଇଁ ଜମି ମଧ୍ୟ ଚିହ୍ନଟ କରାଯାଇଥିଲେ ବି ଆଜି ପର୍ଯ୍ୟନ୍ତ ତାହା ଫାଇଲରେ ଚାପିହୋଇ ରହିଛି। ରେଳପଥ ସଂଯୋଗୀକରଣ ପାଇଁ ବହୁ ବର୍ଷ ହେଲା ଦାବି ହୋଇଆସୁଛି; କିନ୍ତୁ ସରକାର ଗୁରୁତ୍ୱ ଦେଉନାହାନ୍ତି। ଦୀର୍ଘ ୨୦ ବର୍ଷ ହେଲା ସହରକୁ ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଦାବି ହୋଇଆସୁଛି। ଶୁକୁଳି ବ୍ଲକରେ ଆଜିଯାଏ ଥାନା ପ୍ରତିଷ୍ଠା ହୋଇପାରିନାହିଁ। ଉପଖଣ୍ଡର ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ ଗତ ଏପ୍ରିଲରୁ ଅବସର ନେଲେଣି; ହେଲେ ତାଙ୍କ ପଦ ପୂରଣ କରାଯାଉନାହିଁ। ତେବେ ଅଗଷ୍ଟ ୧ ତାରିଖ ସୁଦ୍ଧା ଉପଖଣ୍ଡରେ ସ୍ଥାୟୀ ଉପଜିଲ୍ଲାପାଳ ସହିତ ଜଣେ ଡିଏଫ୍‌ଓ ନିଯୁକ୍ତି ନ ହେଲେ ୨ ତାରିଖରୁ ଆନ୍ଦୋଳନ ଡାକରା ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ପ୍ରଗତିମଞ୍ଚକୁ ବ୍ୟାପକ କରିବାକୁ ଆଗାମୀ ଦିନରେ ଶୁକୁଳି, ରରୁଆ, ଯଶିପୁର ଓ ଠାକୁରମୁଣ୍ଡାରେ ବୈଠକ କରି ଶାଖା କମିଟି ଗଠନ କରିବାକୁ ସ୍ଥିର ହୋଇଛି। ଶୁକୁଳି ଏବଂ ଯଶିପୁରକୁ ଏନଏସି ଗଠନ ପାଇଁ ମଧ୍ୟ ଦାବି ରଖାଗଲା। ଶେଷରେ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ଯତ୍ନ ଓ ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ



ବେତନଟୀ, ୧୮।୭ (ସମିସ): ବେତନଟୀ ଏମପିସି ହାଇସ୍କୁଲରେ ଜୁଭେନାଇଲ ଜଷ୍ଟିସ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଏବଂ ଶିକ୍ଷା ଅଧିକାର ଆଇନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେତନଟୀ କୋର୍ଟର ବିଚାରପତି ସୁଶ୍ରୀ ରଶ୍ମିନାରାୟଣୀ ମିଶ୍ର ସଭାପତିତ୍ୱ କରିଥିଲେ। ଏମ.ପି.ସି. ହାଇସ୍କୁଲର ପ୍ରଧାନ ଶିକ୍ଷକ ଅର୍ଜୁନ ସିଂ, ପୂର୍ବତନ ପ୍ରଧାନ ଶିକ୍ଷକ ମହେଶ୍ୱର ପଣ୍ଡା, ଓକିଲ ସଙ୍ଘର ସଭାପତି ଦେବବ୍ରତ ପରିଡ଼ା ଏବଂ ସମ୍ପାଦକ ପ୍ରବୀର ବାରିକ ପ୍ରମୁଖ ଶିଶୁ ଅଧିକାର ଓ ବାଧ୍ୟତାମୂଳକ ଶିକ୍ଷା ସମ୍ପର୍କରେ ସମାଜକୁ ସଚେତନ କରାଇବାରେ ସମଷ୍ଟିଗତ ପ୍ରୟାସର ମହତ୍ତ୍ୱକୁ ଦର୍ଶାଇଥିଲେ। ବିଚାରପତି ରଶ୍ମିନାରାୟଣୀ ମିଶ୍ର ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁଙ୍କ ଅଧିକାର ସୁରକ୍ଷା ଏବଂ ଆଇନ ସହ ଛନ୍ଦି ଥିବା ଶିଶୁମାନଙ୍କ ପାଇଁ ଜୁଭେନାଇଲ ଜଷ୍ଟିସ ଆଇନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଦୁର୍ବଳ ଓ ଅବହେଳିତ ଶିଶୁଙ୍କୁ ସୁରକ୍ଷା ଦେବା ଏବଂ ସେମାନଙ୍କର ପୁନର୍ବାସନ ଓ ସମାଜରେ ପୁନଃସଂଯୋଗୀକରଣ ପାଇଁ ଆଇନଗତ ପ୍ରଣାଳୀ ବୁଝିବାକୁ ସଭିଙ୍କୁ ଆହ୍ୱାନ ଦେଇଥିଲେ। ଶିକ୍ଷାର ଅଧିକାର ଆଇନ ଉପରେ ଆଲୋଚନାରେ ୬ରୁ ୧୪ ବର୍ଷ ବୟସର ସମସ୍ତ ଶିଶୁଙ୍କ ପାଇଁ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବାର ଏହାର ଆଦେଶ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଚାରପତି ମିଶ୍ର ଆର୍ଥ-ସାମାଜିକ ବାଧା ହେତୁ କୌଣସି ଶିଶୁ ଶିକ୍ଷାରୁ ବଞ୍ଚିତ ନ ହେବା ପାଇଁ ସମୁଦାୟର ଭାଗିଦାରୀର ମହତ୍ତ୍ୱ ଉପରେ ଜୋର ଦେଇଥିଲେ।

## ୩ ବାଲି ବୋଝେଇ ହାଇୱା ଜବତ

କରଞ୍ଜିଆ, ୧୮।୭ (ସମିସ): ତିନ ବେଆଇନ ବାଲି ବୋଝେଇ ହାଇୱାକୁ ପୁଲିସ ଜବତ କରିବା ସହିତ ଚାଳକ ଫେରାର ହୋଇଯାଇଛନ୍ତି। ଶୁକ୍ରବାର ଭୋରୁ ଠାକୁରମୁଣ୍ଡା- କରଞ୍ଜିଆ ୫୩ ନମ୍ବର ରାଜ୍ୟ ରାଜପଥ ଅସନବଣୀ ଓ ପାଟବିଲ ନିକଟରୁ ପାଞ୍ଚପୀଢ ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାଏକ ଆନନ୍ଦପୁର ବୈତରଣୀ ନଦୀରୁ ବେଆଇନ ବାଲି ଚୋରା ଚାଲାଣ ହେଉଥିବା ଖବର ପାଇ ୩ଟି ହାଇୱାକୁ ଜବତ କରିଛନ୍ତି। ଜବତ ହୋଇଥିବା ୨ଟି ହାଇୱାକୁ କରଞ୍ଜିଆ ପୋଲିସ ଥାନା ପରିସରକୁ ପଠାଇଥିବା ବେଳେ ଗୋଟିଏକୁ ଠାକୁରମୁଣ୍ଡା ଥାନା ପରିସରକୁ ପଠାଇଛନ୍ତି ବୋଲି ଶ୍ରୀ ନାଏକ ସୂଚନା ଦେଇଛନ୍ତି।

## ବେଆଇନ ଦେଶୀ ମଦ ଜବତ; ତିନି ଗିରଫ

ବେତନଟୀ, ୧୮।୭ (ସମିସ): ବେତନଟୀ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ବେଆଇନ ଦେଶୀ ମଦ ଜବତ କରାଯାଇ ତିନି ଜଣକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ତିନି ଜଣ ହେଲେ ବଡ଼ସାହି ଆମ୍ବଡାଳୀ ଅଞ୍ଚଳର ଜସୁ ବଗଲ, ଗିରି ବଗଲ। ଅନ୍ୟଜଣେ ବୈସିଙ୍ଗା ଜଡ଼ିଦା ଅଞ୍ଚଳର ଲକ୍ଷ୍ମଣ ବେହେରା। ତିନିଜଣଙ୍କ ନିକଟରୁ ମୋଟ ୫୫ ଲିଟର ଦେଶୀ ମଦ ଜବତ କରାଯାଇଛି। ଗିରଫ ପରେ ତିନି ଅଭିଯୁକ୍ତଙ୍କୁ ବେତନଟୀ କୋର୍ଟ ଚାଲାଣ କରାଯାଇଛି।

## ମହିଳା ମହାବିଦ୍ୟାଳୟରେ ଆଇସିସିର ସଚେତନତା ବୈଠକ

କରଞ୍ଜିଆ, ୧୮।୭ (ସମିସ): କରଞ୍ଜିଆସ୍ଥିତ ପାଞ୍ଚପୀଢ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମହିଳାଙ୍କୁ ଯୌନ ଉତ୍ପୀଡନ ସମ୍ପର୍କିତ ଗଠିତ ଆନ୍ତଃ ଅଭିଯୋଗ ସମିତି (ଆଇସିସି) ପକ୍ଷରୁ ଆଜି ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇସିସିର ଆବାହକ ତଥା ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଣତି ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଇସିସି ସଭ୍ୟା ଭାରତୀ ରାଜ, ସଭ୍ୟା ଅଧ୍ୟାପିକା ମିଳାମଣି ମହାନ୍ତ, ସଭ୍ୟା ଅନିତା ମୁଣ୍ଡା ସଭ୍ୟା ଓ ଅଧ୍ୟାପିକା ଏନଏସଜି ପାୟଲ, ଅର୍ଚ୍ଚିତା ବାରିକ, ରଶ୍ମି ଖଣ୍ଡେତ୍ ପ୍ରାମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଶ୍ରୀମତୀ ପାୟଲ ଅତିଥି ପରିଚୟ ଦେଇଥିଲେ। ସଭାପତି ସେବତୀ ପୃଷ୍ଟି ଆଇସିସି ଗଠନ ହେବାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ସୂଚନା ଦେଇଥିଲେ। ୨୦୧୨ ମସିହାରେ ନିର୍ଭୟା କାଣ୍ଡ ଘଟିବା ପରେ ୨୦୧୩ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ କେନ୍ଦ୍ର ସରକାର ମହିଳାଙ୍କ ସୁରକ୍ଷା ପାଇଁ ପ୍ରିଭେନସନ, ପ୍ରୋହିବିସନ ଆଣ୍ଡ ରିଡ୍ରେସାଲ ଆକ୍ଟ ୨୦୧୩କୁ ଲାଗୁ କରିଥିଲେ। ଆଇନର ପ୍ରାବଧାନ ଅନୁଯାୟୀ ଯେକୌଣସି ସରକାରୀ ଅଥବା ବେସରକାରୀ ଅନୁଷ୍ଠାନରେ ୧୦ରୁ ଅଧିକ ମହିଳା ଥିବେ ସେଠାରେ ଆନ୍ତଃ ଅଭିଯୋଗ ସମିତି ଗଠନ ପାଇଁ ସରକାରୀ ନିର୍ଦ୍ଦେଶନାମା ଥିଲା। ଯୌନ ଉତ୍ପୀଡନ କ୍ଷେତ୍ରର ପରିସୀମା, ଆପତ୍ତି ଅଭିଯୋଗର ପଦ୍ଧତି, ପ୍ରକାର ଭେଦ, ଦଣ୍ଡବିଧାନ ଓ ଶୂନ୍ୟ ସହନଶୀଳତା ସମ୍ପର୍କରେ ବକ୍ତା ମାନେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଶେଷରେ ଅଧ୍ୟାପିକା ଏନ୍. ଏସ୍ ପାୟଲ ଧନ୍ୟବାଦ୍ ଦେଇଥିଲେ।

**ସାହାଣୀ କପ୍ ଫୁଟ୍‌ବଲ**

# ଆର୍‌ଏସ୍‌ପି ୪-୩ ଗୋଲରେ ବିଜୟୀ, କେନ୍ଦୁଝର-ଯାଜପୁର ମ୍ୟାଚ ଡ୍ର’

କେନ୍ଦୁଝର, ୧୮।୭ (ସମିସ)



କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥା ଆନୁକୂଲ୍ୟରେ ଏବଂ ଫୁଟବଲ ଆସୋସିଏସନ ଅଫ ଓଡ଼ିଶା, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ସହାୟତାରେ କେନ୍ଦୁଝର ଷ୍ଟାଡିୟମ ପଡ଼ିଆଠାରେ ଆଜି ୬୪ତମ ସାହାଣୀ କପ ସିନିଅର ଆନ୍ତଃଜିଲ୍ଲା ପୁରୁଷ ଫୁଟବଲ ଟୁର୍ନାମେଣ୍ଟର ତୃତୀୟ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି। ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ଆଜିର ଏକ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ତଥା ଉତ୍ତେଜନା ପୂର୍ଣ୍ଣ ପ୍ରଥମ ଖେଳରେ ଘରୋଇ କେନ୍ଦୁଝର ଏବଂ ଯାଜପୁର ମଧ୍ୟରେ ୨-୨ ଗୋଲ ବିନିମୟରେ ସମାପ୍ତ ହୋଇ ଖେଳ ଡ୍ର ରହିଛି। ପ୍ରଥମାର୍ଦ୍ଧ ଖେଳର ୩୦ତମ ମିନିଟରେ କେନ୍ଦୁଝରର ଗୋଲରକ୍ଷକ ଯଦୁନାଥ ସର୍ଦ୍ଦାର ବିପଜ୍ଜନକ ଖେଳ ପ୍ରଦର୍ଶନ କରିବାରୁ ରେଫରୀ ସୁବ୍ରତ ପୁରୋହିତ ତାଙ୍କୁ ପଡ଼ିଆରୁ ବାହାର କରିଥିଲେ। ୩୭ ମିନିଟରେ ଯାଜପୁର ପକ୍ଷରୁ ଜର୍ସି ନମ୍ବର ୬ ଅଜୟ ସୋରେନ ପ୍ରଥମ ଗୋଲ କରିଥିଲେ। ଦ୍ୱିତୀୟାର୍ଦ୍ଧର ୭୩ତମ ମିନିଟରେ ରାଇଟ ଉଇଙ୍ଗର ଭଞ୍ଜକିଶୋର ହାଁସଦା ଦ୍ୱିତୀୟ ଗୋଲ କରିଥିଲେ। ମାତ୍ର ୭୫ତମ ମିନିଟରେ କେନ୍ଦୁଝରର ଲେଫ୍ଟ ଉଇଙ୍ଗର ମଙ୍ଗଳ ମୁଣ୍ଡା ଏକ ଦର୍ଶନୀୟ ଗୋଲ ଜରିଆରେ ଗୋଲଟିକୁ ପରିଶୋଧ କରିଦେଇଥିଲେ। ଖେଳ ଶେଷ ହୁଇସିଲ ବାଜିବାର ଏକ ମିନିଟ ପୂର୍ବରୁ ଘରୋଇ ଦଳର ମିଡଫିଲଡର ଅନ୍ୟ ଏକ ଗୋଲ ପରିଶୋଧ କରି ଖେଳକୁ ସମାନ ସ୍ତରକୁ ଆଣିବା ସହ ମ୍ୟାଚ ଡ୍ର ରଖିବାରେ ସକ୍ଷମ ହୋଇଥିଲେ।

ଦ୍ୱିତୀୟ ଖେଳରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଅନୁଗୋଳ ଜିଲ୍ଲା ବିପକ୍ଷରେ ୪-୩ ଗୋଲରେ ବିଜୟୀ ହୋଇ ପୁରା ପଏଣ୍ଟ ହାସଲ କରିଛି। ପ୍ରଥମାର୍ଦ୍ଧ ଖେଳର ୪ ମିନିଟରେ ରାଉରକେଲାର ଷ୍ଟ୍ରାଇକର ସୁରେଶ ଖାଡ଼ିଆ ଦଳ ପକ୍ଷରୁ ପ୍ରଥମ ଗୋଲ କରିଥିବା ବେଳେ ୩୬ତମ ମିନିଟରେ ଅନୁଗୋଳର ରାଇଟ ଉଇଙ୍ଗର ଅନ୍ତର୍ଯ୍ୟାମୀ ନାୟକ ଗୋଲଟିକୁ ପରିଶୋଧ କରିଥିଲେ। ମାତ୍ର ୪୩ତମ ମିନିଟରେ ରାଉରକେଲା ପକ୍ଷରୁ ରମେଶ ଓରାମ ଅନ୍ୟ ଏକ ଗୋଲ କରିଥିଲେ। ଦ୍ୱିତୀୟାର୍ଦ୍ଧର ୪୯ ମିନିଟରେ ରାଉରକେଲା ପକ୍ଷରୁ ସୁରେଶ ଖାଡ଼ିଆ ଆଉ ଏକ ଗୋଲ କରିଥିଲେ। ମାତ୍ର ୬୪ତମ ମିନିଟରେ ଏବଂ ୭୪ତମ ମିନିଟରେ ଅନୁଗୋଳ ପକ୍ଷରୁ ପରାଉ ମୁର୍ମୁ ଲଗାତାର ଦୁଇଟି ଗୋଲ କରି ଖେଳକୁ ସମାନ ସ୍ତରକୁ ଆଣିଥିଲେ। ଶେଷରେ ରାଉରକେଲାର ତାରକା ଖେଳାଳି ଚତୁର୍ଥ ଗୋଲଟି କରି ଦଳକୁ ୪-୩ ଗୋଲରେ ବିଜୟୀ କରାଇଥିଲେ।

ଆଜି ଖେଳ ଆରମ୍ଭ ହେବା ପୂର୍ବରୁ ଅତିଥି ସଦର ବିଡିଓ ବିନୋଦଚନ୍ଦ୍ର ପଣ୍ଡା, ଜିଲ୍ଲା ନିଯୋଜନ ଅଧିକାରୀ ଗଣେଶ୍ୱର ନାୟକ, ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ, ବରୋଦା ପ୍ରସାଦ ସାହୁଙ୍କ ସହ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ସଂଯୋଜକ ଗଣେଶ୍ୱର ମହାନ୍ତ, ଜିଲ୍ଲା କ୍ରୀଡା ସଂସ୍ଥା ଉପସଭାପତି ସୁରେଶଚନ୍ଦ୍ର ପଟ୍ଟନାୟକ, ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର ପାଢ଼ୀ, କୋଷାଧକ୍ଷ ସରୋଜ ରଣା, କାଉନସିଲ ସଦସ୍ୟ ସୁରେଶ ରଣା, ରାଜକୁମାର ମିଶ୍ର, ବୀରେନ୍ଦ୍ର ମହାନ୍ତ ଏବଂ ଗିରୀଶଚନ୍ଦ୍ର ହୋତା ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଖେଳରେ ସୁବ୍ରତ ପୁରୋହିତ ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ଜଗନ୍ନାଥ କହ୍ନର ଓ ମହେଶ ପ୍ରଧାନ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ବାପୁନ ମହାନ୍ତ। ସେହିପରି ଦ୍ୱିତୀୟ ଖେଳରେ ଆଶୀର୍ବାଦ କାନୁନଗୋ ରେଫରୀ ଦାୟିତ୍ୱ ଥିବା ବେଳେ ଲାଇନରେ ଅରୁଣ ନାୟକ ଓ ରତ୍ନାକର ସୋରେନ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ରାଇମୋହନ ମୁର୍ମୁ। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା ପକ୍ଷରୁ ସଞ୍ଜୟ ନାଏକ, କରୁଣାକର ବେହେରା ଓ ସନ୍ତୋଷ ମହାରଣା ଚୟନକର୍ତ୍ତା ଭାବେ ସୁରେଶ ଦାଶ ମ୍ୟାଚ କମିଶନର ଥିଲେ।

## ପ୍ରତିଭା ସମ୍ମାନ ତାଲିକାରୁ ପଦ୍ମଶ୍ରୀ ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ବାଦ

ଖିଚିଂ, ୧୮।୭ (ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ୨୦୨୫-୨୬ ବର୍ଷ ପାଇଁ କଳା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ଦିବସ ପାଳନ କରି ସମ୍ମାନ ପ୍ରଦର୍ଶନ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହି ଉପଲକ୍ଷେ ରାଜ୍ୟର ବିଭିନ୍ନ ବର୍ଗର ୬୩ ଜଣ ପ୍ରତିଭାସମ୍ପନ୍ନ ବ୍ୟକ୍ତିଙ୍କ ନାମ ତାଲିକା ପ୍ରସ୍ତୁତ ହୋଇଛି; ମାତ୍ର ଦୁଃଖର ବିଷୟ ଯେ, ଖିଚିଂ ଗ୍ରାମରେ ପୂଜକ ପରିବାରରେ ଜନ୍ମଗ୍ରହଣ କରିଥିବା ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଐତିହାସିକ, ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିତ, ଧୂରୀଣ ଗବେଷକ ଓ ପ୍ରଥିତଯଶା ସାହିତ୍ୟିକ ପଦ୍ମଶ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ନାମ ଏହି ତାଲିକାରୁ ବାଦ ଦିଆଯାଇଛି। ଫଳରେ ଏ ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ଏଥିସହିତ ମୟୂରଭଞ୍ଜ ମାଟିର ଅନେକ ଯଶସ୍ୱୀ ସାରସ୍ୱତ ସାଧକ ଏହି ତାଲିକାରୁ ବାଦ ପଡ଼ିବା ଫଳରେ ଜିଲ୍ଲାର ସ୍ୱାଭିମାନ ପ୍ରତି ଆଞ୍ଚ ଆସିଛି। ଜିଲ୍ଲାବାସୀଙ୍କ ଏହି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ସୁଚିନ୍ତିତ ବିଚର ଆଲୋଚନା କରାଯାଇ ତାଲିକାକୁ ପୁଣି ସଂଶୋଧନ କରିବାକୁ ସାଧାରଣରେ ଦାବି ହେଉଛି।

## ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରଶିକ୍ଷଣ



କେନ୍ଦୁଝର, ୧୮।୭ (ସମିସ): କେନ୍ଦୁଝର ଜିଲ୍ଲା ପ୍ରଶାସନ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ସହଯୋଗରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପାଇଁ ଆବାସିକ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ରବୀନ୍ଦ୍ର ପ୍ରଧାନ, ଡେପୁଟି କଲେକ୍ଟର ଅଭିଳାଷ ପୁରୋହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲାର ୧୩ଟି ବ୍ଲକର ୨୯୭ ପଞ୍ଚାୟତର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଛଅଟି ବ୍ୟାଚରେ ଏହି ପ୍ରଶିକ୍ଷଣରେ ଯୋଗ ଦେବେ, ଯାହା ୬ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ ଚାଲିବ। ପ୍ରଶିକ୍ଷଣରେ ବିପର୍ଯ୍ୟୟ ପରିଚାଳନା ଆଇନ୍ ୨୦୦୫, ସତର୍କତା ପ୍ରଣାଳୀ, ଆଶ୍ରୟସ୍ଥଳ ପରିଚାଳନା, ଗ୍ରାମପଞ୍ଚାୟତର ଭୂମିକା ଆଦି ବିଷୟ ଉପରେ ଆଲୋଚନା ହେବ।

## ଶିକ୍ଷା ବିଭାଗର ବଦଳି ପ୍ରକ୍ରିୟା

### ଅନ୍‌ଲାଇନ୍ ଆବେଦନ କରି ଚାହିଁ ରହିଛନ୍ତି ଶିକ୍ଷକ, ଶିକ୍ଷୟିତ୍ରୀ

# ଗଡ଼ୁଛି ଦିନ, ପ୍ରକାଶ ପାଉନି ତାଲିକା

**ବଲାଙ୍ଗିର, ୧୮।୭ (ସମିସ)**

ଶିକ୍ଷା ବିଭାଗରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବଦଳି ପ୍ରକ୍ରିୟାକୁ ନେଇ ସବୁବେଳେ ବିବାଦ ଦେଖାଦେଇଆସିଛି। ବଦଳି କ୍ୟାଲେଣ୍ଡର ଏକାଧିକ ଥର ପରିବର୍ତ୍ତନ ହେବାସହ ବଦଳି ମଧ୍ୟ ବିଳମ୍ବ ହେବାରେ ଲାଗିଛି। ଏହି ପ୍ରକ୍ରିୟା ହେବାଭିତରେ ଏବେ ବଲାଙ୍ଗିର ଜିଲ୍ଲାରେ ପ୍ରାୟ ହଜାରେ ଶିକ୍ଷକ ନିଜନିଜ ବଦଳି ପାଇଁ ଚାହିଁ ରହିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଚଳିତବର୍ଷରୁ ବିଧାୟକମାନେ ମଧ୍ୟ ୧୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବଦଳି କରିପାରିବେ ବୋଲି ନିଷ୍ପତ୍ତି ହୋଇଥିବା ବେଳେ ତାକୁ ନେଇ ମଧ୍ୟ ଦ୍ୱନ୍ଦ ଦେଖାଦେଇଛି।

ଶିକ୍ଷା ବିଭାଗରେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ବଦଳି ପ୍ରାୟତଃ ସବୁବେଳେ ବିବାଦୀୟ ଓ ଚର୍ଚ୍ଚିତ ହୋଇ ରହିଛି। ରାଜ୍ୟରେ ବିଜେପି ସରକାର ଆସିବା ପରେ ଏହାକୁ ସଫଳତାର ସହ ତ୍ୱରାନ୍ୱିତ କରିବାପାଇଁ ଶିକ୍ଷାବିଭାଗ ବାହାସ୍ଫୋଟ ମାରିଆସୁଥିବା ବେଳେ ଏବେବି ଅବସ୍ଥା ସାଂଘାତିକ ରହିଛି। ଆବେଦନ କରିବା ତାରିଖ ବାରମ୍ବାର ପରିବର୍ତ୍ତନ କରାଯାଉଥିବାବେଳେ କେବେ ବଦଳି ତାଲିକା ପ୍ରକାଶ ପାଇବ ତାକୁ ନେଇ ଆବେଦକ ଶିକ୍ଷକ ଶିକ୍ଷୟିତ୍ରୀ ଚିନ୍ତାରେ ରହିଛନ୍ତି। ବିଭାଗୀୟ ସୂଚନା ଅନୁସାରେ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅନଲାଇନ ଆବେଦନ ମେ' ୧୫ରେ ଆରମ୍ଭ ହୋଇଥିବା ବେଳେ ଜୁନ୍ ୬ ପର୍ଯ୍ୟନ୍ତ ରଖାଯାଇଥିଲା। ଜୁନ୍ ୯ ରୁ ୧୬ ତାରିଖ ପର୍ଯ୍ୟନ୍ତ ବିଇଓ ଓ ଡିଇଓମାନଙ୍କ ଦ୍ୱାରା ଆବେଦନ ଯାଞ୍ଚ ସମୟ ରହିଥିବା ବେଳେ ୧୭ ରୁ ୧୮ ପର୍ଯ୍ୟନ୍ତ ଜିଲ୍ଲା ବାହାରକୁ ବଦଳି ପାଇଁ ରହିଥିବା ଯୋଗ୍ୟ ଆବେଦନ ନିର୍ଦ୍ଦେଶାଳୟକୁ ପଠାଇବା ପାଇଁ ଗଣଶିକ୍ଷା ବିଭାଗ ସମୟ ଧାର୍ଯ୍ୟ କରିଥିଲା। ଏହା ସରିବାପରେ ଜୁଲାଇ ୧୮ରେ ବଦଳି ତାଲିକା ଓସେପା ୱେବ୍‌ସାଇଟରେ ଅପଲୋଡ କରିବାକୁ ପରିବର୍ତ୍ତିତ କ୍ୟାଲେଣ୍ଡରରେ ସମୟ ଧାର୍ଯ୍ୟ କରାଯାଇଥିଲା। ଯାହାକି ଏକାଧିକ ପରିବର୍ତ୍ତନ ହୋଇଥିବା ଜଣାପଡ଼ିଛି। ସେହିପରି ମାଧ୍ୟମିକ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ବଦଳି ପାଇଁ ଅନଲାଇନ ପୋର୍ଟାଲ ମେ' ୨୧ରୁ ଆରମ୍ଭ ହୋଇଥିବା ବେଳେ ଜୁନ୍ ୫ ପର୍ଯ୍ୟନ୍ତ ଆବେଦନ ସମୟ ଧାର୍ଯ୍ୟ କରାଯାଇଥିଲା। ଜୁନ୍ ୬ ରୁ ୧୧ ପର୍ଯ୍ୟନ୍ତ ଯାଞ୍ଚ ପ୍ରକ୍ରିୟା ରହିଥିବାବେଳେ ଜୁନ୍ ୨୪ ରୁ ୨୫ ମଧ୍ୟରେ ବୈଠକ କରାଯିବା ସହ ତାଲିକା ପ୍ରସ୍ତୁତ କରିବାକୁ ସମୟ ବିଭାଗ ଧାର୍ଯ୍ୟ କରିଥିଲା। ସେହିପରି ଜୁନ୍ ୨୬ରୁ ୩୦ ମଧ୍ୟରେ ବଦଳି ନିର୍ଦ୍ଦେଶ ପ୍ରକାଶ କରିବା ସହ ଜୁଲାଇ ୧ରୁ ୭ ଭିତରେ ସେମାନଙ୍କ ରିଲିଭ ଓ ଜଏନିଂ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ରହିଥିଲା। କିନ୍ତୁ ଏହି କ୍ୟାଲେଣ୍ଡରକୁ ୧୦ ଦିନ ବିତିଯାଇଥିବା ବେଳେ ବଲାଙ୍ଗିର ଜିଲ୍ଲାରେ ବଦଳି ତାଲିକା ପ୍ରକାଶ ପାଇନାହିଁ କି ଆଉ କେତେ ଦିନ ଲାଗିବ ସେନେଇ କୌଣସି ସ୍ପଷ୍ଟ ସୂଚନା ନାହିଁ। ତେବେ ଏହି ବଦଳି ପ୍ରକ୍ରିୟାରେ ବଲାଙ୍ଗିର ଜିଲ୍ଲାର ୧୦୬୬ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅନଲାଇନ ଆବେଦନ କରିଛନ୍ତି। ଏହି ୧୦୬୬ ଜଣଙ୍କ ମଧ୍ୟରେ ୭୭୩ ଜଣ ପ୍ରାଥମିକ ଓ ୨୯୩ ଜଣ ମାଧ୍ୟମିକ ଶିକ୍ଷକ ଶିକ୍ଷୟିତ୍ରୀ ରହିଛନ୍ତି। ୨୦୧ ଜଣ ସ୍ୱାସ୍ଥ୍ୟଗତ କାରଣ ଦେଖାଇଥିବାବେଳେ ୧୪୨ ଜଣ ସ୍ୱାଉସ କାରଣ ଦେଖାଇ ବଦଳି ପାଇଁ ଆବେଦନ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଚଳିତବର୍ଷ ଜିଲ୍ଲାର ବିଧାୟକମାନେ ମଧ୍ୟ ନିଜ କୋଟାରେ ୧୫ ଜଣଙ୍କ ବଦଳି ପାଇଁ ବିଭାଗକୁ ଜଣାଇପାରିବେ। ଏହିକ୍ରମରେ ଜିଲ୍ଲାର ୫ ଜଣ ବିଧାୟକଙ୍କ ପାଖରେ ୭୫ ଜଣ ଙ୍କ ବଦଳି କ୍ଷମତା ରହିଥିବା ବେଳେ କିଛି ବିଧାୟକ ଶତାଧିକ ଆବେଦନ ଫର୍ମ ଶିକ୍ଷା ବିଭାଗକୁ ଦେଇଥିବା ଜଣାପଡ଼ିଛି। ବଦଳି ପାଇଁ ଏତେ ସଂଖ୍ୟାରେ ଆବେଦନ ଓ ରାଜନୈତିକ ଚାପ ଭିତରେ ବଦଳି ତାଲିକା ବିଳମ୍ବ ହେଉଥିବା ଆଲୋଚନା ହେଉଛି। ଏହା ସହିତ ବଦଳି ପାଇଁ ବିଭାଗୀୟ କିଛି ଅସାଧୁ କର୍ମଚାରୀ ଟଙ୍କା କାରବାର ଚଳାଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏନେଇ ଶିକ୍ଷା ବିଭାଗ ଦୃଷ୍ଟି ଦେବାସହ ଏହାର ସମାଧାନ କରିବାକୁ ଦାବି ହୋଇଛି।

**ବଦଳି ଅପେକ୍ଷାରେ ୧୦୬୬ ଶିକ୍ଷକ ଶିକ୍ଷୟିତ୍ରୀ**

---

### କଣ୍ଟାବାଞ୍ଜି ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର

# ରୋଗୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**କଣ୍ଟାବାଞ୍ଜି, ୧୮।୭ (ସମିସ):** ଲୋକେ କେମିତି ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇପାରିବେ ସେଥିପାଇଁ ସରକାର ସବୁବେଳେ ତତ୍ପରତାଶୀଳ ରହିଛନ୍ତି। ଯେଉଁ ରୋଗୀଙ୍କ ସେବା କରିବାକୁ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ କର୍ମଚାରୀ ନିୟୋଜିତ ହୋଇ ସରକାର ଦରମା ଦେଉଛନ୍ତି। ସେହି ରୋଗୀଙ୍କୁ ଠିକ ଭାବରେ ବ୍ୟବହାର କରାଯାଉନଥିବା ଅଭିଯୋଗ ହେଉଛି। ଏଭଳି ଅଭିଯୋଗ ସାମ୍ନାକୁ ଆସିଛି ବଲାଙ୍ଗି ଜିଲ୍ଲା କଣ୍ଟାବାଞ୍ଜି ସହରରେ ଥିବା ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରୁ। ୨୦୨୨ ମସିହାରେ କଣ୍ଟାବାଞ୍ଜି ସହରରେ ଏହି ସରକାରୀ ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଆରମ୍ଭ ହୋଇଥିବା ସେହି ସମୟରେ ଏଠାରେ କାର୍ଯ୍ୟରତ ଡାକ୍ତର ଓ କର୍ମଚାରୀ ରୋଗୀଙ୍କ ପ୍ରତି ଦେଉଥିବା ବ୍ୟବହାର ଓ ଉତ୍ତମ ଚିକିତ୍ସା ଯୋଗୁଁ ଡାକ୍ତରଖାନା ଛାଡି ରୋଗୀ ଏଠାକୁ ଆସୁଥିଲେ। ବର୍ତ୍ତମାନ ନର୍ସ ଓ ଅନ୍ୟ କର୍ମଚାରୀମାନେ ରୋଗୀଙ୍କୁ ଠିକ ଭାବରେ ଚିକିତ୍ସା କରିବାତ ଦୁରର କଥା ଦୁର୍ବ୍ୟବହାର କରିବାକୁ ପଛାଉ ନାହାଁନ୍ତି। ଏନେଇ ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ବଲାଙ୍ଗିର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।




---

### ■ ଭୀମଭୋଇ ମେଡିକାଲ କଲେଜ ରାସ୍ତା ଅବସ୍ଥା ବେହାଲ

# ଡାକ୍ତରଖାନା ପଛଗେଟ ରାସ୍ତା ନିର୍ମାଣ କେବେ

**ବଲାଙ୍ଗିର, ୧୮।୭ (ସମିସ):** ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା ଅନେକ ବାଦବିବାଦ ଭିତରେ ନୂତନ କୋଠାକୁ ସ୍ଥାନାନ୍ତର ହୋଇଛି। ପ୍ରାୟତଃ ସବୁବିଭାଗ ନୂତନ କୋଠାରେ ଚାଲିଥିବାବେଳେ ଲୋକଙ୍କ ଭିଡ଼ ମଧ୍ୟ ସେହି ଅନୁସାରେ ଦିନକୁଦିନ ବଢ଼ିବାରେ ଲାଗିଛି। ତେବେ ମେଡିକାଲ କଲେଜ ଡାକ୍ତରଖାନାକୁ ଯିବାପାଇଁ ଦୁଇଟି ରାସ୍ତା ରହିଥିବାବେଳେ ଗୋଟିଏ ରାସ୍ତା ଠିକ ରହିଛି କିନ୍ତୁ ପଛପଟ ରାସ୍ତାର ଅବସ୍ଥା ନକହିବା ଭଲ। ଆଜିର ସମୟରେ ବି ଡାକ୍ତରଖାନାକୁ ଯିବା ରାସ୍ତା ମେଟାଲ, ମାଟି ରାସ୍ତା ରହିଛି।

ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜକୁ ଲାଗି ଟିଂଟିଂ ଡାକ୍ତରଖାନା ନିର୍ମାଣ କରାଯାଇଛି। ଅନେକ ବାଦ ବିବାଦ

### ସମସ୍ୟା ଭୋଗୁଛନ୍ତି ରୋଗୀ

ପରେ କିଛିଦିନ ହେଲା ନୂତନ କୋଠାରେ ଡାକ୍ତରଖାନା କାର୍ଯ୍ୟକ୍ଷମ ହୋଇଛି। ଶିଶୁ, ସ୍ତ୍ରୀ ଓ ପ୍ରସୂତି ବିଭାଗକୁ ଛାଡ଼ିଦେଲେ ଅନ୍ୟ ପ୍ରାୟ ସବୁବିଭାଗ ଆରମ୍ଭ ହୋଇସାରିଛି। ଏକ ବଡ କ୍ୟାମ୍ପସରେ ଏହା ନିର୍ମାଣ ହୋଇଥିବାବେଳେ ଦିନକୁଦିନ ରୋଗୀ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଥିବା ଦେଖିବାକୁ ମଳିଛି। ବର୍ତ୍ତମାନ ଏହି ଡାକ୍ତରଖାନାକୁ ଯିବା ଆସିବା ପାଇଁ ରାସ୍ତା ସମସ୍ୟା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଏହି ଡାକ୍ତରଖାନା ପାଇଁ ଦୁଇଟି ମୁଖ୍ୟ ଗେଟର ବ୍ୟବସ୍ଥା ରହିଛି। ଗୋଟିଏ ମେଡିକାଲ କଲେଜ ଗେଟ ଭଳି ସିଧାସଳଖ ଲୋୟର ସୁକତେଲ କାର୍ଯ୍ୟାଳୟ ଦେଇ ବଲାଙ୍ଗିର - ପାଟଣାଗଡ଼ ରାସ୍ତାକୁ ସଂଯୋଗ କରୁଛି ଯାହାକି ପ୍ରଶସ୍ତ ପିଚୁ ରାସ୍ତା ରହିଛି। କିନ୍ତୁ ପଛପଟ ରାସ୍ତା ଏବେବି ଠିକ ଭାବେ ନିର୍ମାଣ କରାଯାଇ ନ ଥିବା ଦେଖିବାକୁ ମିଳିଛି। ପଛପଟ ରାସ୍ତା ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ସଂଯୋଗ କରିବା ସହ ବଲାଙ୍ଗିର - ଟିଟିଲାଗଡ଼ ରାସ୍ତାକୁ ରିଂ ରୋଡ ରାସ୍ତା ଦେଇ ସଂଯୋଗ କରିଛି। ତେବେ ଡାକ୍ତରଖାନା ଗେଟ ପାଖରୁ ପ୍ରାୟ ଅଧା କିମି ରାସ୍ତା ଏବେବି ମାଟି ଓ ମେଟାଲ ରାସ୍ତା



ରହିଛି। ଅଧା ରାସ୍ତା ପିଚୁ ରହିଥିବା ବେଳେ ଅଧା ମାଟି ରାସ୍ତା ରହିଛି। ତଥାପି ବହୁ ସଂଖ୍ୟାରେ ଲୋକ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ବଲାଙ୍ଗିର - ଟିଟିଲାଗଡ଼ ପଟୁ ଆସୁଥିବା ରୋଗୀମାନେ ରିଂ ରୋଡରେ ଆସି ଏହି ରାସ୍ତା ଦେଇ ଡାକ୍ତରଖାନାକୁ ଯାଉଥିବାବେଳେ ଖରାପ ରାସ୍ତା ଯୋଗୁଁ ଅନେକ ସମସ୍ୟା ଦେଖାଦେଇଥିବା ଅଭିଯୋଗ ହୋଇଛି। ତେବେ ଡାକ୍ତରଖାନା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଡାକ୍ତରଖାନା ର ପଛପଟ ରାସ୍ତାର ମଧ୍ୟ ଉନ୍ନତିକରଣ କରିବାକୁ ଦାବି ହୋଇଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

---

### ଚିକିତ୍ସାରେ ଅବହେଳା

# ରୋଗୀଙ୍କ ଖାଦ୍ୟନଳୀ କାଟିଦେଲେ

**ବଲାଙ୍ଗିର, ୧୮।୭ (ସମିସ) :** ବଲାଙ୍ଗିର ଜିଲ୍ଲାରେ ପୁଣି ଚିକିତ୍ସାରେ ଅବହେଳା ଅଭିଯୋଗ। ଚିକିତ୍ସା ଅବହେଳା ଯୋଗୁଁ ଜଣେ ମହିଳା ଗୁରୁତର ହୋଇଥିବା ବେଳେ ଏହାକୁ ନେଇ ଅସନ୍ତୋଷ ଦେଖିବାକୁ ମିଳିଛି। ପୂର୍ବରୁ ଘରୋଇ ଡାକ୍ତରଖାନାରେ ଏହିଭଳି ଘଟଣା ସାମ୍ନା କୁ ଆସିଥିବା ବେଳେ ବର୍ତ୍ତମାନ ଟିଟିଲାଗଡ଼ ସରକାରୀ ଡାକ୍ତରଖାନାରୁ ଏହିଭଳି ଚିତ୍ର ସାମ୍ନା କୁ ଆସିଛି।

ସୂଚନା ଅନୁସାରେ ଶୁକ୍ରବାର ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନା ଅଧୀନରେ ଥିବା ପ୍ରସୂତି ଓ ଶିଶୁ ବିଭାଗରେ ଜଣେ ମହିଳା ଗୁରୁତର ହୋଇପଡ଼ିଥିଲେ। ସମ୍ପୃକ୍ତ ମହିଳା ଜଣକ ସଇଁତଳା ବ୍ଲକ ଡୁକେର୍ଚରା ଗାଁର ଅନୀତା ତାଣ୍ଡି। ଅନୀତାଙ୍କୁ ଫ୍ୟାମିଲି ପ୍ଲାନିଂ ଅପରେସନ ପାଇଁ ଟିଟିଲାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅପରେସନ ସମୟରେ ସେ ଗୁରୁତର ହୋଇ ପଡ଼ିବାରୁ ତାଙ୍କୁ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ୍ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଏନେଇ ପରିବାର ଲୋକେ ଡାକ୍ତରଙ୍କୁ ପଚାରିବାରୁ ମହିଳା ଙ୍କ ଖାଦ୍ୟନଳୀ କଟି ଯାଇଥିବା କହିଥିଲେ। ତେବେ ଅପରେସନ ଚାଲୁଥିବା ସମୟରେ ମହିଳା ଜଣକ କାସି ଦେବାରୁ ବ୍ଲେଡ୍ ସାମାନ୍ୟ ବାଜିଥିବା ଡାକ୍ତର ସୂଚନା ଦେଇଥିଲେ। ତାହାର ଚିକିତ୍ସା ହୋଇଥିବାବେଳେ ଅବ୍‌ଜରବେସନ ପାଇଁ ତାଙ୍କୁ ବଲାଙ୍ଗିର ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ବର୍ତ୍ତମାନ ମହିଳା ଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବାବେଳେ ଅପରେସନ ସମୟ ରେ ଡାକ୍ତରମାନେ ସରକାରୀ ଡାକ୍ତରଖାନାରେ ଅବହେଳା ପ୍ରଦର୍ଶନ କରୁଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

---

# ଗ୍ରାମର ସାମୂହିକ ବିକାଶ ଦାବିକଲେ ପୂର୍ବତନ ସରପଞ୍ଚ

**ସଇଁତଳା, ୧୮।୭ (ସମିସ):** ସଇଁତଳାର ପୂର୍ବତନ ସରପଞ୍ଚ ଭୀମସେନ ସ୍ୱାଇଁ ସଇଁତଳା ସଦର ମହକୁମାକୁ ଏନ୍‌ଏସି କରିବା ସହ ଗ୍ରାମର ସାମୂହିକ ବିକାଶ ପାଇଁ ଦାବି ରଖିଛନ୍ତି। ସଇଁତଳା ବିବେକାନନ୍ଦ ପାଠାଗାରରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଶ୍ରୀ ସ୍ୱାଇଁ ସଇଁତଳା ସହରର ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆଣିବା, ତହସିଲ କାର୍ଯ୍ୟାଳୟଠାରେ ଏକ ରେଜେଷ୍ଟି କାର୍ଯ୍ୟାଳୟ ଖୋଲିବା, ଜାତୀୟ ରାଜପଥ କଡ଼ରେ ମୁଖ୍ୟ ଡ୍ରେନ୍ ନିର୍ମାଣ, ଦୈନିକ ବଜାର ଅଞ୍ଚଳ ପିଚୁ କିମ୍ବା ପେଭର ବ୍ଲକ ପକାଇବା, ଲାନ୍ଥ ନଦୀ ଉପରେ ଏକ ବ୍ୟାରେଜ ନିର୍ମାଣ, ପଞ୍ଚାୟତ ଅଞ୍ଚଳରେ ଥିବା ରାସ୍ତାଗୁଡ଼ିକର ପୁନଃନିର୍ମାଣ, ଡେଙ୍ଗସର୍ଗି ପଡ଼ିଆକୁ ମିନି ଷ୍ଟାଡିୟମ ନିର୍ମାଣ ଏବଂ ନିକଟରେ ଏକ ପାର୍କ ନିର୍ମାଣ କରିବାକୁ ଦାବି କରିଥିଲେ। ଏ ବିଷୟରେ ଅଞ୍ଚଳର ବିଧାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିବା କହିବା ସହ ଆଗାମୀ ଦିନରେ ଯଦି ଉପରୋକ୍ତ ବିଷୟରେ ଜନପ୍ରତିନିଧି କିମ୍ବା ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ସଇଁତଳାର ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି। ଚଳିତ ଗ୍ରୀଷ୍ମ ଋତୁରେ ସଇଁତଳା ଜନସାଧାରଣ ପାନୀୟଜଳ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହୋଇଥିବାବେଳେ ଦୀର୍ଘ ବର୍ଷରୁ ନିର୍ମାଣ ହୋଇଥିବା ପୁରୁଣା ପାଣି ଟାଙ୍କି ସ୍ଥାନରେ ନୂତନ ପାଣିଟାଙ୍କି ନିର୍ମାଣ କରି ସହରକୁ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଆଇନଜୀବୀ ମାନଭଞ୍ଜନ ପାଣିଗ୍ରାହୀ, ସମାଜସେବୀ ସୁରେଶ ନନ୍ଦ, ବିନୟ ଭୋଇ ଓ ପ୍ରଶାନ୍ତ ବଗର୍ତ୍ତି ଉପସ୍ଥିତ ଥିଲେ।



---

### ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦାବି

# କଣ୍ଟାବାଞ୍ଜି ସହରରେ ବିଜେଡିର ଶୋଭାଯାତ୍ରା






**କଣ୍ଟାବାଞ୍ଜି, ୧୮।୭ (ସମିସ):** ବାଲେଶ୍ୱର ଜିଲ୍ଲା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦାବିରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ବଲାଙ୍ଗିର ଜିଲ୍ଲା ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ତଥା ବିଜେଡି ନେତ୍ରୀ ନିରୁପମା ମାଝୀଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରା ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲା। ତହସିଲଦାରଙ୍କ ଜରିଆରେ ରାଜ୍ୟପାଳଙ୍କୁ ୮ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟ ସରକାରଙ୍କ ଏକବର୍ଷ ଶାସନ ଭିତରେ କଲେଜ ଛାତ୍ରୀ ଓ ମହିଳାଙ୍କ ନିର୍ଯାତନା ଭଳି ଘଟଣା ଚରମସୀମାରେ ପହଞ୍ଚିଛି। ସେହିଭଳି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ବନ୍ଦ କରାଯିବା ଫଳରେ ସାରା ରାଜ୍ୟରେ ଚାଷୀ, ମୂଲିଆ, ଖଟିଖିଆ, ଦିନ ମଜୁରିଆ ନାହିଁନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ବିଭାଗର ଡାକ୍ତର ପଦ ପୂରଣ କରାଯାଉ। ଜିଲ୍ଲାସ୍ତରରେ ଚାଷୀ ବୀମା ସମ୍ପର୍କିତ କୌଣସି କାର୍ଯ୍ୟାଳୟ ନ ଥିବାରୁ ଚାଷୀମାନେ ଅନେକ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଜିଲ୍ଲା ମୁଖ୍ୟଙ୍କର କୃଷିବୀମା କାର୍ଯ୍ୟାଳୟ ଖୋଲାଯାଉ। କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ରରେ ଅନ୍ତର୍ଗତ ତୁରେକେଲା, ମୁରିବାହାଲ, ବଙ୍ଗୋମୁଣ୍ଡା ବ୍ଲକ ମୁଖ୍ୟ କାର୍ଯ୍ୟାଳୟରେ ଷ୍ଟାଡିୟମ ସହ ମଲ୍ଟିଜିମ ନିର୍ମାଣ ପାଇଁ ଦାବି କରାଯାଇଛି। ଏଥିରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ମିଥିଲା ମାଝୀ, ରାଜ୍ୟ ଉପ ସଭାନେତ୍ରୀ ଗୋପା ମହାନନ୍ଦ, ଜିଲ୍ଲା ସାଧାରଣ ସମ୍ପାଦିକା ପିଙ୍କି ଖର୍ସେଲ, କଣ୍ଟାବାଞ୍ଜି ବିଜୁ ଜନତା ଦଳ ଯୁବ ନେତା ଗିରିରାଜ ସିଂ ମାଝୀ, ତୁରେକେଲା ବ୍ଲକ ବିଜେଡି ସଭାପତି ଆଶାଦୁଲ ଖାନ, ଉପସଭାପତି ବିଶ୍ୱନାଥ ସାହୁ, ଦେବରାଜ ଯାଦବ, କିଶୋର ମଛଖଣ୍ଡ, ଦେବାର ବାରିକ, ବିଷ୍ଣୁ କୁଏଡ, ଶାନ୍ତାନୁ ବିଭାର, ସୂର୍ଯ୍ୟ ପ୍ରତାପ ମିଶ୍ର, ବିଜେଡି ନେତା ଦୈତାରୀ ଭୋଇ, ଦୀପକ ଘିଭେଲା, ରାମଚନ୍ଦ୍ର ରାଏ, ବିଟୁ ସାଘା, ଶୁଶିଲ ମେହେର, ମହେନ୍ଦ୍ର ମାଝୀ, ଦିଲୀପ ପୃଷ୍ଟି, ଶ୍ରୀଧର ମାଝୀ, ଦିଲୀପ ମାହାନ୍ତି, ଅଶୋକ ସରାଫ, ଜୁଜିଷ୍ଟି ଭରାସଗ୍ରିଆ, ଅମିତ ସାହୁ, ଚରଣ ମେହେର, ଲମ୍ବୁ ମାହାନନ୍ଦ, ଭବାନୀ ନାଗ, ଗୌରାଙ୍ଗ ମାହାନନ୍ଦ, ଏକୁ ବେହେରା, ସଚିନ ହଂସ, ଆଶିଷ ବେହେରା ପ୍ରମୁଖଙ୍କ ସହ ଅନ୍ୟ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

**ରାଜ୍ୟପାଳ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

---

# ଶରୀର ଦାନକଲେ ପୂଜ୍ୟପୂଜା ସେବା ସଂଗଠନର ସଭାପତି



**ବଲାଙ୍ଗିର, ୧୮।୭ (ସମିସ):** ପୂଜ୍ୟପୂଜା ସେବା ସଂଗଠନର ସଭାପତି ତଥା ବଲାଙ୍ଗିର ବ୍ଲକ ଗର୍ଜନ ଗ୍ରାମର ମୂଳ ବାସିନ୍ଦା କେଶବଚନ୍ଦ୍ର ମିଶ୍ର ଆଜି ଭୀମଭୋଇ ଭେଷଜ ମହାବିଦ୍ୟାଳୟରେ ନିଜର ଶରୀରଦାନ ସମ୍ପର୍କିତ କାଗଜପତ୍ର ଦାଖଲ କରିଛନ୍ତି। ଶ୍ରୀ ମିଶ୍ର ଅବର୍ତ୍ତମାନରେ ତାଙ୍କର ମର ଶରୀରକୁ ମହାବିଦ୍ୟାଳୟର ଛାତ୍ରମାନେ ଶିକ୍ଷା ଓ ଗବେଷଣାରେ ବିନିଯୋଗ ହେବ ବୋଲି ତାଙ୍କର ଇଚ୍ଛାପତ୍ରରେ ଘୋଷଣା କରିଛନ୍ତି। ଶ୍ରୀ ମିଶ୍ର ପୂଣ୍ୟଶ୍ଳୋକ ବିଶିଷ୍ଟ ସମାଜସେବୀ, ପିତା ସୋମନାଥ ମିଶ୍ର ଓ ମାତା କ୍ଷୀର ମିଶ୍ରଙ୍କ ସୁପୁତ୍ର ଅଟନ୍ତି। ଶ୍ରୀ ମିଶ୍ର ଉଦ୍ୟାନ କୃଷି ଅଧିକାରୀଭାବେ ଅବସର ପରେ ଶିଶୁବିକାଶ କେନ୍ଦ୍ର, ପୂଜ୍ୟପୂଜା ସେବା ସଂଗଠନ, ଅଦ୍ୟାଶକ୍ତି ନାରୀ ସଂଗଠନ, ଅଙ୍କୁର ଶିଶୁ ସାହିତ୍ୟ ସଂସଦ, ସଂସ୍କୃତ ପରିଷଦ ତଥା ଅନେକ ସାଂସ୍କୃତିକ ଓ ସମାଜିକ ଅନୁଷ୍ଠାନ ସହିତ ଜଡ଼ିତ ରହି କାର୍ଯ୍ୟକରି ଆସୁଛି। ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇ ପାରିବ ବୋଲି ଶିଶୁ ବିକାଶ କେନ୍ଦ୍ରର ସଭାପତି ମଦନମୋହନ ରଥ ମତବ୍ୟକ୍ତ କରିଛନ୍ତି।

---

### ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ତାଲା

# ରକ୍ଷଣାବେକ୍ଷଣ ଅଭାବରୁ ଭୂତକୋଠି




**ବଙ୍ଗୋମୁଣ୍ଡା, ୧୮।୭ (ସମିସ):** ଓଡ଼ିଶାର ଅନେକ ସ୍ଥାନରେ ଜାତୀୟରାଜପଥ ଓ ରାଜ୍ୟ ରାଜପଥ କଡ଼ରେ ଯାତ୍ରୀ ଓ ପର୍ଯ୍ୟଟକମାନଙ୍କ ପାଇଁ ପୂର୍ତ୍ତବିଭାଗ ଓ ପର୍ଯ୍ୟଟନ ବିଭାଗ ଦ୍ୱାରା ପଥପ୍ରାନ୍ତ ସୁବିଧାକେନ୍ଦ୍ର ନିର୍ମାଣ ହୋଇଥିଲା। ପ୍ରତିଟି କେନ୍ଦ୍ରରେ ଭାରୀ ବାହନ ପାର୍କିଂ, ବିଶ୍ରାମ ଗୃହ, ଶୌଚାଳୟ, କ୍ୟାଣ୍ଟିନ ଇତ୍ୟାଦି ବ୍ୟବସ୍ଥା ଥିଲା। ରାଜପଥରେ ଦୁରଦୂରାନ୍ତର ଯାତାୟାତ କରୁଥିବା ଯାତ୍ରୀ ମାନଙ୍କ ସୁବିଧାକୁ ଗୁରୁତ୍ୱଦେଇ ରାଜ୍ୟ ସରକାରଙ୍କଦ୍ୱାରା ବଙ୍ଗୋମୁଣ୍ଡା କୋଦୋଭଟା ଅଞ୍ଚଳରେ ମଧ୍ୟ ଗୋଟିଏ ସୁବିଧା କେନ୍ଦ୍ର ନିର୍ମାଣ ହୋଇଥିଲା। କିନ୍ତୁ ଏବେ ଏହି ସୁବିଧା କେନ୍ଦ୍ର ଭୂତକୋଠିରେ ପରିଣତ ହୋଇସାରିଛି। ଯେଉଁ ସୁବିଧାକେନ୍ଦ୍ର ହଜାର ହଜାର ଯାତ୍ରୀଙ୍କ ସୁବିଧା ପାଇଁ ନିର୍ମାଣ ହୋଇଥିଲା ଏବେ ତାହା ଜନ ଶୂନ୍ୟ ହୋଇଛି। ବଙ୍ଗୋମୁଣ୍ଡା ଅଞ୍ଚଳର କୋଦୋଭଟା ରାଜପଥରେ ଥିବା ସୁବିଧା କେନ୍ଦ୍ରକୁ ଜଣେ ଯାତ୍ରୀ ଯାଉନାହାଁନ୍ତି। ବର୍ଷବର୍ଷ ଧରି ଏହି ସୁବିଧାକେନ୍ଦ୍ର ବନ୍ଦ ରହିଛି। ଯେଉଁ ସୁବିଧା କେନ୍ଦ୍ରରେ ଗୋଟିଏ ସମୟରେ ପାର୍କିଂ, ଶୌଚାଳୟ, ଜଳପାନ, ବିଶ୍ରାମ ଗୃହ ଆଦି ଅନେକ ବ୍ୟବସ୍ଥା ଥିଲା ସେଗୁଡିକ ଆଜି ଅନାବନା ଲତାରେ ଭରି ଗଲାଣି। ଡବଲ ଇଞ୍ଜିନ ସରକାର ଏହାର ଖର୍ଚ୍ଚ ତୁଲାଇ ପାରୁନାହାନ୍ତିକି ବୋଲି ଜନସାଧାରଣ ଆଲୋଚନା କରୁଛନ୍ତି।

---

### ସରକାରୀ ଅର୍ଥର ଅପବ୍ୟବହାର

# ବିପର୍ଯ୍ୟସ୍ତ ଅବସ୍ଥାରେ ମିନିପାର୍କ

**ବଲାଙ୍ଗିର, ୧୮।୭ (ସମିସ)**

ବଲାଙ୍ଗିର ଜିଲ୍ଲା ସରକାରୀ ଟଙ୍କାର ଅପବ୍ୟବହାର କ୍ଷେତ୍ରରେ ଅନେକ ସମୟରେ ଉଦାହରଣ ସୃଷ୍ଟି କରିଆସିଛି। ସରକାରୀ ତହବିଲରୁ ପ୍ରଥମେ ନିର୍ମାଣ କରିଦେଇ ପରବର୍ତ୍ତି ସମୟରେ ତାକୁ ପକାଇ ରଖିବା, ରକ୍ଷଣାବେକ୍ଷଣ ନ କରିବା ଭଳି ଅନେକ ଦୃଶ୍ୟ ବଲାଙ୍ଗିର ସହରରେ ଦେଖିବାକୁ ମିଳେ। ଏହିଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ। ଉପଜିଲ୍ଲାପାଳ ଅଫିସ ଓ କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟ ନିକଟରେ ଥିବା ଏକ ମିନିପାର୍କ କିଛି ବର୍ଷ ଆଗରୁ ଉଦ୍‌ଘାଟନ ହୋଇଥିଲା। କିନ୍ତୁ ତାହାଏବେ ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ି ରହିଥିବାବେଳେ ପାର୍କ ଭିତରେ ଅନାବନା ଘାସ ରାଜୁତି କରୁଥିବା ଦେଖିବାକୁ ମିଳିଛି। ବଲାଙ୍ଗିର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟ ଲାଗି ରହିଛି। ଏହି ଦୁଇ କାର୍ଯ୍ୟାଳୟକୁ ଲାଗି ଏକ ମିନିପାର୍କ ନିର୍ମାଣ କରାଯାଇଥିଲା। ସରକାରୀ କାର୍ଯ୍ୟାଳୟ ତଥା ସହରର ସୌନ୍ଦର୍ଯ୍ୟକରଣ ଲକ୍ଷ୍ୟନେଇ ଏହି ମିନିପାର୍କ ନିର୍ମାଣ କରାଯାଇଥିବାବେଳେ ଭିତରେ ବିଭିନ୍ନ ପ୍ରକାରର ଗଛ ଲଗାଯାଇଥିଲା। ଚାରିଆଡ଼େ ପାଚେରି ସହ ଗେଟ ନିର୍ମାଣ କରାଯାଇଥିଲା। ଏହାର ଆଲୋକୀକରଣ ବ୍ୟବସ୍ଥା ମଧ୍ୟ କରାଯାଇଛି। କିନ୍ତୁ ଏହି ପାର୍କର ଉଚିତ ରକ୍ଷଣାବେକ୍ଷଣ କରାଯାଇ ନ ଥିବାରୁ ଏବେ ଏହା ଅନାବନା ଘାସରେ ଭର୍ତ୍ତି ହୋଇସାରିଛି। ଆଲୋକୀକରଣ ଠିକ ଭାବେ କାମ କରୁଛି କି ନାହିଁ ତାହା ବି ସନ୍ଦେହ। ଭିତରକୁ କେହି ପ୍ରବେଶ କରୁଛନ୍ତି ନା ନାହିଁ ତାହା ମଧ୍ୟ ପ୍ରଶ୍ନ। କିନ୍ତୁ ଯେଉଁ ଉଦ୍ଦେଶ୍ୟ ନେଇ ସରକାରୀ ତହବିଲ ରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି ତାହା ସାଧିତ ହୋଇପାରି ନ ଥିବା ଅଭିଯୋଗ ହୋଇଛି। ତେବେ ଏହା କିଏ ନିର୍ମାଣ କରିଥିଲେ, କେତେ ଟଙ୍କାରେ ନିର୍ମାଣ କରିଥିଲା। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ କାହାର ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳି ନ ଥିବାବେଳେ ଏହା କେବଳ ସରକାରୀ ଅର୍ଥର ଅପବ୍ୟବହାର ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏଥିପ୍ରତି ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେବା ସହ ଆବଶ୍ୟକ ରକ୍ଷଣାବେକ୍ଷଣ କରିବାକୁ ଦାବି ହେଉଛି।



**ରକ୍ଷଣାବେକ୍ଷଣ ଅଭାବରୁ ଅନାବନା ଘାସରେ ଭର୍ତ୍ତି**

# ବିଶ୍ୱାସ ଜିତିପାରୁନି ଅଭିଯୋଗ କମିଟି

ସମ୍ବଲପୁର, ୧୮।୭ (ସମିସ)

ବାଲେଶ୍ୱର ପରେ ସମ୍ବଲପୁରରେ ଗୁରୁ-ଶିଷ୍ୟ ପରମ୍ପରାରେ କଳଙ୍କର ଛିଟା ପଡ଼ିଛି। ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ନିର୍ଯାତନା ପ୍ରସଙ୍ଗ ନସରୁଣୁ ସମ୍ବଲପୁର ତଥା ପଶ୍ଚିମ ଓଡ଼ିଶାର ସର୍ବପୁରାତନ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗ ସହକାରୀ ପ୍ରଫେସର ଡଃ ଗୋପିକାନ୍ତ ସୁନା ଯୌନଶୋଷଣ ଅଭିଯୋଗରେ ଜେଲ ହାଜତକୁ ଯାଇଛନ୍ତି। ଏହାକୁ ଛାତ୍ରଛାତ୍ରୀ ତଥା ସଚେତନ ମହଲରେ ଦୃଢ଼ ନିନ୍ଦା କରିବାସହ ଗୋପିକାନ୍ତ ସୁନାଙ୍କ ଅତୀତ କାରନାମାର ସବିଶେଷ ତଦନ୍ତ କରିବାସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ଦାବି ହେଉଛି। ଅନ୍ୟପକ୍ଷରେ ବିଭିନ୍ନ ସମୟରେ ଏଭଳି ଘଟଣା ଘଟୁଥିବାବେଳେ ଶିକ୍ଷାନୁଷ୍ଠାନ ଗୁଡ଼ିକ କେତେ ସୁରକ୍ଷିତ ଏବଂ ବିଶ୍ୱାସ ବା ଭରସା ରଖି ଛାତ୍ରଛାତ୍ରୀ କାହାକୁ ଅଭିଯୋଗ କରିବେ ସେନେଇ ଦ୍ୱନ୍ଦରେ ରହୁଛନ୍ତି। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ ଏହାକୁ ନେଇ ବିଭିନ୍ନ କମିଟି ରହିଛି। କିନ୍ତୁ ତାହା ଛାତ୍ରଛାତ୍ରୀ ମାନଙ୍କ ବିଶ୍ୱାସ ଜିତିପାରିନାହିଁ। ଏହାର ସଦ୍ୟ ଉଦାହରଣ ସମ୍ବଲପୁରର ପୀଡ଼ିତା ସିଧାସଳଖ ପୁଲିସ ପାଖକୁ ଯିବା ବୋଲି ଏବେ ସହରରେ ଚର୍ଚ୍ଚା ହେଉଛି।

ସମ୍ବଲପୁର ସହରର ତିନୋଟି ପ୍ରମୁଖ ଶିକ୍ଷାନୁଷ୍ଠାନ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ। ପୂର୍ବର ସରକାରୀ ନିୟମ ଓ ମାର୍ଗଦର୍ଶିକା ଅନୁଯାୟୀ ଏହି ଅନୁଷ୍ଠାନ ଗୁଡ଼ିକରେ ଲିଗାଲ ସେଲ, ଇକ୍ୱାଲ ଅପର୍ଚ୍ୟୁନିଟି ସେଲ, ସେକ୍ସୁଆଲ ହାରାସମେଣ୍ଟ ସେଲ, ଆଣ୍ଟି-ରେଗିଙ୍ଗ ସେଲ, ଇନ୍ଷ୍ଟିଚ୍ୟୁସନାଲ କମ୍ପ୍ଲାଏନ୍ସ ସେଲ, ଆଇପିଆର୍ ସେଲ, ଏଥିକ୍ସ ସେଲ ଆଦି ଗଠିତ ହୋଇଛି। ଏଗୁଡ଼ିକ ବର୍ଷତମାମ ସେମାନଙ୍କ ବିଭିନ୍ନ ସମୟରେ ସଚେତନତା କାର୍ଯ୍ୟକ୍ରମ କରୁଥିବା କହିଛନ୍ତି। ତେବେ, ଏଗୁଡ଼ିକ ବିଷୟରେ ଛାତ୍ରଛାତ୍ରୀମାନେ କେତେ ଅବଗତ ଏବଂ କୌଣସି ସ୍ଥିତି ଉତ୍ପନ୍ନ ହେଲେ ସେମାନେ କିଭଳି ବିଶ୍ୱାସ କରି ଅଭିଯୋଗ କରିବେ ତାହା ହିଁ ମୁଖ୍ୟ ପ୍ରଶ୍ନ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଗତ ୨୦୨୩ରେ ୩ଟି ଅଭିଯୋଗ ହୋଇଥିବାବେଳେ ତାହାର ସମାଧାନ କରାଯାଇଥିବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି। ଅନ୍ୟପକ୍ଷରେ ସରକାରୀ ମହିଳା ମହାବିଦ୍ୟାଳୟ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟରେ ଏପର୍ଯ୍ୟନ୍ତ କୌଣସି ଅଭିଯୋଗ ଆସିନାହିଁ। ଏପରିସ୍ଥଳେ ବର୍ଷ ବର୍ଷ ଧରି କୌଣସି ଛାତ୍ର ବା ଛାତ୍ରୀଙ୍କ କୌଣସି ଅସୁବିଧା ହୋଇନଥିବା ସାଧାରଣରେ ବିଶ୍ୱାସଯୋଗ୍ୟ ହୋଇପାରୁନାହିଁ।

ବାଲେଶ୍ୱର ଛାତ୍ରୀଙ୍କ ଆତ୍ମାହୁତି ପରେ ଚେତିଛନ୍ତି ସରକାର। ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ତୁରନ୍ତ ୨୪ ଘଣ୍ଟା ମଧ୍ୟରେ ଇଣ୍ଟରନାଲ୍ କମ୍ପ୍ଲେଣ୍ଟସ୍ କମିଟି (ଆଇସିସି) ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମହାବିଦ୍ୟାଳୟ ଗୁଡ଼ିକରେ ବିଭିନ୍ନ ପ୍ରକାର ଅଭିଯୋଗ କମିଟି ଥିବାବେଳେ ଇଣ୍ଟରନାଲ୍ କମ୍ପ୍ଲେଣ୍ଟସ୍ କମିଟି (ଆଇସିସି) ଗଠନ କରି ସରକାର ତଥା ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି। ସରକାରୀ ମହିଳା ମହାବିଦ୍ୟାଳୟରେ ଗଠିତ ଆଇସିସିରେ ପ୍ରଫେସର ମନସ୍ୱିନୀ ପରିଡ଼ା ମୁଖ୍ୟ ଥିବାବେଳେ ୪ ଜଣ ଅଧ୍ୟାପକ ଅଧ୍ୟାପିକା, ଆଇନଜୀବୀ ବନ୍ଦିତା ପରିଡ଼ା ଓ ୩ ଜଣ ଛାତ୍ରୀ ରହିଛନ୍ତି। ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟରେ ଗଠିତ ଆଇସିସିରେ ପ୍ରଫେସର ମିନତୀ ଛତ୍ରିଆ ମୁଖ୍ୟ ଥିବାବେଳେ ୨ ଜଣ ଅଧ୍ୟାପିକା, ୨ ଜଣ ପୂର୍ବତନ ଅଧ୍ୟକ୍ଷା ଡଃ ସିକତା ପଣ୍ଡା ଓ ଡଃ ନିରୁପମା ବଡ଼ପଣ୍ଡା, ଏନ୍‌ଜିଓ ପ୍ରତିନିଧି ଅମିନା ବେଗମ ଓ ୩ ଜଣ ଛାତ୍ରୀ ରହିଛନ୍ତି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ପ୍ରାୟ ୧୦ ବର୍ଷ ହେଲା ଆଇସିସି ଥିବାବେଳେ ସମ୍ପ୍ରତି ପ୍ରଫେସର ମୋନାଲିସା ମହାପାତ୍ର ଏହି କମିଟିର ମୁଖ୍ୟ ଅଛନ୍ତି। ସରକାରୀ ନିର୍ଦ୍ଦେଶାନୁଯାୟୀ ଆଇସିସି ଗଠନ ପରେ ଅନୁଷ୍ଠାନ ପରିସରରେ ବିଭିନ୍ନ ସ୍ଥାନରେ ବ୍ୟାନର୍ ଲଗାଇ କମିଟି ସଦସ୍ୟଙ୍କ ନାମ ଓ ଫୋନ ନମ୍ବର ଦିଆଯାଇଥିବା ସୂଚନା ମିଳିଛି।

ଶିକ୍ଷାନୁଷ୍ଠାନ ଗୁଡ଼ିକର ଅଭିଯୋଗ କମିଟିକୁ ଛାତ୍ରୀମାନେ ବିଶ୍ୱାସକୁ ନେଇ ପାରୁନଥିବାକୁ ନେଇ ଶିକ୍ଷାବିତ୍ ଡ. ନିରୁପମା ବଡ଼ପଣ୍ଡା କହିଛନ୍ତି, ବହୁ ଜାଗାରେ କମିଟି ଗଠନ ହୋଇନାହିଁ, ଗଠନ ହେଲେ ମଧ୍ୟ ତାହା ନାମକୁମାତ୍ର। ସରକାରୀ ନିୟମକୁ ମାନି କେବଳ ଏହା ଗଠନ କରାଯାଉଛି କିନ୍ତୁ କିଛି କାମ ହେଉନାହିଁ। କେବଳ ନିର୍ଦ୍ଦେଶନାମା ପାଳନ କଲେ ହେବନାହିଁ, ନିୟମିତ ବୈଠକ ହେବାସହ ଛାତ୍ରୀମାନଙ୍କୁ ସଚେତନ କରିବା ଉଚିତ। ଯେତେବେଳେ ଘଟଣା ଘଟେ ସକ୍ରିୟ ହୋଇଯାନ୍ତି, ତାପରେ ପୁଣି ବନ୍ଦ। ଛାତ୍ରୀମାନଙ୍କ ଆସ୍ଥାଭାଜନ ହେବାକୁ ହେଲେ ନିୟମିତ ସଚେତନତା ସଭା କରାଯାଇ ବର୍ଷତମାମ ସକ୍ରିୟ ହେବା ଆବଶ୍ୟକ। ସାମାଜିକ କର୍ମୀ ସରୋଜ ମହାନ୍ତି କହିଛନ୍ତି, ଶିକ୍ଷାନୁଷ୍ଠାନରେ ଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗୁଡ଼ିକ ଯେହେତୁ ସକ୍ରିୟ ଭାବେ କୌଣସି ଗତିବିଧି ହାତକୁ ନେଉନାହାନ୍ତି ଓ କେଉଁ ପରିସ୍ଥିତିରେ ଜଣେ ଛାତ୍ର ବା ଛାତ୍ରୀ ଏପରି କମିଟିର ସାହାଯ୍ୟ ନେଇପାରିବ ଓ ନିଜେ ଭୋଗୁଥିବା ଯୌନଗତ ଓ ମାନସିକ ଯନ୍ତ୍ରଣା ବାବଦରେ ଅଭିଯୋଗ କରିପାରିବ ସେସମ୍ପର୍କରେ ଶିକ୍ଷାନୁଷ୍ଠାନରେ କୌଣସି ଆଲୋଚନା ଓ କର୍ମଶାଳା ହେଉନାହିଁ। ଏପ୍ରକାର କମିଟିର ଉପସ୍ଥିତି ବାବଦରେ ମଧ୍ୟ ଛାତ୍ରଛାତ୍ରୀ ଜାଣନ୍ତିନାହିଁ। ଏଣୁ କମିଟି ଗୁଡ଼ିକର ଦାୟିତ୍ୱ ହେଉଛି ସେମାନେ ଛାତ୍ରଛାତ୍ରୀଙ୍କ ଆସ୍ଥାଭାଜନ ହେବାପାଇଁ ନିରନ୍ତର ଚେଷ୍ଟା କରିବା ଉଚିତ। ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଏପ୍ରକାର କମିଟି ଗୁଡ଼ିକ ସଚଳ ବା ସକ୍ରିୟ ଅଛି କି ନାହିଁ ସେସମ୍ପର୍କରେ ନିୟମିତ ଅନ୍ତରାଳରେ ଯାଞ୍ଚ ହେବାକଥା ବୋଲି କହିଛନ୍ତି।

**ଜିଏମ୍‌ୟୁ ଯୌନ ନିର୍ଯାତନା ଘଟଣା**

## ବିନା ତଥ୍ୟରେ ଟିପ୍ପଣୀ ନ ଦେବାକୁ ନୋଟିସ୍ ଜାରି

**ସମ୍ବଲପୁର, ୧୮।୭ (ସମିସ) :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଯୌନ ଶୋଷଣ ଅଭିଯୋଗରେ ଶିକ୍ଷା ବିଭାଗ ସହକାରୀ ପ୍ରଫେସର ଗୋପୀକାନ୍ତ ସୁନା ଗିରଫ ହେବାପରେ ଉକ୍ତ ପ୍ରଫେସରଙ୍କ ସହ ଫଟୋ ଉଠାଇବା ଏବଂ ଅନ୍ୟ କଥାକୁ ନେଇ ଦୁଇଟି ଛାତ୍ର ସଙ୍ଗଠନ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଚାଲିଛି। ଏହା ସାମାଜିକ ଗଣମାଧ୍ୟମରେ ବ୍ୟାପକ ହେବାପରେ ଜିଏମ୍‌ୟୁ କର୍ତ୍ତୃପକ୍ଷ ବିନା ତଥ୍ୟରେ ଟିପ୍ପଣୀ ନଦେବାକୁ ନୋଟିସ ଜାରି କରିଛନ୍ତି। ଏଥିଅନୁଯାୟୀ ସାମାଜିକ ଗଣମାଧ୍ୟମ ଏବଂ ଅନ୍ୟ ଆଦାନପ୍ରଦାନ ଜରିଆରେ ବିନା ଯାଞ୍ଚ ଓ ଅଯଥା ସ୍ପେକୁଲେସନ କରି କାହାରି ନାମରେ ନଲେଖିବାକୁ କୁହାଯାଇଛି। ଏହି ମାମଲା ସିଧାସଳଖ ପୁଲିସରେ ଅଭିଯୋଗ ହୋଇଥିବାରୁ କର୍ତ୍ତୃପକ୍ଷଙ୍କ ପାଖରେ ମୁଖ୍ୟ ଅଭିଯୁକ୍ତ ବ୍ୟତୀତ ଅନ୍ୟ କାହା ବିଷୟରେ ତଥ୍ୟ ନାହିଁ। ଏଭଳି ଯାଞ୍ଚ ହୋଇନଥିବା ତଥ୍ୟ ଏବଂ ନାମ ଗୁଡ଼ିକ ପ୍ରସାରିତ ହେଲେ ତାହା ଉକ୍ତ ବ୍ୟକ୍ତିଙ୍କ ନାମ ଏବଂ ଅନୁଷ୍ଠାନ ସକାଶେ କ୍ଷତିକାରକ ହେବ। ସେଥିପାଇଁ ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ଏକାଡେମିକ କାର୍ଯ୍ୟକଳାପ ଉପରେ ଫୋକସ୍ ସହ ଅନ୍ୟ କରିକୁଲାର ଏକ୍ଟିଭିଟି ଉପରେ ଧ୍ୟାନ ଦେବାକୁ ଅନୁରୋଧ କରାଯାଇଛି। ଏହାସହ ସ୍ପେକୁଲେସନ ଓ ଗୁଜବଠାରୁ ଦୂରେଇ ରହିବାକୁ ଜିଏମ୍‌ୟୁ କୁଳସଚିବ ପରାମର୍ଶ ଦେଇଛନ୍ତି।

## ଜବରଦଖଲରେ ହରିଓମ୍ ବାବା ଅନନ୍ତବନ ଗୋମନ୍ଦିର

**ସମ୍ବଲପୁର, ୧୮।୭(ସମିସ):** ହରିଓମ ବାବା ଅନନ୍ତବନ ଗୋମନ୍ଦିର ଗୋଶାଳା ଦୁଇ ଶତାବ୍ଦୀ ପୁରୁଣା ଗୋଶାଳା ମଧ୍ୟରୁ ଗୋଟିଏ, ଯାହାର ସ୍ଥାପନା ପାଖାପାଖି ୧୮୯୦ ମସିହାରେ ହୋଇଥିଲା। ଏହା ସନ୍ତ ହରିଓମ ବାବାଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା। ବର୍ତ୍ତମାନ ସେହି ଗୋଶାଳା ଅନେକ ଦୁରବସ୍ଥା ଦେଇ ଗତି କରୁଛି। ମୁଖ୍ୟତଃ ସେଠାରେ ଥିବା ଗାଇ-ଗୋରୁଙ୍କ ପାଇଁ ଉଦ୍ଦିଷ୍ଟ ଚାରଣ ଭୂମିକୁ ଜବରଦଖଲକାରୀ ଓ ସରକାର ଉଭୟ ଦଖଲ କରିନେଇଛନ୍ତି। ଯେଉଁ ଗାଇମାନଙ୍କ ପାଇଁ ସେ ଜଗାର ନାମ 'ଗୋଶାଳା ଛକ' ବୋଲି ନାମିତ ହୋଇଥିଲା, ସେହି ସ୍ଥାନ ଏବେ ଦଖଲକାରୀଙ୍କ କବ୍‌ଜାକୁ ଚାଲିଆସିଛି। ବର୍ତ୍ତମାନ ଗାଇମାନେ ସେଇ ରାସ୍ତା ଦେଇ ଚାରିବା ପାଇଁ ଯାଇପାରୁନାହାନ୍ତି। ଜବରଦଖଲକାରୀ ଦୋକାନଦାରମାନେ ଗାଇମାନେ 'ଟ୍ରାଫିକ୍ ଜାମ୍' କରୁଛନ୍ତି ବୋଲି ଝଗଡ଼ା କରୁଛନ୍ତି। ଦ୍ୱିତୀୟତଃ, ନବୋଦୟ ବିଦ୍ୟାଳୟ, ଆଇଆଇଏମ୍ ଇତ୍ୟାଦି ପରି ସରକାରୀ ଅନୁଷ୍ଠାନମାନେ ଗଢ଼ିଉଠିବା ଫଳରେ ସେମାନେ ଚାରିବା ପାଇଁ ଆଖାପାଖରେ ଆଉ ଚାରଣ ଭୂମିନାହିଁ। ମ୍ୟୁନିପାଲିଟିଠାରୁ ଆରମ୍ଭ କରି ସାଧାରଣ ଲୋକମାନେ ମଧ୍ୟ ସେମାନଙ୍କର ଗାଇମାନଙ୍କୁ ଏଠାରେ ଛାଡିଦେଇଯାଉଛନ୍ତି। ଫଳରେ, ୫୦ ରୁ ୧୦୦ ଗାଈ ରହିବା ଜଗାରେ ଏବେ ୭୦୦ ଗାଈ ରହୁଛନ୍ତି। ଦୁର୍ଘଟନାଗ୍ରସ୍ତ ଗାଈମାନଙ୍କୁ ମଧ୍ୟ ଲୋକମାନେ ଏଠାରେ ଛାଡିଦେଉଛନ୍ତି। ବଡ଼ କରୁଣ ଅବସ୍ଥାରେ ସେମାନଙ୍କର ଜୀବନ ଯାଉଛି। କେବଳ 'ସୁଖା ପୁଆଳ' ଓ 'ଅଳ୍ପ ଭୁସି' ରେ ସେମାନେ ଜୀବନ ନିର୍ବାହ କରୁଛନ୍ତି। ସେମାନଙ୍କ ପାଇଁ ଯଥାଶୀଘ୍ର ଖୋଲା ଗୋଚର ଭୂମିର ବ୍ୟବସ୍ଥା କରିବାକୁ ସର୍ବସାଧାରଣରେ ଦାବି ହେଉଛି।

## ଜିଏମ୍‌ୟୁରେ ଆଇସିସିର ଗୁରୁତ୍ୱପୂର୍ଣ୍ଣ ବୈଠକ

**ସମ୍ବଲପୁର, ୧୮।୭ (ସମିସ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ଦୀର୍ଘ ଦିନ ଧରି ଅଧ୍ୟାପକ ଯୌନ ଶୋଷଣ କରୁଥିବା ଘଟଣା ପ୍ରସାରିତ ହେବା ପରେ ଆଜି ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ କରାଯାଇଛି। ଛାତ୍ରୀଙ୍କୁ ଯୌନ ଶୋଷଣ ଘଟଣାର ପୁନରାବୃତ୍ତି ନହେଉ। ସମସ୍ତେ ଆଇସିସି ଉପରେ ବିଶ୍ୱାସ ଜନ୍ମାଇ ନିଜର ସମସ୍ୟା ଜଣାନ୍ତୁ। ଏହି କିମିଟି ଘଟଣାକୁ ଗୋପନୀୟତା ରଖି ଅଭିଯୋଗକୁ ସମାଧାନ କରିଥାଏ। ଏହି ପରି ଅନେକ ବିଷୟରେ ବୈଠକରେ ଆଲୋଚନା ହୋଇଥିବା ଆଇସିସି ଅଧ୍ୟକ୍ଷ ମୋନାଲିସା ମହାପାତ୍ର କହିଛନ୍ତି। ନାମ ଲେଖା ଚାଲୁଥିବାବେଳେ, ନୂତନ ପିଲା କିପରି ଏହି କମିଟି ବିଷୟରେ ଜାଣି ସଚେତନ ହେବେ ତାହା ମଧ୍ୟ ଆଲୋଚନା ହୋଇଥିଲା। ଆସନ୍ତା ସପ୍ତାହରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କୁ ସେଚତନ କରିବା ନେଇ କର୍ମଶାଳା ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଛନ୍ତି। ବୈଠକରେ ଭାରପ୍ରାପ୍ତ କୁଳପତି ଶୁଶାନ୍ତ କୁମାର ଦାସ, କୁଳସଚିବ ସନତ କୁମାର ନାଏକ, ଉପ କୁଳସଚିବ ଡ. ଉମାଚରଣ ପତି ସମେତ ଆଇସିସିର ସଦସ୍ୟ ମାନେ ଉପସ୍ଥିତ ଥିଲେ।

## ବଜ୍ରପାତରେ ମହିଳା ମୃତ; ୨ ଗୁରୁତର

**କୁଚିଣ୍ଡା, ୧୮।୭(ସମିସ) :** କୁଚିଣ୍ଡା ଥାନା ଅଧୀନ ପାରୁଆଭାଡି ପଞ୍ଚାୟତ ଅଧୀନସ୍ଥ ସାହାଜବାହାଲ ଗ୍ରାମର ଜଣେ ମହିଳା ପହ୍ଲା ରୁଆ କାମ କରୁଥିବାବେଳେ ବଜ୍ରପାତରେ ପ୍ରାଣ ହରାଇଛନ୍ତି। ମୃତ ମହିଳା ହେଉଛନ୍ତି ଗ୍ରାମର ରବୀନ ସହନେତଙ୍କ ପତ୍ନୀ କ୍ଷୀର ସହନେତ(୫୩)। ସାଥୀରେ ଥିବା କୁନ୍ତି ଷଣ୍ଡ, ଆରତୀ ବାଘ ଆହତ ହୋଇଛନ୍ତି। ତିନି ଜଣଙ୍କୁ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ କ୍ଷୀରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ଦୁଇଜଣ କୁଚିଣ୍ଡା ଡାକ୍ତରଖାନାରେ ଚିକିତ୍ସାଧୀନ ରହିଛନ୍ତି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି। ଏନେଇ କୁଚିଣ୍ଡା ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ଭାରସାମ୍ୟ ହରାଇ ଓଲଟି ପଡ଼ିଲେ ଯୁବକ

**କୁଚିଣ୍ଡା, ୧୮।୭(ସମିସ):** କୁଚିଣ୍ଡା ଥାନା ଅଧୀନ କୁଟୁରାଚୁଆଁ ଗ୍ରାମର ନୀଳାଦ୍ରୀ ପ୍ରଧାନଙ୍କ ପୁଅ କ୍ଷୀରୋଦ ପ୍ରଧାନ ଅପରାହ୍ନରେ ବାଇକ୍ ରେ କୁଟୁରାଚୁଆଁରୁ ବାହାରି ସାତକମା ପଟକୁ ଆସୁଥିବାବେଳେ ଭାରସାମ୍ୟ ହରାଇ ମାଉସୀ ମା' ମନ୍ଦିରର ବୁଲାଣିରେ ବାଇକ ସହ ଓଲଟି ପଡ଼ିଥିଲେ। କ୍ଷୀରୋଦଙ୍କ କପାଳରୁ ମୁହଁ ପର୍ଯ୍ୟନ୍ତ ପିଟିହୋଇ ଗୁଣ୍ଡ ହୋଇଯାଇଛି। ଅବସ୍ଥା ଗୁରୁତର ଥିବାରୁ କୁଚିଣ୍ଡା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସାପରେ ବୁର୍ଲା ସ୍ଥାନାନ୍ତର କରାଯାଇଛି।

## ଫରେଷ୍ଟରଙ୍କ ଅକାଳ ବିୟୋଗ

**ସମ୍ବଲପୁର/ରେଢାଖୋଲ, ୧୮।୭(ସମିସ):** ସମ୍ବଲପୁର ଜିଲ୍ଲା ରେଢାଖୋଲ ବନଖଣ୍ଡରେ ଫରେଷ୍ଟର ରାମନାରାୟଣ ମେଣ୍ଡୁଲି ଆଉ ନାହାନ୍ତି। ରେଢାଖୋଲସ୍ଥିତ ବାସଭବନରେ ଗୁରୁବାର ରାତି ପ୍ରାୟ



୧୨ଟା ବେଳେ ତାଙ୍କର ଅକାଳ ବିୟୋଗ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୫୩ବର୍ଷ ବୟସ ହୋଇଥିଲା। ସେ ରେଢାଖୋଲ ବନଖଣ୍ଡର ତ୍ରିବଣପୁର ସେକ୍ସନରେ ଫରେଷ୍ଟର ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ଅକାଳ ବିୟୋଗରେ ରେଢାଖୋଲ ସହରରେ ଶୋକର ଛାୟା ଖେଳିଯାଇଛି। ଏହି ଖବର ପାଇ ରେଢାଖୋଲ ସହରର ବହୁ ବିଶିଷ୍ଟବ୍ୟକ୍ତିଙ୍କ ସହ ବନ ବିଭାଗର ଅଧିକାରୀ ଓ କର୍ମଚାରୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଶୁକ୍ରବାର ସକାଳେ ଖଦାଡିପ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ପୁତ୍ର ଗୋପିନାଥ ମୁଖାଗ୍ନି ଦେଇଥିଲେ। କିଛିବର୍ଷ ଧରି ସେ ମଧୁମେହ ରୋଗରେ ପୀଡିତ ଥିଲେ। ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନରେ ନିୟମିତ ଚିକିତ୍ସିତ ହେଉଥିଲେ। ଗୁରୁବାର ରାତିରେ ସେଠାରୁ ଫେରିଥିଲେ। ରାତିରେ ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ରେଢାଖୋଲ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର କିନ୍ତୁ ମୃତ ଘୋଷଣା କରିଥିଲେ।

## ବିଲକୁ ପଶିଲା ବୋଲି ମଇଁଷିର ଦୁଇ ଗୋଡ଼ ଭାଙ୍ଗିଦେଲେ

**କୁଚିଣ୍ଡା, ୧୮।୭(ସମିସ):** ମହୁଲପାଲି ଥାନା ଅଧୀନ ବାଉରିଗୋଡା ଗ୍ରାମର ଜଣେ ବ୍ୟକ୍ତିଙ୍କ ମଇଁଷିକୁ କେହି ଜଣେ ପିଟିପିଟି ଗୋଡ଼ ଭାଙ୍ଗିଦେଇଥିବା ଅଭିଯୋଗ ହୋଇଛି। ରୋଶନ ଶୁକ୍ଲାଙ୍କ ମଇଁଷିକୁ ତାଙ୍କ ବାଡ଼ିରେ ଚରିବାକୁ ଛାଡ଼ିଥିଲେ। ରୋଶନଙ୍କ କହିବାନୁସାରେ ତାଙ୍କର ମଇଁଷିକୁ କେହିଜଣେ ପିଟି ପିଟି ଗୋଡ଼ ଦୁଇଟି ଭାଙ୍ଗି ଦେଇଛି। ଏନେଇ ସେ ମହୁଲପାଲି ଥାନା ଅଧିକାରୀ ଫିରୋଜ ଏକ୍କାଙ୍କୁ ପଚାରିବାରୁ ଏନେଇ ମୁଁ ଖବର ପାଇଛି ଏବଂ ଦୁଇ ଜଣଙ୍କୁ ପଠାଇ ତଦନ୍ତ କରି ଫେରିଛନ୍ତି। ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି।

## ଚୋରଙ୍କୁ ଅପହଞ୍ଚ ପୁଲିସ

**ସମ୍ବଲପୁର, ୧୮।୭(ସମିସ) :** ଅଇଁଠାପାଲି ଥାନା ଅଞ୍ଚଳରେ ଚୋରି ବଢ଼ୁଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପୁଲିସ ଠିକ ଭାବେ ପାଟ୍ରୋଲିଂ କରୁନଥିବା ସୂଚନା ରହିଛି। ଗତକାଲି ଅଇଁଠାପାଲି ବସଷ୍ଟାଣ୍ଡ ଭିତରୁ ଜଣେ ଦୁର୍ବୃତ୍ତ କୌଶଳକ୍ରମେ ଏକ ବାଇକ ଚୋରି କରି ନେଇଛନ୍ତି। ଚୋରି ସମୟର ସିସିଟିଭି ଫୁଟେଜ ଏବେ ସମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ପୁଲିସକୁ କଟାକ୍ଷ କରି ଚୋରକୁ ଧରିପାରୁନଥିବା ଲୋକେ ସୋସିଆଲ ମିଡ଼ିଆରେ ମତ ଦେଇଛନ୍ତି।

## ଫେରାର ଅଭିଯୁକ୍ତ ଗିରଫ

**ସମ୍ବଲପୁର, ୧୮।୭(ସମିସ):** ଗତ ୨ ବର୍ଷତଳେ ଏକ ପସ୍କୋ ମାମଲାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ଧନୁପାଲି ପୁଲିସ। ସେ ହେଲେ ଠାକୁରପଡ଼ାର ଏମଡ଼ି ସାମଦ(୨୮)। ସୂଚନାଯୋଗ୍ୟ ଯେ, ୨୦୨୩ ମସିହାରେ ମୋତିଝରଣର ଜଣେ ନାବାଳିକାକୁ ସାମଦ ବଳାତ୍କାର କରିଥିଲେ। ଏନେଇ ପୀଡିତା ଜଣଙ୍କ ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେବେଠୁ ସେ ଫେରାର ଥିଲେ। ସେ ସମ୍ବଲପୁର ଥିବା ଖବର ପାଇ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## କ୍ୟାମ୍ପସ୍‌ରୁ ରାଜନୀତି ବନ୍ଦ କରିବାକୁ ଦାବିକଲେ ଜିଏମ୍‌ୟୁ ଛାତ୍ର

**ସମ୍ବଲପୁର, ୧୮।୭ (ସମିସ) :** କଲେଜ କ୍ୟାମ୍ପସ୍‌ରୁ ରାଜନୀତି ବନ୍ଦ କରିବାକୁ ଆଜି ଦାବି କରିଛନ୍ତି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ଛାତ୍ରମାନେ। ଏହାସହ ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ଯାଞ୍ଚ କରିବାକୁ କୁଳପତିଙ୍କଠାରେ ଦାବି ଜଣାଇଛନ୍ତି। କୁଳପତି ଅପରାହ୍ନରେ ବୈଠକ ପରେ ଛାତ୍ରଛାତ୍ରୀମାନଙ୍କୁ ଜଣାଇଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ପ୍ରକାଶ। ସହକାରୀ ପ୍ରଫେସର ଗୋପୀକାନ୍ତ ସୁନାଙ୍କ କାର୍ଯ୍ୟକଳାପ ବିଶ୍ୱବିଦ୍ୟାଳୟକୁ ଲଜ୍ଜା ଆଣିଛି। କିନ୍ତୁ ଆଉ କେତେ ଗୋପିକାନ୍ତ ସୁନା ଅଛନ୍ତି ତାହାର ତଦନ୍ତ କରାଯାଉ। ଜଣେ ଶିକ୍ଷକ ତାଙ୍କ ଛାତ୍ରଛାତ୍ରୀ ପ୍ରତି ବାପ ଝିଅ ସମ୍ପର୍କ ରଖିବା କଥା, ଏଭଳି କଲେ କିପରି ହେବ ବୋଲି ପ୍ରଶ୍ନ କରିଛନ୍ତି। ଆମେ କୌଣସି ପଲିଟିକାଲ ପାର୍ଟିରୁ ଆସିନାହୁଁ, ଆମେ ଗୋଟେ ଗୋଟେ ବିଦ୍ୟାର୍ଥୀ ସେଥିପାଇଁ ଆସିଛୁ ବୋଲି ଛାତ୍ରମାନେ ଗଣମାଧ୍ୟମକୁ କହିଛନ୍ତି। ବିଶ୍ୱବିଦ୍ୟାଳୟରେ ରାଜନୀତି ବନ୍ଦ ହେଉ ବୋଲି ଛାତ୍ରମାନେ ଦାବି କରିଛନ୍ତି। ବର୍ତ୍ତମାନ ଆଡମିଶନ ହେଲେ ନୂଆ ଛାତ୍ରଛାତ୍ରୀ ଆସିବେ, ଏଭଳି ରାଜନୀତି କରୁଥିବାରୁ ଅନୁଷ୍ଠାନ ଏବଂ ଅନୁଷ୍ଠାନର ଛାତ୍ରଛାତ୍ରୀ ନାମ ଖରାପ ହେଉଛି ବୋଲି ଛାତ୍ରମାନେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବାଲେଶ୍ୱର ଫକୀରମୋହନ କଲେଜରେ ଛାତ୍ରୀଙ୍କ ଆତ୍ମାହୁତି ଓ ମୃତ୍ୟୁ ଏବଂ ପରେ ଜିଏମ୍‌ୟୁରେ ଅଧ୍ୟାପକଙ୍କ ଯୌନଶୋଷଣ ମାମଲା ଆସିବାପରେ ବିଭିନ୍ନ ଦଳୀୟ ଛାତ୍ର ସଂଗଠନ ଏକଆରେକକୁ ଦୋଷାରୋପ କରି କାଦୁଅ ଫିଙ୍ଗା ରାଜନୀତିରେ ଲାଗି ପଡ଼ିଛନ୍ତି। ଦାବିପତ୍ର ଅନୁଯାୟୀ, ଗତଦିନର ଛାତ୍ରୀ ନିର୍ଯାତନା ମାମଲା ଅନୁଷ୍ଠାନର ଛାତ୍ରଛାତ୍ରୀ ଓ ଷ୍ଟାଫ୍‌ମାନଙ୍କ ମଧ୍ୟରେ ସୁରକ୍ଷାକୁ ପ୍ରଭାବିତ କରିଛି। ଏଭଳି ଘଟଣା ଗୌରବମୟ ଅନୁଷ୍ଠାନର ଖ୍ୟାତିରେ ଆଞ୍ଚ ଆଣିବାସହ ଏକ ଭୟ ଓ ଅସୁବିଧାଜନକ ବାତାବରଣ ସୃଷ୍ଟି କରୁଛି। ତେଣୁ ବିଶ୍ୱବିଦ୍ୟାଳୟର ନିୟମ ଓ ମାର୍ଗଦର୍ଶିକା ଅନୁଯାୟୀ ଦୋଷୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସକାଶେ ତୁରନ୍ତ ସମସ୍ତ ବିଶ୍ୱବିଦ୍ୟାଳୟ ଷ୍ଟାଫ୍‌ଙ୍କ ଯାଞ୍ଚ କରାଯାଉ। ଏହା ପୀଡ଼ିତାଙ୍କୁ ନ୍ୟାୟ ଦେବାସହ ଛାତ୍ରଛାତ୍ରୀ ଓ ଷ୍ଟାଫ୍‌ଙ୍କ ମଧ୍ୟରେ କ୍ୟାମ୍ପସରେ ସୁରକ୍ଷାକୁ ନେଇ ଏକ ବିଶ୍ୱାସ ସୃଷ୍ଟି କରିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।



## ଆଡ୍‌ଭାଇଜରି ଜାରିକଲେ ଜିଏମ୍‌ୟୁ କୁଳପତି

**ସମ୍ବଲପୁର, ୧୮।୭ (ସମିସ) :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗ ଅଧ୍ୟାପକଙ୍କ ଯୌନଶୋଷଣ ମାମଲା ଏବଂ ତାଙ୍କ ଗିରଫ ପରେ ଜିଏମ୍‌ୟୁ ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ଏକ ନିର୍ଦ୍ଦେଶନାମା (ଆଡଭାଇଜରି) ଜାରି କରିଛନ୍ତି।

ଏହି ଅନୁଯାୟୀ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ କାର୍ଯ୍ୟକ୍ଷେତ୍ରରେ ତାଙ୍କ ସର୍ବୋଚ୍ଚ ବୃତ୍ତିଗତ (ପ୍ରଫେସନାଲ), ନୈତିକ (ମୋରାଲ) ଏବଂ ନୀତିଗତ (ଏଥିକ୍ସ) ମୂଲ୍ୟବୋଧକୁ ନେଇ କାର୍ଯ୍ୟ କରିବାକୁ କୁହାଯାଇଛି। ଏହାସହ ଛାତ୍ରଛାତ୍ରୀଙ୍କୁ ତାଙ୍କ ନିଜ ପୁଅ ଝିଅ ପରିବାର ସଦସ୍ୟ ଭଳି ବ୍ୟବହାର କରିବାକୁ ନିର୍ଦ୍ଦେଶ ଜାରି ହୋଇଛି। କୌଣସି ସମସ୍ୟା ହେଲେ ତାହାକୁ ସକ୍ରିୟ ଭାବେ ତୁରନ୍ତ ଜଣାନ୍ତୁ, ସମସ୍ୟା ସମାଧାନ କରିବା ପାଇଁ ଚେଷ୍ଟା କରି ନ ପାରିଲେ ବିଭାଗୀୟ ମୁଖ୍ୟ / ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ / ଉଚ୍ଚସ୍ତରରେ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ କୌଣସି ସ୍ଥାନରେ କିଛି ଭୁଲକାର୍ଯ୍ୟ ହେଉଥିଲେ ତୁରନ୍ତ ଆଇସିସି ସେଲ, ଅଭିଯୋଗ ପ୍ରକୋଷ୍ଠ, ଯୌନ ନିର୍ଯାତନା ସେଲକୁ ଜଣାଇବା ସହ ଉଚ୍ଚସ୍ତରରେ ଜଣାଇବାକୁ କୁହାଯାଇଛି। ବିଭିନ୍ନ ବିଭାଗୀୟ ମୁଖ୍ୟମାନଙ୍କୁ ଛାତ୍ରଛାତ୍ରୀଙ୍କୁ କାଉନସେଲିଂ କରି ସେମାନେ ଯେପରି ପାଠପଢ଼ା, କୋକରିକୁଲାର, ଏକ୍ସଟ୍ରା-କରିକୁଲାର ଏବଂ କ୍ୟାରିଅର ଡେଭଲପ୍‌ମେଣ୍ଟରେ ଫୋକସ୍ କରିବେ ତାହା ଉପରେ ଗୁରୁତ୍ୱ ଦେବାକୁ କୁଳପତି ପ୍ରଫେସର ଦାସ ପରାମର୍ଶ ଦେଇଥିବା କହିଛନ୍ତି।

## ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ଆସୋସିଏସନର ବାର୍ଷିକ ବୈଠକ



**ସମ୍ବଲପୁର, ୧୮।୭ (ସମିସ) :** ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟସ୍ଥ ସଭାକକ୍ଷରେ ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ଆସୋସିଏସନର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ସଭାପତିତ୍ୱ କରିଥିବାବେଳେ ସମଗ୍ର ଜିଲ୍ଲାର ବର୍ଷତମାମ ହେବାକୁ ଥିବା ବିଦ୍ୟାଳୟ କ୍ରୀଡ଼ା କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇ ନିଷ୍ପତ୍ତି ନିଆଯାଇଥିଲା। ଜିଲ୍ଲା କ୍ରୀଡା ଅଧିକାରୀ ସୁଜାତା ପଟ୍ଟନାଏକ ବାର୍ଷିକ ବିବରଣୀ ପାଠ କରିଥିଲେ। ଜିଲ୍ଲାର ସମସ୍ତ ବ୍ଲକ ଶିକ୍ଷାଧିକାରୀ ଧନକଉଡ଼ା ବିଇଓ କରନ ଶର୍ମା, ଯୁଯୋମୁରା ବିଇଓ ସୁଜିତ ଲୁହା, କୁଚିଣ୍ଡା ବିଇଓ ଗୀତା ପଧାନ, ମାନେଶ୍ୱର ବିଇଓ ବିଜୟ ପାତ୍ର, ରେଢ଼ାଖୋଲ ବିଇଓ ବେଣୁଧର ବରିହା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ସମସ୍ତ ବିଦ୍ୟାଳୟରେ କିପରି ଭାବେ କ୍ରୀଡ଼ାର ବିକାଶ ତଥା ନୂତନ କ୍ରୀଡ଼ା ପ୍ରତିଭା ଚିହ୍ନଟ ହୋଇପାରିବ ସେଦିଗରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ବ୍ଲକର କ୍ରୀଡ଼ା ସେକ୍ରେଟାରୀ ବିଜୟ କୁମାର ବାଡ଼ା, ଭୀମସେନ୍ ବାରିକ, ନିହାର ରଞ୍ଜନ ପଟେଲ, ସୁଶାନ୍ତ କୁମାର ସାହୁ, ଶ୍ରୀକାନ୍ତ ପଟେଲ, ତ୍ରିବିକ୍ରମ ରଣା, ରଞ୍ଜନ କୁମାର ସ୍ୱାଇଁ, ସୁକାନ୍ତ କୁମାର ପ୍ରଧାନ, ମନୋଜ କୁମାର ବେହେରା ଓ ଜିଲ୍ଲା ସ୍କାଉଟ କମିଶନର କୁଳଧର ପ୍ରଧାନ ଓ ଜିଲ୍ଲା ଗାଇଡ କମିଶନର ଦୀପାଳି ଚୌଧୁରୀ, ଜେଆରସିଓ ବିଶ୍ୱାମିତ୍ର ଦୀପ ଉପସ୍ଥିତ ଥିଲେ।

## ହୀରାକୁଦ ଜଳସ୍ତର ୬୧୦.୫୨ ଫୁଟ୍, ୪ ଗେଟ୍ ଖୋଲା

**ସମ୍ବଲପୁର, ୧୮।୭ (ସମିସ) :** ହୀରାକୁଦ ଜଳଭଣ୍ଡାରର ଜଳସ୍ତର ପୁଣି ବୃଦ୍ଧିପାଇ ଆଜି ୬୧୦.୫୨ ଫୁଟ୍‌ରେ ପହଞ୍ଚିଥିବାବେଳେ ୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଗତ ୬ ତାରିଖ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରହିବା ଆବଶ୍ୟକ।

ଶୁକ୍ରବାର ସନ୍ଧ୍ୟା ୬ଟାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୦.୫୨ ଫୁଟ ରହିଛି। ନଦୀବନ୍ଧର ବାମପଟର ୩ଟି ଓ ଡାହାଣ ପଟର ଗୋଟିଏ ମୋଟ ୪ଟି ସ୍ଲୁଇସ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧, ୧୮, ୮୫୮ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୯୮, ୭୯୬ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୫୯୬୨୦ ଘନଫୁଟ, ପାୱାର ଚେନାଲ ଦେଇ ୩୫୧୪୮ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୩୭୯୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୪.୨୭ ମିମି ଏବଂ ତଳମୁଣ୍ଡରେ ୭.୭୪ ମିମି ବର୍ଷା ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ପଥର୍ଲାଠାରେ ୨୧୯୯୯ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ଖଇରମାଲଠାରେ ୯୮୦୦୦ କ୍ୟୁସେକ୍, ବାରମୁଲଠାରେ ୯୬୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୧୨୭୦୬୮ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

# ଅଭିଯୋଗ ଶୁଣୁନି ମହିଳା ଥାନା

ସମ୍ବଲପୁର, ୧୮।୭(ସମିସ)

ଭିଣେଇ ଥଟ୍ଟା ପରିହାସ କରି ଅନେକ କଥା କୁହନ୍ତି। ସମୟ ଅନୁସାରେ ଖରାପ ବ୍ୟବହାର କରିବାକୁ ପଛାଇଲେ ନାହିଁ। ଶାରୀରିକ ସମ୍ପର୍କ ରଖିବାକୁ ବାରମ୍ବାର କହିଲେ। ନାବାଳିକା ସମୟରେ ଯୌନ ନିର୍ଯାତନା ଦେଲେ। ବାଧହୋଇ ସମ୍ବଲପୁର ମହିଳା ଥାନାର ଦ୍ୱାରସ୍ଥ ହେଲି। କିନ୍ତୁ ପୁଲିସ ତଥା ଥାନା ଅଧିକାରୀ କଥାକୁ ହାଲୁକା ଭାବେ ଗ୍ରହଣକରି ମୋ ଅଭିଯୋଗ ଶୁଣିଲେନି ବୋଲି ଜଣେ ପୀଡ଼ିତା କହିଛନ୍ତି। ନ୍ୟାୟ ନ ମିଳିବାରୁ ବାଧ ହୋଇ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟକରି ନିଜର ଦୁଃଖ ଜଣାଇଛନ୍ତି। ଅଇଁଠାପାଲି ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ଏପରି ଘଟିଯାଇଛି। ସେ ଗତବର୍ଷ ଡିସେମ୍ବରରେ ଏନେଇ ମହିଳା ଥାନାରେ ଅଭିଯୋଗ କରିଥିଲେ। ହେଲେ ପୁଲିସ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ସୋସିଆଲ ମିଡିଆରେ ଏହି ପୋଷ୍ଟ ଭାଇରାଲ ହେବାପରେ ମହିଳା ଥାନା ଗୁରୁତ୍ୱର ସହ ନେଇ ମହିଳାଙ୍କୁ ଥାନାକୁ ଡାକିଥିବା ସୂଚନା ରହିଛି। ନ୍ୟାୟ ନ ପାଇଲେ ଆତ୍ମହତ୍ୟା କରିବେ ବୋଲି ପୀଡ଼ିତା ଚେତାବନୀ ଦେଇଛନ୍ତି। ଆଜି ସେ ପୋଷ୍ଟରେ ଜିଲ୍ଲାପାଳ, ଓଡ଼ିଶା ପୁଲିସ, ଡିଆଇଜି, ସିଏମଓ ଓ ବିଭିନ୍ନ ପଦାଧିକାରୀଙ୍କୁ ଟ୍ୟାଗ୍ କରି ନିଜର ଅଭିଯୋଗ କରିଛନ୍ତି। ପୁଲିସ ମହିଳାଙ୍କ ସୁରକ୍ଷା ପାଇଁ ସବୁବେଳେ ଚେଷ୍ଟିତ ବୋଲି ସରକାର କହୁଛନ୍ତି। କିନ୍ତୁ ସମ୍ବଲପୁର ମହିଳା ଥାନାରେ ଏହାର ବ୍ୟତିକ୍ରମ ଦେଖା ଦେଇଛି। ଯୌନ ନିର୍ଯାତନାର ଶିକାର ହୋଇ ପୀଡ଼ିତା ଅଭିଯୋଗ କରିବା ପରେ ମଧ୍ୟ ପୁଲିସ ଗୁରୁତର ସହ ନ ନେଇ ଅପବ୍ୟବହାର କରିବା କଥାକୁ ସାଧାରଣରେ ନିନ୍ଦା କରାଯାଇଛି। ତେଣୁ ପୁଲିସ ଏପରି ଅଭିଯୋଗକୁ ଗୁରୁତରସହ ନେଇ ତଦନ୍ତ କରୁ ବୋଲି ସାଧାରଣରେ ଦାବି ହୋଇଛି।




**'ଏକ୍ସ'ରେ ଦୁଃଖ ଜଣାଇଲେ ପୀଡ଼ିତା**

**ଭିଣୋଇ ଯୌନ ନିର୍ଯାତନା ଦେଉଥିଲେ**

**ନ୍ୟାୟ ନ ପାଇଲେ ଆତ୍ମହତ୍ୟା ଚେତାବନୀ**

ଅନ୍‌ଲାଇନ୍ ଆବେଦନ କରି ଚାହିଁ ରହିଛନ୍ତି ଶିକ୍ଷକ, ଶିକ୍ଷୟିତ୍ରୀ

ଶିକ୍ଷା ବିଭାଗର ବଦଳି ପ୍ରକ୍ରିୟା

# ଗଡୁଛି ଦିନ, ପ୍ରକାଶ ପାଉନି ତାଲିକା

ବଲାଙ୍ଗିର, ୧୮।୭(ସମିସ)

ଶିକ୍ଷା ବିଭାଗରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବଦଳି ପ୍ରକ୍ରିୟାକୁ ନେଇ ସବୁବେଳେ ବିବାଦ ଦେଖାଦେଇଆସିଛି। ବଦଳି କ୍ୟାଲେଣ୍ଡର ଏକାଧିକ ଥର ପରିବର୍ତ୍ତନ ହେବାସହ ବଦଳି ମଧ୍ୟ ବିଳମ୍ବ ହେବାରେ ଲାଗିଛି। ଏହି ପ୍ରକ୍ରିୟା ହେବାଭିତରେ ଏବେ ବଲାଙ୍ଗିର ଜିଲ୍ଲାରେ ପ୍ରାୟ ହଜାରେ ଶିକ୍ଷକ ନିଜନିଜ ବଦଳି ପାଇଁ ଚାହିଁ ରହିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଚଳିତବର୍ଷରୁ ବିଧାୟକମାନେ ମଧ୍ୟ ୧୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବଦଳି କରିପାରିବେ ବୋଲି ନିଷ୍ପତ୍ତି ହୋଇଥିବା ବେଳେ ତାକୁ ନେଇ ମଧ୍ୟ ଦ୍ୱନ୍ଦ ଦେଖାଦେଇଛି।

ଶିକ୍ଷା ବିଭାଗରେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ବଦଳି ପ୍ରାୟତଃ ସବୁବେଳେ ବିବାଦୀୟ ଓ ଚର୍ଚ୍ଚିତ ହୋଇ ରହିଛି। ରାଜ୍ୟରେ ବିଜେପି ସରକାର ଆସିବା ପରେ ଏହାକୁ ସଫଳତାର ସହ ତ୍ୱରାନ୍ୱିତ କରିବାପାଇଁ ଶିକ୍ଷାବିଭାଗ ବାହାସ୍ଫୋଟ ମାରିଆସୁଥିବା ବେଳେ ଏବେବି ଅବସ୍ଥା ସାଂଘାତିକ ରହିଛି। ଆବେଦନ କରିବା ତାରିଖ ବାରମ୍ବାର ପରିବର୍ତ୍ତନ କରାଯାଉଥିବାବେଳେ କେବେ ବଦଳି ତାଲିକା ପ୍ରକାଶ ପାଇବ ତାକୁ ନେଇ ଆବେଦକ ଶିକ୍ଷକ ଶିକ୍ଷୟିତ୍ରୀ ଚିନ୍ତାରେ ରହିଛନ୍ତି। ବିଭାଗୀୟ ସୂଚନା ଅନୁସାରେ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅନଲାଇନ ଆବେଦନ ମେ' ୧୫ରେ ଆରମ୍ଭ ହୋଇଥିବା ବେଳେ ଜୁନ୍ ୬ ପର୍ଯ୍ୟନ୍ତ ରଖାଯାଇଥିଲା। ଜୁନ୍ ୯ ରୁ ୧୬ ତାରିଖ ପର୍ଯ୍ୟନ୍ତ ବିଇଓ ଓ ଡିଇଓମାନଙ୍କ ଦ୍ୱାରା ଆବେଦନ ଯାଞ୍ଚ ସମୟ ରହିଥିବା ବେଳେ ୧୭ ରୁ ୧୮ ପର୍ଯ୍ୟନ୍ତ ଜିଲ୍ଲା ବାହାରକୁ ବଦଳି ପାଇଁ ରହିଥିବା ଯୋଗ୍ୟ ଆବେଦନ ନିର୍ଦ୍ଦେଶାଳୟକୁ ପଠାଇବା ପାଇଁ ଗଣଶିକ୍ଷା ବିଭାଗ ସମୟ ଧାର୍ଯ୍ୟ କରିଥିଲା। ଏହା ସରିବାପରେ ଜୁଲାଇ ୧୮ରେ ବଦଳି ତାଲିକା ଓସେପା ୱେବ୍‌ସାଇଟରେ ଅପଲୋଡ କରିବାକୁ ପରିବର୍ତ୍ତିତ କ୍ୟାଲେଣ୍ଡରରେ ସମୟ ଧାର୍ଯ୍ୟ କରାଯାଇଥିଲା। ଯାହାକି ଏକାଧିକ ପରିବର୍ତ୍ତନ ହୋଇଥିବା ଜଣାପଡ଼ିଛି। ସେହିପରି ମାଧ୍ୟମିକ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ବଦଳି ପାଇଁ ଅନଲାଇନ ପୋର୍ଟାଲ ମେ' ୨୧ରୁ ଆରମ୍ଭ ହୋଇଥିବା ବେଳେ ଜୁନ୍ ୫ ପର୍ଯ୍ୟନ୍ତ ଆବେଦନ ସମୟ ଧାର୍ଯ୍ୟ କରାଯାଇଥିଲା। ଜୁନ୍ ୬ ରୁ ୧୧ ପର୍ଯ୍ୟନ୍ତ ଯାଞ୍ଚ ପ୍ରକ୍ରିୟା ରହିଥିବାବେଳେ ଜୁନ୍ ୨୪ ରୁ ୨୫ ମଧ୍ୟରେ ବୈଠକ କରାଯିବା ସହ ତାଲିକା ପ୍ରସ୍ତୁତ କରିବାକୁ ସମୟ ବିଭାଗ ଧାର୍ଯ୍ୟ କରିଥିଲା। ସେହିପରି ଜୁନ୍ ୨୬ରୁ ୩୦ ମଧ୍ୟରେ ବଦଳି ନିର୍ଦ୍ଦେଶ ପ୍ରକାଶ କରିବା ସହ ଜୁଲାଇ ୧ରୁ ୭ ଭିତରେ ସେମାନଙ୍କ ରିଲିଭ ଓ ଜଏନିଂ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ରହିଥିଲା। କିନ୍ତୁ ଏହି କ୍ୟାଲେଣ୍ଡରକୁ ୧୦ ଦିନ ବିତିଯାଇଥିବା ବେଳେ ବଲାଙ୍ଗିର ଜିଲ୍ଲାରେ ବଦଳି ତାଲିକା ପ୍ରକାଶ ପାଇନାହିଁ କି ଆଉ କେତେ ଦିନ ଲାଗିବ ସେନେଇ କୌଣସି ସ୍ୱଷ୍ଟ ସୂଚନା ନାହିଁ। ତେବେ ଏହି ବଦଳି ପ୍ରକ୍ରିୟାରେ ବଲାଙ୍ଗିର ଜିଲ୍ଲାର ୧୦୬୬ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅନଲାଇନ ଆବେଦନ କରିଛନ୍ତି। ଏହି ୧୦୬୬ ଜଣଙ୍କ ମଧ୍ୟରେ ୭୭୩ ଜଣ ପ୍ରାଥମିକ ଓ ୨୯୩ ଜଣ ମାଧ୍ୟମିକ ଶିକ୍ଷକ ଶିକ୍ଷୟିତ୍ରୀ ରହିଛନ୍ତି। ୨୦୧ ଜଣ ସ୍ୱାସ୍ଥ୍ୟଗତ କାରଣ ଦେଖାଇଥିବାବେଳେ ୧୪୨ ଜଣ ସ୍ୱାଉସ କାରଣ ଦେଖାଇ ବଦଳି ପାଇଁ ଆବେଦନ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଚଳିତବର୍ଷ ଜିଲ୍ଲାର ବିଧାୟକମାନେ ମଧ୍ୟ ନିଜ କୋଟାରେ ୧୫ ଜଣଙ୍କ ବଦଳି ପାଇଁ ବିଭାଗକୁ ଜଣାଇପାରିବେ। ଏହିକ୍ରମରେ ଜିଲ୍ଲାର ୫ ଜଣ ବିଧାୟକଙ୍କ ପାଖରେ ୭୫ ଜଣ ଙ୍କ ବଦଳି କ୍ଷମତା ରହିଥିବା ବେଳେ କିଛି ବିଧାୟକ ଶତାଧିକ ଆବେଦନ ଫର୍ମ ଶିକ୍ଷା ବିଭାଗକୁ ଦେଇଥିବା ଜଣାପଡ଼ିଛି। ବଦଳି ପାଇଁ ଏତେ ସଂଖ୍ୟାରେ ଆବେଦନ ଓ ରାଜନୈତିକ ଚାପ ଭିତରେ ବଦଳି ତାଲିକା ବିଳମ୍ବ ହେଉଥିବା ଆଲୋଚନା ହେଉଛି। ଏହା ସହିତ ବଦଳି ପାଇଁ ବିଭାଗୀୟ କିଛି ଅସାଧୁ କର୍ମଚାରୀ ଟଙ୍କା କାରବାର ଚଳାଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏନେଇ ଶିକ୍ଷା ବିଭାଗ ଦୃଷ୍ଟି ଦେବାସହ ଏହାର ସମାଧାନ କରିବାକୁ ଦାବି ହୋଇଛି।

**ବଦଳି ଅପେକ୍ଷାରେ ୧୦୬୬ ଶିକ୍ଷକ ଶିକ୍ଷୟିତ୍ରୀ**

କଣ୍ଟାବାଞ୍ଜି ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର

# ରୋଗୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ




**କଣ୍ଟାବାଞ୍ଜି, ୧୮।୭(ସମିସ):** ଲୋକେ କେମିତି ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇପାରିବେ ସେଥିପାଇଁ ସରକାର ସବୁବେଳେ ତତ୍ପରତାଶିଳ ରହିଛନ୍ତି। ଯେଉଁ ରୋଗୀଙ୍କ ସେବା କରିବାକୁ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ କର୍ମଚାରୀ ନିୟୋଜିତ ହୋଇ ସରକାର ଦରମା ଦେଉଛନ୍ତି। ସେହି ରୋଗୀଙ୍କୁ ଠିକ ଭାବରେ ବ୍ୟବହାର କରାଯାଉନଥିବା ଅଭିଯୋଗ ହେଉଛି। ଏଭଳି ଅଭିଯୋଗ ସାମ୍ନାକୁ ଆସିଛି ବଲାଙ୍ଗି ଜିଲ୍ଲା କଣ୍ଟାବାଞ୍ଜି ସହରରେ ଥିବା ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରୁ। ୨୦୨୨ ମସିହାରେ କଣ୍ଟାବାଞ୍ଜି ସହରରେ ଏହି ସରକାରୀ ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଆରମ୍ଭ ହୋଇଥିବା ସେହି ସମୟରେ ଏଠାରେ କାର୍ଯ୍ୟରତ ଡାକ୍ତର ଓ କର୍ମଚାରୀ ରୋଗୀଙ୍କ ପ୍ରତି ଦେଉଥିବା ବ୍ୟବହାର ଓ ଉତ୍ତମ ଚିକିତ୍ସା ଯୋଗୁଁ ଡାକ୍ତରଖାନା ଛାଡି ରୋଗୀ ଏଠାକୁ ଆସୁଥିଲେ। ବର୍ତ୍ତମାନ ନର୍ସ ଓ ଅନ୍ୟ କର୍ମଚାରୀମାନେ ରୋଗୀଙ୍କୁ ଠିକ ଭାବରେ ଚିକିତ୍ସା କରିବାତ ଦୁରର କଥା ଦୁର୍ବ୍ୟବହାର କରିବାକୁ ପଛାଉ ନାହାଁନ୍ତି। ଏନେଇ ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ବଲାଙ୍ଗିର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

ଭୀମଭୋଇ ମେଡିକାଲ କଲେଜ ରାସ୍ତା ଅବସ୍ଥା ବେହାଲ

# ଡାକ୍ତରଖାନା ପଛଗେଟ ରାସ୍ତା ନିର୍ମାଣ କେବେ

**ବଲାଙ୍ଗିର, ୧୮।୭(ସମିସ):** ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା ଅନେକ ବାଦବିବାଦ ଭିତରେ ନୂତନ କୋଠାକୁ ସ୍ଥାନାନ୍ତର ହୋଇଛି। ପ୍ରାୟତଃ ସବୁବିଭାଗ ନୂତନ କୋଠାରେ ଚାଲିଥିବାବେଳେ ଲୋକଙ୍କ ଭିଡ଼ ମଧ୍ୟ ସେହି ଅନୁସାରେ ଦିନକୁଦିନ ବଢ଼ିବାରେ ଲାଗିଛି। ତେବେ ମେଡିକାଲ କଲେଜ ଡାକ୍ତରଖାନାକୁ ଯିବାପାଇଁ ଦୁଇଟି ରାସ୍ତା ରହିଥିବାବେଳେ ଗୋଟିଏ ରାସ୍ତା ଠିକ ରହିଛି କିନ୍ତୁ ପଛପଟ ରାସ୍ତାର ଅବସ୍ଥା ନକହିବା ଭଲ। ଆଜିର ସମୟରେ ବି ଡାକ୍ତରଖାନାକୁ ଯିବା ରାସ୍ତା ମେଟାଲ, ମାଟି ରାସ୍ତା ରହିଛି।

ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜକୁ ଲାଗି ଟିଟିଂ ଡାକ୍ତରଖାନା ନିର୍ମାଣ କରାଯାଇଛି। ଅନେକ ବାଦ ବିବାଦ

## ସମସ୍ୟା ଭୋଗୁଛନ୍ତି ରୋଗୀ

ପରେ କିଛିଦିନ ହେଲା ନୂତନ କୋଠାରେ ଡାକ୍ତରଖାନା କାର୍ଯ୍ୟକ୍ଷମ ହୋଇଛି। ଶିଶୁ, ସ୍ତ୍ରୀ ଓ ପ୍ରସୂତି ବିଭାଗକୁ ଛାଡ଼ିଦେଲେ ଅନ୍ୟ ପ୍ରାୟ ସବୁବିଭାଗ ଆରମ୍ଭ ହୋଇସାରିଛି। ଏକ ବଡ କ୍ୟାମ୍ପସରେ ଏହା ନିର୍ମାଣ ହୋଇଥିବାବେଳେ ଦିନକୁଦିନ ରୋଗୀ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଥିବା ଦେଖିବାକୁ ମଳିଛି। ବର୍ତ୍ତମାନ ଏହି ଡାକ୍ତରଖାନାକୁ ଯିବା ଆସିବା ପାଇଁ ରାସ୍ତା ସମସ୍ୟା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଏହି ଡାକ୍ତରଖାନା ପାଇଁ ଦୁଇଟି ମୁଖ୍ୟ ଗେଟର ବ୍ୟବସ୍ଥା ରହିଛି। ଗୋଟିଏ ମେଡିକାଲ କଲେଜ ଗେଟ ଭଳି ସିଧାସଳଖ ଲୋୟର ସୁକତେଲ କାର୍ଯ୍ୟାଳୟ ଦେଇ ବଲାଙ୍ଗିର - ପାଟଣାଗଡ଼ ରାସ୍ତାକୁ ସଂଯୋଗ କରୁଛି ଯାହାକି ପ୍ରଶସ୍ତ ପିଚୁ ରାସ୍ତା ରହିଛି। କିନ୍ତୁ ପଛପଟ ରାସ୍ତା ଏବେବି ଠିକ ଭାବେ ନିର୍ମାଣ କରାଯାଇ ନ ଥିବା ଦେଖିବାକୁ ମିଳିଛି। ପଛପଟ ରାସ୍ତା ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ସଂଯୋଗ କରିବା ସହ ବଲାଙ୍ଗିର - ଟିଟିଲାଗଡ଼ ରାସ୍ତାକୁ ରିଂ ରୋଡ ରାସ୍ତା ଦେଇ ସଂଯୋଗ କରିଛି। ତେବେ ଡାକ୍ତରଖାନା ଗେଟ ପାଖରୁ ପ୍ରାୟ ଅଧା କିମି ରାସ୍ତା ଏବେବି ମାଟି ଓ ମେଟାଲ ରାସ୍ତା



ରହିଛି। ଅଧା ରାସ୍ତା ପିଚୁ ରହିଥିବା ବେଳେ ଅଧା ମାଟି ରାସ୍ତା ରହିଛି। ତଥାପି ବହୁ ସଂଖ୍ୟାରେ ଲୋକ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ବଲାଙ୍ଗିର - ଟିଟିଲାଗଡ଼ ପଟୁ ଆସୁଥିବା ରୋଗୀମାନେ ରିଂ ରୋଡରେ ଆସି ଏହି ରାସ୍ତା ଦେଇ ଡାକ୍ତରଖାନାକୁ ଯାଉଥିବାବେଳେ ଖରାପ ରାସ୍ତା ଯୋଗୁଁ ଅନେକ ସମସ୍ୟା ଦେଖାଦେଇଥିବା ଅଭିଯୋଗ ହୋଇଛି। ତେବେ ଡାକ୍ତରଖାନା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଡାକ୍ତରଖାନା ର ପଛପଟ ରାସ୍ତାର ମଧ୍ୟ ଉନ୍ନତିକରଣ କରିବାକୁ ଦାବି ହୋଇଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

ଚିକିତ୍ସାରେ ଅବେହେଳା

# ରୋଗୀଙ୍କ ଖାଦ୍ୟନଳୀ କାଟିଦେଲେ

**ବଲାଙ୍ଗିର, ୧୮।୭(ସମିସ) :** ବଲାଙ୍ଗିର ଜିଲ୍ଲାରେ ପୁଣି ଚିକିତ୍ସାରେ ଅବେହେଳା ଅଭିଯୋଗ। ଚିକିତ୍ସା ଅବହେଳା ଯୋଗୁଁ ଜଣେ ମହିଳା ଗୁରୁତର ହୋଇଥିବା ବେଳେ ଏହାକୁ ନେଇ ଅସନ୍ତୋଷ ଦେଖିବାକୁ ମିଳିଛି। ପୂର୍ବରୁ ଘରୋଇ ଡାକ୍ତରଖାନାରେ ଏହିଭଳି ଘଟଣା ସାମ୍ନା କୁ ଆସିଥିବା ବେଳେ ବର୍ତ୍ତମାନ ଟିଟିଲାଗଡ଼ ସରକାରୀ ଡାକ୍ତରଖାନାରୁ ଏହିଭଳି ଚିତ୍ର ସାମ୍ନା କୁ ଆସିଛି।

ସୂଚନା ଅନୁସାରେ ଶୁକ୍ରବାର ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନା ଅଧୀନରେ ଥିବା ପ୍ରସୂତି ଓ ଶିଶୁ ବିଭାଗରେ ଜଣେ ମହିଳା ଗୁରୁତର ହୋଇପଡ଼ିଥିଲେ। ସମ୍ପୃକ୍ତ ମହିଳା ଜଣକ ସଇଁତଳା ବ୍ଲକ ଡୁକେର୍ଟଚରା ଗାଁର ଅନୀତା ତାଣ୍ଡି। ଅନୀତାଙ୍କୁ ଫ୍ୟାମିଲି ପ୍ଲାନିଂ ଅପରେସନ ପାଇଁ ଟିଟିଲାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅପରେସନ ସମୟରେ ସେ ଗୁରୁତର ହୋଇ ପଡ଼ିବାରୁ ତାଙ୍କୁ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ୍ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଏନେଇ ପରିବାର ଲୋକେ ଡାକ୍ତରଙ୍କୁ ପଚାରିବାରୁ ମହିଳା ଙ୍କ ଖାଦ୍ୟନଳୀ କଟି ଯାଇଥିବା କହିଥିଲେ। ତେବେ ଅପରେସନ ଚାଲୁଥିବା ସମୟରେ ମହିଳା ଜଣକ କାସି ଦେବାରୁ ବ୍ଲେଡ୍ ସାମାନ୍ୟ ବାଜିଥିବା ଡାକ୍ତର ସୂଚନା ଦେଇଥିଲେ। ତାହାର ଚିକିତ୍ସା ହୋଇଥିବାବେଳେ ଅବ୍‌ଜରବେସନ ପାଇଁ ତାଙ୍କୁ ବଲାଙ୍ଗିର ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ବର୍ତ୍ତମାନ ମହିଳା ଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବାବେଳେ ଅପରେସନ ସମୟ ରେ ଡାକ୍ତରମାନେ ସରକାରୀ ଡାକ୍ତରଖାନାରେ ଅବହେଳା ପ୍ରଦର୍ଶନ କରୁଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

# ଗ୍ରାମର ସାମୂହିକ ବିକାଶ ଦାବିକଲେ ପୂର୍ବତନ ସରପଞ୍ଚ

**ସଇଁତଳା, ୧୮।୭(ସମିସ):** ସଇଁତଳାର ପୂର୍ବତନ ସରପଞ୍ଚ ଭୀମୀସେନ ସ୍ୱାଇଁ ସଇଁତଳା ସଦର ମହକୁମାକୁ ଏନ୍‌ଏସି କରିବା ସହ ଗ୍ରାମର ସାମୂହିକ ବିକାଶ ପାଇଁ ଦାବି ରଖିଛନ୍ତି। ସଇଁତଳା ବିବେକାନନ୍ଦ ପାଠାଗାରରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଶ୍ରୀ ସ୍ୱାଇଁ ସଇଁତଳା ସହରର ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆଣିବା, ତହସିଲ କାର୍ଯ୍ୟାଳୟଠାରେ ଏକ ରେଜେଷ୍ଟି କାର୍ଯ୍ୟାଳୟ ଖୋଲିବା, ଜାତୀୟ ରାଜପଥ କଡ଼ରେ ମୁଖ୍ୟ ଡ୍ରେନ୍ ନିର୍ମାଣ, ଦୈନିକ ବଜାର ଅଞ୍ଚଳ



ପିଚୁ କିମ୍ବା ପେଭର ବ୍ଲକ ପକାଇବା, ଲାନ୍ଥ ନଦୀ ଉପରେ ଏକ ବ୍ୟାରେଜ ନିର୍ମାଣ, ପଞ୍ଚାୟତ ଅଞ୍ଚଳରେ ଥିବା ରାସ୍ତାଗୁଡ଼ିକର ପୁନଃନିର୍ମାଣ, ଡେଙ୍ଗସର୍ଗି ପଡ଼ିଆକୁ ମିନି ଷ୍ଟାଡିୟମ ନିର୍ମାଣ ଏବଂ ନିକଟରେ ଏକ ପାର୍କ ନିର୍ମାଣ କରିବାକୁ ଦାବି କରିଥିଲେ। ଏ ବିଷୟରେ ଅଞ୍ଚଳର ବିଧାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିବା କହିବା ସହ ଆଗାମୀ ଦିନରେ ଯଦି ଉପରୋକ୍ତ ବିଷୟରେ ଜନପ୍ରତିନିଧ କିମ୍ବା ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ସଇଁତଳାର ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି। ଚଳିତ ଗ୍ରୀଷ୍ମ ଋତୁରେ ସଇଁତଳା ଜନସାଧାରଣ ପାନୀୟଜଳ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହୋଇଥିବାବେଳେ ଦୀର୍ଘ ବର୍ଷରୁ ନିର୍ମାଣ ହୋଇଥିବା ପୁରୁଣା ପାଣି ଟାଙ୍କି ସ୍ଥାନରେ ନୂତନ ପାଣିଟାଙ୍କି ନିର୍ମାଣ କରି ସହରକୁ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଆଇନ୍‌ଜୀବୀ ମାନଭଞ୍ଜନ ପାଣିଗ୍ରାହୀ, ସମାଜସେବୀ ସୁରେଶ ନନ୍ଦ, ବିନୟ ଭୋଇ ଓ ପ୍ରଶାନ୍ତ ବଗର୍ତ୍ତି ଉପସ୍ଥିତ ଥିଲେ।

ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦାବି

# କଣ୍ଟାବାଞ୍ଜି ସହରରେ ବିଜେଡିର ଶୋଭାଯାତ୍ରା





**କଣ୍ଟାବାଞ୍ଜି, ୧୮।୭(ସମିସ):** ବାଲେଶ୍ୱର ଜିଲ୍ଲା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦାବିରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ବଲାଙ୍ଗିର ଜିଲ୍ଲା ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ତଥା ବିଜେଡି ନେତ୍ରୀ ନିରୁପମା ମାଝୀଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରା ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲା। ତହସିଲଦାରଙ୍କ ଜରିଆରେ ରାଜ୍ୟପାଳଙ୍କୁ ୮ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟ ସରକାରଙ୍କ ଏକବର୍ଷ ଶାସନ ଭିତରେ କଲେଜ ଛାତ୍ରୀ ଓ ମହିଳାଙ୍କ ନିର୍ଯାତନା ଭଳି ଘଟଣା ଚରମସୀମାରେ ପହଞ୍ଚିଛି। ସେହିଭଳି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ବନ୍ଦ କରାଯିବା ଫଳରେ ସାରା ରାଜ୍ୟରେ ଚାଷୀ, ମୂଲିଆ, ଖଟିଖିଆ, ଦିନ ମଜୁରିଆ ନାହିଁନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ବିଭାଗର ଡାକ୍ତର ପଦ ପୂରଣ କରାଯାଉ। ଜିଲ୍ଲାସ୍ତରରେ ଚାଷୀ ବୀମା ସମ୍ପର୍କିତ କୌଣସି କାର୍ଯ୍ୟାଳୟ ନ ଥିବାରୁ ଚାଷୀମାନେ ଅନେକ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଜିଲ୍ଲା ମୁଖ୍ୟଙ୍କର କୃଷିବୀମା କାର୍ଯ୍ୟାଳୟ ଖୋଲାଯାଉ। କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ରରେ ଅନ୍ତର୍ଗତ ତୁରେକେଲା, ମୁରିବାହାଲ, ବଙ୍ଗୋମୁଣ୍ଡା ବ୍ଲକ ମୁଖ୍ୟ କାର୍ଯ୍ୟାଳୟରେ ଷ୍ଟାଡିୟମ ସହ ମଲ୍ଟିଜିମ ନିର୍ମାଣ ପାଇଁ ଦାବି କରାଯାଇଛି। ଏଥିରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ମିଥିଳା ମାଝୀ, ରାଜ୍ୟ ଉପ ସଭାନେତ୍ରୀ ଗୋପା ମହାନନ୍ଦ, ଜିଲ୍ଲା ସାଧାରଣ ସମ୍ପାଦିକା ପିଙ୍କି ଖର୍ସେଲ, କଣ୍ଟାବାଞ୍ଜି ବିଜୁ ଜନତା ଦଳ ଯୁବ ନେତା ଗିରିରାଜ ସିଂ ମାଝୀ, ତୁରେକେଲା ବ୍ଲକ ବିଜେଡି ସଭାପତି ଆଶାଦୁଲ ଖାନ, ଉପସଭାପତି ବିଶ୍ୱନାଥ ସାହୁ, ଦେବରାଜ ଯାଦବ, କିଶୋର ମଛଖଣ୍ଡ, ଦେବାର ବାରିକ, ବିଷ୍ଣୁ କୁଏଡ, ଶାନ୍ତାନୁ ବିଭାର, ସୂର୍ଯ୍ୟ ପ୍ରତାପ ମିଶ୍ର, ବିଜେଡି ନେତା ଦୈତାରୀ ଭୋଇ, ଦୀପକ ଘିଭେଲା, ରାମଚନ୍ଦ୍ର ରାଏ, ବିଟୁ ସାଘା, ଶୁଶିଲ ମେହେର, ମହେନ୍ଦ୍ର ମାଝୀ, ଦିଲୀପ ପୃଷ୍ଟି, ଶ୍ରୀଧର ମାଝୀ, ଦିଲୀପ ମାହାନ୍ତି, ଅଶୋକ ସରାଫ, ଜୁଜିଷ୍ଟି ଉରାସଗ୍ରିଆ, ଅମିତ ସାହୁ, ଚରଣ ମେହେର, ଲମ୍ବୁ ମାହାନନ୍ଦ, ଭବାନୀ ନାଗ, ଗୌରାଙ୍ଗ ମାହାନନ୍ଦ, ଏକୁ ବେହେରା, ସଚିନ ହଂସ, ଆଶିଷ ବେହେରା ପ୍ରମୁଖଙ୍କ ସହ ଅନ୍ୟ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

**ରାଜ୍ୟପାଳ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

# ଶରୀର ଦାନକଲେ ପୂଜ୍ୟପୂଜା ସେବା ସଂଗଠନର ସଭାପତି



**ବଲାଙ୍ଗିର, ୧୮।୭(ସମିସ):** ପୂଜ୍ୟପୂଜା ସେବା ସଂଗଠନର ସଭାପତି ତଥା ବଲାଙ୍ଗିର ବ୍ଲକ ଗର୍ଜନ ଗ୍ରାମର ମୂଳ ବାସିନ୍ଦା କେଶବଚନ୍ଦ୍ର ମିଶ୍ର ଆଜି ଭୀମଭୋଇ ଭେଷଜ ମହାବିଦ୍ୟାଳୟରେ ନିଜର ଶରୀରଦାନ ସମ୍ପର୍କିତ କାଗଜପତ୍ର ଦାଖଲ କରିଛନ୍ତି। ଶ୍ରୀ ମିଶ୍ର ଅବର୍ତ୍ତମାନରେ ତାଙ୍କର ମର ଶରୀରକୁ ମହାବିଦ୍ୟାଳୟର ଛାତ୍ରମାନେ ଶିକ୍ଷା ଓ ଗବେଷଣାରେ ବିନିଯୋଗ ହେବ ବୋଲି ତାଙ୍କର ଇଚ୍ଛାପତ୍ରରେ ଘୋଷଣା କରିଛନ୍ତି। ଶ୍ରୀ ମିଶ୍ର ପୂଣ୍ୟଶ୍ଳୋକ ବିଶିଷ୍ଟ ସମାଜସେବୀ, ପିତା ସୋମନାଥ ମିଶ୍ର ଓ ମାତା କ୍ଷୀର ମିଶ୍ରଙ୍କ ସୁପୁତ୍ର ଅଟନ୍ତି। ଶ୍ରୀ ମିଶ୍ର ଉଦ୍ୟାନ କୃଷି ଅଧିକାରୀଭାବେ ଅବସର ପରେ ଶିଶୁବିକାଶ କେନ୍ଦ୍ର, ପୂଜ୍ୟପୂଜା ସେବା ସଂଗଠନ, ଅଦ୍ୟାଶକ୍ତି ନାରୀ ସଂଗଠନ, ଅଙ୍କୁର ଶିଶୁ ସାହିତ୍ୟ ସଂସଦ, ସଂସ୍କୃତ ପରିଷଦ ତଥା ଅନେକ ସାଂସ୍କୃତିକ ଓ ସମାଜିକ ଅନୁଷ୍ଠାନ ସହିତ ଜଡ଼ିତ ରହି କାର୍ଯ୍ୟକରି ଆସୁଛି। ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇ ପାରିବ ବୋଲି ଶିଶୁ ବିକାଶ କେନ୍ଦ୍ରର ସଭାପତି ମଦନମୋହନ ରଥ ମତବ୍ୟକ୍ତ କରିଛନ୍ତି।

ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ତାଲା

# ରକ୍ଷଣାବେକ୍ଷଣ ଅଭାବରୁ ଭୂତକୋଠି




**ବଙ୍ଗୋମୁଣ୍ଡା, ୧୮।୭(ସମିସ):** ଓଡ଼ିଶାର ଅନେକ ସ୍ଥାନରେ ଜାତୀୟରାଜପଥ ଓ ରାଜ୍ୟ ରାଜପଥ କଡ଼ରେ ଯାତ୍ରୀ ଓ ପର୍ଯ୍ୟଟକମାନଙ୍କ ପାଇଁ ପୂର୍ତ୍ତବିଭାଗ ଓ ପର୍ଯ୍ୟଟନ ବିଭାଗ ଦ୍ୱାରା ପଥପ୍ରାନ୍ତ ସୁବିଧାକେନ୍ଦ୍ର ନିର୍ମାଣ ହୋଇଥିଲା। ପ୍ରତିଟି କେନ୍ଦ୍ରରେ ଭାରୀ ବାହନ ପାର୍କିଂ, ବିଶ୍ରାମ ଗୃହ, ଶୌଚାଳୟ, କ୍ୟାଣ୍ଟିନ ଇତ୍ୟାଦି ବ୍ୟବସ୍ଥା ଥିଲା। ରାଜପଥରେ ଦୁରଦୂରାନ୍ତର ଯାତାୟାତ କରୁଥିବା ଯାତ୍ରୀ ମାନଙ୍କ ସୁବିଧାକୁ ଗୁରୁତ୍ୱଦେଇ ରାଜ୍ୟ ସରକାରଙ୍କଦ୍ୱାରା ବଙ୍ଗୋମୁଣ୍ଡା କୋଦୋଭଟା ଅଞ୍ଚଳରେ ମଧ୍ୟ ଗୋଟିଏ ସୁବିଧା କେନ୍ଦ୍ର ନିର୍ମାଣ ହୋଇଥିଲା। କିନ୍ତୁ ଏବେ ଏହି ସୁବିଧା କେନ୍ଦ୍ର ଭୂତକୋଠିରେ ପରିଣତ ହୋଇସାରିଛି। ଯେଉଁ ସୁବିଧାକେନ୍ଦ୍ର ହଜାର ହଜାର ଯାତ୍ରୀଙ୍କ ସୁବିଧା ପାଇଁ ନିର୍ମାଣ ହୋଇଥିଲା ଏବେ ତାହା ଜନ ଶୂନ୍ୟ ହୋଇଛି। ବଙ୍ଗୋମୁଣ୍ଡା ଅଞ୍ଚଳର କୋଦୋଭଟା ରାଜପଥରେ ଥିବା ସୁବିଧା କେନ୍ଦ୍ରକୁ ଜଣେ ଯାତ୍ରୀ ଯାଉନାହାଁନ୍ତି। ବର୍ଷବର୍ଷ ଧରି ଏହି ସୁବିଧାକେନ୍ଦ୍ର ବନ୍ଦ ରହିଛି। ଯେଉଁ ସୁବିଧା କେନ୍ଦ୍ରରେ ଗୋଟିଏ ସମୟରେ ପାର୍କିଂ, ଶୌଚାଳୟ, ଜଳପାନ, ବିଶ୍ରାମ ଗୃହ ଆଦି ଅନେକ ବ୍ୟବସ୍ଥା ଥିଲା ସେଗୁଡିକ ଆଜି ଅନାବନା ଲତାରେ ଭରି ଗଲାଣି। ଡବଲ ଇଞ୍ଜିନ ସରକାର ଏହାର ଖର୍ଚ୍ଚ ତୁଲାଇ ପାରୁନାହାନ୍ତିକି ବୋଲି ଜନସାଧାରଣ ଆଲୋଚନା କରୁଛନ୍ତି।

ସରକାରୀ ଅର୍ଥର ଅପବ୍ୟବହାର

# ବିପର୍ଯ୍ୟସ୍ତ ଅବସ୍ଥାରେ ମିନିପାର୍କ

ବଲାଙ୍ଗିର, ୧୮।୭(ସମିସ)

ବଲାଙ୍ଗିର ଜିଲ୍ଲା ସରକାରୀ ଟଙ୍କାର ଅପବ୍ୟବହାର କ୍ଷେତ୍ରରେ ଅନେକ ସମୟରେ ଉଦାହରଣ ସୃଷ୍ଟି କରିଆସିଛି। ସରକାରୀ ତହବିଲରୁ ପ୍ରଥମେ ନିର୍ମାଣ କରିଦେଇ ପରବର୍ତ୍ତି ସମୟରେ ତାକୁ ପକାଇ ରଖିବା, ରକ୍ଷଣାବେକ୍ଷଣ ନ କରିବା ଭଳି ଅନେକ ଦୃଶ୍ୟ ବଲାଙ୍ଗିର ସହରରେ ଦେଖିବାକୁ ମିଳେ। ଏହିଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ। ଉପଜିଲ୍ଲାପାଳ ଅଫିସ ଓ କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟ ନିକଟରେ ଥିବା ଏକ ମିନିପାର୍କ କିଛି ବର୍ଷ ଆଗରୁ ଉଦ୍‌ଘାଟନ ହୋଇଥିଲା। କିନ୍ତୁ ତାହାଏବେ ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ି ରହିଥିବାବେଳେ ପାର୍କ ଭିତରେ ଅନାବନା ଘାସ ରାଜୁତି କରୁଥିବା ଦେଖିବାକୁ ମିଳିଛି। ବଲାଙ୍ଗିର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟ ଲାଗି ରହିଛି।



ଏହି ଦୁଇ କାର୍ଯ୍ୟାଳୟକୁ ଲାଗି ଏକ ମିନିପାର୍କ ନିର୍ମାଣ କରାଯାଇଥିଲା। ସରକାରୀ କାର୍ଯ୍ୟାଳୟ ତଥା ସହରର ସୌନ୍ଦର୍ଯ୍ୟକରଣ ଲକ୍ଷ୍ୟନେଇ ଏହି ମିନିପାର୍କ ନିର୍ମାଣ କରାଯାଇଥିବାବେଳେ ଭିତରେ ବିଭିନ୍ନ ପ୍ରକାରର ଗଛ ଲଗାଯାଇଥିଲା। ଚାରିଆଡ଼େ ପାଚେରି ସହ ଗେଟ ନିର୍ମାଣ କରାଯାଇଥିଲା। ଏହାର ଆଲୋକୀକରଣ ବ୍ୟବସ୍ଥା ମଧ୍ୟ କରାଯାଇଛି। କିନ୍ତୁ ଏହି ପାର୍କର ଉଚିତ ରକ୍ଷଣାବେକ୍ଷଣ କରାଯାଇ ନ ଥିବାରୁ ଏବେ ଏହା ଅନାବନା ଘାସରେ ଭର୍ତ୍ତି ହୋଇସାରିଛି। ଆଲୋକୀକରଣ ଠିକ ଭାବେ କାମ କରୁଛି କି ନାହିଁ ତାହା ବି ସନ୍ଦେହ। ଭିତରକୁ କେହି ପ୍ରବେଶ କରୁଛନ୍ତି ନା ନାହିଁ ତାହା ମଧ୍ୟ ପ୍ରଶ୍ନ। କିନ୍ତୁ ଯେଉଁ ଉଦ୍ଦେଶ୍ୟ ନେଇ ସରକାରୀ ତହବିଲ ରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି ତାହା ସାଧିତ ହୋଇପାରି ନ ଥିବା ଅଭିଯୋଗ ହୋଇଛି। ତେବେ ଏହା କିଏ

**ରକ୍ଷଣାବେକ୍ଷଣ ଅଭାବରୁ ଅନାବନା ଘାସରେ ଭର୍ତ୍ତି**

ନିର୍ମାଣ କରିଥିଲେ, କେତେ ଟଙ୍କାରେ ନିର୍ମାଣ କରିଥିଲା। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ କାହାର ସେନେଇ କୌଣସି ସ୍ୱଷ୍ଟ ସୂଚନା ମିଳି ନ ଥିବାବେଳେ ଏହା କେବଳ ସରକାରୀ ଅର୍ଥର ଅପବ୍ୟବହାର ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏଥିପ୍ରତି ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେବା ସହ ଆବଶ୍ୟକ ରକ୍ଷଣାବେକ୍ଷଣ କରିବାକୁ ଦାବି ହେଉଛି।

# ଟ୍ରକ୍ ଓଲଟି ଡ୍ରାଇଭର ମୃତ



ଆନନ୍ଦପୁର, ୧୮।୭ (ସମିସ): ୨୦ନମ୍ବର ଜାତୀୟ ରାଜପଥର କନ୍ତୋ ନିକଟରେ ଓଡି ୦୯ପି ୯୦୭୫ ନମ୍ବର ଲୁହାପଥର ବୋଝେଇ ଟ୍ରକ୍‌ଟି ଓଲଟିଯିବାରୁ ଘଟଣାସ୍ଥଳରେ ଡ୍ରାଇଭର ମନଦୀପ ଯାଦବ (୩୦)ଙ୍କ ମୃତ୍ୟୁ ହୋଇଯାଇଛି। କେନ୍ଦୁଝର ଖଣିରୁ ଲୁହାପଥର ବୋଝେଇ ହୋଇ ଆସୁଥିବା ଟ୍ରକ ଭାରସାମ୍ୟ ହରାଇ ପଲଟି ଯାଇଥିଲା। ଖବର ପାଇ ଘସିପୁରା ପୁଲିସ ମୃତଦେହକୁ ଆନନ୍ଦପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

# ରୂପାନ୍ତରିତ ହେଲା ଗ୍ରାମପଞ୍ଚାୟତ ହାଇସ୍କୁଲ ମଛାଲୋ



ରାମଚନ୍ଦ୍ରପୁର, ୧୮।୭(ସମିସ): ଘଷିପୁରା ବ୍ଲକ ମଛାଲୋ ଗ୍ରାମପଞ୍ଚାୟତ ହାଇସ୍କୁଲକୁ ସ୍ମାର୍ଟ ବିଦ୍ୟାଳୟରେ ପରିଣତ କରାଯାଇଛି। ୧ କୋଟି ୧୬ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇ ରୂପାନ୍ତରଣ କାର୍ଯ୍ୟ ସମାପନ ହୋଇଥିବା ବେଳେ ଗୁରୁବାର ଏହାକୁ ମୁଖ୍ୟଅତିଥି ଭାବେ ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଉଦ୍‌ଘାଟନ କରିଥିଲେ। ସଭାରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଶରତ ରାଉତ, ସମ୍ମାନିତ ଅତିଥି ଭାବେ ଘସିପୁରା ବିଡିଓ ବିନୀତା ବିଜୟିନୀ, ସ୍ଥାନୀୟ ସରପଞ୍ଚ ସୌମ୍ୟା ରାଉତ, ବିଦ୍ୟାଳୟ ସଭାପତି ରମେଶ ନାଥ ପ୍ରମୂଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଧନଞ୍ଜୟ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷକ ଧର୍ମାଧି ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପୂର୍ବତନ ସରପଞ୍ଚ ମନୋଜ ଜେନା ସ୍ୱାଗତ ଅଭିଭାଷଣ ରଖିଥିଲେ। ଗ୍ରାମର ବରିଷ୍ଠ ଗିରିଧାରୀ ପାଣିଗ୍ରାହୀ, ଅଭିମନ୍ୟୁ ପଣ୍ଡା, ପ୍ରହ୍ଲାଦ ନାୟକ, ଦୀପ୍ତିରଂଜନ ମହାନ୍ତି, ବିଜୟବାରିକ, ଛବିନ୍ଦ୍ର ଜେନା ଅତିଥିଙ୍କ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ସମାଜସେବୀ ମାୟାଧର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଟ୍ରାନ୍ସଫର୍ମର ଅଚଳ; ଅସ୍ତବ୍ୟସ୍ତ ୩୦ ପରିବାର



କେନ୍ଦୁଝର,୧୮।୭(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପର୍ଜନପୁର ପଞ୍ଚାୟତ କଶିରା ଗାଁର ୬୩ କେଭି ବିଶିଷ୍ଟ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପାଞ୍ଚ ଦିନ ହେଲାଣି ପୋଡ଼ି ଯାଇଛି। ଫଳରେ ୩୦ ପରିବାର ଅନ୍ଧାରରେ ଅଛନ୍ତି। ସନ୍ଧ୍ୟାହେଲେ ରାସ୍ତାଘାଟ କିଟିମିଟି ଅନ୍ଧାର ହୋଇ ଯାଉଥିବାରୁ ଲୋକେ ଘରୁ ବାହାରିବାକୁ ଭୟ ଲାଗି ରହୁଛି। ନିକଟରେ ଜଙ୍ଗଲ ରାଗି ରହିଥିବାରୁ ହାତୀ, ଭାଲୁ, ଶିଆଳ ଆଦି ବନ୍ୟଜନ୍ତୁ ଗାଁ ମୁହାଁ ହୋଇଥାନ୍ତି। ଏହାଛଡା ଅନ୍ଧାର ଯୋଗୁଁ ପିଲାମାନଙ୍କ ପାଠପଢାରେ ବାଧାସୃଷ୍ଟି ହେଉଛି। ସେନେଇ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ଅଭିଯୋଗ କରାଯିବା ପରେ ଗାଁରେ ପହଞ୍ଚିଥିଲେ। ହେଲେ ନୂତନ ଟ୍ରାନ୍ସଫର୍ମର ବସାଇବାକୁ ପଦକ୍ଷେପ ନିଆଯାଇ ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଟ୍ରାନ୍ସଫର୍ମର ବସାଯିବାକୁ ରାମଚନ୍ଦ୍ର ମାଝୀ, ବନମାଳି ମାଝୀ, ଡମ୍ବରୁଧର ମାଝୀ, ଦାସରଥି ମହାନ୍ତ, ତୁଳସୀ ମହାନ୍ତି, ପିକୁନ ମାଝୀ, ମୋହନ ମାଝୀ, ଅରୁଣ ମହନ୍ତ, ଚନ୍ଦନ ମହନ୍ତ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

# ଜୈବିକ ପଦ୍ଧତିରେ ଉତ୍ପାଦିତ ପନିପରିବା ପ୍ରଦର୍ଶନୀ



ଆନନ୍ଦପୁର/ବେଲବାହାଲି, ୧୮।୭ (ସମିସ): ଅଣରସାୟନିକ ବା ଜୈବିକ ପଦ୍ଧତିରେ ଚାଷ କରି ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ କେନ୍ଦୁଝର ଜିଲ୍ଲାର ଘଷିପୁରା ବ୍ଲକ ଦରଡିପାଳ ପଞ୍ଚାୟତ ବାଲିପାଳ ହାଟରେ ପନିପରିବା ବିକିବା ସହ ସଚେତନତା ସୃଷ୍ଟି କରିଛନ୍ତି। ଏଥିରେ ମହିଳାମାନେ ବିଭିନ୍ନ ପ୍ରକାରର ପନିପରିବା ଚାଷ କରି ଉତ୍ପାଦିତ ବାଇଗଣ, ବିଲାତି, ଭେଣ୍ଡି କାକୁଡି, ବାଦାମ, ଝୁଡ଼ଙ୍ଗ, କଲରା ପ୍ରଭୃତି ଆଣି ହାଟରେ ବିକ୍ରି କରିଛନ୍ତି। ହାତ ତିଆରି ମସଲା, ବଡି, ବାଦମ, ମଟର, ନଳି, ପାମ୍ପଡ଼ ଖାଦ୍ୟସାମଗ୍ରୀ ମଧ୍ୟ ବିକ୍ରି କରିଛନ୍ତି। ଏପ୍ରିଇଏସର ମାଷ୍ଟର ଟ୍ରେନର ଇନ୍ଦ୍ରା ମହାନ୍ତି ଉପସ୍ଥିତ ରହି ଅଞ୍ଚଳର ଚାଷୀମାନେ କିପରି ବିନା ସାରରେ, ଅଣରସାୟନିକ ପଦ୍ଧତିରେ ଚାଷ କରିବେ ସେ ଉପରେ ମହିଳା ଓ ପୁରୁଷ ଚାଷୀମାନଙ୍କୁ ବିଭିନ୍ନ ପ୍ରଦର୍ଶନୀ ମାଧ୍ୟମରେ ସଚେତନତା ସୃଷ୍ଟି କହିଥିଲେ। ମା' ପଦ୍ମାଳୟା ପିଜି ବାଳିପାଳ ମହିଳା ଚାଷୀ ଅଖଜା ଓଝା, ଅହଲ୍ୟା ପଣ୍ଡା, ରଶ୍ମିତା ଓଝା, ମମତା ଓଝା, ଉର୍ବସୀ ଓଝା, ଖୁଲଣା ସାହୁ, ମମତା ଓଝା, ସଂଯୁକ୍ତା ଭୋଳ, ଚିନ୍ମୟୀ ଓଝା, ବାସରି ଓଝା, କନକ ଓଝା, ଝୁନୁଲତା, ସୁବର୍ଷ ଓଝା, ସତ୍ୟଭାମା ସୁତାର ଉପସ୍ଥିତ ଥିଲେ।

# ଓଏମ୍‌ସି ଖଣିରୁ କ୍ରୋମାଇଟ୍ ପରିବହନ ସହମତିରେ ପୁଣି ଆରମ୍ଭ

ହାଟଡ଼ିହୀ,୧୮।୭(ସମିସ)



ହାଟଡ଼ିହୀ ବ୍ଲକ ବଉଳାସ୍ଥିତ ଓଏମସି ମାଇନ୍ସରୁ କ୍ରୋମାଇଟ ପରିବହନ ନେଇ ୨ଟି ଆସୋସିଏସନ ମଧ୍ୟରେ ଆପୋଷ ବୁଝାମଣା ହୋଇଛି। ପରିବହନ ସମ୍ପୂର୍ଣ୍ଣ ବନ୍ଦ ଥିଲା ବେଳେ ଶୁକ୍ରବାର ପୂର୍ବାହ୍ଣରେ ପୁଲିସ ପ୍ରଶାସନର ହସ୍ତକ୍ଷେପରେ ପରିବହନ କାର୍ଯ୍ୟ ସହମତିରେ ଆରମ୍ଭ ହୋଇଛି। ବାଙ୍ଗୋରଠାରେ ୨ଟି ଆସୋସିଏସନର କର୍ମକର୍ତ୍ତା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ବିଜେପି ନେତା ବିବେକାନନ୍ଦ ରାଉତ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଟିକି କିସ୍କୁ ଏବଂ ଦୁଇ ପକ୍ଷର ନେତୃମଣ୍ଡଳୀଙ୍କ ସହ ଆନନ୍ଦପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ ବେହେରା, ସୋସୋ ଥାନା ଆଇଆଇସି ବିଜୟ କୁମାର ବିହାରୀ, ନନ୍ଦିପଦା ଥାନା ଆଇଆଇସି ରବିନ୍ଦ୍ର ପାତ୍ର, ଆନନ୍ଦପୁର ଆଇଆଇସି ଫନିନ୍ଦ୍ରଭୂଷଣ ନାଏକ ପ୍ରମୁଖ ଆଲୋଚନା କରିଥିଲେ। ପ୍ରକାଶଥାଉକି, ୧୯ ୯୨ରୁ ବଉଳା ଟ୍ରକମାଲିକ ସଂଘ ପକ୍ଷରୁ ବଉଳା ମାଇନ୍ସରୁ ମାଲ୍ ପରିବହନ ହୋଇ ଆସୁଥିଲା। ଯାହାର ନିଜସ୍ୱ ଗୃହ ଏବଂ ଜମି ରହିଥିବା ବେଳେ ସଂଘ ନିୟମାନୁସାରେ, ଉପଖଣ୍ଡ ସ୍ତରରୁ ଟ୍ରକ ମାଲିକ ଏଥିରେ ଯୋଡ଼ି ହୋଇ ରହିପାରିବେ। ପ୍ରତିଦିନ ମାଇନ୍ସରୁ ୨୦ ଟ୍ରକ ସାମଗ୍ରୀ ପରିବହନ କରିବା ନେଇ ନିର୍ଦ୍ଦେଶ ଥିଲାବେଳେ ମାଇନ୍ସରୁ ସାମଗ୍ରୀ ଅଭାବ ପରିଲକ୍ଷିତ ହେଉଥିଲା। ଏଥିସହ ପ୍ରତି ମାସ ମାତ୍ର ୪-୫ ଦିନ ମାଲ୍ ଲୋଡ ହୋଇ ପରିବହନ ହେଲେ ଅନ୍ୟଦିନେ ପରିବହନ ବନ୍ଦ ହୋଇ ରହୁଥିଲା। ଏମିତିକି ବର୍ଷକୁ ଦୁଇ ମାସ ପରିବହନ ଚାଲିଲେ ୧୦ ମାସ ବନ୍ଦ ରହୁଥିଲା। ମାଇନ୍ସର ୫କିମି ପରିଧି ତଥା ୩୪ନଂ ଜୋନର ବାଙ୍ଗୋର, ଧନୁର୍ଜୟପୁର ପଞ୍ଚାୟତରେ ୩୫ଖଣ୍ଡ ଟ୍ରକ ଥିଲାବେଳେ ପଡ଼ିଆରିପଲ୍ଲୀ, ବାଲିବରେଇ ଏବଂ ସୋସୋ ଆଦି ୩ଟି ପଞ୍ଚାୟତରେ ୫୩ ଖଣ୍ଡ ଟ୍ରକ୍ ରହିଥିବା ନେଇ ବଉଳା ଆସୋସିଏସନ ପକ୍ଷରୁ ରିପୋର୍ଟ ମିଳିଛି। ପରେ ପରିବହନ କ୍ଷେତ୍ରରେ ଦ୍ୱନ୍ଦ୍ୱ ଉପୁଜିବାରୁ ବାଙ୍ଗୋର ଏବଂ ଧନୁର୍ଜୟପୁର ପଞ୍ଚାୟତ ଅଲଗା ହୋଇ ନୂତନ ଭାବେ ବାଙ୍ଗୋର ଟ୍ରକ ମାଲିକ ସଂଘ ଗଠନ କରି ପରିବହନ ପାଇଁ ଦାବି କରିଥିଲେ। ପୃଥକ ୨ଟି ଟ୍ରକ ଆସୋସିଏସନ ହେବାରୁ ମାଲ୍ ପରିବହନରେ ବିରୋଧ ହୋଇ ଆସୁଥିଲା। ଶୁକ୍ରବାର ଏନେଇ ଅନୁଷ୍ଠିତ ଆପୋଷ ସମାଧାନ ବୈଠକରେ ବଉଳା ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ଜିଲ୍ଲା ପୁଲିସ ପ୍ରଶାସନକୁ ସମ୍ମାନ ଜଣାଇ ଏହି ବିବାଦରୁ ଓହରି ଯାଇଛନ୍ତି। ପରିବହନ କ୍ଷେତ୍ରରେ କୌଣସି ଆପତ୍ତି ଅଭିଯୋଗ ନାହିଁ ବୋଲି କହିଛନ୍ତି। ଫଳରେ ଓଏମସି ମାଇନ୍ସରୁ ସାମଗ୍ରୀ ବୋଝେଇ ସହ ପୁଣି ପରିବହନ ସ୍ୱାଭାବିକ ଭାବେ ଚାଲିଥିବା ଜଣାପଡ଼ିଛି।

## ଚିକିତ୍ସାଧୀନ ମହିଳାଙ୍କ ମୃତ୍ୟୁନେଇ ଡାକ୍ତରଖାନା କର୍ତ୍ତୃପକ୍ଷ ପ୍ରଶ୍ନ ଘେରରେ

# ଶବ ଜବତ; ପୁଲିସ ତଦନ୍ତ ଆରମ୍ଭ

ଯୋଡ଼ା, ୧୮।୭ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରାଞ୍ଚଳର ଟାଟା ମେମୋରିଆଲ ଡାକ୍ତରଖାନାରେ ଗୁରୁବାର ରାତ୍ରି ପ୍ରାୟ ୩ଟା ସମୟରେ ଜଣେ ମହିଳାଙ୍କ ମୃତ୍ୟୁ ନେଇ ସଂଶୟ ଘନୀଭୂତ ହୋଇଛି। ପ୍ରାୟ ଆଠଦିନ ହେବ ୭ ନମ୍ବର ୱାର୍ଡର ବାଲମା ମୁଣ୍ଡା (୪୮) ଉକ୍ତ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ବେଳେ ନିଜ ଗଳା କାଟି ସେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ତେବେ, ଘଟଣା ପଛର କାରଣକୁ ନେଇ ଅନେକ ସନ୍ଦେହ ଓ ଅସ୍ୱଷ୍ଟ ସୂଚନା ସାଧାରଣରେ ଆଲୋଚନା ହେଉଛି। ସୂଚନା ଅନୁସାରେ, କୌଣସି କାରଣରୁ ତାଙ୍କ ଗୋଡ଼ରେ ଏକ କାଚ ପଶିଯିବା ପରେ ତାହା ଧୀରେ ଧୀରେ ଗୁରୁତର ଅବସ୍ଥାକୁ ଚାଲି ଆସିଥିଲା। ପରେ ୮ ଦିନ ତଳେ ସେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଗତରାତିରେ ତାଙ୍କ ନିଜ ଝିଅ ନିକଟରେ ଥିବା ବେଳେ ପ୍ରାୟ ରାତି ଦୁଇଟା ସମୟରେ ସେ ଶୋଇ ପଡ଼ିଥିଲେ। ରାତି ୪ଟା ସମୟରେ ନିଦ ଭାଙ୍ଗିବାରୁ ଦେଖନ୍ତି ଯେ ମା' ବାଲମାଙ୍କ ରକ୍ତ ଜୁଡୁବୁଡୁ ଦେହ ପଡିଛି। ବେକରେ ଏକ କଟା ଦାଗ ରହିଛି। ଏହାକୁ ନେଇ ସେ ଘର ଲୋକଙ୍କୁ ଖବର କରିବା ସହ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଘର ଲୋକ ସେଠାରେ ପହଞ୍ଚି ବାଲମାଙ୍କ ମୃତଦେହକୁ ଘରକୁ ନେଇ ଆସିଥିଲେ। ତେବେ ଏହା ଏକ ଅପମୃତ୍ୟୁ ମାମଲା ହୋଇଥିବା ବେଳେ ଏଥିରେ ଡାକ୍ତରଖାନା କର୍ତ୍ତୃପକ୍ଷ କାହିଁକି ପୁଲିସକୁ ଖବର ନ କରି ମୃତଦେହକୁ ଘର ଲୋକଙ୍କୁ ହସ୍ତାନ୍ତର କରିଦେଲେ ବୋଲି ପ୍ରଶ୍ନ ଉଠିଛି। ଶୁକ୍ରବାର ସକାଳେ ଡାକ୍ତରଖାନାରେ ଉକ୍ତ ମହିଳାଙ୍କ ମୃତ୍ୟୁ ନେଇ ଘୋର ସଂଶୟ ଛାଇ ରହିଥିଲା। ଏପରିକି ଉତ୍ତେଜନା ମଧ୍ୟ ସୃଷ୍ଟି ହେବାରୁ ଘଟଣାସ୍ଥଳକୁ ଯୋଡ଼ା ଆଇଆଇସି, ବଡ଼ବିଲ ଏସଡିପିଓ, ତହସିଲଦାର, ଚମ୍ପୁଆ ଉପଜିଲ୍ଲାପାଳ ପହଞ୍ଚି ଅନୁଧ୍ୟାନ କରିଥିଲେ। ଯୋଡ଼ା ପୁଲିସ ଏକ ଅପମୃତ୍ୟୁ ମାମଲାରେ ମହିଳାଙ୍କ ଶବକୁ ଜବତ କରିବା ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଜାରି ରଖିଛି।

# ରଥଯାତ୍ରା ସମୀକ୍ଷା ବୈଠକ

## ପଳସା ଗ୍ରାମରେ ଦଧିବାମନ ଜୀଉଙ୍କ ମାମୁଘର ଘୋଷଣା



ଚମ୍ପୁଆ,୧୮।୭(ସମିସ): ଚମ୍ପୁଆ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସଭାଗୃହରେ ମହାପ୍ରଭୁ ଦଧିବାମନଜୀଉଙ୍କର ପବିତ୍ର ରଥଯାତ୍ରାର ସମୀକ୍ଷା ବୈଠକ ଉପଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମନ୍ଦିର କମିଟି ସହ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଏଥିରେ ଯୋଗ ଦେଇଥିଲେ। ରଥଯାତ୍ରା ଓ ବାହୁଡା ଯାତ୍ରାର ଆୟ ଓ ବ୍ୟୟର ହିସାବ ହେବା ସହିତ ଆଗାମୀ ଦିନରେ ବଡ଼ଦାଣ୍ଡ ମରାମତି, ମାଉସୀ ମାଁ ଘର ନିର୍ମାଣ, ମନ୍ଦିର ମରାମତି, ମନ୍ଦିର ପରିଶରରେ ବିବାହ, ବ୍ରତ ଆଦି ନିମନ୍ତେ ମଣ୍ଡପ ନିର୍ମାଣ, ମନ୍ଦିର ପରିସରର ଉନ୍ନତିକରଣ, ଅଣସର ଗୃହ ନିର୍ମାଣ ସହିତ ମନ୍ଦିର ପରିସରରେ ସ୍ୱଉଚ୍ଚ ପାଚେରି ନିର୍ମାଣ, ମନ୍ଦିର ପରିଚାଳନା, ଦୈନିକ ମନ୍ଦିରର ନିତିକାନ୍ତି ଆଦି ଉପରେ ଉପସ୍ଥିତ ବ୍ୟକ୍ତିବିଶେଷ ଆଲୋଚନା କରିଥିଲେ। ପଳସା ଗ୍ରାମରେ ଦଧିବାମନଜୀଉଙ୍କର ମାମୁଘର ଘୋଷଣା ସହିତ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ପାଇଁ ଏକ ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ପାରିତ ହୋଇଥିଲା। ଅନ୍ୟପକ୍ଷରେ ଚମ୍ପୁଆ ଉପଖଣ୍ଡର ବିକାଶ ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ସ୍ୱର ଉତ୍ତୋଳନ କରିବାକୁ ଉପଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି।

## ଠିକାଦାରଙ୍କ ମନମାନି ଲୋକେ ହଟହଟା

# ଦେଢ଼ବର୍ଷ ହେଲା ସରୁନି ୪ କିମି ରାସ୍ତା ନିର୍ମାଣ



ତୁରୁମୁଙ୍ଗା, ୧୮।୭(ସମିସ): ପାଟଣା ବ୍ଲକ ତୁରୁମୁଙ୍ଗା ପଞ୍ଚାୟତ ୪୯ ନମ୍ବର ଜାତୀୟ ରାଜପଥ ଝାରବେଡା ଛକଠାରୁ ତଳସାହି ଦେଇ କଇଣ୍ତା ଏବଂ ତୁରୁମୁଙ୍ଗା ମେଡିକାଲ ପର୍ଯ୍ୟନ୍ତ ୪.୦୪୫ କିଲୋମିଟର ରାସ୍ତା ଏବେ ସ୍ଥାନୀୟ ଲୋକଙ୍କ ଯାତାୟାତରେ ମୁଣ୍ଡବଥାର କାରଣ ପାଲଟିଛି। ୪ କୋଟି ୧୭ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଗତ ୨୮ ଫେବୃଆରୀ ୨୦୨୪ରେ ପାଟଣାର ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ ଏହି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଉକ୍ତ କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମନ୍ଥର ଗତି ଦେଇ ଚାଲୁଥିବା ଅଭିଯୋଗ ହୋଇଛି। ଠିକାଦାରଙ୍କ ମନମୁଖୀକୁ ନେଇ ଏବେ ହାଇସ୍କୁଲ ଓ ଷ୍ଟାଡିୟମ ମଧ୍ୟ ରାସ୍ତା କୃତ୍ରିମ ହ୍ରଦ ପାଲିଟିଛି। କାଦୁଅ ପଚପଚ ରାସ୍ତାରେ ଛାତ୍ରଛାତ୍ରୀ, ଲୋକେ ଯିବାଆସିବା କରି ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଠିକାଦାର କିଛି ସ୍ଥାନରେ କାମ ଆରମ୍ଭ କରିଥିବା ବେଳେ କିଛି କିଛି ରାସ୍ତା ମଝିରେ ରାସ୍ତା ନିର୍ମାଣ ପାଇଁ ବାଲି, ଚିପ୍ସ ପକାଇ ରଖିଥିବା ଯୋଗୁଁ ବର୍ଷା ପାଣି ଜମି କୃତ୍ରିମ ହ୍ରଦ ସୃଷ୍ଟି ହେଉଛି। କିଛି ରାସ୍ତାରେ ମାଟି ପକାଇ ରଖିଥିବାରୁ କଇଣ୍ତାରୁ ତୁରୁମୁଙ୍ଗା ନାଏକସାହି ରାସ୍ତା କାଦୁଅ ପଚପଚରେ ଭର୍ତ୍ତି ହୋଇଯାଇଛି। ଫଳରେ ଲୋକେ ଯିବାଆସିବା କରିବାରେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ରାସ୍ତା ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବା ସହ ରାସ୍ତା ଉପରେ ପକାଇ ରଖିଥିବା ସାମଗ୍ରୀକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ ଓ ସଚେତନତା କାର୍ଯ୍ୟକ୍ରମ

ଆନନ୍ଦପୁର/ରାମଚନ୍ଦ୍ରପୁର, ୧୮।୭ (ସମିସ): ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ମାଧ୍ୟମରେ ବିଜେପି କୃଷକ ମୋର୍ଚ୍ଚା ଆନୁକୂଲ୍ୟରେ କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ଗଡବାନ୍ଧଗୋଡା ପଞ୍ଚାୟତର ଦାନ୍ତିଆ ଗ୍ରାମଠାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ପ୍ରତିନିଧି ଶିବେନ୍ଦ୍ର ଚକ୍ର, ଶରତ ସ୍ୱାଇଁ, ଚତୁର୍ଭୁଜ ମୁର୍ମୁ, ଦୀପକ ଜେନା, ହରିହର ବୋଇତୋଇ, ମଳୟ ପଣ୍ଡା, ତୀର୍ଥବାସୀ ଜେନା, ଅନଜନ ବେହେରା, ସୁମନ୍ତ ଜେନା, ଚିନ୍ମୟ ଶାଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ। ସେହିପରି ଆନନ୍ଦପୁର ବ୍ଲକ ଜଘାର ପାତାଳେଶ୍ୱର ଶିବ ମନ୍ଦିର କମିଟି ଆନୁକୂଲ୍ୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଦେବପ୍ରିୟ ପାତ୍ର, ଜିଲ୍ଲା ପରିଷଦ ଜିତେନ୍ଦ୍ର ସାମଲ, ସରପଞ୍ଚ ସରସ୍ୱତୀ ସେଠୀ, ସମାଜସେବୀ ରାମଚନ୍ଦ୍ର ପଲେଇ ଯୋଗ ଦେଇଥିଲେ। ରମାକାନ୍ତ ଘଡେଇ, ସନାତନ ଘଡେଇ, ଭୀମସେନ ଘଡେଇ, ଦୟାନିଧି ଘଡେଇ, ଯଦୁମଣି ଘଡେଇ, ମହେଶ୍ୱର ଦାସ, ଧର୍ମାନନ୍ଦ ଘଡେଇ, ରଞ୍ଜନ ଘଡେଇ, ଉତ୍ତମ ଘଡେଇ, ମହେଶ୍ୱର ଦାସ, ବଳରାମ ବେହେରା, ସହଦେବ ପାତ୍ର ସହଯୋଗ କରିଥିଲେ। ପାତାଳେଶ୍ୱର ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।



# ନାହିଁ ଶୀତଳଭଣ୍ଡାର; ପରିବା ଦର ଆକାଶଛୁଆଁ

ତୁରୁମୁଙ୍ଗା, ୧୮।୭(ସମିସ): ଆକାଶ ଛୁଆଁ ପରିବା ଦର। ପରିବା ଦର ଶୁଣି ଛାନିଆଁ ହୋଇ ଦୋକାନରେ ଘଡ଼ିଏ ରହି ଗ୍ରାହକ ଚିନ୍ତାରେ ପଡ଼ି ଯାଉଛନ୍ତି। ଗରିବ ଖଟିଖିଆ ଓ ମଧ୍ୟବିତ୍ତ ଲୋକଙ୍କୁ ଏବେ ଘାରିଛି ପରିବା ଦର ବୃଦ୍ଧି ଚିନ୍ତା। ତୁରୁମୁଙ୍ଗା ବଜାରରେ ଏବେ ବିଲାତି ୬୦ ଟଙ୍କାରେ, ଫୁଲକୋବି ୧୦୦, ପୋଟଳ ୮୦, ବାଇଗଣ ୧୦୦, ଭେଣ୍ଡି ୮୦, କାଙ୍କଡ଼ ୮୦, କଖାରୁ ୩୦, କୁନ୍ଦୁରୁ ୪୦, ଝୁଡ଼ଙ୍ଗ ୬୦, କାକୁଡି ୬୦, ଅମୃତଭଣ୍ଡା ୩୦, ଜହ୍ନି ୬୦, କଲରା ୮୦ ଟଙ୍କା କେଜିରେ ବିକ୍ରି ହେଉଛି। କେଜିଏ, ଅଧକେଜିଏ ପରିବା କିଣୁଥିବା ଲୋକେ ବାଧ୍ୟ ହୋଇ ଦୁଇଶହରୁ ଅଢେଇଶହ ଗ୍ରାମର ପନିପରିବା କିଣି ଘରକୁ ନେଉଛନ୍ତି। କେନ୍ଦୁଝର ଜିଲ୍ଲାରେ ପ୍ରତ୍ୟେକ ବର୍ଷ ଶହ ଶହ ହେକ୍ଟର ପନିପରିବା ଚାଷ ହେଉଥିବା ବେଳେ ଉତ୍ପାଦିତ ପରିବାକୁ ସାଇତି ରଖିବା ପାଇଁ ଶୀତଳ ଭଣ୍ଡାର ନଥିବାରୁ ପରିବା ଦର ଏପରି ଭାବରେ ହୁହୁ ହୋଇ ବଢ଼ି ଚାଲିଛି ବୋଲି ଜଣେ ବେପାରୀ କହିଛନ୍ତି। ପରିବା ଦର ନିୟନ୍ତ୍ରଣ ପାଇଁ ପ୍ରଶାସନର କୌଣସି ଭୂମିକା ନଥିବାରୁ ମନଇଚ୍ଛା ଯିଏ ଯେତିକି ପାରିଲା ଚଢ଼ା ଦରରେ ବିକ୍ରି କରୁଛନ୍ତି। ତୁରୁମୁଙ୍ଗା ଓ ଏହାର ଆଖପାଖ ଅଞ୍ଚଳରେ ଉତ୍ପାଦିତ ହେଉଥିବା ପରିବା ଚଢ଼ା ଦରରେ ବ୍ୟବସାୟୀ କିଣୁଥିବାରୁ ଉଚ୍ଚା ଦରରେ ବିକ୍ରି କରିବାକୁ ପଡୁଥିବା କହିଛନ୍ତି ଦୋକାନୀ। ଧନୀ ଶ୍ରେଣୀର ଲୋକଙ୍କୁ ପରିବା ଦର ବାଧୁ ନଥିବା ବେଳେ ଗରିବ ଖଟିଖିଆ ଲୋକଙ୍କ ଏବେ ମୁଖ୍ୟ ପରିବା ଆଳୁ ମୋଟର ଓ ସୁଲା। ମଧ୍ୟବିତ୍ତ ଲୋକଙ୍କୁ ପରିବା ଦର ବେଶ ବାଧୁଛି। କିଛି ଲୋକ ପରିବା ଖାଇବା ଛାଡି ମାଛ, ଅଣ୍ଡା ଓ ଚିକେନ ଉପରେ ନିର୍ଭର କରୁଥିବା ବେଳେ ଏଥିରେ ଶ୍ରାବଣ ମାସ ବାଧକ ସାଜିଛି। କେବେ ପରିବା ଦର କମ ହେବ ସେନେଇ ଗ୍ରାହକ ପ୍ରଶ୍ନ ଉଠାଇଥିବା ବେଳେ ଏ ପ୍ରଶ୍ନ ଉତ୍ତର କାହାରି ପାଖରେ ନାହିଁ।

# ବିବେକାନନ୍ଦ ଲୋକସଂସଦର ପାଠଚକ୍ର

ଆନନ୍ଦପୁର, ୧୮।୭ (ସମିସ): ସ୍ୱାମୀ ବିବେକାନନ୍ଦ ଲୋକସଂସଦ କେନ୍ଦୁଝର ଜିଲ୍ଲା ଶାଖା ଆନୁକୂଲ୍ୟରେ ଆଭାସୀ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶାସ୍ତ୍ରବିତ ଜଗତ କିଶୋର ଦାସ ମୁଖ୍ୟବକ୍ତା ଭାବେ ଗୀତାର ଦଶମ ଅଧ୍ୟାୟ ବିଭୂତି ଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ସମ୍ପାଦକ ଅଧ୍ୟାପକ ବିଜୟ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ସୁରେନ୍ଦ୍ର ଜେନା ସଂଯୋଜନା କରିଥିଲେ। ପଦ୍ମିନୀ ସାହୁ ବେଦମନ୍ତ୍ର ଉଚ୍ଚାରଣ କରିଥିବା ବେଳେ ଶୁଭଶ୍ରୀ ଓଝା ବିବେକବାଣୀ ପାଠ କରିଥିଲେ। ଜିଲ୍ଲା ସଭାପତି ଡ. ବିମ୍ବାଧର ବେହେରା ଭଗବତ ଗୀତା ମାଧ୍ୟମରେ ଆଧ୍ୟାତ୍ମିକ ଚେତନାର ବିକାଶ ଘଟିବ ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲା ଉପସଭାପତି ଜଗନ୍ନାଥ ପଣ୍ଡା, ଶଙ୍କର୍ଷଣ ଶତପଥୀ, କୈଳାସଚନ୍ଦ୍ର ନନ୍ଦ, ଦେବେନ୍ଦ୍ର ବିଜୟ ସାହୁ, ପ୍ରାଧ୍ୟାପିକା ସ୍ୱର୍ଣ୍ଣମୟୀ ପୁରୋହିତ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ଅନେକ ସଦସ୍ୟ ଏଥିରେ ଯୋଗ ଦେଇଥିଲେ। ରଘୁନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବା ବେଳେ ନାରାୟଣ ବୋଇତେଇ ଶାନ୍ତି ପାଠ କରିଥିଲେ।

## ବାଇଲୋ ପଞ୍ଚାୟତ ଉଚ୍ଚବିଦ୍ୟାଳୟ

# ଶିକ୍ଷକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ

ବେଲବାହାଲି,୧୮।୭(ସମିସ)




ଆନନ୍ଦପୁର ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ବାଇଲୋ, ବାରିଗାଁ ବିଦ୍ୟାଳୟ ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଛି। ଶିକ୍ଷକ ଅଭାବ ଯୋଗୁଁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଗ୍ରାମବାସୀଙ୍କ କହିବା ମୁତାବକ, ଉକ୍ତ ପଞ୍ଚାୟତରେ ଏହି ଉଚ୍ଚବିଦ୍ୟାଳୟ ୧୯୯୦ରୁ ନିର୍ମିତ ହୋଇଥିବା ବେଳେ ୨୦୦୪ରେ ସରକାରୀ ସ୍ୱୀକୃତି ପାଇଥିଲା। ୨୦୨୦ ମସିହା ପର୍ଯ୍ୟନ୍ତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସଠିକ ଭାବେ କାର୍ଯ୍ୟ କରି ଆସୁଥିଲେ। ବର୍ତ୍ତମାନ ୪ ଜଣ ଶିକ୍ଷକଙ୍କୁ ନେଇ ଅଷ୍ଟମଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨୦୦ ଜଣ ଛାତ୍ରଛାତ୍ରୀ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ପୂର୍ବରୁ ଉନ୍ନତ ମାନର ଶିକ୍ଷାଦାନ ଯୋଗୁଁ ଆଖପାଖ ଅଞ୍ଚଳ ଭାଟିସିରା, ଖଡ଼ିବିଲି, ଟୁକୁଣା, ବନିକା, ହାତିବନ୍ଧା ପ୍ରମୁଖ ଗ୍ରାମର ଛାତ୍ରଛାତ୍ରୀମାନେ ଏଠାକୁ ପଢିବାକୁ ଆସନ୍ତି। ୨୦୨୪ରୁ ବିଦ୍ୟାଳୟରେ ଶିକ୍ଷକଙ୍କ ନିଯୁକ୍ତି ହେଉ ନଥିବାରୁ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ଉପରେ ଗୁରୁତର ଭାବେ ପ୍ରଭାବ ପଡିଛି। ଏହି ସ୍କୁଲରେ ପୂର୍ବରୁ ୮ ଜଣ ଶିକ୍ଷକ ଥିବାବେଳେ ବର୍ତ୍ତମାନ ୪ ଜଣ ଶିକ୍ଷକରେ ବିଦ୍ୟାଳୟରେ ପାଠପଢା ଚାଲୁଛି। ପୂର୍ବରୁ ବହୁବାର ସରକାର ସ୍ତରରେ ଦାବି କରି ଆସୁଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଫଳପ୍ରଦ ହେଉନାହିଁ। ଶୁକ୍ରବାର ଆନନ୍ଦପୁର ପଞ୍ଚାୟତସମିତି କାର୍ଯ୍ୟାଳୟରେ ଚାଲିଥିବା ବୈଠକରେ ଗ୍ରାମବାସୀଙ୍କ ପକ୍ଷରୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜଗନ୍ନାଥ ସାହୁ, ପ୍ରମୋଦ ସାହୁ, ରାମଚନ୍ଦ୍ର ସାହୁ, ସୁବାସଚନ୍ଦ୍ର ଜେନା, ରାଧାକାନ୍ତ ସାହୁ, ଦେବରାଜ ସାହୁ, ସନତ ସାହୁ, ଚନ୍ଦନ ଜେନା, ପ୍ରମୋଦ ଜେନା ପ୍ରମୁଖଙ୍କ ସମେତ ଅଭିଭାବକ ଏବଂ ଗ୍ରାମବାସୀ ଯୋଗ ଦେଇଥିଲେ। ସେମାନେ ଗୋଷ୍ଠୀ ଶିକ୍ଷାଧିକାରୀ ହରିହର ଦଳେଇ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ବିଡିଓ ମନୋଜ ମହାନ୍ତଙ୍କ ନିକଟରେ ତିନି ଜଣ କଳା ଶିକ୍ଷକ, ଜଣେ କ୍ରୀଡ଼ା ଶିକ୍ଷକଙ୍କୁ ନିଯୁକ୍ତି କରିବା ପାଇଁ ଦାବି କରିଥିବା ଜଣାପଡ଼ିଛି।

## ପ୍ରସ୍ତାବିତ ମାଛମାଂସ ବଜାର ଶୀତଳ ଭଣ୍ଡାରରେ

# ରାସ୍ତାକଡ଼ ଦୋକାନରୁ ସୃଷ୍ଟି ଅସ୍ୱାସ୍ଥ୍ୟକର ପରିବେଶ

ଆନନ୍ଦପୁର,୧୮।୭ (ସମିସ): ଆନନ୍ଦପୁର ପୌରାଞ୍ଚଳରେ ମାଛ ମାଂସ ବିକ୍ରି କରିବାକୁ ସ୍ୱତନ୍ତ୍ର ଭେଣ୍ଡିଂ ଜୋନ୍ ପାଇଁ ବିଭିନ୍ନ ଅଞ୍ଚଳରେ ସ୍ଥାନ ନିରୂପଣ ହୋଇଥିଲେ ମଧ୍ୟ ଏଯାଏଁ କାର୍ଯ୍ୟକାରୀ ହୋଇପାରୁ ନଥିବାରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ତତ୍କାଳୀନ ଉପଜିଲ୍ଲାପାଳ, ପୌରନିର୍ବାହୀ ଅଧିକାରୀ, ତହସିଲଦାରଙ୍କ ଉପସ୍ଥିରେ ଆମିଷ ବିକ୍ରିୟ ପାଇଁ ଆନନ୍ଦପୁର ବଡ ବଜାର ଫକାରପୁର୍ ଶାଳପଡା ଓ ଶୈଳଙ୍ଗ ଅଞ୍ଚଳରେ ସ୍ୱତନ୍ତ୍ର ଭେଣ୍ଡିଂ ଜୋନ ନିର୍ମାଣ ପାଇଁ ଜମି ଚିହ୍ନଟ କରାଯାଇଥିଲା ହେଲେ ଉକ୍ତ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଉନାହିଁ। ପୌରାଞ୍ଚଳରେ ଆମିଷ ବିକ୍ରି ପାଇଁ ସ୍ୱତନ୍ତ୍ର ଭେଣ୍ଡିଂ ଜୋନର ବ୍ୟବସ୍ଥା ନଥିବାରୁ ବ୍ୟବସାୟୀମାନେ ନିଜ ଇଚ୍ଛା ମୁତାବକ ରାସ୍ତା କଡରେ ଦୋକାନ ଖୋଲି ମାଛ ମାଂସ ବିକ୍ରି କରୁଛନ୍ତି। ରାସ୍ତାକଡରେ ଖୋଲାଖୋଲି ଭାବେ ଛେଳି, କୁକୁଡ଼ା ମରାଯାଉଛି। ସାଧାରଣତଃ ଏହି ରାସ୍ତା ଦେଇ ପ୍ରତ୍ୟହ ଛୋଟ ଛୋଟ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯିବାଆସିବା କରିଥାନ୍ତି। ପିଲାଙ୍କ ଉପରେ ଗଭୀର ପ୍ରଭାବ ପଡୁଥିବା ଅଭିଯୋଗ ହୋଇଛି। ସେହିପରି ୧୪ ନଂ ୱାର୍ଡ ରାସ୍ତାକଡ଼ରେ ନିର୍ମାଣ ହୋଇଥିବା ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ପାର୍କ ସମ୍ମୁଖରେ ମାଛ ମାଂସ କଟାଳି ଦୋକାନ ଖୋଲି ଦୋକାନରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ପାର୍କ ପାଖରେ ପକାଉଥିବାରୁ ପରିବେଶକୁ ଦୂଷିତ କରିବା ସଙ୍ଗେ ସଙ୍ଗେ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। କୋମଳମତି ଶିଶୁମାନଙ୍କ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ପଡୁଛି। ରାସ୍ତାକଡ଼ରେ ଦୁଇଚକିଆ ଗାଡି ପାର୍କିଂ ସାଙ୍ଗକୁ ବୁଲା କୁକୁର ଜଗି ରହିବା ଯୋଗୁଁ ଅଧିକାଂଶ ସମୟରେ ବାଇକ ଚାଳକମାନେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ସାଧାରଣତ ପୌରପରିଷଦ ୱାର୍ଡ ନଂ ୧୪, ଘସିପୁରା, ୱାର୍ଡ ନଂ ୧୫, ମୁରାବାଲି ଏବଂ ୱାର୍ଡ ନଂ ୧୬ ଶୈଳଙ୍ଗ ଛକରେ ଏଭଳି ସମସ୍ୟା ଦେଖିବାକୁ ମିଳୁଛି। ଏପରିକି ଉପଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାକଡ଼ରେ ମଧ୍ୟ ମାଛ ବ୍ୟବସାୟୀ ଦୋକାନ ଖୋଲିବାକୁ ପଛାଉ ନାହାନ୍ତି। ପରିବେଶ ଦୂଷିତ ଯୋଗୁଁ ସାଧାରଣ ଲୋକଙ୍କ ଯାତାୟାତ କରିବା ସମ୍ଭବ ହେଉନାହିଁ। ଏଣୁ ପୌର ପରିଷଦ କର୍ତ୍ତୃପକ୍ଷ ତରଫରୁ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି।

## କୁକୁର କାମୁଡ଼ାରେ ୩ ଆହତ

ବନ୍ତ/ଆଗରପଡ଼ା, ୧୮।୭(ସମିସ): ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲରେ ଏକ ପାଗଳା କୁକୁର କାମୁଡ଼ାରେ ୩ ଜଣ ଆହତ ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ପିଲାଙ୍କ ଖେଳ ଛୁଟି ବେଳେ ପିଲାମାନେ ମଧ୍ୟାହ୍ନଭୋଜନ ପାଇଁ ପ୍ରସ୍ତୁତ ହେଉଥିଲେ। ହଠାତ ଏହି ସମୟରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ କୁକୁର କାମୁଡ଼ିଥିଲା। ଏହା ଦେଖି ବରିଷ୍ଠ ସହାୟକ ଶିକ୍ଷକ ଅଜିତ ରାଉଳ ବାହାରକୁ ଆସି କୁକୁରକୁ ଘଉଡ଼ାଇବା ସମୟରେ ତାଙ୍କୁ ମଧ୍ୟ କୁକୁର କାମୁଡ଼ିଥିଲା। ସେଠାରେ ଥିବା ଜଣେ ଅଭିଭାବକଙ୍କୁ କାମୁଡ଼ିବା ପରେ ସ୍କୁଲର ଅନ୍ୟାନ୍ୟ କର୍ମଚାରୀ କୁକୁରକୁ ସ୍କୁଲ ପରିସରରୁ ଘଉଡ଼ାଇ ଦେଇଥିଲେ। ପାଗଳା କୁକୁରକୁ ନେଇ ଛାତ୍ରୀମାନେ ଭୟଭୀତ ଅବସ୍ଥାରେ କିଛି ସମୟ ପାଇଁ ରହିଥିଲେ।

## ଚାଷୀ ପଞ୍ଜୀକରଣ ପ୍ରଶିକ୍ଷଣ କର୍ମଶାଳା

ବାରିକପୁର,୧୮।୭(ସମିସ): ଖରିଫ୍ ଧାନ ବିକ୍ରି ପାଇଁ ଚଳିତ ମାସ ୧୯ ରୁ ଅଗଷ୍ଟ ୧୫ ତାରିଖ ଯାଏଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ତେଣୁ ଏଥିପାଇଁ ପ୍ରଶାସନ ପକ୍ଷରୁ ଦିନିକିଆ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତି ସମ୍ପାଦକ, ଡିଇଓ, ଏସଏଚଜି ପରିଚାଳକ ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ଏଥିରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ଯୋଗାଣ ଓ ସମବାୟ ବିଭାଗ ଅଧିକାରୀ କର୍ମଶାଳାରେ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଚଳିତବର୍ଷ କିଛି ନୂଆ ନିୟମ ଆଧାରରେ ପଞ୍ଜୀକରଣ ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ଏଥିପାଇଁ ଚାଷୀମାନେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି ବୋଲି ଜଣାପଡିଛି।

## ସିପିଆଇ-ଏମ୍ ନେତା ବାଇଧର ମଲ୍ଲିକଙ୍କୁ ଶ୍ରଦ୍ଧାଞ୍ଜଳି



ଭଦ୍ରକ, ୧୮।୭(ସମିସ): ସିପିଆଇ(ଏମ)ର ବିଶିଷ୍ଟ ନେତା, ଓଡିଶା କୃଷକ ସଭାର ପୂର୍ବତନ ଚାନ୍ଦବାଲି ବ୍ଲକ ସଭାପତି ତଥା ଘଣ୍ଟେଶ୍ୱର, ବାଂଶଡା ଓ ଧାମରା ଅଞ୍ଚଳର ଲୋକପ୍ରିୟ ଜନନେତା ବାଇଧର ମଲ୍ଲିକଙ୍କ ପ୍ରଥମ ବାର୍ଷିକ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଧାମରା ଅଞ୍ଚଳର ବରିଷ୍ଠ ସିପିଆଇ(ଏମ) ନେତା କାର୍ତ୍ତିକ ଖିଲାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଅନ୍ୟତମ ଜିଲ୍ଲା କମିଟି ସଭ୍ୟ ଗିରିଧାରୀ ନାଥ, ଅନ୍ୟତମ ଜିଲ୍ଲା କମିଟି ସଭ୍ୟ ମଳୟ ଭୋଇ, ସିପିଆଇ(ଏମ) ଚାନ୍ଦବାଲି ଆଞ୍ଚଳିକ କମିଟି ସଂପାଦକ ଗୌରାଙ୍ଗ ଯେନା, ଦଳିତ ଶୋଷଣ ମୁକ୍ତି ମଞ୍ଚ ଚାନ୍ଦବାଲି ବ୍ଲକ ସଭାପତି ହାକିମ ଦାସ ପ୍ରମୁଖ ବାଇଧର ମଲ୍ଲିକଙ୍କ ନୀତି, ଲକ୍ଷ୍ୟ, ଆଦର୍ଶ ଓ ରାଜନୈତିକ ଇତିହାସ ସଂପର୍କରେ ଆଲୋଚନା କରିଥିଲେ। ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନରେଶ ନାୟକ, ମଉସୁଧା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ସୁଦର୍ଶନ ନାୟକ, ବାଇଧର ମଲ୍ଲିକଙ୍କ ଜ୍ୟୋଷ୍ଠପୁତ୍ର ପୁତ୍ର ପ୍ରବୀର ମଲ୍ଲିକ ଓ କନ୍ୟା ସମାଜସେବୀ ସ୍ୱର୍ଣ୍ଣପ୍ରଭା ବଳଙ୍କ ସମେତ ଧାମରା ଅଞ୍ଚଳରେ ଶତାଧିକ ସାଧାରଣ ଜନତା ଏହି ସଭାରେ ସ୍ୱର୍ଗତ ବାଇଧରଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଜୈବିକ ପଦ୍ଧତିରେ ଉତ୍ପାଦିତ ପନିପରିବା ପ୍ରଦର୍ଶନୀ



ଆନନ୍ଦପୁର/ବେଲବାହାଲି, ୧୮।୭ (ସମିସ): ଅଣରସାୟନିକ ବା ଜୈବିକ ପଦ୍ଧତିରେ ଚାଷ କରି ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ କେନ୍ଦୁଝର ଜିଲ୍ଲାର ଘଷିପୁରା ବ୍ଲକ ଦରଡିପାଳ ପଞ୍ଚାୟତ ବାଲିପାଳ ହାଟରେ ପନିପରିବା ବିକିବା ସହ ସଚେତନତା ସୃଷ୍ଟି କରିଛନ୍ତି। ଏଥିରେ ମହିଳାମାନେ ବିଭିନ୍ନ ପ୍ରକାରର ପନିପରିବା ଚାଷ କରି ଉତ୍ପାଦିତ ବାଇଗଣ, ବିଲାତି, ଭେଣ୍ଡି କାକୁଡି, ବାଦାମ, ଝୁଡ଼ୁଙ୍ଗ, କଲରା ପ୍ରଭୃତି ଆଣି ହାଟରେ ବିକ୍ରି କରିଛନ୍ତି। ହାତ ତିଆରି ମସଲା, ବଡି, ବାଦମ, ମଟର, ନଳି, ପାମ୍ପଡ଼ ଖାଦ୍ୟସାମଗ୍ରୀ ମଧ୍ୟ ବିକ୍ରି କରିଛନ୍ତି। ଏପ୍ରିଇଏସର ମାଷ୍ଟର ଟ୍ରେନର ଇନ୍ଦ୍ରା ମହାନ୍ତି ଉପସ୍ଥିତ ରହି ଅଞ୍ଚଳର ଚାଷୀମାନେ କିପରି ବିନା ସାରରେ, ଅଣରସାୟନିକ ପଦ୍ଧତିରେ ଚାଷ କରିବେ ସେ ଉପରେ ମହିଳା ଓ ପୁରୁଷ ଚାଷୀମାନଙ୍କୁ ବିଭିନ୍ନ ପ୍ରଦର୍ଶନୀ ମାଧ୍ୟମରେ ସଚେତନତା ସୃଷ୍ଟି କହିଥିଲେ। ମା' ପଦ୍ମାଳୟା ପିଜି ବାଲିପାଳ ମହିଳା ଚାଷୀ ଅଖଜା ଓଝା, ଅହଲ୍ୟା ପଣ୍ଡା, ରଶ୍ମିତା ଓଝା, ମମତା ଓଝା, ଉର୍ବସୀ ଓଝା, ଖୁଲଣା ସାହୁ, ମମତା ଓଝା, ସଂଯୁକ୍ତା ଭୋଳ, ଚିନ୍ମୟୀ ଓଝା, ବାସରି ଓଝା, କନକ ଓଝା, ଝୁନୁଲତା, ସୁବର୍ଷ ଓଝା, ସତ୍ୟଭାମା ସୁତାର ଉପସ୍ଥିତ ଥିଲେ।

ସ୍ୱାସ୍ଥ୍ୟକେନ୍ଦ୍ରରେ ସରକାରୀ ନିୟମକୁ ଫୁ'

# କାର୍ଯ୍ୟକ୍ଷମ ହୋଇପାରୁନି ମାଳମାଳ ପ୍ରକଳ୍ପ

ବନ୍ତ/ଆଗରପଡ଼ା, ୧୮।୭(ସମିସ)

ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ସରକାର ଯୋଜନା ପରେ ଯୋଜନା ପ୍ରଣୟନ କରୁଥିବା ସ୍ଥଳେ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ଏହି ସବୁ ଯୋଜନାର ସଫଳ ରୂପାୟନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ କାଦବରାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ନୂତନ)ରେ। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ସରାକାରୀ ନିୟମକୁ ପାଳନ କରାଯାଉ ନଥିବାରୁ ଏଥିପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଆଗରପଡ଼ା ଅଧିକାରୀ ନା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ନା ଜିଲ୍ଲାପାଳ କାହାକୁ ଦାୟୀ କରାଯିବ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି।




୧୯୯୪ ମସିହାରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ହୋଇଥିଲା। ପ୍ରତିଷ୍ଠା ହେବା ପରଠାରୁ ଏହାର ଭିତ୍ତିଭୂମିରେ କୌଣସି ଉନ୍ନତି ପରିଲକ୍ଷିତ ହୋଇପାରି ନଥିଲା। ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ କେନ୍ଦ୍ରୀୟ ଟିମ ଗସ୍ତ ପୂର୍ବରୁ ଏହାର କଳେବର ରଙ୍ଗିନ ହୋଇପାରିଥିଲା। ମାତ୍ର ଡ଼ାକ୍ତର ନଥିବାରୁ ରୋଗୀମାନେ ନାନା ହିନସ୍ତା ହେଉଥିଲେ। ଭାରାପ୍ରାପ୍ତ ଡ଼ାକ୍ତର ପଦ ଦୀର୍ଘ ବର୍ଷ ଧରି ଏଠାରେ ଖାଲି ପଡ଼ିବା ପରେ ଗତ ୨୦୨୨ ଜାନୁୟାରୀରେ ସରକାର ଏଠାରେ ଏକ ନିୟମିତ ଡ଼ାକ୍ତର ନିଯୁକ୍ତି ଦେଇଥିଲେ। ସେହିପରି ଡ଼ାକ୍ତରଙ୍କ ରହିବା ପାଇଁ ଗୃହ ସମେତ ପାଚେରି ନିର୍ମାଣ କରାଯାଇଥିଲା। ପାନୀୟଜଳ ଓ ବିଦ୍ୟୁତ ସେବା ଉପରେ ମଧ୍ୟ ସରକାର ଗୁରୁତ୍ୱାରୋପ କରିଥିଲେ। ବିଭାଗୀୟ ଅଧିକାରୀମାନେ ସମସ୍ତ କାର୍ଯ୍ୟ ସଂପୂର୍ଣ୍ଣ କରି ଭାରପ୍ରାପ୍ତ ଡ଼ାକ୍ତରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଉକ୍ତ ଗୃହରେ କର୍ମଚାରୀ ରହୁ ନଥିବାରୁ କେଉଁ ଲକ୍ଷ ନେଇ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଏହି ଗୃହ ନିର୍ମାଣ କରାଯାଇଥିଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରତିଷ୍ଠିତ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଉକ୍ତ ସମସ୍ୟା ବ୍ୟତିତ ଆହୁରି ଅନେକ ସମସ୍ୟା ଲାଗି ରହିଛି। ଆବଶ୍ୟକ ଅନୁଯାୟୀ କର୍ମଚାରୀ ନିଯୁକ୍ତି ଦିଆଯାଉ ନଥିବାରୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ନିୟମ କେବଳ କାଗଜ କଲମରେ ସୀମିତ ହୋଇ ରହିଯାଉଛି। ନିୟମାନୁଯାୟୀ, ପ୍ରତିଦିନ ସକାଳ ୮ରୁ ଅପରାହ୍ନ ୧୨ ଏବଂ ଅପରାହ୍ନ ୩ରୁ ସଂଧ୍ୟା ୫ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲା ରହିବା କଥା କିନ୍ତୁ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରଟି ବହୁ ଦିନ ହେବ କେବଳ ସକାଳ ସମୟରେ ଖୋଲା ରହୁଛି। ସେଥିରେ ପୁଣି ବ୍ୟତିକ୍ରମ ହେଉଛି। କେବେବି ନିର୍ଦ୍ଧାରିତ ସମୟରେ ଖୋଲା ହେଉ ନଥିବା ପରିଲକ୍ଷିତ ହେଉଛି। ମହିଳା ଏମବିବିଏସ ଡ଼ାକ୍ତର ଅନ୍ୟତ୍ର ନିୟୋଜିତ ହୋଇଥିବାର ବର୍ତ୍ତମାନ ଜଣେ ମହିଳା ଆୟୁଷ ଡ଼ାକ୍ତର ଓ ମହିଳା ଫାର୍ମାସିଷ୍ଟଙ୍କୁ ନେଇ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଛି। ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଥିବା ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଭଦ୍ରକ ଆନୁକୂଲ୍ୟରେ ପଞ୍ଚାୟତସମିତି ବନ୍ତ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷରେ ୫ମ ସିଏଫସି ଯୋଜନାରେ ୮ ଲକ୍ଷ ଅଟକଳ ମୂଲ୍ୟର ପ୍ରକଳ୍ପ ଓ ୨୦୨୧-୨୨ ଆର୍ଥିକ ବର୍ଷରେ ୧୬ ଲକ୍ଷ ୪୬ ହଜାର ୬୫୬ ଟଙ୍କା ମୂଲ୍ୟର ଲେବର ରୁମ ନିର୍ମାଣ କାର୍ଯ୍ୟ ସରି କାର୍ଯ୍ୟକ୍ଷମ ହୋଇ ନପାରି ପଡ଼ି ରହିଛି। କେଉଁ ସ୍ୱାର୍ଥରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ମାଳମାଳ ପ୍ରକଳ୍ପ ନିର୍ମାଣ କରାଯାଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ଯୋଜନାର ସଫଳ ରୂପାୟନ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ବର୍ତ୍ତମାନ ବର୍ଷାଋତୁ ଚାଲୁଥିବାବେଳେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ନାନାଦି ଅନାବନା ଗଛ ଘେରି ରହିଥିବାରୁ ଏହା ରୋଗୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ହାଇମାଷ୍ଟ ଲାଇଟ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲା ନହେବା ପର୍ଯ୍ୟନ୍ତ ଜଳିରହୁଥିବା ଦେଖିବାକୁ ମିଳୁଛି। କାଦବରାଙ୍ଗ ପଞ୍ଚାୟତର ବିଭିନ୍ନ ଗ୍ରାମ ଆଡ଼ିଆ, ଅଡ଼ାଳପଙ୍କ, ଗୋପାଳପୁର, କାଉପୁର, ଗଣିଜାଙ୍ଗ ଆଦିର ଶତାଧିକ ଲୋକେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରଟିରେ ଲାଗି ରହିଥିବା ଏସବୁ ସମସ୍ୟାକୁ ଶୀଘ୍ର ସମାଧାନ କରିବା ସହ ସରକାରୀ ନିୟମକୁ ପାଳନ କରି ନବନିର୍ମିତ ପ୍ରକଳ୍ପକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବା ଓ ଅଞ୍ଚଳବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

## ପଲିଥିନ୍ ତଳେ ୪ ଜଣଙ୍କ ଅଭିଶପ୍ତ ଜୀବନ



କେବେ ପଡ଼ିବ ପ୍ରଶାସନର ଦୃଷ୍ଟି?

ଅସୁରାଳି, ୧୮।୭(ସମିସ): ଦୁଇବର୍ଷ ତଳେ ବାତ୍ୟାରେ ଘର ଭାଙ୍ଗିଯାଇଛି। ଘର ତୋଳିବାକୁ ଅଣ୍ଟାରେ ପଇସା ନାହିଁ। ପର ଘରେ ମୂଲ ଲାଗିଲେ ପରିବାର ଚଳେ। ଏଭଳି ସ୍ଥିତିରେ ଘର ତିଆରି କଥା ଦୂରେ ଥାଉ, ମରାମତି ହେବା ସପନ ପାଲଟିଛି। ପରଘରେ କେତେ ଦିନ ଆଉ ମୁଣ୍ଡ ଗୁଞ୍ଜିବେ? ନୁଆଁଣିଆ ବାଉଁଶ ତିଆରି ଛପର ନଥିବା ଘରେ ପଲିଥିନ ପକାଇ ବରଷେ ହେଲା ସାପ, ବେଙ୍ଗକୁ ସାଥୀ କରି ଆଶ୍ରୟ ନେଇଛନ୍ତି ଏକ ଦୁସ୍ଥ ଦମ୍ପତି ଓ ଦୁଇ ନିଷ୍ପାପ ଶିଶୁ, ପୁଅ ସୁବ୍ରତ (୫) ଓ ଝିଅ ସାନଭି (୧ ବର୍ଷ ୬ ମାସ)। ଦୁଆରେ ଲାଗିନି କବାଟ। ଘର ଭିତରେ ବର୍ଷା ପାଣି ସନ୍ତେଇକି କାଦୁଅ ପଚପଚ। ସେହି କାଦୁଅ ଉପରେ ପଲିଥିନ ପଡି ଦିନରେ ଉଠା ଚୁଲିରେ ରୋଷେଇ ହୁଏ। ରାତିରେ ୪ ଜଣଙ୍କ ପାଇଁ ଶେଯ ପରାଯାଏ। ବିଜୁଳି ଆଲୁଅ ଥିଲେ ବି ସୁଇଚ ବୋର୍ଡରେ ପାଣି ପଶି ଅକାମି ହୋଇ ଯାଇଛି। ହାତତିଆରି କାଚବତିରେ ଡିଜେଲ ଭରାଯାଇ ଆଲୁଅ ଜଳୁଛି। ଏହା ମନଗଢ଼ା କାହାଣୀ ନୁହେଁକି ଉପାନ୍ତ ଅଞ୍ଚଳର କଥା ନୁହେଁ ; ବରଂ ଏହା ଭଦ୍ରକ ଜିଲ୍ଲାର ଧାମନଗର ନିର୍ବାଚନମଣ୍ଡଳୀର ବିଧାୟକ-ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଇଲାକା। ପାଳସାହି ପଞ୍ଚାୟତର ସାହୁସାହି ଗାଁର ୩୮ ବର୍ଷୀୟ ରଂଜନ ବେହେରାଙ୍କ ପରିବାର କଥା। ୨ ବର୍ଷ ଧରି ସେ ସରପଞ୍ଚଙ୍କଠୁ ବିଡିଓଙ୍କ ପର୍ଯ୍ୟନ୍ତ, ଗାଁ ୱାର୍ଡସଭ୍ୟଙ୍କଠାରୁ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଧାଇଁଧାଇଁ ସ୍ୱାମୀ ରଞ୍ଜନ ଓ ସ୍ତ୍ରୀ ସୀତାଙ୍କ ଜୋତା ଘୂରି ଯାଇଛି ସିନା ଫଳ କିଛି ବି ମିଳିନି; କେବଳ ପ୍ରତିଶ୍ରୁତିରେ କଥା ସରୁଛି। ୪ ମାସ ତଳେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗରିବ ଲୋକଙ୍କୁ ଆବାସ ମିଳିବା ଖବର ଏହି ପରିବାର ପାଇଥିଲେ। ତାଙ୍କ ନାଆଁ ଏହି ଯୋଜନାରେ ଦିଆଯାଇଛି ବୋଲି ସ୍ଥାନୀୟ ନେତା ତାଙ୍କୁ କହିଲେ; କିନ୍ତୁ ଫଳ ହେଲା ଓଲଟା। ଗାଁର ପକ୍କା ଘର ଲୋକେ ଏହି ଯୋଜନାରେ ଉପକୃତ ହେଲେ। ଏଥିରୁ ମଧ୍ୟ ଏହି ପରିବାର ବଂଚିତ ହେଲା। ବିଚରା ରଞ୍ଜନ କ'ଣ ଆଉ କରିବେ? ଭାଗ୍ୟକୁ ନିନ୍ଦିବା ଛଡ଼ା ତାଙ୍କ ପାଖରେ ଆଉ କ'ଣ ଅଛି? କେବଳ ଭଗବାନ ଭରସା। ଏହି ପରିବାରକୁ ତୁରନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇଦେବାକୁ ସ୍ଥାନୀୟ ଅଞ୍ଚଳରେ ଗଠିତ ମାନବ କଲ୍ୟାଣ ସେବା ସଙ୍ଗଠନର ଉପଦେଷ୍ଟା ପଣ୍ଡିତ ପଞ୍ଚାନନ ମିଶ୍ର ଦାବି କରିଛନ୍ତି।

● ନକଲି ସାର ଓ କୀଟନାଶକ ଔଷଧ ବିକ୍ରି ଅଭିଯୋଗ

## ମାଜିଷ୍ଟ୍ରେଟ ଓ କୃଷି ବିଭାଗର ମିଳିତ ଚଢ଼ଉ



ଭଦ୍ରକ, ୧୮।୭(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲିରେ ବିଭିନ୍ନ ସାର ଦୋକାନ ଉପରେ ଦୀର୍ଘ ୪ ଘଣ୍ଟା ଧରି ଚାନ୍ଦବାଲି ତହସିଲଦାର ଓ କୃଷି ବିଭାଗର ମିଳିତ ଚଢ଼ଉ ହୋଇଛି। ବହୁତ ଦିନ ଧରି ଚାନ୍ଦବାଲିର ବିଭିନ୍ନ ସ୍ଥାନରେ ନକଲି ସାର ଓ ନକଲି କୀଟନାଶକ ଔଷଧ ବିକ୍ରି ହେଉଥିବା ଅଭିଯୋଗ ହୋଇଆସୁଥିଲା। ଶୁକ୍ରବାର କୃଷିବିଭାଗ ଓ ସ୍ଥାନୀୟ ତହସିଲଦାର ମିଳିତ ଭାବେ ବିଭିନ୍ନ ଡିଲର ପଏଣ୍ଟ ବୁଲି ଚଢ଼ଉ କରିଥିଲେ। ବିଭିନ୍ନ ପ୍ରକାର ସାର ଓ କୀଟନାଶକ ଔଷଧର ନମୁନା ସଂଗ୍ରହ କରାଯାଇଛି। ସୂଚନାଯୋଗ୍ୟ, ଡିଲର ମନୋରଞ୍ଜନ ମହାନ୍ତିଙ୍କ ଡିଲର ଷ୍ଟକ୍ ପଏଣ୍ଟ ଚାନ୍ଦବାଲି ଜଶିପୁରରେ ରହିବା କଥା କିନ୍ତୁ ମନୋରଞ୍ଜନ ମହାନ୍ତି ଚାନ୍ଦବାଲିରେ ବହୁ ସ୍ଥାନରେ ବେଆଇନ ଭାବେ ଷ୍ଟକ ପଏଣ୍ଟ ସହ ବିନା ଏଗ୍ରିମେଣ୍ଟରେ ସାର ଏବଂ କୀଟନାଶକ ମହଜୁଦ ରଖିଛନ୍ତି। ଷ୍ଟକଠାରୁ ଅଧିକ ପରିମାଣରେ ମଧ୍ୟ ରଖାଯାଇଥିବା ଯାହା ସରକାରୀ ସ୍ତରରେ ସୂଚନା ଦେଇଛନ୍ତି ଅଧିକାରୀ। ଏମିତି ଅଭିଯୋଗ ହେବା ପରେ ବିଭିନ୍ନ ଷ୍ଟକ୍ ପଏଣ୍ଟର ଏଗ୍ରିମେଣ୍ଟ ମନୋରଞ୍ଜନ ମହାନ୍ତିଙ୍କୁ ମଗାଯାଇଛି। ଏହାସହ ସାରଗୁଡ଼ିକର ନମୁନା ପରୀକ୍ଷା ପାଇଁ ପରୀକ୍ଷାଗାରକୁ ପଠାଯାଇଛି। ଏ ସମ୍ପର୍କରେ ଚାନ୍ଦବାଲି ତହସିଲଦାର ଏବଂ କୃଷି ବିଭାଗର ଅଧିକାରିଣୀ କହିଛନ୍ତି, ପରୀକ୍ଷା ରିପୋର୍ଟରେ ଯଦି କିଛି ଭୁଲ୍ ରହିଥାଏ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଧସିଲା କେନାଲ ରାସ୍ତା



ବାରିକପୁର, ୧୮।୭(ସମିସ): ସମ୍ପ୍ରତି ଖରିଫ୍ ଧାନ ଚାଷ ପାଇଁ ଏବେ କେନାଲଗୁଡ଼ିକରେ ପାଣି ଆସିବା ସମୟ। ଠିକ୍ ଏତିକିବେଳେ କେନାଲ ବନ୍ଧ ରାସ୍ତା ଧସି ଯାଇଛି। ଯାହାକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନା ମୁତାବକ, ଜାତୀୟ ରାଜପଥ କହରାପୋଖରୀଠାରୁ ପିରିପୁରକୁ ସଂଯୋଗ କରୁଥିବା ଚାରି ନମ୍ବର କେନାଲ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ହାତରେ ରହିଛି। କିଛି ବର୍ଷ ପୂର୍ବରୁ ବିଭାଗ ଏହା ଉପରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନବୀକରଣ କାର୍ଯ୍ୟ କରିଥିଲା। ନବୀକରଣ କାର୍ଯ୍ୟ ପରେ ଏହା ମରାମତି ନହେବା ଯୋଗୁଁ କେନାଲ ବନ୍ଧ ରାସ୍ତାଟି ଦିନକୁ ଦିନ ଦୁର୍ବଳ ହେଉଛି। ଏପରିକି ରାସ୍ତା ସାରା କେବେଠାରୁ ପିଚୁ ଉଠି ଯାଇଥିବା ବେଳେ ଏବେ ଗର୍ତ୍ତ ସୃଷ୍ଟି ହୋଇଛି। ଗ୍ରାମବାସୀ ଏହା ଉପରେ ଚଳପ୍ରଚଳ କରିବା ଏକପ୍ରକାର କଷ୍ଟକର ହୋଇପଡୁଛି। ମରାମତି କାର୍ଯ୍ୟ ପାଇଁ ବାରମ୍ବାର ଦାବି ସତ୍ତ୍ୱେ ବିଭାଗ ଏହା ଉପରେ ନଜର ଦେଉନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ରାଜପଥ ପାର୍ଶ୍ୱରେ କେନାଲ ବନ୍ଧଟି ଏବେ ଧସି ଯାଇଛି। କେନାଲରେ ଯଦି ପାଣି ଆସିବ ତାହା ହେଲେ ଉକ୍ତ ସ୍ଥାନରେ ଘାଇ ସୃଷ୍ଟି ହେବ ଏଥିରେ ସନ୍ଦେହ ନାହିଁ। ଯେହେତୁ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ହାତରେ ରହିଛି ସେହି ଦୃଷ୍ଟିରୁ ଏହାର ସ୍ଥାୟୀ ମରାମତି ହେବା କଥା। ଏପରିକି ଏଠାରେ କଂକ୍ରିଟ ୱାଲ ନିର୍ମାଣ ଜରୁରୀ ହୋଇଛି। ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନଥିବା ଯୋଗୁଁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପରିଶେଷରେ ଚାଷୀଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ଜଳସମ୍ପଦ ବିଭାଗ ଧସିଥିବା ସ୍ଥାନରେ ବାଲି ବସ୍ତା ପକାଇ ଏହାକୁ ଅସ୍ଥାୟୀ ମରାମତି କରୁଥିବା ଦେଖାଯାଇଛି। ପାଣି ଆସିଲେ ଅସ୍ଥାୟୀ ମରାମତି କେତେ ଫଳପ୍ରଦ ହେବ ତାହା ଆଗକୁ ଜଣାପଡ଼ିବ।

ରବିଧାନ ଦେବାରୁ ଚାଷୀ ବଞ୍ଚିତ ଘଟଣା

# ତଦନ୍ତରେ ଆସିଲେ ଅଧିକାରୀ

ମଙ୍ଗଳପୁର,୧୮।୭(ସମିସ)



ଚଳିତ ବର୍ଷ ଦଶରଥପୁର ବ୍ଲକ କମାରଡ଼ିହି ପ୍ରାଥମିକ କୃଷି ସେବା ସମବାୟ ସମିତି (ପାକ୍ସ)ରେ ରବି ଧାନ ମଣ୍ଡିରେ ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ ଚାଷୀ ଧାନ ଦେବାରୁ ବଞ୍ଚିତ ହୋଇଛନ୍ତି। ୩୦ ତାରିଖ ଧାନ ସରିନଥିବା ବେଳେ ୩୦ ତାରିଖ ସିରିଏଲକୁ ଉଲ୍ଲଙ୍ଘନ କରି ୩୧ ତାରିଖ ଟୋକନରେ ଧାନ ଦିଆଯାଇଥିବା ନେଇ ଚାଷୀମାନେ ଅଭିଯୋଗ କରିଥିଲେ। ଚାଷୀମାନଙ୍କ ପକ୍ଷରୁ ରାସ୍ତାରୋକଠାରୁ ଆରମ୍ଭ କରି ଜିଲ୍ଲାପାଳ, ଜିଲ୍ଲା ଯୋଗାଣ ଅଧିକାରୀ, ବ୍ଲକ ଯୋଗାଣ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗ ପାଇବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାଇ ଆଜି ଏହାର ତଦନ୍ତ କରିବା ପାଇଁ ତଦନ୍ତକାରି ଅଧିକାରୀ ପାକ୍ସ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ତଦନ୍ତ ସମୟରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ସମେତ ପାକ୍ସ ସଭାପତି ଭାଗୀରଥି ସାହୁ ଓ ଅନ୍ୟ କେତେଜଣ ବୋର୍ଡ ମେମ୍ବର ସମିତି କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ। ତଦନ୍ତକାରି ଅଧିକାରୀ ପ୍ରାୟ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ତଦନ୍ତ କରି ସାରିବା ପରେ ଚାଷୀମାନଙ୍କ ଠାରୁ ସେମାନଙ୍କ ଅଭିଯୋଗ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ସମୟରେ ଚାଷୀମାନେ ପାକ୍ସରେ ହୋଇଥିବା ଅନିୟମିତତା ଓ ଚାଷୀ ଧାନ ଦେବାରୁ ବଞ୍ଚିତ ହେବା ପଛରେ ସମ୍ପାଦକ, ସଭାପତି ଓ ବୋର୍ଡ ମେମ୍ବରମାନେ ଦାୟୀ ବୋଲି ଅଭିଯୋଗ କରିଥିଲେ। ଧାନ କ୍ୱିଣ୍ଟାଲ ପିଛା ୧୭ ଟଙ୍କା ଆଦାୟ କରାଯିବା, ପଞ୍ଜୀକରଣ ସମୟରେ ସମ୍ପାଦକଙ୍କ ନିର୍ଦ୍ଦେଶ କ୍ରମେ ପ୍ରତ୍ୟେକ ଚାଷୀଙ୍କ ଠାରୁ ୫୦ ଟଙ୍କା ଆଦାୟ କରାଯିବା ସହ ଚାଷୀଙ୍କର ଭଲ ଧାନକୁ ପ୍ରଥମେ ରିଜେକ୍ଟ କରିବା ଓ ଏହାପରେ କିଛି ଅର୍ଥ ଦେଲେ ପୁନର୍ବାର ରିଜେକ୍ଟ ଧାନକୁ ଭଲ ଧାନ ବୋଲି ଦର୍ଶାଇ ମିଲର ନେବା ଭଳି ଘଟଣା ସମ୍ପର୍କରେ ଚାଷୀମାନେ ତଦନ୍ତ କାରି ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର ଚାଷୀଙ୍କ ଅଭିଯୋଗକୁ ପାକ୍ସର ସଭାପତିଙ୍କ ସମେତ ଉପସ୍ଥିତ ଥିବା ବୋର୍ଡ ମେମ୍ବର ମାନେ ସ୍ୱୀକାର କରିନଥିଲେ। ବରଂ ଏଥିପାଇଁ ଜିଲ୍ଲା ଯୋଗାଣ ଅଧିକାରୀ ଓ ମିଲର ମାନେ ଦାୟୀ ବୋଲି ଅଭିଯୋଗ କରିଥିଲେ। ଠିକ୍ ସମୟରେ ପଞ୍ଜୀକରଣ ନ ହେବାରୁ ଟୋକନ ମିଳିବାରେ ବିଳମ୍ବ ହେଲା ବୋଲି ସଭାପତି କହିଥିଲେ। ମିଲର ଓ ଯୋଗାଣ ଅଧିକାରୀଙ୍କ ଖାମଖିଆଲି ନିତି ପାଇଁ ଆବଶ୍ୟକ ମୁତାବକ ଗାଡି ମିଲର ନ ପଠାଇବାରୁ ସଠିକ ସମୟରେ ଚାଷୀମାନେ ଧାନ ଦେବାରୁ ବଞ୍ଚିତ ହୋଇଛନ୍ତି ବୋଲି ସଭାପତି ଅଭିଯୋଗ କରିଥିଲେ। ଏହି କଥାକୁ ନେଇ ଚାଷୀ, ସଭାପତି ଓ ବୋର୍ଡ ମେମ୍ବରମାନଙ୍କ ମଧ୍ୟରେ କଥା କଟାକଟି ହେବା ସହ ପାକ୍ସ କାର୍ଯ୍ୟାଳୟ ମଧ୍ୟରେ କିଛି ସମୟ ପାଇଁ ହୋହାଲ୍ଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ସମୟରେ ତଦନ୍ତ କାରି ଅଧିକାରୀ ପାକ୍ସ କାର୍ଯ୍ୟାଳୟ ଛାଡ଼ି ପଳାଇ ଯାଇଥିଲେ। କିଛି ସମୟ ହୋହାଲ୍ଲା ପରେ ଚାଷୀ ମାନେ ସମିତି କାର୍ଯ୍ୟାଳୟ ଛାଡି ପଳାଇ ଆସିଥିବା ଦେଖିବା ପାଇଁ ମିଳିଥିଲା। ତେବେ ତଦନ୍ତ କାରି ଅଧିକାରୀଙ୍କୁ ପଚାରିବାରୁ ଆମେ ତଦନ୍ତ ସାରି ତଦନ୍ତ ରିପୋର୍ଟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବୁ। ସେହି ରିପୋର୍ଟ ଆଧାରରେ ଯାହା କାର୍ଯ୍ୟାନୁଷ୍ଠାନ ହେବା କଥା ତାହା ନିଶ୍ଚୟ ହେବ ବୋଲି କହିଥିଲେ।

## ଡମଶାଳ ନଦୀ ଉପରେ ସେତୁ କାର୍ଯ୍ୟ ନିମ୍ନମାନର



କାଳିଆପାଣି,୧୮।୭(ସମିସ): ସୁକିନ୍ଦା ବ୍ଲକ ଟମକା - ମଙ୍ଗଳପୁର ରାସ୍ତାଠୁ ମାତ୍ର ୨୦୦ ମିଟର ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ୍ କୁ ସଂଯୋଗ କରୁଥିବା ଡମଶାଳ ନଦୀ ଉପରେ ନିର୍ମାଣ ହେଉଥିବା ବିଜୁ ସେତୁ ର ସ୍ଥାୟୀତ୍ୱ କୁ ନେଇ ପ୍ରଶ୍ନ କଲେ ଅଞ୍ଚଳ ବାସି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ବିଜୁ ସେତୁ ଭିତ୍ତିପ୍ରସ୍ତ ସ୍ଥାପନ କରାଯାଇଥିଲା। ପ୍ରକଳ୍ପଟି ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେଉଥିବା ସେତୁର କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ବୋଲି ଅଭିଯୋଗ ହେଉଛି। ପୂର୍ବ ବର୍ଷ ବର୍ଷା ଦିନିଆ ଦୁଇଟି ପିଲର ମୂଳରୁ ମାଟିଧୋଇ ଖୋଳ ହୋଇଯାଇଛି। ତା' ଉପରେ ସିମେଣ୍ଟ ମସଲା ଦେଇ ଲୁଚାଇବାକୁ ଚେଷ୍ଟା କରେ କରାଯାଇଛି। କିନ୍ତୁ ଚଳିତ ସପ୍ତାହରେ ଲଗାଣ ବର୍ଷରେ ପୁଣି ଧୋଇନେଇଛି। ସ୍ଥାନୀୟ ଅଞ୍ଚଳର ପଞ୍ଚାୟତ ଜନ ପ୍ରତିନିଧି ଅଭିଯୋଗ କରିଥିଲେ ମଧ୍ୟ ଠିକାଦାର ଜଣକ କୌଣସି କର୍ଣ୍ଣପାତ କରିନଥିଲେ। ଏସମ୍ପର୍କରେ ଟମକା ଆର୍‌ଡି ଉପଖଣ୍ଡ ଏସଡିଓଙ୍କୁ ଅଭିଯୋଗ କରିଥିବା ସୂଚନା ମିଳିଛି।

### ଏଫ୍ଏମ୍ କଲେଜରେ ୟୁଜିସିର ଚାରିଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ କମିଟି

# ଘଟଣାର ବିଭିନ୍ନ ଦିଗକୁ ନେଇ ତନାଘନା ଆରମ୍ଭ

ବାଲେଶ୍ୱର,୧୮।୭(ସମିସ)





ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମହତ୍ୟା ଏବଂ ମୃତ୍ୟୁ ଘଟଣାର ଅଧିକ ଖୋଳତାଡ଼ ଆରମ୍ଭ ହୋଇଛି। ଛାତ୍ରୀଙ୍କ ଆତ୍ମହତ୍ୟା ମାମଲାର ତଦନ୍ତ ପାଇଁ ତଥ୍ୟ ଅନୁସନ୍ଧାନ କମିଟି (ଫ୍ୟାକ୍ଟ ଫାଇଣ୍ଡିଂ କମିଟି) ଗଠନ ହୋଇଛି। ଭବିଷ୍ୟତରେ ଏପରି ଘଟଣା ରୋକିବା ପାଇଁ ପଦକ୍ଷେପ ନିମନ୍ତେ ଆଜି ୟୁଜିସିର ୪ ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ କମିଟି କଲେଜ୍‌ରେ ପହଞ୍ଚିଛନ୍ତି। ଅଧ୍ୟକ୍ଷଙ୍କ ଚାମ୍ବରରେ ସେହି ଚାରିଜଣିଆ ଟିମ୍ ଆଲୋଚନା ଏବଂ ତଦନ୍ତ କରିବା ସହ ତମାମ ଘଟଣା ବାବଦରେ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ସହ ଆଲୋଚନା କରାଯାଇଛି। ୟୁଜିସିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ କଲେଜରେ ବିଭିନ୍ନ ଦିଗକୁ ତଦନ୍ତ ପରିସରକୁ ଆଣିଛନ୍ତି। ଏହି ଟିମ୍ ଶୁକ୍ରବାର କଲେଜରେ ପହଞ୍ଚି ଘଟଣା ବାବଦରେ ଅଧିକ ତଦନ୍ତ ଆରମ୍ଭ କରିଛନ୍ତି। ୟୁଜିସି ଟିମ୍‌ରେ କମିଟିର ଚେୟାର ପର୍ସନ ପ୍ରଫେସର ରାଜ୍ କୁମାର ମିତ୍ତଲଙ୍କ ଅଧ୍ୟକ୍ଷତାରେ କଲେଜରେ ପହଞ୍ଚିଥିବା ୪ ଜଣିଆ ଟିମ୍‌ରେ ସଦସ୍ୟା ପ୍ରଫେସର ସୁଷମା ଯାଦବ ଓ ଡ. ନିରୋଜା ଗୁପ୍ତା ଏବଂ ୟୁଜିସିର ଯୁଗ୍ମ ସଚିବ ତଥା କମିଟିର କୋର୍ଡିନେଟିଂ ଅଫିସର ଡ. ଅସୀମା ମଙ୍ଗଲା ଅଛନ୍ତି। ଘଟଣାର ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ କରିବା ସହ କଲେଜରେ ଛାତ୍ରୀ ନିର୍ଯାତନା ସମ୍ପର୍କିତ ତଦନ୍ତ କରୁଛି ଟିମ୍। ଏଥିସହ ଘଟିବାର ଘଟଣାସ୍ଥଳ, କେଉଁ ଜାଗାରେ ଛାତ୍ରୀ ଜଣକ ନିଜ ଦେହରେ ନିଆଁ ଲଗାଇଥିଲେ ଏବଂ ନିଆଁ ଲଗାଇବା ପରେ କୁଆଡେ କୁଆଡ଼େ ଯାଇଥିଲେ ଓ ସେଠାରେ ଲାଗିଥିବା ସିସିଟିଭି କ୍ୟାମେରା ଦିଗକୁ ମଧ ଟିମ୍ ତନାଘନା କରିଛି। ସମସ୍ତ ଘଟଣା ଭାରପ୍ରାପ୍ତ ଅଧ୍ୟକ୍ଷଙ୍କୁ ପଚାର ବୁଝିଛି ଟିମ୍। 'ତଦନ୍ତ ପାଇଁ ଆମ ଟିମ୍ କଲେଜରେ ପହଞ୍ଚିଛି ଏବଂ କାମ କରିକି ଘଟଣା ବାବଦରେ ଫ୍ୟାକ୍ଟ ଫାଇଣ୍ଡିଂ ରିପୋର୍ଟ ସରକାରଙ୍କୁ ଦେବୁ' ବୋଲି ତଦନ୍ତକାରୀ ଟିମ୍‌ର ଚେୟାର ପର୍ସନ ପ୍ରଫେସର ରାଜକୁମାର ମିତ୍ତଲ ସୂଚନା ଦେଇଛନ୍ତି। ଏଥିସହ ଆସନ୍ତାକାଲି ମୃତ ଛାତ୍ରୀଙ୍କ ଘରକୁ ଯାଇ ଅଧିକ ତଦନ୍ତ କରିବୁ ବୋଲି ଟିମ୍‌ର ସଦସ୍ୟା ପ୍ରଫେସର ସୁଷମା ଯାଦବ ସୂଚନା ଦେଇଛନ୍ତି। ଜୁନ୍ ମାସ ୩୦ ତାରିଖରେ ମୃତ ଛାତ୍ରୀ ପୁଲିସ ସହ ଆସି ଅଭିଯୋଗ କରିଥିଲା। ସେହି ଅଭିଯୋଗ ଏବଂ ଆତ୍ମହତ୍ୟା ଘଟଣାର ତଦନ୍ତ ପାଇଁ ଉଚ୍ଚ ଶିକ୍ଷା ବିଭାଗର ଟିମ୍, ୟୁଜିସି ଏବଂ କ୍ରାଇମବ୍ରାଞ୍ଚ ଆଜି କଲେଜକୁ ଆସିଛନ୍ତି।

- 'ତଦନ୍ତ କରି ଫ୍ୟାକ୍ଟ ଫାଇଣ୍ଡିଂ ରିପୋର୍ଟ ସରକାରଙ୍କୁ ଦେବୁ'
- କଲେଜରେ ହାଜର ହୋଇଛି ଆଇସିସି
- କମିଟି ସଦସ୍ୟାଙ୍କଠୁ ଅଧିକ ତଥ୍ୟ ଯୋଗାଡ଼
- ଘଟଣାସ୍ଥଳରେ ଟିମ୍‌ର ଛାନଭିନ୍; ସିସିଟିଭି ଦିଗକୁ ଖୋଳତାଡ଼
- ଆଜି ବି ତଦନ୍ତ ଜାରି ରହିବ; ମୃତଛାତ୍ରୀଙ୍କ ଘରକୁ ଯିବ ଟିମ୍

ୟୁଜିସି ଟିମ୍ ମୋ ସହ ଆଲୋଚନା କରିଛନ୍ତି। ଏଥିସହ ଡାଇରେକ୍ଟରଙ୍କ ସହ ବି କଥା ହୋଇଛନ୍ତି। ଏହାବ୍ୟତୀତ କିଛି ବିଏଡ୍ ବିଭାଗ ଛାତ୍ରଛାତ୍ରୀଙ୍କୁ ଡକାଯାଇ ପଚାରଯାଇଛି। କାଲି ବି ୟୁଜିସି ଟିମ୍ ଆସିବେ ଏବଂ ଉଚ୍ଚ ଶିକ୍ଷା ବିଭାଗ ଆଇସିସି ସଦସ୍ୟାଙ୍କ ସହ କଥାବାର୍ତ୍ତା ହେଉଛନ୍ତି। କମିଟିରେ ତିନି ଜଣ ପିଲା ଥିଲେ ଯେଉଁମାନଙ୍କୁ ଡକାଯାଇଥିଲା। ହେଲେ ସେମାନେ ଆସିଛନ୍ତି କି ନାହିଁ ଜାଣିନି। ସେମାନଙ୍କୁ ବାରମ୍ବାର କଲ୍ କରାଯାଇଛି। ଆଜି ନହେଲେ କାଲି ବି ସେମାନଙ୍କୁ ଡକାଇବା ପାଇଁ ଚେଷ୍ଟା କରାଯିବ। ସବିଶେଷ ତଥ୍ୟ ୟୁଜିସି ଟିମ୍ ଆମକୁ ବୋଧେ ଜଣାଇବେ ବୋଲି କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଫିରୋଜ କାନ୍ତ ପାଢୀ କହିଛନ୍ତି। ଫକୀରମୋହନ କଲେଜର ଛାତ୍ରୀଙ୍କ ଆତ୍ମହତ୍ୟା ସମ୍ପର୍କରେ ଗଣମାଧ୍ୟମ ରିପୋର୍ଟକୁ ବିଚାର କରି ଅଧ୍ୟାପକଙ୍କ ଦ୍ୱାରା ନିର୍ଯାତନା ଯୋଗୁଁ ଅଭିଯୋଗ ହୋଇଥିବା ଅଭିଯୋଗରେ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି), ନିୟାମକ ସଂସ୍ଥା ଭାବରେ, ଘଟଣାର ପାରିପାର୍ଶ୍ୱିକ ପରିସ୍ଥିତି ଯାଞ୍ଚ, ନିର୍ଦ୍ଧାରିତ ନିୟାମକ ବ୍ୟବସ୍ଥାର ଅନୁପାଳନ ମୂଲ୍ୟାଙ୍କନ ଏବଂ ଭବିଷ୍ୟତରେ ଏପରି ଘଟଣା ରୋକିବା ପାଇଁ ପଦକ୍ଷେପ ପରାମର୍ଶ ଦେବା, ଛାତ୍ରୀଙ୍କ ସୁରକ୍ଷା ଏବଂ କଲ୍ୟାଣ ନୀତି ସୁନିଶ୍ଚିତ କରିବା ପାଇଁ ଅନୁଷ୍ଠାନ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକର ପ୍ରକୃତ କାର୍ଯ୍ୟାନ୍ୱୟନ ପାଇଁ ଯାଞ୍ଚସ୍ଥଳରେ ମୂଲ୍ୟାଙ୍କନ, ଛାତ୍ର, ଅଧ୍ୟାପକ ପ୍ରଶାସକ ଏବଂ ସହାୟକ କର୍ମଚାରୀଙ୍କ ସମେତ ଅଂଶୀଦାରମାନଙ୍କ ସହିତ ସମ୍ପର୍କ ସ୍ଥାପନ ଦିଗରେ ଏକ ତଥ୍ୟ ଅନୁସନ୍ଧାନ କମିଟି ଗଠନ ହୋଇ କଲେଜରେ ତଦନ୍ତ କରୁଛି।

### ● ଏଫ୍ଏମ୍ କଲେଜ ଘଟଣା

## ବିଏଡ୍ ବିଭାଗ ପିଲାଙ୍କୁ ଡାକି ବୟାନ ରେକର୍ଡ

ବାଲେଶ୍ୱର,୧୮।୭(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମହତ୍ୟା ଏବଂ ମୃତ୍ୟୁ ଘଟଣାରେ ଜୋରଦାର ତଦନ୍ତ ଚାଲିଛି। ଅଧିକ ତଦନ୍ତ ନିମନ୍ତେ ପଚରାଉଚୁରା ପାଇଁ ଆଜି କଲେଜରେ କ୍ରାଇମବ୍ରାଞ୍ଚ, ଉଚ୍ଚ ଶିକ୍ଷା ବିଭାଗର ଟିମ୍ ଏବଂ ୟୁଜିସି ଟିମ୍ ପହଞ୍ଚିଛନ୍ତି। ଇଣ୍ଟିଗ୍ରେଟେଡ୍ ବିଇଡି ବିଭାଗର କିଛି ଛାତ୍ରଛାତ୍ରୀଙ୍କୁ ଡାକି ପଚରାଉଚୁରା କଲା ୟୁଜିସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଓ ଉଚ୍ଚ ଶିକ୍ଷା ବିଭାଗ ଏବଂ କ୍ରାଇମବ୍ରାଞ୍ଚ। ବିଶେଷକରି ପୂର୍ବରୁ ଏଚ୍ଓଡି ସମୀର ସାହୁଙ୍କ ବ୍ୟବହାର ବ୍ୟବହାର କରିଥିଲେ କି? ଇତ୍ୟାଦି ତମାମ ପ୍ରଶ୍ନ ପଚାରିଥିଲା ଟିମ୍। ଏସମସ୍ତ ବିଷୟ ଉପରେ ଅନ୍ୟ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା ଓ ତଦନ୍ତ କରି ଘଟଣାର ଅଧିକ ଖୋଳତାଡ୍ କରୁଛି। ଟିମ୍ ନିକଟରେ ହାଜର ହୋଇଥିବା ଛାତ୍ରୀଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲେ ଉଚ୍ଚସ୍ତରୀୟ ଟିମ୍। ଉଚ୍ଚ ଶିକ୍ଷା ବିଭାଗର ଟିମ୍ ଆମକୁ ପଚରାଉଚୁରା କରୁଥିଲେ। ସାର୍‌ଙ୍କ ବ୍ୟବହାର କିଭଳି ଓ ଆଚାର ବ୍ୟବହାର କିଭଳି ପଚାରିଲେ। ଉଚ୍ଚଶିକ୍ଷା ବିଭାଗର ତଦନ୍ତ ବେଳେ ଉପସ୍ଥିତ ଥିବା ଛାତ୍ରୀ ଜିଜ୍ଞାସା ଧଳଙ୍କଠୁ ସୂଚନା ମିଳିଛି। ଆଜି ପ୍ରାୟ ୫ରୁ ୭ ଜଣ



କଲେଜରେ ତିନୋଟି ଟିମ୍‌ର ତନାଘନା

କେମିତି ଥିଲା ଏବଂ କେମିତି ଛାତ୍ରଛାତ୍ରୀଙ୍କ ସହ ସେ କଥାବାର୍ତ୍ତା କରୁଥିଲେ। ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ ସେମିତି ପୂର୍ବରୁ ଅଧ୍ୟାପକ ଅନ୍ୟ କାହାକୁ ପିଲାଙ୍କୁ କଲେଜକୁ ଡକାଯାଇ ଅଧିକ ତଦନ୍ତ ପାଇଁ ଅଧିକ ତଥ୍ୟ ସଂଗ୍ରହ କରିଛି ଟିମ୍। ଆସନ୍ତାକାଲି ମଧ୍ୟ କିଛି ପିଲାଙ୍କୁ କଲେଜକୁ ଡକାଯାଇଛି।




ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମହତ୍ୟା ପରେ କଲେଜ ପରିସରରେ ଆଇସିସି ସଦସ୍ୟ ସଦସ୍ୟାଙ୍କ ନାମ ଥିବା ସବିଶେଷ ତଥ୍ୟର ଏକ ବ୍ୟାନର୍ ପ୍ରଦର୍ଶିତ କରାଯାଇଛି।

## ବିଦ୍ୟାଳୟସ୍ତରୀୟ ଏଡସ୍ ସମ୍ବନ୍ଧୀୟ କୁଇଜ୍ ପ୍ରତିଯୋଗିତା

ବାଲେଶ୍ୱର,୧୮।୭(ସମିସ): ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତି ଭୁବନେଶ୍ୱର ଏବଂ ଭାରତୀୟ ରେଡକ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖାର ମିଳିତ ଉଦ୍ୟମରେ ଓଡ଼ିଶାର ପ୍ରତ୍ୟେକ ବିଦ୍ୟାଳୟରେ 'ଏଡସ ସମ୍ବନ୍ଧୀୟ କୁଇଜ୍ ପ୍ରତିଯୋଗିତା' ବିଦ୍ୟାଳୟସ୍ତରୀୟ ଆୟୋଜନ କରାଯାଉଛି। ଏହି ଅବସରରେ ଶୁକ୍ରବାର ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତିର ସହକାରୀ ନିର୍ଦ୍ଦେଶିକା ସ୍ମୃତି ସାଗାରିକ କାନୁନଗୋ ବାଲେଶ୍ୱର ଜିଲ୍ଲାର ନୟନକୁମାରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ବିଦ୍ୟାଳୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଏଡସ ରୋଗ ସମ୍ବନ୍ଧୀୟ ଅନେକ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ପରେ ସେମାନଙ୍କୁ ଏଡସ ସମ୍ବନ୍ଧୀୟ କିଛି ପ୍ରଶ୍ନ ପଚାରି ସଠିକ୍ ଉତ୍ତର ପ୍ରଦାନ କରିଥିବା ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏଡସ ନିୟନ୍ତ୍ରଣ ସମିତିର ପରିଚାଳକ ରଶ୍ମିତା ମହାନ୍ତି, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଶାରୀରିକ ଶିକ୍ଷା ଅଧିକାରୀ ଚନ୍ଦ୍ରକାନ୍ତ ଘଡେଇ ଏବଂ ଜେଆର୍‌ସି କାଉନସିଲର ନାରାୟଣ ପାଇକରାୟ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଶାନ୍ତନୁ କୁମାର ଜେନା ଏବଂ ଉକ୍ତ ବିଦ୍ୟାଳୟର କାଉନସିଲର ଜ୍ୟୋତିପ୍ରଭା ପାଣିଗ୍ରାହୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ସୁଦର୍ଶନ ଜେନା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶେଷରେ ସେହି ବିଦ୍ୟାଳୟର ଶିକ୍ଷକ ଅଶୋକ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କୁଇଜ୍ ପ୍ରତିଯୋଗିତା ମାଧ୍ୟମରେ ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ବ୍ଲକ ଏବଂ ପରେ ଜିଲ୍ଲା, ରାଜ୍ୟ, ଆଞ୍ଚଳିକ ଏବଂ ଶେଷରେ ଜାତୀୟସ୍ତରରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବ।

## ଆଇନ୍ ସଚେତନତା ଶିବିର

ବାଲେଶ୍ୱର,୧୮।୭(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିମିଟେଡ୍ (ଓପିଟିସିଏଲ)ର ଉତ୍ତରାଞ୍ଚଳ ଶାଖା, ଜାନୁଗଞ୍ଜ, ରେମୁଣା, ବାଲେଶ୍ୱରର ସମ୍ମିଳନୀ କକ୍ଷରେ କର୍ମକ୍ଷେତ୍ରରେ ମହିଳାମାନଙ୍କ ଯୌନ ଉତ୍ପୀଡ଼ନ (ପ୍ରତିରୋଧ, ନିଷେଧ ଏବଂ ପ୍ରତିକାର) ଅଧିନିୟମ ଏବଂ ଏସ୍‌ସିଏସ୍‌ଟି (ପ୍ରିଭେନ୍ସନ୍ ଅଫ୍ ଆଟ୍ରୋସିଟି) ଆକ୍ଟ ସଂପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତର ବିଚାରପତି ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମନ୍ ଜେନା ଅଧ୍ୟକ୍ଷତା କରି ଉପରୋକ୍ତ ଆଇନ୍‌ର ବିଭିନ୍ନ ପ୍ରାବଧାନ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାର ଚିଫ୍ ଲିଗାଲ୍ ଏଡ୍ ଡିଫେନ୍ସ କାଉନ୍ସେଲ ନଟଗୋପାଳ ପଣ୍ଡା, ଆଇନ୍‌ଜୀବୀ ପଦ୍ମଲୋଚନ ଖଟୁଆ, ଓପିଟିସିଏଲ୍ ଉତରାଞ୍ଚଳ ଶାଖାର କାର୍ଯ୍ୟକାରୀ ନିର୍ଦ୍ଦେଶକ ଅନାଦୀ ଚରଣ ଜେନା, ମାନବ ସମ୍ବଳ ବିକାଶ ଅଧିକାରୀ ସୁନୀଲ କୁମାର ପାଢୀ, ଜେନେରାଲ୍ ମ୍ୟାନେଜର ମାନସ ରଞ୍ଜନ ଦାଶ, ଫକୀରମୋହନ ବିଶ୍ୱବିଦ୍ୟାଳୟ ଆଇନ୍ ଛାତ୍ର ଉମାଶଙ୍କର କର ଏବଂ ହେମନ୍ତ କୁମାର ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏଅବସରରେ ଓପିଟିସିଏଲ ଉତ୍ତରାଞ୍ଚଳ ଜୋନ୍‌ରେ କାର୍ଯ୍ୟରତ କେଉଁଝର, ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର ଓ ଯାଜପୁର ଜିଲ୍ଲାର କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଏଫ୍ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା

# ତଦନ୍ତ ପାଇଁ ବାଲେଶ୍ୱର ଗସ୍ତରେ ଉଚ୍ଚଶିକ୍ଷା ବିଭାଗ ଟିମ୍

ବାଲେଶ୍ୱର,୧୮।୭(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମାହୁତି ଘଟଣାର ତଦନ୍ତ ପାଇଁ ଆଜି ବାଲେଶ୍ୱର ଗସ୍ତରେ ଉଚ୍ଚଶିକ୍ଷା ବିଭାଗର ଉଚ୍ଚସ୍ତରୀୟ ଟିମ୍ ପହଞ୍ଚିଛି। ବିଭାଗର ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ରଙ୍କ ନେତୃତ୍ୱରେ ଗଠିତ ହୋଇଥିବା ୩ ଜଣିଆ ଟିମ୍ ଛାତ୍ରୀ ଆତ୍ମାହୁତି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରୁଛନ୍ତି। ଆଇସିସି କମିଟିର ସଦସ୍ୟଙ୍କୁ ଏହି ଟିମ୍ ପଚରାଉଚରା କରୁଛି। ଏଥିସହିତ କିଛି ଛାତ୍ରୀଙ୍କୁ ମଧ ପଚରାଉଚରା କରାଯାଇଛି। ଆସନ୍ତାକାଲି ଆହୁରି ୮ ଜଣଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଶୁକ୍ରବାର ଓ ୧୯ ତାରିଖ (ଶନିବାର) ଦୁଇଦିନ ଉଚ୍ଚସ୍ତରୀୟ କମିଟି ଆଗରେ ଉପସ୍ଥିତ ରହିବା ପାଇଁ ଏଫ୍ଏମ୍ କଲେଜ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିକ୍ରମରେ ଆଜି ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ। ସେମାନଙ୍କଠୁ ଅଧିକ ଖୋଳତାଡ଼ କରି ତଥ୍ୟ ସଂଗ୍ରହ କରିଛି ଟିମ୍। ଏହାବ୍ୟତୀତ କମିଟିରେ ଥିବା ଛାତ୍ରୀ ସଦସ୍ୟା ତିନି ଜଣ ଆଜି ଅନୁପସ୍ଥିତ ଥିବା ଜଣାପଡ଼ିଛି। ଆସନ୍ତାକାଲି ସେମାନଙ୍କୁ ଡକାଯାଇଛି। ଜୁଲାଇ ୧୩ ତାରିଖରେ ଉଚ୍ଚସ୍ତରୀୟ କମିଟି ପ୍ରାଥମିକ ତଦନ୍ତ କରି ଅନ୍ତରୀଣ ରିପୋର୍ଟ ଦାଖଲ କରିଥିଲେ। ଆଜି ଉଚ୍ଚ ଶିକ୍ଷା ବିଭାଗର ତଦନ୍ତ କମିଟି ଏଫ୍ଏମ କଲେଜ୍‌ରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଆଇସିସି କମିଟି ତଦନ୍ତର ସାମ୍ନା କରିଛନ୍ତି। ଆସନ୍ତାକାଲି ପୁଣି ୮ ଜଣଙ୍କୁ ତଦନ୍ତରେ ସହଯୋଗ ପାଇଁ ଡକାଯିବ ବୋଲି କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି। ଦୁଇଦିନ ଧରି ଉଚ୍ଚ ଶିକ୍ଷା ବିଭାଗର ତଦନ୍ତ କମିଟି ନିକଟରେ ଆଇସିସି ବ୍ୟକ୍ତିଗତ ଭାବରେ ହଜାର ହେବେ। ଆଜି କିଛି ଛାତ୍ରୀଙ୍କୁ ଟିମ୍ ନିକଟରେ ହାଜର କରାଯାଇଥିଲା। ଛାତ୍ରୀଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲେ ଉଚ୍ଚସ୍ତରୀୟ ଟିମ୍। ତେବେ ଘଟଣା ଦିନ ଆମେ ଉପସ୍ଥିତ ନଥିଲୁ। ସାର୍‌ଙ୍କ ବିଷୟରେ ମୁଁ ଏଭଳି ଆଗରୁ ଅଭିଯୋଗ ଶୁଣିନାହିଁ। ଆମ ସମସ୍ତଙ୍କ ସାଙ୍ଗରେ ସାର୍‌ଙ୍କ ଭଲ ସମ୍ପର୍କ ଥିଲା ବୋଲି ତଦନ୍ତରେ ସହଯୋଗ କରିଥିବା ଛାତ୍ରୀ ଜଣକ କହିଛନ୍ତି। ସେହିଭଳି ସାର୍‌ଙ୍କ ବ୍ୟବହାର କିଭଳି ଉଚ୍ଚ ଶିକ୍ଷା ବିଭାଗର ଟିମ୍ ପଚରାଉଚୁରା କରୁଥିଲେ। ଆଜି ୫ ଜଣ ପୁଅ ଓ ୨ ଜଣ ଝିଅଙ୍କୁ କଲେଜ୍ ପକ୍ଷରୁ ଡକାଯାଇଥିଲା। ଆସନ୍ତାକାଲି ମଧ୍ୟ ଏହି ଟିମ୍ ପଚରାଉଚୁରା ଓ ତଦନ୍ତ ଜାରି ରଖିବ। ଏହି ଘଟଣାକୁ ନେଇ ଆଜି କ୍ରାଇମବ୍ରାଞ୍ଚ, ଉଚ୍ଚ ଶିକ୍ଷା ବିଭାଗର ଉଚ୍ଚସ୍ତରୀୟ ଟିମ୍ ଏବଂ ୟୁଜିସିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ତଦନ୍ତକୁ ଅଧିକ ଗତିଶୀଳ କରିଥିବା ବେଳେ ଆସନ୍ତାକାଲି ପୁଣି କଲେଜ କ୍ୟାମ୍ପସରେ ପଚରାଉଚରା କରିବ ୟୁଜିସି ଟିମ। କଲେଜ ଅଧ୍ୟକ୍ଷ, ଆଇସିସିଙ୍କଠାରୁ ବହୁ ତଥ୍ୟ ହାସଲ କରି ଫେରିଛି ଟିମ୍।





- ଦୁଇଦିନ ତଦନ୍ତ କରିବ ତିନିଜଣିଆ ଟିମ୍
- କଲେଜ ଆଇସିସି ସଦସ୍ୟାଙ୍କଠୁ ଅଧିକ ଖୋଳାତାଡ଼
- ଆସନ୍ତାକାଲି ବି ଜାରିରହିବ ତଦନ୍ତ

## ୨୩ରେ 'ସଙ୍ଗୀତାବର୍ତ୍ତନ ୨୦୨୫'

ବାଲେଶ୍ୱର,୧୮।୭(ସମିସ): ଆସନ୍ତା୨୩ତାରିଖରେ ବାଲେଶ୍ୱର ସହରର ସାଂସ୍କୃତିକ ଅନୁଷ୍ଠାନ ତାଲ୍ ଦରବାର ପକ୍ଷରୁ ଉଦ୍ୟୋଗ ଭବନର ସଭାଗୃହରେ ପ୍ରତ୍ୟେକ ବର୍ଷ ଭଳି ଏ ବର୍ଷ ମଧ ସାଂସ୍କୃତିକ କାର୍ଯ୍ୟକ୍ରମ ସଙ୍ଗୀତା ବର୍ତ୍ତନ-୨୦୨୫ ସନ୍ଧ୍ୟାରେ ଅନୁଷ୍ଠିତ ହେବ ବୋଲି ସଭାପତି ଶିଳ୍ପପତି ସଂଗ୍ରାମ ଦାସ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରସନ କୁମାର ସ୍ୱାଇଁ, ସଦର ବିଧାୟକ ମାନସ ଦତ୍ତ, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ କଟକରୁ ବରିଷ୍ଠ ତବଲାବାଦକ ପଣ୍ଡିତ ହରମୋହନ ଖୁଣ୍ଟିଆ ଏବଂ ସୁଦୂର କୋଲକାତାରୁ ସରୋଦ ବାଦକ ବିଦ୍ୱାନ ମୋନିତ ପାଲ,ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟର ମୋହନ ବୀଣା ବାଦକ ବିଦ୍ୱାନ ବଂଶୀଧର ରଣା ମୋହନ ବୀଣା ବାଦନ କରିବା ସହ ଓ ଆର୍ଯ୍ୟବ୍ରତ ମିସ୍ତ୍ରୀ ତବଲା ବାଦନ ଓ ତାଳ ଦରବାରର ଜୁନିଅର,ସିନିଅର ଓ ସବ ଜୁନିଅର ବିଦ୍ୟାର୍ଥୀ ମାନେ ସମବେତ ତବଲା ବାଦନ କରିବାର କାର୍ଯକ୍ରମ ରହିଛି ବୋଲି ତାଲ ଦରବାର ସମ୍ପାଦକ ଅଜିତାନନ୍ଦ ଦେବ ଗୋସ୍ୱାମୀ ସୂଚନା ଦେଇଛନ୍ତି।

# କଲେଜରେ ଲଗାଗଲା ଅଗ୍ନି ନିର୍ବାପକ ଯନ୍ତ୍ର

### ପୂର୍ବରୁ ଲାଗିଥିବା ଯନ୍ତ୍ର କିଛି କାମକୁ ନଥିଲା

ବାଲେଶ୍ୱର,୧୮।୭(ସମିସ)






'ସକାଳ' ପ୍ରଭାବ

ଖବର ପ୍ରକାଶ ପରେ କଲେଜରେ ଅଗ୍ନି ନିର୍ବାପକ ଯନ୍ତ୍ର ଲଗାଯାଇଛି। କଲେଜ ପରିସରରେ ସୌମ୍ୟାଶ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ଏବଂ ମୃତ୍ୟୁ ପରେ ଅଗ୍ନି ନିର୍ବାପକ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇଛି କଲେଜ। କାରଣ ଘଟଣା ଦିନ ଛାତ୍ରୀ ଯେଉଁଠି ଆତ୍ମାହୁତି ଦେଇଥିଲେ ସେଇଠି ହିଁ ଏକ ଅଗ୍ନି ନିର୍ବାପକ ଯନ୍ତ୍ର ଥିଲା। ହେଲେ ଠିକ୍ ସମୟରେ ଏହାକୁ ବ୍ୟବହାର କରାଗଲା ନାହିଁ। ଏଥିରୁ ସ୍ପଷ୍ଟ ହେଉଥିଲା ଯେ ଅଗ୍ନି ନିର୍ବାପକ ଯନ୍ତ୍ର ଅଚଳ ଏବଂ ଏହା ନାମକୁ ମାତ୍ର ରଖାଯାଇଛି। ଏହାକୁ ଦୃଷ୍ଟିରେ ରଖି ଗତ ୧୬ ତାରିଖ ଦିନ 'ଅଗ୍ନି ସୁରକ୍ଷା ମାନଦଣ୍ଡ ଅନୁସରଣ କରୁନାହାନ୍ତି ସବୁ ଶିକ୍ଷାନୁଷ୍ଠାନ' ଏବଂ 'ଅଗ୍ନି ନିର୍ବାପକ ଯନ୍ତ୍ର ଥାଇ ବି ବ୍ୟବହାର କରାଯାଉନି' ଶୀର୍ଷକରେ ଖବର 'ସକାଳ' ରେ ପ୍ରକାଶ ପାଇଥିଲା। ଯାହାର ପ୍ରଭାବ ଶୁକ୍ରବାର କଲେଜ ପରିସରରେ ଦେଖିବାକୁ ମିଳିଛି। ଆଜି ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ୟୁଜିସି ସହ ଉଚ୍ଚଶିକ୍ଷା ବିଭାଗର ଏକ ଟିମ୍ ଏବଂ କ୍ରାଇମବ୍ରାଞ୍ଚ ଆସିଛି। ଏହାରି ଭିତରେ କଲେଜରେ ଅଗ୍ନି ନିର୍ବାପକ ଯନ୍ତ୍ର ଲଗାଯାଉଥିବାର ଦୃଶ୍ୟ ସାମ୍ନାକୁ ଆସିଛି। ସୂଚନାନୁଯାୟୀ, ବିଦ୍ୟାଳୟଠାରୁ ଆରମ୍ଭ କରି କଲେଜ ସବୁଠି ଅଗ୍ନି ନିର୍ବାପକ ଯନ୍ତ୍ର ରଖିବା ପାଇଁ ନିୟମ ରହିଛି। ସରକାରୀ ହେଉ କି ଘରୋଇ ଶିକ୍ଷାନୁଷ୍ଠାନ ସବୁଠି ଅଗ୍ନି ନିର୍ବାପକ ବ୍ୟବସ୍ଥା ରହିବା ଉଚିତ। ସବୁ ଶିକ୍ଷାନୁଷ୍ଠାନରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ବାଧ୍ୟତାମୂଳକ ବୋଲି ଗୃହ ବିଭାଗ ନିଷ୍ପତ୍ତି ନେଇଥିଲା। ହେଲେ ଏହାକୁ ଜିଲ୍ଲା ପ୍ରଶାସନ ଏବଂ କଲେଜ କର୍ତ୍ତୃପକ୍ଷ ପକ୍ଷରୁ ଗୁରୁତ୍ୱ ଦିଆଯାଉନାହିଁ। ଏହି ଅବହେଳାର ପରିଣାମ ହେଉଛି ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଘଟଣା। ନ୍ୟାୟ ପାଇବାରୁ ବଞ୍ଚିତ ହେବାରୁ ଛାତ୍ରୀ ଜଣକ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିଜକୁ ନିଆଁ ଲଗାଇ ଦେଇଥିଲେ। ସବୁଠୁ ବଡ଼ କଥା ହେଉଛି ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ନିକଟରେ ଏକ ଅଗ୍ନି ନିର୍ବାପକ ଯନ୍ତ୍ର ରହିଛି। ହେଲେ ନିଆଁ ଲିଭାଇବା ପାଇଁ ସେହି ଯନ୍ତ୍ରକୁ କେହି ବ୍ୟବହାର କରିଲେ ନାହିଁ। ହୁଦ୍‌ହୁଦ୍ ହୋଇ ଜଳୁଥିବା ନିଆଁକୁ ଆୟତ୍ତ ପାଇଁ ଅଗ୍ନି ନିର୍ବାପକ ଯନ୍ତ୍ର ନିଶ୍ଚୟ କାମରେ ଆସିଥାନ୍ତା। ହେଲେ ଏପରି ବିପତ୍ତି ସମୟରେ ଏହାକୁ ବ୍ୟବହାର ନକରିବା ନେଇ ଅନେକ ପ୍ରଶ୍ନ ଉଠିଛି। ନାମକୁ ମାତ୍ର ଯନ୍ତ୍ର ରହିଛି, କିଛି କାମକୁ ନଥିଲା ବୋଲି ମତପ୍ରକାଶ ପାଇଛି। କଲେଜ ପରିସରରେ ଯେତେବେଳେ ଛାତ୍ରୀ ଜଣକ ପେଟ୍ରୋଲ ଢାଳି ନିଆଁ ଲଗାଉଥିଲେ ସେହି ସମୟରେ କାହିଁକି କଲେଜର ଅଗ୍ନି ନିରାପତ୍ତା ବ୍ୟବସ୍ଥା ସକ୍ରିୟ କରାଯାଇ ନଥିଲା। ଯଦି ସେହି ସମୟରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ବାବଦରେ କେହି ବି ଚିନ୍ତା କରିଥାନ୍ତେ ତାହେଲେ ଛାତ୍ରୀ ଜଣକ ଏତେ ମାତ୍ରାରେ ପୋଡ଼ିଯାଇ ନଥାନ୍ତେ। ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ ପ୍ରତି ଶିକ୍ଷାନୁଷ୍ଠାନରେ ଅଗ୍ନି ନିର୍ବାପକ ବ୍ୟବସ୍ଥା କରାଯିବା ବାଧ୍ୟତାମୂଳକ। ହେଲେ କଲେଜ ପରିସରରେ ଥିବା ଯନ୍ତ୍ର ମଧ୍ୟ କାମକୁ ଲାଗୁନାହିଁ। ଏନେଇ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ଆଜି କଲେଜ ଅଧ୍ୟକ୍ଷ ଅଗ୍ନି ନିର୍ବାଚନ ଯନ୍ତ୍ର ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଆଜି ଜଣେ ଡେଲିଭରୀ କର୍ମଚାରୀ କଲେଜକୁ ଆସି ଅଗ୍ନି ନିର୍ବାଚନ ଯନ୍ତ୍ର ଲଗାଇଛନ୍ତି। ଅଧିକାଂଶ ଶିକ୍ଷାନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବାରୁ ଅଗ୍ନିକାଣ୍ଡ ଘଟିଲେ କିପରି ଉଦ୍ଧାର କରାଯିବ ତାକୁ ନେଇ ପ୍ରଶ୍ନ ଉଠିଛି। ବହୁ ସରକାରୀ ବିଦ୍ୟାଳୟଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଅବହେଳା କରାଯାଉଥିବା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଘଟଣାରୁ ଜଣାପଡ଼ିଛି। ସେଭଳି ଆକସ୍ମିକ ଅଘଟଣ ବେଳେ ଅଗ୍ନି ନିର୍ବାପକ ଯନ୍ତ୍ର ହିଁ ବହୁ କାମରେ ଲାଗିବା କଥା। ହେଲେ ଏନେଇ ଅଗ୍ନିଶମ ଓ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅଗ୍ନି ନିର୍ବାପକ ବ୍ୟବସ୍ଥା ରହିଛି କି ନାହିଁ ଯାଞ୍ଚ କରାଯାଉନି। ଅଧିକାଂଶ ଅଗ୍ନି ନିର୍ବାପକ ପାଇପ୍‌ରେ ପାଣି ରହୁନାହିଁ କିମ୍ବା ଅଙ୍ଗାରକାମ୍ଳ ଗ୍ୟାସ୍ ପାଇପ୍‌ଲାଇନ୍ ନାମକୁ ମାତ୍ର ରହିଛି। ଅଚଳ ଅଗ୍ନି ନିର୍ବାପକ ଯନ୍ତ୍ର କେବଳ ନିଜକୁ ନିଜେ ଠକିବା ପାଇଁ ବ୍ୟବହାର କରାଯାଉଛି। ଅଗ୍ନି ନିର୍ବାପକ ଯନ୍ତ୍ର ରହିଲେ ବି ତାହାର ବ୍ୟବହାର ବାବଦରେ କୌଣସି ସ୍ୱତନ୍ତ୍ର ତାଲିମ ଦିଆଯାଇନାହିଁ।।

**ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ**

# ସିସିଟିଭି ନଜରରେ ରହିବ ସମ୍ପୂର୍ଣ୍ଣ କ୍ୟାମ୍ପସ

**କଲେଜରେ ନୂଆ ସିସିଟିଭି ଲଗାଇବ ଜିଲ୍ଲା ପ୍ରଶାସନ**

ବାଲେଶ୍ୱର,୧୮।୭(ସମିସ): ଫକୀରମୋହନ କଲେଜରେ ଆଜି ଗୋଟିଏ ପରେ ଗୋଟିଏ ଟିମ୍ ପହଞ୍ଚି ତଦନ୍ତ ଆଉ ତନାଘନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲା ପ୍ରଶାସନର ଏକ ଟିମ୍ କଲେଜରେ ପହଞ୍ଚି ଅନୁଧ୍ୟାନ କରିଥିବା ଜଣାପଡ଼ିଛି। ଏହି ଅନୁଧ୍ୟାନ ପରେ ଜଣାପଡ଼ିଛି ଯେ ଫକୀରମୋହନ କଲେଜରେ ଲାଗିବ ନୂଆ ସିସିଟିଭି। କଲେଜରେ ପୂର୍ବରୁ ଲାଗିଥିବା ସିସିଟିଭିକୁ ଛାଡ଼ି ଏବେ ନୂଆ ସିସିଟିଭି ଲଗାଇବ ଜିଲ୍ଲା ପ୍ରଶାସନ। ପୁରା କଲେଜ କ୍ୟାମ୍ପସ କିପରି କ୍ୟାମେରା ନଜରରେ ରହିବ ସେନେଇ ସିସିଟିଭି ଲଗାଇବା ପାଇଁ ଅନୁଧ୍ୟାନ କରିବାକୁ କଲେଜରେ ପହଞ୍ଚିଥିଲା ଜିଲ୍ଲା ପ୍ରଶାସନର ଟିମ୍। ଏନେଇ ଉପଜିଲ୍ଲାପାଳ ଓ ସଦର ତହସିଲଦାର କଲେଜରେ ଅନୁଧ୍ୟାନ କରୁଛନ୍ତି। ପ୍ରକାଶ ଥାଉ କି, ପୂର୍ବରୁ ସମ୍ପୂର୍ଣ୍ଣ କଲେଜରେ ସିସିଟିଭି କ୍ୟାମେରା କଭରେଜ୍ ନଥିଲା। ପ୍ରାୟ ୧୩ ସିସିଟିଭି କ୍ୟାମେରା କଲେଜ ପରିସରରେ ରହିଛି। ହେଲେ ଦୁର୍ଭାଗ୍ୟ ଯେ ୧୨ ତାରିଖ ଦିନ ମୃତା ସୌମ୍ୟାଶ୍ରୀ ଯେଉଁଠି ଛିଡ଼ାହୋଇ ନିଜ ଦେହରେ ନିଆଁ ଲଗାଇଥିଲେ ସେଠାରେ ହିଁ ସିସିଟିଭି କ୍ୟାମେରା ନାହିଁ। କିଛିଦିନ ତଳେ ସିସିଟିଭି କ୍ୟାମେରାର ମୁହଁ ସେହି ଦିଗକୁ ଥିଲା ଯେଉଁଠି ଘଟଣା ଘଟିଥିଲା। ହେଲେ ଅନ୍ୟପଟେ ଯେଉଁ କଲେଜ ପିଲାମାନେ ବ୍ୟାଗ୍ ରଖନ୍ତି ସେଠାରେ ଚୋରି ବଢ଼ିବାରୁ ସିସିଟିଭି କ୍ୟାମେରାର ମୁହଁ ଆର ଦିଗକୁ ବୁଲାଇ ଦିଆଯାଇଥିଲା। ଫଳରେ ଯେଉଁଦିନ ଘଟଣା ଘଟିଥିଲା ସେଇ ଘଟଣା କ୍ରମ କ୍ୟାମେରାରେ କଏଦ ହୋଇପାରିଲା ନାହିଁ। ଯାହାଦ୍ୱାରା ତଦନ୍ତ ସମୟରେ ସିସିଟିଭି କଥା ସାମ୍ନାକୁ ଆସିଛି। ଏହାବ୍ୟତୀତ ଆଜି ୟୁଜିସି ଟିମ୍ ମଧ୍ୟ ଘଟଣାସ୍ଥଳରେ ଥିବା ସିସିଟିଭି କ୍ୟାମେରା ଯାଞ୍ଚ କରାଇବାର ଦୃଶ୍ୟ ଦେଖିବାକୁ ମିଳିଥିଲା।

# କୋର୍ଟ ଆଦେଶ ନମିଳିବା ପର୍ଯ୍ୟନ୍ତ ମାଛ ଧରିବାକୁ ବାରଣ

ନୀଳଗିରି,୧୮।୭(ସମିସ)



ନୀଳଗିରି ଥାନା ଅଧୀନସ୍ଥ କହାଳିଆ ଗ୍ରାମର ଶ୍ରୀରାହାସବିହାରୀ ଜୀଉଠାକୁରଙ୍କ ନାମରେ ଥିବା ପୋଖରୀରୁ ମାଛମାରିବାକୁ ନେଇ ଗ୍ରାମର ଦୁଇଟି ସାହି ମଧ୍ୟରେ ବହୁବାର ଗଣ୍ଡଗୋଳ ଘଟୁଥିବା ବେଳେ ଆଜି ନୀଳଗିରି ପୁଲିସ ହସ୍ତକ୍ଷେପ କରିଛି। କୋର୍ଟ ଆଦେଶ ନ ମିଳିବା ପର୍ଯ୍ୟନ୍ତ ପୋଖରୀରୁ କେହି ମାଛ ଧରିପାରିବେ ନାହିଁ ବୋଲି ନୀଳଗିରି ଥାନା ଆଇଆଇସି ଗୋବର୍ଦ୍ଧନ ନାୟକ ଉଭୟ ପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାରୁ ଜଣାଯାଇଛି, ୧୮୬୬ମସିହା ନ' ଅଙ୍କ ଦୁର୍ଭିକ୍ଷ ବେଳେ ଉକ୍ତ ପୋଖରୀକୁ ନୀଳଗିରି ରାଜା ଖୋଳାଇଥିଲେ। ଏ୦୧.୭୬ ଡିସିମିଲ ଜମିରେ ଜଳାଶୟ ଓ ୪୦କଡି ଓସାରର ଆଡ଼ିଥିଲା। ଏହା ସର୍ବସାଧାରଣଙ୍କ ପାନୀୟ ଜଳପାଇଁ ଉଦ୍ଦିଷ୍ଟ ଥିଲା। ମାତ୍ର ଚକ୍ରଧରପୁର ସାହିର କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି, ଲୋଲୁପ ଦୃଷ୍ଟିପକାଇ ୨୦୧୫ ମସିହାରେ ଉକ୍ତ ପୋଖରୀରେ ମାଛ ଚାଷକରି, ପାଣିକୁ ନଷ୍ଟକରିବା ସହିତ ଆଡ଼ି୪୦ କଡିକୁ ହାଣି ପୋଖରୀରେ ମିଶାଇ ଦେଇଥିଲେ। ଫଳରେ ଏହି ଆଡିକୁ ରାସ୍ତାରୂପେ ବ୍ୟବହାର କରୁଥିବା ପ୍ରାୟ ୩ଶହ ଲୋକ ପାଣିଘେରରେ ରହିଥିଲେ। ଏଥିପାଇଁ ଉକ୍ତ ପୋଖରୀକଡ଼ରେ ବସବାସ କରୁଥିବା ପୋଖରୀସାହି ଲୋକମାନେ ନୀଳଗିରି ସବଜଜ୍ କୋର୍ଟରେ ଦେୱାନି ମକଦ୍ଦମା କରିଥିବା ବେଳେ କୋର୍ଟ ସ୍ଥିତାବସ୍ଥା ବଜାୟ ରଖିବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଦେବୋତ୍ତର ଆୟୁକ୍ତ କଟକ ଏହାର ତଦନ୍ତ କରିବାପାଇଁ ଦେବୋତ୍ତର ନିରୀକ୍ଷକ ଓ ସ୍ଥାନୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହାକୁ ଭ୍ରୂକ୍ଷେପ ନକରି ଚକ୍ରଧରପୁର ସାହିର କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବେଆଇନ କାର୍ଯ୍ୟକରି ଚାଲିଥିଲେ। ଶୁକ୍ରବାର ଭୋର ପ୍ରାୟ ୩ ଘଟିକା ସମୟରେ ମାଛ ଧରିବା ପାଇଁ ଜାଲୁଆଙ୍କୁ ଧରି ପୋଖରୀ ପାଖରେ ପହଞ୍ଚିବାରୁ ସ୍ଥାନୀୟଲୋକ ଓ ମହିଳା ବାରଣ କରିଥିଲେ। ମାତ୍ର ଓଲଟା ସେମାନଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ଏନେଇ ମହିଳାମାନେ ଉଦୟ ଷଡ଼ଙ୍ଗୀ, କୃପାସିନ୍ଧୁ ରଥ, ପ୍ରଭାକର ପଣ୍ଡା, ବିଜୟ ଦାଶ, ନିନ ଦାଶ, ଦେବବ୍ରତ ଷଡ଼ଙ୍ଗୀ, ଚିତ୍ତରଂଜନ ମହାପାତ୍ର ପ୍ରମୁଖ ୧୦ଜଣଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନୀଳଗିରି ପୁଲିସ ଅଭିଯୁକ୍ତମାନଙ୍କୁ ଡକାଇ ତାଗିଦକରିବା ସହିତ ପୋଖରୀରୁ କୋର୍ଟ ଆଦେଶ ନମିଳିବା ପର୍ଯ୍ୟନ୍ତ ମାଛ ଧରିପାରିବେ ନାହିଁ ବୋଲି ଆଦେଶ ଦେଇଥିଲେ। ଏହି ଅଭିଯୋଗକାରିଣୀ ମହିଳାମାନଙ୍କ ମଧ୍ୟରେ ସୂର୍ଯ୍ୟମଣି ମହାରଣା, ପ୍ରିୟଙ୍କା ଦାସ, ରଞ୍ଜିତା ଦାସ, ଭଗବତୀ ମହାରଣା, ରେବତୀମହାରଣା, ପ୍ରମିଳା ବେହେରା, ବାସନ୍ତୀ ଦାସ, ଶକୁନ୍ତଳା ବେହେରା, ପଙ୍କଜିନୀ ମହାରଣା ଓ ପ୍ରତିମା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଚୋରି ମାମଲାରେ ଜଣେ ଗିରଫ

ନୀଳଗିରି,୧୮।୭(ସମିସ): କିଛି ଦିନ ଧରି ନିଳଗିରି ସହରରେ ଥିବା ବିଭିନ୍ନ ଦୋକାନରୁ ହଜାର ହଜାର ଟଙ୍କା ଚୋରି ହୋଇଥିବା ନେଇ ଚର୍ଚ୍ଚା ହେଉଛି। ଗତ ୨୩ତାରିଖ ରାତିରେ ନିଳଗିରି ଦୁର୍ଗାମଣ୍ଡପ ଛକରେ ଥିବା ରଘୁନାଥ ମେଡିସିନ ଷ୍ଟୋରରୁ ସ୍କାଇ ଲାଇଟ୍ ଭାଙ୍ଗି ଦୋକାନରେ ଥିବା ୪୫ହଜାର ଟଙ୍କା ଚୋରି ହୋଇଥିବା ନେଇ ନିଳଗିରି ଥାନାରେ ଅଭିଯୋଗ କରିଥିଲେ। ସେହିପରି ଜଗଦ୍ଧାତ୍ରୀ ବଜାରରୁ ଅନୁରୂପ ଭାବେ ଏକ ଗ୍ରୋସରୀ ଦୋକାନରୁ ୧୫ହଜାର ଟଙ୍କା ଚୋରି ହୋଇଥିଲା। କିଏ ଚୋରି କରୁଛି ବୋଲି ଦୋକାନୀଙ୍କ ମଧ୍ୟରେ ଆଲୋଚନା ହେଉଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇଲେ ଯେ ପୋଡାସୁଲ ଡେଙ୍ଗାସାହି ଗ୍ରାମର ଚୈତନ୍ୟ ସରେନ ବୋଲି। ସେ ନିଳଗିରିରେ ବିଭିନ୍ନ ଦୋକାନରେ କାମ କରୁଥିବା ବେଳେ ବିଭିନ୍ନ ଦୋକାନ ଉପରେ ନଜର ରଖୁଥିଲା। ନିଶିଦ୍ଧ ରାତ୍ରିରେ ବିଭିନ୍ନ ଦୋକାନର ସ୍କାଏଲାଇଟ୍ ଭାଙ୍ଗି ଟଙ୍କା ଚୋରି କରୁଥିଲା। ଗତ ଗୁରୁବାର କିଛି ଦୋକାନୀ ଚୈତନ୍ୟକୁ ବଜାରରୁ ଧରିଥିବା ବେଳେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ପରେ ନିଳଗିରି ପୁଲିସ ଚୈତନ୍ୟକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ତଦନ୍ତକାରୀ ଅଫିସର ଜିତେନ୍ ନାୟକ ପ୍ରକାଶ କରିଛନ୍ତି। ଏନେଇ ନିଳଗିରି ଥାନାରେ ମାମଲା ରୁଜୁ ହୋଇଥିବାର ଜଣାପଡ଼ିଛି।

## ଝୁଲନ୍ତା ଅବସ୍ଥାରେ ଛାତ୍ରଙ୍କ ମୃତଦେହ ଉଦ୍ଧାର

ନୀଳଗିରି,୧୮।୭(ସମିସ): ପୁଣି ଜୀବନ ହାରିଲେ +୨ର ଜଣେ ଅଧ୍ୟୟନରତ ଛାତ୍ର। ସୂଚନା ମୁତାବକ ନୀଳଗିରି ଥାନା ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଦ୍ୱାରିକା ଗ୍ରାମର ଦିବାକର ମହାପାତ୍ରଙ୍କ ପୁତ୍ର ଅଭିଜିତ୍ ମହାପାତ୍ର (୧୮) ସନ୍ତରାଗଡ଼ିଆସ୍ଥିତ ବାବା ପଞ୍ଚଲିଙ୍ଗେଶ୍ୱର କଲେଜର +୨ର ଦ୍ୱିତୀୟ ବର୍ଷର ଛାତ୍ର ଥିବା ବେଳେ ବେକରେ ରଶି ଲଗାଇ ଜୀବନ ହାରିଛନ୍ତି। ଗୁରୁବାର ଅଭିଜିତ୍ ପରିବାରଙ୍କ ଆଖି ସାମ୍ନାରୁ କେଉଁଆଡ଼େ ଚାଲିଯାଇଥିଲା। ବହୁତ ଖୋଜାଖୋଜି କରି ରାତ୍ରି ପ୍ରାୟ ୮ଟା ୩୦ ସମୟରେ ସିଡ଼ିଘରେ ଏକ ତାଳରୁଅରେ ରସି ଲଗାଇ ଝୁଲିଥିବା ପରିବାର ଲୋକେ ଦେଖିଥିଲେ। ସଙ୍ଗେ ସଙ୍ଗେ ଉଦ୍ଧାର କରି ଇଶ୍ୱରପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଖବର ପ୍ରଚାର ହେବା ପରେ ଅଞ୍ଚଳରେ ଶୋକାକୋଳ ପରିବେଶ ସୃଷ୍ଟି ହୋଇଛି। ଆଜି ଅଭିଜିତକୁ ନୀଳଗିରି ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ଏନେଇ ନୀଳଗିରି ଥାନାରେ ଅପମୃତ ମାମଲା ରୁଜୁ ହୋଇଛି। ଈଶ୍ୱରପୁର ଫାଣ୍ଡି ଅଧିକାରୀ ବିକାଶ ଭୋଇ ମୃତ୍ୟୁ ଘଟଣାରେ ତଦନ୍ତ କରୁଥିବା ଜଣାପଡ଼ିଛି।

## ମହୁଲି କାରବାର; ବେପାରୀକୁ ଉଠାଇ ନେଲା ପୁଲିସ

କାଳିପଦା,୧୮।୭(ସମିସ): କଂଗ୍ରେସର ଓଡ଼ିଶା ସମେତ ବାଲିଆପାଳ ବନ୍ଦ ଡାକରା ଗୁରୁବାର ଥିଲା। ବନ୍ଦର ସୁଯୋଗ ନେଇ ଚୋରା ମହୁଲି ବେପାରୀଙ୍କ ବେପାର ଚାଲିଥିବାର ଖବର ପୁଲିସ ପାଇ ବେପାରୀକୁ ଉଠାଇ ନେଇଛି। ସୂଚନାରୁ ପ୍ରକାଶ ବାଲିଆପାଳ ଥାନା ପଞ୍ଚୁପାଲି ଛକରେ କଂଗ୍ରେସ ପକ୍ଷରୁ ଗତ କାଲି ବଜାର ବନ୍ଦ କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଉଥିଲା। ବନ୍ଦବେଳେ କାଳ ସିମୁଳି ଗ୍ରାମର ମହୁଲି ବେପାରୀ କାର୍ତ୍ତିକ ବେହେରା ପଞ୍ଚୁପାଲି ଛକରେ ନିଜ ଦୋକାନରେ ପାଉଚ ବିକ୍ରୀ କରୁଥିବାବେଳେ ବାଲିଆପାଳ ପୁଲିସ ଖବର ପାଇ ଦୋକାନକୁ ଯାଞ୍ଚ କରିବା ସହ ବେପାରୀକୁ ଥାନାକୁ ଉଠାଇ ନେଇଥିଲା। ତେବେ ବାଲିଆପାଳ ଅଞ୍ଚଳର ପଞ୍ଚୁପାଲି ବଜାର ଚୋରା ମଦ ମାଫିଆଙ୍କ ଚରାଭୂଇଁ ପାଲଟି ଥିବା ବେଳେ ଅବକାରୀ ବିଭାଗ ନୀରବଦ୍ରଷ୍ଟା ସାଜିଛି।

## ସରକାରୀ ଜମିରୁ ଜବରଦଖଲ ହଟାଇବାକୁ ଲାଗିଲା ନୋଟିସ

ସୋର,୧୮।୭(ସମିସ): ସରକାରୀ ଜାଗାକୁ ଜଣେ ଶିକ୍ଷୟିତ୍ରୀ ଦିର୍ଘଦିନ ହେବ ଜବରଦଖଲ କରିଥିବା ନେଇ ଅଭିଯୋଗ ହେବା ପରେ ସୋର ତହସିଲ ପକ୍ଷରୁ ନୋଟିସ ଜାରି କରାଯାଇଥିବା ଜଣାପଡ଼ିଛି। ମିଳିଥିବା ସୁଚନା ଅନୁସାରେ ସୋର ବ୍ଲକ ସାଜନପୁର ପଞ୍ଚାୟତ ଶିରାପୁର ମୌଜାର ପ୍ଲଟ ନମ୍ବର ୪୪୯ ଏକ ଗୋଚର ଜମି ଅଟେ। ଏଥିରେ ୨୦ ଡିସମିଲ ଜାଗାରେ ଜଣେ ଶିକ୍ଷୟିତ୍ରୀ ଦିର୍ଘଦିନ ହେବ ଜବରଦଖଲ କରିବା ସହିତ ସେଥିରେ ଘର ଓ ଦୋକନ ଗୃହ ନିର୍ମାଣ କରିଥିଲେ। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହେବା ପରେ ଆଜି ସୋର ତହସିଲଦାର ଦୈତାରୀ ମଲ୍ଲିକ ଜବରଦଖଲ ହଟାଇବାକୁ ନୋଟିସ ଜାରି କରିଥିବା ଜଣାପଡିଛି।

**● ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣା**

## ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ତଦନ୍ତ ଦାବିରେ ଗଣଧାରଣା



ବାଲେଶ୍ୱର,୧୮।୭(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣାର ନିରପେକ୍ଷ ନ୍ୟାୟିକ ତଦନ୍ତ ହାଇକୋର୍ଟର ଜଣେ କାର୍ଯ୍ୟାରତ ବିଚାରପତିଙ୍କ ଦ୍ୱାରା କରାଇବା ଦାବି କରିଛି ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ। ଏପ୍ରକାର ଅମାନୁଷିକ ଘଟଣା ପାଇଁ ଦାୟୀ ଦୋଷୀଙ୍କ ବିରୋଧରେ ଦୃଢ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା, ସ୍କୁଲ୍, କଲେଜ୍ ଓ ସମସ୍ତ ଶିକ୍ଷାନୁଷ୍ଠାନରେ ଛାତ୍ରୀମାନଙ୍କର ସୁରକ୍ଷାକୁ ନିଶ୍ଚିତ କରିବା, ଏପ୍ରକାର ଅମାନୁଷିକ ଘଟଣାର ପୁନରାବୃତ୍ତି ଯେମିତି ନହୁଏ ସେଥିଲାଗି କଠୋର ଆଇନ ପ୍ରଣୟନ କରିବା, ନାରୀଜାତିକୁ ନ୍ୟାୟ, ଉପଯୁକ୍ତ ସମ୍ମାନ ଓ ଯତ୍ନ ନେବା ଆଦି ଦାବି ନେଇ ସରକାରଙ୍କ ତ୍ୱରିତ ପଦକ୍ଷେପ ଓ ଜନସଚେତନତା ସୃଷ୍ଟି ପାଇଁ ଆଜି ସ୍ଥାନୀୟ ସିନେମା ଛକସ୍ଥିତ ଗାନ୍ଧୀ ପାର୍କ ମର୍ହ।।ଗାନ୍ଧୀ ପ୍ରତିମୂର୍ତ୍ତି ସମ୍ମୁଖରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ମୁହଁରେ କଳାପଟି ବାନ୍ଧି ସଂଗଠନର ସଦସ୍ୟ ସଦସ୍ୟାମାନେ ନୀରବ ପ୍ରତିବାଦ ଧାରଣାରେ ବସିଥିଲେ। ଧାରଣାସ୍ଥଳୀରେ କର୍ମୀମାନେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରି ଦିବଙ୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ। ଗଣଧାରଣାରେ ସଂଗଠନର ଆବାହକ ମହମ୍ମଦ ଇସଲାମ, ଜୀତେନ୍ଦ୍ର ଉପାଧ୍ୟାୟଙ୍କ ସମେତ ସର୍ବୋଦୟ କର୍ମୀ ବିଧାନ ଚନ୍ଦ୍ର ରାୟ, ସାମାଜିକ କର୍ମୀ ଗୌରାଙ୍ଗ ପାଣିଗ୍ରାହୀ, ଅରୁଣ ଜେନା, ତୁଷାର ମହାପାତ୍ର, ଗାନ୍ଧିବାଦୀ ପୁରୁଷୋତ୍ତମ କାମିଲା, ସାକିଲାବାନୁ, ପ୍ରତିମା ପଣ୍ଡା, କବିତା ରାଣୀ ଦାସ, ଭରତ ଭୂଷଣ ଦାସ, ଅପ୍ସାନା ଫିରଦୋଷ, ନିଶାମଣି ପ୍ରଧାନ, ସଂଯୁକ୍ତା ବେହେରା, ପ୍ରଜ୍ଞା ପାରମିତା ବିଶ୍ୱାଳ, ଚକ୍ରଧର ଦାସ, ଅଭିଳିପ୍ସା ଜେନା, ରାମେଶ୍ୱର ବେହେରା, ମିନତୀ ଦାସ, ସୀତାନାଥ ଦାସ, ଇନ୍ତେକାମ୍ ଅଲ୍ଲୀଖାନ୍, ଶରତ ମହାପାତ୍ର, ଡି.ବି. ହୃଦୟ, ଅଜୟ ବାରିକ, ରେସମା ତବାସୁମ୍, ସୋହା ନାଜ୍, ମିନତୀ ସେଠୀ, ବନ୍ଦନା ବିଶ୍ୱାସ, ଲମ୍ବୋଦର ପ୍ରଧାନ ପ୍ରମୁଖ ଧାରଣାରେ ଅଂଶଗ୍ରହଣ କରିଥିଲେ।

## ସାମୂହିକ ବାତଜ୍ୱର ଔଷଧ ସେବନ କର୍ମଶାଳା




ବାଲିଆପାଳ,୧୮।୭(ସମିସ): ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୁକ୍ରବାର ପୂର୍ବାହ୍ନରେ ସାମୂହିକ ବାତଜ୍ୱର ଔଷଧ ସେବନ କର୍ମଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ପ୍ରୀତମ କୁମାର ସାହୁ ଯୋଗଦେଇ ସର୍ବଭାରତୀୟସ୍ତରରେ ବାଲିଆପାଳ ବ୍ଲକରେ ଯେଉଁଠି ବାତଜ୍ୱର ସୃଷ୍ଟି କରୁଥିବା ବୃଜିଆ ମାଳାଇ ପରି ବିରଳ ପ୍ରଜାତିର ପାରାସାଇଟ ଜୀବାଣୁ ରହିଛି। ସେଥିପାଇଁ କ୍ରମାଗତ ଭାବେ କିଛି ଲୋକଙ୍କୁ ଫାଇଲେରିଆ ରୋଗ ଦେଖିବାକୁ ମିଳୁଛି। ବାଲିଆପାଳ ବ୍ଲକରେ ଏହି ରୋଗର ମୂଳ ଉତ୍ପାଟନ କରିବା ପାଇଁ ବାତଜ୍ୱର ଔଷଧ ସେବନ କରିବା ନିତ୍ୟାନ୍ତ ଆବଶ୍ୟକ ରହିଛି ବୋଲି କହିଛନ୍ତି। ଏହି ଔଷଧ ଅଗଷ୍ଟ ୧୦ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ସମସ୍ତ ଆଶା କର୍ମୀ, ଅଙ୍ଗନୱାଡି କର୍ମୀଙ୍କ ମାଧ୍ୟମରେ ୨ ବର୍ଷରୁ ଅଧିକ ଲୋକଙ୍କୁ ସେବନ କରାଯିବ ବୋଲି ମଧ୍ୟ କହିଛନ୍ତି। କାର୍ଯ୍ୟକ୍ରମରେ ଏବିଡିଓ ଶରତ ଚନ୍ଦ୍ର ମୁଦୁଲି, ଏବିଇଓ ନମିତା ସାମଲ,ଜିପିଡିଓ ପ୍ରିୟବ୍ରତ ଗିରି,ଡଃ ଅରୁଣ କୁମାର ଜେନା, ଡଃ ରଶ୍ମିତା ସ୍ୱାଇଁ,ବିପିଏମ ବିଶ୍ୱଜିତ ଦାସ, ପିଏଚଇଓ, ଝୁନାବାଳା ଦେ, ମିଡ଼ିଆଫୋର୍ମର ସଭାପତି ପ୍ରତାପ ଚନ୍ଦ୍ର ପାତ୍ର ଓ ବରେନ୍ଦ୍ର ସାସମଲ ପ୍ରମୁଖ ଯୋଗଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରଭାଇଜର ରମାନାଥ କର ଧନ୍ୟବାଦ ଅର୍ପଣ କରିଥିଲେ।

**ସୌମ୍ୟାଶ୍ରୀ ଆତ୍ମହତ୍ୟା ଘଟଣା**

## ୩ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜେଏମଏମର ଦାବିପତ୍ର

ବସ୍ତା ବ୍ଲକ,୧୮।୭(ସମିସ): ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କଠୋର କାର୍ଯ୍ୟାନୁଷ୍ଠାନ ଦାବି ସହ ୩ ଦଫା ଦାବି ନେଇ ଜେଏମଏମ ପକ୍ଷରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଶୁକ୍ରବାର ଜିଲ୍ଲା ଜେଏମଏମର ଜିଲ୍ଲା ସଭାପତି କମଲଲୋଚନ ବାରିକଙ୍କ ନେତୃତ୍ୱରେ କର୍ମୀମାନେ ବସ୍ତା ବଜାରରୁ ଶୋଭାଯାତ୍ରା ରେ ବାହାରି ଗାନ୍ଧୀ ଛକଠାରେ ପଥପ୍ରାନ୍ତ ସଭା କରି ସୌମ୍ୟାଶ୍ରୀର ଆତ୍ମହତ୍ୟା ଘଟଣା ଏକ କଳଙ୍କିତ ଅଧ୍ୟାୟ ବୋଲି ପ୍ରକାଶ କରିଥିଲେ। ପରେ ଶୋଭାଯାତ୍ରା ବସ୍ତା ତହସିଲ କାର୍ଯ୍ୟାଳୟରେ ପହଞ୍ଚିବା ପରେ ନିଜର ସମ୍ମାନ ହାନି କରିଥିବା ଫକୀର ମୋହନ ମହାବିଦ୍ୟାଳୟକୁ ତୁରନ୍ତ ଫୁଲାଡି-ବାଲେଶ୍ୱର ମଝି ରାସ୍ତାପାଶ୍ୱର୍କୁ ସ୍ଥାନାନ୍ତର, ପ୍ରକୃତ ଦୋଷୀଙ୍କୁ କୋଠାର ଦଣ୍ଡ ବିଧାନ କରିବା ଓ ସ୍ୱତନ୍ତ୍ର ମହିଳା ମହାବିଦ୍ୟାଳୟ ସହିତ ମହିଳା ଅଧ୍ୟାପକ ନିଯୁକ୍ତି ଓ ପୁରୁଷ ମହାବିଦ୍ୟାଳୟ ପ୍ରତିଷ୍ଠିତ ସହିତ ପୁରୁଷ ଅଧ୍ୟାପକ ନିଯୁକ୍ତି କରାଯିବା ଦାବି ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବସ୍ତା ବ୍ଲକ ସଭାପତି ମୀର ଜାହିରୁଦ୍ଦନି କଦ୍ରୀ, ଘନିଆ କିସ୍କୁ, ବସ୍ତା ବ୍ଲକ ଉପସଭାପତି ପ୍ରଶାନ୍ତ କୁମାର ପାତ୍ର, ଶମ୍ଭୁନାଥ ବେହେରା, ମହିଳା ସଭାପତି ଲିଲି ମୁଖୀ, ମିନା କିସ୍କୁଙ୍କ ସମେତ ଅନେକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।





ସ୍ୱାଭାବିକ ହେଉଛି ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର। ଆରମ୍ଭ ହୋଇଛି ଯୁକ୍ତଦୁଇ ଏବଂ ଯୁକ୍ତତିନିର କିଛି କ୍ଲାସରେ ପାଠପଢ଼ା। ଆଜି ଶ୍ରେଣୀ ଗୃହରେ ପିଲାମାନଙ୍କୁ ସଚେତନ କରାଯାଇଥିବା ଜଣାପଡ଼ିଛି।

**ଭୂତାଣୁ ଜନିତ ଚର୍ମରୋଗ ବ୍ୟାପିବା ପ୍ରସଙ୍ଗ**

## ଘଟଣାସ୍ଥଳରେ ପହଞ୍ଚିଲା ମେଡିକାଲ ଟିମ



ଚନ୍ଦନେଶ୍ୱର,୧୮।୭(ସମିସ): ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକରେ କ୍ରମାଗତ ବନ୍ୟା ଓ ବର୍ଷା ପରେ ଲୋକମାନଙ୍କୁ ଭୀଷଣ ଜ୍ୱର ହେବା ସହିତ ଦେହ, ହାତ ଦରଜ ହୋଇ ଶରୀରର ବିଭିନ୍ନ ଅଂଶରେ ଫୋଟକା ଦେଖାଦେଉଛି। ପୁରୁଷ ମାନଙ୍କ ଅପେକ୍ଷା ମହିଳାମାନେ ଅଧିକ ମାତ୍ରାରେ ଆକ୍ରାନ୍ତ ହେଉଥିବାର ଦେଖାଦେଇଛି। ହୁଗୁଳି ପଞ୍ଚାୟତ ଅଧୀନ ଗାଜିପୁର ଗ୍ରାମର ନୂପୁର ଦାସ ଅଧିକାରୀ, ଲବଙ୍ଗଲତା ଦାସ, ଗୌରୀଲାଲା ଦାସ ଅଧିକାରୀ, କରଞ୍ଜାଶୋଳ ଗ୍ରାମର ଲଟଣ ଦାସ ଏହି ଭୂତାଣୁ ଜନିତ ଚର୍ମ ରୋଗରେ ଆକ୍ରାନ୍ତ ହୋଇଥିବା ଦେଖାଦେଇଛି। ଏହି ଚର୍ମରୋଗ ୭ରୁ ୮ଦିନରେ ଭଲ ହେଉଥିବା ବେଳେ ଶୁକ୍ରବାର ସକାଳେ ଭୋଗରାଇ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ କମଳାକାନ୍ତ ଜେନାଙ୍କ ନେତୃତ୍ୱରେ ଏକ ମେଡିକାଲ ଟିମ ଗାଜିପୁର ଗ୍ରାମରେ ପହଞ୍ଚି ଚର୍ମ ରୋଗରେ ଆକ୍ରାନ୍ତ ହୋଇଥିବା ଲୋକମାନଙ୍କର ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି। ଏଥିସହିତ ପରୀକ୍ଷା ମଧ୍ୟ କରିଥିଲେ। ତାଙ୍କ ସହିତ ଆୟୁଷ ଡା. ଅଭିଜିତ ପରିଡ଼ା, ଡା. କେକେ ଜେନା, ବିପିଏମ କବି ପ୍ରସାଦ ସାହୁ, ଫାର୍ମାସିଷ୍ଟ ରାମକୃଷ୍ଣ ଧଳ, ଆଶାକର୍ମୀ କନକଲତା ଦାସ, ପୁରୁଷ ସ୍ୱାସ୍ଥ୍ୟକର୍ମୀ ଭାଗିରଥି ପାତ୍ର, ମହିଳା ସ୍ୱାସ୍ଥ୍ୟ କର୍ମୀ ନିରୁପମା ଦେ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷାନୁଷ୍ଠାନରେ ଯୌନ ନିର୍ଯାତନା, ହିଂସା ବିରୁଦ୍ଧରେ କଠୋର ଆଇନ ଦାବି

ବାଲେଶ୍ୱର,୧୮।୭(ସମିସ)




ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଏବଂ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଜଣେ କାର୍ଯ୍ୟକର୍ତ୍ତା ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ସମଗ୍ର ଶିକ୍ଷା ସମ୍ପ୍ରଦାୟକୁ ଦୋହଲାଇ ଦେଇଛି। ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ସମୀର ସାହୁଙ୍କ ଦ୍ୱାରା ମାନସିକ ନିର୍ଯାତନାର ଶିକାର ହୋଇ ସୌମ୍ୟାଶ୍ରୀ କଲେଜ ଅଧ୍ୟକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ ସାହସ ଦେଖାଇଥିଲେ। କିନ୍ତୁ ଅନୁଷ୍ଠାନ ଅଭିଯୁକ୍ତ ଅଧ୍ୟାପକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୋଇଥିଲା। ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଘଟଣାର ନିରପେକ୍ଷ ତଦନ୍ତ କରିବାରେ ଅବହେଳା କରିଛି ବୋଲି ଏବିଭିପି ପକ୍ଷରୁ ଆୟୋଜିତ ଆଜି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛି। ଏଥିସହିତ ଶିକ୍ଷାନୁଷ୍ଠାନରେ ଯୌନ ନିର୍ଯାତନା ଏବଂ ଯୌନ ହିଂସା ବିରୁଦ୍ଧରେ କଠୋର ଆଇନ ପାଇଁ ଦାବି କରିଛି। ଅମାନବୀୟ ଘଟଣା ବିରୁଦ୍ଧରେ ଦେଶବ୍ୟାପୀ ମହମବତୀ ମାର୍ଚ୍ଚ, ଦସ୍ତଖତ ଅଭିଯାନ, ପ୍ରତିବାଦ ଏବଂ ପ୍ରଦର୍ଶନ ଘୋଷଣା କରିଛି। ପଦକ୍ଷେପ ମାଧ୍ୟମରେ ବିଶ୍ୱବିଦ୍ୟାଳୟ ଏବଂ କଲେଜରେ ଏବିଭିପି କାର୍ଯ୍ୟକର୍ତ୍ତା ମାନେ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ସୁନିଶ୍ଚିତ କରିବା ପାଇଁ ଦୃଢ଼ ଭାବରେ ଲଢୁଛନ୍ତି ବୋଲି ପ୍ରକାଶ କରିଛନ୍ତି। ଏବିଭିପିର ଦାବିଗୁଡିକ ଯଥା ରାଜ୍ୟ ସରକାର ମୁଖ୍ୟ ଆସାମୀ ସମୀର ସାହୁ ଏବଂ କଲେଜ ଅଧ୍ୟକ୍ଷ ଦିଲୀପ ଘୋଷଙ୍କୁ ମୃତ୍ୟୁଦଣ୍ଡ ଭଳି କଠୋର ଏବଂ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା ଉଚିତ। ଘଟଣାର ନିରପେକ୍ଷ ତଦନ୍ତ କରିବାରେ ଅବହେଳା କରିଥିବା ଆଇସିସି କମିଟିର ସମସ୍ତ ସଦସ୍ୟଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ, ୟୁଜିସି ନିୟମ ଅନୁଯାୟୀ ରାଜ୍ୟବ୍ୟାପୀ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ପୁନର୍ଗଠିତ, ଶିକ୍ଷାନୁଷ୍ଠାନ ଏବଂ କର୍ମକ୍ଷେତ୍ରରେ ମହିଳାମାନଙ୍କ ସୁରକ୍ଷା ପାଇଁ, ନିର୍ଭୟା ଆଇନ ଭଳି ସୌମ୍ୟାଶ୍ରୀ ଆଇନ ରାଜ୍ୟରେ ଆଣିବା ଉଚିତ, ରାଜ୍ୟ ସରକାର ଝିଅମାନଙ୍କ ଦ୍ୱାରା ସୋସିଆଲ ମିଡିଆରେ କରାଯାଉଥିବା ଅଭିଯୋଗ ପ୍ରତି ବିଶେଷ ସତର୍କ ରହିବା ଉଚିତ ଏବଂ ଏହି ସମସ୍ୟାଗୁଡ଼ିକର ଯଥାଶୀଘ୍ର ସମାଧାନ କରାଯିବା ଉଚିତ ଇତ୍ୟାଦି। ସାମ୍ବାଦିକ ସମ୍ମିଳନୀରେ ବିଭାଗ ଛାତ୍ରୀ ପ୍ରମୁଖ ପ୍ରିୟାଶା ମହାପାତ୍ର, ଜିଲ୍ଲା ସଂଯୋଜିକା ଜ୍ୟୋତିରେଖା ଭୂୟାଁ, ନଗର ସମ୍ପାଦକ ଜୀତମ କୁମାର ଦାସ ଏବଂ ପରାଗରଞ୍ଜନ ଜେନା ଉପସ୍ଥିତ ଥିଲେ।

**● ୩୩ ବର୍ଷ ପରେ ରାୟପ୍ରକାଶ**

## ଦୋଷୀଙ୍କ ଦଣ୍ଡବିଧାନକୁ ଦେଖିପାରିଲେନି ପୀଡ଼ିତ

ନୀଳଗିରି,୧୮।୭(ସମିସ): ରାଜନୈତିକ ଆକ୍ରୋଶର ଶିକାରହୋଇ ମରଣସହ ସଂଗ୍ରାମ କରୁଥିବା ଜୈନିକ ବ୍ୟକ୍ତିଙ୍କୁ ଶେଷରେ ୩୩ ବର୍ଷ ପରେ ନ୍ୟାୟ ମିଳିଥିବା ବେଳେ ଦୋଷୀଙ୍କୁ ଦଣ୍ଡ ମିଳିଛି। ମାତ୍ର ଏହି ଖୁସିର ମୁହୂର୍ତ୍ତକୁ ଦେଖିବାକୁ ପୀଡ଼ିତ ଜଣକ ଆଉ ଇହଧାମରେ ନାହାନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ମିତ୍ରପୁର ଚଣ୍ଡିପୁର ଗ୍ରାମରେ। ୧୯୯୨ମସିହା ଅଗଷ୍ଟ ୧୭ତାରିଖରେ ମିତ୍ରପୁର ଚଣ୍ଡିପୁର ଗ୍ରାମର ମନ୍ମଥ ମହାନ୍ତି(ମୂଷା)ଙ୍କୁ ମିତ୍ରପୁର ବଜାରରେ ଅଯୋଧ୍ୟା ଗ୍ରାମର ଚନ୍ଦ୍ରଶେଖର ମିଶ୍ର ଏବଂ ତାଙ୍କର ୪ଜଣ ସହଯୋଗୀ ମରଣାନ୍ତକ ଆକ୍ରମଣ କରି ମୂର୍ମୁଷୁ ଅବସ୍ଥାରେ ଛାଡ଼ି ପଳାଇଯାଇଥିଲେ। ଏନେଇ ନୀଳଗିରି ଥାନାରେ ମାମଲା ରୁଜୁହୋଇ ତଦନ୍ତକରି ଅଭିଯୁକ୍ତଙ୍କ ବିରୋଧରେ ମୋକଦ୍ଦମା ହୋଇଥିଲା। ପ୍ରଥମେ ବାଲେଶ୍ୱର କୋର୍ଟ ଏବଂ ପରେ ନୀଳଗିରି ଦୌରାଜଜଙ୍କ କୋର୍ଟରେ ବିଚାରହୋଇ ଆଜି ରାୟ ପ୍ରକାଶ ପାଇଛି। ସହକାରୀ ଦୌରାଜଜ ସୁନନ୍ଦା ପ୍ରଧାନ ମୁଦାଲା ଚନ୍ଦ୍ରଶେଖର ମିଶ୍ର ଓ ରଘୁ ମୁଖୀଙ୍କୁ ଦୋଷୀ ସାବ୍ୟସ୍ତକରି ଏକବର୍ଷ ସଶ୍ରମ କାରାଦଣ୍ଡ ସହ ୪ହଜାର ଟଙ୍କା ଜୋରିମାନା ଏବଂ ଅନାଦେୟ ୧ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ପ୍ରକାଶ ଥାଉକି ୨୦୧୫ମସିହାରେ ପୀଡ଼ିତ ମନ୍ମଥଙ୍କ ମୃତ୍ୟୁ ଘଟିସାରିଥିଲେ ହେଁ ବିଳମ୍ବରେ ହେଲେ ମଧ୍ୟ ନ୍ୟାୟ ପାଇଥିବାରୁ ପରିବାର ଲୋକେ ଖୁସିବ୍ୟକ୍ତ କରିଛନ୍ତି। ଉକ୍ତ ମୋକଦ୍ଦମାକୁ ଅତିରିକ୍ତ ପି ପି ଅମରେନ୍ଦ୍ର ପଟ୍ଟନାୟକ ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିଲେ।